



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in


# ସକାଳ THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | VOLUME- 43 | ISSUE-51 | THURSDAY | 14 AUGUST 2025 | PAGE-12 | ₹ 6.00

ବର୍ଷ-୪୩ | ସଂଖ୍ୟା-୫୧ | ଗୁରୁବାର | ୧୪ ଅଗଷ୍ଟ ୨୦୨୫ | ପୃଷ୍ଠା-୧୨ | ଟ.୬.୦୦





### ଅମଲାଙ୍କ ଆନ୍ଦୋଳନ; ସାରା ରାଜ୍ୟରେ ଅଚଳାବସ୍ଥା

# ସଂଘକୁ ସରକାରଙ୍କ ନାଲିଆଖି

- ଅନୁପସ୍ଥିତିକୁ ଛୁଟି ରୂପେ ଗଣାଯିବ, ବନ୍ଦହେବ ଦରମା
- ଦାବି ପୂରଣ ନ ହେବା ଯାଏଁ ପଛକୁ ହଟିବୁନି: ସଂଘ

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି । ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିବାରୁ ରାଜସ୍ୱ ବିଭାଗରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ରାଜସ୍ୱ ଅମଲାଙ୍କ ଏପରି ସମୂହ ଛୁଟି ନିଷ୍ପତ୍ତି ସରକାରଙ୍କୁ କ୍ଷୁବ୍ଧ କରିଛି । ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିକେ ସିଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆନ୍ଦୋଳନରତ ଅମଲାଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ମାତ୍ର ମନ୍ତ୍ରୀଙ୍କ ନାଲିଆଖି, ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଧମକ ରାଜସ୍ୱ ଅମଲାଙ୍କୁ ଡରାଇ ପାରିନାହିଁ । ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଅମଲାମାନେ ପଛକୁ ହଟିବେ ନାହିଁ ବୋଲି ସଂଘ ରୋକ୍‌ଠୋକ୍ ଜଣାଇଦେଇଛି ।

ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଅମଲାଙ୍କ ବିନା ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ସରକାର ପ୍ରସ୍ତୁତ । ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ ରହିବ । ଛୁଟି ବାତିଲ ହେବ, ଛୁଟି ମଞ୍ଜୁର ହେବ ନାହିଁ ବୋଲି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ । କ୍ୟାଡର ପୁନର୍ଗଠନ ଦାବି ଆମ ବିଭାଗର ନୁହେଁ । ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ପାଖକୁ ପଠାଯାଇଛି । ତଥାପି ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ମନ୍ତ୍ରୀ କହିଛନ୍ତି । ସେହିପରି ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ଏସିଏସ୍ ଲେଖିଥିବା ▶ପୃଷ୍ଠା-୭

# ୭ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

■ **ଭୁବନେଶ୍ୱର, ୧୩।୮ (ସମିସ):** ରାଜ୍ୟର ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗିଦାରମାନଙ୍କ ପାଇଁ ସମସ୍ତ ଜରୁରୀ ବିପଣନ ସଂକ୍ରାନ୍ତ କାର୍ଯ୍ୟକୁ ଗୋଟିଏ ଛାତ ତଳେ ସମନ୍ୱିତ କରାଯାଇପାରିବ । ଏଥିପାଇଁ ସରକାର ରାଜ୍ୟରେ ମଡେଲ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ବର୍ଷ ମଧ୍ୟରେ ରାଜ୍ୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ହେବ ଓ ଏବାବଦରେ ୩୦୦କୋଟି ଟଙ୍କା ବ୍ୟୟ କରାଯିବ । ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଉପରୋକ୍ତ ପ୍ରସ୍ତାବ ସମେତ ୬ଟି ବିଭାଗର ମୋଟ ୭ଟି ପ୍ରସ୍ତାବ ଉପରେ ମୋହର ମାରିଛି କ୍ୟାବିନେଟ । କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏନେଇ ବିସ୍ତୃତ ସୂଚନା ପ୍ରଦାନ ▶ପୃଷ୍ଠା-୭

**ଦୁଇ ବର୍ଷରେ ଖୋଲିବ ୩୮ ମଡେଲ ମଣ୍ଡି; ବ୍ୟୟ ହେବ ୩୦୦ କୋଟି**

**ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିଶ୍ୱସ୍ତରୀୟ ଏମ୍ଆର୍‌ଓ ସ୍ଥାପନ**

**୧୧୦ ସହରାଞ୍ଚଳରେ ୩୫୦ କୋଟିରେ ଲାଗିବ ଏଲ୍ଇଡି ଆଲୋକ**

# ଭୋଟରଙ୍କ ହିତରେ ଏସ୍ଆଇଆର୍: ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):** ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସ୍ଆଇଆର୍ ସଂକ୍ରାନ୍ତ ଶୁଣାଣି ଆଜି ମଧ୍ୟ ସୁପ୍ରିମ କୋର୍ଟରେ ଜାରି ରହିଛି । ଏହି ପ୍ରକ୍ରିୟା ସପକ୍ଷରେ ଏବଂ ବିପକ୍ଷରେ ଯୁକ୍ତି ଉପସ୍ଥାପନ କରାଯାଉଥିବା ବେଳେ କୋର୍ଟ କହିଛନ୍ତି ଯେ ଯାହା ଲାଗୁଛି ଏସ୍ଆଇଆର୍ ଭୋଟରମାନଙ୍କ ହିତରେ ରହିଛି । ଏହି ପ୍ରକ୍ରିୟା ଜରିଆରେ ଭୋଟର ତାଲିକାରେ ଅଧିକ ଲୋକଙ୍କୁ ସାମିଲ କରିବା ଲାଗି ଉଦ୍ୟମ କରାଯାଇଛି । ନାମ କାଟିବା ଲାଗି ଉଦ୍ୟମ ହେଉଥିବା ଲାଗୁନାହିଁ । ଭୋଟର ତାଲିକାରେ ସ୍ଥାନ ପାଇବା ଲାଗି ୨୦୦୩ରେ ୭ଟି ଦସ୍ତାବିଜର ବିକଳ୍ପ ଥିବା ବେଳେ ଏବେ ଏହି ସଂଖ୍ୟା ୧୧କୁ ବୃଦ୍ଧି କରାଯାଇଛି । ଏହାର ଅର୍ଥ ▶ପୃଷ୍ଠା-୭




# କଟକ ସିଟି



## ଏସ୍‌ସିବିରେ ଯକୃତ ପ୍ରତିରୋପଣ ବନ୍ଦ

# ଅଭିଜ୍ଞ ଓ ସ୍ଥାୟୀ ଡାକ୍ତରୀ ଟିମ୍‌ର ଅଭାବ

କଟକ,୧୩।୮ (ସମିସ):

ଯକୃତ ପ୍ରତିରୋପଣ ଏକ ଦୀର୍ଘମିଆଦୀ ଚିକିତ୍ସା ପଦ୍ଧତି। ସ୍କ୍ରିନିଂ ଠାରୁ ଆରମ୍ଭ କରି ପ୍ରତିରୋପଣ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ରୋଗୀକୁ ନିରୀକ୍ଷଣରେ ରଖିଥାଏ। ହେଲେ ବଡ ମେଡିକାଲରେ ଏବେ ସେଭଳି ଡାକ୍ତରୀ ଦଳ ହିଁ ନାହିଁ। ଯେଉଁ ଡାକ୍ତରୀ ଦଳକୁ ଯକୃତ ପ୍ରତିରୋପଣ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା, ସେହି ଦଳ ମଧ୍ୟ ନିଷ୍କ୍ରିୟ। ବିଶେଷକରି ସ୍ଥାୟୀ ଏବଂ ଅଭିଜ୍ଞ ଡାକ୍ତରୀ ଦଳର ଆବଶ୍ୟକତା ଥିଲେ ସୁଦ୍ଧା ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏପରିକି ପ୍ରତିରୋପଣ ନିମନ୍ତେ ଏକ ସ୍ୱତନ୍ତ୍ର ଦଳ ଗଠନ କରି ପ୍ରଶିକ୍ଷଣ ଦେବା ପାଇଁ ପ୍ରତ୍ୟେକବର୍ଷ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ଏହାର ସଦୁପଯୋଗ ହେଉନାହିଁ। ଅନୁଦାନ ଟଙ୍କା ଅନ୍ୟ ବାଟରେ ଖର୍ଚ୍ଚ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ବଡ ମେଡିକାଲର ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କ କହିବା ଅନୁସାରେ, ହାଇଦ୍ରାବାଦର ଏଆଇଜି ପକ୍ଷରୁ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଏକ ପରାମର୍ଶ ଦିଆଯାଇଥିଲା। ୨୭ଜଣିଆ ଏକ ଦଳକୁ ପ୍ରଶିକ୍ଷଣ ଦେଇ

**ପାଳନ ହୋଇନି ଏଆଇଜି ପରାମର୍ଶ; ଗଠନ ହୋଇନି ୨୭ ଜଣିଆ ଦଳ**

**ପ୍ରଶିକ୍ଷଣ ନିମନ୍ତେ ମିଳୁଛି ଅନୁଦାନ, ଖର୍ଚ୍ଚ ହେଉ ନ ଥିବା ଅଭିଯୋଗ**

ସ୍ଥାୟୀ ଭାବେ ବଡ ମେଡିକାଲରେ ରଖିବାକୁ କୁହାଯାଇଥିଲା। ଯେଉଁଥିରେ ୬ଜଣ ସର୍ଜନ ରହିବେ। ଏମାନଙ୍କ ଭିତରୁ ୨ଜଣ ବରିଷ୍ଠ ଏବଂ ୪ଜଣ କନିଷ୍ଠ ଡାକ୍ତର ହୋଇଥିବେ। ସେହିପରି ୨ଜଣ ବରିଷ୍ଠ ଏବଂ ୪ଜଣ କନିଷ୍ଠଙ୍କୁ ମିଶାଇ ମୋଟ ୬ଜଣ ଆନେସ୍ଥେସିଷ୍ଟ ରହିବେ। ଏହାବାଦ ୬ଜଣ ନର୍ସ, ୨ଜଣ ଯକୃତ ପ୍ରତିରୋପଣ କୋର୍ଡିନେଟର, ୪ଜଣ ଫାର୍ମାସିଷ୍ଟ ଏବଂ ୨ଜଣ ଓ.ଟି ଟେକ୍ନିସିଆନଙ୍କୁ ରଖାଯିବ। ମୋଟ ୨୭ଜଣିଆ ଏହି ଟିମ୍ ଯକୃତ ପ୍ରତିରୋପଣ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ସହ ଉନ୍ନତ ପ୍ରଶିକ୍ଷଣ ହାସଲ କରି ପ୍ରତିରୋପଣକୁ ସଫଳ କରିବ। ହେଲେ ଏହି ପରାମର୍ଶ ପାଳନ ହୋଇନାହିଁ। ଯଦ୍ୱାରା ଏବେ ଏଭଳି ଅବସ୍ଥା ଉପୁଜିଛି ବୋଲି ସେ ଜଣାଇଛନ୍ତି। ସେହିପରି ପ୍ରଶିକ୍ଷଣପ୍ରାପ୍ତ ଏବଂ ପୂର୍ବରୁ ପ୍ରତିରୋପଣ କରାଇଥିବା ଅଭିଜ୍ଞ ଡାକ୍ତରୀ ଦଳକୁ ଅଣଦେଖା କରିବା ବ୍ୟବସ୍ଥା ବିଫଳତାର ଅନ୍ୟ ଏକ କାରଣ ବୋଲି କୁହାଯାଉଛି। ପ୍ରକାଶଯୋଗ୍ୟ, ସଫଳପୂର୍ବକ ଯକୃତ ପ୍ରତିରୋପଣ କରାଇବା ନିମନ୍ତେ ୪ଜଣିଆ ସ୍ୱତନ୍ତ୍ର କମିଟି ପୂର୍ବରୁ ଗଠନ ହୋଇଥିଲା। ଯେଉଁଥିରେ ପ୍ରଫେସର ଡାକ୍ତର ରାଜେଶ ଦୋରା ନୋଡାଲ ଅଫିସର ଥିବା ବେଳେ ପ୍ରଫେସର ଡାକ୍ତର ପ୍ରମୋଦ ପଲାଇ, ପ୍ରଫେସର ଡାକ୍ତର କୌମୁଦି ପଟ୍ଟନାୟକ, ଆସୋସିଏଟ ପ୍ରଫେସର ଡାକ୍ତର ଲକ୍ଷ୍ମୀନାରାୟଣ ମହାନ୍ତି ରହିଥିଲେ। ଏହି କମିଟିର ତତ୍ତ୍ୱାବଧାନରେ ବଡ ମେଡିକାଲରେ ଦୁଇଟି ପ୍ରତିରୋପଣ ସଫଳ ହୋଇଥିଲା। ହେଲେ କିଛି ମାସ ପୂର୍ବେ ଜେନେରାଲ ସର୍ଜନ ପ୍ରଫେସର ଦୋରାଙ୍କୁ ହଠାତ୍ ଫୁଲବାଣୀ ବଦଳି କରି ଦିଆଯାଇଥିଲା। ପ୍ରଫେସର ପଲାଇଙ୍କୁ ଆନେସ୍ଥେସିଆ ବିଭାଗକୁ, ପ୍ରଫେସର ପଟ୍ଟନାୟକଙ୍କୁ ପାଥୋଲୋଜି ବିଭାଗକୁ ଏବଂ ଡାକ୍ତର ମହାନ୍ତିଙ୍କୁ ଜିଆଇ ସର୍ଜରୀ ବିଭାଗକୁ ପଠାଇ ଦିଆଯାଇଥିଲା। ବଡ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ନେଇ ହାଇକୋର୍ଟରେ ମାମଲା ରୁଜୁ ହେବା ପରେ ଏବେ ତରବରିଆ ଭାବେ ଡାକ୍ତର ମହାନ୍ତିଙ୍କୁ ନୋଡାଲ ଅଫିସର ଦାୟିତ୍ୱ ମିଳିଛି। ଏପରିକି ନୋଡାଲ ଅଫିସର ଦାୟିତ୍ୱ ଗ୍ରହଣ କରିଥିବା ଡାକ୍ତର ମହାନ୍ତି ବିନା ପ୍ରଶିକ୍ଷଣରେ ଏହି ପଦ ସମ୍ଭାଳିଥିବା କୁହାଯାଉଛି।

■ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବ

## ଚେତନାର ଜାଗରଣ ସମାଜ ପାଇଁ ଅମୂଲ୍ୟ ସମ୍ପଦ: ମୁଖ୍ୟମନ୍ତ୍ରୀ




କଟକ,୧୩।୮ (ସମିସ): ଭକ୍ତି, ସେବା ଓ ମାନବତାର ଜୀବନ୍ତ ପ୍ରତୀକ ହେଉଛନ୍ତି ଶ୍ରୀଳ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଜୀ। ୧୦୦ବର୍ଷ ଶ୍ରୀ ସଚ୍ଚିଦାନନ୍ଦ ମଠ ଜ୍ଞାନର ଦୀପ୍ତି ବାଣ୍ଟିବା ସହ କର୍ତ୍ତବ୍ୟବୋଧ ଓ ଆଚିନ୍ତନର ମାର୍ଗଦର୍ଶନ କରିଆସୁଛି। ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଏହି ଚେତନାର ଜାଗରଣ ଆମ ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜବାହଲାଲ ଇଣ୍ଡୋର ଷ୍ଟାଡିଅମ ଠାରେ ଶ୍ରୀଳ ପ୍ରଭୁପାଦଙ୍କ ୧୫୧ତମ ଆବିର୍ଭାବ ଜୟନ୍ତୀ ଓ କଟକର ଶ୍ରୀ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ଉତ୍ସବ ଅବସରରେ କହିଛନ୍ତି। ଗତ ୧୦୦ ବର୍ଷରେ ଏହି ମଠ କେବଳ ଧର୍ମଚେତନା ଜାଗୃତ କରି ନାହିଁ, ବରଂ ଶିକ୍ଷା, ଦାନ, ସାଧୁସଙ୍ଗ, ସମାଜସେବା ଓ ଯୁବପିଢ଼ିକୁ ନୈତିକ ଦିଶା ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ସେ କହିଥିଲେ। ଗୌଡୀୟ ମିଶନର ସଭାପତି ଶ୍ରୀମଦ୍ ଭକ୍ତି ସୁନ୍ଦର ସନ୍ୟାସୀ ଗୋସ୍ୱାମୀ ମହାରାଜ କହିଥିଲେ ଯେ, ଶ୍ରୀଳ ପ୍ରଭୁପାଦ ହେଉଛନ୍ତି ଜ୍ଞାନ ଆହୋରଣର ଏକ ଗ୍ରନ୍ଥ, ଯାହାକୁ ଜୀବନ ଭରି ଅଧ୍ୟୟନ କଲେ ମଧ୍ୟ ସରିବନି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଶ୍ରୀମଦ ଭକ୍ତି ବିଚାର ଭାରତୀ ମହାରାଜ, ଗୌଡୀୟ ମିଶନର କମିଟିର ଉମେଶ ଖଣ୍ଡେଲ୍‌ୱାଲ୍ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଗୌଡିୟ ବୈଷ୍ଣବ ସମ୍ମିଳନୀର ସଭ୍ୟ ଭକ୍ତି ବୋଧାୟନ ବେଦାନ୍ତ ମହାରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ଭକ୍ତି ରୂପକ ରାଧାନ୍ତି ମହାରାଜ ଧନ୍ୟବାଦ ଦେଇଥିଲେ।

## ଅଙ୍ଗଦାନ ପାଇଁ କଟକରେ ସୂରଜ ସମ୍ମାନ ପ୍ରଦାନ




କଟକ,୧୩।୮ (ସମିସ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୂରଜ ପୁରସ୍କାର ସ୍ୱରୂପ ପ୍ରହ୍ଲାଦ ରାଉତଙ୍କ ପତ୍ନୀ ରୀତାଞ୍ଜଳି ରାଉତଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ରାଶି ବ୍ୟାଙ୍କ୍ ଡ୍ରାଫ୍ଟ ଜରିଆରେ ପ୍ରଦାନ କରାଯାଇଥିଲା। ରାଜ୍ୟ ଅଙ୍ଗ ଓ ତନ୍ତ୍ର ପ୍ରତିରୋପଣ ସଂଗଠନ ଓ ରାଜ୍ୟସରକାରଙ୍କ ପକ୍ଷରୁ ଏହି ଆର୍ଥିକ ପୁରସ୍କାର ରାଶି କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା ଶ୍ରୀମତୀ ରାଉତଙ୍କୁ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ୩୯ ବର୍ଷୀୟ ପ୍ରହ୍ଲାଦ ରାଉତ ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ପାଇଁ ଚିକିତ୍ସିତ ହେବା ସହ ଔଷଧ ଖାଉଥିଲେ। ସେ କିଟ୍ ବିଶ୍ୱବିଦ୍ୟାଳୟ ଗେଷ୍ଟ ହାଉସ ଇନଚାର୍ଜ ଥିଲେ। ୨୦୨୪ ମସିହା ଡିସେମ୍ବର ୩୧ରେ ତାଙ୍କର ଷ୍ଟ୍ରୋକ ହେବା ପରେ ସେ କିମସ୍‌ରେ ଭର୍ତ୍ତି ହେଇ ଚିକତ୍ସିତ ହେଉଥିଲେ। ଅଙ୍ଗଦାନକୁ ସର୍ବୋତ୍ତମ ଦାନ ବୁଝିପାରି ସେ ଅଙ୍ଗଦାନ କରିବା ପାଇଁ ସ୍ଥିର କରିଥିଲେ। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଜାନୁଆରୀ ୪ ତାରିଖରେ ତାଙ୍କର ଲିଭର ଓ କିଡନୀ ଦାନ କରିଥିଲେ।

## ନିଶାମୁକ୍ତି ଭାରତ ଅଭିଯାନ କାର୍ଯ୍ୟକ୍ରମ

କଟକ,୧୩।୮ (ସମିସ): ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ନିଶାମୁକ୍ତି ଭାରତ ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅଧ୍ୟକ୍ଷା ଡକ୍ଟର ସ୍ନେହଲତା ମିଶ୍ରଙ୍କ ତତ୍ତ୍ୱବଧାନରେ ଜାତୀୟ ସେବା ଯୋଜନାର ପିଲାମାନେ ବ୍ୟାନର ଧରି ଦେଉଳସାହି ପରିକ୍ରମା କରିବା ସହିତ, ନିଶାଠାରୁ ଦୂରେଇ ରୁହନ୍ତୁ ସୁସ୍ଥ ରୁହନ୍ତୁ ସ୍ଲୋଗାନ ଦେଇଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଡ. ସଞ୍ଜୟ ରାଉତ, ଅଧ୍ୟାପକ ରଞ୍ଜନ ଜେନା, ଧର୍ମେନ୍ଦ୍ର ମହାନ୍ତି, ସମରେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହରିଶ୍ଚନ୍ଦ୍ର ସହାୟତା ରାଶି ବଣ୍ଟନ

କଟକ,୧୩।୮ (ସମିସ): କଟକ ମହାନଗର ନିଗମ ୨୪ନମ୍ବର ୱାର୍ଡର ହରିପୁର ସାହିର ସ୍ୱର୍ଗତଃ ସୁରେନ୍ଦ୍ର ବେହେରା ଓ ସ୍ୱର୍ଗତଃ ବିଚିତ୍ରାନନ୍ଦ ମୂଳିଆଙ୍କ ଦେହାନ୍ତ ପରେ ତାଙ୍କ ପରିବାର ଲୋକଙ୍କୁ ହରିଶ୍ଚନ୍ଦ୍ର ସହାୟତା ରାଶି ବଣ୍ଟନ କରାଯାଇଛି। ଏହି ଯୋଜନା ମାଧ୍ୟମରେ କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ପ୍ରୟାସରେ ହିତାଧିକାରୀଙ୍କୁ କଟକ ମହାନଗର ନିଗମର ସିଓ ଶୁଭ୍ରା ପ୍ରିୟଦର୍ଶିନୀ ମିଶ୍ରଙ୍କ ଉପସ୍ଥିତରେ ୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

## କଟକ ରେଳବାଇର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ରଞ୍ଜନ ବିଶ୍ୱାଳଙ୍କ ଆଲୋଚନା



କଟକ,୧୩।୮ (ସମିସ): ଆଜି ଇଷ୍ଟ କୋଷ୍ଟ ରେଲୱେ (ଡିଆରୟୁସିସି) ଖୋର୍ଦ୍ଧା ଅଫିସରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଇଷ୍ଟ କୋଷ୍ଟ ରେଲୱେ ଡିଆରୟୁସିସି ମେମ୍ବର ଡ଼ ରଞ୍ଜନ ବିଶ୍ୱାଳ ଯୋଗଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମତାମତ ରଖିଥିଲେ। ମାଲଗୋଦାମ ଓ ଷ୍ଟେସନ ବଜାର ଦୋକାନୀ ଭାଇଙ୍କ ସମସ୍ୟା, ଗଣ୍ଡରପୁର ସେକେଣ୍ଡ ଏଣ୍ଟ୍ରାନସ ଗେଟରେ ଏକ କ୍ଲକ ଟାୱାର ସହ ଟ୍ରାଫିକ ନିୟନ୍ତ୍ରଣ ଓ ନରାଜ ଷ୍ଟେସନର ଉନ୍ନତିକରଣ ଓ ଯାତ୍ରୀମାନଙ୍କ ସମସ୍ୟା ନେଇ ସ୍ୱର ଉଠାଇବା ସହ ଖୋର୍ଦ୍ଧା ଡିଭିଜନର ଡ଼ିଆରଏମ ଆଲୋକ ତ୍ରିପାଠୀଙ୍କ ସହ ବୈଠକରେ ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଆଲୋଚନାରେ ଇଷ୍ଟ କୋଷ୍ଟ ରେଲୱେର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଏବଂ ମାଲଗୋଦାମ ବ୍ୟବସାୟୀ ସଂଘର ପ୍ରଫୁଲ୍ଲ କୁମାର ଛାଟୋଇ ମଧ୍ୟ ଉପସ୍ଥିତ ଥିଲେ।

## ଅଗ୍ନି ନିରାପତ୍ତା ସଚେତନତା ଶିବିର



କଟକ,୧୩।୮ (ସମିସ): କଟକ ମ୍ୟୁନିସିପାଲିଟି କର୍ପୋରେସନ ଓ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜର ମିଳିତ ଆନୁକୂଲ୍ୟରେ କଟକ ଜିଲ୍ଲାରେ ଅଗ୍ନି ନିରାପତ୍ତା ସଚେତନତା ନିମନ୍ତେ ଏକ କର୍ମଶାଳା ଗଣ୍ଡରପୁର ସ୍ଥିତ ଆଖଣ୍ଡଳମଣୀ ଶିବ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ମ୍ୟୁନିସିପାଲିଟି କର୍ପୋରେସନର ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା ଶ୍ରୀନିବାସ ପଣ୍ଡା, ଉତ୍କଳ ସେବକ ସମାଜର ସଂପାଦକ ଡ. ଅମୀୟ ଭୂଷଣ ବିଶ୍ୱାଳ ଓ କଟକ ଫାୟାର୍ ବ୍ରିଗେଡ୍ ତରଫରୁ ତ୍ରିଲୋଚନ ଗୋଛି, ବଳଭଦ୍ର ସାହୁ, ଆଶିଷ ବେହେରା ଓ ସୂର୍ଯ୍ୟମଣୀ ବେହେରା ଯୋଗଦାନ କରି ଅଗ୍ନି ଦୁର୍ଘଟଣାକୁ କିପରି ସହଜ ଓ ସରଳ ଉପାୟରେ ନିର୍ବାପିତ କରାଯାଇପାରିବ ଆଲୋଚନା କରିବା ସହିତ ଅଗ୍ନି ନିର୍ବାପକ କଳା କୌଶଳ ପ୍ରଦର୍ଶନ କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି, ଯୁବ ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ରେଡିଓ ଉତ୍କଳ ୯୧.୨ ଏଫଏମର ନିର୍ଦ୍ଦେଶକ ଇଂ ଅନ୍ୱୟ ଅଭିନବ ସଂଯୋଜନା କରିଥିବା ବେଳେ ମଳୟ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।

## ପ୍ରଭା ପଟ୍ଟନାୟକଙ୍କ ସ୍ମୃତି ସନ୍ଧ୍ୟା

କଟକ,୧୩।୮ (ସମିସ): ବିଶିଷ୍ଟ କବି, ସୁଗାୟିକା ତଥା ସମାଜସେବୀ ପ୍ରଭା ପଟ୍ଟନାୟକ ଜଣେ ବହୁ ପ୍ରତିଭାର ଅଧିକାରିଣୀ ଜଶସ୍ୱୀ ସାରସ୍ୱତ ସାଧିକା ଥିଲେ। ଗୋଟିଏ ସଂସ୍କୃତି ସଂପନ୍ନ ପରିବାରରେ ଜନ୍ମ ହୋଇ ଜଣେ ବିଚାରପତିଙ୍କ ପତ୍ନୀ ହେଲେ ସୁଦ୍ଧା ତାଙ୍କର ଗର୍ବ ଆଦୌ ନ ଥିଲା। ଜଣେ ଦକ୍ଷ ସଂଗଠିକା ଭାବେ ତାଙ୍କର ସୁନ୍ଦର ପରିଚୟ ଥିଲା। କବିତା



ସଂକଳନ ପ୍ରୀତିପଦ୍ମା, ହିମକାଳ, ଅନ୍ତରା ଆଦି ବେଶ୍ ଲୋକପ୍ରିୟ। ସେ ନିଜେ ଯେମିତି ଚଳଚଞ୍ଚଳ ଥିଲେ ତାଙ୍କର ଲେଖନୀ ମଧ୍ୟ ସେହିପରି ଚଳଚଞ୍ଚଳ ଥିଲା। ପ୍ରଭା ପଟ୍ଟନାୟକଙ୍କ ବିୟୋଗରେ ଓଡ଼ିଶା ନାରୀ ସେବା ସଙ୍ଘର ସମ୍ପାଦିକା ଆଭା କାନୁନଗୋଙ୍କ ସଭାପତିତ୍ୱରେ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା ସ୍ମୃତି ସନ୍ଧ୍ୟାରେ କାର୍ଯ୍ୟକାରୀ କମିଟି ସଭ୍ୟା ଡ଼ ପ୍ରଭାବତୀ ପଣ୍ଡା, ସହସଂପାଦିକା ଇନ୍ଦିରା ଅରୋରା, ସଙ୍ଗଠନ ସମ୍ପାଦିକା ମୀରା ବେଉରା, ଅର୍ଚ୍ଚନା କାନୁନଗୋ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକାରୀ କମିଟି ସଭ୍ୟା ମିନାକ୍ଷୀ ମିଶ୍ର, ପଦ୍ମଜା ତ୍ରିପାଠୀ, କୋଷାଧ୍ୟକ୍ଷା ନୟନତାରା ନନ୍ଦ, ହଲ ସମ୍ପାଦିକା ମଞ୍ଜୁ ସିଂ, ନିବେଦିତା ମହାନ୍ତି, ସୂପର୍ଣ୍ଣା ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଭା ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।

## ବକ୍ସି ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଉଦଘାଟିତ

କଟକ,୧୩।୮ (ସମିସ): ମିଶନ ରୋଡ ସ୍ଥିତ ବକ୍ସି ପ୍ରାଥମିକ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀଗୃହ କଟକ ବାରବାଟୀ ବିଧାୟିକା ଇଂ ସୋଫିଆ ଫିରଦୋଷଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମ୍ପାଦକ ରେଭେରେଣ୍ଡ ପରିତୋଷ ରାଉତ ପୌରହିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କଟକ ବାରବାଟୀ ବିଧାୟିକା ଇଂ ସୋଫିଆ ଫିରଦୋଷ



ପିଲାଙ୍କ ନିମନ୍ତେ ଉତ୍ସାହମୂଳକ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନୀୟ ଅତିଥି ଭାବରେ କଟକ ଡାୟୋଶେଷର ବିଶପ ରାଇଟ ରେଭେରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ, ଡାୟୋଶେଷନ ବୋଡ଼ ଅଫ ଏଜୁକେସନ କଟକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରେଭେରେଣ୍ଡ ଏଫସି ନର୍ଥ, ୱାର୍ଡ ନଂ ୧୫ର କର୍ପୋରେଟର ଲିଜାରାଣୀ ରାଉତ, କଂଗ୍ରେସର ନେତ୍ରୀ ଗିରିବାଳା ବେହେରା, ବିଭୁଦତ୍ତ ଦାସ ଓ ଡାୟୋଶେଷନ ଅନୁଷ୍ଠାନର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା ତଥା ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଦିପ୍ତା ପାତ୍ର ସମସ୍ତ ବିଷୟ ନିମନ୍ତେ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉତ୍ସାହ ସହିତ ଯୋଗଦାନ କରିଥିଲେ।

## ଅଗଷ୍ଟ ୧୭ରେ କ୍ୱିଜାର୍ଡ ସାଇନାପ୍ସର ୯ମ ସଂସ୍କରଣ

କଟକ,୧୩।୮ (ସମିସ): ଆସନ୍ତା ୧୭ ତାରିଖରେ ସହରର ପ୍ରମୁଖ ଜ୍ଞାନଭିତ୍ତିକ ଯୁବ ସଂଗଠନ କ୍ୱିଜାର୍ଡ୍‌ର ଆନ୍ତଃ-ସ୍କୁଲ କୁଇଜ୍ ପ୍ରତିଯୋଗିତା "ସାଇନାପ୍ସ- ଦି ଜଙ୍କସନ୍ ଅଫ କ୍ୟୁରିଓସିଟି'ର ୯ମ ସଂସ୍କରଣ ଅନୁଷ୍ଠିତ ହେବ। ନାଳନ୍ଦା ପବ୍ଲିକ ସ୍କୁଲ

**ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅଭିନ୍ନ କୁଇଜ୍ ଅନୁଭୂତିର ସୁଯୋଗ**

ଏବଂ ଡମ୍ବରୁ ଆପ ମିଳିତ ପ୍ରାୟୋଜନାରେ ଆସନ୍ତା ଅଗଷ୍ଟ ୧୭ ତାରିଖ ରବିବାର କଟକ ବିଜୁ ପଟ୍ଟନାୟକ ଛକ ସ୍ଥିତ ସାରଳା ଭବନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ଇଂରାଜୀ ମାଧ୍ୟମରେ ୭ମରୁ ଦ୍ୱାଦଶ ଏବଂ ଓଡ଼ିଆ ମାଧ୍ୟମରେ ୭ମରୁ ୧୦ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ଭାଗ ନେଇପାରିବେ। ଏଥିରେ ଅଂଶଗ୍ରହଣ ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ। ଏହି ବର୍ଷର କୁଇଜ୍ ଉଭୟ ଭାଷାରେ ଅନୁଷ୍ଠିତ ହେବ ଏବଂ ପ୍ରତ୍ୟେକରେ ଏକ ଲିଖିତ ପ୍ରାରମ୍ଭିକ ପର୍ଯ୍ୟାୟ ଓ ପରେ ଏକ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଉଭୟ ଭାଷାରେ ଶ୍ରେଷ୍ଠ ୬ଟି ଦଳକୁ ନେଇ ସ୍ୱତନ୍ତ୍ର ରାଉଣ୍ଡ ହେବ। ଆଞ୍ଚଳିକ ଭାଷା ଶିକ୍ଷାକୁ ପ୍ରୋତ୍ସାହନ ନିମନ୍ତେ ଓଡ଼ିଆ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହେବ। ମଧ୍ୟାହ୍ନ ଅଧିବେଶନରେ ଇଂରାଜୀ କୁଇଜ ଅନୁଷ୍ଠିତ ହେବ। ବିଜେତା ଏବଂ ଫାଇନାଲିଷ୍ଟଙ୍କ ପାଇଁ ଆକର୍ଷଣୀୟ ଟ୍ରଫି, ଉପହାର ଏବଂ ପୁରସ୍କାର ରହିଛି। ଏହା ସହିତ ଉଭୟ ଗ୍ରାଣ୍ଡ ଫାଇନାଲ୍ ସମୟରେ ରହିଛି ଦର୍ଶକ ରାଉଣ୍ଡ ଯେଉଁଥିରେ ଦର୍ଶକମାନେ ଉଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେଇ ପୁରସ୍କାର ଜିତିପାରିବେ। ପଞ୍ଜିକରଣର ଶେଷ ତାରିଖ ଅଗଷ୍ଟ ୧୫ ରହିଛି।

## ଏସ୍‌ସିବିରେ ବିଶ୍ୱ ଅଙ୍ଗଦାନ ଦିବସ

# ଅଙ୍ଗଦାନ ପ୍ରତି ସଚେତନତା ବୃଦ୍ଧି ପାଉ

କଟକ,୧୩।୮ (ସମିସ):

ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଲୋକଙ୍କ ଆୟୁଷ କମ୍ ଥିଲା। ସମଗ୍ର ବିଶ୍ୱରେ ଡାକ୍ତରୀ ବିଜ୍ଞାନର ବିକାଶ ହୋଇ ନଥିବାରୁ ଲୋକେ ଅନେକ ରୋଗରେ ପୀଡ଼ିତ ହୋଇ ଅକାଳ ମୃତ୍ୟୁ ବରଣ କରୁଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଡାକ୍ତରୀ ବିଜ୍ଞାନ ବିକଶିତ ହୋଇଛି, ଦୂରାରୋଗ୍ୟରୁ ମୁକ୍ତି ମିଳୁଛି। ପ୍ରତିରୋପଣ ପ୍ରକ୍ରିୟା ମଧ୍ୟ ତ୍ୱରାନ୍ୱିତ ହୋଇସାରିଲାଣି। ତେବେ ସାମ୍ପ୍ରତିକ ପରିସ୍ଥିତିରେ ଅଙ୍ଗଦାନ ପ୍ରତି ଲୋକଙ୍କ ଭିତରେ ସଚେତନତା ବୃଦ୍ଧି କରାଯିବା ଆବଶ୍ୟକ। ଗ୍ରୀନ କରିଡରରେ ଅଙ୍ଗ ଦୂରରୁ ଅଣାଯାଇ ପ୍ରତିରୋପଣ କରାଯିବା ଖବର ପ୍ରସାରିତ ହୁଏ। ଯଦି ବିଭିନ୍ନ ଅଞ୍ଚଳରେ ଅଙ୍ଗଦାନ ବୃଦ୍ଧି ପାଆନ୍ତା ତାହେଲେ ପ୍ରତିରୋପଣ ଆହୁରି ସରଳ ହୋଇପାରନ୍ତା।



ଏହି ଅଭିଯାନରେ ସାଧାରଣ ଲୋକଙ୍କୁ ଯୋଡାଯିବା ଆବଶ୍ୟକ। ହାଇକୋର୍ଟ ବାର୍, ପୂଜା କମିଟି, ଶାନ୍ତି କମିଟି, ଶିକ୍ଷାନୁଷ୍ଠାନ ଆଦିରେ କାର୍ଯ୍ୟକ୍ରମ ଆୟୋଜନ କରି ଜନସଚେତନତା ବୃଦ୍ଧି କରାଯିବା ଉଚିତ୍ ବୋଲି ଆଜି ଏସ୍‌ସିବି ପୁରୁଣା ଅଡିଟୋରିୟମ ହଲ୍‌ରେ ଆୟୋଜିତ ବିଶ୍ୱ ଅଙ୍ଗଦାନ ଦିବସରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉପରୋକ୍ତ ମତ ଦେଇଛନ୍ତି।

ୟୁରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସମୀର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଅଙ୍ଗଦାନ ଦିବସ ବଡ ମେଡିକାଲରେ ପାଳିତ ହୋଇଛି। ପ୍ରଫେସର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ପରିପ୍ରେକ୍ଷୀରେ ଜଣେ ବ୍ୟକ୍ତି ଅଙ୍ଗଦାନ କରି ଆଠଟି ଜୀବନ ବଞ୍ଚାଇ ପାରିବ ବୋଲି କହିଥିଲେ। ହାଇକୋର୍ଟର ପ୍ରାକ୍ତନ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ଯେ, ଅଧିକ ଦିନ ବଞ୍ଚି ରହିବାର ଅର୍ଥ ଜୀବନ ନୁହେଁ। ସମାଜ ପ୍ରତି ସମର୍ପିତ ହୋଇ ବଞ୍ଚିବା ଭିତରେ ଜୀବନ ଲୁଚି ରହିଥାଏ। ଅଙ୍ଗଦାନ ନେଇ ସଚେତନତା ବୃଦ୍ଧି କରିବା ଅପରିହାର୍ଯ୍ୟ ବୋଲି ସେ ମତ ଦେଇଥିଲେ। ଅଦାଲତ ଦୃଷ୍ଟିକୋଣରୁ ଅଙ୍ଗଦାନର ବିଭିନ୍ନ ଆଇନ୍ ବିଷୟରେ ଜଷ୍ଟିସ ମହାନ୍ତି ଆଲୋକପାତ କରିଥିଲେ। ପୁଲିସ ଆଇଜି ଡାକ୍ତର ସାର୍ଥକ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଲିଭିଂ ପ୍ରତିରୋପଣ ଏବଂ କାଡାଭରିକ ପ୍ରତିରୋପଣ ବିଷୟରେ ଆଲୋଚନା କରିଥିଲେ। ବିଶିଷ୍ଟ ସମାଜସେବୀ ଡଃ ପ୍ରଭାସ ଆଚାର୍ଯ୍ୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ରାଜ୍ୟରେ ଅଙ୍ଗଦାନ ଏବଂ ଅଙ୍ଗ ପ୍ରତିରୋପଣର ବିକଶିତ ଚିତ୍ର ଉପସ୍ଥାପନା କରିଥିଲେ। ଇତି ମଧ୍ୟରେ ରାଜ୍ୟରେ ୫୦ଟି କାଡାଭରିକ ବୃକକ ପ୍ରତିରୋପଣ ହୋଇ ସାରିଲାଣି। ତେବେ ବୃକକ ସମେତ ଯକୃତ ଏବଂ ହୃତପିଣ୍ଡ ପ୍ରତିରୋପଣ ସଂଖ୍ୟା ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ। ଡାକ୍ତର ଭୁବନ ମୋହନ ଦାସ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ସିବି ମେଡିକାଲରେ ପ୍ରତିରୋପଣ କ୍ଷେତ୍ରରେ ସହଯୋଗ କରୁଥିବା ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୋଟୋର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ବିଭୂତି ନାୟକ, ପ୍ରଫେସର ପ୍ରମୋଦ କୁମାର ପଲାଇ, ପ୍ରଫେସର କାଳୀପ୍ରସନ୍ନ ସ୍ୱାଇଁ, ପ୍ରଫେସର ବିଭୂତି ଭୂଷଣ ନାୟକ, ପ୍ରଫେସର ଜୟନ୍ତ ପଣ୍ଡା, ପ୍ରଫେସର ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଅରୁଣା ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ଚେନ୍ନାଇରୁ ଫେରିଲା ନାବାଳକ ଶ୍ରମିକର ଶବ

କୋକସରା,୧୩।୮ (ସମିସ): ଚେନ୍ନାଇ ସହରକୁ ଦାଦନ ଖଟିବାକୁ ଯାଇଥିବା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଦୁର୍ଗମ କୁଟୁରୁ ଗ୍ରାମର ଜଣେ ନାବାଳକ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଛି। ମୃତ ନାବାଳକ ଜଣକ ସ୍ୱର୍ଗତ ବାଲଚନ୍ଦ ମାଝୀଙ୍କ ପୁଅ ଡମ୍ବରୁ ମାଝି(୧୭) । ସେ ଗତ କିଛି ଦିନ ତଳେ ଜଣେ ଦାଦାନ ସର୍ଦ୍ଦାରଙ୍କ ପ୍ରଲୋଭନରେ ପଡ଼ି ଚେନ୍ନାଇ ସହରର ପଣ୍ଡିଚେରୀର ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ତେବେ ଗତ ସୋମବାର ଦିନ କୋଠା କାମ କରୁଥିବା ସମୟରେ ଛାତରୁ ପଡି ମୃତ୍ୟୁ ଘଟିଥିଲା। ଠିକା ସଂସ୍ଥା ସହାୟତାରେ ବୁଧବାର ଆମ୍ବୁଲାନ୍ସ ଯୋଗେ ଗାଁରେ ମରଶରୀର ପହଞ୍ଚିଛି। ଶବ ଫେରିବା ପରେ ପରିବାର ଓ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ଆମ୍ବୁଲାନ୍ସକୁ ଅଟକ ରଖି ପରେ ଛାଡିଥିଲେ।

## ମଦ କାରବାରରେ ୩ କୋର୍ଟ ଚାଲାଣ

ଜୁନାଗଡ,୧୩।୮ (ସମିସ): ଜୁନାଗଡ ଅବକାରୀ ବିଭାଗ ଚଢ଼ଉ କରି ରଣପୁରରୁ ୧୦୯୦ ଲିଟର ଦେଶୀ ମଦ ଜବତ କରଛି। ଏହି ଘଟଣାରେ ରୋହିତ ବିହାର, ଅଜୟ ବିହାର, ପ୍ରେମଲତା ବିହାରଙ୍କୁ ଗିରଫ କରିଛି। ଏହାସହ ୩୫୦୦ କେଜି ପୋଚ ଜବତ କରି ନଷ୍ଟ କରିଛି। ସାଗରିକା ପ୍ରଧାନ, ଲକ୍ଷ୍ମୀପ୍ରିୟା ମଲିକ ପ୍ରମୁଖ ଏହି ଚଢଉର ନେତୃତ୍ୱ ନେଇଥିଲେ।

## ୩୦ ଖଣ୍ଡ ଶାଳ କାଠ ଜବତ

ଭବାନୀପାଟଣା,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନ ନର୍ଲା ରେଞ୍ଜର ଗୁନାଙ୍ଗଗୁଛା ଗ୍ରାମ ନିକଟରେ ଚୋରା ଚାଲାଣ ହେଉଥିବା ୩୦ ଖଣ୍ଡ ଶାଳ କାଠ ବନ ବିଭାଗ ଜବତ କରିଛି। ଏହା ସହ ଏକ କାର୍ ଜବତ କରାଯାଇଥିବା ଜଣାପଡ଼ିଛି। ନର୍ଲା ରେଞ୍ଜ ଅଧିକାରୀ ଭାରତ ବନ୍ଧୁ ଶବରଙ୍କ ନେତୃତ୍ୱରେ କରାଯାଇଥିବା ଏହି ଚଢ଼ଉରେ ଫରେଷ୍ଟର ଭବାନୀ ଶଙ୍କର ନାଏକ ଓ ଗାର୍ଡ ସଂଯୁକ୍ତା ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ବାଲି ଚୋରାଚାଲାଣ ଅଭିଯୋଗରେ ୪ ଟ୍ରାକ୍ଟର ଜବତ

କଲମପୁର,୧୩।୮ (ସମିସ): ଜିଲ୍ଲା ଖଣି ବିଭାଗ ବେଆଇନ ବାଲି ଚୋରାଚାଲାଣ ଅଭିଯୋଗରେ କଲମପୁର ଅଞ୍ଚଳରୁ ୪ଟି ଟ୍ରାକ୍ଟର ଜବତ କରିଛି। ଏଗୁଡ଼ିକୁ ପୁଲିସ ଜିମା ଦେଇଛି। କଲମପୁର ଅଞ୍ଚଳ ଖଣି ଖାଦାନ ଲୁଟେରାଙ୍କ ଚରାଭୂଇଁ ପାଲଟିଛି। କାଁ ଭାଁ ଚଢ଼ଉ କରି ଜିଲ୍ଲା ଖଣି ବିଭାଗ କାମ ସାରିଦେଉଛି। ବିଭାଗରେ ମାନବସମ୍ବଳର ଅଭାବ ଯୋଗୁଁ ପର୍ଯ୍ୟାପ୍ତ ଚଢଉ କରାଯାଇ ପାରୁ ନ ଥିବା ସଫେଇ ଦେଇ ନିଜ ଉପରୁ ଦୋଷ ଛଡାଇ ଚାଲିଛି। ନଦୀ ଘାଟରୁ ଦୈନିକ ଶହ ଶହ ଟ୍ରିପ୍ ବାଲି ଚାଲାଣ ହେଉଛି। ରାଜସ୍ୱ ବିଭାଗର ସୂଚନା ଅନୁଯାୟୀ ଦେପୁର, କର୍ମେଲ ଡଙ୍ଗରିଗୁଡା ସରକାରୀ କାଗଜ ପତ୍ରରେ ଚାଲୁଥିବା ବେଳେ ଅସଂଖ୍ୟ ଘାଟ ବିନା କାଗଜପତ୍ରରେ ଚାଲୁଛି। ଏହା ଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବାରେ ଲାଗିଛନ୍ତି। ମଣ୍ଡଳ, ଖଣ୍ଡି ଡଙ୍ଗରିଗୁଡା, ପାତ୍ରବସା ଘା ନେଇ ବିଭାଗ ପକ୍ଷରୁ ସବିଶେଷ ବିବରଣୀ ମିଳିପାରିନି। ବଙ୍କାପଲା, ତେନ୍ତୁଲିଖୁଣ୍ଟି, ପରୁଆଗୁଡା, ସାନକୁଟ୍ଟ, ବିରିପୁର ଆଦି ଅନେକ ଘାଟରେ ବାଲି ଚୋରାଚାଲାଣ ହେବାରେ ଲାଗିଛି। କିଛି ଦିନ ତଳେ ଖଣି ବିଭାଗ ୨ଟି ହାଇୱା ଜବତ କରି ପୁଲିସ ଜିମା ଦେଇଥିଲା। ପୁଲିସ ମଧ୍ୟ ୬ଟି ଟ୍ରାକ୍ଟର ଜବତ କରିଥିଲା।

## ଦିନ ଦ୍ୱି ପ୍ରହରରେ ମଟର ସାଇକେଲ ଚୋରି

କର୍ଲାମୁଣ୍ଡା,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଝାରମୁଣ୍ଡା ଓ ବ୍ରାହ୍ମନୀମୁଣ୍ଡା ରାସ୍ତାରେ ବୁଧବାର ଦିନ ଦ୍ୱି ପ୍ରହରରେ ଜଣେ ବାଇକ୍ ଆରୋହୀଙ୍କୁ ମାଡ଼ମାରି ଦୁର୍ବୃତ୍ତ ମଟରସାଇକଲ ଓ ଅନ୍ୟାନ୍ୟ ସାମଗ୍ରୀ ଛଡାଇ ନେଇଛନ୍ତି। ବଲାଙ୍ଗୀର ତାଲପାଲି ପଡାର ରବୀନ୍ଦ୍ର ସେଠୀ ଏହି ଡକାୟତିର ଶିକାର ହୋଇଛନ୍ତି। ସେ କର୍ଲାମୁଣ୍ଡା ଆସି ବଲାଙ୍ଗୀର ଫେରୁଥିଲେ। ରିଷିଡା ପଟୁ ୩ ଜଣ ଯୁବକ ମାସ୍କ ପିନ୍ଧି ରବୀନ୍ଦ୍ରଙ୍କୁ ଅଟକାଇଥିଲେ। ଏହାପରେ ମାଡ଼ମାରି ମଟର ସାଇକେଲ ଓ ଏଟିଏମ୍ କାର୍ଡ, ମନିପର୍ସ, ହେଲମେଟ, ମୋବାଇଲ ଛଡାଇ ନେଇ ଫେରାର ମାରିଥିଲେ। ରବୀନ୍ଦ୍ର ଏ ନେଇ କର୍ଲାମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଅବୀର ବରିହା କହିଛନ୍ତି ଯେ, ତଦନ୍ତ ଚାଲିଛି। ଅନ୍ୟପଟେ ଏହି ବ୍ଲକର ରିଷିଡାରୁ ମଧ୍ୟ ସଞ୍ଜୟ ଜୈନଙ୍କ ଘର ସାମ୍ନାରୁ ମଧ୍ୟ ତାଙ୍କ ମଟରସାଇକଲ ଚୋରି ହୋଇଛି।

## ରାସ୍ତା ଉପରେ ଭାଙ୍ଗି ପଡ଼ିଲା ଗଛ

କଲମପୁର,୧୩।୮ (ସମିସ): ଦୀର୍ଘ ଦିନର ବ୍ୟବଧାନ ପରେ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ କଲମପୁର ଅଞ୍ଚଳରେ ଅସରାଏ ବର୍ଷା ହୋଇଛି। ଏହି ସମୟରେ ଇଚ୍ଛାପୁର ଛକ ନିକଟରେ ଲାଗିଥିବା ପଥପାର୍ଶ୍ୱ ଗଛ ଭାଙ୍ଗି ପଡିଛି। ଏହାଫଳରେ କଲମପୁର-ଜୁନାଗଡ ମୁଖ୍ୟ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ହୋଇ ଯାଇଥିଲା। ଗଛ ଭାଙ୍ଗି ପଡିବା ବେଳକୁ ଏକ ବୋଲେରୋରେ ଗୋଟିଏ ପରିବାର କଲମପୁର ପଟରୁ ଜୁନାଗଡ ପଟକୁ ଯାଉଥିଲେ। ଗଛ ଭାଙ୍ଗୁଥିବା ଜାଣି ଗାଡ଼ି ଚାଳକ ବିଲ ଭିତରକୁ ଗାଡିକୁ ନେଇଯାଇ ପରିବାରର ଲୋକଙ୍କୁ ବଞ୍ଚାଇ ଦେଇଥିଲେ। ଯାତାୟାତରେ ପ୍ରତିବନ୍ଧକ ହେବାରୁ ଉଭୟ ପାର୍ଶ୍ୱରେ ପଥଚାରୀମାନେ ଦୀର୍ଘ ସମୟଧରି ଅଟକି ରହିଥିଲେ। କଲମପୁର ଦମକଳ ବାହିନୀ ଯାଇ ଗଛ କାଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

### ଉଚ୍ଚ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ପ୍ରସଙ୍ଗ

# ଆବାସିକ ବିଦ୍ୟାଳୟରେ ପଢ଼ିବେ ଛାତ୍ରଛାତ୍ରୀ

ଲାଞ୍ଜିଗଡ଼,୧୩।୮ (ସମିସ)



'ସକାଳ' ପ୍ରଭାବ

ସରକାରଙ୍କ ନିର୍ଦ୍ଦେଶ କ୍ରମେ କେହି ଅପାଠୁଆ ରହିବେ ନାହିଁ ବା କେହି ଅଧାରୁ ପାଠ ଛାଡିବେନାହିଁ। ସେଥିପାଇଁ ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ନିର୍ମାଣ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ପୋଷାକଠାରୁ ଆରମ୍ଭ କରି ବହିପତ୍ର, ଖେଳ ଉପକରଣ ସମେତ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏତେ ସବୁ ସରକାରୀ ବ୍ୟବସ୍ଥା ଭିତରେ ୧୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢିବାକୁ ଇଚ୍ଛା ଥିଲେ ବି ଅଧା ପାଠୁଆ ହୋଇ ଗାଁରେ ରହୁଛନ୍ତି। ଏହାକୁ ନେଇ ୧୦ ତାରିଖ 'ସକାଳ'ରେ ଖବର ପ୍ରକାଶ ପାଇଛି। ଏହାପରେ ବ୍ଲକ୍ ପ୍ରଶାସନ ତତ୍ପରତା ଦେଖାଇଛି। ବୁଧବାର ଲାଞ୍ଜିଗଡ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆରସିଂ ଓ ଭଟାଙ୍ଗପଦର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ମାଝୀ ପରାବାହାଲି ଗାଁରେ ପହଞ୍ଚି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀ ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଭଟାଙ୍ଗପଦର ପଞ୍ଚାୟତପରାବାହାଲି ଗାଁରେ ପାଠ ପଢିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଣୁ ପିଲାମାନେ ବନପାହାଡ଼ ଘେରା ଆବୁଡ଼ା ଖାବୁଡ଼ା ରାସ୍ତା ଦେଇ ୪କିମି ଆମପଦର ଗାଁ ପ୍ରାଥମିକ ବିଦ୍ୟାଳୟକୁ ଯାଇଥାନ୍ତି। ସେହି ସ୍କୁଲରେ କିନ୍ତୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହଛି। ଏଣୁ ଛାତ୍ରଛାତ୍ରୀ ୫ମ ଶ୍ରେଣୀ ପରେ ପଢିବା ସମ୍ଭବ ହୋଇ ନ ଥାଏ। ପଢିବାର ଇଚ୍ଛା ଶକ୍ତି ଥିଲେ ମଧ୍ୟ ଅନେକ ଶିଶୁ ଅଧାରୁ ଘରେ ରହୁଛନ୍ତି। ଗାଁର ଛାତ୍ରଛାତ୍ରୀ ଏଥ ୫ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଭଟାଙ୍ଗପଦର ଓ କାଉଗୁଡ଼ା ଆବାସିକ ବିଦ୍ୟାଳୟକୁ ଯାଇଥିଲେ; ହେଲେ ସେହି ବିଦ୍ୟାଳୟରେ ନାମ ଲେଖା ସମ୍ପୂର୍ଣ୍ଣ ହୋଇସାରିଛି। ଆଉ ନାମ ଲେଖି ହେବ ନାହିଁ ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଥିଲେ। ଏଣୁ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପରେ ବ୍ଲକ ପ୍ରଶାସନ ଗାଁରେ ପହଞ୍ଚି ସେମାନଙ୍କୁ ଆଶା ଦେଇଛି। ଘଟଣାର ତଦନ୍ତ କରିଛି। ପିଲାମାନେ ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ିବେ। ଏଥିଲାଗି ଆବଶ୍ୟକ ବ୍ୟବସ୍ଥା କରାଯିବ। ଦୁଇ ଅଧିକାରୀ ଏହି ପ୍ରତିଶ୍ରୁତି ଦେଲା ପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଖୁସିବ୍ୟକ୍ତ କରିଛନ୍ତି।

## ବର୍ଷା ପବନରେ ଭାଙ୍ଗିଲା ୧୦ରୁ ଅଧିକ ବିଦ୍ୟୁତ୍ ଖମ୍ବ

ସିନାପାଲି,୧୩।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଉପାନ୍ତ ଅଞ୍ଚଳରେ ବର୍ଷା ସାଙ୍ଗକୁ ପବନ ହୋଇଛି। ଏଥିଯୋଗୁ ଘାଟମାଳ ପଞ୍ଚାୟତ ତାଲାକୋଟ ଅଞ୍ଚଳକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ଖୁଣ୍ଟ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଯାଇଛି। ଏହା ଫଳରେ ଉପାନ୍ତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଛି। ଅନେକ ଖୁଣ୍ଟ ତଳେ ପଡିଛି। ଅବଶ୍ୟ ବିଭାଗୀୟ କର୍ମଚାରୀ ସୁଧାର ଆଣିବା ପାଇଁ ଉଦ୍ୟମ ଚଳାଇଛନ୍ତି। ତାଲାକୋଟ ଅଞ୍ଚଳକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ଯୋଗାଣରେ ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବାରୁ ଏହା ତଳେ ପଡି ଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ଖମ୍ବ ପୋତା କାର୍ଯ୍ୟରେ ଆବଶ୍ୟକ ଅନୁସାରେ ଗାତରେ କଂକ୍ରିଟକରଣ କରାଯାଇ ନ ଥିଲା। କେବଳ ମାଟି ଖୋଳି ଖମ୍ବ ପୋତାଯାଇଥିଲା। ଏଣୁ ଏଭଳି ଅବସ୍ଥା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ପାଖରେ ଥିବା ବିଦ୍ୟୁତ ଖମ୍ବ ପୋତା କାର୍ଯ୍ୟ ସମୟରେ ମଧ୍ୟ ଅଞ୍ଚଳର ଜନସାଧାରଣ ଓ ଜନପ୍ରତିନିଧି ଠିକ୍ ଭାବରେ କାର୍ଯ୍ୟ ହେଉ ନ ଥିବା ସେତେବେଳେ ଅଭିଯୋଗ କରିଥିଲେ; ହେଲେ ଦାୟିତ୍ୱରେ ଥିବା ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ, ଅଧିକାରୀ, ଓ ଠିକାଦାରଙ୍କ ଅବହେଳା ତଥା ଖାମ ଖିଆଲି ମନୋଭାବ ପାଇଁ ଖମ୍ବ ପୋତା କାମରେ ଅନିୟମିତତା ହୋଇଛି। ଏଥିଯୋଗୁ ବିଦ୍ୟୁତ୍ ଖମ୍ବ ଭାଙ୍ଗି ତଳେ ଖସି ପଡିଛି। ନଙ୍ଗଲବୋଡ ଓ ଘାଟମାଳ ପଞ୍ଚାୟତର ଅଞ୍ଚଳବାସୀ ଅନ୍ଧାରରେ ସମୟ କାଟୁଛନ୍ତି। ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବା ସହ ବିଦ୍ୟୁତ ଯୋଗାଣ କରିବାକୁ ଦାବି କରିଛନ୍ତି।

## ୧୪ରୁ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା

ନୂଆପଡା,୧୩।୮ (ସମିସ): ନୂଆପଡା ଜିଲ୍ଲାରେ କାର୍ଯ୍ୟରତ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ୧୪ ତାରିଖରୁ ଧାରଣା ଦେବେ। ଦାବି ପୂରଣ ହେବା ଯାଏଁ ସେମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦେବେ ବୋଲି ସ୍ଥିର କରିଛନ୍ତି। ନୂଆପଡ଼ା ଭଳି ଏକ ଉପାନ୍ତ ଜିଲ୍ଲାରେ ଦୀର୍ଘ ୧୬ ବର୍ଷ ଧରି ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନେ କାମ କରିଆସିଛନ୍ତି। ଏମାନଙ୍କୁ କିନ୍ତୁ ପଦୋନ୍ନତିରେ ବିଭାଗ ଚରମ ଅବହେଳା କରୁଛି। ୨୦୨୫ ଜାନୁଆରୀ ମାସ ଶେଷ ସୁଦ୍ଧା ଏମାନଙ୍କୁ ପଦୋନ୍ନତି ଦେବାପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏନେଇ ବୈଠକ ବସି ସାରିଛି। ବିଭିନ୍ନ ଆଳ ଦେଖାଇ କିନ୍ତୁ ଫଳାଫଳ ପ୍ରକାଶ କରାଯାଉନି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏ ସମ୍ପର୍କରେ ବାମର୍ଦ୍ଧାର ଡେପୁଟି କଲେକଟର ଏବଂ ଜିଲ୍ଲାପାଳଙ୍କୁ ଅବଗତ କରୁଛନ୍ତି। ଏହା ସତ୍ତ୍ୱେ କୌଣସି ସୁଫଳ ମିଳୁନି। ଏଣୁ ନୂଆପଡା ଜିଲ୍ଲାର ସମସ୍ତ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ମାନସିକ, ଶାରୀରିକ ଓ ଅର୍ଥିକ ଦୃଷ୍ଟି କୋଣରୁ ଭାଙ୍ଗି ପଡିଛନ୍ତି। ତେଣୁ ଏହି ଚରମ ଅବହେଳା ଓ ଅନ୍ୟାୟର ପ୍ରତିବାଦ ସ୍ୱରୂପ ଜିଲ୍ଲାର ସମସ୍ତ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି।

## ବୋର୍ଡାରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

ଭବାନୀପାଟଣା,୧୩।୮ (ସମିସ): ବୋର୍ଡା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି।

ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ଏଥିରେ ପୌରାହିତ୍ୟ କରିଥିଲେ। ଭବାନୀପାଟଣା ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ସୁରେଶ୍ୱରୀ ବାଘ, ଐଶର୍ଯ୍ୟା ପ୍ରଧାନ, ସ୍ଥାନୀୟ ସାମ୍ବାଦିକ ରୋଶନଲାଲ ଛତର ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଗୀତାଞ୍ଜଳି ରଣା, ସୁନିତା ହୋତା, ବିସ୍ମିତା ବେହେରା ଓ ନିହାରିକା କର ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିରଞ୍ଚି ବାଗ ମଞ୍ଚ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ନିରାକାର ଗହୀର ଧନ୍ୟବାଦ ଅର୍ପଣ କରିଥିଲେ। ନିତ୍ୟାନନ୍ଦ ବାଗ, ବନ୍ଦନା ଭୋଇ, ଦୀପ୍ତିମୟୀ ରଣା, ଆଶୁତୋଷ ପଧାନ, ସୌମ୍ୟା ମଧୁରିମା, ସାଗର ହରପାଲ, ଯୁଗଳ ଚରଣ ସାହୁ, ସୋମାଲୀନ ରାଉତ, ଅଭିଳାଷ ପଣ୍ଡା, ସୁଜିତ ସାହୁ, ମନୋଜ ଶବର, ବିରଞ୍ଚି ଜାଲ, ବିଜୟ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗୋଲାମୁଣ୍ଡା/ଧର୍ମଗଡ଼,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ ନାଏକ, ଦୀପକ ବେହେରା, ଲକ୍ଷ୍ମଣ ସାହୁ, ଅକ୍ଷମ ସଂଘ ସଂପାଦକ ଡୋଲାମଣି ପ୍ରଧାନ, ବରିଷ୍ଠ ସାମ୍ବାଦିକ ଦାମୋଦର ଦାସ, ସାମାଜିକକର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଜାତୀୟ ଦୃଷ୍ଟିହୀନ ସଂଘ ସଦସ୍ୟ ଚନ୍ଦ୍ରଶେଖର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ୫୪୭ ଜଣଙ୍କ ପଞ୍ଜିକୃତ ହୋଇଥିଲା। ୨୨୪ ଜଣ ପ୍ରମାଣପତ୍ର ପାଇଁ ମନୋନୀତ ହୋଇଥିଲେ। ୧୫ ଜଣଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ୪ ଜଣଙ୍କୁ ହୁଇଲ ଚେୟାର,୧୨ ଜଣଙ୍କୁ ବସ୍ ପାସ୍ ଓ ୧୨ ଜଣଙ୍କୁ ଟ୍ରେନ ପାସ୍ ପ୍ରଦାନ କରାଯାଇଛି।

## ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ

ନୂଆପଡା,୧୩।୮ (ସମିସ): ନୂଆପଡା ଜିଲ୍ଲା ସିନାପାଲି ଗ୍ରାମର ବିଶିଷ୍ଟ ଭାଷାବିତ ଓ ଲେଖକ ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତିଙ୍କ ଭବନରୁ ନିମନ୍ତ୍ରଣ କରାଯାଇଛି। ସ୍ୱତନ୍ତ୍ର ଅତିଥି ରୂପେ ସେ ଯୋଗ ଦେବେ।



ଭାରତର ବିଶିଷ୍ଟ ୫୦ ଜଣ ବୁଦ୍ଧିଜୀବୀ, କଳାକାର, ଲେଖକ, ଶିଳ୍ପୀ, ସାହିତ୍ୟିକ, ସଂଗୀତଜ୍ଞ, ବୈଜ୍ଞାନିକଙ୍କୁ ରାଷ୍ଟ୍ରପତିଙ୍କ 'ଆଟ ହୋମ' କାର୍ଯ୍ୟକ୍ରମରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ଏହା ମଧ୍ୟରେ ଡକ୍ଟର ମିଶ୍ର ରହିଛନ୍ତି।

## ସାନ୍ଧୁଲ ନଦୀ ବ୍ରିଜ୍ ଉପରେ ପାଣି ଜମୁଛି

ମ. ରାମପୁର,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ପୂର୍ତ୍ତ ବିଭାଗ ଅଧୀନରେ ଥିବା ମୁଖ୍ୟ ରାସ୍ତା ଶେରଗଡ଼ ନିକଟ ଜାମ ପଦରରେ ଥିବା ସାନ୍ଧୁଲ ନଦୀ ବ୍ରିଜ ଉପରେ ପାଣି ଜମୁଛି। ଏଣୁ ଲୋକଙ୍କ ଯାତାୟାତରେ ସମସ୍ୟା ଦେଖାଦେଇଛି। ଭବାନୀପାଟଣାରୁ ମ. ରାମପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ଏହି ରାସ୍ତା ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ବ୍ରିଜଟି ଦୀର୍ଘ ଦିନରୁ ନିର୍ମାଣ ଥିବା ହେତୁ ଏବେ ତାହା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତାହା କିନ୍ତୁ ମରାମତି କରାଯାଉନି।



## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କର୍ଲାମୁଣ୍ଡା,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଯୋରାଡବରା ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଛି। ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ସମ୍ମାନୀତ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ଅଧକ୍ଷା କୁନି ସାହୁ, କଳାହାଣ୍ଡି କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, କଳାହାଣ୍ଡି ଯୁଗ୍ମ ରେଜିଷ୍ଟ୍ରାର ପ୍ରମୋଦ ସାହୁ, କଳାହାଣ୍ଡି ଉପ ନିବନ୍ଧକ (ସମବାୟ ସମିତି ସମୂହ) ସ୍ୱରୂପ କର, ନବାର୍ଡ ଡିଡିଏମ୍ ମହେଶ୍ୱର ଦାଶ, କଳାହାଣ୍ଡି କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବନଲତା ଧଳ, ସମ୍ବଲପୁର ଜିଲ୍ଲା ବରିଷ୍ଠ ଏଆରସିଏସ ମଧୁସୂଦନ ମେହେର, ଭବାନୀପାଟଣା ସହକାରୀ ନିବନ୍ଧକ (ସମବାୟ ସମିତି ସମୂହ) ଅଜିତ ବଗର୍ତ୍ତି, ମ.ରାମପୁର ଶାଖା ପରିଚାଳକ ମନୋରଞ୍ଜନ ଚାନ୍ଦ, ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଦେବରାଜ ରଣା ପ୍ରମୁଖ ଯୋଗ ଦେଇଥିଲେ।

## ଦଶମ ଶ୍ରେଣୀରେ ବିଜ୍ଞାନ ପଢ଼ାଇଲେ ଜିଲ୍ଲାପାଳ

ନୂଆପଡା,୧୩।୮ (ସମିସ): ନୂଆପଡା ଜିଲ୍ଲାର ଉପାନ୍ତ ସିଆଲଟି ସେବାଶ୍ରମ ହାଇସ୍କୁଲକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଅଚାନକ ଗସ୍ତ କରିଛନ୍ତି। ସେ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରି ସମୀକ୍ଷା କରିଛନ୍ତି। ଏହା ସହ ପିଲାଙ୍କୁ ପାଠ ପଢାରେ ଉତ୍ସାହିତ କରିବାକୁ ଯାଇ ଦଶମ ଶ୍ରେଣୀରେ ବିଜ୍ଞାନ ପଢାଇଛନ୍ତି। ବୁଧବାର ମଧ୍ୟାହ୍ନ ୧୨ଟାରେ ସେ ବିଦ୍ୟାଳୟରେ ପହଞ୍ଚିଥିଲେ। କାଗଜପତ୍ର ଯାଞ୍ଚ ପୂର୍ବକ ସମୀକ୍ଷା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପତିଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

## ମାଟି ତଳେ ମାଓବାଦୀ ପୋତିଥିବା ବିଭିନ୍ନ ସାମଗ୍ରୀ ଜବତ

ନୂଆପଡ଼ା,୧୩।୮ (ସମିସ): ଓଡ଼ିଶା-ଛତିଶଗଡ ସୀମାନ୍ତ ଛତିଶଗଡ ରାଜ୍ୟ ମଇନପୁର ଥାନା ପଣ୍ଡରୀପାନି-ସିକାସର୍ ଗାଁ ଜଙ୍ଗଲରେ ମାଓବାଦୀମାନେ ମାଟି ତଳେ ପୋତିଥିବା ବିଭିନ୍ନ ଜିନିଷ ଜବତ ହୋଇଛି। ଆଇଇଡି ନିର୍ମାଣ ପାଇଁ ଥିବା ୬ଟି ପ୍ରେସର କୁକର, ଗୋଟିଏ କଲର ପ୍ରିଣ୍ଟର, ଔଷଧ, ମାଓବାଦୀ ସାହିତ୍ୟ ଆଦି ମିଳିଛି। ଛତିଶଗଡ ପୁଲିସ ଏ ସବୁ ଜବତ କରିଛି। ବିଶେଷ ସୂତ୍ରରୁ ସୂଚନା ପାଇ ଗରିଆବନ୍ଧ ଜିଲ୍ଲା ପୁଲିସ, ଇ-୩୦ ଓ ଡି-୬୨ ସିଆରପିଏ ମଇନପୁର ଥାନା ଅଞ୍ଚଳର ପଣ୍ଡରିପାନି-ସିକାସର ଗାଁ ନିକଟ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଏବେ ମଧ୍ୟ ସେହି ଅଞ୍ଚଳରେ କମ୍ବିଂ ଅପରେସନ ଜୋରଦାର କରାଯାଇଛି। ମାଓବାଦୀମାନେ ଏକ ବଡ



ଧରଣର ବିସ୍ଫୋରଣ କରିବାକୁ ଯୋଜନା କରୁଥିଲେ। ଏହି ଅଞ୍ଚଳ ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟକୁ ଲାଗି ରହିଛି ବୋଲି ଗରିଆବନ୍ଧ ଆଡିସନାଲ ଏସ୍‌ପି ଧୀରେନ୍ଦ୍ର ପଟେଲ ସୂଚନା ଦେଇଛନ୍ତି।

## ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ

କୋମନା,୧୩।୮ (ସମିସ): ନୂଆପଡା ଜିଲ୍ଲା କୋମନା ବ୍ଲକ୍ ପଣ୍ଡରାପଥରସ୍ଥିତ ମଦର ଟେରେସା ସେବା ସଂଗଠନ ତରଫରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଶତାଧିକ ଲୋକ ତ୍ରିରଙ୍ଗା ଧରି ଗାଁ ପରିକ୍ରମା କରିଥିଲେ। ମଦର ଟେରେସା ସଂଗଠକ ଶେଷଦେବ ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗଠନ କାର୍ଯ୍ୟକର୍ତ୍ତା ନିଲାମ୍ବର ରାଉତ, ତେଜୁରାମ ନାଏକ, ଫକୀର ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ଟେମ୍ପାମଣି ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଦେଓଳି



ନୂଆପଡ଼ା,୧୩।୮ (ସମିସ)

ନୂଆପଡା ଜିଲ୍ଲା ସଦର ବ୍ଲକ୍ କୁଲିଆବନ୍ଧା ଗ୍ରାମରେ ୨୫ତମ ଟେମ୍ପାମଣି ଫୁଟବଲ ଟୁର୍ଣ୍ଣାମେଣ୍ଟର ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ ହୋଇଛି। ଦେଓଳି ପଦ୍ମପୁର ଏବଂ ୧୧ ଷ୍ଟାର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ଦେଓଳି ପଦ୍ମପୁର ଦଳ ୩-୨ପେନାଲଟି ସୁଟ୍ ଆଉଟରେ ବିଜୟୀ ହୋଇଥିଲା। ସେହିଭଳି ଦଭା ଏବଂ କୁଲିଆବନ୍ଧା ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏଥିରେ କୁଲିଆ ବନ୍ଧା ଦଳ ୩-୦ଗୋଲ୍‌ରେ ବିଜୟ ଲାଭ କରିଥିଲା। ପ୍ରଥମ ସେମି ଫାଇନାଲରେ ଦେଓଳି ଦଳ କୁଲିଆ ବନ୍ଧା ଦଳଠାରୁ ୨-୦ଗୋଲରେ ଆଗୁଆ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଡ. ଶିବ ପ୍ରସାଦ ବେହେରା, ଓକିଲ ସଙ୍ଘ ସଭାପତି କ୍ଷିତୀଶ ଅଶୋକ ବୋଧଙ୍କର, ପ୍ରକାଶ ସ୍ୱାଇଁ, କୁଲିଆବନ୍ଧା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ବାରିକ, ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଘନଶ୍ୟାମ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଡେଇ, ଡିଆରସିଏସ ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହୀରାଲାଲ ପଟେଲ ଅଧକ୍ଷତା କରିଥିଲେ।। ଘନଶ୍ୟାମ ପଟେଲ, କୁମରମଣି ମହାନନ୍ଦ, ମାତରାମ ପଟେଲ, ଆଧାର ପଟେଲ, ରଞ୍ଜିତ ଗଉଡ଼, ଉଦେରାମ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ରେଫରୀ ଭାବେ ତପନ ଦାସ, ସଞ୍ଜନ କୁନ୍ଦେଇ, ଭୂପେନ୍ଦ୍ର ଗୋପାଳ, ଡୋଲାମଣି ବଗର୍ତ୍ତି ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଯୋଗ ଦେଇଛନ୍ତି। ୧୫ତାରିଖ ଦିନ ଫାଇନାଲ ଖେଳ ହେବ।

### ● ତୃତୀୟ ଦିନରେ ଅମଲା ସଂଘର ଆନ୍ଦୋଳନ

## ସମୂହ ଛୁଟି ବାତିଲ ପରେ ଆନ୍ଦୋଳନ ତୀବ୍ର ପାଇଁ ନିଷ୍ପତ୍ତି

ଭବାନୀପାଟଣା,୧୩।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ରୁ ରାଜସ୍ୱ ଅମଲାଗଣ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ବୁଧବାର ତୃତୀୟ ଦିନରେ ପହଞ୍ଚିଛି ଓଡିଶା ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ। ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ଥିବା ଯୋଗୁଁ କଳାହାଣ୍ଡି ଜିଲ୍ଲାରେ ଥିବା ସମସ୍ତ ରାଜସ୍ୱ ବିଭାଗୀୟ କାର୍ଯ୍ୟାଳୟଗୁଡିକରେ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏହାଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତୃତୀୟ ଦିନରେ ଜିଲ୍ଲା ଅମଲା ଭବନରେ ୩୦ଟି ଜିଲ୍ଲାର ଥିବା ଓଡିଶା ରାଜସ୍ୱ ଅମଲାମାନଙ୍କ ଏକ ଆଭାସୀ ବୈଠକ ହୋଇଥିଲା। ସେଥିରେ ରାଜ୍ୟ ସରକାରଙ୍କ ଦ୍ୱାରା ବାତିଲ କରାଯାଇଥିବା ସମୂହ ଛୁଟିକୁ ଘୋର ନିନ୍ଦା କରାଯାଇଛି। ସମୂହ ଛୁଟିରେ ଥାଇ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ବୋଲି ଓଡିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି କ୍ରମେ କଳାହାଣ୍ଡି ଜିଲ୍ଲା ରାଜସ୍ୱ ଅମଲା ସଂଘର ଉପ-ସଭାପତି ନୀଳକଣ୍ଠ ଗଉଡ ଓ ସମ୍ପାଦକ ଆଶୁତୋଷ ମିଶ୍ର ଏହା ପ୍ରକାଶ କରିଛନ୍ତି। ଜିଲ୍ଲା ଅମଲା ଭବନଠାରେ ଭବାନୀପାଟଣା ଓ ଧର୍ମଗଡ ଉପଖଣ୍ଡର ସୁନୀଲ କାନୁନଗୋ, ଲକ୍ଷ୍ମୀ ନାରାୟଣ ପୃଷ୍ଟି, କାଶୀନାଥ ଦଣ୍ଡସେନା, ବିଷ୍ଣୁ ଚରଣ ପାତ୍ର, ଅଜିତ ସାହୁ, ସୁଦୀପ୍ତ ରଞ୍ଜନ ସିଂ, ଚିନ୍ମୟୀ ଠାକୁର, ଲେଖାରାମ ଗହୀର ଓ ବିନାୟକ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ଜିଦ୍‌ରେ ରାଜସ୍ୱ ଅମଲା; ସରକାରୀ କାମ ପ୍ରଭାବିତ

କେସିଙ୍ଗା,୧୩।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜସ୍ୱ ଅମଲାମାନଙ୍କ ଆନ୍ଦୋଳନ ଚାଲିଛି। ଇତି ମଧ୍ୟରେ ଏହି ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କିନ୍ତୁ କୌଣସି ସମାଧାନର ବାଟ କଢ଼ାଯାଉନି। ଏଣୁ ଆନ୍ଦୋଳନ କେତେ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ତାହାର କୌଣସି ସୂଚନା ମିଳୁ ନାହିଁ। କେସିଙ୍ଗା ତହସିଲ କାର୍ଯ୍ୟାଳୟର ୭ ଜଣ ରାଜସ୍ୱ ଅମଲା ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତହସିଲ କାର୍ଯ୍ୟାଳୟରେ କେବଳ ଜମିବାଡ଼ି ରେଜିଷ୍ଟ୍ରେସନ ଛଡ଼ା କୌଣସି କାମ ହେଉନାହିଁ। ଜାତିଗତ ପ୍ରମାଣପତ୍ର, ମ୍ୟୁଟେସନ, ପଟା ବାହାରି ପାରୁ ନାହିଁ। କେସିଙ୍ଗା ମହିଳା ଶିଶୁ ବିକାଶ କାର୍ଯ୍ୟାଳୟରୁ ମଧ୍ୟ ଜଣେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ୩ ଦିନରେ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଲେଣି। ଯଦି ଆନ୍ଦୋଳନ ଯଥା ଶୀଘ୍ର ସମାପ୍ତ ନ ହେଲା ଆଗକୁ ପରିସ୍ଥିତ ଆହୁରି ଜଟିଳ ହେବ। ଏ ବିଷୟରେ କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁଙ୍କୁ ପଚାରିବାରୁ ଅମଲାମାନେ କାର୍ଯ୍ୟାଳୟର ମୁଖ୍ୟ। ସେମାନଙ୍କ ବିନା କାର୍ଯ୍ୟାଳୟ ଚାଲିବା ଅସମ୍ଭବ। ଏଣୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କହିଛନ୍ତି।

ସକାଳ
THE SAKALA



## ଫିରିଙ୍ଗିମାଲ ନାବାଳିକା ଆତ୍ମଦାହ ମାମଲା

# ପୀଡ଼ିତାଙ୍କ ପରିବାର ପାଇଁ କ୍ଷତିପୂରଣ ସହ ତଦନ୍ତ ଦାବି କଲା ବିଜେଡି

ବରଗଡ଼, ୧୩।୮ (ସମିସ)



ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଫିରିଙ୍ଗିମାଲ ଗାଁରେ ଘଟି ଯାଇଥିବା ନାବାଳିକାର ଆତ୍ମଦାହ ଓ ମୃତ୍ୟୁ ଘଟଣାରେ ବରଗଡ଼ ବିଜେଡି ଗଭୀର ଦୁଃଖ ପ୍ରକାଶ କରିଛି। ଏହାସହ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଫିରିଙ୍ଗିମାଲ୍ ଗସ୍ତ କରି ପୀଡିତାଙ୍କ ପରିବାର ବର୍ଗଙ୍କୁ ଭେଟି ଗ୍ରାମବାସୀଙ୍କୁ ଘଟଣା ସମ୍ବନ୍ଧରେ ପଚାରି ବୁଝିଛନ୍ତି। ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ହରିଶଙ୍କର ବେହେରା, ଉମା ଚରଣ ରାଉତ, ଅନୁପ ଶତପଥୀ, ବଳରାମ ସାହୁ, ଗଣେଶ ସାହୁ ପ୍ରମୁଖଙ୍କୁ ନେଇ ବିଜେଡି ପ୍ରତିନିଧି ମଣ୍ଡଳୀ ବିଭିନ୍ନ ଦାବି ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ବରଗଡ଼ ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଏସପି ଶିବ ପ୍ରସାଦ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଛି। ୧୩ ବର୍ଷର ନାବାଳିକାକୁ ପେଟ୍ରୋଲ ଢାଳି ଆତ୍ମଦାହ ପାଇଁ କିଏ ପ୍ରବର୍ତ୍ତାଇଲା, ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଦେବା ପାଇଁ ସରକାର ନିଷେଧ କରିଥିବା ବେଳେ ଦୋକାନୀ କାହା ପ୍ରରୋଚନାରେ ଓ କାହିଁକି ପେଟ୍ରୋଲ ଯୋଗାଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣା ପରେ ଜିଲ୍ଲା ପ୍ରଶାସନ, ଡିବ୍ଲ୍ୟୁଓ, ଡବ୍ଲ୍ୟୁଇଓ କାହିଁକି ଚୁପ୍ ରହିଛନ୍ତି ବୋଲି ଦାବିରେ ଦର୍ଶା ଯାଇଛି। ସାପ ଲହର ସେବାଶ୍ରମ ସ୍କୁଲର କର୍ମଚାରୀଙ୍କୁ କାହିଁକି ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ ପରିସର ଭୁକ୍ତ କରାଯାଇ ନାହିଁ, ପୀଡିତାଙ୍କ ଅନ୍ତିମ ବୟାନ ଟୁକେଲ (ଝିଅ)ଟେ କହିଲା ବୋଲି ଉଲ୍ଲେଖ କରୁଥିବା ଭିଡିଓ ଅନୁସାରେ ସେ ଟୁକେଲ (ଝିଅ )କିଏ? ପୁଲିସ ଆଇଜି ହିମାଂଶୁ ଲାଲ କାହା ଚାପରେ ଘରୋଇ ଟିଭି ଚାନେଲରେ ଘରୋଇ କଳହରୁ ଆତ୍ମହତ୍ୟା ବୋଲି କିପରି ସଫେଇ ଦେଲେ? ପୁଲିସ ଅଧିକାରୀ ଘଟଣାକୁ ବାଟବଣା କରି ଅପରାଧୀକୁ ଘଣ୍ଟ ଘୋଡାଇବାକୁ ଉଦ୍ୟମ କରୁ ନାହାନ୍ତି ତ? ଏହି ସବୁ ଘଟଣା ଗୁଡିକର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡିତା ପରିବାରକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ କ୍ଷତି

**ପରିବାରକୁ ୫୦ ଲକ୍ଷ ସହାୟତା ଦାବି**

ପୂରଣ ପ୍ରଦାନ କରାଯାଉ ବୋଲି ବିଜେଡି ପକ୍ଷରୁ ଦାବି ହୋଇଛି। ୫୦ ହଜାର ଟଙ୍କା ସହାୟତା ଦେଇ ପରିବାର ପ୍ରତି ଅବିଚାର କରାଯାଇଛି। ତା ସହ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଦାଦନ ଖଟିବାକୁ ଯାଇଥିବା ବାପା ଘରକୁ ଫେରି ପାରି ନାହାନ୍ତି। ସେ ବିଷୟରେ ବି ପ୍ରଶାସନ ପକ୍ଷରୁ ସହଯୋଗ କରାଯାଉ ବୋଲି ଦାବି ହୋଇଛି।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ପାଇକମାଲ, ୧୩।୮ (ସମିସ): ପାଇକମାଲ ଥାନା ପାଇକମାଲ କିଙ୍ଗ୍ସ ଢାବା ନିକଟରେ ବିଳମ୍ବିତ ରାତ୍ରିରେ ଏକ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ପାଇକମାଲ ବ୍ଲକ କଲ୍ଲାମାଲ ଗାଁର ଅନ୍ତ ସାହୁ (୬୧) ବୋଲି ଜଣାପଡ଼ିଛି। ଅନ୍ତ ସାହୁ ବରତୁଣ୍ଡା ବଜାରକୁ ବଳଦ ବିକ୍ରି କରିବା ପାଇଁ ଯାଇ ନିଜ ଘରକୁ ଫେରୁଥିଲେ। କିଙ୍ଗ୍ସ ଢାବା ନିକଟରେ ପାଇକମାଳ ପଟରୁ ବାଇକରେ ଆସୁଥିବା ପୁରେନା ଗାଁର ମହେନ୍ଦ୍ର ଧରୁଆ (୨୭) ଅନ୍ତକୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲେ। ଘଟଣା ସ୍ଥଳରେ ଅନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଖବର ପାଇ ପାଇକମାଳ ପୁଲିସ ଘଟଣା ସ୍ଥଳକୁ ଆସି ଶବକୁ ବ୍ୟବଚ୍ଛେଦ ନିମନ୍ତେ ପଦ୍ମପୁର ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ମହେନ୍ଦ୍ରକୁ ପୁରେନା ଗାଁରୁ ଗିରଫ କରିଥିଲା। ଏନେଇ ପାଇକମାଳ ଥାନା ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ଅଭିଯୁକ୍ତ ମହେନ୍ଦ୍ରକୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ପାଇକମାଳ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ସାମାନ୍ୟ ବର୍ଷାରେ ବରଗଡ଼ର ହାଲ୍ ବେହାଲ

● ଦୋକାନ ଭିତରକୁ ପଶିଲା ପାଣି

ବରଗଡ଼, ୧୩।୮ (ସମିସ): ବରଗଡ଼ ସହର ଦିନେ ସ୍ୱଚ୍ଛତାକୁ ନେଇ ସାରା ରାଜ୍ୟରେ ଦ୍ୱିତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲା। ହେଲେ ଅଳ୍ପ ଦିନ ଭିତରେ ସହରର ସମ୍ପୂର୍ଣ୍ଣ ଚିତ୍ର ବଦଳି ଯାଇଛି। ପୌର ପରିଷଦ, ନବ ନିର୍ବାଚିତ ବିଧାୟକଙ୍କ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ପଡୁନି। ସହରର ଭଟଲି ଛକ ଠୁଁ ଲମ୍ବା ବିଲ୍ଡିଂ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ପାଇଁ ଦୋକାନ ଘର ସମ୍ମୁଖ ଭଙ୍ଗା ଯାଇଛି। ମାତ୍ର ଭାଙ୍ଗିଲା ପରେ ପ୍ରଶାସନ ଆଉ ସଫା କରୁନାହିଁ। ଯଦ୍ୱାରା ଆଜି ସାମାନ୍ୟ ବର୍ଷାରେ ଦୋକାନ ଗୁଡ଼ିକ ଭିତରକୁ ପାଣି ପଶିଛି। ଦୋକାନୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭିଏସଏସ ନଗର ଛକ ଠୁଁ ଘୁଲିପାଲି ରାସ୍ତା ହେଉଛି ସହରର ଏକ ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତା ଜାତୀୟ ରାଜପଥକୁ ସଂଯୋଗ କରୁଛି। ଆଜି ସନ୍ଧ୍ୟାରେ ସାମାନ୍ୟ ବର୍ଷାରେ ଏହି ରାସ୍ତା ଉପରେ ଆଣ୍ଠୁଏ ପାଣି ଜମିଥିଲା। ସବୁ ଗଳିରୁ ନର୍ଦ୍ଦମା ପାଣି ଆସି ରାସ୍ତା ଉପରେ ଜମା ହୋଇଥିଲା। ଲୋକେ ରାସ୍ତାରେ ଆଣ୍ଠୁଏ ପାଣି ଭିତରେ ଯିବା ଆସିବା କରୁଥିବା ଦେଖା ଦେଇଥିଲା। ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର ଏ ବିଷୟରେ ଅବଗତ କରିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇ ପାରିନି ବୋଲି ଭିଏସଏସ ନଗର ବ୍ରାହ୍ମଣ ସମାଜ ସଭାପତି ଚଞ୍ଚଳ ମିଶ୍ର କହିଛନ୍ତି। ଆଗାମୀ ଦିନରେ ଏ ସମସ୍ୟାର ସମାଧାନ କରା ନ ଗଲେ ପଡ଼ାବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଝାରବନ୍ଧରେ ସାମୂହିକ ଔଷଧ ସେବନ ଅଭିଯାନ

ବରଗଡ଼, ୧୩।୮ (ସମିସ): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଅନୁସାରେ ଫାଇଲେରିଆ ନିରାକରଣ ପାଇଁ ଔଷଧ ସେବନ ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଯଶୋବନ୍ତ ମେହେରଙ୍କ ତତ୍ତ୍ୱାବଧାନରେ ସମଗ୍ର ବ୍ଲକରେ ଫାଇଲେରିଆ ନିରାକରଣ ଅଭିଯାନ ଅଧୀନରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଗକୁ ୮୩, ୦୦୦ ଲୋକଙ୍କୁ ଔଷଧ ସେବନ କରାଇବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ପିଏଚଇଓ ଅରୁଣ ଭୋଇ ଏବଂ ବିପିଏମ ପ୍ରଶାନ୍ତ ପ୍ରଧାନଙ୍କ ସଂଯୋଜନାରେ ଝାରବନ୍ଧ ବ୍ଲକର ୧୪ଟି ପଞ୍ଚାୟତର ଗାଁ, ସ୍କୁଲ, କଲେଜ ଏବଂ ବିଭିନ୍ନ ଅନୁଷ୍ଠାନରେ ଏହା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଫାଇଲେରିଆ ରୋଗର ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଉପରେ ଭିବିଡିଟିଏସ ସାନୁଜ୍ ଦାସ ଗୁରୁତ୍ୱାରୋପ କରିଥିଲେ। ଝାରବନ୍ଧ ବିଡିଓ ପ୍ରଥମେ ଔଷଧ ସେବନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଶା ଦିଦି ଏବଂ ଆଙ୍ଗନବାଡି କର୍ମୀଙ୍କ ସହାୟତାରେ ସ୍କୁଲ, କଲେଜ, ଅଫିସ୍ ଏବଂ ଘରକୁ ଘର ବୁଲି ଔଷଧ ସେବନ କରାଇବା କାର୍ଯ୍ୟକ୍ରମ ଜାରି ରହିଛି। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ମେହେର ସମସ୍ତ ଜନସାଧାରଣଙ୍କୁ ଔଷଧ ସେବନ କରି ଅଞ୍ଚଳକୁ ଫାଇଲେରିଆ ମୁକ୍ତ କରିବା ପାଇଁ ଅନୁରୋଧ କରିଛନ୍ତି।

● ପିଲାଙ୍କ ମାନସିକ ସ୍ଥିତି ପରଖିବାକୁ ନିଆରା ପଦକ୍ଷେପ

## ଜୀବନ କୌଶଳ ଶିକ୍ଷା ପାଇବେ ଛାତ୍ରଛାତ୍ରୀ

ବରଗଡ଼, ୧୩।୮ (ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁଙ୍କ ନେତୃତ୍ୱରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟ ମାନଙ୍କରେ ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଆମ୍ବାସାଡର ମାନଙ୍କ ଦ୍ୱାରା ଉଚ୍ଚ ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମାନସିକ ସୁସ୍ଥତା ସମ୍ପର୍କିତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଅନେକ ଜାଗାରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ଯୁବକ ଯୁବତୀଙ୍କ ମଧ୍ୟରେ ଆତ୍ମହତ୍ୟା ତଥା ଆତ୍ମଦାହ ପ୍ରବୃତ୍ତି ଜାତ ହେବା ସଙ୍ଗେ ସଙ୍ଗେ ଅନେକ ମୂଲ୍ୟବାନ ଜୀବନ ଚାଲିଯାଇଛି। ଏଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନର କଥା ଜାଣିବା ପାଇଁ ଶିକ୍ଷକ ମାନେ ଚେଷ୍ଟା କରିଥିଲେ। ଏହି କ୍ରମରେ ସିଆରସିସି ଶ୍ରୀ ସାହୁ ବୈତାଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କ ସହ ଭାବ ବିନିମୟ କରିଥିଲେ। ପିଲାମାନଙ୍କ ମଧ୍ୟରେ ମାନସିକ ଅବସାଦ, ଛାନିଆ ଭାବ, ସ୍କିଜୋଫ୍ରେନିଆ, ମାନିଆ ଆଦି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହା ପରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏବଂ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କିତ ଆଲୋଚନା ଏବଂ ହେଲ୍ପଲାଇନ ନମ୍ବର ସମ୍ବନ୍ଧରେ ପିଲାମାନଙ୍କୁ ଜଣାଇଥିଲେ। ଯେଉଁ ପିଲାମାନଙ୍କ ଏଭଳି କିଛି ଲକ୍ଷଣ ଦେଖାଯାଉଛି ସେମାନଙ୍କୁ ଉଚିତ ମାର୍ଗଦର୍ଶନ କରିବା ପାଇଁ ପ୍ରଧାନଶିକ୍ଷକ ମାନଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ବୈତାଳି ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ପଧାନ ସହଯୋଗ କରିଥିଲେ। ବୈତାଳି କ୍ଲଷ୍ଟରରେ ଶ୍ରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଯାହାମଧ୍ୟରେ ପୋକ୍ସୋ ମତାମତ ବାକ୍ସ ଅନ୍ୟତମ। ଏହାଛଡା ବିଦ୍ୟାଳୟକୁ ସୁରକ୍ଷିତ ରଖିବା ପାଇଁ ୪ ଟି ବିଦ୍ୟାଳୟରେ ସିସିଟିଭି କ୍ୟାମେରା ମଧ୍ୟ ଲଗାଯାଇଛି।

## ଚାଷୀଙ୍କ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ୪ ବିଧାୟକଙ୍କ ଆଲୋଚନା



ବରଗଡ଼, ୧୩।୮ (ସମିସ): ବରଗଡ଼ ଜିଲ୍ଲାର ସମସ୍ତ ବିଜେପି ବିଧାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଭେଟି ଜିଲ୍ଲାର ଚାଷୀ ପଞ୍ଜୀକରଣ ତଥା ଚାଷୀଙ୍କର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ଜିଲ୍ଲାର ଗୋଟିଏ ମଧ ଯୋଗ୍ୟ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହେବେ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ସହ ଚାଷୀ ଭାଇ ମାନଙ୍କୁ ଦଲାଲ ମୁକ୍ତ ମଣ୍ଡି କରିବା ପାଇଁ ସ୍ୱଷ୍ଟ ଆଭିମୁଖ୍ୟ ରଖିଛନ୍ତି। ବୈଠକରେ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ୱାସତ ମିଶ୍ର ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ମନୋଜ ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ସୁଭଦ୍ରା ଯୋଜନାରୁ ୨୬୬୫ ହିତାଧିକାରୀ ବଞ୍ଚିତ

ବରଗଡ଼, ୧୩।୮ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାର ମହିଳା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି। ରାକ୍ଷୀ ପୂର୍ଣ୍ଣିମା ଦିନ ତୃତୀୟ କିସ୍ତି ସୁଭଦ୍ରା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଆସିଛି। ହେଲେ ପାଞ୍ଚ ଏକରରୁ ଉର୍ଦ୍ଧ୍ୱ ଜମି ଦର୍ଶାଇ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରୁ ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକରେ ଆଦିବାସୀ ଓ ପଛୁଆ ବର୍ଗର ବହୁତ ପରିବାର ଅଛନ୍ତି। ବ୍ଲକରେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ମୋଟ ୨୨, ୭୧୨ ଜଣ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୧୮, ୯୫୩ ଜଣ ସୁଭଦ୍ରା ଟଙ୍କା ପାଇଛନ୍ତି। ସେହିଭଳି ୨୯୦୬ଟି ଆବେଦନ ରଦ୍ଦ ହୋଇଛି। ରଦ୍ଦ ଆବେଦନ ମଧ୍ୟରୁ ୨୬୫୬ଟି ଆବେଦନ ୫ ଏକରରୁ ଅଧିକ ଜମି ଥିବା ଦର୍ଶାଯାଇଛି। ବାକି ଯାନବାହନ, ଚାକିରିଆଙ୍କ ଆବେଦନ ବୋଲି କୁହାଯାଇଛି। ସୁଭଦ୍ରା ଯୋଜନାରେ ଯୋଗ୍ୟ ହିତାଧିକାରୀ ବୋଲି ଦର୍ଶାଇଥିବା ଆବେଦନକାରୀଙ୍କ ମଧ୍ୟରୁ ୫ ଏକରରୁ କମ ଜମି ଥିବା ରିପୋର୍ଟ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆସିଛି। ହେଲେ ସରକାରଙ୍କ ଠାରୁ କୌଣସି ଆଦେଶ ଆସୁ ନ ଥିବାରୁ ଜମି ସମ୍ବନ୍ଧୀୟ ଆବେଦନର ବିଚାର ହୋଇ ପାରୁନାହିଁ। ଏକ ଜିମାଳୀ ଜମିପଟ୍ଟା ୮ ଏକର ଜମି ଥିଲେ ମଧ ଏହି ଜମିପଟ୍ଟାରେ ଥିବା ଏକାଧିକ ହିତାଧିକାରୀ ମାନଙ୍କୁ ୫ ଏକରରୁ ଅଧିକ ଜମିର ମାଲିକ ବୋଲି କୁହାଯାଉଛି। କେମିତି ଏମିତି ଭୁଲ ତଥ୍ୟ ଅପଲୋଡ ହେଲା ତାହା ତଦନ୍ତ ସାପେକ୍ଷ। ଅନେକ ଯୋଗ୍ୟ ହିତାଧିକାରୀ ଭୁଲ ଜମି ତଥ୍ୟ ଯୋଗୁଁ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଛନ୍ତି। ଫଳରେ ଝାରବନ୍ଧ ବ୍ଲକରେ ମହିଳାଙ୍କ ମଧ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ୫ ଏକରରୁ କମ ଜମି ଥିବା ହିତାଧିକାରୀଙ୍କୁ ଅଧିକ ଜମି ଥିବା ଦର୍ଶାଇ ସୁଭଦ୍ରା ଯୋଜନାରୁ ବାଦ ଦିଆଯାଇଛି। ସେହି ହିତାଧିକାରୀ ମାନେ ସରକାରୀ ହିସାବରେ ସେମାନଙ୍କ ଅଧିକ ଥିବା ଜମିକୁ ଚିହ୍ନଟ କରି ପଟ୍ଟା ପ୍ରଦାନ କରିବା ପାଇଁ ଆବେଦନ କରିବାକୁ ସଜବାଜ ହେଉଛନ୍ତି। ୫ ଏକରରୁ କମ ଜମି ଥିବା ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ସୁଭଦ୍ରା ଟଙ୍କା ପ୍ରଦାନ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଛନ୍ତି।

**ଜମି ଭୁଲ ତଥ୍ୟରୁ ବାଦ୍ ପଡୁଛନ୍ତି**

**ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା**

# ଜାତୀୟ ପତାକାର ମାନ ରଖିବା ନାଗରିକଙ୍କ କର୍ତ୍ତବ୍ୟ







ବରଗଡ଼, ୧୩।୮ (ସମିସ)

ଝାରବନ୍ଧ ବ୍ଲକର କୁମୀର ଠାରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ନେତା ଗୋବର୍ଦ୍ଧନ ଭୁଏ, ବିଜେପି ନେତା ହରିହର ସାହୁ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ସାଗର ସାହୁ, ପଦ୍ମନ ରଣା, ପ୍ରଦ୍ୟୁମ୍ନ ସାହୁ, ଜୟନ୍ତ ଦୁଧେକା, ଫୁଲବାବୁ କୁମ୍ଭାର ପ୍ରମୁଖ ସାମିଲ ଥିଲେ। କୁମୀର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗାଁର ଜନସାଧାରଣ ମଧ୍ୟ ସାମିଲ ହୋଇଥିଲେ। ସେହିପରି ଡଭା ଠାରେ ମଧ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ଭୁଏ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ଚିନ୍ତାମଣି ରାଉତ, ଛୋଟ ଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ, ଡଭା କଲେଜର ଅଧ୍ୟାପକ ଦିଲ୍ଲୀପ ସାହୁ, ରଜତ ପ୍ରଧାନ, ପିଇଟି ଦୟାସାଗର ନାୟକ, ସଞ୍ଜୀବ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ଥିଲେ। ଉଭୟ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ବେଳେ ଗାଁ ପରିକ୍ରମା କରି ଭାରତ ମାତାର ଜୟ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା।

**ବରଗଡ଼:** 'ଆଜାଦୀ କା ଅମୃତ ମହୋତ୍ସବ' ତଥା 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ପ୍ରସାର ପ୍ରଚାର ପାଇଁ, ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଗାନ୍ଧୀଛକ ଠାରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର୍ ହୁସେନ, ଜିଲ୍ଲା ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ଏଇ ମିଶନ ସ୍କୁଲ ଚେୟାରମ୍ୟାନ ଯଶବୀର ସିଂ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ପୁଲିସ ଓ ଅବକାରୀ ବିଭାଗର କର୍ମଚାରୀ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ନେଇ ଦେଶାତ୍ମବୋଧକ ନାରା ଏବଂ ଗୀତ ଗାଇ ଶୋଭାଯାତ୍ରା କରିଥିଲେ। ପ୍ରତ୍ୟେକ ନାଗରିକଙ୍କୁ ଏହି ପବିତ୍ର ତ୍ରିରଙ୍ଗା ପ୍ରତି ସମ୍ମାନ ଓ ସୁରକ୍ଷାର ଭାବନା ରଖି ଏହି ଅଭିଯାନରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଗୋୟଲ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଥିଲେ।

**ପାଇକମାଳ:** ପାଇକମାଳ ମଣ୍ଡଳ ବିଜେପି ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରୁ ପଦଯାତ୍ରା ବାହାରି ପାଇକମାଳ ମୁଖ୍ୟ ଛକ ନିକଟରେ ପହଞ୍ଚିଥିଲା। ପଦଯାତ୍ରାରେ ବିଡିଓ ପ୍ରଫୁଲ୍ଲ ଓଦୁ ଅତିଥି ଭାବେ ଯୋଗ ଦେଇଥିଲେ। ୮୦୦ ଶହ ଛାତ୍ରଛାତ୍ରୀ, ସିଆରପିଏଫ୍, ଲାୟନ୍ସ କ୍ଲବ୍‌ର ସଦସ୍ୟ ଓ ପ୍ରଶାସନ କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ। ପଦଯାତ୍ରାରେ ୧୦୦ ମିଟର ଜାତୀୟ ପତାକାକୁ ନିଆଯାଇଥିଲା। ଛାତ୍ରଛାତ୍ରୀ ଘରେ ଘରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତ୍ରିରଙ୍ଗାର ମାନ ରଖିବା ଦେଶର ନାଗରିକଙ୍କ କର୍ତ୍ତବ୍ୟ ବୋଲି ବିଡିଓ ଶ୍ରୀ ଓଦୁ ବାର୍ତ୍ତା ଦେଇଥିଲେ। ମୁଖ୍ୟ ଛକରେ ଯମୁନା କନ୍ଧୁଣୀ ହାଇସ୍କୁଲର ଛାତ୍ରୀମାନେ ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ। ତ୍ରିରଙ୍ଗା ପଦଯାତ୍ରାରେ ପାଇକମାଳ ଜିଲ୍ଲା ପରିଷଦ ସଦସ୍ୟ ତଥା ଜମିଦାର ସୁରେନ୍ଦ୍ର ପ୍ରତାପ ସିଂ ବରିହା, ବିଜେପି ନେତା ଗୋବର୍ଦ୍ଧନ ଅଗ୍ରୱାଲ, କୈଳାସ ଦିଶ୍ରୀ, ସୁଶାନ୍ତ ନାଗ, ଆଶୁତୋଷ ସାହୁ, ରୋଷନ ପାଣିଗ୍ରାହୀ, ମହେଶ ଅଗ୍ରୱାଲ, ଟିନୁ ପୁରୋହିତ, ଯୋଗେନ୍ଦ୍ର ଭୋଇ, ବିକି ଅଗ୍ରୱାଲ, ସଞ୍ଜୟ ବେହେରା, ଅକ୍ଷୟ ସାହୁ, ଯତିନ ସାହୁ, ପିତବାସ ସାହୁ, ଇନ୍ଦ୍ରଜିତ ଭୋଇ, ଦିବ୍ୟ ହଂସ, ପର୍ଶୁରାମ ନାଏକଙ୍କ ସମେତ ଜନସାଧାରଣ ସାମିଲ ହୋଇଥିଲେ।

**ପଦ୍ମପୁର:** ଅଞ୍ଚଳ ମହାବିଦ୍ୟାଳୟ ଦ୍ୱାରା ପଦ୍ମପୁର ସହରରେ ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ମାର୍ଗଦର୍ଶନ ଏବଂ ନେତୃତ୍ୱରେ ବିଭିନ୍ନ ସମ୍ପ୍ରଦାୟ ଏବଂ ଅଞ୍ଚଳର ନାଗରିକମାନଙ୍କ ମଧ୍ୟରେ ଜାତୀୟ ଗର୍ବ ଏବଂ ଏକତାର ଭାବନା ସୃଷ୍ଟି କରିବା, ଦେଶପ୍ରେମ, ଜାତୀୟ ସଂହତି ଏବଂ ତ୍ରିରଙ୍ଗା ପ୍ରତି ସମ୍ମାନର ବାର୍ତ୍ତା ଉପରେ ଗୁରୁତ୍ୱାରୋପ କରିବା ଲକ୍ଷ୍ୟ ନେଇ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। କଲେଜ ପକ୍ଷରୁ ୧୦୦ ମିଟର ଲମ୍ବର ଏକ ଜାତୀୟ ପତାକା ସହିତ ୨୦୦ ଟି ତ୍ରିରଙ୍ଗା ପତାକା ମଧ୍ୟ ତିଆରି କରାଯାଇଥିଲା ଏବଂ ପଦ୍ମପୁରର ଟାଉନ ହଲରୁ ଆରମ୍ଭ କରାଯାଇ ସହର ବ୍ୟାପି ଏହି ଯାତ୍ରା ହୋଇଥିଲା। ପ୍ରାଧ୍ୟାପକ ତାରା ପ୍ରସାଦ ଶତପଥୀ, ପ୍ରଭାତ ମହାପାତ୍ର, ପ୍ରମୋଦ ତ୍ରିପାଠୀ, ନବକୃଷ୍ଣ ମିଶ୍ର, ସନ୍ତୋଷ ମିଶ୍ର, ପ୍ରମୋଦ ପାଣିଗ୍ରାହୀ, ଡ.ତୁଷାରକାନ୍ତ ସାହୁ, ଡ.ସୁବୋଧ ତ୍ରିପାଠୀ, ଝୁନୁ ପରିଡ଼ା, ଶର୍ମିଳା ପଣ୍ଡା, ଶର୍ମିଳା ପଣ୍ଡା, ସଞ୍ଜୟ ଟିଗା, ବାଲଗୋପାଳ ମେହେର, ବୁନି ସାହୁ ଏବଂ ସମସ୍ତ ଅଧ୍ୟାପକ ଅଧ୍ୟାପିକା, ପ୍ରାଧ୍ୟାପକ ପ୍ରଧ୍ୟାପିକା ଏବଂ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ କଟାବାହାଲରେ ଜିଲ୍ଲା ଜଳ ଓ ପରିମଳ ମିଶନ ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭିଷ୍ମଦେବ ମାଝୀଙ୍କ ନେତୃତ୍ୱରେ ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଅର୍ପିତା ପଣ୍ଡା ଓ ସମସ୍ତ ୱାର୍ଡ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କ ସହିତ ବିଡିଓ ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା ସହ ନିଜ ଗାଁକୁ ସଫାସୁତୁରା ରଖିବା ପାଇଁ ଅନୁରୋଧ କରିଥିଲେ। ବିଭିନ୍ନ ସ୍ଥାନରେ ସଫେଇ ସହିତ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିପିସି ଆରଏଚ ଅଭୟ ପ୍ରଧାନ, ବ୍ଲକ ରିସୋର୍ସ୍ କୋର୍ଡିନେଟର ଖିତିଶ ଚନ୍ଦ୍ର ପଟେଲ, ମାଷ୍ଟର ଟ୍ରେନର ତରିଣୀ ସେନ ମହଲା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତିକେଶ୍ୱର ବେହେରା, ରୀନା ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ। ପରେ ବିଡିଓ ଅଧିକାରୀ ମାନଙ୍କ ସହ କୁଲିଆରୀ ଗାଁରେ ପହଞ୍ଚିଥିଲେ। ଆରମ୍ଭ ହୋଇ ନଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅଧପନ୍ତରିଆ କାମ ଘର ଘର ବୁଲି ଦେଖିବା ସହ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ବିଦ୍ୟାଳୟକୁ ଯାଇ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ସହ ମଧ୍ୟାହ୍ନ ଭୋଜନ ତଦାରଖ କରିଥିଲେ।

# ମିଳୁନି ଝିଲି ସାହୁ, ପୁଲିସ୍‌କୁ ଲାଗିବ ଆଉ କେତେ ଦିନ?

ପାରଳାଖେମୁଣ୍ଡି,୧୩।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ଭିକ୍ଟରି କଲୋନୀରେ ବିଳମ୍ବିତ ରାତିରେ ବହୁ ସଂଖ୍ୟାରେ ମହିଳା ବହୁ ସମୟଧରି ହୋହାଲ୍ଲା କରୁଥିଲେ। ପାରଳାଖେମୁଣ୍ଡି ପୁଲିସର ଏକ ଦଳ ଝିଲି ସାହୁଙ୍କ ଘରେ ପଶି ତାଙ୍କୁ



ଖୋଜିଥିଲେ। ଝିଲି ସାହୁ ପାରଳାଖେମୁଣ୍ଡିରେ ବେଶ କିଛି ମାସ ହେବ ଚର୍ଚ୍ଚାରେ ରହିଛନ୍ତି। ଝିଲି ସାହୁ ବହୁ ମହିଳାଙ୍କ ଠାରୁ ଏକ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ମାମଲା ରୁଜୁ ହୋଇଛି । କିନ୍ତୁ ପୁଲିସ ହାତରେ ସେ ଏବଂ ତାଙ୍କ ପରିବାରବର୍ଗ ଧରା ପଡୁନାହାଁନ୍ତି । ଯାହାକୁ ନେଇ ଝିଲି ସାହୁଙ୍କ ଦ୍ୱାରା ଠକାମୀର ଶୀକାର ହୋଇଥିବା ମହିଳା ଉଦ୍‌ବେଗ ପ୍ରକାଶ କରିଛନ୍ତି । ଅନେକଥର ମହିଳା ଥାନା ଘେରଉ କରିବା ସହ ପ୍ରଶାସନର ମଧ ଦ୍ୱାରସ୍ଥ ହେଉଛନ୍ତି। ହେଲେ ଗତକାଲି ମଧାହ୍ନରେ ଝିଲି ଘରକୁ ଆସିଥିବା ଖବର ପାଇଠକାମୀର ଶିକାର ହୋଇଥିବା ମହିଳା ପୁଲିସକୁ ଖବର ଦେଇଥିଲେ। ପହଞ୍ଚି ପୁଲିସ୍ ପହଞ୍ଚି ଘରର ତାଲା ଭାଙ୍ଗି ଖୋଜାଖୋଜି କରିଥିଲା। କିନ୍ତୁ ସେ ଘରେ ନଥିଲେ। ଶେଷରେ ଠକାମିର ଶିକାର ମହିଳା ଝିଲିଙ୍କ ଘରେ ଭଡ଼ାରେ ଥିବା ଭଡାଟିଆଙ୍କୁ ତଦନ୍ତରେ ସାମିଲ କରିବାକୁ ଦାବିରେ କରିଥିଲେ। ପ୍ରକାଶ ଥାଉକି ଏହି ମାମଲାରେ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ଥିବାରୁ ତଦନ୍ତରେ ଶୀଥିଳତା ପ୍ରକାଶ ପାଉଥିବା ଠକାମୀର ଶିକାର ମହିଳା ଅଭିଯୋଗ କରିଛନ୍ତି ।

## ଆରମ୍ଭ ହେଉନି 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା

# ନେଟୱାର୍କ ଚାଲିଗଲେ ସରକାରୀ କାର୍ଯ୍ୟ ଠପ୍

ଗୁମ୍ମା,୧୩।୮ (ସମିସ): ଡିଜିଟାଲ ଯୁଗରେ ସରକାର ଇଣ୍ଟରନେଟ ସେବାକୁ ପ୍ରାଧାନ୍ୟ ଦେଉଥିବାବେଳେ ମୋବାଇଲ ଟାୱାର କାର୍ଯ୍ୟକ୍ଷମ କରୁ ନ ଥିବା ଏବେ ଚିନ୍ତାର ବିଷୟ ହୋଇଛି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମାରେ ଥିବା ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏମ୍) ମୋବାଇଲ ଟାୱାର ଦୀର୍ଘ ମାସ ଧରି ଇଣ୍ଟରନେଟ ସେବା ଯୋଗେଇବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି। ଗୁମ୍ମା ବ୍ଲକ ସଦର ମହକୁମାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବ୍ଲକ, ତହସିଲ, ସ୍ୱାସ୍ଥ୍ୟକେନ୍ଦ୍ର, ଅଗ୍ନିଶମ ବିଭାଗ, ବ୍ୟାଙ୍କ ଓ ଜନସେବା କେନ୍ଦ୍ର ରହିଛି। ବିଏସ୍‌ଏନ୍‌ଏଲ୍ ଉପରେ ସମସ୍ତ ସରକାରୀ କାର୍ଯ୍ୟ ପରିଚାଳନା ହେବାସହ ରାସନଚାଉଳ ବଣ୍ଟନ ଓ ଭତ୍ତା ବଣ୍ଟନ ସମୟରେ ବାୟୋମେଟ୍ରିକ ସେବାରେ ସମସ୍ୟା ସୃଷ୍ଟି ହେଉଛି। ଏହି ଟାୱାର ଅଚଳ ହେଲେ ଲିଙ୍କ ଥିବା ବି.କଳାକଟ ସ୍ଥିତ ବିଏସଏନଏଲ



ମୋବାଇଲ ଟାୱାର ମଧ ଅଚଳ ହୋଇପଡୁଛି। ଦୀର୍ଘମାସ ଧରି ଗୁମ୍ମା, ବି.କଳାକଟ, ରେଗିଡ଼ି, ତୋରଭା ଓ ମୁନୁସିଁ ଆଦି ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ ବିଦ୍ୟୁତ କାଟ୍ ହେବା ସଙ୍ଗେସଙ୍ଗେ ବିଏସ୍‌ଏନ୍‌ଏଲ ମୋବାଇଲ ଟାୱାର ଅଚଳ ହୋଇପଡୁଛି। ପରେ ସପ୍ତାହେ ଧରି ସେବା ବନ୍ଦ ହୋଇଯାଉଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମାନତ ଶବର, ଯୁବରାଜ ମାର୍ଜି, ସୁବାସିନୀ ରଇତ, ସିପାରୁ ଶବର, ଗସାରୁ ଗମାଙ୍ଗ ଓ ଡାନିଏଲ ଗମାଙ୍ଗ କହିଛନ୍ତି। ଏନେଇ ଗୁମ୍ମା ସ୍ଥିତ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ଠାରେ ବେଟେରୀ ଓ ଡିଜେ ଖରାପ ଅଛି ନୂତନ ବେଟେରି ଆସିବା ପରେ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ବିଭାଗୀୟ ଅଧିକାରୀ ଡିଜିଏମ୍ କହିଛନ୍ତି।

# ଖମ୍ବ ଅଛି; ବିଜୁଳି ଗାଏବ୍



ଗୁମ୍ମା,୧୩।୮ (ସମିସ): ରାଜ୍ୟରେ ନାରୀ ନିର୍ଯାତନା, ଲୁଟ, ଡକାୟତି ଓ ରାହାଜାନୀ ବୃଦ୍ଧି ପାଇବାରେ ଲାଗିଛି। ଏସବୁ ଦିଗକୁ ଦୃଷ୍ଟିରେ ରହି ସରକାର ସହରଠାରୁ ଗାଁ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଦୀପତଳ ଅନ୍ଧାର ପରି ଗୁମ୍ମା ସଦର ମହକୁମା କୁତାମ ଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଖମ୍ବଅଛି କିନ୍ତୁ ବିଜୁଳି ଗାଏବ ହୋଇଯାଇଛି। ସୂଚନା ଅନୁଯାୟୀ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍ ଅଧୀନ ଗୁମ୍ମା ପଞ୍ଚାୟତର ମୁଖ୍ୟ ରାସ୍ତା କଡ଼ରେ ଦୀର୍ଘ ମାସ ଧରି ଷ୍ଟ୍ରିଟ୍‌ଲାଇଟ ଜଳୁ ନ ଥିବା ଅଭିଯୋଗ ହୋଇଛି। ଗୁମ୍ମା ପଞ୍ଚାୟତର ସାମ୍ନା ବିଦ୍ୟୁତ ଖମ୍ବରେ ମଧ ରାତି ହେଲେ ଲାଇଟ ଜଳୁ

**ସଞ୍ଜ ନଇଁଲେ ଅନ୍ଧାର ମାଡ଼ି ଆସୁଛି**

ନ ଥିବା ଏବେ ଚିନ୍ତାର କାରଣ ହୋଇଛି। ଅପରପକ୍ଷରେ ଗୁମ୍ମା ପଞ୍ଚାୟତ ମୁଖ୍ୟ ରାସ୍ତାକଡ଼ରେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଗୁମ୍ମା ପାଣ୍ଡି, ବାଳିକା ଆବାସିକ ବିଦ୍ୟାଳୟ, ବ୍ୟାଙ୍କ, ଏଟିଏମ୍ ଏବଂ ମୁଖ୍ୟ ଦୋକାନ ବଜାର ରହିଛି। ରାତି ହେଲେ ଉକ୍ତ ରାସ୍ତା ଦେଇ ଯିବା ଆସିବା କଷ୍ଟକର ହେବା ସହ କୌଣସି ପ୍ରକାର ଅଘଟଣ ଭୟ ଲାଗୁଥିବା ପ୍ରୀତମ ପାଳ,ଏଜିକିଏଲ ଶବର, ଅଜୟ ବଡ଼ ନାୟକ, ବାବୁନା ଜେନା, ଦାନିଏଲ ଲିମ୍ମା, ସିପାରୁ ଶବର, ପ୍ରଦୀପ ଦଳାଇ ଓ ସନ୍ତୋଷ କୁମାର ଦଣ୍ଡସେନା ଅଭିଯୋଗ କରିଛନ୍ତି। ଅନ୍ଧାରର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏପରିକି କିଛି ଚୋରି ଘଟଣା ହୋଇଛି। ଏଥିନେଇ ପୁଲିସରେ ବି ଅଭିଯୋଗ ହୋଇଛି। ରାତ୍ରି ପାଟ୍ରୋଲିଂ ସମୟରେ ମଧ ପୁଲିସ କର୍ମଚାରୀ ରାସ୍ତା ଅନ୍ଧାର ଥିବା ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା କହିଛନ୍ତି। ଦୀପ ତଳ ଅନ୍ଧାର ଭଳି ଗୁମ୍ମା ବ୍ଲକ କାର୍ଯ୍ୟାଳୟର ଅତି ନିକଟରେ ଏପରି ସମସ୍ୟା ଦେଖା ଦେବା ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଏନେଇ ଗୁମ୍ମା କାର୍ଯ୍ୟନିର୍ବାହୀ ଅଧିକାରୀଣୀ ଉର୍ବଶୀ ପାଣିଙ୍କୁ ଯୋଗାଯୋଗ ପରେ ମଧ କୌଣସି ଉତ୍ତର ମିଳିନାହିଁ।

# 'ହର୍ ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ଯବାନଙ୍କୁ ସମ୍ବର୍ଦ୍ଧନା

ଫୁଲବାଣୀ,୧୩।୮ (ସମିସ): ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ବୁଧବାର ସେନାବାହିନୀର ଯବାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) କୁଶଳ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେନାବାହିନୀ ଯବାନ ଓ ସୁରକ୍ଷା କମର୍ଚାରୀଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ସେମାନଙ୍କୁ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଭୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଇନ୍ସପେକ୍ଟର ବୀରସିଂ ଶବର, ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ନାୟକ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ସଞ୍ଜୟ ପାତ୍ର, ସରଜେଣ୍ଟ ବିବେକାନନ୍ଦ ନାୟକ, ପୁଲିସ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁନ୍ତଳା କୁମାରୀ ତ୍ରିପାଠୀ, ସେନା ବାହିନୀ ଯବାନ, ସୁରକ୍ଷା କର୍ମଚାରୀ, ଗାଇଡ ଶିକ୍ଷକ, ଶାରୀରିକ ଶିକ୍ଷା ଶିକ୍ଷକ, ଏନ. ସିସି, ସ୍କାଉଟ୍ ଗାଇଡ୍ ଓ ବିଭିନ୍ନ ଶତାଧିକ ବିଦ୍ୟାଳୟ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



# ନିମ୍ନମାନର ରାସ୍ତା ନିର୍ମାଣ ନେଇ ଅସନ୍ତୋଷ



ପାରଳାଖେମୁଣ୍ଡି,୧୩।୮ (ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍ ନାମନଗଡ଼ରୁ ପାରଳାଖେମୁଣ୍ଡି ୧୦ କିମି ରାସ୍ତା ନିର୍ମାଣରେ ସରକାରୀ ନିୟମକୁ ଫୁ' କରାଯାଇଛି। ସ୍ୱଳ୍ପବର୍ଷାରେ ନିର୍ମାଣଧୀନ ରାସ୍ତାରେ ୨୫ରୁ ଊର୍ଦ୍ଧ୍ୱ କଲଭର୍ଟ ନିମ୍ନମାନର ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ ହେଉଛି। କିନ୍ତୁ ନିର୍ମାଣ ବେଳେ ଯନ୍ତ୍ରୀ କିମ୍ବା ଠିକାଦାରଙ୍କ ଦେଖାମିଳୁନି। ଏହି କାରଣରୁ ଅତି ନିମ୍ନମାନର କାମ ହୋଇଛି। କଲଭର୍ଟ ଗୁଡ଼ିକରେ ବ୍ୟବହାର ହ୍ୟୁମ୍ ପାଇପକୁ ସିମେଣ୍ଟରେ ସଠିକ ଭାବେ ସଂଯୋଗ କରାଯାଇ ନାହିଁ। ଏପରିକି କେଉଁଠି କଲଭର୍ଟ କାନ୍ଥଗୁଡ଼ିକ ଦବି ଯାଇଛି ତ ଆଉ କେଉଁଠି କଲଭର୍ଟରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ହ୍ୟୁମ ପାଇପଗୁଡ଼ିକ ବାହାରକୁ ଦିଶୁଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସତାସୁତୁରା କାରଣରୁ ଏପରି ନିମ୍ନମାନର କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ଅଞ୍ଚଳବାସୀ ରାସ୍ତା ନିର୍ମାଣ ପାଇଁ ଦାବି କରିବା ପରେ ଶେଷରେ ଟେଣ୍ଡର ହୋଇଥିଲା। କିନ୍ତୁ ବର୍ତ୍ତମାନର ନିର୍ମାଣକୁ ଦେଖି ଲୋକଙ୍କ ମଧ୍ୟରେ ଅସନ୍ତୋଷ ଆନ୍ଦୋଳନର ଦାନା ବାନ୍ଧୁଛି। ଏ ସମ୍ପର୍କରେ ଗଜପତି ଜିଲ୍ଲା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିସେଖ ସେଠୀଙ୍କୁ ପଚାରିବାରୁ ନିର୍ମାଣ ସଠିକ ହୋଇ ନ ଥିଲେ ପୁଣି ନିର୍ମାଣ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି।

# ବ୍ରାହ୍ମଣୀଗାଁରେ ତ୍ରିରଙ୍ଗା ଶୋଭାଯାତ୍ରା



ବ୍ରାହ୍ମଣୀଗାଁ,୧୩।୮ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସ୍ଥିତ ବ୍ରାହ୍ମଣୀଗାଁସ୍ଥିତ ଋଷିମାଳ ମହାବିଦ୍ୟାଳୟ ତରଫରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ.ଭାସ୍କର ଚରଣ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ସମଗ୍ର ସହର ପରିକ୍ରମା କରିଥିଲା। ଏହି କର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସେମାନେ ହାତରେ ତ୍ରିରଙ୍ଗା ପତକା ଧରି ବିଭିନ୍ନ ସ୍ଲୋଗାନ ଦେଇ ଶୋଭା ଯାତ୍ରାରେ ଯାଇଥିଲେ। ୫୦ ମିଟର ଲମ୍ବ ଓ ସାଢ଼େ ୪ ମିଟର ଓସାରର ଏକ ତ୍ରିରଙ୍ଗା ପତକା ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ବର୍ତ୍ତମାନ ପରିସ୍ଥିତିରେ ବହୁ ମୂଲ୍ୟ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ଏକତା ଓ ତ୍ୟାଗ ରହିବା ଜରୁରୀ ବୋଲି ମତ ପ୍ରକାଶ କରାଯାଇଥିଲା।

# ବିଶ୍ୱ ଅଙ୍ଗଦାନ ଦିବସ ପାଳିତ

ପାରଳାଖେମୁଣ୍ଡି,୧୩।୮ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଗଜପତି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଶ୍ୱ ଅଙ୍ଗ ଦାନ ଦିବସ ପାଳିତ ହୋଇଛି। ରାଜ୍ୟସ୍ତରୀୟ ସିଧା ପ୍ରସାରଣ କାର୍ଯ୍ୟକ୍ରମ ମାଧମରେ ଏହି ଦିବସ ପାଳିତ ହୋଇଛି। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି



ମାଝୀ ଯୋଗ ଦେଇଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ମହମ୍ମଦ ମୁବାରକ ଅଲ୍ଲୀ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାର ପୂର୍ବରୁ ପାରଳାଖେମୁଣ୍ଡି ସେରୀ ସାହିର ସ୍ୱର୍ଗତ ନରସିଂହ ପ୍ରସାଦ ମହାରଣା, ତେଲି ଗୌଡ଼ ସାହି ସ୍ୱର୍ଗତ କେ.ନରେଶ ପଟ୍ଟାୟକ, ପାଟିକୋଟା ଗ୍ରାମର ସ୍ୱର୍ଗତ ପଣ୍ଡାଇ ଶବର ଓ ରାୟଗଡ଼ ବ୍ଲକ ସନତୁଣ୍ଡି ଗ୍ରାମର ସ୍ୱର୍ଗତ ଅରୁଣ ଭୂୟାଁ ଅଙ୍ଗଦାନ କରି ଅନ୍ୟମାନଙ୍କୁ ନୂଆ ଜୀବନ ଦେଇଥିବାରୁ ସେମାନଙ୍କ ପରିବାରବର୍ଗଙ୍କୁ ରାଜ୍ୟ ସରକାରଙ୍କ ଆଦେଶ ମୁତାବକ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରଜ ପୁରସ୍କାର ଦିଆଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି । ସହକାରୀ ଜିଲ୍ଲାପାଳ ଜଗନ୍ନାଥ ପାଢ଼ୀଙ୍କ ସମେତ ଜିଲ୍ଲା ଜରୁରକାଳୀନ ବିଭାଗ କର୍ମଚାରୀ ଓ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। କିନ୍ତୁ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଟ ଗ୍ରାମର ସ୍ୱର୍ଗତ ଲେଙ୍କା ରାବଣାମ୍ମା ମଧ ଚଳିତ ମାସର ପ୍ରଥମ ସପ୍ତାହରେ ମୃତ୍ୟୁ ପରେ ତାଙ୍କ ପରିବାରବର୍ଗ ରାବଣାମ୍ମାଙ୍କ ଅଙ୍ଗଦାନ କରାଇଥିଲେ । ହେଲେ ପ୍ରଶାସନ ଓ ସରକାର ନା ତାଙ୍କ ନାମ ସାମିଲ କରାଯାଇ ନଥିବାବେଳେ ତାଙ୍କ ପରିବାରବର୍ଗଙ୍କୁ ପୁରସ୍କୃତ କରାଯାଇନାହିଁ।

# 'ସ୍ୱଚ୍ଛ ଦାରିଙ୍ଗବାଡ଼ି ସବୁଜ ଦାରିଙ୍ଗବାଡ଼ି'



ଦାରିଙ୍ଗବାଡି,୧୩।୮ (ସମିସ): ବିଡିଓ ପ୍ରୀତିରଞ୍ଜନ ରଥଙ୍କ ନେତୃତ୍ୱରେ ସ୍ୱଚ୍ଛ ଦାରିଙ୍ଗବାଡ଼ି ସବୁଜ ଦାରିଙ୍ଗବାଡ଼ି ଉଦ୍ୟମ ଆରମ୍ଭ ହୋଇଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ପଞ୍ଚାୟତରେ ୨୨ ୱାର୍ଡ ରହିଥିବାବେଳେ ସଫେଇ କରିବା ପାଇଁ ୧୨ ଜଣ ସ୍ୱଚ୍ଛସାଥୀଙ୍କୁ ନିଯୁକ୍ତି ଦିଆଯାଇଛି। ବିଡିଓଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ପୂର୍ବରୁ ଅନେକ ଅଭିଯୋଗ ପରେ ମଧ ଏଭଳି ପଦକ୍ଷେପ କୌଣସି ଅଧିକାରୀ ନେଇ ନ ଥିବା ବେଳେ ବିଡିଓ ଶ୍ରୀରଥ ସ୍ୱଚ୍ଛ ଦାରିଙ୍ଗବାଡି ସବୁଜ ଦାରିଙ୍ଗବାଡି ଲକ୍ଷ୍ୟ ପୂରଣ କରିବା ନିମନ୍ତେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ବୁଧବାର ଦିନ ସଫେଇ ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଏହାର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ବିଡିଓଙ୍କ ସମେତ ସହକାରୀ ନିର୍ବାହୀଯନ୍ତ୍ରୀ ସଞ୍ଜୟ ରଥ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ କୁମାର ରଥ, କନିଷ୍ଠଯନ୍ତ୍ରୀ ଧୀରେନ ସେଠୀ ଓ ଦାରିଙ୍ଗବାଡି ସରପଞ୍ଚ ଚନ୍ଦ୍ରିକା ମଲିକ ଉପସ୍ଥିତ ଥିଲେ ।

# ୩ କାଜୁ ଚୋର ଗିରଫ, ଅଟୋ ଜବତ

ଗୋଷାଣି,୧୩।୮ (ସମିସ): ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ଅଧୀନ ବୋମିକା ଗ୍ରାମରେ



ଥିବା ଏକ କାଜୁ ଫ୍ୟାକ୍ଟ୍ରିରୁ କାଜୁ ଚୋରି କରି ତିନି ଚୋର ଗିରଫ ହୋଇଛନ୍ତି। ବୋମିକା ସ୍ଥିତ ରାଉତ ମନ୍ମଧରାଓଙ୍କ କାଜୁ ଫେକ୍ଟ୍ରିରୁ ୨୦ ବସ୍ତା କାଜୁ ଗତକାଲି ଚୋରି ହୋଇଥିଲା । ଯାହାକୁ ନେଇ ଶ୍ରୀ ରାଓ ଗୁରାଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗୁରାଣ୍ଡି ପୁଲିସ୍ ତନାଘନା ଆରମ୍ଭ କରିଥିଲା । ଏନେଇ ଏକ ମାମଲା ରୁଜୁକରି ପୁଲିସ ବିଭିନ୍ନ ସ୍ଥାନରେ ଖାନ୍‌ତଲାସ କରିଥିଲା। ପୁଲିସ ତଦନ୍ତ କରି ଚୋରିରେ ସାମିଲ ସାତମାଇଲ ଗ୍ରାମର ବାପି ମୂଳୀ, ତ୍ରିପୁରାସୁନ୍ଦରୀ ଗ୍ରାମର ସୁଜିତ ପାଣି ଓ ସିମନ ମିଶାଲଙ୍କୁ ଗିରଫ କରିବା ସହ ଚୋରିରେ ବ୍ୟବହୃତ ଅଟୋକୁ ଜବତ କରିଛି। ୨୦ ବସ୍ତା କାଜୁ ଚୋରି ହୋଇଥିବାବେଳେ ପୁଲିସ ୧୨ ବସ୍ତା ତଥା ୬୦୦ କିଲୋ କାଜୁ ଜବତ କରିବାରେ ସଫଳ ହୋଇଛି। ପୂର୍ବରୁ ମଧ ବାପିମୂଳୀ ସାତମାଇଲ ଗ୍ରାମର ଏକ ଦୋକାନରୁ ଟଙ୍କା ଚୋରି କରି ଗିରଫ ହୋଇଥିଲା।

# ଘନ କୁହୁଡ଼ି ସୃଷ୍ଟି କରୁଛି ଶୀତଋତୁର ଭ୍ରମ

ମୋହନା,୧୩।୮ (ସମିସ): ଗଜପତି ଜିଲ୍ଲା ମୋହନା ଏବଂ ଆଖପାଖ ଅଞ୍ଚଳରେ ବୁଧବାର ସକାଳେ ଘନ କୁହୁଡି ଦେଖିବାକୁ ମିଳିଥିଲା। ମୋହନା ସମେତ ଚାନ୍ଦିପୁଟ, ଚନ୍ଦ୍ରଗିରି, ମହେନ୍ଦ୍ରଗଡ଼, ଛେଳିଗଡ଼, ଆର.ଉଦୟଗିରି, ଖଜୁରୀପଦା, ରାୟଗଡ଼ ଆଦି ଅଞ୍ଚଳରେ ସକାଳର କୁହୁଡି ଶୀତଋତୁର ଭ୍ରମ ସୃଷ୍ଟି କରିଥିଲା। ସିନ୍ଦୁରା ଫାଟିବାରୁ ଆରମ୍ଭ କରି ସକାଳ ୯ ଘଣ୍ଟା ପର୍ଯ୍ୟନ୍ତ ଘନ କୁହୁଡି ଯୋଗୁଁ ମୋହନା -ପାରଳାଖେମୁଣ୍ଡି ଏବଂ ମୋହନା ବ୍ରହ୍ମପୁର ଜାତୀୟ ରାଜପଥରେ ଯାତାୟାତରେ ଗାଡ଼ି ଚାଳକ



ଗାଡ଼ି ଚଳାଇବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେଉ। ଲଘୁଚାପ ପ୍ରଭାବରୁ ଏଭଳି ପାଗରେ ପରିବର୍ତ୍ତନ ହୋଇଥିବା ଅନୁମାନ କରାଯାଉଥିବା ବେଳେ ପ୍ରକୃତି ଚପ୍ରେମୀ

**ଯାତାୟାତ ବାଧାପ୍ରାପ୍ତ**

ଏବଂ ପର୍ଯ୍ୟଟକ କିନ୍ତୁ ପ୍ରାତଃ ଭ୍ରମଣକରି ଏହି ଘନ କୁହୁଡିର ମଜା ନେଉଛନ୍ତି ।

# ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ଶିକ୍ଷକ ଗିରଫ

ମୋହନା, ୧୩।୮ (ସମିସ): ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ଗଜପତି ଜିଲ୍ଲା ଅଡ଼ବା ପୁଲିସ ଜଣେ ସହକାରୀ ଶିକ୍ଷକଙ୍କୁ ଗିରଫ କରିଛି। ଗିରଫ ଶିକ୍ଷକ ଜଣକ ହେଲେ ଆଲିଗଣ୍ଡା ଗ୍ରାମର ପ୍ରତାପ ନାୟକ। ପ୍ରତାପ ୨୦୦୮ ମସିହାରୁ ଶିକ୍ଷକତା କରୁଛନ୍ତି। ବର୍ତ୍ତମାନ ସେ ମୋହନା ବ୍ଲକ୍ ନୂଆଖଜୁରୀପଦା ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ। ୨୦୧୧ରେ ଅଡ଼ବା ଥାନା ଅନ୍ଧାରିଘାଟି ରେ ଯବାନଙ୍କୁ ଟାର୍ଗେଟ କରି ମାଓବାଦୀଙ୍କ ବ୍ରିଜ୍ ବିସ୍ଫୋରଣ ଏବଂ ୨୦୧୩ ମସିହା



ଭାଲିଆଗୁଡା ନକ୍ସଲ ଏନ୍‌କାଉଣ୍ଟର ମାମଲାରେ ସେ ସମ୍ପୃକ୍ତ ଥିବା ପୁଲିସ ପ୍ରମାଣ ପାଇଥିଲା। ମାଓ ସଂଗଠନରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ତେବେ ଏନେଇ ପୁଲିସ କିମ୍ବା ନ୍ୟାୟାଳୟରୁ କୌଣସି ସୂଚନାପତ୍ର ଆସି ନ ଥିବା ଏବଂ ସୂଚନା ଆସିଲା ପରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୋହନା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

## ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

# ଠିକାଦାରଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ

ମୋହନା,୧୩।୮ (ସମିସ)

ଦୁର୍ଗମ ଅଞ୍ଚଳକୁ ପକ୍କା ରାସ୍ତା ସଂଯୋଗୀକରଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କିଛି ସ୍ଥାନରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଠିକାଦାରଙ୍କ ମନମାନୀ ପାଇଁ ଠିକ୍ ଢଙ୍ଗରେ ହୋଇପାରୁନି ରାସ୍ତା ନିର୍ମାଣ କାମ। ରାସ୍ତା ନିର୍ମାଣ କାର୍ଯ୍ୟରେ ଅନେକ ବ୍ୟତିକ୍ରମ ଏବଂ ଅନିୟମିତତା ପରିଲକ୍ଷିତ ହେଉଛି। ଗଜପତି ଜିଲ୍ଲା ମୋହନା ବ୍ଲକ କାର୍ଯ୍ୟାଳୟ ଠାରୁ ଆନ୍ତରବା ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ନିର୍ମାଣ ବିଭାଗ ରାସ୍ତାକୁ ସମ୍ପ୍ରସାରଣ ସହ ନୂତନ ରାସ୍ତା ନିର୍ମାଣ ପାଇଁ ମୋହନା ପୂର୍ତ୍ତ ବିଭାଗକୁ ବର୍ଷକ ପୂର୍ବେ ଦାୟିତ୍ୱ ମିଳିଥିଲା। ମୋହନା



ଠାରୁ ଡେଙ୍ଗାମା ଛକ ୧୨ କିଲୋମିଟର ରାସ୍ତା ନିର୍ମାଣ ପାଇଁ ମୋଟ ୧୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା ଏବଂ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ବର୍ତ୍ତମାନ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଠିକାଦାର ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ନିଜ ମନମୁତାବକ ନିର୍ମାଣ କାର୍ଯ୍ୟ ଜାରି ରଖିଥିବା ବେଳେ ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ କରିଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ରାସ୍ତା ନିର୍ମାଣ ହୋଇଥିବା କଲ୍‌ଭର୍ଟ ଗୁଡିକରେ ଗାର୍ଡୱାଲ୍ ଠିକ ଭାବେ ଦିଆଯାଇନାହିଁ। ଫଳରେ ନୂତନ ଭାବେ ନିର୍ମାଣ ହୋଇଥିବା ରାସ୍ତା ପ୍ରତି ଏହା ବିପଦ ସୃଷ୍ଟି କରିଛି। ଠିକ ଭାବେ ପିଚୁ ଢଳାଇ କାର୍ଯ୍ୟ ହେଉ ନ ଥିବା ବେଳେ ନୂତନ ଭାବେ ପକାଯାଇଥିବା ପିଚୁ ସ୍ଥାନେ ସ୍ଥାନେ ଦବିଗଲାଣି। ରାସ୍ତା ମଧ୍ୟରେ ସ୍ଥାନେ ସ୍ଥାନେ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର କରାନଯାଇ ପିଚୁ ମଧ ଢଳାଇ କରାଯାଇଛି। ଅନ୍ୟପଟେ ରାସ୍ତା ମଝିରେ ବିଭିନ୍ନ ସ୍ଥାନରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ତାର ରାସ୍ତାର ଆରପାର ହୋଇ ଓହଳି ରହିଛି ତାହା ମଧ ସ୍ଥାନାନ୍ତର ହୋଇନାହିଁ। ଏଭଳି କ୍ଷେତ୍ରରେ ଉକ୍ତ ରାସ୍ତା ରେ ଟ୍ରକ, ବସ୍, ଟିପ୍ପର ଭଳି ଭାରି ଯାନ ଚଳାଚଳ ହେଉଥିବା ଯୋଗୁଁ ଆଗକୁ ବଡ଼ ବିପଦକୁ ମଧ ଏଡାଇ ଦିଆଯାଇନପାରେ ବୋଲି କୁହାଯାଇଛି। ଏନେଇ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲେ ମଧ ଫଳ ଶୂନ ରହିଛି। ଆଗକୁ ସମସ୍ୟାର ସମାଧାନ ସ୍ୱରୂପ ସଠିକ ଏବଂ ସୁଚାରୁ ଭାବେ ରାସ୍ତାର ନିର୍ମାଣ କାର୍ଯ୍ୟ ସମାପନ କରା ନ ଗଲେ ଆଗାମୀ ଦିନରେ ଏହାର ଦୃଢ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ଏନେଇ ପାରଳାଖେମୁଣ୍ଡି ସ୍ଥିତ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ନିଶାମୁକ୍ତି ଅଭିଯାନ ଓ 'ଘରେ ଘରେ ତ୍ରିରଙ୍ଗା'

ଚକାପାଦ,୧୩।୮ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ୍ ଶଙ୍କରାଖୋଲସ୍ଥିତ ଆଞ୍ଚଳିକ ଉଚ୍ଚମାଧମିକ ବିଦ୍ୟାଳୟରେ ଅଧକ୍ଷ ଡ.ସନ୍ତୋଷ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ନିଶାମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଫୁଲବାଣୀ ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଆଧାମିକ ଅନୁଷ୍ଠାନର ଭଉଣୀମାନେ ଛାତ୍ରଛାତ୍ରୀଙ୍କୁ ନିଶାଦ୍ରବ୍ୟ ସେବନର କୁପରିଣାମ ବିଷୟରେ ସଚେତନ କରାଇଥିଲେ। ସୁସ୍ଥ ସମାଜ ଗଠନରେ ନିଶାମୁକ୍ତି ଅଭିଯାନ ଗୁରୁତ୍ୱ ବହନ କରେ ବୋଲି ମତ ରଖିଥିଲେ । ନିଶାଠାରୁ ଦୂରେଇ ରହିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ । ବିଜେପି ବ୍ଲକ ସଭାପତି ସର୍ବେଶ୍ୱର କହଁର ଦେଶପ୍ରେମ ଅଭିଭାଷଣ ଦେଇଥିଲେ। ଘରେ ଘରେ ତ୍ରିରଙ୍ଗା ସମାଜର ସବୁବର୍ଗର ଲୋକମାନଙ୍କ ମନରେ ଦେଶପ୍ରେମ ଜାଗ୍ରତ କରିବ ଓ ଏହା ଆମର ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତ ରଖିଥିଲେ ଉପସ୍ଥିତି ଅତିଥି । ଛାତ୍ରଛାତ୍ରୀ ତ୍ରିରଙ୍ଗା ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରିଥିଲେ। ସାମ୍ବାଦିକ ମନୋଜ କୁମାର ଗୌଡ଼ , ଓବିସି ମୋର୍ଚ୍ଚା ବ୍ଲକ ସଭାପତି କେଦାରନାଥ ବାଘ, କ୍ରୀଡ଼ା ଶିକ୍ଷକ ଏମ. ବାଳକ୍ରୀଷ୍ଣା ଦୋରା, ଅଧାପକ ବୈକୁଣ୍ଠନାଥ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଅଧାପକ ରାମକୃଷ୍ଣ ମହାନ୍ତି ଓ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ଡ. ବାବୁଲା ପାଟଜୋଶୀ ।

# ଜାଲ୍ ଆଧାରକାର୍ଡଧାରୀ ଯୁବକ ଗିରଫ

ଚୌଦ୍ୱାର,୧୩।୮ (ସମିସ): ଜାଲ ଆଧାରକାଡର୍ ଦେଖାଇ ଜେଲ ଭିତରକୁ ଯାଇ ଜଣେ ବିଚାରାଧୀନ କଏଦୀଙ୍କୁ ଭେଟିବା ଅଭିଯୋଗରେ ଜନୈକ ଯୁବକକୁ ଚୌଦ୍ୱାର ପୁଲିସ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ କଟକ ବୁଢ଼ୀଠାକୁରାଣୀ ଅଞ୍ଚଳର ସୁଶାନ୍ତ କୋକଟେ। ଚୌଦ୍ୱାର ସର୍କଲ ଜେଲର ଜେଲର ଥାନାରେ କରିଥିବା ଅଭିଯୋଗ ସୂତ୍ରରୁ ପ୍ରକାଶ ଯେ, ଉକ୍ତ ଯୁବକ ନକଲି ଆଧାରକାର୍ଡ ଦେଖାଇ ପୂର୍ବରୁ ଜେଲରେ ଥିବା ଜନୈକ ବିଚାରାଧୀନ କଏଦୀଙ୍କୁ ନିଜର ସମ୍ପର୍କୀୟ ବୋଲି ଦର୍ଶାଇ ତାଙ୍କ ସହ ପୂର୍ବରୁ ଭେଟ କରିଥିବା ବେଳେ ଦ୍ୱିତୀୟ ଥର ଉକ୍ତ କଏଦୀଙ୍କୁ ଭେଟ କରିବାକୁ ଯିବା ପାଇଁ ଆଧାର ଯାଞ୍ଚ ବେଳେ ତାହା ନକଲି ବୋଲି ଜଣାପଡ଼ିଥିଲା। ପୁଲିସ ସୂଚନା ଅନୁଯାୟୀ ଅଭିଯୁକ୍ତ ସୁଶାନ୍ତର ଭାଇ ଲୋକେଶ ବାବା ନାରୁତେ କଟକ ସଦର ଥାନା ଅଧୀନରେ ଏକ ଅପରାଧିକ ମାମଲାରେ ଜୁଲାଇ ୬ ତାରିଖରେ ଚୌଦ୍ୱାର ଜେଲ ଆସିଥିଲେ। ଲୋକେଶକୁ ଭେଟ କରିବା ପାଇଁ ସୁଶାନ୍ତ କୋକଟେ ନିଜର ନାମ ସୁଶାନ୍ତ ନାରୁତେ, ମହାରାଷ୍ଟ୍ର ବୋଲି ଥିବା ଏକ ନକଲି ଆଧାର କାଡର୍ ଜେଲ କର୍ମଚାରୀଙ୍କୁ ଦେଖାଇ ଅଭିଯୁକ୍ତ ଲୋକେଶକୁ ଭେଟିଥିଲେ। ତେବେ ସୁଶାନ୍ତ ପୁନର୍ବାର ଲୋକେଶକୁ ଭେଟିବା ପାଇଁ ଆସିଥିବା ବେଳେ ଯାଞ୍ଚରେ ଆଧାରକାର୍ଡର ନକଲି ଥିବା ଜଣାପଡିଥିଲା। ଅଭିଯୁକ୍ତ ସୁଶାନ୍ତ ନାମରେ ପୁରୀର କୁମ୍ଭାରପଡା, ଭୁବନେଶ୍ୱରର ନୟାପଲ୍ଲୀ ଥାନାରେ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲା ଥିବା ଜଣାପଡିଛି। ପୁଲିସ ଅଭିଯୁକ୍ତକୁ କୋର୍ଟଚାଲାଣ କରିବା ସହିତ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# କୁକୁଡ଼ା ଗାଡ଼ି ଧକ୍କାରେ ଯୁବକ ମୃତ; ଡ୍ରାଇଭର ଅଟକ

ଆଠଗଡ,୧୩।୮ (ସମିସ): ଗତକାଲି ବିଳମ୍ବିତ ରାତିରେ କୁକଡ଼ା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଆଠଗଡ ଥାନା ଅନ୍ତର୍ଗତ ରାଧାପତିପୁର (ଚିରୁଗୁଡିଆ) ଗ୍ରାମର ବିଚିତ୍ର ରାଉତଙ୍କ ପୁଅ ବିପ୍ଳବ ରାଉତ (୩୦) ଖୁଣ୍ଟୁଣୀ ସ୍ଥିତ ଟାଟା ମୋଟରରେ କାମ କରନ୍ତି। ଗତକାଲି ବିଳମ୍ବିତ ରାତିରେ କାମ ସାରି ଘରକୁ ଫେରୁଥିବା ସମୟରେ ଦୋରଡ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆଠଗଡ଼ ପଟୁ ଯାଉଥିବା ଏକ କୁକୁଡା ବୋଝେଇ ଟ୍ରକ ନଂ ଡବ୍ଲୁ ବି-୩୫-୫୬୭୧ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇ ରାସ୍ତା ଉପରେ ଲେଉଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ବିପ୍ଳବଙ୍କ ମୃତ୍ୟୁ ହୋଇଥିବା ବେଳେ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଶ୍ୱଜିତ ମହାନ୍ତି, ଥାନା ଅଧିକାରୀ ସୁମତି ମହାନ୍ତି ସହକାରୀ ଜିଲ୍ଲାପାଳ ମାନସ ବେହେରା ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହିତ ମୃତକଙ୍କୁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ରାସ୍ତା ଅବରୋଧ ହଟାଇଥିଲେ। ଏ ବାବଦରେ ଆଠଗଡ଼ ଥାନାରେ ଏକ ମାମଲା ରୁଜୁ ହେବା ସହିତ ଗାଡ଼ିର ଡ୍ରାଇଭର ପଶ୍ଚିମବଙ୍ଗର ସୁଶାନ୍ତ ଦେ'କୁ ଅଟକ ରଖା ଯାଇଥିବା ତଦନ୍ତକାରୀ ଅଧିକାରୀ ସସ୍ମୁତି ପଣ୍ଡା ସୂଚନା ଦେଇଛନ୍ତି।

# ମହାନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଆଠଗଡ,୧୩।୮ (ସମିସ): ଆଠଗଡ ଥାନା ଅନ୍ତର୍ଗତ କନ୍ଦରପୁର ପଞ୍ଚୟତ ଅଧୀନ ବାଉରୀସାହିର ସ୍ୱର୍ଗତ କାଳନ୍ଦୀ ନାଏକଙ୍କ ପୁତ୍ର କାହ୍ନୁ ନାଏକ (୩୫) ଆଜି ମହାନଦୀରେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ଆଜି ସକାଳେ କନ୍ଦରପୁର ମହାନଦୀର ଜୋରମୁହଁ ତୁଠକୁ ନିତ୍ୟକର୍ମ ହେବାକୁ ଯାଇଥିଲେ। ଶୌଚ ହେଉଥିବା ସମୟରେ କାହ୍ନୁ ନଦୀରେ ବୁଡ଼ିଯାଇଥିଲେ। ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲା ବେଳେ କନ୍ଦରପୁର ସରପଞ୍ଚ ପ୍ରତିନିଧି ପବିତ୍ର ମୋହନ ଖଟୁଆ ଆଠଗଡ ଅଗ୍ନିଶମ ବିଭାଗ ଓ ଆଠଗଡ ଥାନାକୁ ସୂଚନା ଦେଇଥିଲେ। ଖବର ପାଇ ଆଠଗଡ ଅଗ୍ନିଶମ ବିଭାଗ କନ୍ଦରପୁର ମହାନଦୀ କୂଳରେ ପହଞ୍ଚି କାହ୍ନୁକୁ ଉଦ୍ଧାର କରି ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଠଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

# କେନାଲରେ ଭାସିଯାଇ ଛାତ୍ରୀ ନିଖୋଜ

ସାଲେପୁର,୧୩।୮ (ସମିସ): ଆଜି ନରଦା ଗ୍ରାମରେ ଏକ ଅଘଟଣ ଘଟିଯାଇଛି। କେନାଲକୁ ଗାଧୋଇଯାଇଥିବାବେଳେ କେନାଲ ପାଣିରେ ଭାସି ନାବାଳିକା ଛାତ୍ରୀ ନିଖୋଜ ହୋଇଯାଇଛି। ସାଲେପୁର ଦମକଳ ବାହିନୀ ଓ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ଛାତ୍ରୀର କୌଣସି ଟେର ପାଇନାହାଁ। ଏହା ନେଇ ଛାତ୍ରୀଙ୍କ ପରିବାର ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଖବରରୁ ପ୍ରକାଶ ଯେ ଆଜି ସକାଳେ ନରଦା ପଞ୍ଚାୟତର ପ୍ରହ୍ଲାଦ ସ୍ୱାଇଁଙ୍କ ନବମ ଶ୍ରେଣୀରେ ପାଠ ପଢୁଥିବା ଝିଅ ସୁଚିତ୍ରା ସ୍ୱାଇଁ (୧୪) ପଟାମୁଣ୍ଡାଇ କେନାଲକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ କେନାଲ ପାଣିରେ ଭାସିଯାଇ ନିଖୋଜ ହୋଇଯାଇଛି। ଖବର ପାଇ ସାଲେପୁର ପୁଲିସ, ଓଡ୍ରାଫ୍ ଟିମ୍ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀ ଜଣକୁ କେନାଲ ପାଣିରେ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ କେନାଲରେ ପ୍ରଖର ସ୍ରୋତ ଥିବାରୁ ଛାତ୍ରୀଜଣକର କୌଣସି ଟେର ପାଇନାହାଁନ୍ତି। ଛାତ୍ରୀଙ୍କ ନିଖୋଜ ନେଇ ତାଙ୍କ ପରିବାର ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## କାର୍ଯ୍ୟସ୍ଥଳରେ ଗ୍ରାମବାସୀ ଓ ସ୍ଥାନୀୟ ନେତା ମୁହାଁମୁହିଁ

# ଅଧାରେ ଅଟକିଲା ପ୍ରକଳ୍ପ କାର୍ଯ୍ୟ

ଭଦ୍ରେଶ୍ୱର,୧୩।୮ (ସମିସ):

ଆଜି ମାହାଙ୍ଗା ବ୍ଲକ ମଧୁପୁର ପଞ୍ଚାୟତରେ ନିମ୍ନମାନର ଢଳେଇ ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। କାର୍ଯ୍ୟ କରୁଥିବା କୁଜି ନେତା ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ଫଳରେ ଘଟଣାସ୍ଥଳରେ ବିଡିଓ ପହଞ୍ଚି ଦେଖାଦେଇଥିବା ଉତ୍ତେଜନାକୁ ପ୍ରଶମିତ କରିବା ସହ ରାସ୍ତା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ। ତେବେ ଠିକାଦାର ସାଜିଥିବା ଯନ୍ତ୍ରୀଙ୍କ କାର୍ଯ୍ୟସ୍ଥଳରେ ଦେଖା ଦର୍ଶନ ମିଳି ନ ଥିଲା। ସୂଚନା ମୁତାବକ ମାହାଙ୍ଗା ବ୍ଲକ ମଧୁପୁର ପଞ୍ଚାୟତ ବେନୁପୁରା ଗ୍ରାମରେ ବେହୁରା ସାହି ଠାରୁ ସ୍କୁଲ ପର୍ଯ୍ୟନ୍ତ ଏକ ଢଳେଇ ରାସ୍ତା ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ପଞ୍ଚାୟତ ସମିତି ଅଂଶଧନରୁ ୧ଲକ୍ଷ ୮୫ ଟଙ୍କା ବ୍ୟୟ ବରାଦରେ ହୋଇଥିଲା। ତେବେ ଏହି ପ୍ରକଳ୍ପ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ରହିଛି। ତେବେ କାର୍ଯ୍ୟ ଆରମ୍ଭରୁ କାର୍ଯ୍ୟସ୍ଥଳରେ କାର୍ଯ୍ୟାଦେଶ ପାଇଥିବା ଯନ୍ତ୍ରୀଙ୍କ ଦେଖା ମିଳି ନ ଥିବା ବେଳେ କାର୍ଯ୍ୟ କରୁଥିଲେ ସ୍ଥାନୀୟ କିଛି କୁଜି ନେତା। ଯାହାକୁ ନେଇ ଉତକ୍ଷିପ୍ତ ହୋଇପଡିଥିଲେ ଗ୍ରାମବାସୀ। ତୁରନ୍ତ କାର୍ଯ୍ୟବନ୍ଦ କରିବା ସହ କାର୍ଯ୍ୟାଦେଶ ପାଇଥିବା ଯନ୍ତ୍ରୀଙ୍କୁ ଘଟଣାସ୍ଥଳରେ ଉପସ୍ଥିତ ରହିବାକୁ ଅଡି ବସିଥିଲେ। ଯାହାକୁ ନେଇ କାର୍ଯ୍ୟକରୁଥିବା କୁଜି ନେତା ଓ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ଦାୟିତ୍ୱରେ ଥିବା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଶୁଭାଶିଷ ପାଲଟା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମ୍ଭାଳିଥିଲେ। ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀ ସନ୍ଦୀପ ଦାସଙ୍କୁ ସ୍ଥାନୀୟ ଲୋକ ମନଇଛା ଗାଳି ଦେଇଥିଲେ। ଏପରିକି କାର୍ଯ୍ୟାଦେଶ ପାଇଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ଲୋକେ ଖୋଜିଥିଲେ। କାହା ନାମରେ କାର୍ଯ୍ୟାଦେଶ ରହିଛି କଣ ପାଇଁ ଯନ୍ତ୍ରୀ ଜଣକ ଅନୁପସ୍ଥିତ ଅଛନ୍ତି ଏପରି ପ୍ରଶ୍ନବାଣରେ ସହକାରୀ ଯନ୍ତ୍ରୀଙ୍କୁ ଘାଇଲା କରିଥିଲେ ଉପସ୍ଥିତ ଲୋକେ। ତେବେ ଯାହା ଜାଣିବାକୁ ମିଳିଛି ଏହି କାର୍ଯ୍ୟର କାର୍ଯ୍ୟାଦେଶ ପାଇଥିବା ଯନ୍ତ୍ରୀ ଜଣକ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ନୂତନ ଦାୟିତ୍ୱରେ ଥିବା ଯନ୍ତ୍ରୀ ଜଣକ ନାମରେ ଏବେ ସୁଧା ଏହି କାର୍ଯ୍ୟର କାର୍ଯ୍ୟାଦେଶ ନାହିଁ। ଯାହାକୁ ନେଇ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପାରିବାପଣିଆକୁ ପଦାରେ ପକାଇଛି। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟଦେଶ ନ ଥିବା ବେଳେ କିଭଳି କାର୍ଯ୍ୟ କରାଯାଉଥିଲା ତାହାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ବାଦ ବିବାଦ ପରେ ଏହି କାର୍ଯ୍ୟଟି ମାତ୍ର କିଛି ବାଟ ହୋଇଥିଲେ ମଧ୍ୟ ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ବନ୍ଦ ରହିଛି। ତେବେ ଦେଖିବାକୁ ବାକି ରହିଲା ଅର୍ଦ୍ଧ ନିର୍ମିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁଛି ନା ବିବାଦ ଯୋଗୁ ଅଧାରେ ଅଟକି ରହୁଛି।

**କାର୍ଯ୍ୟାଦେଶ ନାମରେ ଥିବା ଯନ୍ତ୍ରୀ ଅନୁପସ୍ଥିତ**



# ବଜ୍ରପାତରେ ଜଳିଗଲା ୩ ବଖରା ଘର

ସାଲେପୁର,୧୩।୮ (ସମିସ): ଆଜି ମଧ୍ୟାହ୍ନରେ ବଜ୍ରପାତ ଘଟି ୩ବଖରା ଘର ଜଳିଯିବା ସହ ବହୁ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ୍ ଅନ୍ତର୍ଗତ ଧୂଆଁସାହି ଗ୍ରାମର ରାମଚନ୍ଦ୍ର ମିଶ୍ର ଓ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଘରେ ଆଜି ଦିନ ୨ଟାବେଳେ ହଠାତ୍ ବଜ୍ରପାତ ଘଟିବାରୁ ୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଘର ମଧ୍ୟରେ ଥିବା ଧାନ ଚାଉଳ, ଆସବାବପତ୍ର, ନଗଦ ଟଙ୍କା ଇତ୍ୟାଦି ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ପରିବାର ଲୋକେ ବଜ୍ରପାତରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଆଜି ଦିନ ୨ଟାବେଳେ ହଠାତ୍ ବର୍ଷା ସହ ଘଡ଼ଘଡ଼ି ମାରିବାରୁ ଏହି ଅଘଟଣ ଘଟିଥିବା ଜଣାଯାଇଛି। ସଂପୃକ୍ତ ପରିବାର ସଦସ୍ୟ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ପ୍ରକାଶ ଯେ, ଗତ ୧ବର୍ଷ ତଳେ ରାମଚନ୍ଦ୍ର ମିଶ୍ରଙ୍କ ପୁତ୍ର ବିଦ୍ୟୁତଘାତରେ ମୃତ୍ୟୁବରଣ କରିଥିଲେ। ଉକ୍ତ ଦିନ ଠାରୁ ଏହି ପରିବାର ଅତ୍ୟନ୍ତ ଦୁଃଖରେ ଜୀବନ ଅତିବାହିତ କରୁଥିବାବେଳେ ଆଜି ପୁଣି ଏକ ଅଘଟଣ ଘଟି ଘର ପୋଡ଼ିଯିବା ସହ ସଂପୂର୍ଣ୍ଣ ପରିବାର ସର୍ବସ୍ୱାନ୍ତ ହୋଇଯାଇଥିବା ଗ୍ରାମବାସୀ କହିଛନ୍ତି।



# ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ

ବଡ଼ମ୍ବା,୧୩।୮ (ସମିସ): ବଡମ୍ବା ଶାଖା ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଚାଷୀଙ୍କ




ନ୍ୟାର୍ଯ୍ୟ ଦାବିକୁ ନେଇ ତହସିଲଦାରଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ଚାଷୀ ପଞ୍ଜିକରଣ ଅବଧିକୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିବା, ଚଳିତ ବର୍ଷ ପାଇଁ ପୂର୍ବ ବର୍ଷ ପରି ଚାଷୀଙ୍କ ନିଜସ୍ୱ ଘୋଷଣା, ଭାଗ ଚାଷୀଙ୍କ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା କରିବା ସହିତ ଧାନ ବିକ୍ରୟ କରିବାରେ ସରଳିକରଣ କରାଯିବା ଆଦି ୩ଦଫା ଦାବିପତ୍ର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଖରିଫ ଧାନ ଫସଲ ପାଇଁ ସରକାରଙ୍କ ଦ୍ୱାରା ଚାଷୀମାନଙ୍କର ଯେଉଁ ପଞ୍ଜିକରଣ ସମୟ ନିର୍ଦ୍ଧାରଣ କରାଯାଇଛି ତାହାକୁ ବୃଦ୍ଧି କରିବାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଚାଷୀମାନଙ୍କ ନ୍ୟାର୍ଯ୍ୟ ଦାବି ନେଇ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# କବି ଜିତେଶ ସମ୍ବର୍ଦ୍ଧିତ



ମାହାଙ୍ଗା,୧୩।୮ (ସମିସ): ମାହାଙ୍ଗା ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ, କବି ଜୀତେଶ କୁମାର ମହାନ୍ତିଙ୍କୁ ସାଲେପୁର ସାହିତ୍ୟ ମହୋତ୍ସବ ସମ୍ମାନ ୨୦୨୫ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ସମୃଦ୍ଧି କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସାଲେପୁର ସାହିତ୍ୟ ମହୋତ୍ସବ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସାଲେପୁର ସାହିତ୍ୟ ମହୋତ୍ସବ କମିଟିର ଆବାହକ ସାମ୍ବାଦିକ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ କବି ଓ ସାହିତ୍ୟିକ ପ୍ରମୁଖ ଯୋଗଦେଇ କବି ଶ୍ରୀ ମହାନ୍ତିଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

■ ଅସୁରେଶ୍ୱର ବଜାର ଜୁଏଲାରୀ ଦୋକାନ ଲୁଟ ଘଟଣା

# ପୁଲିସ ହାତରେ ୪ ଆନ୍ତଃଜିଲ୍ଲା ଲୁଟେରା

ନିଶ୍ଚିନ୍ତକୋଇଲି,୧୩।୮ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ଅସୁରେଶ୍ୱର ବଜାରର ଏକ ଜୁଏଲାରୀ ଦୋକାନ ଉପରେ ବୋମାମାଡ କରି ଲୁଟ ଘଟଣାରେ ପୁଲିସ ୪ ଆନ୍ତଜିଲ୍ଲା ଅପରାଧିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଶିଶୁଆ ଜେଲକୁ ପଠାଇ ଦିଆଯାଇଛି। ପୁଲିସ ଅପରାଧିଙ୍କ ପାଖରୁ ୪ଟି ମୋବାଇଲ ଫୋନ, ୨୩ ହଜାର ଟଙ୍କା, ୨୦ ଗ୍ରାମ ସୁନା ଅଳଙ୍କାର, ୨ଟି ମୋଟର ସାଇକଲ ଓ ୫୦୦ ଗ୍ରାମର ବିସ୍ଫୋରକ ଦ୍ରବ୍ୟ ଜବତ କରିଛି। ଅପରାଧିମାନେ ଘଟଣା ଘଟିବା ୪ ଦିନ ପୂର୍ବରୁ ଏହି ଗହଣା ଦୋକାନକୁ ଟାର୍ଗେଟ କରିଥିଲେ। ଦୋକାନର ଫଟୋ, ରୋଡମ୍ୟାପ ଓ କେଉଁଠି ସିସିଟିଭି କ୍ୟାମେରା ଅଛି ତାହାର ମଧ୍ୟ ସନ୍ଧାନ କରି ମାଷ୍ଟର ପ୍ରିଣ୍ଟ ପ୍ରସ୍ତୁତ କରି ଅପରାଧ ଘଟାଇଥିବା କଟକ ଗ୍ରାମାଞ୍ଚଳ ଏସପି ପ୍ରତିକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଗତ ୪/୮/୨୦୨୫ ତାରିଖ ପ୍ରାୟ ରାତ୍ରି ୮ଟା ୩୦ ମିନିଟ ସମୟରେ କୁଳଗାଁ ଇଶାଳୋର ନିରଞ୍ଜନ



ସାହୁଙ୍କ ଅସୁରେଶ୍ୱର ବଜାରରେ ଥିବା ଗହଣା ଦୋକାନ ଉପରେ ସଶସ୍ତ୍ର ଡକାୟତ ବୋମାମାଡ କରି ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ମାମଲା ଦାଏର ହୋଇଥିଲା। ଅପରାଧିଙ୍କୁ ଧରିବା ପାଇଁ କଟକ ଗ୍ରାମାଞ୍ଚଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ୪ଜଣ ଅଫିସରକୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ପୁଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡର ମଧ୍ୟ ସହାୟତା ନେଇ ବିଭିନ୍ନ ଜାଗାରେ ଚଢଉ କରିଥିଲା। ତେବେ ମୋବାଇଲ ଟ୍ରାକିଂ କରି ନୟାଗଡ ଜିଲ୍ଲା ଫତେଗଡା ଥାନା ଅଧୀନ ଦିଲିପ କୁମାର ପରିଡା (୨୮) ନୟାଗଡ ସଦର ଥାନା ଅଧୀନ ଦୀପକ ନାୟକ (୨୧), କଟକ ଜିଲ୍ଲା ଗୁରୁଡିଝାଟିଆ ଥାନା ଅଧୀନ ସରୋଜ କର (୩୦) ଲାଲବାଗ ଥାନା ସେକ ହାଇଦର (୩୧)କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ସେମାନଙ୍କ ମୋବାଇଲରୁ ସଶସ୍ତ୍ର ଡକାୟତର ବ୍ଲୁ ପ୍ରିଣ୍ଟ ପୁଲିସ ହାତରେ ଲାଗିଥିଲା। ତେବେ ତଦନ୍ତ ପରେ ଜଣାପଡିଛି ଯେ ଦିଲ୍ଲୀପଙ୍କ ନାମରେ ଜଗତପୁର, କେନ୍ଦ୍ରାପଡା, ନୟାଗଡ ଓ ବେନ୍ତକଂଟା ଥାନାରେ ଏକାଧିକ ମାମଲା ଥିଲା ବେଳେ ଦୀପକଙ୍କ ନାମରେ ଜଗତପୁର, ଉଦଳା ଓ ବାଲିପାଟଣା ଥାନରେ ୪ ମାମଲା ରହିଛି। ସେହିଭଳି ହାଇଦର ନାମରେ ଲାଲବାଗ, ବିଡାନାସୀ, ବାଦାମବାଡି ଥାନରେ ୪ରୁ ଉର୍ଦ୍ଧ୍ୱ ମାମଲା ରହିଛି। ତେବେ ଏହି ଅପରାଧିଙ୍କୁ ଧରିବା ପାଇଁ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ ଦାସ ତଦନ୍ତ ଆରମ୍ଭ କରି ବିଭିନ୍ନ ଜାଗାରେ ତତକ୍ଷଣାତ ଚଢଉ କରିଥିବାରୁ ପୁଲିସ ୧୦ ଦିନ ମଧ୍ୟରେ ଅପରାଧିଙ୍କୁ କାବୁ କରିପାରିଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

**୪ ଦିନ ପୂର୍ବରୁ ରେକି କରିଥିଲେ ଦୁର୍ବୃତ୍ତ**

**୫୦୦ ଗ୍ରାମ୍ ବିସ୍ଫୋରକ ପାଉଡର୍ ଓ ୨ଟି ମୋଟର ସାଇକଲ୍ ଜବତ**

# ଯୁବଛାତ୍ର ବିଜେଡି ପକ୍ଷରୁ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ନିଆଳି,୧୩।୮ (ସମିସ): ସାରା ରାଜ୍ୟରେ ବର୍ତ୍ତମାନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜିଛି। ରାଜ୍ୟବ୍ୟାପି ଯୁବଛାତ୍ର ଏ ନେଇ ପ୍ରତିବାଦ କରିଥିବା ବେଳେ ନିଆଳି ବ୍ଲକ ବିଜୁ ଯୁବ ଛାତ୍ର ଜନତା ପକ୍ଷରୁ ଏହାର ପ୍ରତିବାଦ କରାଯିବା ସହ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର



ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ମହାସଚିବ ଇପସିତା ସାହୁ ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ବ୍ଲକ ବିଜେଡି ସଭାପତି ଅତୁଲ୍ୟ ଜେନା, କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ, ଛାତ୍ର ବିଜେଡି ସଭାପତି ଅଜୟ ଜେନା, ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ସ୍ୱାଇଁ, ଜିଲ୍ଲାପରିଷଦ ସଦସ୍ୟା ସୌଦାମିନୀ ମହାପାତ୍ର, ବିଜେଡି ନେତା ନ୍ୟାୟବ୍ରତ ରାଉତ, ପ୍ରଭାକର ରାଉତ, ବ୍ଲକ ମହିଳା ସଭାନେତ୍ରୀ ଦୀପ୍ତି ପ୍ରତିହାରୀ, ଅଭିମନ୍ୟୁ ମଲ୍ଲିକ, ଅବିନାଶ ପ୍ରଧାନ, ପରକ୍ଷିତ ବାରିକ, ସୋହେଲ୍ ମିର୍ଜା, ନିରଞ୍ଜନ ବେହେରା, ସଂଗ୍ରାମ ବଡୁଙ୍କ ସମେତ ବହୁ ଛାତ୍ର ଓ ଯୁବକ ଯୋଗଦେଇଥିଲେ।

# ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ତିଗିରିଆ,୧୩।୮ (ସମିସ): ତିଗିରିଆ ବ୍ଲକ ଅଧୀନ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ସଂସ୍କୃତ ସପ୍ତାହ ପାଳନ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷ ବିଜୟ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସ୍କୃତ ଭାଷାର ଧାରା ଓ ପ୍ରସାରଣ ସଂକ୍ରାନ୍ତରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ସଂସ୍କୃତ ବିଭାଗ ଅଧ୍ୟାପିକା ଡ. ପ୍ରବୀଣା ମିଶ୍ର ଏହି ପାଠଚକ୍ରରେ ଗବେଷଣାତ୍ମକ ଓ ସନ୍ଦର୍ଭ ଭିତ୍ତିକ ସଂସ୍କୃତ ଭାଷା ଉତ୍ପତ୍ତି ଓ ବିକାଶର ଦିଗକୁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ର ଆଶିଷ ପାଢ଼ୀ, ଛାତ୍ରୀ ଲିପି ପ୍ରଧାନ ସଂସ୍କୃତ ଭାଷାର ବିକାଶ ଓ ପ୍ରୟୋଗାତ୍ମକ ତଥା ମୂଲ୍ୟବୋଧ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ସୌମ୍ୟରଞ୍ଜନ ସାମନ୍ତରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଅନନ୍ତ ବଳିଆ କଲେଜରେ ଅର୍ଥ ହେର୍‌ଫେର

ଫୁଲନଖରା,୧୩।୮ (ସମିସ):

କଟକ ମହାନଗର ନିଗମ ୫୮ ନଂ ୱାର୍ଡ ଅନ୍ତର୍ଗତ ନୂଆଗଡ଼ ଗ୍ରାମସ୍ଥିତ ଅନନ୍ତ ବଳିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବହୁ ବର୍ଷ ଧରି ଅର୍ଥ ହେର୍‌ଫେର୍‌କୁ ନେଇ ଗ୍ରାମ୍ୟ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷଙ୍କ ନାମରେ ଏକ ଅଭିଯୋଗ ଆଣିଛନ୍ତି। ଉକ୍ତ ବିଦ୍ୟାଳୟଟି ଗ୍ରାମବାସୀ ଓ ପଦ୍ମଶ୍ରୀ ବାବା ବଳିଆଙ୍କ ଉଦ୍ୟମରେ ୧୯୯୧ ମସିହାରେ ଗଢ଼ି ଉଠିଥିଲା। ଅଞ୍ଚଳରେ ଉଚ୍ଚଶିକ୍ଷା ପ୍ରସାରର ମହତ୍ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଗ୍ରାମବାସୀମାନେ ବହୁ କଷ୍ଟ ସ୍ୱୀକାର କରି ବିଦ୍ୟାଳୟଟିକୁ ସ୍ଥାପନ କରିବା ସହ ଏକ ପରିଚାଳନା କମିଟି ଗଠନ କରି ବିଦ୍ୟାଳୟର ସମସ୍ତ ସୁଖଦୁଃଖରେ ସାମିଲ ହେଉଥିଲେ। କାଳକ୍ରମେ ସରକାରଙ୍କ ନିଷ୍ପତ୍ତି କ୍ରମେ ପରିଚାଳନା କମିଟି ଗୁଡିକୁ ଭାଙ୍ଗି ସ୍ଥାନୀୟ ବିଧାୟକଙ୍କ ହାତକୁ ହସ୍ତାନ୍ତର କରାଯାଇଥିଲା ପରେ କଲେଜ୍ ଗୁଡିକର ପରିଚାଳନାର ମୁଖ୍ୟ ଦାୟିତ୍ୱ ପ୍ରଶାସନ ଅଧିକାରୀଙ୍କ ହସ୍ତକୁ ଚାଲିଯାଇଥିଲା। ଏହାର ସୁଯୋଗ ନେଇ ବିଦ୍ୟାଳୟର ଅଧକ୍ଷ ଦାୟିତ୍ୱରେ ଥିବା ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରାୟ ୩୦ଲକ୍ଷ ଟଙ୍କା ହେର୍‌ଫେର୍ କରିଥିବାର ପ୍ରମାଣ ମିଳିଛି। ଗ୍ରାମବାସୀଙ୍କ ତରଫରୁ ୨୦୨୩ ମସିହାରେ ତତ୍କାଳୀନ ଉପଜିଲ୍ଲାପାଳ କମଲ୍‌ଜିତ୍ ଦାସଙ୍କୁ ବିଦ୍ୟାଳୟ ବିଷୟରେ ଅବଗତ କରାଇବା ପରେ ଶ୍ରୀ ଦାସଙ୍କ ନିର୍ଦ୍ଦେଶମତେ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳ ହିସାବ ବିଦ୍ୟାଳୟର କର୍ମଚାରୀମାନଙ୍କ ଦ୍ୱାରା କରାଇଥିଲେ। ସେ ସମୟରେ ଅଧକ୍ଷ ଶ୍ରୀ ନାୟକ ସନ୍ତୋଷଜନକ ଆୟବ୍ୟୟର ହିସାବ ଦେଇ ନ ପାରି ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନିଜ ପାଖରେ ଅଛି ବୋଲି କହିଥିଲେ। ଏ ବିଷୟରେ ଉପଜିଲ୍ଲାପାଳଙ୍କୁ କର୍ମଚାରୀଙ୍କ ସମେତ ସ୍ଥାନୀୟ ଗ୍ରାମ୍ୟ କମିଟିର ସଦସ୍ୟମାନେ ବାରମ୍ବାର ଜଣାଇଥିଲେ ସୁଦ୍ଧା ଅଧକ୍ଷଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ବିଦ୍ୟାଳୟର ଉପଯୁକ୍ତ ଶୈକ୍ଷିକ ବାତାବରଣ ନ ଥିବା ବେଳେ ଗୋଟିଏ ଶିକ୍ଷାବର୍ଷରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଥିବାବେଳେ ଆବଶ୍ୟକୀୟ ଶିକ୍ଷକ, ଶ୍ରେଣୀଗୃହ, ଟଏଲେଟ୍ ଓ କମନ ରୁମ ନ ଥିବା ବେଳେ ପିଲାମାନେ ଏଣେତେଣେ ବୁଲୁଥିବାର ଦେଖି ୨୦୨୪ ମସିହାରେ ଗ୍ରାମ୍ୟ କମିଟି ଅଧ୍ୟକ୍ଷଙ୍କ ସହିତ ଏକ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଅଧକ୍ଷ ଶ୍ରୀ ନାୟକ ପର୍ଯ୍ୟାୟକ୍ରମେ କଲେଜ୍ ଆକାଉଣ୍ଟରୁ ୨୩ ଲକ୍ଷ ୯୫ହଜାର ଟଙ୍କା ଉଠାଇଥିବା ସ୍ୱୀକାର କରିବା ସହ ଉକ୍ତ ଟଙ୍କାକୁ କଲେଜ୍‌ର ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ କମିଟିକୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉକି ଅଧକ୍ଷ ଶ୍ରୀ ନାୟକ ଅର୍ଥନୀତି ଶାସ୍ତ୍ରର ଅଧ୍ୟାପକ ହୋଇଥିବା ବେଳେ ତାଙ୍କର ବିଦ୍ୟାଳୟରେ ଦୀର୍ଘଦିନର ଅନୁପସ୍ଥିତି ଛାତ୍ରଛାତ୍ରୀମାନଙ୍କୁ ଏକ ଅନିଶ୍ଚିତତା ଭିତରକୁ ଠେଲି ଦେଉଛି। ସରକାର ଅଧିନସ୍ଥ ସମସ୍ତ ଶିକ୍ଷାନୁଷ୍ଠାନ ପ୍ରତ୍ୟେକ ଆର୍ଥିକ ବର୍ଷରେ ଅଡିଟ୍ ହେଉଥିବା ବେଳେ ଉକ୍ତ କଲେଜ୍‌ରେ ଦୀର୍ଘ ବର୍ଷ ଧରି ଅଡିଟ୍ ହେଉ ନ ଥିବା ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତ ବର୍ଷ ଜିଲ୍ଲା ଅଡିଟ୍ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୩୯/୩ ତା ୨୫/୬/୨୫ରିଖରେ ଲୋକାଲ ଫଣ୍ଡ ଅଡିଟ୍, କଟକଙ୍କ ଦ୍ୱାରା ଜୁଲାଇ ୧ ତାରିଖରୁ କଟକର ୧୦ଟି ବିଦ୍ୟାଳୟର ଅଡିଟ୍ କାର୍ଯ୍ୟ ପାଇଁ ନିର୍ଦ୍ଦେଶନାମା ଥିବା ବେଳେ ଉକ୍ତ ବିଦ୍ୟାଳୟଟି ପ୍ରଥମ ସ୍ଥାନରେ ଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କରାଯାଉ ନ ଥିବା ପ୍ରଶାସନ ଓ ଅଧକ୍ଷଙ୍କ ମଧ୍ୟରେ ଏକ ସଲାସୁତରା ଥିଲା ଭଳି ପ୍ରତ୍ୟୟମାନ ହେଉଥିବା ଗ୍ରାମ୍ୟ କମିଟିର ସଭାପତି ବିକ୍ରମ କେଶରୀ ଶତପଥି, ସଂପାଦକ ସନ୍ତୋଷ ସାମନ୍ତରାୟ, ଉପଦେଷ୍ଟା ପୀତବାସ ମହାପାତ୍ର, କାର୍ଯ୍ୟକାରୀ ସଭାପତି ତ୍ରୈଲୋକ୍ୟ ପ୍ରଧାନ, ସହ ସଂପାଦକ ବିଜୟ ପ୍ରଧାନ, କାଳନ୍ଦୀ ରାଉତ, କାଳନ୍ଦୀ ପ୍ରଧାନ, ପୁରୁଷ୍ତମ ପ୍ରଧାନ ଓ ଶରତ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଧକ୍ଷ ଶ୍ରୀ ନାୟକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

**ଅଧ୍ୟକ୍ଷଙ୍କ ନାମରେ ସଙ୍ଗିନ ଅଭିଯୋଗ ଆଣିଲେ ଗ୍ରାମବାସୀ**

**କଲେଜର ପ୍ରତ୍ୟେକ ଆର୍ଥିକ ବର୍ଷ ଅଡିଟ୍‌କୁ ନେଇ ଉଠିଲା ପ୍ରଶ୍ନବାଚୀ**



**ଜନ୍ମ ପ୍ରମାଣପତ୍ର ପ୍ରଦାନ ପାଇଁ ୩ ହଜାର ଟଙ୍କା ଲାଞ୍ଚ**

# ଭିଜିଲାନ୍ସ ହାତରେ ଧରାପଡ଼ିଲେ କିରାଣୀ

ରାୟଗଡ଼ା/ମୁନିଗୁଡ଼ା,୧୩।୮ (ସମିସ):



ରାୟଗଡ଼ା ଜିଲ୍ଲାରେ କିଛି ଦିନ ବ୍ୟବଧାନ ପରେ ପୁଣି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଣେ ସରକାରୀ କିରାଣୀ ବାବୁ। ଜନ୍ମ ପ୍ରମାଣ ପତ୍ର ପ୍ରଦାନ କରିବା ପାଇଁ ୩୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଓଡ଼ିଶା ଭିଜିଲାନ୍ସ ଟିମ୍। ଜିଲ୍ଲାର ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ତଥା କିରାଣୀ କୁଞ୍ଜ ବିହାରୀ ରାଉତଙ୍କୁ ଗିରଫ କରିଛି ଭିଜିଲାନ୍ସ। ଅଭିଯୁକ୍ତଙ୍କଠାରୁ ଭିଜିଲାନ୍ସ ରଙ୍ଗବୋଳା ଟଙ୍କା ମଧ୍ୟ ଜବତ କରିଛି। ଏ ନେଇ ଓଡ଼ିଶା ଭିଜିଲାନ୍ସ ଜୟପୁର ପକ୍ଷରୁ ଦିଆଯାଇଥିବା ପ୍ରେସ ବିବୃତି ଅନୁଯାୟୀ, ରାୟଗଡା ଜିଲ୍ଲା ମୁନିଗୁଡ଼ା ସିଏଚ୍‌ସିର ପୁରୁଷ ସ୍ୱାସ୍ଥ୍ୟକର୍ମୀ ତଥା କିରାଣୀ କୁଞ୍ଜ ବିହାରୀ ରାଉତ ଜଣେ ଗରିବ ଅଭିଯୋଗକାରୀଙ୍କ ଠାରୁ ତାଙ୍କ ପୁଅର ଜନ୍ମ ପ୍ରମାଣପତ୍ର ପ୍ରଦାନ ପାଇଁ ତାଙ୍କ ଅଫିସ ରୁମରେ ମୋଟ ୬,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରଥମ କିସ୍ତି ବାବଦରେ ୩୦୦୦ ଟଙ୍କା ନେଇ ଦ୍ୱିତୀୟ କିସ୍ତିର ୩,୦୦୦ ଟଙ୍କା ଲାଞ୍ଚ ପାଇଁ ଜିଦ୍ ଧରିଥିଲେ। ଅନ୍ୟ କୌଣସି ଉପାୟ ଅଭିଯୋଗକାରୀ ଭିଜିଲାନ୍ସର ଦୃଷ୍ଟି ଆକର୍ଷଣ କରିଥିଲେ। ଭିଜିଲାନ୍ସ ଟିମର ପୂର୍ବ ଯୋଜନା ମୁତାବକ ଅଭିଯୋଗକାରୀ ବୁଧବାର ଦିନ ଶ୍ରୀ ରାଉତଙ୍କୁ ବଳକା ୩୦୦୦ ଟଙ୍କା ଲାଞ୍ଚ ଦେବା ସମୟରେ ଭିଜିଲାନ୍ସ ଟଙ୍କା ସହ ତାଙ୍କୁ ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଆଶଙ୍କା କରି ଶ୍ରୀ ରାଉତଙ୍କ ଦୁଇଟି ସ୍ଥାନରେ ଥିବା ଘରେ ଏକକାଳୀନ ଚଢ଼ଉ କରାଯାଉଛି। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୨୭/୨୦୨୫, ଧାରା ୭ ପିସି (ସଂଶୋଧନ) ଆଇନ, ୨୦୧୮ ଅନ୍ତର୍ଗତ ଅଭିଯୁକ୍ତ ଶ୍ରୀ ରାଉତ, ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ବିରୁଦ୍ଧରେ ତଦନ୍ତ ଜାରି ରହିଥିବା ଜଣାପଡିଛି।

**■ ଓଲଟିଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍: ୧୦ ଆହତ**

# ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ପଦ୍ମପୁର,୧୩।୮ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ ଆଖୁସିଂ ନିକଟରେ ଭୁବନେଶ୍ୱରରୁ ମାଲକାନଗିରି ଅଭିମୁଖେ ଯାଉଥିବା ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି)ର ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ବସ୍‌ଟି ଭାରସାମ୍ୟ ହରାଇ ମୁଖ୍ୟ ରାସ୍ତା କଡରେ ଥିବା ଧାନ ବିଲ ମଧ୍ୟକୁ ଖସି ଯିବାରୁ ପ୍ରାୟ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। କାଦୁଅ ଜମିରେ ଗାଡି ଓଲଟି ଥିବାରୁ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବୁଧବାର ଭୋର ସକାଳ ପ୍ରାୟ ୪ଟା ସମୟରେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍‌ଟି ୩୨୬ନମ୍ବର ଜାତୀୟ ରାଜପଥ ଆଖୁସିଂ ଗ୍ରାମ ପାଖ ବୁଲାଣି ରାସ୍ତାରେ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ତେବେ ବସ୍‌ରେ ବସିଥିବା ପ୍ରାୟ ୫୦ଜଣ ଯାତ୍ରୀଙ୍କ ମଧ୍ୟରୁ ୧୦ଜଣ ଯାତ୍ରୀ ଆହତ ହୋଇଥିଲେ। ବସ୍‌ଟି ଓଲଟି ପଡିବାରୁ ଭିତରେ ଥିବା କିଛି ସ୍ଥାନୀୟ ଯାତ୍ରୀ ତୁରନ୍ତ ଅଗ୍ନିଶମ ବାହିନୀ, ପୋଲିସ ଏବଂ ସ୍ଥାନୀୟ ଲୋକଙ୍କୁ ସୂଚନା ଦେବା ପରେ ସେମାନଙ୍କୁ ପଦ୍ମପୁର ବ୍ଲକର ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ସହାୟତାରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଆହତ ମାନେ ହେଲେ ରମାକାନ୍ତ ବରାଡ, ସୁଧୀର ସେନ୍, ଜଗନ୍ନାଥ ସାହୁ, କୋଟେଶ୍ୱର ବେହେରା, ରଘୁନାଥ ପରିଛା, ଜାନକୀ ପାତ୍ର, ହରିବନ୍ଧୁ ପାତ୍ର, ରମାକାନ୍ତ ସବରୀ, ନନ୍ଦକୃଷ୍ଣ ଲୋହିଲା, ସୁରେଶ ମହାପାତ୍ର। ପଦ୍ମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରୁଥିବା ବେଳେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଡାକ୍ତର ଶେଖର ସାମଲ କହିଛନ୍ତି।

**■ ମେଗା ଟିଙ୍କେରିଂ ଦିବସ କାର୍ଯ୍ୟକ୍ରମ**

# ମଡର୍ଣ୍ଣ ଇଂଲିଶ ବିଦ୍ୟାଳୟର ୪୬ ଛାତ୍ରଛାତ୍ରୀ ଯୋଗଦେଲେ

ଜୟପୁର, ୧୩।୮ (ସମିସ): ସାରା ଦେଶରେ ମେଗା ଟିଙ୍କେରିଂ ଦିବସ ଗତକାଲି ପାଳିତ ହୋଇଥିଲା। ଏଥିରେ ସାରାଦେଶରେ ୭୨୨ଟି ଜିଲ୍ଲାର ୧୦ ହଜାରରୁ ଅଧିକ ବିଦ୍ୟାଳୟର ୧ କୋଟି ୧ ଲକ୍ଷ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଏହି ଅବସରରେ ଜୟପୁର ପାରାବେଢା ସ୍ଥିତ ମଡେର୍ଣ୍ଣ ଇଂଲିଶ ବିଦ୍ୟାଳୟର ୪୬ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ନିତି ଆୟୋଗ ଦ୍ୱାରା ଅଟଳ ଇନୋଭେସନ ମିଶନ ମାଧ୍ୟମରେ ସାରା ଦେଶରେ ଗତ ମଙ୍ଗଳବାର ମେଗା ଟିଙ୍କେରିଂ ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଆଧୁନିକ ଭବନ ନିର୍ମାଣ, ଟିଙ୍କେରିଂ ଏବଂ ଅନ୍ୟାନ୍ୟ ବୈଷୟିକ ବିଷୟକୁ ନେଇ ଏହାର ମଡେଲ ଗୁଡିକ ନିର୍ମାଣ କରାଯାଇଥିଲା। ଅନ୍‌ଲାଇନ ମାଧ୍ୟମରେ ସାରା ଦେଶରେ ଏହା ସଂଯୋଗ ହୋଇଥିଲା। ଏଟିଏଲ ଅନୁଭବ ମହାନ୍ତି, ନିର୍ଦ୍ଦେଶକ କୁମୁଦମାଳା ମହାନ୍ତି , ସମ୍ପାଦକ ନୟନ କିଶୋର ମହାନ୍ତି, ଅଧ୍ୟକ୍ଷ ସଚିଦାନନ୍ଦ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରର ଲାବରେଟୋରିରେ ଅନୁଷ୍ଠିତ ହୋଇଥିଲା। ଏଟିଏଲ ଲ୍ୟାବର ଦାୟିତ୍ୱରେ ରହିଥିବା ଶିକ୍ଷକ ପବିତ୍ର ମଲ୍ଲିକ ଅନ୍‌ଲାଇନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିମଳ କୁମାର ଜେନା, ଅବିନାଶ ହୋତା ସହାୟତା କରିଥିଲେ।

# 'ହର ଘର ତ୍ରିରଙ୍ଗା ରାଷ୍ଟ୍ରଭକ୍ତି ଜାଗ୍ରତ କରିଥାଏ'




ନନ୍ଦପୁର, ୧୩।୮ (ସମିସ): ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ଆନୁକୁଲ୍ୟରେ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ 'ହର ଘର ତ୍ରିରଙ୍ଗା' ସଚେତନତା କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର କୁମାର ମହାପାତ୍ର ସବୁଜ ପତକା ଦେଖାଇ ମହାବିଦ୍ୟାଳୟ ପରିସରଠାରୁ ସାପ୍ତାହିକ ହାଟ ଦେଇ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଶିଶୁ ଉଦ୍ୟାନ ଠାରେ ପହଞ୍ଚିଥିଲା। ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଆସିବା ସହିତ ଜନସାଧାରଣଙ୍କୁ ଦେଶ ମାତୃକା ପାଇଁ ସହିଦ ହୋଇଥିବା ବୀର ସଂଗ୍ରାମୀ ମାନଙ୍କ ସ୍ମୃତି ଚାରଣ କରିଥିବାବେଳେ ପ୍ରତ୍ୟେକ ଘରେ ତ୍ରୀରଙ୍ଗା ଉଡ଼ାଇବା ପାଇଁ ହାତରେ ଜାତୀୟ ପତାକା ଧରି ସଚେତନତା କରିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ ହନ୍ତାଳ ଓ ଯୁବ ରେଡକ୍ରସ୍ ଅଧିକାରୀ ଭଗବାନ ଖରା ପରିଚାଳନା କରିଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ଏମ୍ ଜୟା, ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ, ବାବୁଲା ଚାଙ୍ଗୁଡିଆ, ନରସିଂହ ଖୋସଲା, ଗ୍ରନ୍ଥାଗାରିକ ସନ୍ତୋଷ କୁମାର ଦୋରା, କିରାଣୀ ଆକାଶ ସାହୁ, ପଦଲାମ ଗଲରି, ବିଜୟ ଖିଲ ଏବଂ ଉଷାରାଣୀ ଗୁଣ୍ଟା ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରମ୍ପଙ୍କ ଟାରିଫ ବିରୁଦ୍ଧରେ ସିପିଆଇର ବିକ୍ଷୋଭ




ଜୟପୁର, ୧୩।୮ (ସମିସ): ଜୟପୁର ମୁଖ୍ୟ ଟ୍ରାଫିକ ଛକ ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ବିରୁଦ୍ଧରେ ଲାଗୁ କରିଥିବା ଶତକଡା ୫୦ ପ୍ରତିଶତ ଟାରିଫ (ଶୁଳ୍କ) କୁ ବିରୋଧ କରି ଜିଲ୍ଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭାରତରୁ ଆମେରିକାକୁ ଯାଉଥିବା ଟେକ୍ସଟାଇଲ୍, ଅଟୋ ଯନ୍ତ୍ରାଂଶ, ସାମୁଦ୍ରିକ ଖାଦ୍ୟ, ବିଶେଷ ରକମ ଖାଦ୍ୟ ଉପରେ ଆମରିକାର ରାଷ୍ଟ୍ରପତି ଟ୍ରମ୍ପ ଆକ୍ରୋଶମୂଳକ ଭାବେ ୫୦ ଭାଗ ଶୁଳ୍କ ଲଗାଇଛନ୍ତି। ଫଳରେ ଭାରତର ଅର୍ଥନୀତି ପ୍ରଭାବିତ ହେବ। ଋଷିଆରୁ ତୈଳ ଆମଦାନୀ ପାଇଁ ଏହି ଶୁଳ୍କ ଲଗାଯାଇଛି। ଆମେରକାର ଆମ ଦେଶପ୍ରତି ଆକ୍ରୋଶମୂଳକ ଆଚରଣକୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଚୁପ୍ ରହିଛନ୍ତି। ସିପିଆଇ ଜିଲ୍ଲା ସମ୍ପାଦକ ରାମକୃଷ୍ଣ ଦାଶଙ୍କ ନେତୃତ୍ୱରେ ସଂଗଠିତ ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି ,ବରିଷ୍ଠ ନେତା ଯୁଧିଷ୍ଠିର ରାଉଳ, ସତ୍ୟବ୍ରତ ନନ୍ଦ, ନନ୍ଦ ହରିଜନ, ପଦ୍ମନ ମାଳୀ ପ୍ରମୁଖ ଯୋଗ ଦେଇଥିଲେ।

# ନବରଙ୍ଗପୁରରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ନବରଙ୍ଗପୁର,୧୩।୮ (ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ପରିସରରେ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରାକୁ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ଓ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସାଇକେଲ ଏବଂ ମୋଟର ସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇ ସଦାଶିବ ପାର୍କ ଠାରେ ସମାପ୍ତ ହୋଇଥିଲା। ଏହି ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଡିଡ଼ବ୍ଲୁଓ ରବୀନ୍ଦ୍ର ପାଲକା, ଡିଆଇପିଆର୍‌ଓ ମନୋଜ ବେହେରା, ବିଡିଓ ସୁନିଲ ଖୁରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର କୁମାର ପାତ୍ର, ଦେବଦାସ ମହାକୁଡ, ଜ୍ୟୋତି ପରିଛାଙ୍କ ସମେତ ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ, ବିଦ୍ୟାଳୟ , ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଅଗଷ୍ଟ ୨ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହୋଇ ନିଜକୁ ଭାରତୀୟ ବୋଲି ଗର୍ବ କରିବାକୁ ଆହ୍ୱାନ ଦିଆଯାଇଥିଲା।



# ବିଭିନ୍ନ ଦାବି ନେଇ ଏଆଇଡିଏସ୍‌ଓର ବିକ୍ଷୋଭ




ରାୟଗଡ଼ା,୧୩।୮ (ସମିସ): ଶିକ୍ଷାନୁଷ୍ଠାନ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ତଥା ବିଭିନ୍ନ ଶିକ୍ଷା ସମସ୍ୟା ବିରୁଦ୍ଧରେ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଲ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ (ଏଆଇଡିଏସଓ) ପକ୍ଷରୁ ବୁଧବାର ବିକ୍ଷୋଭ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଏକ ଶୋଭାଯାତ୍ରା ରେଳ ଷ୍ଟେସନରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଜିଲ୍ଲାର ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଗୁଣପୁର ଓ ମୁନିଗୁଡ଼ା ଭଳି ମହାବିଦ୍ୟାଳୟଗୁଡିକରେ ଖାଲି ପଡିଥିବା ପଦବୀ ପୂରଣ କରିବା, ସଠିକ ସମୟରେ ଷ୍ଟାଇପେଣ୍ଡ ପ୍ରଦାନ କରିବା, ବାଲେଶ୍ୱର ଏଫ୍‌ଏମ କଲେଜର ଛାତ୍ରୀଙ୍କ ଆତ୍ମଦାହ, ପୁରୀ ଜିଲ୍ଲାର ବଳଙ୍ଗା ଠାରେ ଜୈନକା ଛାତ୍ରୀଙ୍କୁ ପୋଡି, କେନ୍ଦ୍ରପଡାରେ ଛାତ୍ରୀ ଆତ୍ମଦାହ ସହିତ ସଂପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ପ୍ରଦାନ କରିବା, ଶିକ୍ଷାନୁଷ୍ଠାନ ଭିତରେ ଓ ବାହାରେ ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା, ରାଜ୍ୟରେ ବନ୍ଦ ହୋଇଥିବା ସମସ୍ତ ସରକାରୀ ସ୍କୁଲ ଅବିଳମ୍ବେ ଖୋଲିବା, ଅବିଳମ୍ବେ ଛାତ୍ର ସଂସଦ ନିର୍ବାଚନର ତାରିଖ ଘୋଷଣା କରିବା, ଛାତ୍ରଛାତ୍ରୀଙ୍କୁ ସମସ୍ତ ବସ୍‌ରେ ଫ୍ରି ବସ ପାସ ଯୋଗାଇ ଦେବା, ୟୁଜିସି ଚିଠା ନିୟାମକ-୨୦୨୫ ତୁରନ୍ତ ବାତିଲ କରିବା, ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ କରିବା ଓ ଅନ୍ୟାନ୍ୟ ଦାବି ପୂରଣ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା,ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ତଥା ରାୟଗଡ଼ା ଜିଲ୍ଲା ଆବାହକ ନାରାୟଣ ସାହୁ,ରାଜ୍ୟ କମିଟି ସଭ୍ୟ ପପୁନ ସାହୁ,କିଷାନ କୁମାର ସାହୁ ସମେତ ରଘୁ ଶବର,ଚିନ୍ନା ଶବର, ସହଦେବ ଶବର, ଲକ୍ଷ୍ମୀ ମଲ୍ଲିକଙ୍କ ସହ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ




ମୁନିଗୁଡ଼ା,୧୩।୮ (ସମିସ): ଆଜି ରାୟଗଡ଼ା ଜିଲ୍ଲା ଅମ୍ବାଦଳା ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ୍ବାଦଳା ବିଜେପି ମଣ୍ଡଳ ସଭାପତି ଅନନ୍ତ ମାଲଦୋରାଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଅମ୍ବାଦଳା ହାଇସ୍କୁଲ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହ ଶାନ୍ତି ଛକ ଠାରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ବିଜେପି କର୍ମୀଙ୍କ ସମେତ ସାଧାରଣ ଜନତା ହାତରେ ଜାତୀୟ ପତାକା ଧରି ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ବୀର ମାନଙ୍କୁ ସ୍ମରଣ କରିବା ସହିତ ମୋଦିଜୀଙ୍କ ଆହ୍ୱାନକୁ ପାଳନ କରିଛନ୍ତି। କାର୍ଯ୍ୟକ୍ରମରେ ବିଜେପି ଯୁବ ନେତା ଭିକାରୀ ନାହାକ, ହରେକୃଷ୍ଣ ବେହେରା, ଶିମାଞ୍ଚଳ ପାତ୍ର,ରବୀନ୍ଦ୍ର ବିଶ୍ୱାଳ, ଡମ୍ବୁର ହଂସ, ପରମେଶ୍ୱର ରାଓ, ନରୋତ୍ତମ ସୁନା, ହରେନ୍ଦ୍ର ବେହେରା, ସୁରଜ ସୁନା , ଭୁବୁନି ନାୟକ, ସାନ ମାଝୀ, ଦେବି ଅଗ୍ରୱାଲ ପିନ୍ଟୁ ମହାନ୍ତି, ହରେନ୍ଦ୍ର ଗୌଡ, ବିଭୂତି ସେଠୀ, ସନ୍ତୋଷ ବେହେରା, ପଦ୍ମନାଭ ଗୌଡ, ସନ୍ତୋଷ ସାହୁଙ୍କ ସମେତ ଶତାଧିକ ବିଜେପି କର୍ମୀ ଯୋଗଦେଇଥିଲେ।

# ଲାୟନ୍ସ କ୍ଲବ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ରାୟଗଡ଼ା,୧୩।୮ (ସମିସ): ଆଜି ଲାୟନ୍ସ କ୍ଲବ୍, ରାୟଗଡାର ଲାୟନ୍ସ ବିଲଡିଂରେ ଏକ ସ୍ୱସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣିପାଲ୍ ହସ୍ପିଟାଲ, ଭୁବନେଶ୍ୱରରୁ ଡ଼ଃ.ଜିତେନ୍ଦ୍ର ପଟ୍ଟନାୟକ, ହୃଦରୋଗ ବିଶେଷଜ୍ଞ, ଡ଼ଃ. ରିତେଶ କୁମାର, ସ୍ନାୟୁରୋଗ ବିଶେଷଜ୍ଞ ଏବଂ ଟିମ୍ ଯୋଗ ଦେଇଥିଲେ । ଏହି ଶିବିରରେ ଇସିଜି, ରକ୍ତ ପରୀକ୍ଷା କରି, ୭୦ ଜଣ ରୋଗୀଙ୍କୁ ବିଶେଷଜ୍ଞମାନେ ଦରକାରୀ ଉପଦେଶ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରେ ଭିଡିଜି ଲାୟନ୍ସ ଅଶ୍ୱନୀ କୁମାର ଦାସ, ଜିଏଲ୍‌ଟି କୋର୍ଡିନେଟର୍ ଲାୟନ୍ସ ସୁଶ୍ରିତା ଦାସ, କ୍ୱେଷ୍ଟ ଚେୟାର ପର୍ସନ୍ ଲାୟନ୍ ଟି.ଜୟରାମ, ଜେଡସି ଲାୟନ୍ ଡ଼ଃ ପ୍ରସନ୍ନ କୁମାର ଗନ୍ତାୟତ, ଉପ ସଭାପତି ଲାୟନ୍. ପ୍ରତାପ ଚନ୍ଦ୍ର ବାଉରି, ଡଃ. ବାବୁରାମ ମହାନ୍ତି, ଉପଦେଷ୍ଟା ଲାୟନ୍. ସତ୍ୟବାଦୀ ପତି, ଡ଼ଃ.ଦୁଃଖି ଶ୍ୟାମ ଦାସ, ଡ଼ଃ. ଲକ୍ଷ୍ମୀ ନାରାୟଣ ସାହୁ, ରମେଶ ଗୋଲାନି, ଭି. ମୁରଲି କ୍ରିଷ୍ଣା, ଦାସରଥି ରାଜଗୁରୁ, ଉଦୟ ଚନ୍ଦ୍ର ପଣ୍ଡା, କସ୍ତୁରୀ ସାହୁ, ରିନା ରାଣି ଲେଙ୍କା, ଅଞ୍ଜଳି ସତପଥି, କସ୍ତୁରୀ ମହାନ୍ତି, ଏବଂ କ୍ଲବର ଅନ୍ୟାନ୍ୟ ସଭ୍ୟ ଯୋଗଦାନ କରି ଶିବିର ସଫଳ କରିବାରେ ସହଯୋଗ କରିଥିଲେ। ସଭାପତି ଲାୟନ୍. ଲାଲ୍ ବିହାରି ଲେଙ୍କା, ସମ୍ପାଦକ ଲାୟନ୍. କେ.ଶ୍ରୀନିବାସ ରାଉ, କୋଷାଧ୍ୟକ୍ଷ ଲାୟନ୍. କେ.ବଂଶି କିରୀଟି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ସବୁ ଘରେ ତ୍ରିରଙ୍ଗା, ସବୁ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ




ପଟ୍ଟାଙ୍ଗି,୧୩।୮ (ସମିସ): ଓଡ଼ିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆ ପଞ୍ଚାୟତର ଫାଟୁସିନେରୀ ଗ୍ରାମରେ ସବୁ ଘରେ ତ୍ରିରଙ୍ଗା ସବୁ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଖିଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଟି ମିନତି ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସିଆରସିସି ଭାଗିରଥି ପଣ୍ଡା, ରୁଦ୍ର ପ୍ରଧାନ, ଆଶିଷ ଦାସ ଯୋଗଦାନ ଦେଇଥିଲେ। ଅତିଥି ବୃନ୍ଦ ସମେତ ସମସ୍ତ ଛାତ୍ରଛାତ୍ରୀ ମିଳିତ ଭାବେ ଜାତୀୟ ପତାକା ଧରି ଗ୍ରାମ ପରିକ୍ରମା କରିବା ସହ ଘରେ ଘରେ ତ୍ରିରଙ୍ଗା ପତାକା ଲଗାଇବା ନିମନ୍ତେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନ୍ୟ ଶିକ୍ଷକ ସତ୍ୟ ସୁନ୍ଦର୍ ପଣ୍ଡା ଏବଂ ଶିକ୍ଷୟିତ୍ରୀ ରୀନା ନାୟକ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ହର ଘର ତ୍ରିରଙ୍ଗା, ଘରେ ଘରେ ସ୍ୱଚ୍ଛତା



ବିଷମ କଟକ,୧୩।୮ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମା' ମାର୍କାମ ଯୁକ୍ତ-୩ ମହାବିଦ୍ୟାଳୟ ତରଫରୁ ହର ଘର ତ୍ରିରଙ୍ଗା , ଘରେ ଘରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଯୁକ୍ତ -୩ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟପକ, ଅଧ୍ୟାପିକା ସାମିଲ ହୋଇ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଛାତ୍ରଛାତ୍ରୀ ମାନେ ବ୍ୟାନର, ତ୍ରିରଙ୍ଗା, ପ୍ଲାକାର୍ଡ ଧରି ତ୍ରିରଙ୍ଗା ସମ୍ମାନ, ଦେଶର ସମ୍ମାନ, ଆମ ପ୍ରଗୀତି ଦେଶର ଉନ୍ନତି ସ୍ଲୋଗାନ ଦେଇ ଶୋଭାଯାତ୍ରା ସ୍ୱଚ୍ଛତାର ବାର୍ତ୍ତା ବହନ କରି ଜନସଚେତନତା ସୃଷ୍ଟି କରିଥିଲେ। ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ହର ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଅଶ୍ୱିନୀ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ଶପଥପାଠ କରାଇଥିଲେ। ଏହା ସହ ନିଜ ଶରୀର ସହ ଘର, ଗାଁ ଓ ପରିବେଶକୁ ସ୍ୱଚ୍ଛ ରଖିବାର ଆବଶ୍ୟକତା କିପରି ଦେଶର ବିକାଶରେ ସହାୟକ ହୋଇଥାଏ ସେ ନେଇ ଘରେ ଘରେ ତ୍ରିରଙ୍ଗାର ଆବଶ୍ୟକତା ବିଷୟରେ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ୮ ତାରିଖ ଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ପାଳନ କରାଯାଉଥିବା ବେଳେ ବୁଧବାର ଦିନ ବିଷମ କଟକର ସ୍ଥାନୀୟ ଯୁକ୍ତ-୩ ମହାବିଦ୍ୟାଳୟ ତରଫରୁ ପାଳନ କରାଯାଇଛି।

# ଆତ୍ମାହୁତି ବିରୁଦ୍ଧରେ ପୁଲିସର ସଚେତନତା

ଗୁଣୁପୁର,୧୩।୮ (ସମିସ): ଦିନକୁ ଦିନ ସାରା ରାଜ୍ୟରେ ବିଭିନ୍ନ କାରଣରୁ ଛାତ୍ରଛାତ୍ରୀମାନେ ଆତ୍ମହୁତି ଦେବା ଭଳି ଚରମ ନିଷ୍ପତି ନେଉଛନ୍ତି। ଏହାକୁ ରୋକିବା ନେଇ ପୁଲିସର ତତ୍ପରତା ଦେଖାଦେଇଛି। ଆଜି ଗୁଣୁପୁର ସହିଦ୍ ଲକ୍ଷ୍ମଣ ନାୟକ ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ




ଛାତ୍ରଛାତ୍ରୀମାନଙ୍କୁ ଗୁଣୁପୁର ଆଦର୍ଶ ଥାନା ପୋଲିସ୍ ପକ୍ଷରୁ ସଚେତନ କରାଯାଇଥିଲା। ଆଦର୍ଶ ଥାନା ଅଧିକାରୀ କେକେବିକେ କଅଁର ବିଦ୍ୟାଳୟ ପରିସରକୁ ଯାଇ ଛାତ୍ରଛାତ୍ରୀଙ୍କୁ ଆତ୍ମହୁତି ଭଳି ଚରମ ନିଷ୍ପତ୍ତି ନନେଇ ମୂଲ୍ୟବାନ ଜୀବନକୁ ଉଜ୍ୱଳ ଭବିଷ୍ୟତ ଗଠନ କରିବା ଓ ଜୀବନର ଲକ୍ଷ୍ୟ ପୁରଣ ଦିଗରେ ମନୋନିବେଶ କରିବା ପାଇଁ ସଚେତନ କରିଥିଲେ। ପୋଲିସ ପକ୍ଷରୁ ଏଭଳି କାର୍ଯକ୍ରମକୁ ଅଭିଭାବକ ଓ ଶିକ୍ଷକ ମାନେ ପ୍ରଶଂସା କରିଛନ୍ତି।

# ଅବ୍ୟବସ୍ଥାରେ ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଗୁଡାରୀ,୧୩।୮ (ସମିସ): ରୋଗୀ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଉତ୍ତମ ଚିକିତ୍ସା ସେବା ଯୋଗାଇବା ପାଇଁ ଗୁଡାରୀ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦର୍ରେ ନୂତନ ଭାବେ ମେଡ଼ିକାଲ କୋଠା ଗତ ୨୦୧୬ ମସିହାରେ ଉଦ୍‌ଘାଟନ କରାଯାଇଥିଲା। ପରିଷଦର ସାଧାରଣ ଲୋକ ମନରେ ଥିଲା ଏହି ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ପରେ ରୋଗୀ ସମସ୍ତ ଚିକିତ୍ସା ସୁବିଧାରେ ପାଇପାରିବେ। କିନ୍ତୁ ଆଜି ଅବ୍ୟବସ୍ଥା ଭିତରେ ଗତି କରୁଛି ଗୁଡାରୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠାଟି ବାହାରକୁ ଯେତିକି ଚକଚକ କରୁଛି ଭିତରଟା ପୁରା ଅଲଗା। ଦିନରେ ଯେତିକି ସ୍ୱାସ୍ଥ୍ୟ ସେବା ମିଳୁଛି, ରାତ୍ରି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯେମିତି ଚିର ନିଦ୍ରାରେ ଶୋଇ ରହୁଛି। ଅଞ୍ଚଳରୁ ଦୈନିକ ଶତାଧିକ ପୁରୁଷ ଓ ମହିଳା ରୋଗୀ ଚିକିତ୍ସା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। କିନ୍ତୁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡିସିନ, ଶିଶୁ ସମେତ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପଦ ଦୀର୍ଘ ଦିନରୁ ଖାଲିପଡିଛି। ଏହି ଡାକ୍ତରଖାନା ଉପରେ ଉଭୟ ଗୁଡାରି ଏନଏସି ଓ ବ୍ଲକର ଜନସାଧାରଣ ନିର୍ଭର କରିଥାନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ରୋଗୀମାନଙ୍କୁ ବହୁ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ମାଗଣା ଔଷଧ ପ୍ରଦାନ କରାଯାଉନାହିଁ। ପ୍ରତ୍ୟେକ ୯ ତାରିଖରେ ପିଏମଏସଏମଏ କାର୍ଯ୍ୟକ୍ରମରେ ଆସୁଥିବା ଗର୍ଭବତୀ ମହିଳାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ରଖାଯାଇଛି । କିନ୍ତୁ ଏହି ମହିଳାମାନଙ୍କ ଖାଦ୍ୟ ତିଆରି କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ କୌଣସି ପ୍ରକାରର କୋଠରୀ ନାହିଁ କି ରୋଷେଇ କରାଯାଉନାହିଁ। ହୋଟେଲରୁ ଆଣି ଗର୍ଭବତୀ ମହିଳାଙ୍କୁ ଖାଇବାକୁ ଦିଆଯିବା ଦେଖିବାକୁ ମିଳିଛି। ଏହି ଭୋଜନ କରିବା ପାଇଁ ଗୃହ ନ ଥିବାରୁ ମହିଳାମାନେ ସ୍ୱାସ୍ଥ୍ୟ କେନ୍ଦ୍ରର ଯିବାଆସିବା ବାରଣ୍ଡା ଉପରେ ବସି ଖାଦ୍ୟ ଖାଉଛନ୍ତି। ଖାଦ୍ୟ ଗୁଡ଼ିକ ଯେଉଁମାନେ ପରସୁଛନ୍ତି, ସେମାନେ ହାତାରେ ଗ୍ଲୋବ୍ସ ନାହିଁ । ବର୍ଷାଦିନେ ସହର ଗ୍ରାମାଞ୍ଚଳରେ ଡେଙ୍ଗୁ ମେଲେରିଆ ସଚେତନତା ପାଇଁ ନିଧି ମଉସାର କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଛି। କିନ୍ତୁ ବର୍ଷାଦିନର ତିନିମାସ ବିତିଲାଣି, ଅଗଷ୍ଟ ମାସ ଅଧା ହେବାକୁ ବସିଲାଣି । ଏହି କାର୍ଯକ୍ରମ ପାଇଁ ନଥିପତ୍ର ଗତ ଜୁଲାଇ ମାସରେ ପହଞ୍ଚିଛି ବୋଲି ଭାରପ୍ରାପ୍ତ ମେଡିକାଲ ଅଧିକାରୀ ଶ୍ରୀ ସ୍ୱାଇଁ କହିଛନ୍ତୀ। ଏମିତିରେ ନିରାମୟ କେନ୍ଦ୍ରରେ ସାଲାଇନ୍ ଦେବା ପାଇଁ ଛୁଞ୍ଚି ନାହିଁ । ମେଲେରିଆ ଇଞ୍ଜେକସନ ଅଭାବ ଦେଖାଦେଇଛି। ଗୁଡାରୀ ବ୍ଲକ୍ ମେଲେରିଆ ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକ୍‌ସନ ଅଭାବ ଯୋଗୁଁ ରୋଗୀ ବାଧ୍ୟ ହୋଇ ମେଡିକାଲ ଷ୍ଟୋର ଚଢ଼ାଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଯଦିଓ ମେଡିକାଲରେ ମେଡିସିନ ନାହିଁ, ତାହେଲେ ପ୍ରେସ୍କ୍ରିପସନରେ ନ ଲେଖି ଚିଠାରେ କଣ ପାଇଁ ଲେଖାଯାଉଛି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ସବୁଠାରୁ ବଡ଼ କଥା ହେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ଦୈନିକ କର୍ମଚାରୀ ଏବଂ ଅନ୍ୟ ସମସ୍ତ ବିଷୟ ଉପରେ ଆଲୋଚନା କରିବା ପରେ ମଧ୍ୟ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସ୍ୱାଗତ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ତଦନ୍ତ କରିବା ବଦଳରେ ଲିଖିତ ଅଭିଯୋଗ କରିବା ପାଇଁ କହୁଛନ୍ତି।



## ପରକୀୟା ପ୍ରୀତିର କରୁଣ ପରିଣତି

# ପ୍ରେମିକ ଓ ସହଯୋଗୀଙ୍କ ସହ ମିଶି ସ୍ୱାମୀକୁ ହତ୍ୟା

ରାଉରକେଲା,୧୩।୮ (ସମିସ)

ସୁନ୍ଦରଗଡ଼ ମିଶନ୍ ରୋଡ଼ ନିକଟ ହରିଓଁ କଲୋନୀରେ ଜଣେ ମହିଳା ତାର ପ୍ରେମିକ ଓ ତା'ର ବନ୍ଧୁଙ୍କ ସହ ମିଶି ନିଜ ସ୍ୱାମୀକୁ ତଣ୍ଟି ଚିପି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି। ଯାହା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପତ୍ନୀ ସହ ପ୍ରେମିକ ଓ ତାର ବନ୍ଧୁଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପତ୍ନୀ ଉର୍ମିଳା କେରକେଟା, ପ୍ରେମୀକ ସୁବ୍ରତ ମାଝୀ ଓ ତାର ସହଯୋଗୀ ବିମଳ ଦଣ୍ଡସେନା। ସୂଚନାନୁଯାୟୀ, ସୁନ୍ଦରଗଡ଼ ଜିଲ୍ଲାର ତଳସରା ଥାନା ଜୟଶାର କାଳିଆପଦା ଗ୍ରାମର ଧ୍ରୁବ ଚରଣ କେରକେଟା ସୁନ୍ଦରଗଡ ଟାଉନ ଥାନା ମିଶନ ଛକ ନିକଟସ୍ଥ ହରିଓମ୍ କଲୋନୀରେ ପରିବାର ସହ ବାସ କରୁଥିଲେ। ସେ ସବଡେଗା ବ୍ଲକରେ କନିଷ୍ଠ କିରାଣୀ ଭାବେ କାର୍ଯ୍ୟ କରୁଥିଲେ। ସଦର ଥାନା ଅନ୍ତର୍ଗତ ତସଲାଡିହ ଅଞ୍ଚଳର ସୁବ୍ରତ ମାଝୀ



(୨୪) ସହ ଧ୍ରୁବଙ୍କ ପତ୍ନୀ ଉର୍ମିଳାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେମାନଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ରହିଥିଲା। ଧ୍ରୁବ ନିଜ ପତ୍ନୀଙ୍କ ପରକୀୟା ପ୍ରୀତି ସମ୍ପର୍କରେ ଜାଣିବା ପରେ ବିରୋଧ କରିଥିଲେ। ପରେ ପତ୍ନୀ ଉର୍ମିଳା ପ୍ରେମିକ ସୁବ୍ରତ ସହ ମିଶି ସ୍ୱାମୀ ଧ୍ରୁବକୁ ହତ୍ୟା କରିବାକୁ ଯୋଜନା

## ପତ୍ନୀ ସହ ୨ ଗିରଫ

କରିଥିଲେ। ଯୋଜନା ଅନୁଯାୟୀ ଗତ ରାତିରେ ପତ୍ନୀ ଉର୍ମିଳା ସ୍ୱାମୀ ଧ୍ରୁବକୁ ମାତ୍ରାଧିକ ନିଦ ବଟିକା ଖାଦ୍ୟରେ ମିଶାଇ ଦେଇଥିଲା। ଧ୍ରୁବ ଚେତାଶୂନ୍ୟ ହୋଇଯିବା ପରେ ପ୍ରେମିକ ସୁବ୍ରତ ମାଝୀ ଓ ତାର ସାଙ୍ଗ ବିମଳ ଦଣ୍ଡସେନା ବାଇକରେ ସେଠାରେ ପହଞ୍ଚି ଶୋଇଥିବା ଅବସ୍ଥାରେ ଧ୍ରୁବଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ସୁବ୍ରତ ଓ ବିମଳ ବାଇକରେ ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ଧ୍ରୁବ ନିଦରୁ ନ ଉଠିବା ନେଇ ନାଟକ କରି ପତ୍ନୀ ଉର୍ମିଳା ପଡୋଶୀ ଏବଂ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲା। ଖବରପାଇ ଧ୍ରୁବର ସାନଭାଇ ସରୋଜ କେରକେଟା ତଳସରାରୁ ଆସି ପହଞ୍ଚିବା ପରେ ଉର୍ମିଳାଙ୍କ କଥାବାର୍ତ୍ତାରେ ତାଳମେଳ ରହୁ ନଥିବାରୁ ବିମଳ ସନ୍ଦେହ କରି ପୁଲିସକୁ ଜଣାଇଥିଲା।

ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର, ଟାଉନଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ସହ ଘଟଣା ସ୍ଥଳରୁ ନିଦ ବାଟିକାର ଖାଲି ଷ୍ଟ୍ରିପ୍ ପୁଲିସ ଜବତ କରିଥିଲା। ପରେ ସରୋଜ କେରକେଟାଙ୍କ ଏତାଲା କ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏସ୍‌ଡିପିଓ ଶ୍ରୀ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୁଲିସ ଫେରାର ଅଭିଯୁକ୍ତ ପ୍ରେମିକ ସୁବ୍ରତ ମାଝୀ ଓ ତାର ସାଙ୍ଗ ବିମଳ ଦଣ୍ଡସେନାଙ୍କୁ ଲେଫ୍ରିପଡ଼ା ଅଞ୍ଚଳରୁ ଗିରଫ କରିବା ସହ ସେମାନଙ୍କ ବାଇକକୁ ଜବତ କରିଥିଲା।

## ହକି ଷ୍ଟିକ୍‌ରେ ପିଟି ଯୁବକଙ୍କୁ ହତ୍ୟା ଘଟଣା: ୩ ଗିରଫ

ରାଉରକେଲା,୧୩।୮ (ସମିସ): ସେକ୍ଟର -୧୯ ଥାନା ଅନ୍ତର୍ଗତ ଇସ୍ପାତ ମାର୍କେଟ ନିକଟ ତଥା ରିଙ୍ଗ ରୋଡ ନିକଟରେ ଜଣେ ଯୁବକଙ୍କୁ ହକି ଷ୍ଟିକ୍‌ରେ ପିଟି ହତ୍ୟା କରିବା ଅଭିଯୋଗରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ଟେଲିଫୋନ ଭବନ ପଛ ପାଶ୍ୱର୍ ବିବେକାନନ୍ଦପାଲି ବସ୍ତିର ଏସକେ ରାଜା ଓରଫ ଏସକେ ମୁସ୍ତଫା (୧୯), ଏସକେ ଆଜାଦ (୩୫) ଓ ଏସକେ କୁର୍ବାନ (୪୧)। ସେମାନଙ୍କ ଠାରୁ ଗୋଟିଏ ଲାଠି ଜବତ କରାଯାଇଛି। ସୂଚନା ମୁତାବକ, ଉକ୍ତ ବସ୍ତିର ଏସ୍‌କେ ଲାଲଟୁ ଓ ଗିରଫ ୩ ଅଭିଯୁକ୍ତ ମଧ୍ୟରେ ଗତକାଲି ଝଗଡ଼ା ହୋଇଥିଲା। ପରେ ତାଙ୍କୁ ଅଭିଯୁକ୍ତମାନେ ହକି ଷ୍ଟିକ୍‌ରେ ପିଟି ହତ୍ୟା କରିଥିଲେ। ଘଟଣାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ତୁରନ୍ତ ବିଭିନ୍ନ ସ୍ଥାନରେ ଚଢଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣା ଘଟିଥିବା ସ୍ଥାନ ନିକଟରେ ଅଟୋ ପାର୍କିଂ କେନ୍ଦ୍ରକୁ ନେଇ ହତ୍ୟାକାଣ୍ଡ ହୋଇଥିବା ତଦନ୍ତରୁ ଜଣାପଡ଼ିଥିବା ଜୋନାଲ ୧ ଡିଏସ୍‌ପି ଯୋଗେଶ ପଣ୍ଡା କହିଛନ୍ତି।

## ଅଙ୍ଗଦାତାଙ୍କ ପରିବାରକୁ ସମ୍ବର୍ଦ୍ଧନା



ରାଉରକେଲା,୧୩।୮ (ସମିସ): ବିଶ୍ୱ ଅଙ୍ଗଦାନ ଦିବସ ଉପଲକ୍ଷେ ବୁଧବାର ସମଗ୍ର ରାଜ୍ୟରେ ଅଙ୍ଗଦାତାଙ୍କ ନିକଟତର ସମ୍ପର୍କୀୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ସହାୟତା ରାଶି ପ୍ରଦାନ କରାଯାଇଥିଲା। ରାଜ୍ୟ ମୁଖ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଅଙ୍ଗଦାତାଙ୍କ ନିକଟତର ସମ୍ପର୍କୀୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓସ୍ୱାନ୍ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ସୁନ୍ଦରଗଡ଼ ଓସ୍ୱାନ ହଲ୍‌ଠାରେ ଜିଲ୍ଲାର ଜଣେ ଅଙ୍ଗଦାତାଙ୍କ ମାତାପିତାଙ୍କୁ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ ସମ୍ବର୍ଦ୍ଧନା ଜଣାଇଥିଲେ। ଅଙ୍ଗଦାତା ଜଣକ ହେଉଛନ୍ତି ରାଉରକେଲା ସ୍ଥିତ କଳିଙ୍ଗ ବିହାରର ୧୬ ମାସର ଶିଶୁ ଜନ୍ମେଶ ଲେଙ୍କା। ସ୍ୱର୍ଗତ ଜନ୍ମେଷ ଯକୃତ ଏବଂ ବୃକକ ଦାନ କରିଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କ ସୁରଜ ଯୋଜନା ଅନୁସାରେ ସ୍ୱର୍ଗତ ଜନ୍ମେଷ ଲେଙ୍କାଙ୍କ ପିତା ଅଶୋକ କୁମାର ଲେଙ୍କାଙ୍କୁ ସରକାରଙ୍କ ତରଫରୁ ମିଳିଥିବା ସହାୟତା ରାଶି ପାଞ୍ଚ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡେପୁଟି କଲେକ୍ଟର (ଆପାତକାଳୀନ) ଅଶ୍ୱିନୀ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଏନଏଚଏମର ଜିଲ୍ଲା ଆକାଉଣ୍ଟସ୍ ପରିଚାଳକ ସମୀର ରଞ୍ଜନ ନାୟକ, ସୁଶାନ୍ତ କୁମାର ଦାଶ ଉପସ୍ଥିତ ରହିଥିଲେ।

## ସାର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ

କୁତ୍ରା,୧୩।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅନ୍ତର୍ଗତ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ଼ଃ ଅମରେଶ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବରେ ସୁନ୍ଦରଗଡ଼ ସଂସ୍କୃତ ଉତ୍କଳ ଭାରତୀର ସମ୍ପାଦିକା ବେଦାଙ୍ଗିନୀ ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଓଏଭି ବୁଡାକଟାର ସଂସ୍କୃତ ଶିକ୍ଷକ ଜଗତ ବରୁଆ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ଓ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହି ବେଦ ଭାଷାର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ତୁନମୁରା ଗ୍ରାମପଞ୍ଚାୟତର ସରପଞ୍ଚ ତରଣୀ ସେନ ବରିହା ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

ବିଦ୍ୟାଳୟର ଛାତ୍ର ଆଲୋକ ବାଡା, ଅନ୍ୱେଶର ଲାକ୍ରା ପ୍ରମୁଖ ସଂସ୍କୃତ ଭାଷାରେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସଂସ୍କୃତ ଭାଷାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାମେଶ୍ୱର ଲାକ୍ରା ପରିଚାଳନା କରିଥିଲେ। ଏହି ଅବସରରେ ଗଣିତ ଶିକ୍ଷକ ହରେକୃଷ୍ଣ ସାହୁ ଆଦ୍ୟଭାଷା ସଂସ୍କୃତ ଉପରେ ନିଜର ଅଭିଭାଷଣ ରଖିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଜାତୀୟ କୃମିନାଶକ ଦିବସର ଶୁଭାରମ୍ଭ

ବିନିକା, ୧୩।୮ (ସମିସ): ସ୍ୱାସ୍ଥ୍ୟ ସମିତି ସୁବର୍ଣ୍ଣପୁର ତରଫରୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ସିନ୍ଦୂରପୁର ଶ୍ରୀଗୋପାଳଜୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ କୃମି ନାଶକ ଦିବସର ଶୁଭାରମ୍ଭ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ବୈଷୟିକ) ଡା.ନିରୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବର, ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକ୍ଷକ ଡ଼ା. ସତ୍ୟନାରାୟଣ ପାଣିଗ୍ରାହୀ, ପିଟିସିଏନ୍‌ଏଚ୍‌ଏମ୍ ସତିକାନ୍ତ ପଣ୍ଡା, କଂସଲଟାଣ୍ଟ ସୁଶାନ୍ତ ପଣ୍ଡା, ସିନ୍ଦୂରପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୁନିମା ସୁନା ମଞ୍ଚାସୀନ ଥିଲେ। କୃମି ଦ୍ୱାରା ଆକ୍ରାନ୍ତ ଶିଶୁର ଶାରିରିକ ଓ ମାନସିକ ବିକାଶ ବାଧା ପ୍ରାପ୍ତ ହୋଇଥାଏ ଓ ଏହା ରକ୍ତହୀନତା ଓ ପୌଷ୍ଟିକ ଆସନ୍ତୁଳନ କରିଥାଏ ବୋଲି କହିବା ସହ ବର୍ଷକୁ ଦୁଇଥର ଅଗଷ୍ଟ ଓ ଫେବୃଆରୀ ମାସରେ ସରକାରଙ୍କ ଦ୍ୱାରା ବିନା ମୂଲ୍ୟରେ ଦିଆଯାଉଥିବା ଏହି ଔଷଧକୁ ୧ ରୁ ୧୯ବର୍ଷ ବୟସର ଯୋଗ୍ୟ ବିବେଚିତ



ଉପଭୋକ୍ତା ନିଶ୍ଚୟ ଖାଇବା ଉଚିତ ବୋଲି ଅତିଥି ମାନେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ବିନିକା ବ୍ଲକରେ ମୋଟ ୨୮ ୬୦୩ ଜଣ ଅଲବେଣ୍ଡାଜୋଲ ଟେବେଲେଟ ବା କୃମିନାଶକ ବଟିକା ଖାଇବେ ବୋଲି ଚୂଡାନ୍ତ ହୋଇଥିବା ସୂଚାଯାଇଛି।

## ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

ବୌଦ୍ଧ, ୧୩।୮ (ସମିସ): ଜିଲ୍ଲାର ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗାୟତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଦିବସୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ




ହୋଇଯାଇଛି। ମୁଖ୍ୟଅତିଥି ରୂପେ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ତଥା ପ୍ରାଥମିକ ଚିକିତ୍ସା ସାଧନକର୍ମୀ ନବ କିଶୋର ଦୀପ ଯୋଗ ଦେଇ ଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ବିଷୟରେ ବିସ୍ତୃତ ଭାବରେ ଉପସ୍ଥାପନା କରିଥିଲେ। ବିଶେଷ କରି ସାପ କାମୁଡିବା, ମୂର୍ଚ୍ଛା ହେବା, ନିଆଁ ରୁ ରକ୍ଷା, ହୃଦ୍ ଘାତ, ଗଳାରେ ଯେକୌଣସି ଜିନିଷ ଅଟକି ଗଲେ, ରକ୍ତସ୍ରାବ ଆଦିର ପ୍ରାଥମିକ ଚିକିତ୍ସା ବିଷୟରେ ଛାତ୍ରମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଇଥିଲେ। ବାଳକୃଷ୍ଣ ମହାକୁଡ଼ ମଞ୍ଚ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି, ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ, ସୁନିଲ ପ୍ରଧାନ, ରାଜେଶ୍ କୁମାର ପାତ୍ର, ଶିକ୍ଷୟିତ୍ରୀ ଶ୍ରୀମତୀ ଅର୍ପିତା ପଣ୍ଡା, ସୁଜାତା ପ୍ରଧାନ, ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଜୁନିୟର ରେଡକ୍ରସ ପରାମର୍ଶଦାତା ତଥା ବୌଦ୍ଧ ବ୍ଲକ ସଂଯୋଜକ ମନଜିତ୍ ମୋହନ୍ ଚାନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଧାୟକଙ୍କ 'ଆଶାଦୀପ' ପରିଦର୍ଶନ

ରାଉରକେଲା,୧୩।୮ (ସମିସ): ଛେଣ୍ଡ ଭଗବତୀ ମନ୍ଦିର ନିକଟରେ ଥିବା ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ କାର୍ଯ୍ୟରତ ସ୍ୱତନ୍ତ୍ର ବିଦ୍ୟାଳୟ ଆରଆରଆରସି ଆଶାଦୀପକୁ ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ ପରିଦର୍ଶନ କରିଛନ୍ତି। ଶିଶୁଙ୍କୁ ପ୍ରଦାନ କରାଯାଇ ଥିବା ସ୍ୱତନ୍ତ୍ର ଶିକ୍ଷା, ତାଲିମ, ଭୌତିକ ଚିକିତ୍ସା, ମାନସିକ ଚିକିତ୍ସା, ବାକ୍ ଚିକିତ୍ସା ଆଦି ସମ୍ବନ୍ଧରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ପଚାରି ବୁଝିଥିଲେ। ଅଧ୍ୟକ୍ଷ ରାମଚନ୍ଦ୍ର ବେହେରା ସଂସ୍ଥା ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ଦିବ୍ୟାଙ୍ଗ କଲ୍ୟାଣ କାର୍ଯ୍ୟକ୍ରମ ଯଥା କୃତିମ ଅଙ୍ଗରୋପଣ, ସହାୟକ ଉପକରଣ ବଣ୍ଟନ, ସ୍ୱତନ୍ତ୍ର ଶିକ୍ଷା, ତାଲିମ, ବରିଷ୍ଠ ନାଗରିକଙ୍କ ପାଇଁ ଭୌତିକ ଚିକିତ୍ସା ଆଦି ସମ୍ବନ୍ଧରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଜଣେ ଶିଶୁଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ପୁନର୍ବାସ କେନ୍ଦ୍ର ଓ ସ୍ୱତନ୍ତ୍ର ବିଦ୍ୟାଳୟ ଆବଶ୍ୟକ ଥିବା ପାଚେରୀ, ଡ୍ରେନ୍, ଶିଶୁ ପାର୍କ ନିର୍ମାଣରେ ବିଧାୟକ ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ବଟକୃଷ୍ଣ ନାୟକ, ସବିତା ସାମଲ, ସତ୍ୟ ମଲିକ, ଚିନ୍ମୟୀ ସାହୁ, ପ୍ରଭାସିନୀ ସିଂ, ମୋନାଲିସା ତ୍ରିପାଠୀ, ପାୟଲ ପୋଦାର, ଯଦୁ ଚରଣ ମୁର୍ମୁ, ଗୀତା



ସାହୁ ଉପସ୍ଥିତ ଥିବା ବେଳେ ସଂସ୍ଥା ନିର୍ଦ୍ଦେଶକ ତ୍ରିଲୋଚନ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## 'ହର୍ ଘର୍ ତିରଙ୍ଗା' ସାଇକଲ ଶୋଭାଯାତ୍ରା

ବୌଦ୍ଧ, ୧୩।୮ (ସମିସ): ଜିଲ୍ଲାସ୍ତରୀୟ ୭ ୯ ତମ ସ୍ୱାଧୀନତା ଦିବସ ସମାରୋହ ପାଳନ ଉପଲକ୍ଷେ ଆଜି ଜିଲ୍ଲା ଷ୍ଟାଡିଅମ ଠାରୁ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ସାଇକେଲ ଶୋଭାଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ସବୁଜ ପତାକା ଦେଖାଇ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ଶ୍ରୀ ନାୟକଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ



ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ଶିକ୍ଷାଅଧିକାରୀ ଟେମଲାଲ୍ ଦୁବେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ଏହି ଅତିଥି ମାନେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ସହ ସାଇକେଲ ଚଳାଇ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସହରର ବିଭିନ୍ନ ଛକ ଦେଇ ଏହି ତ୍ରିରଙ୍ଗା ଶୋଭାଯାତ୍ରା ପୁଣି ଷ୍ଟାଡିୟମରେ ପହଞ୍ଚିଥିଲା। କାର୍ଯ୍ୟକ୍ରମକୁ ଅଧାପକ ପ୍ରବୀର କୁମାର ଦାସ ସଂଯୋଜନା କରିଥିଲେ।

## ନିଶାମୁକ୍ତ ଓ ସ୍ୱଚ୍ଛତାକୁ ନେଇ ଶପଥ ପାଠ



ବୌଦ୍ଧ, ୧୩।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଶାମୁକ୍ତ ଓ ସ୍ୱଚ୍ଛ ଭାରତ ଅଭିଯାନର ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ନିଶା ମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେବା ସହିତ ନିଶା ସେବନରୁ ଦୁରେଇ ରହିବା ପାଇଁ ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଲିଆରସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ଡୁଙ୍ଗୁରିପାଲି, ୧୩।୮ (ସମିସ): ଗଜବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପଞ୍ଚାନନ କମ୍ପଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନର




ପ୍ରାର୍ଥନା ସଭାରେ ଅର୍ଥ ସହିତ ଶୁଭଷିତ, ଦ୍ୱିତୀୟ ଦିନରେ ସୁଭାଷିତ କଣ୍ଠ ପାଠ ପ୍ରତିଯୋଗିତା, ତୃତୀୟ ଦିନରେ ସଂସ୍କୃତ ଗୀତ ପ୍ରତିଯୋଗିତା, ଚତୁର୍ଥ ଦିନରେ ସଂସ୍କୃତ ନାଟକ, ଗପ ଓ ସମ୍ଭାଷଣ ପ୍ରତିଯୋଗିତା, ପଞ୍ଚମ ଦିନରେ ସଂସ୍କୃତରେ ଅନୁବାଦ ପ୍ରତିଯୋଗିତା, ଷଷ୍ଠ ଦିନରେ ସଂସ୍କୃତ ପ୍ରଦର୍ଶନୀ, ସପ୍ତମ ଦିନରେ ସଂସ୍କୃତ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଯୁଧିଷ୍ଠିର ରଣା, ଶଙ୍କର ପ୍ରସାଦ ଭୋଇ, ଶିକ୍ଷୟିତ୍ରୀ ପଦ୍ମାବତୀ ହାତୀ, ପ୍ରମିତା ପଧାନ, ଅମୁଲ୍ୟ ଝାଙ୍କର ସହଯୋଗ କରିଥିଲେ। ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ସଂସ୍କୃତ ଭାଷାର ମହତ୍ୱକୁ ବୁଝିବା ଓ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା ଏହି ସପ୍ତାହ ପାଳନର ଲକ୍ଷ୍ୟ ଥିଲା। ସଂସ୍କୃତ ଶିକ୍ଷକ କଳାକାହ୍ନୁ ରଣା ସଭା ସଂଯୋଜନା କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ତରଭା ପଞ୍ଚାୟତ ସମିତି ବୈଠକ

# ସୋନପୁରରେ ଜନପ୍ରତିନିଧିଙ୍କ ଉପରେ ଆକ୍ରମଣକୁ ନିନ୍ଦା

ତରଭା, ୧୩।୮ (ସମିସ)

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସଭା ଗୃହରେ ବୁଧବାର ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ମଙ୍ଗଳବାର ସନ୍ଧ୍ୟାରେ ସୋନପୁର ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଉଥିବା ତରଭା ବ୍ଲକର ଜନପ୍ରତିନିଧିମାନଙ୍କୁ ସୋନପୁର ପଟାଭାଡି ଛକ ନିକଟରେ ଦୁର୍ବୃତ୍ତମାନେ ଅଟକାଇ ଆକ୍ରମଣ କରିବା ସହ ଗାଡି ଭଙ୍ଗାରୁଜା କରିବା ଘଟଣାକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଥିଲା। ବିଡିଓ ଗଙ୍ଗାରାମ ବୁଡେକଙ୍କୁ ରାଜ୍ୟ ସରକାରଙ୍କ ଚିଠି ନଂ ୨୧/୯୨୬ ତା-୧୧/୦୮/୨୫ରେ ଓଡ଼ିଶା ସରକାର ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ କରାଯାଇଛି। ଚିଠି ନଂ ୪୨୪୦/୧୩/୦୮/୨୫ ସୁବର୍ଣ୍ଣପୁର ଜିଲ୍ଲାପରିଷଦଙ୍କ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶ ମତେ ବିଡିଓ ଶ୍ରୀ ବୁଡେକ୍‌ଙ୍କୁ ବ୍ଲକରୁ ରିଲିଫ କରି ଏବିଡିଓ ନିରଞ୍ଜନ




ନାଏକଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଆଜିର ବୈଠକରେ ବିଭିନ୍ନ ପ୍ରକାରର ସମସ୍ୟା ନେଇ ନିର୍ବାଚିତ ପ୍ରତିନିଧିମାନେ ହୋ ହାଲ୍ଲା କରିଥିଲେ। ବିଗତ ଦିନରେ ସରକାର ବଦଳିବା ପରେ ତରଭା ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବର୍ତ୍ତମାନ ଠପ୍ ହୋଇଯାଇଛି। ଶ୍ରମିକମାନଙ୍କ ହାତ ଖାଲି ପଡ଼ିଛି, କାମ ପାଉନାହାଁନ୍ତି। ଏତଦବ୍ୟତୀତ ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ। ଏହି ବୈଠକରେ ସରପଞ୍ଚ ନର୍ମଦା ମିଶ୍ର, ଆର୍ତ୍ତତ୍ରାଣ ବଗର୍ତ୍ତୀ, ସୁଦାମ ଦିପ, ମନମୋହନ ସାହୁ, ଅଶ୍ୱିନୀ ବିଶି, ଉପାଧ୍ୟକ୍ଷା ଦ୍ୱାଦଶୀ କୁଅଁର, ସମିତି ସଭ୍ୟ ମନୋଜ ପଣ୍ଡା, ଘନଶ୍ୟାମ ଡାଙ୍ଗ, ଲୋକନାଥ ଦଳବେହେରା, ରାମ ସାହୁ, ମୂଜଲେମିନ ମହମ୍ମଦ, ମାନସୀ ଦଳବେହେରାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ନଗର ଉନ୍ନୟନ ମନ୍ତ୍ରୀଙ୍କ ବୌଦ୍ଧ ସହର ପରିଦର୍ଶନ

● ଅଳିଆ ଆବର୍ଜନା ଦେଖି ଅଧିକାରୀଙ୍କ ଉପରେ ବିଗିଡ଼ିଲେ

ବୌଦ୍ଧ, ୧୩।୮ (ସମିସ): ମଙ୍ଗଳବାର ସନ୍ଧ୍ୟାରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୌଦ୍ଧ ସହରର ୧ ନମ୍ବର ଓ ୨ ନଂ ୱାର୍ଡ ପରିଭ୍ରମଣ କରିଥିଲେ। ଐତିହାସିକ ରାମେଶ୍ୱର ମନ୍ଦିରଠାରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ମନ୍ଦିର ପାର୍ଶ୍ୱରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ପୋଖରୀର ଦୃଶ୍ୟ ଦେଖି ବିରକ୍ତି ପ୍ରକାଶ କରିଥିଲେ। ଜିଲ୍ଲାପାଳ ଓ ଏନ୍‌ଏସିଙ୍କ ମିଳିତ ସହାୟତାରେ ପୋଖରୀର ଉନ୍ନତି ସହିତ ଭୋଗମଣ୍ଡପ ଓ ମିନିପାର୍କ ପାଇଁ ଖୁବ୍‌ଶୀଘ୍ର ଏକ ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏକ ନମ୍ବର ୱାର୍ଡର ମାଳିସାହି ଓ ଗାଇଗୋଠ ପଡ଼ିଆ ବସ୍ତି ପରିଦର୍ଶନ କରିଥିଲେ। କୌଣସି ଡ୍ରେନ ସଫା ହୋଇନଥିବା ବେଳେ ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦେଖିବାକୁ ପାଇଥିଲେ। ଏନେଇ ଦାୟିତ୍ୱରେ ରହିଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀ ଓ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ। ଗାଇଗୋଠ ପଡ଼ିଆର ଉନ୍ନତି ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଅଳିଆ ଆବର୍ଜନା ବିଭିନ୍ନ ସ୍ଥାନରେ ପଡ଼ିଥିବା ଓ ଡ୍ରେନ୍ ସଫା ହେଉ ନଥିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ପରିଦର୍ଶନ ସମୟରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଏନ୍‌ଏସି ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ଇଂ ପବିତ୍ର



ପ୍ରଧାନ, ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, କନ୍ଧମାଳ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ପୂର୍ବତନ ସଭାପତି ବିପ୍ର ଚରଣ ମହାନ୍ତି ଉପସ୍ଥିତ ରହିଥିଲେ। ମନ୍ତ୍ରୀଙ୍କୁ ୧ନମ୍ବର ୱାର୍ଡର ବିଭିନ୍ନ ସମସ୍ୟା ବିଷୟରେ ୱାର୍ଡ ବାସିନ୍ଦା ଅଭିଯୋଗ କରିଥିଲେ।

# କର୍ପୋରେଟ ଲୁଣ୍ଠନ ବିରୋଧରେ ବିକ୍ଷୋଭ

ଅନୁଗୋଳ, ୧୩।୮ (ସମିସ)




ଭାରତ ଉପରେ ଟ୍ରମ୍ପଙ୍କ ଟାରିଫ ଧମକ, ଭାରତ-ବ୍ରିଟେନ ସିଇଟିଏ ଓ କର୍ପୋରେଟ ଲୁଣ୍ଠନ ବିରୋଧରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଞ୍ଚ ଆହ୍ୱାନରେ ଦେଶବ୍ୟାପୀ ପ୍ରତିବାଦ/ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭରେ ଏଆଇକେକେଏମଏସର ଜିଲ୍ଲା ସଭାପତି ସୁବାସ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, ଏଆଇୟୁଟିୟୁସି ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ଆଇଏନଟିୟୁସି ଜିଲ୍ଲା ସଭାପତି ଦିଗମ୍ବର ଗଡ଼ନାୟକ, ଏଆଇସିସିଟିୟୁ ଜିଲ୍ଲା ନେତା ତପନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ବିଜେପି ସରକାରଙ୍କ ସାମ୍ରାଜ୍ୟବାଦ ଓ କର୍ପୋରେଟ ତୋଷଣ ନୀତିର ଦୃଢ଼ ନିନ୍ଦା କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତୀୟ ରପ୍ତାନୀ ଉପରେ ୨୫ ପ୍ରତିଶତ ଟାରିଫ ଓ ୨୫ ପ୍ରତିଶତ ଜରିମାନା (ମୋଟ ୫୦ ପ୍ରତିଶତ) ଏବଂ ରୁଷିଆ ସହ ତୈଳ ବ୍ୟବସାୟ ଉପରେ ଜରିମାନା ଲଗାଇବା ନିଷ୍ପତ୍ତିକୁ ବକ୍ତାମାନେ ତୀବ୍ର ନିନ୍ଦା କରିଥିଲେ। ଆମେରିକା ନିଜ କର୍ପୋରେଟ କମ୍ପାନୀଙ୍କ ପାଇଁ ଖୋଲା ବଜାର ଦାବି କରୁଛି କିନ୍ତୁ ଅନ୍ୟ ଦେଶକୁ ଧମକ ଦେବା ପାଇଁ ଟାରିଫକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି ବୋଲି ଅଭିଯୋଗ କରିଥିଲେ। ଭାରତ-ବ୍ରିଟେନ ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତି (ସିଇଟିଏ) ଭାରତୀୟ କୃଷକ, ଶ୍ରମିକ ଓ ଦେଶର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିବ। ପରିଣାମ ସ୍ୱରୂପ ଦୁଗ୍ଧ, କୃଷି ଓ କୃଷି ସମ୍ପର୍କିତ କ୍ଷେତ୍ରଗୁଡ଼ିକ ବିଦେଶୀ କମ୍ପାନୀ ପାଇଁ ଖୋଲା ହେବ, ଯାହା ଦେଶୀୟ ମୂଲ୍ୟ ହ୍ରାସ, ଗ୍ରାମୀଣ ଜୀବିକା ନଷ୍ଟ ଓ ଖାଦ୍ୟ ସୁରକ୍ଷାକୁ ବିପଦରେ ପକାଇବ। ଶିଳ୍ପୀକରଣ ହ୍ରାସ ପାଇବ ଓ ବହୁସଂଖ୍ୟକ ବେକାରୀ ସୃଷ୍ଟି ହେବେ। ବ୍ରିଟେନରୁ ଶସ୍ତା ଦୁଗ୍ଧ, ଗହମ ଓ ମାଂସ ଭାରତୀୟ ବଜାରକୁ ପ୍ରବେଶ କରି ଧ୍ୱଂସ ସୃଷ୍ଟି କରିବ, ଯେପରି ଭାରତ-ଆସିଆନ ଏଫଟିଏ ପରେ କେରଳରେ ରବର ମୂଲ୍ୟ ୭୦ ପ୍ରତିଶତ ହ୍ରାସ ପାଇଥିଲା। ବ୍ରିଟିଶ କମ୍ପାନୀମାନେ ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଧିପତ୍ୟ ବିସ୍ତାର କରିବେ, ଯାହା ଘରୋଇକରଣକୁ ତ୍ୱରାନ୍ୱିତ କରି ଔଷଧ ମୂଲ୍ୟ ବୃଦ୍ଧି କରିବ। ଶ୍ରମିକ ଓ କୃଷକଙ୍କ ବହୁ ପ୍ରତିବାଦ ସତ୍ତ୍ୱେ କେନ୍ଦ୍ର ବିଜେପି ସରକାର ଶ୍ରମିକ ଓ କୃଷକ ବିରୋଧୀ ନୀତି ଜାରି ରଖିଛନ୍ତି। ଶ୍ରମିକ ବିରୋଧୀ ଚାରିଟି ଶ୍ରମ କୋଡ୍ ରଦ୍ଦ କରିବା, ସି୨+୫୦ ପ୍ରତିଶତ ଅନୁଯାୟୀ କୃଷିଜାତ ଦ୍ରବ୍ୟର ଏମଏସପିର ଆଇନଗତ ଗ୍ୟାରେଣ୍ଟି ଓ ଋଣଛାଡ଼ ଦାବିକୁ ସରକାର ଉପେକ୍ଷା କରି ଆସୁଛନ୍ତି। ରାଷ୍ଟ୍ରାୟତ୍ତ ଓ ସରକାରୀ ଉଦ୍ୟୋଗ ଏବଂ ସେବା କ୍ଷେତ୍ରକୁ ଘରୋଇକରଣ କରିବା ଉଦ୍ୟମ ଜାରି ରଖିଛନ୍ତି। ଜଳ, ଜଙ୍ଗଲ, ଜମି ଉପରେ ଜବରଦସ୍ତ ଅଧିଗ୍ରହଣ ଓ ପରିବେଶ ଧ୍ୱଂସକାରୀ ପ୍ରକଳ୍ପ ଜାରି ରଖିଛନ୍ତି। ଏହି ପରିସ୍ଥିତିରେ ଆମେରିକାର ଟାରିଫ ଧମକକୁ ପ୍ରତ୍ୟାଖ୍ୟାନ କରି ରୁଷିଆ ସମେତ ସମସ୍ତ ଦେଶ ସହ ବାଣିଜ୍ୟ କରିବା, ଭାରତ-ବ୍ରିଟେନ ସିଇଟିଏକୁ ତୁରନ୍ତ ସମୀକ୍ଷା ଓ ସଂଶୋଧନ କରିବା ଏବଂ ଜନସାଧାରଣଙ୍କ ମତାମତ ବିନା ଏହାକୁ ସଂସଦରେ ଅନୁମୋଦନ ନ କରିବା, ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ଆଲୋଚନା ବନ୍ଦ କରିବା, ଗୁପ୍ତ ବାଣିଜ୍ୟ ଚୁକ୍ତି ବନ୍ଦ କରି ସମସ୍ତ ଭବିଷ୍ୟତ ଚୁକ୍ତି ସଂସଦୀୟ ଚର୍ଚ୍ଚା, ଆଲୋଚନା ଏବଂ ବିତର୍କ ଓ ଜନସାଧାରଣଙ୍କ ମତାମତ ଅନୁଯାୟୀ କରିବା ଆଦି ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରେରଣ କରାଯାଇଛି। ବିକ୍ଷୋଭରେ ସଞ୍ଜୟ ସାହୁ, ବଳରାମ ନାୟକ, ପ୍ରଦୀପ ପ୍ରଧାନ, କାଳୀଚରଣ ପ୍ରଧାନ, ସନାତନ ସାହୁ, କୁମର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

■ ଧଳାଜହର ବିକ୍ରି ବେଳେ ମାଡ଼ିବସିଲା ପୁଲିସ

## ଲକ୍ଷେ ଟଙ୍କାର ବ୍ରାଉନସୁଗର ଜବତ; ୨ ଗିରଫ

ଅନୁଗୋଳ, ୧୩।୮ (ସମିସ): ବ୍ରାଉନସୁଗର ବିକ୍ରି ପାଇଁ ଗ୍ରାହକ ଅପେକ୍ଷାରେ ଥିବା ବେଳେ ଅନୁଗୋଳ ଜିଲ୍ଲା ନାଲକୋନଗର ଥାନା ଆଲୁମିନିୟମ ପାର୍କ ଅଞ୍ଚଳରୁ ମଙ୍ଗଳବାର ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ହେମସୁରପଡ଼ାର ରାଜା ବେହେରା ଓ ମଣ୍ଟୁ ଗୋଛାୟତ। ପୁଲିସ ସୂଚନା ଅନୁସାରେ ଏହି ଅଞ୍ଚଳରେ ବ୍ୟାପକ ବ୍ରାଉନସୁଗର କାରବାର ହେଉଥିବା ଜଣାପଡ଼ିବା ପରେ ବିଭିନ୍ନ ସମୟରେ ପୁଲିସ ଚଢ଼ଉ କରୁଛି। ମଙ୍ଗଳବାର ନାଲକୋ ଆଲୁମିନିୟମ ପାର୍କ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ସୂଚନା ମିଳିବା ପରେ ଥାନା ଏସଆଇ ଅର୍ଚ୍ଚନା ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିଥିଲା। ଏହି ସମୟରେ ଆଲୁମିନିୟମ ପାର୍କ ବସଷ୍ଟାଣ୍ଡ ନିକଟରେ ଥିବା ରାଜା ଓ ମଣ୍ଟୁଙ୍କୁ ସନ୍ଦେହରେ କାବୁ କରି ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୧୫.୨୪୦ ଗ୍ରାମ ବ୍ରାଉନସୁଗର ଜବତ ହୋଇଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ। ଉଭୟ ଏହି ବ୍ରାଉନସୁଗର ବାଲେଶ୍ୱରରୁ ଆଣି ଅନୁଗୋଳ, ନାଲୋକନଗର ଆଦି ଅଞ୍ଚଳରେ ବିକ୍ରି କରୁଥିବା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ବୁଧବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

ବଇଣ୍ଡା, ୧୩।୮ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସରରେ ସୋମବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଉପସଭାପତି ଚୈତନ୍ୟ ବେହେରା, ମୁଖ୍ୟବକ୍ତା ଭାବେ ସହ ପ୍ରଧାନ ଆଚାର୍ଯ୍ୟ ଜ୍ୟୋସ୍ନାମୟୀ ପ୍ରଧାନ ଯୋଗଦେଇ ଶିଶୁମାନଙ୍କ ପ୍ରତି ମା'ର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ନପୂର୍ଣ୍ଣା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁମତି ପ୍ରଧାନ, ରଶ୍ମିତା ମହାନ୍ତି, ନିରୁପମା ବେହେରା, ରତ୍ନମଞ୍ଜରୀ ସାହୁ, ଲିପିକା ସାହୁ, ମମତା ବିଶ୍ୱାଳ, ସୋମାଲିନ ସାହୁ ସହଯୋଗ କରିଥିଲେ।

## କେନାଲରେ ବୁଡ଼ି ବୃଦ୍ଧ ମୃତ

କଣିହାଁ, ୧୩।୮ (ସମିସ): କଣିହାଁ ବ୍ଲକ ସମଲ ଥାନା କୁଲେଇ ଗ୍ରାମ ଦେଇ ଯାଇଥିବା ସମଲ ବ୍ୟାରେଜ ବାମ କେନାଲର ବୁଧବାର ଗାଧୋଇବା ବେଳେ ପାଣିରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ହରିଆ ଦେହୁରୀ (୬୦)। ଅପରାହ୍ନ ସାଢ଼େ ୧ଟାରେ ହରିଆ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ପାଖରେ ଥିବା ଲୋକ ଖୋଜାଖୋଜି କରି ଅପରାହ୍ନ ପ୍ରାୟ ୩ଟାରେ ତାଙ୍କୁ ଉଦ୍ଧାର କରିଥିଲେ। କଣିହାଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ତାଙ୍କୁ ନିକଟସ୍ଥ ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ନିଆଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ତାଳଚେରରେ ପୂର୍ଣ୍ଣକାଳୀନ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ କାର୍ଯ୍ୟକ୍ଷମ

ତାଳଚେର, ୧୩।୮ (ସମିସ): ତାଳଚେର କୋଇଲା କ୍ଷେତ୍ରପାଇଁ ସ୍ୱତନ୍ତ୍ର ସିବିଏ ଟ୍ରିବ୍ୟୁନାଲ (ପୂର୍ଣ୍ଣକାଳୀନ) ବୁଧବାର ଜଗନ୍ନାଥ ଜିଏମ କ୍ୟାମ୍ପସ୍ ପଛପାର୍ଶ୍ୱରେ ପ୍ରିଜାଇଡିଂ ଅଫିସର ଶୀତିକଣ୍ଠ ସାମଲଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏଥିରେ ତାଳଚେର ଉପଜିଲ୍ଲାପାଳ, ତହସିଲଦାର, ଜଗନ୍ନାଥ ଜିଏମ ଅଶୋକ ଧଳ, ଜିଏମ ଗିରୀଶ ପଟ୍ଟନାୟକ (ବିଧି ଏମସିଏଲ), ସରକାରୀ ଓକିଲ ପରାମାନନ୍ଦ ମିଶ୍ର ଓ ଅନ୍ୟ ଅଧିକାରୀ ଯୋଗଦେଇଥିଲେ। ପୂର୍ବରୁ ଏଠାରେ ଥିବା ଉପବିଭାଗୀୟ ବିଚାର ମାଜିଷ୍ଟ୍ରେଟ୍ ତାଳଚେର ସହ ଥିବା ଅଂଶକାଳୀନ ଟ୍ରିବ୍ୟୁନାଲ ବନ୍ଦ ହୋଇଯାଇଛି। ଏହି ସ୍ୱତନ୍ତ୍ର ସିବିଏ ଟ୍ରିବ୍ୟୁନାଲ ତାଳଚେର କୋଇଲା କ୍ଷେତ୍ରର ଜମିହରା ପ୍ରଜାଙ୍କ ମଧ୍ୟରେ କ୍ଷତିପୂରଣ ସମ୍ବନ୍ଧୀୟ ବିବାଦର ଦ୍ରୁତ ସମାଧାନକୁ ସହଜ କରିବ, ଯେଉଁଠାରେ ସିବିଏ ଆଇନ ଅନୁଯାୟୀ ବୃହତ ପରିମାଣରେ କୋଇଲା ଧାରକ ଜମି ଅଧିଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

କିଶୋରନଗର, ୧୩।୮ (ସମିସ): କିଶୋରନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସତ୍ୟନାରାୟଣ ମିଶ୍ରଙ୍କ ବୁଧବାର ସକାଳ ୬ଟାରେ କଟକସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଛି। ସେ ୨୦୧୭ରୁ ଏହି ବିଦ୍ୟାଳୟରେ କାର୍ଯ୍ୟକରି ୨୦୨୨ରେ



ଅବସର ଗ୍ରହଣ କରିଥିଲେ। ଜଣେ ସରଳ, ଅମାୟିକ, ମିଷ୍ଟଭାଷୀ ଓ ଆଦର୍ଶ ଶିକ୍ଷକ ଭାବେ ପରିଚିତ ଥିଲେ। ଅବସର ପରେ ସେ ଅନୁଗୋଳ ସୁସୁଡ଼ାସ୍ଥିତ ନିଜସ୍ୱ ବାସଭବନରେ ଅବସ୍ଥାନ କରୁଥିଲେ। ତାଙ୍କ ବିୟୋଗରେ କିଶୋରନଗର ଉଚ୍ଚ ବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ଶିକ୍ଷକ ବିନାୟକ ଦେହୁରୀ, ସଂଗ୍ରାମ କେଶରୀ ପୃଷ୍ଟି, ଭୈରବ କୁମାର ଦେହୁରୀ, ପ୍ରସନ୍ନ ପ୍ରଧାନ, ଶିକ୍ଷୟିତ୍ରୀ ଚିନ୍ମୟୀ ମହାପାତ୍ର, ସୋମାଞ୍ଜଳି ସାହୁ, ପ୍ରମୋଦିନୀ ପ୍ରଧାନ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ମଞ୍ଜୁ କଅଁର, ପଙ୍କଜିନୀ ସାହୁ, ଶୁଭଲକ୍ଷ୍ମୀ ସାହୁଙ୍କ ସମେତ ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ତାଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ।

## ମା' ଖମ୍ବେଶ୍ୱରୀଙ୍କ ବାର୍ଷିକ ପୂଜା

■ ହଜାର ହଜାର ଭକ୍ତଙ୍କ ସମାଗମ



ଛେଣ୍ଡିପଦା, ୧୩।୮ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତ ଚରାକାନୀଠାରେ ରହିଛି ମା' ଖମ୍ବେଶ୍ୱରୀଙ୍କ ପ୍ରସିଦ୍ଧ ଶକ୍ତିପୀଠ। ପ୍ରତିବର୍ଷ ପରି ଚଳିତ ବର୍ଷ ଭାଦ୍ରବ ମାସ କୃଷ୍ଣପକ୍ଷ ତୃତୀୟା ତିଥିରେ ମା'ଙ୍କ ବାର୍ଷିକ ପୂଜା ଆଡ଼ମ୍ବରରେ ପାଳିତ ହୋଇଛି। ଦୂରଦୂରାନ୍ତରୁ ଆସିଥିବା ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

ମାତ୍ର ଶକ୍ତି ରୁପେଣୀ ଖମ୍ବେଶ୍ୱରୀ କାଠରେ ନିର୍ମିତ ଛୋଟ ଖୁମ୍ବ ଏବଂ ଅନତିଦୂରରେ ରହିଛି ପାତାଳଭେଦୀ ଶବଲିଙ୍ଗ। ଯାହା ଖୁମ୍ବେଶ୍ୱରୀ ନାମରେ ପ୍ରସିଦ୍ଧ। କାଠରେ ନିର୍ମିତ ଛୋଟ ଖୁମ୍ବ ଓସରୁ ଆକୃତି ଏବଂ ୧୬ ଶିରା ବିଶିଷ୍ଟ, ଖୁମ୍ବେଶ୍ୱରୀ ହିଁ ବରଦାନ ପୂର୍ବକ ଭକ୍ତର ମନସ୍କାମନା ପୂରଣ କରିଥାନ୍ତି। ପର୍ବ ଆରମ୍ଭ ପୂଜାଦିନ ପ୍ରତ୍ୟୁଷରେ ଦେହୁରୀ (ପୂଜକ) ପୀଠ ପୂଜା ଓ ବାଳଧୂପ କରନ୍ତି। ଦିନ ୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତମାନେ ମା'ଙ୍କ ଦର୍ଶନ ଲାଭ କରିଥାନ୍ତି। ଢୋଲ, ନିଶାଣ, ଛତି, ତରାଶ ସହ ଏକ ବିରାଟ ଥାଳିରେ ଦେହୁରୀ ପୂଜା ଭୋଗ ଧରି ଛୋଟ ଖୁମ୍ବ ଓ ଖୁମ୍ବେଶ୍ୱରୀଙ୍କ ପୂଜାରେ ଦିଆଣୀକୁ ଫଳଚନ୍ଦନ ଦେଇ ପୂଜା କରିଥାନ୍ତି।

ଏହି ପୂଜାରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, କଂଗ୍ରେସ ସଭାନେତ୍ରୀ ସସ୍ମିତା ବେହେରା, ଅକ୍ଷୟପାଦ ବେହେରା, ଗୋପବନ୍ଧୁ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ବେହେରା, ଶିମିଳିପାଳ ସରପଞ୍ଚ ଗିରୀଶ ଚନ୍ଦ୍ର ପ୍ରଧାନ, କୁନ୍ତଳା ମାଝୀ, ବିଜୟ କୁମାର ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଚରାକାନୀ ଗ୍ରାମ୍ୟ କମିଟି ସଦସ୍ୟ ପରେଶ ମାଝୀ, ପ୍ରକାଶ ଚନ୍ଦ୍ର ସାହୁ, ଅମର ସାହୁ, ସଚିନ ମାଝୀ, ଆଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ସଂସ୍କୃତ ସପ୍ତାହ ପାଳିତ

ବଇଣ୍ଡା, ୧୩।୮ (ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ସାନହୁଲା ହାଇସ୍କୁଲରେ ମଙ୍ଗଳବାର ସଂସ୍କୃତ ସପ୍ତାହ ପଳନ କରାଯାଇଛି। ଏଥିରେ ଚିତ୍ରାଙ୍କନ, ବକ୍ତୃତା, ଶ୍ଳୋକ ଆବୃତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିକ୍ଷକ ତ୍ରିଲୋଚନ ଦେହୁରୀ ଯୋଗଦେଇ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁଧାକର ସାହୁ, ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ପ୍ରଧାନ ଯୋଗଦେଇଥିଲେ। ସଂସ୍କୃତ ଶିକ୍ଷକ ଜଗଦୀଶ ନନ୍ଦ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ କ୍ରୀଡ଼ା ଶିକ୍ଷୟିତ୍ରୀ ବିନୋଦିନୀ ସାହୁ ପରିଚାଳନା କରିଥିଲେ। ସେହିପରି ପାଇକସାହି ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନିରୋଜକାନ୍ତ ପ୍ରଧାନ ଏହାକୁ ଉଦଘାଟନ କରିଥିଲେ। ଅଧ୍ୟାପକ ସାରଦା ପ୍ରସାଦ ସାହୁ, ମିଳନ କୁମାର ସାହୁ, ରଞ୍ଜନ କୁମାର ରାଉଳ, ଯସ୍ମିରାଣୀ ନାୟକ, ପ୍ରିୟଦର୍ଶିନୀ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତ ଅଧ୍ୟାପକ ସରୋଜ କୁମାର କର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

## ୧୦ଦଫା ଦାବିରେ ରାଜସ୍ୱ ଅମଳା ସଂଘର ଆନ୍ଦୋଳନ




ତାଳଚେର, ୧୩।୮ (ସମିସ): ଜିଲ୍ଲା ଅମଳାସଂଘ ନେତୃତ୍ୱରେ ତାଳଚେର ଉପଖଣ୍ଡରେ କାର୍ଯ୍ୟରତ ରାଜସ୍ୱ ଅମଳାମାନେ ସୋମବାରଠାରୁ ସାମୂହିକ ଛୁଟିରେ ରହି ଆନ୍ଦୋଳନ କରିଛନ୍ତି। ମୂଳଦରମା ଲେବୁଲ ୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି ଓ କ୍ୟାଡର ପୁନର୍ଗଠନ, କନିଷ୍ଠ ସହାୟକମାନଙ୍କ ରେସିଡେନ୍ସି ପିରିଅଡ ୬ବର୍ଷ ଜାଗାରେ ୪ବର୍ଷ କରାଯିବା, ବରିଷ୍ଠ ରାଜସ୍ୱ ସହାୟକ ଓ ଏଏସଓ ପଦବୀକୁ ଏକତ୍ରୀକରଣ କରାଯାଇ କେବଳ ଏଏସଓ ରଖାଯିବା, କନିଷ୍ଠ ରାଜସ୍ୱ ସହାୟକଙ୍କୁ ୪ବର୍ଷ ରେସିଡେନ୍ସ ପିରିଅଡ ରଖାଯାଇ ଏଏସଓ ପଦବୀକୁ ପଦୋନ୍ନତି, ୨୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମା, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀମାନଙ୍କୁ ଓଡ଼ିଶା ରାଜସ୍ୱସେବା ପଦବୀକୁ ପଦୋନ୍ନତି, ପୁରୁଣା ପେନସନ୍ ପ୍ରଚଳନ ଆଦି ଦାବିରେ ଉପଜିଲ୍ଲାପାଳ, ତହସିଲ, ବ୍ଲକ, ଆଇସିଡିଏସ୍ କାର୍ଯ୍ୟାଳୟର ଅମଳାମାନେ ଧାରଣ ଦେଇଛନ୍ତି। ଜିଲ୍ଲା ସଭାପତି ନଗେନ ଶତପଥୀ, କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ମନୋଜ ସାହୁ, କାର୍ଯ୍ୟକାରୀ ସଭାପତି ସ୍ନେହାଶ୍ରୀ ବେହେରା, କାର୍ଯ୍ୟନିର୍ବାହୀ ସଭ୍ୟ ପ୍ରଦ୍ୟୁମ୍ନ ପ୍ରଧାନଙ୍କ ସମେତ ଅମଲାମାନେ ଏଥିରେ ସାମିଲ ହୋଇଛନ୍ତି। ଆନ୍ଦୋଳନ ଫଳରେ କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀ ଅଭାବ ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ସେମାନଙ୍କ ଦାବି ପୂରଣ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।




**କଣିହାଁ:** କଣିହାଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ରାଜସ୍ୱ ଅମଳା ସଙ୍ଘ ପକ୍ଷରୁ କଣିହାଁ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଓ ସିଡିପିଓ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଳା ୧୦ ଦଫା ଦାବି ନେଇ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି। ଗତ ମାସ ୭ ତାରିଖ ଅମଳା ସଂଘ ତରଫରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରାଯିବା ସହ ଦାବି ପୂରଣ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ତେବେ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଫଳରେ ସମସ୍ତ ଅଫିସ ଖୋଲା ଥିଲେ ମଧ୍ୟ କର୍ମଚାରୀ ନ ଥିବାରୁ କୌଣସି କାର୍ଯ୍ୟ ହୋଇପାରୁନାହିଁ। ଆନ୍ଦୋଳନରେ ସୁଦର୍ଶନ ନାୟକ, ଅମିୟ ତ୍ରିପାଠୀ, ଶୁଭକାନ୍ତ ପ୍ରଧାନ, ଚୁମକି ଦଳବେହେରା, ଜ୍ଞାନରଞ୍ଜନ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ଜାନକୀ ସାହୁ, ଚନ୍ଦ୍ରକାନ୍ତ ପ୍ରଧାନ, ମୁନ୍ତୁରା ଶୁଣ୍ଢୀ, ଇତିଶ୍ରୀ ପ୍ରଧାନ, ଦାମୟନ୍ତୀ ସାହୁ, ଦେବଦତ୍ତ ନାୟକ, ଟିକିନା ନାଥ, ବର୍ଷାରାଣୀ ସାହୁ ପ୍ରମୁଖ ସାମିଲ ହୋଇଛନ୍ତି।

## ଲୋକଙ୍କୁ କଲବଲ କଲାଣି ବିଦ୍ୟୁତ୍ କାଟ୍

ତାଳଚେର, ୧୩।୮ (ସମିସ): ଏବେ ତାଳଚେରରୁ ବର୍ଷା ଉଭାନ ହୋଇଯିବା ପରେ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କରୁଛି। ଏଥିସହ ଘନ ଘନ ବିଦ୍ୟୁତ୍ କାଟ ଲୋକଙ୍କୁ କଲବଲ କରୁଛି। କୋମଳମତି ଛାତ୍ରଛାତ୍ରୀ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଫଳରେ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ତାଳଚେର ଅଞ୍ଚଳରେ ଆଗକୁ ଓଡ଼ିଶା ପ୍ରସିଦ୍ଧ ଗଣେଶପୂଜା ଆସୁଥିବା ବେଳେ ବିଦ୍ୟୁତ୍ ମରାମତି ନାମରେ ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରାବରାହ ସମ୍ପୂର୍ଣ୍ଣ ବନ୍ଦ କରାଯାଉଛି। ଏହା ବାଦ୍ ଅନ୍ୟ ସମୟରେ ମଧ୍ୟ ବିଦ୍ୟୁତ୍ କାଟ ହେଉଛି। ସ୍କୁଲଗୁଡ଼ିକରେ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଛାତ୍ରଛାତ୍ରୀମାନେ ଶ୍ରେଣୀ କକ୍ଷରେ ବସି ପାଠ ପଢ଼ିବା ଅସହ୍ୟ ହୋଇପଡୁଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଙ୍ଗାରୁଆସ୍ଥିତ ସେଣ୍ଟଜୋନ୍ ସ୍କୁଲ ଛାତ୍ରଛାତ୍ରୀ ସ୍କୁଲ ଯିବାକୁ ଅମଙ୍ଗ ହେଉଛନ୍ତି। ଏହି ଘରୋଇ ସ୍କୁଲ କର୍ତ୍ତୃପକ୍ଷ ପ୍ରତ୍ୟେକ ପିଲାଠାରୁ ମାସିକ ହଜାର ହଜାର ଟଙ୍କା ଆଦାୟ କରୁଥିବା ବେଳେ ବିଦ୍ୟୁତ୍ କାଟ୍ ସମୟରେ ବିକଳ୍ପ ସ୍ୱରୂପ ଜେନେରେଟର ବ୍ୟବସ୍ଥା କରୁ ନ ଥିବାରୁ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

● ବାଦ୍ ପଡୁନାହାନ୍ତି ଛାତ୍ରଛାତ୍ରୀ

## ଅନୁଗୋଳ କଲେଜରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



ଅନୁଗୋଳ, ୧୩।୮ (ସମିସ): ଭାରତ ସରକାର ଓ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ନିର୍ଦ୍ଦେଶ ଆଧାରରେ ବୁଧବାର ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୂଲ୍ୟରେ ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଡ. ନୀଳାଚଳ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ଅନୁଗୋଳ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ପ୍ରାୟ ୭୦୦ ଛାତ୍ରଛାତ୍ରୀ, ଶହେ ଶିକ୍ଷକ ଓ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନ ୧୦ଟାରେ ଶୋଭାଯାତ୍ରା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସମ୍ପନ୍ନ ହୋଇଥିଲା। ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଗଣ ଜାତୀୟ ପତାକା ଧରି ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ମହାବିଦ୍ୟାଳୟ ପରିସରରୁ ବାହାରି, ଶିଶୁ ଉଦ୍ୟାନ ଛକ, ଥାନା ଛକ, ଟ୍ରାଫିକ ଛକ, କୋର୍ଟ ଛକ, ଶ୍ରୀ ଜଗନ୍ନାଥ ମନ୍ଦିର, ଶିକ୍ଷକଶିକ୍ଷା ମହାବିଦ୍ୟାଳୟ, କମଳା ଉଦ୍ୟାନ ଛକ ଦେଇ ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ମହାବିଦ୍ୟାଳୟ ସଂଯୋଜକ କ୍ୟାପଟେନ ଡ. ଅଭିମନ୍ୟୁ ଦାସଙ୍କ ନେତୃତ୍ୱରେ ଶାଶ୍ୱତୀ ଶୁଭଦର୍ଶିନୀ, ସୂର୍ଯ୍ୟକାନ୍ତ ସ୍ୱାଇଁ, ମହାବିଦ୍ୟାଳୟ ପ୍ରଶାସକ ଅଭୟ ମଲ୍ଲିକ, ଡ. ସୁରେଶ ରାଜହଂସ ପ୍ରମୁଖ ଶୋଭଯାତ୍ରାକୁ ପରିଚାଳନା କରିଥିଲେ।

## କେନ୍ଦ୍ରୀୟ ଗଣେଶ ପୂଜା କମିଟି ବୈଠକ

ଅନୁଗୋଳ, ୧୩।୮ (ସମିସ)



ଅନୁଗୋଳ ମିଶ୍ରପଡ଼ାସ୍ଥିତ ଏକ ହୋଟେଲରେ ଅନୁଗୋଳ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ରୀୟ ପୂଜା କମିଟି ସଭାପତି ସୌମ୍ୟରଞ୍ଜନ ସାହୁ, ସମ୍ପାଦକ ଦିପୁନ ବେହେରା, ଉପସଭାପତି ଆକାଶ ମହାରଣା, ଶାନ୍ତନୁ ସେଠୀ, ସହସମ୍ପାଦକ ସୁଶୀଲ ମୁଖି, କୋଷାଧ୍ୟକ୍ଷ ସୁଶାନ୍ତ ସାମଲ, ଉପଦେଷ୍ଟା ବ୍ରହ୍ମଜ୍ୟୋତି ମିଶ୍ର, ସୂର୍ଯ୍ୟକାନ୍ତ ନନ୍ଦ, ପ୍ରଦ୍ୟୁମ୍ନ ସାହୁଙ୍କ ସହିତ ମୋଟ ୧୫ ପୂଜା କମିଟିର ସଭାପତି ସମ୍ପାଦକ ଓ ସଦସ୍ୟ ଉପସ୍ଥିତ ଥିଲେ। ସଭାପତି ସାହୁଙ୍କ ନିବେଦନ କ୍ରମେ ଉପଦେଷ୍ଟା ମିଶ୍ର ସଭା ପରିଚାଳନା କରିଥିଲେ। ପ୍ରଥମେ ଆମ ପୂଜା କମିଟି ସଦସ୍ୟ ରାଜେଶ ମିଶ୍ର ଓ ଦେବାଶିଷ ମିଶ୍ରଙ୍କ ସ୍ୱର୍ଗତ ପିତା ଯଜ୍ଞେଶ୍ୱର ମିଶ୍ରଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। କୁନିଝିଅ ନିଷ୍ଠାଙ୍କ ଦ୍ୱାରା ସମସ୍ତ ପୂଜାକମିଟିକୁ କ୍ରମାଙ୍କ ଟୋକନ ଦିଆଯାଇଥିଲା। ଯାହାର ଯେଉଁ ନମ୍ବର ହେଲା ସେ ପୂଜା କମିଟି ତାକୁ ମାନି କ୍ରମାନ୍ୱୟରେ ମେଢ଼ ନେବେ ବୋଲି ନିଷ୍ପତ୍ତି ହୋଇଥିଲା। ପ୍ରତେକ ବର୍ଷ ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରୀୟ ପୂଜା କମିଟିକୁ ନେଇ ଯେଉଁ ସଭା ଅନୁଷ୍ଠିତ ହେଉଛି ଅତିରିକ୍ତ ଜିଲ୍ଲାପାଳ ବିଦ୍ୟୁତ୍ କର୍ମଚାରୀ, ମ୍ୟୁନିସିପାଲଟି କର୍ମଚାରୀ, ଓ ଅନ୍ୟା କର୍ମଚାରୀଙ୍କୁ ଯାହା ନିର୍ଦ୍ଦେଶ ଦେଉଛନ୍ତି ତାକୁ ସୁଚାରୁ ରୂପେ ପାଳୁନାହାନ୍ତି। ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ପାଖରେ ଯେଉଁ ପୂଜା କମିଟି ପହଞ୍ଚିବେ ସେ ତାଙ୍କ ସାଉଣ୍ଡ କମାଇ ଆଗକୁ ବଢ଼ିବେ। ଚିକିତ୍ସାଳୟରେ ଥିବା ରୋଗୀ ଯେପରି ହଇରାଣ ନ ହେବେ ସେ ନେଇ ଆଲୋଚନା ହୋଇଥିଲା। ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରୀୟ ପୂଜା କମିଟିର ଆଲୋଚନା ପରେ ଯାହା ନିଷ୍ପତ୍ତି ହେବ ତାକୁ ସମସ୍ତ ପୂଜା କମିଟି କାର୍ଯ୍ୟକାରୀ କରିବେ। ଯେଉଁ ପୂଜା କମିଟି ଆଇନ ଅମାନ୍ୟ କରିବେ କିମ୍ବା ଆଇନକୁ ହାତକୁ ନେବେ, କେନ୍ଦ୍ରୀୟ ପୂଜା କମିଟି ତାଙ୍କର କୌଣସି ବି କଥାକୁ ଗୁରୁତ୍ୱ ଦେବନାହିଁ। କେନ୍ଦ୍ରୀୟ ପୂଜା କମିଟି ପୂଜା ପ୍ରସେସନ ସରିବା ପରେ ସେପ୍ଟେମ୍ବର ୭ରେ ପୁନର୍ବାର ସଭା ବସିବ ଓ ସମସ୍ତ ହିସାବ କିତାବ ହେବ ବୋଲି ବୈଠକରେ ସ୍ଥିର ହୋଇଛି।

## ଗୁଣିଗାରେଡ଼ି ସନ୍ଦେହରେ ଦୁଇ ଭଉଣୀଙ୍କୁ ମାଡ଼ ଘଟଣା

# ଜେଲ୍ ଗଲେ ପୂଜକ ଦମ୍ପତିଙ୍କ ସହ ୪ ଅଭିଯୁକ୍ତ

କବାଟବନ୍ଧ/ଜେନାପୁର, ୧୩।୮ (ସମିସ)



ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ପନ୍ତୁରୀ ଗ୍ରାମରେ ମଙ୍ଗଳବାର ଗୁଣିଗାରେଡ଼ିକୁ ନେଇ ଘଟିଥିବା ଅଭାବନୀୟ ଘଟଣାରେ ଜେନାପୁର ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ଗିରଫଙ୍କ ମଧ୍ୟରେ ସ୍ୱାମୀ ସ୍ତ୍ରୀ ମଧ୍ୟ ରହିଛନ୍ତି। ଗିରଫ ୪ ଜଣଙ୍କ ମଧ୍ୟରେ ଦୁଇ ଜଣ ପୁରୁଷ ଏବଂ ଦୁଇ ଜଣ ମହିଳା ରହିଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ପଞ୍ଚାୟତ ପନ୍ତୁରୀ ଗ୍ରାମର ସ୍ୱର୍ଗତ ପରି ଦେହୁରୀଙ୍କ ପୁଅ ସୁବାସ ଦେହୁରୀ (୫୦) ଏବଂ ତାଙ୍କ ସ୍ତ୍ରୀ ଗେଡ଼ି ଦେହୁରୀ (୪୫) ଏବଂ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଚାରିଘରପୁର ଗ୍ରାମର ଦୀନବନ୍ଧୁ ଓଝାଙ୍କ ପୁଅ ଅଭିମନ୍ୟୁ ଓଝା (୫୫)ଏବଂ କୁଆଖିଆ ଥାନା ଅନ୍ତର୍ଗତ ଆଦମପୁର ଗ୍ରାମର ବିଚିତ୍ର ମହାକୁଡ଼ଙ୍କ ସ୍ତ୍ରୀ ତୁଳସୀ ମହାକୁଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି କାଳିସୀ ଓ ତନ୍ତ୍ର ମନ୍ତ୍ର ଘଟଣାର ମୁଖ୍ୟ ଭାବେ ସୁଦାମ ଓ ତାଙ୍କ ପତ୍ନୀ ଗେଡ଼ି ଏସବୁ କରୁଥିବା ବେଳେ ଦୀର୍ଘ ଦିନ ଧରି ଅଭିମନ୍ୟୁ ତାଙ୍କୁ ସହଯୋଗ କରୁଥିଲେ। ମାତ୍ର ତୁଳସୀ ମହାକୁଡ଼ ତାଙ୍କର କିଛି ବ୍ୟକ୍ତିଗତ ସମସ୍ୟା ନେଇ ଉକ୍ତ ମଣିତାରିଣୀ ପୀଠକୁ ଆସିଥିଲେ। ହଠାତ ଏକ ବେତ ଧରି ବାଡ଼େଇବା ସହିତ ମୋ ଦେହରେ ଠାକୁରାଣୀ ଆସିଛନ୍ତି ବୋଲି ତୁଳସୀ କହିଥିଲେ। ଏହା ପରେ ଉଲଗ୍ନ କରି ତାଙ୍କୁ ବାଡେଇବା ସହିତ ତାଙ୍କ ପାଟିରେ ବେତ ପୂରାଇ ଦେଇଥିଲେ। ଉଲଗ୍ନ କରି ଗାଁ ଦାଣ୍ଡରେ ଚଲାଇ ଚଲାଇ ନେବା ପରେ ଗ୍ରାମବାସୀ ପ୍ରତିବାଦ କରିଥିଲେ। ଅନ୍ୟ ପକ୍ଷରୁ ଏହି ଉନ୍ମତକାଣ୍ଡରେ ଗୁରୁତର ଆହତ ହୋଇଥିବା ପ୍ରଶାନ୍ତ ଲେଙ୍କାଙ୍କ ଦୁଇ ଝିଅ ଜ୍ୟୋତି ଲେଙ୍କା ଏବଂ ଜ୍ୟୋତ୍ସ୍ନା ଲେଙ୍କା ଏବେ ମେଡ଼ିକାଲରୁ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭିନ୍ନ ଧରଣର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଗତକାଲି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଚେତନତା ଅଭାବରୁ ଗାଁ ଗହଳିର ସାଧାରଣ ଲୋକ ମାନେ ଅତି ସରଳ ଭାବରେ ଏହି ସବୁ ଅନ୍ଧବିଶ୍ୱାସ ଏକ ତନ୍ତ୍ରମନ୍ତ୍ରକୁ ବିଶ୍ୱାସ କରି ଯାଉଛନ୍ତି। ଖାଲି ପନ୍ତୁରୀ ନୁହେଁ; ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଭଳି ଭାବେ ଅନେକ ସ୍ଥାନରେ ପୂଜାପାଠ କରାଯାଉଥିବା ଦେଖିବାକୁ ମିଳୁଛି। ଏହା ପରେ ପୁନର୍ବାର ଏହି ସ୍ଥାନରେ ପୂଜାପାଠ, ମନ୍ତ୍ର ତନ୍ତ୍ର, ଗୁଣି ଗାରେଡ଼ି ଚାଲିବ କି ନାହିଁ ଏହାକୁ ନେଇ ଆଶଙ୍କା ଦେଖାଦେଇଛି। ଏଭଳି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।

## ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ବରୁଆଁ, ୧୩।୮ (ସମିସ): ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ଯାଜପୁର ସଦର ପୁଲିସ। ସୂଚନା ମୁତାବକ ଯାଜପୁର ସଦର ଥାନା ଅନ୍ତର୍ଗତ ଚିନ୍ତାପଲ୍ଲୀ ଗ୍ରାମର ଭକ୍ତ ଚନ୍ଦ୍ର ମଲିକଙ୍କ ପୁତ୍ର ଉମେଶ ଚନ୍ଦ୍ର ମଲିକ (୩୨) ସେହି ଗ୍ରାମର ନରେନ୍ଦ୍ର କୁମାର ମଲିକଙ୍କ ଝିଅ ପୂଜା ମଲିକଙ୍କ ମଧ୍ୟରେ ଦୀର୍ଘ ୬ ବର୍ଷ ପୂର୍ବେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀର୍ଘ ୪ ବର୍ଷ ଧରି ଉଭୟ ଉଭୟଙ୍କୁ ଭଲ ପାଉଥିଲେ। କିନ୍ତୁ ୨୦୨୩ ମସିହା ପରେ କୌଣସି କାରଣରୁ ପରସ୍ପରକୁ ଭଲ ପାଇବା ପରିବର୍ତ୍ତେ ଉଭୟଙ୍କ ମଧ୍ୟରେ ତିକ୍ତତା ଦେଖାଯାଇଥିଲା। ପରସ୍ପରକୁ ଭୁଲି ଯାଇଥିଲେ। ଝିଅ ଘର ଲୋକେ ଝିଅର ବିବାହ ପାଇଁ ବର ଘର ଯୋଗାଡରେ ଥିବା ବେଳେ ଉମେଶ ଓ ପୂଜା ମଧ୍ୟରେ ମିଳାମିଶାର କିଛି ଫଟୋ ପୂଜା ନାମରେ ଇନଷ୍ଟାଗ୍ରାମରେ ଫେକ୍ ଆକାଉଣ୍ଟ ଖୋଲି ଅଶ୍ଳୀଳ ଫଟୋକୁ ଆଖପାଖ ଗାଁର ଲୋକଙ୍କୁ ଦେଖାଇବା ଓ ପୂଜାର ବନ୍ଧୁ ବାନ୍ଧବଙ୍କ ଘର ଫୋନରେ ଭାଇରାଲ କରିଥିବା ଓ ରାସ୍ତା ଘାଟରେ ଅଶ୍ଳୀଳ ଇଙ୍ଗିତ ଦେବା ନେଇ ପୂଜା ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ପୂଜା କିଛିଦିନ ହେଲା ମାନସିକ ଆଘାତ ପାଉଥିଲେ। ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରିବା ସହ ଘଟଣାରେ ଅଭିଯୁକ୍ତ ଉମେଶ ମଲିକଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି।

■ ବହୁ ଚର୍ଚ୍ଚିତ ତପନ ହତ୍ୟାକାଣ୍ଡ ଘଟଣା

## ଅଭିଯୁକ୍ତ ଅଭିମନ୍ୟୁ ନାୟକ ଗିରଫ

ବରୁଆଁ, ୧୩।୮ (ସମିସ): ବେଆଇନ୍ ବାଲି ଚୋରା ଚାଲାଣକୁ ନେଇ ଗତ ମେ' ୨୭ ତାରିଖରେ ବରୁଆଁ ପଞ୍ଚାୟତ କଚେରୀଗାଁ ଠାରେ ବାଲି ମାଫିଆମାନେ ସଂଘବଦ୍ଧ



ଆକ୍ରମଣରେ ତପନ ଲେଙ୍କାଙ୍କ ମୃତ ଘଟଣାରେ ପୁଣି ଅନ୍ୟଜରେ ଅଭିଯୁକ୍ତ ଅଭିମନ୍ୟୁ ନାୟକଙ୍କୁ ଗିରଫ କରିଛି। ଏହି ହତ୍ୟାକାଣ୍ଡରେ ସାମିଲ ଥିବା ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଚନ୍ଦନ ନାୟକ, ପ୍ରକାଶ ମଲିକ ଓ ରମେଶ ମଲିକଙ୍କୁ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ମାନେ ଫେରାର୍ ହୋଇଯାଇଥିଲେ। ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା କୌଣସି ସୂତ୍ରରୁ ଖବର ପାଇ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳୀପୁର ଗ୍ରାମରେ ରାତିଅଧିଆ ଚଢ଼ଉ କରି କଚେରୀଗାଁର ଫକିର ନାୟକଙ୍କ ପୁତ୍ର ଅଭିଯୁକ୍ତ ଅଭିମନ୍ୟୁ ନାୟକ (୬୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସଦର ପୁଲିସ ପକ୍ଷରୁ ପ୍ରକାଶ। ଏହି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବାରମ୍ବାର ଦାବି ଓ ଆନ୍ଦୋଳନ ହୋଇଆସୁଥିଲା।

## 'ଆମ ବ୍ୟାଙ୍କ'ରେ ତାଲା ଝୁଲୁଛି

କବାଟବନ୍ଧ, ୧୩।୮ (ସମିସ): ଯାଜପୁର ଜିଲ୍ଲାର ପ୍ରାୟ ସମସ୍ତ ପଞ୍ଚାୟତରେ ଖୋଲା ଯାଇଥିବା ଆମ ବ୍ୟାଙ୍କ ଗୁଡ଼ିକରେ ତାଲା ଝୁଲି ରହିଥିବା ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ ଏହା ଭିତରେ ସରକାରୀ ସହାୟତା ଭାବେ ଯୋଗାଇ ଦିଆଯାଇଥିବା ବିଭିନ୍ନ ଉପକରଣ ଖରାପ ହୋଇ ଯାଇଥିବା ଜଣାପଡ଼ିଛି। ଦୀର୍ଘ ଦିନ ଧରି ବ୍ୟବହାର ନ ହେବା କାରଣରୁ ସରକାରଙ୍କ ଟଙ୍କା ଅଯଥା ନଷ୍ଟ ହେଉଛି। ଗତ ୨୦୨୩ ଓ ୨୦୨୪ରେ ରାଜ୍ୟର ବିଭିନ୍ନ ପଞ୍ଚାୟତରେ ଆମ ବ୍ୟାଙ୍କ ଖୋଲିଥିଲା। ସମସ୍ତ ପଞ୍ଚାୟତରେ ଆମ ବ୍ୟାଙ୍କ ପାଇଁ ଗୃହ ନିର୍ମାଣ ସହ ଆବଶ୍ୟକୀୟ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ବିଭିନ୍ନ ବୈଦ୍ୟୁତିକ ଉପକରଣ, ଇଣ୍ଟରନେଟ ଏବଂ ବ୍ୟାଙ୍କ ବିସି (ବିଜିନେସ କରସପେଣ୍ଡେସ) ମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ବିସି ମାନେ ଉକ୍ତ କାର୍ଯ୍ୟାଳୟରେ ବସି କିଛି ମାସ କାର୍ଯ୍ୟ ମଧ୍ୟ କରିଥିଲେ। ଏହି ବ୍ୟାଙ୍କ ଗୁଡ଼ିକରେ ୧୫ ଗୋଟି ସେବା ଉପଲବ୍ଧ ହେଉଥିବାର ସୁବିଧା କରାଯାଇଥିଲା। ଲୋକମାନେ ଉପକୃତ ମଧ୍ୟ ହେଉଥିଲେ। ମାତ୍ର ନୂଆ ସରକାର କ୍ଷମତାକୁ ଆସିବା ପରେ ପୂର୍ବ ସରକାରଙ୍କର ଏହି ଲୋକାଭିମୁଖୀ ଯୋଜନାକୁ ଅଣଦେଖା କଲେ। ଫଳରେ ସାରା ଓଡ଼ିଶାରେ ଖୋଲା ଯାଇଥିବା ଆମ ବ୍ୟାଙ୍କ ଗୁଡ଼ିକ ଏକ ପ୍ରକାର ଅଚଳ ହୋଇଯାଇଛି। ଯେଉଁଠି ଦେଖିବ ଖାଲି ତାଲା ଝୁଲୁଛି। ଫଳରେ ହିତାଧିକାରୀ ମାନେ ଏବେ ନିଜ ପ୍ରାପ୍ୟ ପାଇଁ ୧୦/୧୫ କିଲୋମିଟର ଦୌଡ଼ିବାକୁ ପଡୁଛି। ବିଶେଷ କରି ବୃଦ୍ଧବୃଦ୍ଧା, ଗର୍ଭବତୀ ମହିଳା, ଦିବ୍ୟାଙ୍ଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

## ନବ ନିର୍ମାଣ ଯୁବ ଛାତ୍ର ସଂଗଠନର ପଦଯାତ୍ରା




ବଡ଼ଚଣା, ୧୩।୮ (ସମିସ): ନାରୀ ସୁରକ୍ଷା ଦାବି ନେଇ ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ବାଲେଶ୍ୱରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଚାଲୁଥିବା ପଦଯାତ୍ରା ଓ ସତ୍ୟାଗ୍ରହ ଆଜି ଚଣ୍ଡିଖୋଲ ଛକଠାରେ ପହଞ୍ଚିଥିଲା। ଏଠାରେ ଯୁବ ଛାତ୍ର ସଂଗଠନ ଯାଜପୁର ଜିଲ୍ଲା ସଂଯୋଜକ ଅଶ୍ୱିନୀ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଥପ୍ରାନ୍ତ ସଭାରେ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ଯୋଗଦେଇ ରାଜ୍ୟରେ ନାରୀ ହତ୍ୟା ଭଳି କଳଙ୍କିତ ଘଟଣା ଆଉ ଯେମିତି ନ ଘଟୁ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୋର କମିଟି ସଦସ୍ୟ ଦେବୀପ୍ରସାଦ ମହାରଣା, ରାଜ୍ୟ ସଂଯୋଜକ ମହମ୍ମଦ ମନୱର ଅଲ୍ଲୀ, ଡ. କୁଳମଣି, ବାଲେଶ୍ୱର ଜିଲ୍ଲା ସଂଯୋଜକ ରଞ୍ଜିତ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ସଂଯୋଜକ କୃଷ୍ଣ ନାୟକ, ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଦିନେଶ ଦାସ, ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ନିରଞ୍ଜନ ପ୍ରଧାନ, କେନ୍ଦୁଝର ଜିଲ୍ଲା ସଂଯୋଜକ ଖଗେଶ୍ୱର ମହନ୍ତ ପ୍ରମୁଖ ଯୋଗଦେଇ ଏଭଳି ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ତେବେ ପଥପ୍ରାନ୍ତ ସଭା ଶେଷ ହେବା ପରେ ଚଣ୍ଡିଖୋଲ ଠାରୁ ଏହି ପଦଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରିଥିଲା।

## ବିଜେଡିର ମାଣ୍ଡୁକା ପଞ୍ଚାୟତ ସଭାପତି ନିଯୁକ୍ତ



ବଡଚଣା, ୧୩।୮ (ସମିସ): ବଡ଼ଚଣା ବ୍ଲକ ମାଣ୍ଡୁକା ପଞ୍ଚାୟତର ବିଜେଡି ସଭାପତି ଭାବେ ଅଶୋକ କୁମାର ବିଶ୍ୱାଳଙ୍କୁ ମନୋନୀତ କରାଯାଇଛି। ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ପଞ୍ଚାୟତର ଯୁବ ଛାତ୍ର ବରିଷ୍ଠ କର୍ମକର୍ତ୍ତାମାନଙ୍କୁ ଏକାଠି ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଶୋକ କୁମାର ବିଶ୍ୱାଳଙ୍କୁ ପଞ୍ଚାୟତର ସାଂଗଠନିକ ସଭାପତି ଓ ଭାଗ୍ୟଧର ବେହେରାଙ୍କୁ ପଞ୍ଚାୟତ ଉପସଭାପତି ଭାବେ ବିଧିବଦ୍ଧ ଘୋଷଣା କରାଯାଇଥିଲା। ଉକ୍ତ ବୈଠକରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଅମର ମହାନ୍ତି, ଜ୍ଞାନରଞ୍ଜନ ସାହୁ, ନିରଞ୍ଜନ ବିଶ୍ୱାଳ, ନିରଞ୍ଜନ ସିଂ, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ଜେନା, ପ୍ରଶାନ୍ତ କୁମାର ମହାନ୍ତି, ଗଣପତି ଦାସ, କାର୍ତ୍ତିକ ଦଳେଇ, କାମଦେବ ଦାସ, ନିଗମାନନ୍ଦ ବଳ, ଅଭିନ୍ନ ମଲିକ, ଉମାକାନ୍ତ ରାଉତ, କିଶୋର ଚନ୍ଦ୍ର ରାଉତ, ନୃସିଂହ ଚନ୍ଦ୍ର ବଳ, ଉମାକାନ୍ତ ପରିଡ଼ା, ମଧୁସୂଦନ ଦଳେଇ, ମନ୍ମଥ କର, ଅଶୋକ ମିଶ୍ର, ସୁଶାନ୍ତ ରାଉତ, କାଳନ୍ଦୀ ଦାସ, ନାରାୟଣ ବିଶ୍ୱାଳ, ଦୁର୍ଲ୍ଲଭ ବାରିକ, ରଶ୍ମିରଞ୍ଜନ ମହାନ୍ତିଙ୍କ ସମେତ ଅନେକ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ଭେଟିଲା ଖରସ୍ରୋତା ପୁସ୍ତକ ମେଳା କମିଟି



ଯାଜପୁର, ୧୩।୮ (ସମିସ): ଖରସ୍ରୋତା ପୁସ୍ତକ ମେଳା କମିଟିର ସଭାପତି ପଦ୍ମାକର ଗୁରୁଙ୍କ ନେତୃତ୍ୱରେ ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସହିତ ଆଲୋଚନା କରିଛନ୍ତି। ପ୍ରକାଶକମାନେ ଆୟୋଜକମାନଙ୍କୁ ସହଯୋଗ କରୁଥିବାରୁ ଗ୍ରାମାଞ୍ଚଳରେ ଏହି ପୁସ୍ତକ ମେଳା ଦୁଇ ବର୍ଷ ଧରି ଅନୁଷ୍ଠିତ ହେଉଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସମସ୍ତ ମହାବିଦ୍ୟାଳୟ, ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକମାନେ ସରକାରୀ ଅର୍ଥରେ ଅଧିକରୁ ଅଧିକ ବହି କିପରି ପୁସ୍ତକ ମେଳାରୁ କିଣିପାରିବେ, ସେଥିପ୍ରତି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମିଳିଲେ ଖରସ୍ରୋତା ପୁସ୍ତକ ମେଳା କମିଟି ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ସଂସ୍କୃତି ପରିଷଦରୁ ଓ ଅନ୍ୟାନ୍ୟ ଉତ୍ସରୁ ଆର୍ଥିକ ସହଯୋଗ ସହ ଜିଲ୍ଲା ଓ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ କିପରି ତୃତୀୟ ପୁସ୍ତକ ମେଳା ଚଳିତ ଡିସେମ୍ବର୍ ୧୬ରୁ ୨୨ ତାରିଖ ୭ ଦିନ ବ୍ୟାପୀ ସୁରୁଖୁରୁରେ ଆୟୋଜିତ ହେବ ଓ ସାତଦିନ ଧରି ପ୍ରତିଷ୍ଠିତ ସାହିତ୍ୟିକ, ପ୍ରଶାସକ, ଲବ୍ଧ ପ୍ରତିଷ୍ଠିତ ସାରସ୍ୱତ ପ୍ରେମୀ ଓ ରାଜ୍ୟସ୍ତରୀୟ ସାଂସ୍କୃତିକ ଦଳ ଯୋଗ ଦେବେ, ସେଥିଲାଗି ଜିଲ୍ଲାପାଳଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଏହି ଅବସରରେ ପୁସ୍ତକ ମେଳା କମିଟିର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପ୍ରଧାପକ ଅଜୟ କୁମାର ଓଝା ଓ ବରିଷ୍ଠ ଉପଦେଷ୍ଟା ତଥା ଅଖିଳଚକ୍ରର ସମ୍ପାଦକ ହରେକୃଷ୍ଣ ପଣ୍ଡା ଉତ୍ତରୀୟ ଦେଇ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବାଲାଜୀ ପାଠାଗାରର ସଭାପତି ତଥା ଉପଦେଷ୍ଟା ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ ଜିଲ୍ଲାପାଳଙ୍କୁ ସ୍ମରଣିକା ପ୍ରଦାନ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ପୁସ୍ତକ ମେଳା କମିଟିର ଉପଦେଷ୍ଟା କବି ରମାକାନ୍ତ ନାୟକ, ସନ୍ତୋଷ କୁମାର ବେଉରିଆ, ଶିକ୍ଷାବିତ୍ ନିରଞ୍ଜନ ବେହେରା, ଉମେଶ ଚନ୍ଦ୍ର ସାମଲ, ଅକ୍ଷୟ କୁମାର ସେଠୀ ଓ କୋଷାଧ୍ୟକ୍ଷ ରତ୍ନାକର ସାହୁ ଉପସ୍ଥିତ ଥିଲେ।

## ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ନିମ୍ନମାନର



ଦାନଗଦୀ/ଯଖାପୁରା, ୧୩।୮ (ସମିସ): ସାଧାରଣ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସ୍ୱାସ୍ଥ୍ୟ ସେବାର ଉନ୍ନତି ଓ ଭିତ୍ତିଭୂମିର ବିକାଶ ପାଇଁ ବଜେଟରେ ସରକାର ହଜାର ହଜାର କୋଟି ଟଙ୍କା ପାଣି ଭାଳି ଖର୍ଚ୍ଚ କରୁଛନ୍ତି। କେତେକ ଜାଗାରେ ଲାଭଖୋର ଠିକାଦାର ଓ ଅସାଧୁ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁଁ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ବାଧକ ସାଜୁଛି। ଏପରି ଅଭିଯୋଗ ହେଉଛି ଦାନଗଦି ବ୍ଲକ ଯଖପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ନୂତନ ନିର୍ମାଣ ଚାଲିଥିବା ଗୃହ ଉପରେ। ଏଠାରେ ଚାଲିଥିବା ନୂତନ ଗୃହ ନିର୍ମାଣ ରେ ବ୍ୟାପକ ଅନିୟମିତା ହୋଇଥିବା ଦେଖିବାକୁ ମିଳିଛି। ଏହି ଯଖପୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି କଳିଙ୍ଗନଗର ଶିଳ୍ପାଞ୍ଚଳ ଶ୍ରମିକ, କର୍ମଚାରୀ ଓ ନିକଟସ୍ଥ ୧୦ଟି ପଞ୍ଚାୟତରୁ ୫୦ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭରଶୀଳ। ଏହାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସରକାର ୮୭ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଏକ ନୂତନ ଗୃହ ନିର୍ମାଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହେଉଥିବା ନୂତନ ଗୃହଟି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଏବେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟ ରେ ଥିବା ବେଳେ ଲୋକଙ୍କ ଅଭିଯୋଗ ଥିଲେ ବି ବିଭାଗୀୟ ଯନ୍ତ୍ରୀଙ୍କ ଦେଖା ମିଳୁନି। ଏହାର ସୁଯୋଗ ନେଇ ଲାଭଖୋର ଠିକାଦାର ଗୃହ କାର୍ଯ୍ୟ ଆରମ୍ଭରୁ ନିମ୍ନମାନର କରିଚାଲିଛି। ଡାକ୍ତରଖାନାକୁ ଯିବାକୁ ଥିବା ମୁଖ୍ୟ ରାସ୍ତାଟି ଏବେ କଂକ୍ରିଟ କରାଯାଇଛି ଯାହାକି ଆଦୌ ମାଟି ତଳକୁ ଖୋଳା ହୋଇ ଢଳେଇ ଦିଆ ଯାଇନାହିଁ। ଯାହାକି ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରାଜରାସ୍ତାରେ ରୋଡ୍ ରୋମିଓଙ୍କ ପ୍ରାଦୁର୍ଭାବ

କୟାଁଗୋଲା, ୧୩।୮ (ସମିସ): ଦଶରଥପୁର ବ୍ଲକରେ ବଢୁଛି ରୋଡ ରୋମିଓର ପ୍ରାଦୁର୍ଭାବ। କଲେଜ, ବଜାର, ଛକ ମାନଙ୍କରେ, ବ୍ଲକ ଅଫିସ୍ ଅଞ୍ଚଳରେ ବାଇକ୍ ଧରି ଚକ୍କର କାଟିବା ସହ ସ୍କୁଲ, କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରୁଛନ୍ତି। କଲେଜ, ବେସରକାରୀ ଶିକ୍ଷାନୁଷ୍ଠାନ, ବଜାର ଅଞ୍ଚଳରେ ରୋଡ୍ ରୋମିଓ ଏବଂ ଅସାମାଜିକ ଯୁବକଙ୍କ ପ୍ରାଦୁର୍ଭାବ ସୀମା ଟପିବାରେ ଲାଗିଛି। ବେପାରୁଆ ଗାଡ଼ି ଚାଳନା ଯୋଗୁଁ ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟୁଥିବା ବେଳେ ବିକଟାଳ ଶବ୍ଦ କରୁଥିବା ହର୍ଣ୍ଣ ସାଇଲେନ୍ସର ଯୋଗୁଁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ପୂର୍ବାହ୍ନ ଓ ଅପରାହ୍ନ ସମୟରେ ଏହି ବ୍ଲକର ବିଭିନ୍ନ ଛକ ମଙ୍ଗଳପୁର, ଦକ୍ଷିଣ ବନ୍ଧ, କୟାଁଗୋଲା, ବିରିପଟା, କଲେଜ ସାମ୍ନା ଆଦି ଅଞ୍ଚଳରେ ଅନେକ ସମୟରେ ସ୍ପିଡରେ ଗାଡ଼ି ଚଳାଇବା ସହ ହଠାତ୍ ବ୍ରେକ ମାରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବାରୁ ଯାତାୟାତ କରୁଥିବା ଲୋକ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। କିଛି ଅଞ୍ଚଳରେ ପୁଲିସ୍‌କୁ ଦେଖିଲେ ରୋଡ ରୋମିଓ ଗାଡ଼ିକୁ ସ୍ୱଳ୍ପ ସମୟ ପାଇ ସ୍ଲୋ କରୁଥିବା ବେଳେ ପୁଲିସ୍ ଗଲା ପରେ ପୁଣି ଦ୍ରୁତଗତିରେ ଗାଡ଼ି ଚାଳନା କରୁଛନ୍ତି। ଯୁବତୀ ଓ ମହିଳାମାନଙ୍କୁ କମେଣ୍ଟ ପାସ୍ କରିବା ଦ୍ୱାରା ଛାତ୍ରୀ ଓ ମହିଳାଙ୍କୁ ବହୁତ ଅସୁବିଧାର ସମ୍ମୁଖିନରେ ପଡୁଛନ୍ତି। ସ୍କୁଲ, କଲେଜ, ବଜାର, ଟ୍ୟୁସନ ଯିବା ଆସିବା ବେଳେ କିଛି ଯୁବକ ହଇରାଣ ହରକତ କରୁଛନ୍ତି। ଏନେଇ ମଙ୍ଗଳପୁର ଥାନା ଏସଆଇ ଅନିତା ପ୍ରଧାନ ପଚାରିବାରୁ ଏହା ଉପରେ କଡ଼ା ନଜର ରଖିବେ ବୋଲି କହିଛନ୍ତି।

## ଫିକା ପଡ଼ିଲା ବିଜେପିର ତ୍ରିରଙ୍ଗା ଯାତ୍ରା




ନନ୍ଦିପୁର, ୧୩।୮ (ସମିସ): ଏବେ ବିଜେପି ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଛି ତ୍ରିରଙ୍ଗା ଯାତ୍ରା। ଏହି ଅବସରରେ ଦଶରଥପୁର ବ୍ଲକ ବିହାରୀ ପଞ୍ଚାୟତସ୍ଥ ମା' ବାଘୁଆସୁଣୀଙ୍କ ପୀଠରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବାଘୁଆସୁଣୀ ବିଜେପି ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ ଓ ବିଜେପି ସଂଯୋଜକ ନିରଞ୍ଜନ ବେହୁରିଆ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରା ବାଘୁଆସୁଣୀ ମା'ଙ୍କ ମନ୍ଦିରରୁ ବାହାରି ବିହାରୀ ପଞ୍ଚାୟତର ଏକ ନମ୍ବର ୱାର୍ଡ ଯାଏ ପରିକ୍ରମା କରିଥିଲେ। ଉକ୍ତ ବିଜେପି ମଣ୍ଡଳଟି ବିହାରୀ, ରାହାସୋଇ, ବିରୁହାଁ, ଗ୍ରାମ ନନ୍ଦିପୁର, ପାଲଟପୁର, ଜାଫରପୁରକୁ ନେଇ ଗଠିତ। ଦଳୀୟ ନେତୃତ୍ୱଙ୍କ ପୂର୍ବ ଆକଳନ ଅନୁସାରେ ଏଥିରେ ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେବା କଥା। କିନ୍ତୁ ଆଜିର କାର୍ଯ୍ୟକ୍ରମରେ କର୍ମୀ, ଶୁଭେଚ୍ଛୁଙ୍କ ସଂଖ୍ୟା ଅର୍ଦ୍ଧଶତକ ବି ଛୁଇଁ ପାରିନଥିଲା। ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଏଥିପାଇଁ ଦାୟୀ ବୋଲି ଜଣେ କର୍ମୀ ନିଜ ନାମ ଗୁପ୍ତ ରଖି ଅଭିଯୋଗ କରିଛନ୍ତି। ଏହା ଛଡ଼ା ସରକାର ଏକ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ସେଭଳି କୌଣସି ସୁଫଳ ଅଞ୍ଚଳବାସୀ ପାଇନଥିବାରୁ ବିଜେପିରୁ ମୁହଁ ଫେରାଉଥିବାର କଥା କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

# ଜିଲ୍ଲାସ୍ତରୀୟ କୃମିନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ

ଯାଜପୁର, ୧୩।୮ (ସମିସ)

ଯାଜପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଯଯାତିକେଶରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀ ଓ

● ଜିଲ୍ଲାର ୨୬୭୮ ବିଦ୍ୟାଳୟ ଓ ୨୮୨୬ ଅଙ୍ଗନବାଡିରେ ଦିଆଯିବ ଔଷଧ




ଶିକ୍ଷୟିତ୍ରୀମାନଙ୍କୁ ଏ ଦିଗରେ ସଚେତନ କରିବା ନିମନ୍ତେ ସେ କୃମିନାଶକ ବଟିକା ଆଲବେଣ୍ଡାଜୋଲ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ୍ ଓ ବଟିକା ସେବନ କରାଇବା ନିମନ୍ତେ ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ ଓ ଅଙ୍ଗନବାଡି ଦିଦି, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। କୃମି ସଂକ୍ରମଣରୁ ରକ୍ଷା ପାଇବା ପାଇଁ କୃମି ନାଶକ ବଟିକା ସେବନ କରିବା ସାଙ୍ଗେ ପରିଷ୍କାର ପରିଚ୍ଛନ୍ନ ରହିବା, ମଳତ୍ୟାଗ ସମୟରେ ପାଇଖାନାରେ ଚପଲ ବ୍ୟବହାର, ବିଶୁଦ୍ଧ ପାନୀୟ ଜଳ ସେବନ, ଖାଇବା ପୂର୍ବରୁ ହାତ ସଫା କରିବା, ନଖ କାଟିବା ଆଦି ବିଷୟରେ ଉପସ୍ଥିତ ଅତିଥି ମାନେ ସମସ୍ତଙ୍କୁ ସଚେତନ କାରାଇଥିଲେ। ଏହି ଅଭିଯାନ ଆଜି ଜିଲ୍ଲାର ୨୬୭୮ ସରକାରୀ, ବେସରକାରୀ ବିଦ୍ୟାଳୟ, ୨୮୨୬ ଅଙ୍ଗନବାଡି କେନ୍ଦ୍ରରେ ଆରମ୍ଭ ହୋଇଛି। ଏହି ସମସ୍ତ ସ୍ଥାନରେ ଆଶା କର୍ମୀ, ଅଙ୍ଗନବାଡି ଦିଦି, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କ ଉପସ୍ଥିତି ରେ ପିଲା ମାନଙ୍କୁ କୃମିନାଶକ ବଟିକା ଓ ସିରପ୍ ଆଲବେଣ୍ଡାଜୋଲ ଖାଇବାକୁ ଦିଆଯାଉଛି। ଜିଲ୍ଲାର ୬, ୭୨, ୮୮୫ ଜଣ ୧ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର; ୯୨, ୩୮୨ଜଣ ୨୦ରୁ ୨୪ ବର୍ଷ ବୟସର ପ୍ରସୂତି ବା ଗର୍ଭବତୀ ହୋଇନଥିବା ପ୍ରଜନନକ୍ଷମ ମହିଳାମାନଙ୍କୁ ଏହି ବଟିକା ଓ ସିରପ୍ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିସି), ଡା. ରମେଶ ଚନ୍ଦ୍ର ମଲ୍ଲିକ, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଯଯାତିକେଶରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଡିପିଏମ୍, ଡେପୁଟି ମ୍ୟାନେଜର ଓ ବିଦ୍ୟାଳୟର ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ସ୍ତରୀୟ କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ କର୍ମୀ, ସହରାଞ୍ଚଳର ଆଶା, ଆଦି ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରୁ ରକ୍ଷା ପାଇଁ ସଚେତନତା ରଥର ଶୁଭାରମ୍ଭ



ବାରିପଦା, ୧୩।୮ (ସମିସ): ବୁଧବାର ବାରିପଦା ପୌରପାଳିକା ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ବଜ୍ରପାତ ଜନିତ ଆକସ୍ମିକ ବିପଦରୁ ରକ୍ଷା ପାଇବା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି । ଏହାକୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱରଚନ୍ଦ୍ର ନାଏକ, ଜିଲ୍ଲା ଜରୁରୀ କାଳୀନ ଅଧିକାରିଣୀ ଶ୍ରଦ୍ଧା ସୁମନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ ରଥ ସହରରେ ପରିକ୍ରମା କରି ଲୋକଙ୍କୁ ବଜ୍ରପାତରୁ ରକ୍ଷା ପାଇବାର ବାର୍ତ୍ତା ମାନ ପ୍ରଚାର କରିବ । ବଜ୍ରପାତରୁ ଘରକୁ ରକ୍ଷା କରିବା ପାଇଁ ବଜ୍ରପାତ ପ୍ରତିରୋଧକ କଣ୍ଡକ୍ଟର ଲଗାଇବା, ଘଡଘଡି ଶବ୍ଦ ଶୁଣିଲେ ଖୋଲା ସ୍ଥାନରୁ ଯଥାଶୀଘ୍ର କୌଣସି ପକ୍କାଘର ଭିତରକୁ ଚାଲି ଆସିବା, ମୋଟା ଚଦର ଛାତ ଥିବା ଗାଡ଼ି ଯଥା କାର୍, ବସ୍ ଆଦି ଯାନ ମଧ୍ୟ ନିରାପଦ ସ୍ଥାନକୁ ଚାଲିଯିବା, ଘର ଭିତରେ ଥିବାବେଳେ ଝରକା, କବାଟ ଏବଂ କାନ୍ଥ ଠାରୁ ଛାଡ଼ି ରହିବା, ବିଦ୍ୟୁତ୍ ସୁପରିବାହୀ ବସ୍ତୁଠାରୁ ଦୂରରେ ରହିବା, ନିରାପଦ ଆଶ୍ରୟସ୍ଥଳୀଠାରୁ ଦୂରରେ ଥିଲେ ଖାଲୁଆ ଜାଗା ଦେଖି ଜାକିଜୁକି ହୋଇ ରହିବା, ମୁଣ୍ଡ ଓ ଦେହରୁ ଧାତୁ ତିଆରି ଜିନିଷ ଅଲଗା କରିବା, ଯଥାସାଧ୍ୟ କମ୍ ଉଚ୍ଚତାରେ ରହିବା ମୁଣ୍ଡ ବାଳ ଠିଆ ଠିଆ ହୋଇଗଲେ କିମ୍ବା ପାଖ ପଥର ଆଦିରୁ ପ୍ରତିଫଳିତ ଶବ୍ଦ କାନକୁ ଶୁଭିଲେ ସେ ସ୍ଥାନ ଛାଡି ତୁରନ୍ତ ଚାଲିଯିବା, ଯଦି ଗାଡ଼ି ଚଳାଉଥାନ୍ତି, ତାହାହେଲେ ଧୀରେ ଚଳାଇବା, ଗଛ କିମ୍ବା ବିଦ୍ୟୁତ୍ ତାର ଓ ଖୁଣ୍ଟଠାରୁ ଯଥାସମ୍ଭବ ଦୂରରେ ରହିବା, ପୋଖରୀ ଅଥବା ଜଳାଶୟ ନିକଟରେ ନ ରହିବା ଆଦି ସଚେତନତା କରିବ ଏହି ରଥ ।

### ବୁଢାବଳଙ୍ଗରୁ ଭରା ପାଣିରୁ ବେଆଇନ ବାଲି ଉତ୍ତୋଳନ ଘଟଣା

# ଜବତ ମଟର ଚାଳିତ ଡଙ୍ଗାକୁ ୩ ଲକ୍ଷ ଜରିମାନା

ବାରିପଦା, ୧୩।୮ (ସମିସ)

ମୟୂରଭଞ୍ଜ ଜିଲ୍ଲାରେ ଲଘୁ ଖଣିଜ ଉତ୍ତୋଳନ ଓ ପରିବହନ ବାବଦରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ କରାଯାଇଛି । ସରକାରୀ ନିୟମକୁ ଅବମାନନା କରାଯାଇ ବେଆଇନ ଉତ୍ତୋଳନକାରୀଙ୍କୁ ସହଜରେ ଖସାଇ ଦିଆଯାଇଛି; ଯାହାକି ଖଣି ଓ ରାଜସ୍ୱ ବିଭାଗର ନିୟମ ଉଲ୍ଲଂଘନ ହେଉଥିବା ବେଳେ ବିଭାଗୀୟ

**● କୋର୍ଟ ଓ ବିଭାଗୀୟ ନିୟମକୁ ଅଣଦେଖା**

ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟକଳାପ ତଦନ୍ତ ସାପେକ୍ଷ ବୋଲି ଭଞ୍ଜସେନା ପକ୍ଷରୁ କୁହାଯାଇଛି । କମ୍ପାଉଣ୍ଡ ଫାଇନ କାଟି ବାଲି ଚୋରଙ୍କୁ ପ୍ରୋତ୍ସାହିତ କରାଯାଉଥିବାରୁ ଜିଲ୍ଲାରେ ଲଘୁ ଖଣିଜ ଉତ୍ତୋଳନ ଓ ଚୋରା ଚାଲାଣରେ ରୋକ ଲାଗିପାରୁନାହିଁ । ଏ ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ବିଭାଗ, ମୁଖ୍ୟ ଶାସନ ସଚିବ ଓ ଜିଲ୍ଲାପାଳଙ୍କ ନିକଟରେ



ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ବାରିପଦା ତହସିଲ ଅଧୀନ କାଞ୍ଚନପାଳ ଓ ଜାମଦାପାଳ ଅଞ୍ଚଳରେ ବୁଢାବଳଙ୍ଗ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଗ୍ରାମବାସୀ ଜିପିଏସ ଭିଡିଓ ଫଟୋ ସହିତ ବିଭାଗକୁ ଅବଗତ କରିଥିଲେ; ଯାହାକୁ ନେଇ ବିଭାଗର କର୍ମଚାରୀ ଦୁଇ ଦିନ ପରେ ଚଢଉ କରି ମଟରଚାଳିତ ଡଙ୍ଗାକୁ ଜବତ କରିବା ସହିତ ରଙ୍ଗାମାଟିଆ ଗ୍ରାମର ମେଘରାଏ ମୁର୍ମୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ବିଭାଗ ପକ୍ଷରୁ ମଟରଚାଳିତ ଡଙ୍ଗାରୁ କମ୍ପାଉଣ୍ଡ ଫାଇନ ବାବଦରେ ୩ଲକ୍ଷ ଜରିମାନା ଆଦାୟ କରି ଅଭିଯୁକ୍ତଙ୍କୁ ଛାଡି ଦିଆଯାଇଛି । ତେବେ ୨୦୨୧ ଫେବୃଆରୀ ୨୧ରେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ ଇଷ୍ଟର୍ଣ୍ଣ ଜୋନ କଲିକତାଙ୍କ ନୋଟିସକୁ ଭିତ୍ତିକରି ବେଆଇନ ଲଘୁ ଖଣିଜ ଉତୋଳନ ଓ ପରିବହନ ଉପରେ ରୋକ ଲଗାଇବା ପାଇଁ କଡାକଡି ଜରିମାନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ନେଇ ରାଜ୍ୟ ସରକାରଙ୍କ ଷ୍ଟିଲ ଏବଂ ମାଇନ୍ସ ବିଭାଗର ନୋଟିସ ନଂ ୯୨୩୮/୨୫ ଅକ୍ଟୋବର ୨୦୨୪ ଅନୁଯାୟୀ ବେଆଇନ ଉତ୍ତୋଳନ ଓ ପରିବହନରେ ସାମିଲ ଥିବା ଉତ୍ପାଦନ କମ୍ପାନୀ ଯାନବାହାନ ଉପରେ ଜରିମାନା କରିବାକୁ ସ୍ତର ଅନୁଯାୟୀ ସୂଚନା ପ୍ରଦାନ କରାଯାଇଛି । ନୂତନ ଓ ପୁରାତନ ଯାନ ବାହାନର ମୂଲ୍ୟକୁ ଭିତ୍ତିକରି ଜରିମାନା ନିର୍ଦ୍ଧାରଣ କରାଯିବାର ନିର୍ଦ୍ଦେଶ ରହିଛି; ମାତ୍ର ମନୁଷ୍ୟକୃତ ଯନ୍ତ୍ର ସାହାଯ୍ୟରେ ଲଘୁଖଣିଜ ଉତ୍ତୋଳନ କରୁଥିବା ଯନ୍ତ୍ରାଂଶକୁ ଜବତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବାର ନିୟମ ରହିଛି ବୋଲି ସୁପ୍ରିମକୋର୍ଟର ଆଇନଜୀବୀ ଶଙ୍କରପ୍ରସାଦ ପାଣି କହିଛନ୍ତି । ତେବେ ମଟରଚାଳିତ ଡଙ୍ଗା ଜରିଆରେ ଉତ୍ତୋଳନ ହେଉଥିବା ଯନ୍ତ୍ରକୁ ବିଭାଗ ପକ୍ଷରୁ କମ୍ପାଉଣ୍ଡ ଜରିମାନା ଆକାରରେ ଫାଇନ ଗ୍ରହଣ କରି ଛାଡିଦିଆଯାଇଛି; ଯାହାକି ସରକାରଙ୍କ ନିୟମ ଓ ଏନଜିଟିଙ୍କ ନିର୍ଦ୍ଦେଶକୁ ଅବମାନନା ସହିତ ସମାନ । ବିଭାଗୀୟ ଅଧିକାରୀ କାହା ଚାପରେ ବା କ'ଣ ଉଦ୍ଦେଶ୍ୟରେ ଏଭଳି ଅପ ପ୍ରୟାସ କଲେ ସେ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଶ୍ରୀ ଜେନା । ଆବଶ୍ୟକ ପଡ଼ିଲେ ଆଇନର କାଡଗଡ଼ାକୁ ଟଣାଯିବ ବୋଲି ସେ କଡା ଚେତାବନୀ ଦେଇଛନ୍ତି । ଜିଲ୍ଲା ଖଣି ବିଭାଗର ନିରୀକ୍ଷକ ଉଦୟଭାନୁ ସାହୁଙ୍କୁ ଯୋଗାଯୋଗ କରିବାରୁ ଅଭିଯୁକ୍ତ ଦୋଷ ସ୍ୱୀକାର କରିଥିବାରୁ କମ୍ପାଉଣ୍ଡ ଜରିମାନା ଆଦାୟ କରାଯାଇ ଛାଡିଦିଆଯାଇଛି । ପରବର୍ତ୍ତୀ ସମୟରେ ପୁଣି ଦୋଷ କଲେ ମୋଟର ଚାଳିତ ଡଙ୍ଗା ଜବତ ପୂର୍ବକ ନଷ୍ଟ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି ବୋଲି କହିଛନ୍ତି ।

## ଯୁବକଙ୍କୁ ହାଣିବା ଘଟଣାରେ ୩ ଗିରଫ

ବୈଶିଙ୍ଗା, ୧୩।୮ (ସମିସ): ମା' ଓ ସ୍ତ୍ରୀଙ୍କୁ ଅଶ୍ଳୀଳ କମେଣ୍ଟ ମାରିବାକୁ କେନ୍ଦ୍ରକରି ଥାନାକୁ ଏତଲା ଦେବାକୁ ଯାଉଥିବା ବେଳେ ବୈଶିଙ୍ଗା ଥାନା ପୁରୁଣିଆ ଉପକଣ୍ଠ ତାଳଭଙ୍ଗା ଛକରେ ଦୁଇଭାଇଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିବା ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଆକ୍ରମଣରେ ବଡ଼ଭାଇ କାର୍ତ୍ତିକ ପାଢ଼ୀ ଗୁରୁତର ଆହତ ହୋଇ ବାଲେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି । ଏକ ମାମଲା ରୁଜୁ କରି ଏସପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ ପରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିଳମ୍ବିତ ରାତିରେ ୩ ଯୁବକଙ୍କୁ ଘରୁ ଟେକି ଆଣିଥିଲେ । ସେମାନେ ହେଲେ ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଗ୍ରାମର ଅଜୟ ବେହେରାର ପୁଅ ରାଜେନ୍ଦ୍ର ବେହେରା ଓରଫ ବୁନୁ, କେଶୁରା ଗ୍ରାମର ଭାଗବତ ସିଂହର ପୁଅ ଗଣେଶ୍ୱର ସିଂହ ଓରଫ ବାବୁ ଓ ବଙ୍ଗାଳିଡାହି ଗ୍ରାମର ଲମ୍ବୋଦର ପ୍ରଧାନର ପୁଅ ଗୌତମ ପ୍ରଧାନ ଓରଫ ଅମର । ତେବେ ଏବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ବେହେରାଙ୍କ ସମେତ ଅନ୍ୟ ୪/୫ଜଣ ଫେରାର ଅଛନ୍ତି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ସଂରକ୍ଷିତ ଜଙ୍ଗଲରେ ଲାଗିଲା ୪୦ ହଜାର ଚାରା

ବୈଶିଙ୍ଗା, ୧୩।୮ (ସମିସ): ବେତନଟୀ ରେଞ୍ଜ ଅଧୀନରେ ୫୯ଟି ବିସ୍ତୀର୍ଣ୍ଣ ସଂରକ୍ଷିତ ଜଙ୍ଗଲ ରହିଥିବାବେଳେ ଚଳିତବର୍ଷ ୪ଟି ସଂରକ୍ଷିତ ଜଙ୍ଗଲରେ ୪୦ ହଜାର ଚାରା ରୋପଣ କରାଯାଇଛି । ଧାର୍ଯ୍ୟ ନିଷ୍ପତ୍ତି ମୁତାବକ ବେତନଟୀ ବନବିଭାଗ ପକ୍ଷରୁ ଚଳିତବର୍ଷ ଆଗୁଆଡ, ବଡାମପୁର, ନଡପୁର ଉପକଣ୍ଠ ଦଲକି ଏବଂ ମଛପଦା ଉପକଣ୍ଠ ନୟାବସନ୍ତପୁର ସଂରକ୍ଷିତ ଜଙ୍ଗଲରେ ୪୦ ହଜାର ଚାରା ରୋପଣ କରାଯାଇଥିବା ବେତନଟୀ ରେଞ୍ଜର ମନ୍ନୱର ଖାଁ ସୂଚନା ଦେଇଛନ୍ତି । ତେବେ ଚାରାଗଛ ରୋପଣ ପୂର୍ବରୁ ସଂରକ୍ଷିତ ଜଙ୍ଗଲ ଗୁଡିକର ସୁରକ୍ଷାବାଡ ଏବଂ ଗର୍ତ୍ତ ଖନନ ପୂର୍ବକ ଗଛ ଲଗାଯିବାକୁ ଶଯ୍ୟା ପ୍ରସ୍ତୁତ କରାଯାଇଥିଲା । ସମ୍ପୃକ୍ତ ୪ଟି ସଂରକ୍ଷିତ ଜଙ୍ଗଲର ବନସୁରକ୍ଷା ସମିତିକୁ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ବେଳେ ସେମାନେ ଚାରାଗୁଡିକର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି । ପ୍ରତ୍ୟେକ ସଂରକ୍ଷିତ ଜଙ୍ଗଲରେ ଧାର୍ଯ୍ୟ ଲକ୍ଷ୍ୟ ୧୦ ହଜାର ଗର୍ତ୍ତ ପରିବର୍ତ୍ତେ ଏକହଜାର ପାଖାପାଖି ଗର୍ତ୍ତଅଧିକ ଖନନ କରାଯାଇ ଚାରାରୋପଣକୁ ଶତପ୍ରତିଶତ ସଫଳ କରିବାର ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଇଥିଲା । ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ମଧ୍ୟ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ୪ରୁ ୫ହଜାର ଚାରାଗଛ ରୋପଣ କରାଯିବାର ମଧ୍ୟ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

### ଶିକ୍ଷକ ବଦଳି ଅନିୟମିତତା ପ୍ରସଙ୍ଗ

## ୧୯ରେ ଡିଇଓ ଓ ଡିଡବ୍ଲୁଓ କାର୍ଯ୍ୟାଳୟରେ ଭଞ୍ଜସେନାର ତାଲାବନ୍ଦ

ବାରିପଦା, ୧୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷକ ବଦଳି ଅନିୟମିତତା ପ୍ରସଙ୍ଗରେ ଭଞ୍ଜସେନା ଆସନ୍ତା ୧୯ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଓ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲୁଓ)ଙ୍କ କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ ଚେତାବନୀ ଦେଇଛି । ଉଭୟ ଅଧିକାରୀ ମନମୁଖି ଶିକ୍ଷକ ବଦଳି, ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ପାଖାପାଖି ୧୪୦ ଜଣ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି ଜିଲ୍ଲା ସଦର ମହକୁମା ବାରିପଦା ସହର ପାଖାପାଖି ରଖିବା, ମଧ୍ୟାହ୍ନ ଭୋଜନରେ ଯୋଗାଣକାରୀଙ୍କୁ ଅହେତୁକ ଅନୁକମ୍ପା ଯୋଗାଇ ହରିଲୁଟକୁ ପ୍ରଶ୍ରୟ ଦେବା, ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ୍ ଯୋଗାଇ ଦେବାରେ ଅବ୍ୟବସ୍ଥା, ଶୁଳିଆପଦା ବ୍ଲକ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଥିବା ବିଇଓଙ୍କୁ ସୁରକ୍ଷା ପ୍ରଦାନ ସହିତ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ଯୋଗୁଁ ସମଗ୍ର ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ବିଶେଷ ଭାବେ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡର ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡ଼ିଛି । ରେସନାଇଲାଇଜେସନ ରୁଲର ଅବମାନନା କରି ମୋଟା ଅଙ୍କ ଅର୍ଥ କାରବାର କରି ବେଆଇନ ବଦଳି, ଅନୁସୂଚିତ ଜାତି ଓ ଜନଜାତି ଅନ୍ତେବାସୀଙ୍କ ପ୍ରତି ଅବହେଳା ପ୍ରଦର୍ଶନରେ ଛାତ୍ରୀ ମୃତ, ୧୨ବର୍ଷ ଧରି ଗ୍ରେଡେଶନ ତାଲିକା ପ୍ରକାଶ ନକରି ମନମୁଖି ପ୍ରଧାନ ଶିକ୍ଷକ ନିଯୁକ୍ତି ଆଦିରେ ଜନପ୍ରତିନିଧି ସବୁ ଜାଣି ଚୁପ ବସିବା ଦ୍ୱାରା ସହଭାଗିତାକୁ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କ୍ଷୋଭ ପ୍ରକାଶ କରିଛନ୍ତି । ଏ ନେଇ ପୂର୍ବରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ଏବଂ ସମସ୍ତ ଅଧିକାରୀଙ୍କୁ ଏବାବଦରେ ଅବଗତ କରାଯିବା ପରେ ବି କୌଣସି ସୁଫଳ ନ ମିଳିବାରୁ ପୁଣି ଉଭୟ ବିଭାଗର ଅଧିକାରୀଙ୍କୁ ବଦଳି କରିବା ସହିତ ଉକ୍ତ ଅଧିକାରୀ ଦ୍ୱୟଙ୍କ କାର୍ଯ୍ୟକାପର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରାଯାଇଛି । ଏଥିସହିତ ବେଆଇନ ବଦଳିକୁ ବାତିଲ କରିବା ଦାବି ନେଇ ଆସନ୍ତା ୧୯ ତାରିଖ ମଙ୍ଗଳବାର ଉଭୟ ଅଧିକାରୀଙ୍କର କାର୍ଯ୍ୟାଳୟରେ ଭଞ୍ଜସେନା ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

## ରୋଟାରୀ ହେରିଟେଜ ତରଫରୁ ଚାରାରୋପଣ




ବାରିପଦା, ୧୩।୮ (ସମିସ): ରୋଟାରୀ କ୍ଲବ ଅଫ ବାରିପଦା ହେରିଟେଜ ତରଫରୁ ଖୁଣ୍ଟା ବ୍ଲକ ଅନ୍ତର୍ଗତ ତାଡକେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ଏବଂ ପରିବେଶ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରୋଟାରୀଆନ ତରଣୀସେନ ଧଳଙ୍କ ମାର୍ଗଦର୍ଶନରେ କ୍ଲବ ସଭାପତି ରୋଟାରୀଆନ ବ୍ରହ୍ମାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ପୂର୍ବ ସଭାପତି ନଳିନୀ କୁମାର ଚୌଧୁରୀ, ସନ୍ତୋଷ କୁମାର କାସ୍ତ, ସଭ୍ୟ ସଞ୍ଜୀବ କୁମାର ଦଣ୍ଡପାଟ, ଚିତ୍ତରଞ୍ଜନ ପଳତା ପ୍ରମୁଖ ଯୋଗଦେଇଥିଲେ । ପ୍ରଥମେ କ୍ଲବ ତରଫରୁ ପିଜୁଳି, ଜାମୁ, ସପେଟା, ଲିଚୁ ଓ ଆମ୍ବ ଆଦି ରୋପଣ କରାଯାଇଥିଲା । ପରେ ପିଲାମାନେ ବିଭିନ୍ନ ଗଛରେ ରାକ୍ଷୀବାନ୍ଧି ସେଗୁଡିକର ଯତ୍ନ ନେବେ ବୋଲି ଶପଥ କରିଥିଲେ । ଅନୁଷ୍ଠିତ ଏକ ସଭାରେ ସଭ୍ୟମାନେ ପରିବେଶ ପ୍ରଦୂଷଣ ଓ ଏହାର ନିରାକରଣ, ପଯ୍ୟର୍ାବରଣ ସୁରକ୍ଷା ଏବଂ ଏଥିରେ ରୋଟାରୀର ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ପରେ କୁଇଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷକ ମଧୁସ୍ମିତା ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ସ୍ମୃତି ସନନ୍ଦ' ପରିଚୟ ପୁସ୍ତିକା ବିତରଣ

ବାରିପଦା, ୧୩।୮ (ସମିସ): ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଂଗଠନ ସୌଜନ୍ୟରେ ପ୍ରକାଶିତ ୧୯୬୩ରୁ ୨୦୧୭ ପର୍ଯ୍ୟନ୍ତ ପୁରସ୍କୃତ ହୋଇଥିବା ଜିଲ୍ଲାର ୯୦ ଜଣ କୃତୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ପୂର୍ଣ୍ଣ ତାଲିକା ଏବଂ ଉପଲବ୍ଧ ହୋଇ ପାରିଥିବା ୬୬ ଜଣଙ୍କ ପରିଚୟ ସମ୍ପର୍କିତ ଏକ ପୁସ୍ତିକା 'ସ୍ମୃତି ସନନ୍ଦ' ଏମକେସି ହାଇସ୍କୁଲର



ପ୍ରଧାନ ଶିକ୍ଷକ ବାସନ୍ତୀ ଟୁଡୁଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ତଥା ପୁସ୍ତିକାର ସଙ୍କଳକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମହାନ୍ତି ଓ ପୁରାତନ ଛାତ୍ର ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ, ସହ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ କମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ କିଶୋର ମହାନ୍ତି, ଉମେଶ ଦାସ, ଶାନ୍ତନୁ ପାଢ଼ୀ, ସର୍ବତୋଷ ଦାଶ ପ୍ରମୁଖ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏହି ବିଦ୍ୟାଳୟର ପ୍ରାକ୍ତନ ୧୩ଜଣ ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିବା କୃତୀ ଶିକ୍ଷକମାନେ ଏହି ପୁସ୍ତିକାରେ ଅଳଙ୍କୃତ ହୋଇଛନ୍ତି ।

## ଆଜି ହର୍ ଘର୍ ତିରଙ୍ଗା ଉତ୍ସବ ଉପଲକ୍ଷେ ବାଇକ ଶୋଭାଯାତ୍ରା

ବାରିପଦା, ୧୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଉପଲକ୍ଷେ ଏକ ବିଶାଳ ବାଇକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ । ଉକ୍ତ ଶୋଭାଯାତ୍ରା ସକାଳ ୭ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକ, ଖେମଜୀ ଗହଣା ଦୋକାନ ରାସ୍ତା, ମାର୍କେଟ ଟ୍ରାଫିକ ଛକ, ବାଲେଶ୍ୱର ଗୋଲେଇ ଷ୍ଟେସନ ବଜାର, ପାଲବଣୀ ଗୋଲେଇ, ଦାରୋଗାଡାହି, ମୁର୍ଗାବାଡି ଭଞ୍ଜପୁର ରାସ୍ତା ଦେଇ ସହର ପରିକ୍ରମା କରି ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ନିକଟରେ ସମ୍ପୂର୍ଣ୍ଣ ହେବ । ଉକ୍ତ ବାଇକ ଶୋଭାଯାତ୍ରାରେ ଅଂଶ ଗ୍ରହଣ ନିମନ୍ତେ ଅଂଶ ଗ୍ରହଣକାରୀମାନେ ନିଜ ନିଜର ବାଇକ ସହିତ ସଙ୍ଗରେ ହେଲମେଟ ଧରି ଆସିବାକୁ ଅନୁରୋଧ କରାଯାଉଛି । ସୁରକ୍ଷା ଓ ନିରାପଦ ପାଇଁ ଶୋଭାଯାତ୍ରାରେ ଅଂଶ ଗ୍ରହଣ ସମୟରେ ହେଲମେଟ ବ୍ୟବହାର ବାଧ୍ୟତା ମୂଳକ । ଏଣୁ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଏହି ଯାତ୍ରାରେ ଅଂଶ ଗ୍ରହଣ ପାଇଁ ନିବେଦନ କରାଯାଇଛି ।

## ବାଳିକା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ବାରିପଦା, ୧୩।୮ (ସମିସ): ଅସନଯୋଡା ପିଏମଶ୍ରୀ ସରକାରୀ (ଏସ୍ଏସଡି) ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରଜତ କୁମାର ସାହୁଙ୍କ ସଭାପତିତ୍ୱରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ସଂସ୍କୃତ ପଣ୍ଡିତ, ସୁବକ୍ତା ତଥା ଜ୍ୟୋତିର୍ବିଦ୍ ଅଲେଖ ରଞ୍ଜନ ପାଠୀ ମୁଖ୍ୟଅତିଥି, ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ଷଡଙ୍ଗୀ ଓ ମମତା ଆଚାର୍ଯ୍ୟ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସଂସ୍କୃତ ଭାଷା ସମସ୍ତ ଭାଷାର ଜନନୀ, ଆମ, ଭାରତର ଇତିହାସ, ବିଜ୍ଞାନ ସମ୍ମତ ଭାଷା, ଭାରତୀୟ ଆଧ୍ୟାତ୍ମିକତାର ଆଧାର, ଭାରତୀୟ ସଭ୍ୟତା, ସଂସ୍କୃତିର ମୂଳ ଏବଂ ବିଦେଶରେ ଏହାର ଜନାଦୃତି, ବେଦ ଉପନିଷଦ ଏବଂ ଅନ୍ୟାନ୍ୟ ପବିତ୍ର ଗ୍ରନ୍ଥଗୁଡ଼ିକର ଭାଷା, ଋଷିମାନଙ୍କ ଦ୍ୱାରା ଉଦାହରଣ ଦେଇ ତଥ୍ୟ ସମ୍ବଳିତ ମତ ରଖିଥିଲେ । ପ୍ରାରମ୍ଭରେ ସଂସ୍କୃତ ଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟ ଅତିଥି ବୃନ୍ଦଙ୍କ ପରିଚୟ ପ୍ରଦାନ କରିବା ସହ ପିଲାମାନଙ୍କୁ ସଂସ୍କୃତ ଅଧ୍ୟୟନ କରିବା, ପାଠ୍ୟ ପୁସ୍ତକରୁ ବିଭିନ୍ନ ନୀତି ଉପଦେଶ ମୂଳକ ଶ୍ଳୋକ ମୁଖସ୍ଥ ରଖିବାକୁ ଉପଦେଶ ଦେଇଥିଲେ ।

### ଜିଲ୍ଲାସ୍ତରୀୟ ବିଶ୍ୱ ଅଙ୍ଗଦାନ ଦିବସ ପାଳିତ

# ଶ୍ରୀକୃଷ୍ଣ ପାତ୍ରଙ୍କୁ 'ସୁରଜ ପୁରସ୍କାର' ପ୍ରଦାନ

ବାରିପଦା, ୧୩।୮ (ସମିସ)

ଅଙ୍ଗଦାନ ଏକ ମହତ୍ ଦାନ । ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖରେ ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଏ । ମୃତ୍ୟୁପରେ ସୁସ୍ଥ ଏବଂ ମୂଲ୍ୟବାନ ଅଙ୍ଗଦାନ କରି ଅନ୍ୟମାନଙ୍କ ଜୀବନ ବଞ୍ଚାଇବା ପାଇଁ ଲୋକଙ୍କୁ ପ୍ରୋତ୍ସାହନ କରିବା ଏହି ଦିବସର ଉଦ୍ଦେଶ୍ୟ । ସ୍ୱର୍ଗତ ସୁରଜ ବେହେରାଙ୍କ ପିତାମାତା ଯିଏ କି ଅନ୍ୟ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ସ୍ୱଇଚ୍ଛାରେ ନିଜ ମୃତ ପୁତ୍ରର ଅଙ୍ଗଦାନ କରିଥିଲେ । ସେମାନଙ୍କ ପ୍ରେରଣାଦାୟକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ରାଜ୍ୟର ଅଙ୍ଗଦାତା ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ରେ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ସ୍ୱର୍ଗତ ସୁରଜ ବେହେରାଙ୍କ ସମ୍ମାନରେ ବାର୍ଷିକ ପୁରସ୍କାର 'ସୁରଜ ପୁରସ୍କାର' ପ୍ରଦାନ କରିବାକୁ ସରକାର ଘୋଷଣା କରିଛନ୍ତି । ହୃତପିଣ୍ଡ, ବୃକକ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ ଅଙ୍ଗ କିମ୍ବା ତତୋଧିକ ଅଙ୍ଗଦାନ କରିଥିବା ମୃତକଙ୍କ ପରିବାରକୁ




୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଉଛି । ହୃତପିଣ୍ଡ, ବୃକକ, ଯକୃତ, ଅଗ୍ନାଶୟ, ଫୁସଫୁସ ଏବଂ ଅନ୍ତନଳୀ ଆଦି ମହତ୍ୱପୂର୍ଣ୍ଣ ଅଙ୍ଗଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିଃସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଛି । ଆଜି ରାଜ୍ୟସ୍ତରୀୟ ଉତ୍ସବରେ ବିଭିନ୍ନ ଜିଲ୍ଲାରେ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ଜିଲ୍ଲାର ୧୯ ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଓସ୍ୱାନ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ ୨୧, ମୁର୍ଗାବାଡି ନିବାସୀ ସ୍ୱର୍ଗତ ସ୍ୱଶ୍ରୀୟାନ ପାତ୍ରଙ୍କୁ ମହତ କର୍ମ ନିମନ୍ତେ ଚଳିତ ବର୍ଷ ସୁରଜ ପୁରସ୍କାର ପ୍ରଦାନ କରାଯାଇଛି । ତାଙ୍କ ପିତା ଶ୍ରୀକୃଷ୍ଣ ପାତ୍ର ଜିଲ୍ଲାପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଡ ମୁକେଶ ମହାଲିଙ୍ଗ ମୃତ ଅଙ୍ଗଦାତାଙ୍କୁ ସେମାନଙ୍କର ବୀରତ୍ୱ ପାଇଁ ପ୍ରଶଂସା କରିବା ସହ ଚଳିତ ବର୍ଷ ସୁରଜ ପୁରସ୍କାର ମାଧ୍ୟମରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଏଡିଏମଓ ଡା ବିଜୟ କୁମାର ଦାଶ, ଜିଲ୍ଲା ଜରୁରୀ କାଳୀନ ପରିଚାଳନା ଅଧିକାରିଣୀ ଶ୍ରଦ୍ଧା ସୁମନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ଏନଆରଏଚଏମର ଡିପିଏମ ଅନିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।






# କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କିଶାନ ମୋର୍ଚ୍ଚାର ପ୍ରତିବାଦ ଦିବସ

■ ଟ୍ରମ୍ପଙ୍କ ଟାରିଫ ପ୍ରସ୍ତାବକୁ ନିନ୍ଦା



ସମ୍ବଲପୁର,୧୩।୮ (ସମିସ):କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ କିଶାନ ମୋର୍ଚ୍ଚାର ଆହ୍ୱାନକ୍ରମେ ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦିବସ ପାଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଅନୁସାରେ, ଆମେରିକା ରାଷ୍ଟ୍ରପତି ଡୋନାଲଟ୍ରମ୍ପ ଭାରତକୁ ଅପମାନିତ କରିବା, ଧମକ ଦେବା ଓ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ କର ଲଗାଇବାକୁ ନିନ୍ଦା କରାଯିବା ସହ ରୁଷିଆରୁ ଭାରତକୁ ଶସ୍ତାରେ ପେଟ୍ରୋଲ ଓ ଅସ୍ତ୍ରଶସ୍ତ୍ର ଆମଦାନୀ ଉପରେ ଜୋରିମାନା ଲଗାଇବା ଧମକକୁ ନାପସନ୍ଦ ଓ ପ୍ରତ୍ୟାଖାନ କରାଯାଇଥିଲା। ପ୍ରଥମେ ଭାରତ ସରକାର ନୀରବ ରହିଥିଲେ ମଧ୍ୟ ଶେଷରେ ସରକାର ଓ ପ୍ରଧାନମନ୍ତ୍ରୀ ତାର ପାଲଟା ଜବାବ ଦେବାରୁ ସ୍ୱାଗତ କରାଯାଇଥିଲା। ଏହା ସତ୍ତ୍ୱେ ଭାରତ ସରକାର ଆମେରିକା ସହ ଦ୍ୱିପାକ୍ଷିକ ରାଜିନାମା କରିବାର ପ୍ରଚେଷ୍ଟା ଓ ଦିଲ୍ଲୀରେ ସଦ୍ୟ ଟେସଲାର ଶୋ ରୁମ୍ ଖୋଲିବା ଦର୍ଶାଉଛି ଯେ ସରକାର ଏଠାରୁ ବିରତ ହୋଇନାହାନ୍ତି। ତେଣୁ ଭାରତର କୃଷି କ୍ଷେତ୍ର, ମାନ୍ୟୁଫେକ୍‌ଚରିଂ କ୍ଷେତ୍ର, ବେକାର ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସଙ୍କୋଚନକୁ ଗୁରୁତ୍ୱ ଦେଇ ଏଭଳି ପ୍ରଚେଷ୍ଟାରୁ ବିରତି ରହିବା ପାଇଁ ଦାବି କରାଯାଇଥିଲା। ବ୍ରିଟେନ ସହିତ ନିକଟ ଅତୀତରେ ସ୍ୱାକ୍ଷରିତ ବାଣିଜ୍ୟ ରାଜିନାମା ଯାହା ଭାରତର କୃଷି କ୍ଷେତ୍ର, ମାନ୍ୟୁଫେକ୍‌ଚରିଂ କ୍ଷେତ୍ର ସ୍ୱାସ୍ଥ୍ୟ କ୍ଷେତ୍ର, ବେକାରୀ ସମସ୍ୟାକୁ ପ୍ରଭାବିତ କରିବ,ତାର ପୁନଃ ସମୀକ୍ଷା ଓ ସାଂସଦ ଏହାକୁ ଅନୁମୋଦନ ନକରିବାକୁ ଆହ୍ୱାନ ଓ ନିବେଦନ କରାଯାଇଥିଲା। ପ୍ରତିବାଦ କାର୍ଯ୍ୟକ୍ରମରେ ଗୋକୁଳ ମେହେର, ଗଦାଧର କୁଅଁର,ଲଳିତ ପଟ୍ଟନାୟକ,ଅରୁଣ ଖୁଣ୍ଟିଆ, ମହେଶ୍ୱର ଷଣ୍ଢ, ସଂଜିତ ମହାନ୍ତି,ରୁପେଶ ବାଗ, ଚୁମନ ପ୍ରଧାନ,ଲକ୍ଷ୍ମଣ ଦେହୁରୀ,ସୁଶିଲ ସେଠ୍,ଭାସ୍କର ନାୟକ,ଜୟଦେବ ମିଞ୍ଜି ଅନ୍ୟାନ୍ୟମାନେ ଅଂଶ ଗ୍ରହଣ କରିଥିଲେ।

ତୃତୀୟ ଦିନରେ ପ୍ରତିବାଦ ବିକ୍ଷୋଭ, କାର୍ଯ୍ୟାଳୟରେ ଅଚଳାବସ୍ଥା

# ସରକାରୀ ଧମକକୁ ଖାତିର ନାହିଁ, ଆନ୍ଦୋଳନରତ ଅମଲା

ସମ୍ବଲପୁର, ୧୩।୮ (ସମିସ):



ଗତ ସୋମବାର ଠାରୁ ରାଜସ୍ୱ ଅମଲାମାନେ ସମୂହ ଛୁଟି ନେଇ ଧାରଣାରେ ବସିଛନ୍ତି। ସମ୍ବଲପୁର ଜିଲ୍ଲା ମହକୁମାର ସହ ସଦର, କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ ତଥା ବ୍ଲକ ମାନଙ୍କରେ ରାଜସ୍ୱ ଅମଲା ପ୍ରତିବାଦ କରୁଛନ୍ତି। ସରକାରଙ୍କ କର୍ମଚାରୀ ବିରୋଧ ନୀତିକୁ ପ୍ରତିବାଦ ଜଣାଇ ଆନ୍ଦୋଳନ କରୁଛନ୍ତି। ସମସ୍ତ ସରକାରୀ କାର୍ଯ୍ୟାଳୟରେ କାମ ଠପ୍ ହୋଇଯାଇଛି। କାର୍ଯ୍ୟାଳୟ ଗୁଡ଼ିକରେ ଅଚଳାବସ୍ଥା ଦେଖାଦେଇଛି। ସରକାର ସେମାନଙ୍କ ଦାବିପୂରଣ ସକାଶେ ପଦକ୍ଷେପ ଗ୍ରହଣ ନକରି ଛୁଟି ବାତିଲ ଓ ଦରମା ବନ୍ଦ ଧମକ ଦେଇଛନ୍ତି। ତେବେ, ସରକାରୀ ଧମକକୁ ଖାତିର ନକରି ରାଜସ୍ୱ ଅମଲାମାନେ ସେମାନଙ୍କ ଆନ୍ଦୋଳନ ଜାରି ରଖିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ପତ୍ର ସଂଖ୍ୟା ୩୦୪୩୧ ତା ୧୨ ଅଗଷ୍ଟ ୨୦୨୫ ଅନୁଯାୟୀ, ରାଜସ୍ୱ କର୍ମଚାରୀଙ୍କୁ ଛୁଟି ନଦେବାକୁ କୁହାଯାଇଛି। ଏହାସହ ଅନୁପସ୍ଥିତ ଥିବା କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ସହ ଅନଧିକୃତ (ଅନ୍‌ଅଥରାଇଜ୍‌ଡ) ଛୁଟି ସକାଶେ ଦରମା ଅଟକାଇବାକୁ ନିର୍ଦ୍ଦେଶ ରହିଛି। କର୍ମଚାରୀମାନଙ୍କ ଅନଧିକୃତ ଅନୁପସ୍ଥିତି ସମୟ ଅବଧିକୁ ସର୍ଭିସ୍ ବୁକ୍‌ରେ ବ୍ରେକ୍ ଇନ୍ ସର୍ଭିସ ଭାବେ ରେକର୍ଡ କରିବାକୁ କୁହାଯାଇଛି। ପୁଣି ସର୍ଭିସ ଓ କଣ୍ଡକ୍ଟ ରୁଲ୍ ଉଲଂଘନ ସକାଶେ କର୍ମଚାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପରୋକ୍ତ ପତ୍ରରେ ନିର୍ଦ୍ଦେଶ ରହିଛି। ଏନେଇ ଆଜି ସାରା ରାଜ୍ୟର ୩୦ଟି ଜିଲ୍ଲାର ସଂଘ କର୍ମକର୍ତ୍ତାଙ୍କୁ ନେଇ ଆଲୋଚନା ହୋଇଥିବାବେଳେ ଦାବିପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିବା ସମ୍ବଲପୁର ଶାଖା ସୂତ୍ରରୁ ସୂଚନା ମିଳିଛି। ଏନେଇ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କୁ ଯୋଗାଯୋଗ କରିବାରୁ ରାଜସ୍ୱ ଅମଲାମାନଙ୍କ ସମୂହ ଛୁଟି ବାତିଲ କରାଯାଇ ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।

# ଭିସୁଟ୍‌ରେ ଜାତୀୟ ଗ୍ରନ୍ଥାଗାରିକ ଦିବସ

ସମ୍ବଲପୁର,୧୩।୮(ସମିସ): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) କେନ୍ଦ୍ରୀୟ ପାଠାଗାର ପକ୍ଷରୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଯାଇଛି। ଗ୍ରନ୍ଥାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଡଃ ଏସ୍. ଆର୍. ରଙ୍ଗନାଥନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାସହ ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକଙ୍କ ଭୂମିକା ଉପରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଗ୍ରନ୍ଥାଗାରିକ ଡଃ ଅର୍ଚ୍ଚନା ନନ୍ଦ ପଦ୍ମଶ୍ରୀ ଡଃ ଏସ୍. ଆର୍. ରଙ୍ଗନାଥନଙ୍କର ଉଲ୍ଲେଖନୀୟ କୃତିତ୍ୱ ଓ ଅମୂଲ୍ୟ ଅବଦାନ ବିଷୟରେ ବିସ୍ତୃତଭାବେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଭୂତି ଭୁଷଣ ପତି, ବିଶେଷ ଅତିଥି ଭାବେ କୁଳସଚିବ ପ୍ରଦୀପ ଡାଙ୍ଗ ଏବଂ ଆର୍ଥିକ ନିୟନ୍ତ୍ରକ ତୁଳାରାମ କଲେତ ଯୋଗ ଦେଇଥିଲେ। ଡିଜିଟାଲ୍ ଯୁଗରେ ମଧ୍ୟ ପାଠାଗାର ଏବଂ ପାଠାଗାର କର୍ମଚାରୀଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିବାସହ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପାଠାଗାରର ବହୁଳ ବ୍ୟବହାର ପାଇଁ ପ୍ରୋତ୍ସାହିତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ପ୍ରଫେସର ମୀନକେତନ ସାହୁ ଅତିଥିବକ୍ତା ରୂପେ ଯୋଗଦେଇ ଏକ "କପିରାଇଟ୍ ଇସ୍ୟୁଜ୍ ଆଣ୍ଡ ଚେଲେଞ୍ଜେସ୍ ଇନ୍ ଦି ଏଜ୍ ଅଫ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ରୋଲ୍ ଅଫ୍ ଲାଇବ୍ରେରିଆନ୍ ଇନ୍ କପିରାଇଟ୍ ପ୍ରୋଟେକ୍ସନ' ବିଷୟରେ ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଥିଲେ। ଇମୋଟିକା କ୍ଲବ୍, ଭିସୁଟ୍ ତରଫରୁ ଏକ ନାଟକ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶ୍ରେଷ୍ଠ ଗ୍ରନ୍ଥାଗାର ବ୍ୟବହାରକାରୀ ଭାବେ ଆଦ୍ୟାଶା ପଟ୍ଟନାୟକ, ସୌମ୍ୟ ରଞ୍ଜନ ଦାଶ, ସୋନାଲିକା ମହାନ୍ତି ଓ ପ୍ରତୀକ ଦାଶଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଗ୍ରନ୍ଥାଗାରିକ ଡଃ ଅର୍ଚ୍ଚିତା ନନ୍ଦ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ ପ୍ରଫେସର ଜାହ୍ନବୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ରଗ୍ରନ୍ଥାଗାର ସହାୟକ ଚାନ୍ଦ ଜାଲ, ସୁନାମ ଶଙ୍କର ବେହେରା, ସମୀର ରଞ୍ଜନ ସାମନ୍ତରାୟ, ରାକେଶ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।



# ମହିଳା ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ସମ୍ବଲପୁର, ୧୩।୮ (ସମିସ) : ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ଓ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ ପକ୍ଷରୁ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଶ୍ଳୋକ ପାଠ, ପ୍ରବନ୍ଧ ପ୍ରତିଯୋଗିତା, ବ୍ୟାକରଣ, ଶୁଦ୍ଧ ସଂସ୍କୃତ ଲିଖନ, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତା ସଂସ୍କୃତ ବିଭାଗ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଦୁଃଶାସନ ବିଶ୍ୱାଳ ଯୋଗ ଦେଇଥିଲେ। ବକ୍ତା ପ୍ରଫେସର ବିଶ୍ୱାଳ ପ୍ରାଚୀନ ମନ୍ତ୍ରଶକ୍ତିର କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗୀତାପାଠ , ଗାୟତ୍ରୀମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ରର ଯଥୋଚିତ ଉଚ୍ଚାରଣ ଆମକୁ ବହୁବିଧ ରୋଗରୁ ମୁକ୍ତି ପ୍ରଦାନ କରିଥାଏ ଏବଂ ମାନସିକ ଶକ୍ତିର ବିକାଶ କରିଥାଏ ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ସଂଯୋଜକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ସଂସ୍କୃତ ଭାଷାର ଅବକ୍ଷୟ ଦିଗରେ ଇଂରେଜ ଶାସନର ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଭାରତୀୟ ଜ୍ଞାନ ପରମ୍ପରାକୁ ଜାଣିବା ପାଇଁ ସଂସ୍କୃତ ଭାଷା ଏକ ସେତୁ ବୋଲି ଉଲ୍ଲେଖ କରିଥିଲେ। ନାକ୍ ସଂଯୋଜକ ଅଧ୍ୟାପକ ଅଖିଳ ବିଶ୍ୱାଳ ପ୍ରାଚୀନ ଜ୍ଞାନ ପରମ୍ପରାକୁ ଆଧୁନିକମୁଖୀ କରିବାକୁ ହେଲେ ସଂସ୍କୃତ ଭାଷାର ସହାୟତା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ରାଜକିରଣ ମିଶ୍ର ଅତିଥି ପରିଚୟ ଓ ସଂସ୍କୃତ ପକ୍ଷର ଆଭିମୁଖ୍ୟ ଜ୍ଞାପନ କରିଥିଲେ। ସଂସ୍କୃତ ବିଭାଗର ଅଧ୍ୟାପକ ସନାତନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ନନ୍ଦିନୀ ମୁଣ୍ଡା, ରଞ୍ଜୁଲା ପ୍ରଧାନ ଏବଂ ଦେବସ୍ମିତା ନାୟକ ସମସ୍ତ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ।

# ଗଣନାକାରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ରେଞ୍ଜସ୍ତରୀୟ ତାଲିମ

ସମ୍ବଲପୁର, ୧୩।୮ (ସମିସ):ପାନ୍ଥନିବାସର ସମ୍ମିଳନୀ କକ୍ଷରେ କୃଷି ଓ ପଶୁ ଜାତୀୟ ଦ୍ରବ୍ୟର ମୂଲ୍ୟ ପରିସଂଖ୍ୟାନ ସଂଗ୍ରହ ପାଇଁ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ୧୩ ଓ ୧୪ ତାରିଖ ଆୟୋଜିତ ହେଉଛି। ତାଲିମ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ମଣ୍ଡଳ ଅଧିନସ୍ଥ ଅନୁଗୋଳ, ଝାରସୁଗୁଡ଼ା, କେନ୍ଦୁଝର, ନୂଆପଡ଼ା, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାର ୨୭ ଜଣ ଗଣନାକାରୀ ଏବଂ ୫ ଜଣ ପର୍ଯ୍ୟବେକ୍ଷକ ଯୋଗ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଓଡ଼ିଶା ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଉତ୍ତର ରେଞ୍ଜର ଯୁଗ୍ମ ନିର୍ଦ୍ଦେଶକ (ପରିସଂଖ୍ୟାନ) ଦ୍ୱାରା ଆୟୋଜିତ ହୋଇଛି। ରାଜ୍ୟରେ କୃଷି ସାମଗ୍ରୀ, ପଶୁପାଳନ ଏବଂ ପଶୁ ଉପଜାତ ଦ୍ରବ୍ୟ ପାଇଁ ମୂଲ୍ୟ ପରିସଂଖ୍ୟାନ ସଂଗ୍ରହ କରାଯାଏ। ଏହି ଯୋଜନା ଅଧୀନରେ, କୃଷି ଅମଳ ମୂଲ୍ୟ, ଉତ୍ପାଦକଙ୍କ ମୂଲ୍ୟ ଏବଂ ପାଇକାରୀ ମୂଲ୍ୟ ସଂଗ୍ରହ କରାଯାଏ। ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟର ୩୦ ଗୋରୁ ବଜାର ଏବଂ ରାଜ୍ୟର ୫୮ ସବ୍-ଡିଭିଜନସ୍ଥିତ ୧୧୬ ଗ୍ରାମୀଣ ବଜାରରୁ ଏହି ମୂଲ୍ୟ ତଥ୍ୟ ସଂଗ୍ରହ କରାଯାଏ। ପୂର୍ବରୁ ମୂଲ୍ୟ ତଥ୍ୟ କାଗଜ କଲମ ମୋଡରେ ସଂଗ୍ରହ କରାଯାଉଥିଲାବେଳେ ଏବେ ରାଜ୍ୟ ସରକାର ମୋବାଇଲ୍ ଆପ୍ ବ୍ୟବହାର କରି ଡିଜିଟାଲ ମୋଡ୍ ମାଧ୍ୟମରେ ସମସ୍ତ କ୍ଷେତ୍ର ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ବିଶ୍ୱ ବ୍ୟାଙ୍କ ସହାୟତାରେ ରାଜ୍ୟ କ୍ଷମତା ଏବଂ ସ୍ଥିର ବିକାଶ ନୀତି କାର୍ଯ୍ୟକ୍ରମ (ଓଏସ୍‌ସିଆର୍‌ଜିପି) ଅଧୀନରେ, ରାଜ୍ୟ ସାରା ସମସ୍ତ ଯୋଜନା ଅଧୀନରେ ତଥ୍ୟ ସଂଗ୍ରହକୁ ଡିଜିଟାଲ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମ୍ବଲପୁରର ଉତ୍ତର ରେଞ୍ଜର ଅତିରିକ୍ତ ନିର୍ଦ୍ଦେଶକ ସଞ୍ଜୟ ନନ୍ଦ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବାବେଳେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟରୁ ଆସିଥିବା ପ୍ରଶିକ୍ଷକ ଯଥା ଉପନିର୍ଦ୍ଦେଶକ ଡଃ ଅଶ୍ୱିନ ମଲ୍ଲିକ, ପରିସଂଖ୍ୟାନ ଅଧିକାରୀ ରଶ୍ମି ରଞ୍ଜନ ସାହୁ ଏବଂ ବିଶ୍ୱ ବ୍ୟାଙ୍କ ପିଏମ୍‌ସି ଦଳର ସୌରଭ ପାଢୀ ଓ ସୁମିତ ଦାସ ପ୍ରଶିକ୍ଷାର୍ଥୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ପ୍ରକାଶ ଦେଓ ଏବଂ ସହକାରୀ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ସାହୁଙ୍କ ପରିଚାଳନା କରିଥିଲେ।

# ୩ ଚୋରି ଗାଡ଼ି ଜବତ,୨ ଗିରଫ



ସମ୍ବଲପୁର,୧୩।୮ (ସମିସ):ଟାଉନ ଥାନା ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୁଜୁରାଟି କଲୋନୀରୁ ଚୋରିହୋଇଥିବା ୨ଟି ବାଇକ୍ ଓ ଗୋଟିଏ ସ୍କୁଟି ଉଦ୍ଧାର କରିଛି। ଏହି ମାମଲାରେ ସିଦ୍ଧେଶ୍ୱରବେର୍ଣ୍ଣାର ରିଙ୍କୁ ବାରିକ(୩୬) ବାହାଲପଡ଼ାର ଦୁର୍ଜେ ଦୀପ(୨୩) କୁ ଗିରଫ କରିଛି।ସେମାନଙ୍କ ନିକଟରୁ-ଓଡି୧୫ଏନ-୫୧୧୩),ଓଡି ୧୫ଜି-୭୨୫୦ ଓ ଓଆର୧୫ଆର-୨୩୮୩ ଉଦ୍ଧାର କରିଛି। ଗାଡ଼ି ଚେକିଂ ସମୟରେ ଧରାପଡିଥିବା ସୂଚନା ମିଳିଛି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ସମ୍ବଲପୁର, ୧୩।୮ (ସମିସ) : ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଆଜି ସକାଳେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାକୁ ନେଲସନ ମାଣ୍ଡେଲା ଛକଠାରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ବାଇକ୍ ଶୋଭାଯାତ୍ରାରେ ସମ୍ବଲପୁର ଜନସାଧାରଣଙ୍କ ସହିତ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ ନିଜେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ନେଲସନ ମାଣ୍ଡେଲା ଛକରୁ ବାହାରି ଲକ୍ଷ୍ମୀଟକିଜ ଛକ, ମୁଦିପଡ଼ା ଛକ, କ୍ଷେତରାଜପୁର ଜଙ୍କସନ୍ ଛକ, ସର୍ଭିସ ରୋଡ, ଅନାମିକା ପାର୍କ ଦେଇ ସମଲେଶ୍ୱରୀ ମନ୍ଦିର ପାର୍କିଂସ୍ଥଳରେ ସମାପନ ହୋଇଥିଲା। ବାଇକ୍ ଶୋଭାଯାତ୍ରା ସହିତ ଦମକଳ ବାହିନୀ ଗାଡ଼ି, ଆମ୍ବୁଲାନ୍ସ ଆଦି ସାମିଲ ହୋଇଥିଲେ।

# ବିଜେପି ସାକ୍ଷୀ ଗୋପୀନାଥ ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ସମ୍ବଲପୁର, ୧୩।୮ (ସମିସ):ବିଜେପି ସାକ୍ଷୀ ଗୋପୀନାଥ ମଣ୍ଡଳ ପକ୍ଷରୁ ଆଜି ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଗିରୀଶ ପଟେଲଙ୍କ ନିର୍ଦ୍ଦେଶକ୍ରମେ ମଣ୍ଡଳ ସଭାପତି ବଳରାମ ମହାପାତ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରାଟି ଧନୁପାଲି ଛକରୁ ଆରମ୍ଭ ହୋଇ ଜେଲ ଛକ ଦେଇ ସହିଦ ଛକ ପର୍ଯ୍ୟନ୍ତ ଯାଇଥିଲା। ତ୍ରିରଙ୍ଗା ଶୋଭାଯାତ୍ରାରେ ଜାତୀୟ ପତାକାର ସମ୍ମାନ, ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ଦେଶଭକ୍ତିର ଭାବନାକୁ ପ୍ରଚାର କରାଯାଇଥିଲା। ୧୦୦ ମିଟର ବିଶିଷ୍ଟ ତ୍ରିରଙ୍ଗା ସହ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ହାତରେ ତ୍ରିରଙ୍ଗା ଝଣ୍ଡା ରହିଥିଲା। ଶୋଭାଯାତ୍ରା ଜେଲ ଛକରେ ପହଞ୍ଚିବା ସମୟରେ ବିଜେପି ମହାନଦୀ ମଣ୍ଡଳର ଶତାଧିକ କର୍ମୀ ରାଲିରେ ଯୋଗ ଦେଇଥିଲେ। ସହିଦ ସ୍ତମ୍ଭରେ ଜିଲ୍ଲା ସଭାପତି ଗିରୀଶ ପଟେଲ ଓ ମଣ୍ଡଳ ସଭାପତି ବଳରାମ ମହାପାତ୍ର ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ "ହର ଘର ତିରଙ୍ଗା' କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ନିଗମାନନ୍ଦ ମହାନ୍ତି, ସାକ୍ଷୀ ଗୋପୀନାଥ ମଣ୍ଡଳର ପୂର୍ବତନ ମଣ୍ଡଳ ସଭାପତି ସରୋଜ ଘଡେଇ, ବରିଷ୍ଠ ନେତା ପ୍ରଦୀପ ବହିଦାର, କାର୍ତ୍ତିକ ବହିଦାର, ରବି ପଣ୍ଡା, ପ୍ରଦୀପ ବେହେରା, ଦେବାଶିଷ ପୁରୋହିତ, ରାଜା ବରାଡ, ଜଗନ୍ନାଥ ଆଚାର୍ଯ୍ୟ, ସନ୍ତୋଷ ସାହୁ, ସୌରଭ ରଞ୍ଜନ ମହାପାତ୍ର, ରୁପେଶ ଶ୍ରୀବାସ, ସୁରଜ ଗୁରୁ ପ୍ରମୁଖ ବହୁ କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ସମ୍ବଲପୁର, ୧୩।୮ (ସମିସ) : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଆଜି ହର୍ ଘର୍ ତ୍ରିରଙ୍ଗା ଅଭିଯାନ ଉପଲକ୍ଷେ ତ୍ରିରଙ୍ଗା ଯାତ୍ରା ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ ଶ୍ୟାମ ଭୋଇଙ୍କ ନେତୃତ୍ୱରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଅନୁଷ୍ଠାନରୁ ଧନୁପାଲି, ମହାବୀରପଡ଼ା, ପୁଟିବନ୍ଧ ଆଦି ଅଞ୍ଚଳରେ ହର୍ ଘର୍ ତ୍ରିରଙ୍ଗା ନାରା ସହିତ ୫୦ ମିଟର ତ୍ରିରଙ୍ଗା ଧରି ପରିକ୍ରମା କରିଥିଲେ। ଅନୁଷ୍ଠାନର ସମସ୍ତ ବିଭାଗ କର୍ମଚାରୀ ଏବଂ ପୋଲିସ, ଟ୍ରାଫିକ୍ ପୋଲିସ ସହଯୋଗ କରିଥିବାବେଳେ ଏନ୍‌ସିସି ଅଧିକାରୀ ଅଧ୍ୟାପକ ସୁଜିତ ପଧାନ, ହର୍ଷିତା ସ୍ୱାଇଁ, ଏନ୍‌ଏସ୍‌ଏସ୍ ଅଧିକାରୀ ସୁରେଶ ଏକ୍କା, ମେଞ୍ଜା ପୂର୍ତ୍ତି, ସତ୍ୟପ୍ରକାଶ ଟୁଡୁ, ରୋଜାଲି ସେଠ, ରେଡକ୍ରସ ଅଧିକାରୀ ମିଲି ସାହୁ, ସନ୍ଧ୍ୟାରାଣୀ କୁଅଁର ଇକୋ କ୍ଲବ ଅଧିକାରୀ ମିନତି ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆସନ୍ତାକାଲି ମହାବିଦ୍ୟାଳୟରେ ଦେଶାତ୍ମବୋଧ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହେବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

# ସିଆଇଏସ୍‌ସିଇ ଆଞ୍ଚଳିକ ବାସ୍କେଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ




ସମ୍ବଲପୁର, ୧୩।୮ (ସମିସ): ସ୍ଥାନୀୟ ସେଣ୍ଟ ଜୋସେଫ୍ କନଭେଣ୍ଟ ହାୟର ସେକେଣ୍ଡାରୀ ସ୍କୁଲରେ ମଙ୍ଗଳବାର ଆରମ୍ଭ ହୋଇଥିବା ଦୁଇଦିନିଆ ସିଆଇଏସ୍‌ସିଇ ଆଞ୍ଚଳିକ ବାସ୍କେଟ୍‌ବଲ୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଦ୍ୱିତୀୟ ଦିନରେ ବିଭିନ୍ନ ଜୋନରୁ ଆସିଥିବା ବାଳକମାନଙ୍କ ମଧ୍ୟରେ ପ୍ରତିଯୋଗିତା ପ୍ରାତଃସମୟରେ ଆରମ୍ଭ କରାଯାଇଥିଲା। ସମ୍ବଲପୁର ସଦର ପୁଲିସ ଏସ୍‌ଡିପିଓ ତୋଫାନ ବାଗଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଗଣ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ସନ୍ଧ୍ୟା ସମୟରେ ସ୍କୁଲର ପ୍ରଧାନ ଅଧକ୍ଷା ସିଷ୍ଟର ନଭ୍ୟା ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ବାସ୍କେଟବଲ ଖେଳ ସମାପନ ଘୋଷଣା କରିଥିଲେ। ପ୍ରତିଯୋଗିତାରେ ମୋଟ ୫ଟି ଜୋନ୍ ଅଂଶଗ୍ରହଣ କରିଥିଲେ। ସେଗୁଡ଼ିକ ହେଲେ ଝାରସୁଗୁଡ଼ା ଜୋନ୍, ବାଲେଶ୍ୱର ଜୋନ୍, ବ୍ରହ୍ମପୁର ଜୋନ୍, ରାଉରକେଲା ଜୋନ୍ ଓ ଭୁବନେଶ୍ୱର ଜୋନ୍। ବିଜେତା ବାଳକ ଓ ବାଳିକା ଦଳ ଆସନ୍ତା ବାସ୍କେଟବଲ୍ ପ୍ରତିଯୋଗିତାରେ ସିଆଇଏସ୍‌ଇ ଓଡ଼ିଶା ଦଳକୁ ପ୍ରତିନିଧିତ୍ୱ କରିବେ।




ବୁଧବାର ବିଭିନ୍ନ ଜୋନ୍‌ର ବାଳକମାନଙ୍କ ଦଳ ଅଣ୍ଡର-୧୪, ଅଣ୍ଡର-୧୭ ଓ ଅଣ୍ଡର-୧୯ ବର୍ଗରେ କୌଶଳ ଓ କ୍ରୀଡ଼ା ମନୋଭାବର ପ୍ରଦର୍ଶନ କରିଥିଲେ। ୧୪ ବର୍ଷରୁ କମ୍ ଫାଇନାଲରେ ବାଲେଶ୍ୱର ଜୋନ୍‌କୁ ହରାଇ ରାଉରକେଲା ଜୋନ୍ ବିଜୟୀ ହୋଇଥିବାବେଳେ ୧୭ ବର୍ଷରୁ କମ୍ ଫାଇନାଲ୍‌ରେ ବ୍ରହ୍ମପୁର ଜୋନ୍‌କୁ ହରାଇ ଭୁବନେଶ୍ୱର ଜୋନ୍ ବିଜୟୀ ହୋଇଛନ୍ତି। ସେହିପରି ୧୯ ବର୍ଷରୁ କମ୍ ଫାଇନାଲରେ ବ୍ରହ୍ମପୁର ଜୋନ୍‌କୁ ହରାଇ ରାଉରକେଲା ଜୋନ ବିଜୟୀ ହୋଇଛି।

ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ।

ମଙ୍ଗଳବାର ଉଦ୍‌ଘାଟନୀ ଦିବସରେ ବିଭିନ୍ନ ଜୋନ୍‌ର ବାଳିକାଙ୍କ ଦଳ ଅଣ୍ଡର-୧୪, ଅଣ୍ଡର-୧୭ ଓ ଅଣ୍ଡର-୧୯ ବର୍ଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୪ ବର୍ଷରୁ କମ୍ ଫାଇନାଲରେ ରାଉରକେଲା ଜୋନ୍‌କୁ ହରାଇ ବ୍ରହ୍ମପୁର ଜୋନ୍ ବିଜୟୀ ହୋଇଥିବାବେଳେ ୧୭ ବର୍ଷରୁ କମ୍ ଫାଇନାଲ୍‌ରେ ବାଲେଶ୍ୱର ଜୋନ୍‌କୁ ହରାଇ ଭୁବନେଶ୍ୱର ଜୋନ ବିଜୟୀ ହୋଇଥିଲେ। ସେହିପରି ୧୯ ବର୍ଷରୁ କମ୍ ଫାଇନାଲରେ ଝାରସୁଗୁଡ଼ା ଜୋନ୍‌କୁ ହରାଇ ରାଉରକେଲା ଜୋନ ବାଳିକା ଦଳ ବିଜୟୀ ହୋଇଥିଲେ।

# ଭୀମଭୋଇ ସାହିତ୍ୟ ସଂସଦ ପକ୍ଷରୁ ଗଙ୍ଗାଧର ଜୟନ୍ତୀ



ସମ୍ବଲପୁର,୧୩।୮ (ସମିସ): ଭୀମଭୋଇ ନଗରସ୍ଥିତ ଭୀମଭୋଇ ସାହିତ୍ୟ ସଂସଦ ସଭାକକ୍ଷରେ ସଂସଦର ସଭାପତି ପ୍ରଫେସର ନୌବିହାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଓଡ଼ିଶା ରାଜ୍ୟମୁକ୍ତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ପ୍ରମୋଦ କୁମାର ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଫେସର ପାଢ଼ୀ ତାଙ୍କ ବକ୍ତବ୍ୟରେ ପ୍ରଣୟ ବଲ୍ଲରୀ, ତପସ୍ୱିନୀ ଓ କୀଚକ ବଧରୁ ବିଭିନ୍ନ ଉଦାହରଣର ଅବତାରଣାପୂର୍ବକ ଗଙ୍ଗାଧର ସାହିତ୍ୟର ଗାରିମା ଗାନ କରିଥିଲେ। ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ଡଃ ସହଦେବ ରଥ ଗଙ୍ଗାଧର ଜୟନ୍ତୀ ଉତ୍ସବର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଗଙ୍ଗାଧରଙ୍କ କୃତୀ ଉପରେ ରଚିତ ଶାନ୍ତିଲତା ପାଣ୍ଡେଙ୍କ କବିତାକୁ ଶିବାନୀ ସୁନା ପାଠ କରିଥିଲେ। ଶେଷରେ ସଂସଦ ସମ୍ପାଦକ ସରୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ଲମ୍ବୋଦର ମିଶ୍ର, ହିମାଂଶୁ ମିଶ୍ର, ଦିଲ୍ଲୀପ କୁମାର ବୋଷ, ଡଃ ବାଲ୍ମିକୀ ଦାଶ, ସୌଭାଗ୍ୟ ପଟେଲ, ଅଭୟ ତରାଇ, ଓଁକାର ଭୋଇ, ଅଜୟ ନନ୍ଦ, ବିଶ୍ୱେଶ୍ୱର କୁଲାରୀ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

ଗ୍ଲୋବାଲ କର୍ମଶାଳାରେ ହାର୍ଭାର୍ଡ ବିଜନେସ୍ ସ୍କୁଲ ବିଶେଷଜ୍ଞ

# 'ଏ ଆଇ' ଶିକ୍ଷାରେ ନୂଆ ଦିଗନ୍ତ ଆଣୁଛି ଆଇଆଇଏମ୍

ସମ୍ବଲପୁର,୧୩।୮ (ସମିସ):



ଆଇଆଇଏମ୍ ସମ୍ବଲପୁରରେ ଦୁଇ ଦିନିଆ ହାର୍ଭାର୍ଡ ବିଜନେସ୍ ଇମ୍ପାକ୍ଟ 'ଟିଚିଂ ୱିଥ୍ କେସେସ୍'ସେମିନାର ଆୟୋଜିତ ହୋଇଛି। ହାର୍ଭାର୍ଡ ବିଜନେସ୍ ପବ୍ଲିଶିଂ ଏଜୁକେସନ ସହଯୋଗରେ ଆୟୋଜିତ ସେମିନାର ବୁଧବାର ଓ ଗୁରୁବାର ଦିନ ଅନୁଷ୍ଠିତ ହେବ। କର୍ମଶାଳାରେ ଆଇଆଇଏମ୍ ସମ୍ବଲପୁରର ଅଧ୍ୟାପକ ଓ ପିଏଚ୍‌ଡି ଗବେଷକମାନେ ଅଂଶଗ୍ରହଣ କରିଛନ୍ତି। ଯେଉଁଠାରେ ବିଶ୍ୱ-ପ୍ରସିଦ୍ଧ ହାର୍ଭାର୍ଡ କେସ୍-ଭିତ୍ତିକ ଶିକ୍ଷଣ ପ୍ରଣାଳୀରେ ଗଭୀର ତାଲିମ ଦିଆଯାଇଥିଲା। ଅଂଶଗ୍ରହଣକାରୀ ମାନଙ୍କୁ ଇଣ୍ଟର୍‌ଆକ୍ଟିଭ୍ ଆଲୋଚନା, ବାସ୍ତବ କେସ୍ ଅଧ୍ୟୟନ ଓ ଦଳୀୟ କାର୍ଯ୍ୟକଳାପ ମାଧ୍ୟମରେ ହାର୍ଭାର୍ଡ କେସ୍ ଟିଚିଂ ପ୍ରଣାଳୀର ପ୍ରାୟୋଗିକ ଅଭିଜ୍ଞତା ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। ସେମିନାରର ଗୁରୁତ୍ୱପୂର୍ଣ୍ଣ ବିଷୟ ଜେନେରେଟିଭ୍-ଏଆଇ ରହିଥିଲା। କିପରି ଏଆଇ ଟୁଲ୍‌ଗୁଡିକ ସିଦ୍ଧାନ୍ତ ଗ୍ରହଣରେ ସହଯୋଗ କରି, ଶକ୍ତିଶାଳୀ ବିଶ୍ଳେଷଣ ମାଧ୍ୟମରେ ଭଲ ଶିକ୍ଷା ପରିଣାମ ପ୍ରଦାନ କରିପାରେ ସେ ଦିଗରେ ଅଧ୍ୟାପକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଘାଟନୀ ସମାରୋହରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର୍ ମହାଦେବ ଜୟସ୍ୱାଲ୍ କହିଥିଲେ, ହାର୍ଭାର୍ଡ ବିଜନେସ୍ ପବ୍ଲିଶିଂ ଏଜୁକେସନ ସହିତ ଏହି ସେମିନାର୍ ଆୟୋଜନ କରିବାରେ ଆମେ ଗର୍ବିତ। ଆଜିର ଯୁଗରେ ଏଆଇ ଗୋଟିଏ 'ଇକ୍ୱାଲାଇଜର୍', ଯାହା ବିଭିନ୍ନ ଭାବନାକୁ ଏକତ୍ର କରିପାରେ। ଆମେ ସମସ୍ତେ ଏଆଇର ବିପ୍ଳବୀୟ ପରିବର୍ତ୍ତନ ସଚେତନ ଅଟୁ। ଏଆଇ ଓ ଦ୍ରୁତ ବ୍ୟାପାରିକ ପରିବର୍ତ୍ତନର ଏହି ଯୁଗରେ, ସୃଜନଶୀଳତା, ସଂସ୍କୃତି, ଏବଂ ବ୍ୟାପାରର ମାନବୀୟ ପକ୍ଷରେ ଗୁରୁତ୍ୱ ଦେବା ଆବଶ୍ୟକ ଯେଉଁଠାରେ ଏଆଇ ଆମକୁ ପରିବର୍ତ୍ତନ କରିପାରିବ ନାହିଁ। ସେମିନାରରେ ହାର୍ଭାର୍ଡ ବିଜନେସ୍ ସ୍କୁଲ ବିଜନେସ ଏଡମିନିଷ୍ଟ୍ରେସନର ଜୁନିଅର ପ୍ରଫେସର ଭି.ଜି. ନାରାୟଣନ୍, ହାର୍ଭାର୍ଡ ବିଜନେସ୍ ପବ୍ଲିଶିଂ ଦକ୍ଷିଣ ଏସିଆ ଏବଂ ମଧ୍ୟ ପୂର୍ବର ନିର୍ଦ୍ଦେଶକ ଦ୍ୱିବେଶ୍ ମେହତା, ରାହୁଲ୍ ରାୟ, ଷ୍ଟ୍ରାଟେଜିକ ରିଲେସନସିପ ମ୍ୟାନେଜର, ହାର୍ଭାର୍ଡ ବିଜନେସ୍ ପବ୍ଲିଶିଂ ଏବଂ ପ୍ରିୟମ୍ବଦା ସାରସ୍ୱତ, ସିନିୟର ରିସର୍ଚ୍ଚ ଏବଂ ସେଲ୍ସ ସପୋର୍ଟ ସ୍ପେଶାଲିଷ୍ଟ, ହାର୍ଭାର୍ଡ ବିଜନେସ୍ ଇମ୍ପାକ୍ଟ ଏଣ୍ଟରପ୍ରାଇଜ ଯୋଗ ଦେଇଥିଲେ। ଅତିଥି ମାନେ ଛାତ୍ରଛାତ୍ରୀ, କର୍ମଚାରୀ ଓ ଅଧ୍ୟାପକମାନଙ୍କୁ "ଏଆଇ ଯୁଗରେ ବ୍ୟାପାରିକ କ୍ୟାରିୟର ପ୍ରସ୍ତୁତି' ବିଷୟରେ ସମ୍ବୋଧିତ କରିଥିଲେ।

ସକାଳ THE SAKALA



## ବଣାଇଁଗଡ଼ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ସମାରୋହ



ବଣାଇଁ,୧୩।୮ (ସମିସ): ବଣାଇଁଗଡ଼ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ସଂସ୍କୃତ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଜେନାମଣି ସାହୁ ଅଧ୍ୟକ୍ଷତା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଲିପିକା ପ୍ରଧାନ, ଇତିହାସ ବିଭାଗର ମୁଖ୍ୟ ମେଜର ମୃତ୍ୟୁଞ୍ଜୟ ବ୍ରହ୍ମ, ରସାୟନ ବିଭାଗର ମୁଖ୍ୟ ଡ଼ଃ ପ୍ରେମସାଗର ମାହାନ୍ତ, ଇଂରାଜୀ ବିଭାଗର ମୁଖ୍ୟ ଡ଼ଃ ସତ୍ୟବ୍ରତ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକୁ ସଂଯୋଜନା କରିଥିଲେ ଓଡ଼ିଆ ଅଧ୍ୟାପକ ଡ଼ଃ ଖଗେଶ୍ୱର ମେହେର। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଗୀତାଞ୍ଜଳି ଦାସ, ମାଶ୍ରିତା ବା, ପ୍ରଜ୍ଞା ପରମିତା ପ୍ରଧାନ, ଲାଇବ୍ରେରିଆନ ସୁଷମା ପତି, ଅଧ୍ୟାପକ ହେମନ୍ତ ବା, ଶୀତଳ ମହାନନ୍ଦ, ବିଜୟ ବେହେରା, ଜୟନ୍ତ ବେହେରା, ସଞ୍ଜୀବ ବିଲୁଙ୍ଗ, ସୁରେଶ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡ଼ଃ ସତ୍ୟବ୍ରତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ତ୍ରିରଙ୍ଗା ପଦଯାତ୍ରା



ବଣାଇଁ,୧୩।୮ (ସମିସ): ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରୁଗୁଡ଼ାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମୂରଲୀଧର ବାଙ୍କଙ୍କ ନେତୃତ୍ୱରେ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ହାତରେ ତ୍ରିରଙ୍ଗା ଧରି ହର ଘର ତିରଙ୍ଗା ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଶିକ୍ଷକ ମୂରଲୀଧର ସାହୁ, ରୂପକ ରାଜହଂସ, ମୁକେଶ କୁମାର ମାଝୀ, ଅଜୟ କୁମାର ସ୍ୱାଇଁ, ସନ୍ତୋଷ କୁମାର ମୁଦୁଲି ଏବଂ ଶିକ୍ଷୟିତ୍ରୀ ମାମିନୀ ସାହୁ, ସୀମା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ହର ଘର ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଓଏସ୍ଏପିରେ ରକ୍ଷା ବନ୍ଧନ ମହୋତ୍ସବ



ରାଉରକେଲା,୧୩।୮ (ସମିସ): ରାଉରକେଲା ଓଏସଏପି ଚତୁର୍ଥ ବଟାଲିୟନ ପରିସରରେ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ରକ୍ଷା ବନ୍ଧନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦୁର୍ଗତି ଓଏସ୍ଏପି କମାଣ୍ଡାଣ୍ଟ ପ୍ରମୋଦ କୁମାର ଜେନା ଯୋଗଦେଇଥିଲେ। ସିପାହୀ ହାବିଲଦାର ସଂଘର ସଭାପତି ସୂର୍ଯ୍ୟକାନ୍ତ ପାତ୍ର, ରାମଚନ୍ଦ୍ର ସାହୁ, ମାନଭଞ୍ଜ ଛୁରା, ବାବୁଲା ପ୍ରଧାନ, ଅଖିଳ ଚନ୍ଦ୍ର ପାଣିଗ୍ରାହୀ, ତଦୁପରି ସରସ୍ୱତୀ ଜେନା, ସ୍ୱପ୍ନା ପଟ୍ଟନାୟକ, ସ୍ନେହଲତା ପଟ୍ଟନାୟକ, ସୁରେନ୍ଦ୍ର ଅଗ୍ରୱାଲ, ବିଶ୍ୱମ୍ବର ମହାନ୍ତି, ସୁନୀତା ସାହୁ, ଶୃତି, ଶୋଭା ଓ ଶ୍ରୀୟା ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଭଉଣୀମାନେ ନିଜ ଭାଇଙ୍କ ହାତରେ ରକ୍ଷା ସୂତ୍ର ବନ୍ଧିଥିଲେ।

## ରାଉରକେଲା କଲେଜର ତ୍ରିରଙ୍ଗା ଯାତ୍ରା



ରାଉରକେଲା,୧୩।୮ (ସମିସ): ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ତରଫରୁ ଏକ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଯାତ୍ରା କଲେଜରୁ ବାହାରି ସେକ୍ଟର-୨ ବିଜୁ ପଟ୍ଟନାୟକ ଛକ ହୋଇ ସେକ୍ଟର-୨ ସ୍ଥିତ ୧୦୦ ମିଲିଅନ ଟନ୍ ସ୍ମାରକୀ ଛକ ହୋଇ କଲେଜକୁ ଫେରିଥିଲା। କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସେକ୍ଟର-୩ ଥାନା ସବଇନ୍ସପେକ୍ଟର ଦୁର୍ଯ୍ୟୋଧନ ପ୍ରଧାନ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପିକା ବନ୍ଦନା ସୋରେଙ୍ଗ, କରୁଣାକର ପାଟ୍ଟଶାଣୀ, ଭାରତୀ ବରୱା, ମନୋଜ କୁମାର ଦଳେଇ, ରଶ୍ମିପ୍ରଭା ମଥାନ, ରଂଜିତ ପ୍ରଧାନ, ଅନୁପ ଏକ୍କା, ତରଣି ନାୟକ, ଦୀପାଳି ପ୍ରଧାନଙ୍କ ସହ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ, ଏନ୍ଏସ୍ଏସ୍, ଯୁବ ରେଡକ୍ରସ୍ ର ସ୍ୱେଚ୍ଛାସେବୀ ତଥା ଟ୍ରାଫିକ୍ ପୁଲିସ ସହଯୋଗ କରିଥିଲେ।

## ଦେଓ ନଦୀରେ ବୁଡ଼ି ଯୁବକ ନିଖୋଜ

ରାଉରକେଲା,୧୩।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ମିଟକୁନ୍ଦୁରୀ ନିକଟ ଦେଓ ନଦୀରେ ଗାଧେଇବା ସମୟରେ ବୁଧବାର ଜଣେ ଯୁବକ ବୁଡି ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ଆଜି ଅପରାହ୍ନରେ ତିନି ଜଣ ଯୁବକ ଦେଓ ନଦୀରେ ଗାଧୋଉଥିବା ବେଳେ ୩ ଜଣ ଯାକ ପାଣିରେ ବୁଡି ଯାଇଥିଲେ। ହେଲେ ସ୍ଥାନୀୟ କିଛି ଯୁବକ ୨ ଜଣଙ୍କୁ ପାଣିରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଅନ୍ୟ ଜଣେ ଯୁବକ ନଦୀ ଜଳରେ ନିଖୋଜ ହୋଇଯାଇଥିଲେ। ସୂଚନା ପାଇ ରାଉରକେଲା ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସନ୍ଧ୍ୟା ସୁଦ୍ଧା ନିଖୋଜଙ୍କ କୌଣସି ସନ୍ଧାନ ମିଳି ନଥିବା ଜଣାପଡ଼ିଛି।

### ଏସ୍ଏସ୍ଏଲ୍ ୟୁନିଟ୍‌କୁ ଶୁଭେଚ୍ଛା ଜଣାଇଲେ ଡିଆଇସି

# 'କ୍ଷୁଦ୍ର ଓ ନିରବଚ୍ଛିନ୍ନ ପଦକ୍ଷେପ ବିନା ବୃହତ୍ତ ଲକ୍ଷ୍ୟ ସମ୍ଭବ ନୁହେଁ'

ରାଉରକେଲା,୧୩।୮ (ସମିସ):



କ୍ଷୁଦ୍ର ଓ ନିରବଚ୍ଛିନ୍ନ ପଦକ୍ଷେପ ବିନା ବୃହତ୍ତ ଲକ୍ଷ୍ୟ ସମ୍ଭବ ନୁହେଁ। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ନୂତନ ରେକର୍ଡ ପାଇଁ ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇ ଏଭଳି କହିଛନ୍ତି। ବୁଧବାର ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ୍ଏସ୍ଏମ୍-୨)ର ସିଟ୍ ସିୟରିଂ ଲାଇନ୍ (ଏସ୍ଏସ୍ଏଲ) ୟୁନିଟ୍ ଗସ୍ତ କରି ଡିଆଇସି ଶ୍ରୀ ବର୍ମା କହିଛନ୍ତି, ପ୍ରତିଦିନ ଲକ୍ଷ୍ୟ ନିର୍ଦ୍ଧାରଣ କରି ସେଗୁଡ଼ିକୁ ହାସଲ କରିବାକୁ ଉଦ୍ୟମ କରିବାକୁ ପଡିବ। ଏହି ସିଟ୍ ସିୟରିଂ ଲାଇନ୍ ନିକଟରେ ଆର୍ଏସ୍ପି ପାଇଁ ରାଜସ୍ୱ ସୃଷ୍ଟି କରିବାର ବିପୁଳ ସୁଯୋଗ ରହିଛି। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ପାଲ ଚୌଧୁରୀ, ସେବା ବିଭାଗର ସିଜିଏମ୍ ଇନ୍‌ଚାର୍ଜ ଅତିଶ ସରକାର ଏବଂ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସହ କାରଖାନାର ବହୁ ସିଜିଏମ୍, ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, ଏସ୍ଏସ୍ଏଲ୍ ଅଗଷ୍ଟ ୧୧ ତାରିଖରେ ୫୩ଟି କଏଲ୍ ସିୟର କରି ୧୪୦୦ ଟନ୍‌ର ଏଚ୍ଆର୍ ପ୍ଲେଟ୍ ଉତ୍ପାଦନ ପୂର୍ବକ ନୂତନ ଏକ ଦିବସୀୟ ଉତ୍ପାଦନ ରେକର୍ଡ ସ୍ଥାପନ କରିଥିଲା। ପୂର୍ବରୁ ଚଳିତ ବର୍ଷ ଫେବୃଆରୀ ୧୦ ତାରିଖରେ ଗୋଟିଏ ଦିନରେ ୧୩୪୮ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ ରେକର୍ଡ ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଥି ସମେତ ଉକ୍ତ ଦିନ 'ସି' ସିଫ୍ଟରେ, ୟୁନିଟ୍ ୨୦ଟି କଏଲ ରୋଲିଂ କରି ୫୭୫ ଟନ୍ ଏଚଆର ପ୍ଲେଟ୍ ଉତ୍ପାଦନ କରି ଏହାର ସର୍ବୋତ୍ତମ ସିଫ୍ଟ ଉତ୍ପାଦନ ପଞ୍ଜୀକୃତ ମଧ୍ୟ କରିଥିଲା ଏବଂ ଫେବୃଆରୀ ୧୨ ତାରିଖ 'ବି' ସିଫ୍ଟରେ ହାସଲ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୫୫୬ ଟନ୍ ଉତ୍ପାଦନକୁ ଅତିକ୍ରମ କରିଥିଲା। ଏହି ଅବସରରେ ଡିଆଇସି ଏସଏସଏଲ ଏବଂ ଏଚଏସଏମ-୨ ବିଭାଗର ଅଧିକାରୀମାନଙ୍କୁ ମିଷ୍ଟାନ୍ନ ଏବଂ ପୁଷ୍ପଗୁଚ୍ଛ ସହ ପୁସ୍ତକ ପ୍ରଦାନ କରିଥିଲେ। ଉପସ୍ଥିତ ସମସ୍ତ ନିର୍ବାହୀ ନିର୍ଦ୍ଦେଶକମାନେ ମଧ୍ୟ ଡିଆଇସିଙ୍କ ସହିତ ଯୋଗଦେଇ ଏଚଏସଏମ -୨ ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଚଏସଏମ ଏବଂ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଏହି ରେକର୍ଡ ହାସଲ କରିବାରେ ନିରନ୍ତର ସମର୍ଥନ ପାଇଁ ଶୀର୍ଷ ପରିଚାଳନା ଏବଂ ସମସ୍ତ ସହଯୋଗୀ ୟୁନିଟ୍ ଯେପରିକି, ପିପି ଆଣ୍ଡ ସି, ଆରସିଏଲ, ଟି ଆଣ୍ଡ ଆର୍ଏମ୍, ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ଦଳ, ମେକାନିକାଲ୍ ଶପ୍ ଏବଂ ସି ଆଣ୍ଡ ଆଇଟି ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ।

### ■ ଜରାଜୀର୍ଣ୍ଣ ବଣାଇଁ କୋ-ଅପରେଟିଭ୍ ବ୍ୟାଙ୍କ୍ କୋଠା

# ଛାତରୁ ଖସୁଛି ପ୍ଲାଷ୍ଟର, ଗଳୁଛି ପାଣି





ବଣାଇ,୧୩।୮ (ସମିସ): ବଣାଇଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା କୋ-ଅପରେଟିଭ ବ୍ୟାଙ୍କ୍ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଯାହା କର୍ମଚାରୀ ଓ ଗ୍ରାହକଙ୍କ ପାଇଁ ବିପଦ ସାଜିଛି। ବିପଦ ସଂକୁଳ ଅବସ୍ଥାରେ କାମ କରୁଛନ୍ତି ବ୍ୟାଙ୍କ କର୍ମଚାରୀ। ଛାତରୁ ପ୍ଲାଷ୍ଟର ଖସି ପଡୁଛି। ଏପରିକି ପ୍ଲାଷ୍ଟର ପଡ଼ିବା ଭୟରେ କର୍ମଚାରୀମାନେ ପଲିଥିନ୍ ବାନ୍ଧି କାମ କରୁଥିବା ଦେଖିବାକୁ ମିଳିଛି। ଖୋଦ୍ ଅଧିକାରୀଙ୍କ ଚ୍ୟାମ୍ବର ଉପରେ ପ୍ଲାଷ୍ଟର ଛାଡି ଯାଇଥିବା ବେଳେ କେଉଁସମୟରେ ଯେ ଫ୍ୟାନ ପଡିଯିବ ତାହା କହି ହେବନି। ବ୍ୟାଙ୍କ ଭିତରେ ମହିଳା କର୍ମଚାରୀ କାମ କରୁଥିବା ବେଳେ ପୂର୍ବରୁ ପ୍ଲାଷ୍ଟର ପଡ଼ି କେତେ ଜଣ ଆହତ ହୋଇଛନ୍ତି, ତେଣୁ କର୍ମଚାରୀ ସୁରକ୍ଷିତ ମଣୁ ନାହାଁନ୍ତି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ତଳକୁ ଝୁଲି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ମୁଖ୍ୟତଃ ଏହି ବ୍ୟାଙ୍କ ଉପରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସଦସ୍ୟାମାନେ ଟଙ୍କା ନେଣ ଦେଣ କରିବା ପାଇଁ ଆସି ଥାଆନ୍ତି। ବ୍ୟାଙ୍କର ଅବସ୍ଥା ଦେଖି ଅଘଟଣ ଆଶଙ୍କାରେ ସେମାନେ ମଧ୍ୟ ଡରି ଡରି କାମ କରିଥାନ୍ତି। ଏହି ବ୍ୟାଙ୍କରେ ବର୍ଷକୁ ପ୍ରାୟ ୭୦ରୁ ୮୦ କୋଟି ଟଙ୍କାର କାରବାର ହେଉଥିଲେ ମଧ୍ୟ ବ୍ୟାଙ୍କର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି। ଏନେଇ ବ୍ୟାଙ୍କର ସଭାପତିଙ୍କୁ ପଚାରିବାରୁ ମରାମତି ଏବଂ ନୂତନ ଘର ନିର୍ମାଣ ପାଇଁ ଏକ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଅତିଶୀଘ୍ର ଘର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## ଅକ୍ଟୋବର ୯ରୁ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା

ରାଉରକେଲା,୧୩।୮ (ସମିସ): ସ୍ଥାନୀୟ ସେକ୍ଟର - ୬ ସ୍ଥିତ ରାଉରକେଲା ସହରର ଜଣାଶୁଣା ନାଟ୍ୟ ସଂଗଠନ ପଦ୍ମବର୍ଣ୍ଣା ସାଂସ୍କୃତିକ ସଂଗଠନ ପକ୍ଷରୁ ୨୫ତମ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଆସନ୍ତା ଅକ୍ଟୋବର ୯ ତାରିଖରୁ ଆରମ୍ଭ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପଦ୍ମବର୍ଣ୍ଣା ସାଂସ୍କୃତିକ ସଂଗଠନର ସଭାପତି ହିରାଲାଲ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଏହି ସୂଚନା ଦିଆଯାଇଛି। ଏହି ବୈଠକକୁ ନାଟ୍ୟକାର ପଞ୍ଚାନନ ପାତ୍ର ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ବିଘ୍ନେଶ୍ୱ ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଆସନ୍ତା ଲକ୍ଷ୍ମୀ ପୂଜା ଉପଲକ୍ଷେ ସେକ୍ଟର - ୬ ଦୁର୍ଗା ପୂଜା ପଡ଼ିଆଠାରେ ୨୫ତମ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ପଦ୍ମବର୍ଣ୍ଣା ସାଂସ୍କୃତିକ ସଂଗଠନ ପକ୍ଷରୁ ସ୍ଥିର କରାଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ଅକ୍ଟୋବର ୯ ତାରିଖରୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଛଅ ଦିନ ଧରି ଆୟୋଜିତ ହେବ। ପ୍ରଥମ ଦିନର ସଂଧ୍ୟାରେ 'ଆମ ମଞ୍ଚ' ରାଉରକେଲାର କଳାକାରମାନେ ନାଟକ ପରିବେଷଣ କରିବେ। ସେହିପରି ଦ୍ୱିତୀୟ ଦିନର ସଂଧ୍ୟାରେ ଓଁ ଶ୍ରୀ କଳାନିକେତନ ସେକ୍ଟର - ୨, ତୃତୀୟ ଦିନ ସଂଧ୍ୟାରେ କୋଶଳ ନାଟକ ପରିଷଦ, ସେକ୍ଟର - ୬, ଚତୁର୍ଥ ଦିନ ସଂଧ୍ୟାରେ ତ୍ରିଶକ୍ତି ନାଟ୍ୟ ପରିଷଦ ସେକ୍ଟର - ୩, ୫ମ ଦିନ ସଂଧ୍ୟାରେ ବଣେଇଁ କଳା ସଂସ୍କୃତି, ବଣେଇଁ ଏବଂ ୬ଷ୍ଠ ଦିନ ସଂଧ୍ୟାରେ ପୁରସ୍କାର ବିତରଣ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ମାର୍କେଟ କମିଟି ସଭାପତି ଗଣେଶ୍ୱର ରାୟ, ସୁଜନ ସାହୁ, ପାଣ୍ଡବ ଲେଙ୍କାଙ୍କ ସମେତ ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଓ ରାଉରକେଲାର ମୁକ୍ତ ମଞ୍ଚ ନାଟ୍ୟ ଅନୁଷ୍ଠାନ ପ୍ରତିନିଧି ଓ କଳାକାରମାନେ ଉପସ୍ଥିତ ଥିଲେ।

## ରମା ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୧୩।୮ (ସମିସ): ରାଉରକେଲାର ଜଣେ ଜଣାଶୁଣା କଳାକାର ରମା ମହାରଣାଙ୍କ ବୁଧବାର ଅକସ୍ମାତ ବିୟୋଗରେ କଳାକାର ମହଲରେ ଶୋକର ଛାୟା ଖେଳିଯାଇଛି। ରାଉରକେଲା ସେକ୍ଟର - ୬ ସ୍ଥିତ ନିଜ ଶାଶୁଘରେ ରହୁଥିବା ଶ୍ରୀମତୀ ମହାରଣା ଗତକାଲି ରାତି ୪ ଟାରେ ହୃଦ୍‌ଘାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ସ୍ୱର୍ଗତ ରମା ମହାରଣା ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ଏକକ ଅଭିନୟରେ ପାଗେଳି ଭୂମିକାରେ ନିଜର ସୁନ୍ଦର ଅଭିନୟ ପ୍ରଦର୍ଶନ କରି ଦର୍ଶକଙ୍କୁ ଅଭିଭୂତ କରିଥିଲେ। ତାଙ୍କ ବିୟୋଗରେ କଳିଙ୍ଗ କଳା ପରିଷଦ ପ୍ରାଙ୍ଗଣରେ ଓଡିଶା ନାଟ୍ୟସଂଘ ଆୟୋଜିତ ପ୍ରଯୋଜନା ଭିତ୍ତିକ ନାଟ୍ୟ କର୍ମଶାଳାର କଳାକାର ଓ ଏକକ ଅନୁଷ୍ଠାନର କଳାକାର ଓ ସଦସ୍ୟମାନେ ଦିବଂଗତ କଳାକାରଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୧୫ରୁ ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ

ରାଉରକେଲା,୧୩।୮ (ସମିସ): ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ଆସନ୍ତା ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ହନୁମାନ ବାଟିକା କଲ୍ୟାଣୀ ମଣ୍ଡପ ଠାରେ ଅନୁଷ୍ଠିତ ହେବ। ଏନେଇ ବୁଧବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଇସ୍କନ ପକ୍ଷରୁ ସୂଚନା ଦିଆଯାଇଛି। ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ସଚିବ ଶ୍ରୀଧାମ ଗୋବିନ୍ଦ ଦାଶ ସୂଚନା ଦେଇ କହିଛନ୍ତି, ଏହି ଅବସରରେ ଆସନ୍ତା ୧୫ ତାରିଖ ଦିନ ଜୁନିଅର ଓ ସିନିୟର୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ଦୈନିକ ମଟକି ଭଙ୍ଗା, ସନ୍ଧ୍ୟା ଆରତୀ, ପୁରସ୍କାର ବଣ୍ଟନ କରାଯିବ। ଆର୍ଏମ୍ସି ଆସିଷ୍ଟାଣ୍ଟ କମିଶନର ଅଜିତ ପଟ୍ଟନାୟକ, ଡିଏଫ୍ଓ ଜସବନ୍ତ ସେଠୀ, ଜିଏସ୍‌ଟି କମିଶନର ପ୍ରକାଶ ଚନ୍ଦ୍ର ଡୋରା ଅତିଥି ଭାବେ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ୧୬ ତାରିଖରେ ଜୁନିଅର ବର୍ଗରେ ନୃତ୍ୟ, ଗ୍ରୁପ ନାଚ, ମଟକା ସନ୍ଧ୍ୟା ଆରତୀ, ସାହିତ୍ୟ, ଶ୍ରୀକୃଷ୍ଣ ଅଭିଷେକମ ସମେତ ପୁରସ୍କାର ବଣ୍ଟନ କରାଯିବ। ଏହି ଅବସରରେ ଡିଆଇଜି ବ୍ରିଜେଶ ରାଏ, ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଓ ଆରଏଣ୍ଡବି ଏସ୍‌ଇ ଆଲୋକ କୁମାର ନାୟକ ଅତିଥି ଭାବେ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ୧୭ ତାରିଖରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା ବେଳେ ଅତିଥି ଭାବେ ଆର୍ଏମ୍ସି ଯୁଗ୍ମ କମିଶନର ପଲ୍ଲଭି ନାୟକ, ଜିଏସ୍‌ଟି ଯୁଗ୍ମ କମିଶନର ସୁଶାନ୍ତ କୁମାର ସାହୁ, ସନ୍ଦୀପ ଶତପଥୀ ଓ ଶୁଭ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେବେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ଟାକ୍ସ ବାର ଆସୋସିଏସନର ସଭାପତି ପ୍ରଦୀପ କୁମାର ରାଉତ, ପ୍ରଶାନ୍ତ କୁମାର ଭୂୟାଁ, ବରିଷ୍ଠ ଓକିଲ ସୁଭାଷ ଚନ୍ଦ୍ର ଅଗ୍ରୱାଲ, ଦୁଃଶାସନ ବେହେରା, ପ୍ରଶାନ୍ତ କୁମାର ଭୂୟାଁ ଉପସ୍ଥିତ ଥିଲେ।



## କାର-ବାଇକ୍ ମୁହାଁମୁହିଁ ଧକ୍କା; ୩ ଆହତ

ବଣାଇଁ,୧୩।୮ (ସମିସ): ବଣାଇଁ ଥାନା ଅନ୍ତର୍ଗତ ଲଲେଇ ସେତୁ ଉପରେ ବୁଧବାର ସନ୍ଧ୍ୟା ୬.୩୦ ସମୟରେ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। କୁଚିଣ୍ଡାରୁ ଖଣ୍ଡାଧାର ଅଭିମୁଖେ ବୁଲିବା ପାଇଁ ବାଇକ ଯୋଗେ ୩ ଜଣ ଯୁବକ ମିଳନ କୁମାର ନାୟକ (୨୧) ସନ୍ତୋଷ ମାଝୀ (୨୩) ରମେଶ କିଷାନ (୨୨) ଆସିଥିଲେ। ବୁଲି ସାରି ଘରକୁ ଫେରୁଥିବା ବେଳେ ସେତୁ ଉପରେ ବଣାଇଁ ପଟୁ ଆସୁଥିବା ଏକ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍‌ରେ ବସିଥିବା ୩ ଯୁବକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଗୁରୁତର ଥିବା ମିଳନଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

### ଦେବାଳିଆ ହେଲେଣି କୋଇଡ଼ା ଗାଡ଼ି ମାଲିକ

# ଖଣିରୁ ମିଳୁନି ଲୋଡ୍; ଦାଦନ ମୁହାଁ ଚାଳକ, ହେଲପର୍

କୋଇଡା,୧୩।୮ (ସମିସ):



ଦୀପ ତଳ ଅନ୍ଧାର ସଦୃଶ୍ୟ ଏବେ କୋଇଡା ଗାଡି ମାଲିକଙ୍କ ଅବସ୍ଥା ହୋଇଛି। କୋଇଡାରେ ୩୨ରୁ ଊର୍ଦ୍ଧ୍ୱ ଖଣି କାର୍ଯ୍ୟରତ ରହିଛି। କିନ୍ତୁ ଖଣି ଗନ୍ତାଘର ଥାଇ ମଧ୍ୟ ଏବେ କୋଇଡା ଗାଡି ମାଲିକ ଦେବାଳିଆ ହେବାକୁ ବସିଲେଣି। ଖଣି ଖନନ ହେବା ଯୋଗୁଁ ଚାଷ ବେସ୍ ପ୍ରଭାବିତ ହୋଇଛି। ଖଣିମାନଙ୍କରେ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ନାହିଁ; ଏଣୁ ସ୍ଥାନୀୟ ଯୁବକମାନେ ଆଉ କିଛି ରୋଜଗାରର ପନ୍ଥା ନ ପାଇ ଟ୍ରକ୍ କିମ୍ବା ଟିପର୍ ବ୍ୟବସାୟକୁ ପେଟପାଟଣା ପାଇଁ ମୁଖ୍ୟରୋଜଗାର ରୁପେ ଗ୍ରହଣ କଲେ। ଏଥିପାଇଁ ଲୋନ୍ କରି ଖଣ୍ଡେ ଦି ଖଣ୍ଡ ଗାଡି ଆଣି ଚଳୁଛନ୍ତି। ହେଲେ ବର୍ତ୍ତମାନ ପରିସ୍ଥିତିରେ ଗାଡି ଲୋଡ୍ କରିବାକୁ ଏବେ ବାର ଦୁଆର ବୁଲିଲେ ବି ଲୋଡ୍ ମିଳିପାରୁ ନାହିଁ। ପରିସ୍ଥିତି ଏତେ ଜଟିଳ ହେଲାଣି ଯେ ଗାଡି କିସ୍ତି ସୁଝି ନ ପାରି ଗାଡିଟଣା ହେଇ ଡିଫୋଲ୍ଟର ହେଉଛନ୍ତି ବ୍ୟବସାୟୀ। ଅନ୍ୟପଟେ ଖଣି ଓ ପରିବହନ ସଂସ୍ଥା ଅନ୍ୟ ଜିଲ୍ଲା ଓ ରାଜ୍ୟର ବଡ ବଡ ଟ୍ରଲର ଓ ୧୬ ଚକିଆ ନିୟୋଜିତ କରି ପରିବହନ ପାଇଁ ବାହାର ସାଇଡିଂକୁ କଞ୍ଚାମାଲ୍ ପଠାଉଛନ୍ତି। ଫଳସ୍ୱରୂପ ଯେଉଁ ପରିବହନ ୫ ଦିନରେ ସରିବା କଥା ତାହା ମାତ୍ର ୫ ଘଣ୍ଟାରେ ଶେଷ ହୋଇଯାଉଛି। ବାହାର ରାଜ୍ୟ ଓ ଜିଲ୍ଲାର ବଡବଡ ଗାଡି ମାଲିକ, ସ୍ଥାନୀୟ ଖଣି ଓ ପରିବହନ ସଂସ୍ଥା ବୁଝାମଣା ପରେ ଏକା ଥରକେ ବଡ ବଡ ଟ୍ରଲର ଗାଡି କୋଇଡା ଖଣିରେ ନିୟୋଜିତ କରୁଛନ୍ତି. ଯାହା ଫଳରେ କୋଇଡାରେ ଚାଲୁଥିବା ଟିପ୍ପର୍, ଟ୍ରକକୁ ଲୋଡ୍ ମିଳୁନି। ଅଞ୍ଚଳରେ ୨ ହଜାରରୁ ଊର୍ଦ୍ଧ୍ୱ ଗାଡି ଛିଡା ରହିଥିଲେ ହେଁ ୨ ଶହ ଗାଡି ବି ଲୋଡ୍ ହଉନି। କୋଇଡା ଟ୍ରକ୍ ଟିପର୍ ମାଲିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ବ୍ଲକ୍‌ରେ ୫ ଗୋଟି ପଞ୍ଜୀକୃତ ସଂଘ କାର୍ଯ୍ୟରତ ରହିଛି, ହେଲେ ରାଜନୈତିକ ପଶାପାଲିରେ ଛନ୍ଦି ହୋଇ ବର୍ତ୍ତମାନ ଦେବାଳିଆ ସ୍ଥିତିରେ ଗାଡି ମାଲିକମାନେ। ଫଳସ୍ୱରୁପ ସ୍ଥାନୀୟ ଆଦିବାସୀ ଚାଳକ ହେଲପର ମଧ୍ୟ ରୋଜଗାର ହରାଇ ଅନ୍ୟ ରାଜ୍ୟ ଯାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଖଣି ଓ ଗାଡି ବଳରେ ନିର୍ଭରଶୀଳ ଢାବା, ହୋଟେଲ୍, ଦୋକାନ ବଜାର ମଧ୍ୟ ଠପ୍ ହୋଇଛି। ଏଣୁ ଅତିଶୀଘ୍ର ଜଦି ସ୍ଥାନୀୟ ଖଣି ପରିବହନ ସଂସ୍ଥା ଓ ଟିପର୍ ଟ୍ରକ ସଂଘ ମିଳିତ ବୁଝାମଣାରେ କୋଇଡା ଗାଡି ମାଲିକଙ୍କ ପାଇଁ ଯଥେଷ୍ଟ ଲୋଡ୍‌ର ପ୍ରବନ୍ଧ ସହ ବାହାର ଗାଡି ଉପରେ ଅଙ୍କୁଶ ନ ଲଗାଯାଏ ତେବେ ସୁନିଶ୍ଚିତ ଭାବେ ସମସ୍ତ ଗାଡି ଫାଇନାନ୍ସର ଦ୍ୱାରା ଟଣା ହୋଇ କୋଇଡା ସ୍ଥିତି ଆହୁରୀ ଦୟନୀୟ ଅବସ୍ଥା ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବିପଦ ହ୍ରାସ ଓ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇଁ ଏନ୍‌ପିଏମ୍‌ର ପଦକ୍ଷେପ

ରାଉରକେଲା,୧୩।୮ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ (ଏନପିଏମ) ବିଭାଗ ବିପଦ ହ୍ରାସ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ଲକ୍ଷ୍ୟରେ ଏକ ସକ୍ରିୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରିଛି। ଏହି ବିଭାଗର ଜିଏମ୍ ନୀଳମଣି ମହାପାତ୍ରଙ୍କ ନେତୃତ୍ୱରେ ରିହିଟିଂ ଫର୍ଣ୍ଣେସ୍ ନିକଟରେ ଏକ ୱିଣ୍ଡସକ୍ ସ୍ଥାପନ କରାଯାଇଛି। ଏହା ୱିଣ୍ଡସକ୍ ପବନ ଦିଗର ଏକ ଦୃଶ୍ୟ ସୂଚକ ଭାବରେ କାର୍ଯ୍ୟ କରେ ଯାହା ସୁରକ୍ଷିତ ନିଷ୍କାସନ ପଥ ଚିହ୍ନଟ କରିବାରେ ଏବଂ ଗ୍ୟାସ୍ ଲିକ୍ ହେଲେ ଶୀଘ୍ର ପ୍ରତିକ୍ରିୟା ଦେବାରେ କର୍ମଚାରୀମାନଙ୍କୁ ସହାୟତା ମଧ୍ୟ କରିଥାଏ। ଏହା କର୍ମଚାରୀମାନଙ୍କୁ ବିପଜ୍ଜନକ ଗ୍ୟାସ ଠାରୁ ଦୂରେଇ ରଖିବାକୁ ସଙ୍କେତ ଦେବା ସହ ଜରୁରୀକାଳୀନ ପରିସ୍ଥିତିରେ ସହାୟକ ହୋଇଥାଏ। ଏହି ପ୍ରକଳ୍ପଟି ଏନ୍‌ପିଏମ୍ ବିଭାଗର ଡିଏସ୍ଓ ତଥା ସିନିୟର ମ୍ୟାନେଜର ସୁମନ କୁମାରଙ୍କ ତଦାରଖ ସହିତ ଏନ୍‌ପିଏମ୍ ଓ ଏସ୍‌ପିପି ବିଭାଗର ସିଜିଏମ୍ ଆର .କେ ବିସାରେ ଏବଂ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ସୁଶ୍ରୀ ଆଶା ଏସ୍ କାର୍ଥାଙ୍କ ମାର୍ଗଦର୍ଶନରେ କାର୍ଯ୍ୟକାରୀ ହୋଇଥିଲା। ଏହି ସଂଯୋଗୀକରଣ ଗୁଡ଼ିକ ସପ୍ ଫ୍ଲୋର ସୁରକ୍ଷା ମାନଦଣ୍ଡରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହ କାରଖାନାକୁ ସୁରକ୍ଷିତ ଏବଂ ଅଧିକ ଦକ୍ଷତାସମ୍ପନ୍ନ କାର୍ଯ୍ୟ ପରିବେଶ ପ୍ରତି ପ୍ରତିବଦ୍ଧତାକୁ ବଜାୟ ରଖିବ ବୋଲି ଆଶା କରାଯାଉଛି।





# ଉଠାଦୋକାନୀଙ୍କ ପେଟଗର୍ଜନ ସମାବେଶ

- ଉଚ୍ଛେଦ ପ୍ରତିବାଦରେ ଏକାଠି ହେଲେ ହଜାର ହଜାର ଉଠାଦୋକାନୀ
- ଆଗେ ଥଇଥାନ, ପରେ ଉଚ୍ଛେଦ ଚିନ୍ତା କରନ୍ତୁ ସରକାର: ମହାସଂଘ

ଭୁବନେଶ୍ୱର, ୧୩।୮ (ସମିସ): ଭୁବନେଶ୍ୱର ମହାନଗର ନିଗମ ମଧ୍ୟମ ଜୋନ ଅଞ୍ଚଳରେ ଥିବା ମାର୍କେଟ ବିଲ୍ଡ଼ିଂର ପଛପଟେ ହଠାତ କୌଣସି ସୂଚନା ନ ଥାଇ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବାକୁ ଆସିଥିଲେ। ଉଚ୍ଛେଦକୁ ବିରୋଧ କରି ଶହ ଶହ ଉଠାଦୋକାନୀ ଏକାଠି ହେବା ଫଳରେ ବିଏମ୍‌ସିର ଉଚ୍ଛେଦକାରୀ ଦଳ ଭୟଭୀତ ହୋଇ ସେଠାରୁ ଚାଲିଯାଇଥିଲେ। ଏବେ ଶୁଣିବାକୁ ମିଳୁଛି ମାର୍କେଟ ବିଲ୍ଡ଼ିଙ୍ଗର ଉଠାଦୋକାନୀଙ୍କୁ ଉଚ୍ଛେଦ କରି ସେହି ଜାଗାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାର ଅତିଥି ଭବନ ନିର୍ମାଣ ହେବ। ଯଦି ସେଠାରେ ଅତିଥି ଭବନ ନିର୍ମାଣ କରାଯାଏ, ତେବେ ମାର୍କେଟ ବିଲ୍ଡ଼ିଂ ଅଞ୍ଚଳର ପାଖାପାଖି ୧୫୦୦ ଉଠାଦୋକାନୀ ଉଚ୍ଛେଦ ହେବା ସହ ପାଖାପାଖି ଦଶହଜାର ଲୋକ କ୍ଷତିଗ୍ରସ୍ତ ହେବେ।

ଏହାର ପ୍ରତିବାଦରେ ମାର୍କେଟ ବିଲ୍ଡ଼ିଂ ଉଠାଦୋକାନ ଏକତା ମଞ୍ଚର ଡ଼ାକରାରେ, ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସହାୟତାରେ ବୁଧବାର ପୁରୁଣା ବସଷ୍ଟାଣ୍ଡଠାରେ ଉଠାଦୋକାନୀମାନଙ୍କ ଏକ ପେଟଗର୍ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସେଠାରୁ ମହାସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ମହାପାତ୍ରଙ୍କ ନେତୃତ୍ୱରେ ହିମାଂଶୁ ବଳିୟାରସିଂ, କଇମ୍ ଖାନ୍, ମାନସ କୁମାର ବଳିୟାରସିଂ, ଏମ୍‌ଡ଼ି ଗୁଲଜର, ଦେବାନନ୍ଦ ସାହାଣୀ, ଶ୍ୟାମସୁନ୍ଦର କୁଅଁର ଓ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ପ୍ରମୁଖ ୭ ଜଣିଆ ପ୍ରତିନିଧି ଦଳ କ୍ୟାପିଟାଲ ଥାନା ପୋଲିସ୍ ସହାୟତାରେ ବିଏମ୍‌ସି କାର୍ଯ୍ୟାଳୟରେ ଭେଣ୍ଡିଂଜୋନ ଡେପୁଟି କମିସନର ଅଜୟ ମହାନ୍ତିଙ୍କୁ ଭେଟି ମାର୍କେଟ ବିଲ୍ଡ଼ିଂ ଅଞ୍ଚଳରେ ଥିବା ସମସ୍ତ ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ / ମାର୍କେଟ କମ୍ପ୍ଲେକ୍ସ ମାଧ୍ୟମରେ ଥଇଥାନ କରିବା, ଯେପର୍ଯ୍ୟନ୍ତ ଥଇଥାନ କରା ନ ଯାଇଛି ସେ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବା, ଯଦି କୌଣସି ଜାଗା ବିଏମ୍‌ସିର ଆବଶ୍ୟକ ପଡ଼ିଲା ସେ କ୍ଷେତ୍ରରେ ସ୍ଥାନୀୟ କମିଟି ମାର୍କେଟ ବିଲ୍ଡ଼ିଙ୍ଗ ଉଠାଦୋକାନୀ ଏକତା ମଞ୍ଚ ସହିତ ଆଲୋଚନା କରି ସମାଧାନ କରିବା, ନୂତନ ଦୋକାନ ପ୍ରବେଶକୁ ବନ୍ଦ କରିବା, ସମସ୍ତଙ୍କୁ ଟ୍ରେଡ ଲାଇସେନ୍ସ, ୟୁଜର ଫି, ଗ୍ରାଉଣ୍ଡ ରେଣ୍ଟ, ଭେଣ୍ଡିଂ ସାର୍ଟିଫିକେଟ, ଭେଣ୍ଡିଂ କାର୍ଡ଼ ପ୍ରଦାନ କରିବା, ସମସ୍ତ ଜାଗାରେ ପାଣି, ପାଇଖାନା, ବିଜୁଳି ବ୍ୟବସ୍ଥା କରିବା, ଗୁଣ୍ଡା, ବଦବାସ, ତସ୍କରମାନଙ୍କ କବଳରୁ ଉଠାଦୋକାନୀଙ୍କୁ ସୁରକ୍ଷା ଦେବା ସହିତ ମିଛ ଟ୍ରେଡ଼ ଲାଇସେନ୍ସ, ଏଲଓଆର, ଲୋନ, ସାର୍ଟିଫିକେଟ ପ୍ରଦାନ କରୁଥିବା ନକଲି କର୍ମଚାରୀଙ୍କୁ ଚିହ୍ନଟ କରିବା ଏବଂ ଦୋକାନଗୁଡ଼ିକ ଆଗରେ ଅନ୍ୟ କୌଣସି ଦୋକାନ ନ ରଖିବା ଆଦି ୮ ଦଫା ଦାବିପତ୍ର ପ୍ରଦାନ କରିଥିଲେ।



ଏହାପରେ ପୁରୁଣା ବସଷ୍ଟାଣ୍ଡଠାରେ ଆରୋଭାର ସଭାପତି ପ୍ରତାପ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ପେଟଗର୍ଜନ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭୁବନେଶ୍ୱରର ପାଖାପାଖି ୫୦ରୁ ଅଧିକ ସଂଗଠନର କର୍ମକର୍ତ୍ତା ଯୋଗଦେବା ସହ ସେମାନଙ୍କର ବକ୍ତବ୍ୟ ରଖିଥିଲେ। ନିରଞ୍ଜନ ପାଣ୍ଡେ, ସୂର୍ଯ୍ୟମଣି ସାହୁ, କାଜଲ ଜେନା, ଲଲାଟ କୁମାର ଓଝା, ଶରତ କୁମାର ସାହୁ, ଶୁଭଲକ୍ଷ୍ମୀ ମହାନ୍ତି, ସସ୍ମିତା ସାହୁ, ସୁଶାନ୍ତ କୁମାର ରାଉତ, ରଶ୍ମିତା ରାଉଳ, ଗୀତା ବିଶ୍ୱାସ, ଜଗବନ୍ଧୁ ବେହେରା ପ୍ରମୁଖ ଅଭିଭାଷଣରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।

### ହାତ ଟେକିଦେଲା କମିସନରେଟ୍ ପୁଲିସ

## ଚୋର ଚିହ୍ନାଇଲେ ୫ ହଜାର ପୁରସ୍କାର

- ୨୦ ଲକ୍ଷର ଅଳଙ୍କାର ଚୋରି ଘଟଣା

ଭୁବନେଶ୍ୱର, ୧୩।୮ (ସମିସ): ଝରକା ଭାଙ୍ଗି ୨୦ ଲକ୍ଷର ସୁନାଗହଣା ଚୋରି ଘଟଣାର ତଦନ୍ତ କରୁଥିବା କମିସନରେଟ ପୁଲିସ ହାତ ଟେକି ଦେଇଛି। ଘଟଣାକୁ ୩ ମାସ ବିତିବାକୁ ବସିଥିବା ବେଳେ ଚୋରଙ୍କୁ ଧରିବା ତ ଦୂରରେ ଥାଉ, ଏପର୍ଯ୍ୟନ୍ତ ଚିହ୍ନଟ ମଧ୍ୟ କରିପାରିନାହିଁ। ଶେଷରେ ଚୋରଙ୍କୁ ଚିହ୍ନଟ କରିବାକୁ ୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିଛି।




ପୂରା ଘଟଣା ଥିଲା ଏମିତି, ଟଙ୍କପାଣି ରୋଡ ସାଇ ରେସିଡେନ୍ସିରେ ରହୁଥିବା ପ୍ରୀତମ ପରିଡ଼ାଙ୍କ ପରିବାର ଲୋକେ ମେ ୧୭ ତାରିଖ ରାତିରେ ଶୋଇଥିବା ବେଳେ କେତେକ ଦୁର୍ବୃତ୍ତ ତାଙ୍କ ଝରକା ଭାଙ୍ଗି ଘରେ ପଶିଥିଲେ। ଘର ଭିତରେ ପଶି ଦୁର୍ବୃତ୍ତମାନେ ୧୮୦ ଗ୍ରାମ ଓଜନର ସୁନା ଗହଣା ଚୋରି କରି ନେଇଥିବା ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ୨୬୯/୨୫ ନମ୍ବର ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରଙ୍କ କଳା କାରନାମା ରେକର୍ଡ ହୋଇଥିବା ସିସିଟିଭି କ୍ୟାମେରା ଫୁଟେଜ ଜବତ କରିଥିଲା। ସ୍ପେଶାଲ ସ୍କ୍ୱାଡ ମଧ୍ୟ ତଦନ୍ତରେ ସହଯୋଗ କରିଥିଲା। ଚୋରଙ୍କୁ ଧରିବାକୁ ରାସ୍ତାଘାଟର ସିସିଟିଭି ଫୁଟେଜ ଠାରୁ ଆରମ୍ଭ କରି ଟାୱାର ଡମ୍ପ ପର୍ଯ୍ୟନ୍ତ, ବିଭିନ୍ନ ଆଧୁନିକ ପ୍ରଣାଳୀ ଆପଣାଇ ଥିଲା। ହେଲେ ସେସବୁରୁ କୌଣସି ସୁଫଳ ମିଳି ନ ଥିଲା। ଆଉ ୪ ଦିନ ପରେ ଘଟଣାକୁ ୩ ମାସ ପୂରିବ। ହେଲେ ଏପର୍ଯ୍ୟନ୍ତ ଲୁଟେରାଙ୍କର ପତ୍ତା ପାଇଁ ପାରିନାହିଁ ପୁଲିସ। ଶେଷରେ କମିସନରେଟ ପୁଲିସ ଏକ ପ୍ରକାର ଅସହାୟ ହୋଇ ହାତ ଟେକି ଦେଇଛି। ସିସିଟିଭି ଫୁଟେଜରୁ ମିଳିଥିବା ଚୋରଙ୍କ ଫଟୋଚିତ୍ରକୁ ସେୟାର କରିଛି। ଲୁଟେରାଙ୍କୁ ଚିହ୍ନଟରେ ସହଯୋଗ କରିଲେ ୫ ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରିଛି। ଭୁବନେଶ୍ୱର ଡିସିପିଙ୍କ ଅଫିସିଆଲ୍ 'ଏକ୍ସ' ହାଣ୍ଡେଲରେ ଏନେଇ ଆଜି ପୋଷ୍ଟ କରାଯାଇଛି। ଏଭଳି ଘୋଷଣା ରାଜ୍ୟର ସବୁଠାରୁ ଦକ୍ଷ କୁହାଯାଉଥିବା କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

## ୧୨୦ ବାଟାଲିୟନରେ ଚାକିରି ନାଁରେ ଠକେଇ; ଜଣେ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ୧୨୦ ବାଟାଲିୟନରେ ଚାକିରି କରାଇବା ନାଁରେ ଠକେଇ କରିଥିବା ଧୂର୍ତ୍ତକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅଞ୍ଚଳର ସନ୍ତୋଷ କୁମାର ସେଠୀ (୩୩)। ପୁଲିସ ସୂଚନା ଅନୁସାରେ, ଘାଟିକିଆରେ ରହୁଥିବା ସନ୍ତୋଷ କୁମାର ସ୍ୱାଇଁ ନାମକ ଜଣେ ଚାକିରି ଆଶାୟୀ ଜଣେ ଯୁବତୀଙ୍କ ମାଧ୍ୟମରେ ସନ୍ତୋଷ ସେଠୀଙ୍କ ସଂସ୍ପର୍ଶରେ ଆସିଥିଲେ। ସନ୍ତୋଷ ତାଙ୍କୁ ୧୨୦ ବାଟାଲିୟନରେ ଏକ ପଦବୀ ଖାଲି ଥିବା କହି ଡକାଇଥିଲେ। ସନ୍ତୋଷ ସ୍ୱାଇଁ ଓ ଭାଇ ସୁଧୀର ସ୍ୱାଇଁ ୧୨୦ ବାଟାଲିୟନ ପରିସରକୁ ଯାଇ ସନ୍ତୋଷ ସେଠୀଙ୍କୁ ଭେଟିଥିଲେ। ସନ୍ତୋଷ ସ୍ୱାଇଁ ତାଙ୍କ ଡକୁମେଣ୍ଟ ସହ ୫ ହଜାର ଟଙ୍କା ଦେଇଥିଲେ। ସନ୍ତୋଷ ସମସ୍ତ ଡକ୍ୟୁମେଣ୍ଟ ନେଇ ତାଙ୍କୁ ସେ ୟୁନିଫର୍ମ, ପରିଚୟପତ୍ର ଏବଂ ନିଯୁକ୍ତିପତ୍ର ମିଳିବ ବୋଲି କହିଥିଲା। ଏହାପରେ ନିଯୁକ୍ତିପତ୍ର ଦେବାକୁ କହି ଡକାଇଥିଲେ ମଧ୍ୟ ଫୋନ୍ ଉଠାଇ ନଥିଲା। ଏନେଇ ସନ୍ତୋଷ କୁମାର ସ୍ୱାଇଁ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ତୋଷ ସେଠୀକୁ ଗିରଫ କରିଛି।

## ଯୁବତୀଙ୍କୁ ଅସଦାଚରଣ କରି ପ୍ରେମିକ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ବିଫଳ ପ୍ରେମିକକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାରାଦ୍ୱୀପ ସେକ୍ଟର ୨୧ର ସୁରଜ କୁଣ୍ଡୁ (୨୪)। ପୁଲିସ ସୂଚନା ମୁତାବକ, ସୁରଜ ଓ ଯୁବତୀ ଜଣକ ଗୋଟିଏ ସ୍ଥାନରେ କାମ କରିବା ବେଳେ ପରସ୍ପରଙ୍କ ମଧ୍ୟରେ ପରିଚୟ ହୋଇଥିଲା। ପରେ ସୁରଜ ବିବାହ କରିବାକୁ ପ୍ରସ୍ତାବ ଦେବାରୁ ଯୁବତୀ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ସେହିଦିନ ଠାରୁ ଅର୍ଥାତ ଗତ ପାଞ୍ଚ ମାସ ହେବ ସୁରଜ ଏକ ପାଖିଆ ଭଲ ପାଇ ଆସୁଥିବା ସହ ତାଙ୍କ ଉପରେ ନିୟମିତ ଭାବେ ନଜର ରଖୁଥିଲା। ଯୁବତୀଙ୍କୁ ତାଙ୍କ ଅଫିସ ଯିବାଆସିବା ରାସ୍ତାରେ ନିୟମିତ ଭାବେ ହଇରାଣ ହରକତ କରୁଥିଲେ। ସୁରଜ ଗତକାଲି ସକାଳେ ଯୁବତୀ ରହୁଥିବା ଘରେ ଜୋରଜବରଦସ୍ତ ପଶି ଗାଳିଗୁଲଜ କରିଥିଲା। ବଳପୂର୍ବକ ଟଣାଓଟରା କରି ଅସଦାଚରଣ କରିଥିଲା। ବିବାହ ପ୍ରସ୍ତାବରେ ରାଜି ନହେଲେ ଜୀବନରୁ ମାରିଦେବ ବୋଲି ଧମକ ମଧ୍ୟ ଦେଇଥିଲା। ଯୁବତୀ ଏନେଇ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହେବାପରେ ପୁଲିସ ସୁରଜକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବେଆଇନ ବାଲି ଚାଲାଣ; ୨ ଗିରଫ

ହଂସପାଳ, ୧୩।୮ (ସମିସ): ବେଆଇନ ବାଲି ଚାଲାଣ ଅଭିଯୋଗରେ ପାହାଳ ଥାନା ପୋଲିସ ପୁରୀ ଜିଲ୍ଲା ହିରନ୍ୟପଦା ଗ୍ରାମର ଦାଶରଥି ସେଠୀ (୩୨) ଏବଂ କଟକ ଜିଲ୍ଲା ନିଆଳି ଖଡିବିଲ ଗ୍ରାମର ମନୋରଞ୍ଜନ ସାମଲ (୫୨) ଦୁଇ ହାଇୱା ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନାଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଦୁଇଟି ପୃଥକ ଟିମ୍ ନିଜ ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଙ୍ଗ ତଥା ବ୍ଲକିଂ ଡ୍ୟୁଟି ସମ୍ପାଦନ କରୁଥିବା ସମୟରେ ଦୁଇଟି ହାଇୱା ଟ୍ରକ ଦ୍ରୁତଗତିରେ ଆସୁଥିବାର ଦେଖି ତାହାକୁ ଅଟକାଇଥିଲେ। ଛାନଭିନ ସମୟରେ ଉଭୟ ଟ୍ରକରେ ବେଆଇନ ଭାବରେ ବାଲି ଚାଲାଣ ହେଉଥିବା ଜଣାପଡ଼ିଥିଲା।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବାଲିଅନ୍ତା, ୧୩।୮ (ସମିସ): ବାଲକାଟି ଫାଣ୍ଡି ଅଧୀନ ସାଇଫନ ଛକ ନିକଟ ପୁରୀ ମୁଖ୍ୟ କେନାଲରୁ ବୁଧବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବାଲିପାଟଣା ଥାନା ଗିରଙ୍ଗ ଗ୍ରାମର ଦିବାକର ମହାନ୍ତି (୭୬)। ଦିବାକର ୨ ଦିନ ତଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବାଲିପାଟଣା ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ। ଖବର ପାଇ ବାଲିଅନ୍ତା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉପରକୁ ଆଣିଥିଲେ। ବାଲକାଟି ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନେଇ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ସୂଚନା ଅନୁସାରେ ଦିବାକର ଗତ ୧୧ ତାରିଖ ରେ ଘରୁ ନିଖୋଜ ହୋଇଯାଇଥିଲେ। ଘରୋଇ କଳହ ଯୋଗୁଁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ଶାଳୀକୁ ଦୁଷ୍କର୍ମ; ଭିଣୋଇ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ବିବାହ ପ୍ରତିଶ୍ରୁତି ଦେଇ ଶାଳୀକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ସମ୍ପର୍କୀୟ ଭିଣୋଇକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶିଶୁପାଳଗଡ଼ ନାହାକ ସାହିର ଆରତ ବେହେରା ଓରଫ୍ ବାପି (୨୩)।



ପୁଲିସ ସୂଚନା ଅନୁସାରେ, ଯୁବତୀ ଜଣକ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ସଂସ୍ଥାରେ ତାଲିମ ନେଉଥିବା ବେଳେ ନିଜ ସାନ ଭଉଣୀଙ୍କ ଶାଶୁ ଘରେ ରହୁଥିଲେ। ସେଠାରେ ରହିବା ମଧ୍ୟରେ ସାନ ଭଉଣୀର ଦେଢ଼ସୁର ତଥା ବାପି ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲା। ଦୁଷ୍କର୍ମ ବେଳର ଫଟୋ ଓ ଭିଡିଓ ନିଜ ମୋବାଇଲ ଫୋନରେ ସଂଗ୍ରହ କରି ନେଇଥିଲା। ଏହି ଫଟୋ ଓ ଭିଡିଓକୁ ମାଧ୍ୟମ କରି ପୀଡିତାଙ୍କୁ ବ୍ଲାକମେଲ କରିବା ସହ ତାଙ୍କ ନିକଟରୁ ଟଙ୍କା ନେଇ ଯାଇଥିଲା। ଇତିମଧ୍ୟରେ ପୀଡିତା ଜଣକ ଅନ୍ତଃସତ୍ୱା ହେବା ନେଇ ବାପି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ବାପିର ପରିବାର ସଦସ୍ୟ ପୀଡିତାଙ୍କୁ ବୋହୂ କରିବା ଲାଗି ସମ୍ମତି ଜଣାଇବା ସହ ଗର୍ଭପାତ ଲାଗି କହିଥିଲେ। ସେମାନଙ୍କ କହିବା ମୁତାବକ ପୀଡିତା ନିଜର ଗର୍ଭ ନଷ୍ଟ କରିଥିଲେ। କିନ୍ତୁ ପରେ ବିବାହ ଲାଗି ବାପିର ପରିବାର ୨ ଲକ୍ଷ ଟଙ୍କା ଯୌତୁକ ସହ ଅନ୍ୟାନ୍ୟ ଆସବାବପତ୍ର ଦାବି କରିଥିଲେ। ପୀଡିତାଙ୍କ ପରିବାର ଏହି ଯୌତୁକ ଦେବା ଲାଗି ଅସହାୟ ପ୍ରକାଶ କରିବାରୁ ବାପିର ପରିବାର ବିବାହ ଲାଗି ରୋକଠୋକ ମନା କରିଦେଇଥିଲେ। ବାପିକୁ ଅନ୍ୟ ଏକ ଝିଅ ସହ ବିବାହ ଲାଗି ମସୁଧା କରିଥିବା ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିଛନ୍ତି।

### ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ; ବିବାହିତ ପ୍ରେମିକ ଗିରଫ

ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ବିବାହିତ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବଡ଼ଗଡ଼ ନୂଆ ସାହିରେ ରହୁଥିବା ବାଙ୍କୀ ତୁଳସୀପୁରର ଦିପୁ ମଲ୍ଲିକ (୨୫)। ପୁଲିସ ସୂଚନା ଅନୁସାରେ, ଦିପୁ ଏସି ମରାମତି କରିବାକୁ ଖଣ୍ଡଗିରି ଅଞ୍ଚଳକୁ ଯାଇଥିବା ବେଳେ ସେଠାରେ ଯୁବତୀଙ୍କୁ ଭେଟିଥିଲେ। ସମୟ କ୍ରମେ ଉଭୟଙ୍କ ମଧ୍ୟରେ ଭଲ ବନ୍ଧୁତା ହୋଇଥିଲା ଓ ଦିପୁ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। ଗତବର୍ଷ ଜୁଲାଇ ମାସରେ ଉଭୟ ଭୁବନେଶ୍ୱରରେ ଘରଭଡ଼ା ନେଇ ଏକାଠି ରହିଥିଲେ। ସେଠାରେ ରହଣି ସମୟରେ ଦିପୁ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲା। ଫଳରେ ପୀଡିତା ଜଣକ ଅନ୍ତଃସତ୍ୱା ହୋଇଯାଇଥିଲେ। ଏହା ଜାଣିବା ପରେ ଦିପୁ ତାଙ୍କୁ ଜୋରଜବରଦସ୍ତ ଔଷଧ ଦେଇ ଗର୍ଭପାତ କରାଇଥିଲେ। ପରେ ପୀଡିତା ଯୋଗାଯୋଗ କରିବାରୁ ଦିପୁ ବିବାହିତ ବୋଲି ଜାଣିବାକୁ ପାଇଥିଲେ। ଦିପୁର ପତ୍ନୀ ଓ ପରିବାର ଅନ୍ୟ ସଦସ୍ୟ ତାଙ୍କୁ ନାନାପ୍ରକାର ଧମକଚମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି।

## ସ୍ୱର ନକଲ କରି ଡାକ୍ତରଙ୍କୁ ଠକେଇ; ୩ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ବନ୍ଧୁଙ୍କ ସ୍ୱର ନକଲ କରି ଡାକ୍ତରଙ୍କୁ ଚୂନ ଲଗାଇଥିବା ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ କାବୁ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ବୈଦ୍ଧ ଇରିଗେସନ୍ କଲୋନୀର ଗଗନ ପାଣିଗ୍ରାହୀ (୩୦), ଅନୁଗୁଳ ରାଣିଆକଟା ଗାଁର ସୌମ୍ୟରଞ୍ଜନ ପ୍ରଧାନ (୩୨) ଓ ବୈଦ୍ଧ ଗମ୍ଭାରୀ ପଦରର ଦାସରଥି ପ୍ରଧାନ (୩୫)।



ପୁଲିସ ସୂଚନା ଅନୁସାରେ, ସୌମ୍ୟରଞ୍ଜନ ଗତ ୯ ତାରିଖ ଦିନ ଡାକ୍ତର ବିଶ୍ୱଜିତ ମିଶ୍ରଙ୍କୁ କଲ୍ କରିଥିଲା। ସ୍ୱର ନକଲ କରି ନିଜକୁ ତାଙ୍କର ଘନିଷ୍ଠ ଜଣେ ଘନିଷ୍ଠ ବନ୍ଧୁ ବୋଲି ପରିଚୟ ଦେଇ ଗୌହାଟିର କାମାକ୍ଷା ମନ୍ଦିରରେ ପୂଜା ଖର୍ଚ୍ଚ ପାଇଁ ୪୧ ହଜାର ଟଙ୍କା ମାଗିଥିଲା। ଡାକ୍ତର ମିଶ୍ର କ୍ଲିନିକରେ ବ୍ୟସ୍ତ ଥିବାରୁ ଗଗନ ପାଣିଗ୍ରାହୀଙ୍କ ଥିବା ମୋବାଇଲ୍ ନମ୍ବର ମାଧ୍ୟମରେ ୟୁପିଆଇକୁ ଟଙ୍କା ପଠାଇବାକୁ ସହାୟକ ରାଜେଶ ସାହୁଙ୍କୁ କହିଥିଲେ। ଦାସରଥି ସେହି ଦିନ ରାତିରେ ଡାକ୍ତର ଶ୍ରୀ ମିଶ୍ରଙ୍କୁ ଫୋନ୍ କରି ପୂଜା ଲାଗି ଆହୁରି ୩୫ ହଜାର ଟଙ୍କା ପଠାଇବା ଲାଗି କହିଥିଲେ। ଡାକ୍ତର ଶ୍ରୀ ମିଶ୍ରଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ଯାଞ୍ଚ କରିଥିଲେ ଓ ଠକେଇର ଶିକାର ହୋଇଥିବା ଜାଣି ସହିଦନଗର ଥାନାରେ ଏତଲା ଦେଇଥିଲେ। ସହିଦନଗର ଥାନା ପୁଲିସ ଏକ ମାମଲା ରୁଜୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଖାଇବା ଟଙ୍କା ମାଗିବାରୁ ଦୋକାନୀଙ୍କୁ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ଖାଇବା ଟଙ୍କା ମାଗିବାରୁ ଜଳଖିଆ ଦୋକାନୀଙ୍କୁ ଆକ୍ରମଣ ହୋଇଛି। ତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ମଦ୍ୟପ ଛାଡ଼ିନାହିଁ। ଅଶୋକ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଫାଳିକିଆ ବସ୍ତିର ସୀମାଞ୍ଚଳ କୁଞ୍ଜ (୨୯)। ପୁଲିସ ସୂଚନା ଅନୁସାରେ, ଚିନ୍ତାମଣି ବେହେରା ଅଶୋକ ନଗରରେ ଜଳଖିଆ ଦୋକାନ ରହିଛି। ଆଜି ସକାଳେ ସୀମାଞ୍ଚଳ ନିଶାସକ୍ତ ଅବସ୍ଥାରେ ତାଙ୍କ ଜଳଖିଆ ଦୋକାନକୁ ଖାଇବା ଲାଗି ଯାଇଥିଲା। ଜଳଖିଆ ଖାଇ ସାରିବା ପରେ ଟଙ୍କା ନଦେଇ ପଳାଉଥିବା ବେଳେ ଚିନ୍ତାମଣି ଟଙ୍କା ମାଗିବାରୁ ସୀମାଞ୍ଚଳ ଉତକ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଚିନ୍ତାମଣି ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ସୁରଜ ଅଧି ନାୟକ ଘଟଣାସ୍ଥଳକୁ ଯାଇ ଚିନ୍ତାମଣିଙ୍କୁ ଉଦ୍ଧାର କରିଥିଲେ ଓ ଟଙ୍କା ନଦେଇ ସେ ସ୍ଥାନ ଛାଡ଼ି ପଳାଇବା ଲାଗି ଅଭିଯୁକ୍ତ କୁଞ୍ଜଙ୍କୁ ଅନୁରୋଧ କରିଥିଲେ। ଏହାର କିଛି ସମୟ ପରେ ସୁରଜ ଯିବାକୁ ବାହାରିବା ବେଳେ ସୀମାଞ୍ଚଳ ପଛପଟରୁ ଇଟାରେ ତାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା।

## ଚଳନ୍ତା ଟ୍ରେନ୍‌ରୁ ଡକାୟତି ଉଦ୍ୟମ; ୬ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ଚଳନ୍ତା ଟ୍ରେନରୁ ଡକାୟତି ଉଦ୍ୟମ ପାଇଁ ଚାଲିଥିବା ଯୋଜନାକୁ ପଣ୍ଡ କରିଛି ଭୁବନେଶ୍ୱର ସରକାରୀ ରେଳବାଇ ପୁଲିସ (ଜିଆରପି)। ରେଳ ଧାରଣାରୁ ୬ ଜଣଙ୍କୁ ଗିରଫ କରିବା ସହ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଧବଳାପୁରର ହିନ ପ୍ରଧାନ ଓରଫ୍ ଚନ୍ଦନ ପାତ୍ର (୩୧), ବଡ଼ଚଣା ଥାନା ଧର୍ମଶାଳାର ବିଶ୍ୱଜିତ ସ୍ୱାଇଁ (୨୧), ଧରାକୋଟର ପ୍ରତାପ କୁମାର ସ୍ୱାଇଁ (୨୩), ଏରସମାର ଲିପୁ ସେଠୀ (୨୮), ଚାନ୍ଦପୁରର ସିଲୁ ନାୟକ (୩୬) ଓ ବେଲଗୁଣ୍ଠାର ଦୀପକ କୁମାର ପାତ୍ର (୨୮)।

ଗତକାଲି ବିଳମ୍ବିତ ରାତିରେ କଳ୍ପନା ଫ୍ଲାଏ ତଳ ରେଳ ଧାରଣା କଡ଼ରେ ଡକାୟତି ଯୋଜନା ଚାଲିଥିବା ନେଇ ଭୁବନେଶ୍ୱର ଜିଆରପି ଥାନା ଖବର ପାଇ ଚଢ଼ଉ କରି ୬ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଛୁରି, ସ୍କ୍ରୁ ଡ୍ରାଇଭର, ଲୁହା ଛଡ଼, ଲଙ୍କା ଗୁଣ୍ଡ, ମୁଖା, ଗ୍ଲୋବସ, ଗାମୁଛା, ସିମ୍ କାର୍ଡ ଓ ଲାଇଟର୍ ଜବତ କରିଥିଲା। ଏନେଇ ଜିଆରପି ଥାନା ଏକ ମାମଲା ରୁଜୁ କରି ୬ ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ଚୋରି ଅଭିଯୋଗରେ ଦୁଇ ଗିରଫ

ଭୁବନେଶ୍ୱର, ୧୩।୮ (ସମିସ): ବାଇକ୍ ଓ ବ୍ୟାଟେରି ଚୋରି କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି କମିସନରେଟ ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବାୟା ବାବା ବସ୍ତିର ତପନ ନାୟକ ଓରଫ୍ କାଳନ୍ଦୀ (୨୪) ଓ ଜିଜିପି କଲୋନୀ ଜଗନ୍ନାଥ ନଗରର କିଶାନ ନାୟକ (୨୧)। ପୁଲିସ ସୂଚନା ଅନୁସାରେ, ତ୍ରିଲୋଚନ ସାହୁ ଗତ ୫ ତାରିଖ ଦିନ ନିଜ ବାଇକକୁ ପଲ୍ ହାଇଟ ପଛ ପାଖରେ ଥିବା ପ୍ଲଟ୍ ନଂ - ୨୪୫ ର ଗେଟ ନିକଟରେ ପାର୍କିଂ କରିଥିଲେ। ତପନ ନକଲି ଚାବି ଦ୍ୱାରା ବାଇକ୍ ଚୋରି କରି ନେଇଥିଲା। ଏନେଇ ତ୍ରିଲୋଚନ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତପନକୁ ଚିହ୍ନଟ କରିଥିଲା। ଆଜି ସିଆରପି ଛକରୁ ତପନକୁ କାବୁ କରିବା ସହ ୩ଟି ଗାଡ଼ି ଜବତ କରିଥିଲା। ଅନ୍ୟ ଦୁଇଟି ଗାଡ଼ି ସେ ପୂର୍ବରୁ ଆଇଡି ମାର୍କେଟ ଓ ପିଡି ମାର୍କେଟ ଅଞ୍ଚଳରୁ ଚୋରି କରିଥିବା କହିଥିଲା। ସେହିପରି ଗତ ୬ ତାରିଖ ରାତିରେ କିଶାନ ଜାଗମରା ଏସ୍‌ବିଆଇ ଏଟିଏମରୁ ୪ଟି ବ୍ୟାଟେରି ଚୋରି କରି ନେଇଥିଲା। ଟିଏସ୍ଆଇ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ସଞ୍ଜୀବ ମହାନ୍ତିଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜରୁ କିଶାନକୁ ଚିହ୍ନଟ କରିବା ପରେ ଆଜି ତା'କୁ ଗିରଫ କରିବା ସହ ବାଇକ୍ ଜବତ କରିଛି।

# ଚୁଲିକୁ ଗଲାଣି 'ଫ୍ରି ଲେଫ୍ଟ ପାସେଜ୍' ନିୟମ

- ଜରୁରିକାଳୀନ ଗାଡ଼ିକୁ ମିଳୁନି ବାଟ
- ସଚେତନ ହେଉନାହାନ୍ତି ଅମାନିଆ ଚାଳକ

ଭୁବନେଶ୍ୱର, ୧୩।୮ (ସମିସ): ରାଜଧାନୀର ଟ୍ରାଫିକ ପୋଷ୍ଟ ନିକଟରେ ପାଦ ଚଲାରାସ୍ତାକୁ ଲାଗିକି ରହିଥିବା ବାମ ପାର୍ଶ୍ୱ ରାସ୍ତା ତଥା ଫ୍ରି ଲେଫ୍ଟରେ କୌଣସି ଗାଡି ରହିପାରିବ ନାହିଁ। ଗାଡ଼ିଗୁଡ଼ିକ କେବଳ ମଝି ରାସ୍ତାରେ ଛିଡା ହୋଇ ସିଗ୍‌ନାଲ୍‌କୁ ଅପେକ୍ଷା କରିବେ। ଉକ୍ତ ବାମପଟ ରାସ୍ତା ଆମ୍ବୁଲାନ୍ସ, ଅଗ୍ନିଶମ, ପୁଲିସ ଭଳି ଜରୁରିକାଳୀନ ଯାନବାହନ ଲାଗି ସବୁ ସମୟରେ ଖାଲି ରହିବ। ଏଥିସହିତ ବାମ ପଟକୁ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ଟ୍ରାଫିକ ସିଗ୍ନାଲକୁ ଅପେକ୍ଷା ନ କରି ସିଧାସଳଖ ଯାଇପାରିବେ। ଏହାଦ୍ୱାରା ସମୟ ବଞ୍ଚିବା ସହ ଟ୍ରାଫିକ ଭିଡ଼ ମଧ୍ୟ କମିବ। ଉକ୍ତ ରାସ୍ତାକୁ ଅବରୋଧ କରୁଥିବା ଗାଡିଗୁଡିକ ଠାରୁ ଜରିମାନା ଆଦାୟ କରାଯିବ ବୋଲି ଚରମବାଣୀ ଶୁଣାଇଥିଲା ପୁଲିସ।




ପ୍ରାଥମିକ ପର୍ଯ୍ୟାୟରେ ଟ୍ରାଫିକ ପୁଲିସ ପକ୍ଷରୁ ସଚେତନତା କରାଯାଇଥିଲା। ଏଜି, ନାଲ୍‌କୋ, କିଟ୍ ଓ କ୍ୟାପିଟାଲ ହସ୍ପିଟାଲ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଛକରେ ଏହାକୁ ପ୍ରାଥମିକ ଭାବେ ଲାଗୁ ହୋଇଥିଲା। ପରବର୍ତ୍ତୀ ସମୟରେ ବାମପାର୍ଶ୍ୱ ରାସ୍ତାକୁ ମାଡି ବସୁଥିବା ଅମାନିଆ ଚାଳକଙ୍କ ଠାରୁ ଜରିମାନା ଆଦାୟ କରାଯାଇଥିଲା। ସେଠାରେ ଉପସ୍ଥିତ ରହୁଥିବା ଏନ୍‌ଫୋର୍ସମେଣ୍ଟ ଟିମ୍ ଅମାନିଆ ଚାଳକଙ୍କ ଠାରୁ ୫୦୦ ଲେଖାଏଁ ଜରିମାନା ଆଦାୟ କରିଥିଲା। ୩ମାସରେ ୧୫ ଶହରୁ ଉର୍ଦ୍ଧ୍ୱ ନିୟମ ଉଲ୍ଲଙ୍ଘନକାରୀ ଚାଳକ ଧରା ପଡ଼ିଥିଲେ। ଗାଡି ଚାଳକ କିଛିଦିନ ସଚେତନ ହୋଇ ଟ୍ରାଫିକର ବାମପାର୍ଶ୍ୱ ରାସ୍ତାରୁ ଛାଡ଼ି ମଝି ଲେନ୍‌ରେ ଗାଡି ରଖିଲେ। ସବୁଜ ସଙ୍କେତକୁ ଅପେକ୍ଷା କରି ନିୟମ ମାନିଲେ। କିନ୍ତୁ ଏବେ ଏହାକୁ ବନ୍ଦ କରି ଦିଆଯାଇଛି।

ପୁଣି ଭୁବନେଶ୍ୱରରେ ଟ୍ରାଫିକ ଯନ୍ତ୍ରଣା ଦେଖିବାକୁ ମିଳୁଛି। ଜଟିଳ ଟ୍ରାଫିକ ବ୍ୟବସ୍ଥାରେ ଫସି ନାକେଦମ୍ ହେଉଛନ୍ତି ଗାଡି ଚାଳକ। ଏବେ ଯିଏ ଯେଉଁଠି ପାରିଲା ଗାଡି ରଖି ଛିଡା ହୋଇଯାଉଛନ୍ତି। ଜରୁରିକାଳୀନ ଗାଡିଗୁଡିକୁ ରାସ୍ତାରେ ବହୁ ସମୟ ଅପେକ୍ଷା କରିବାକୁ। ବାମ ପାର୍ଶ୍ୱ ରାସ୍ତାରେ ଗାଡି ରଖୁଥିଲେ କିଛି ସ୍ଥାନରେ କେବଳ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା କରାଯାଉଛି। ଜରୁରିକାଳୀନ ସେବା ପ୍ରଦାନକାରୀ ଗାଡି ଲାଗି ବାମ ପାର୍ଶ୍ୱ ଛାଡ଼ିବା ଲାଗି କହିବା ସହ ଗୁରୁତ୍ୱପୂର୍ଣ୍ଣ ଛକରେ ସଚେତନତା ଲଗା ଯାଇଥିବା ଫଳକ ମଧ୍ୟ ଆଉ ଦିଶୁନି। ଏପରିକି ହସ୍ପିଟାଲ ଥିବା ଛକଗୁଡ଼ିକରେ କୋନ୍ (ସିଗ୍‌ନାଲ) ରଖାଯାଇ ବାମପଟ ଛାଡ଼ିବାକୁ କୁହାଯାଉଛି। ମାତ୍ର ରାତି ସମୟରେ କିଛି ଅସାମାଜିକ ଯୁବକ ଜାଣିଶୁଣି କୋନ୍ ଉପରେ ଚଢ଼ାଇ ଭାଙ୍ଗି ଦେଉଛନ୍ତି। ବାମପଟ ରାସ୍ତା ମାଡ଼ି ରହିବା ଯୋଗୁଁ ପଛପଟୁ ବାମପଟକୁ ଯିବାକୁ ଥିବା ଗାଡ଼ି ଚାଳକମାନେ ରାସ୍ତା ଉପରେ ଦୀର୍ଘସମୟ ଧରି ଛିଡ଼ା ହୋଇ ରହୁଛନ୍ତି। ଏହାଦ୍ୱାରା ମୁଖ୍ୟ ରାସ୍ତାରେ ଭିଡ଼ ବଢ଼ିବା ସହ ଦୀର୍ଘ ସମୟ ଧରି ରାସ୍ତା ଜାମ ହୋଇ ରହୁଛି। ପରବର୍ତ୍ତୀ ସମୟରେ ଟ୍ରାଫିକ୍ ମୁଖ୍ୟ ରାସ୍ତା ପାଇଁ ସବୁଜ ସଙ୍କେତ ଦେବା ବେଳକୁ ଭିଡ଼ ହେଉଛି ଏବଂ ତାହା ହିଁ ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି।

ସେପଟେ ଏନେଇ ଟ୍ରାଫିକ ପୁଲିସ ପକ୍ଷରୁ ଆଉ ସଚେତନତା କରାଯାଉନାହିଁ କି ଏନଫୋର୍ସମେଣ୍ଟ ମଧ୍ୟ ହେଉନାହିଁ। ପୂର୍ବଭଳି ଫ୍ରି ଲେଫ୍ଟ ପ୍ୟାସେଜ ନିୟମକୁ ଭାଙ୍ଗିଲେ ଚାଳକଙ୍କ ଠାରୁ ଜରିମାନା ଆଦାୟ କରାଯାଉନାହିଁ। ଫଳରେ ପରିସ୍ଥିତି ଏମିତି ଯେ, ଲୋକ ଏଭଳି ନିୟମକୁ ପାସୋରି ଗଲେଣି।



# ଭୁବନେଶ୍ୱର ସିଟି

ଟ୍ରମ୍ପଙ୍କ ଶୁଳ୍କ ଧମକ ଓ ଭାରତ-ବ୍ରିଟେନ୍ ବାଣିଜ୍ୟ ଚୁକ୍ତିକୁ ବିରୋଧ

## କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ପକ୍ଷରୁ ରାଜଧାନୀରେ ବିକ୍ଷୋଭ

ଭୁବନେଶ୍ୱର, ୧୩।୮ (ସମିସ): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତୀୟ ସାମଗ୍ରୀ ଉପରେ ୨୫% ଶୁଳ୍କ, ଜରିମାନା ୨୫% ଏପରି ୫୦% ଟାରିଫ୍ ଓ ରୁଷ୍ ସହ ତୈଳ ବାଣିଜ୍ୟ ଚୁକ୍ତି ପାଇଁ ଦଣ୍ଡନୀୟ ଟିକସ ଲଗାଇବା ଧମକ ଏବଂ ଭାରତ-ବ୍ରିଟେନ୍ ବ୍ୟାପକ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତି (ସିଇଟିଏ) ବିରୋଧରେ ବୁଧବାର ଭୁବନେଶ୍ୱରରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କର ମିଳିତ ମଞ୍ଚ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଭୂମି ଅଧିକାର ଆନ୍ଦୋଳନର ପକ୍ଷରୁ ଜାତୀୟ ସାର୍ବଭୌମତ୍ୱ ରକ୍ଷା ଓ କର୍ପୋରେଟ୍ ଲୁଟ୍ ବନ୍ଦ ଦାବିରେ ବିକ୍ଷୋଭ ଓ ପଟୁଆର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଭୂମି ଅଧିକାର ଆନ୍ଦୋଳନ ଟ୍ରମ୍ପଙ୍କ ଏହି ଆକ୍ରମଣାତ୍ମକ ଶୁଳ୍କ ନୀତିକୁ ଦୃଢ଼ ନିନ୍ଦା କରିଛନ୍ତି।




ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ବିଜୟ କୁମାର ଜେନା, ଦୁଷ୍ମନ୍ତ କୁମାର ଦାଶ, ସୁରେଶ କୁମାର ରାଉତରାୟ, ଭୁବନାନନ୍ଦ ମହାପାତ୍ର, ଜୟସେନ ମେହେର, ମହେନ୍ଦ୍ର ପରିଡ଼ା, ଜ୍ୟୋତି ରଞ୍ଜନ ମହାପାତ୍ର, ମଧୁ ସୁଦନ ପ୍ରଧାନ, ପ୍ରମିଳା, ଶଶୀ ଭୂଷଣ ସ୍ୱାଇଁ, ଅଶୋକ ପ୍ରଧାନ, ନରେନ୍ଦ୍ର ମହାନ୍ତି, କିଶୋର ଜେନା, ସତ୍ୟ ତ୍ରିପାଠୀ, ବିଜୟ ଦ୍ୱିବେଦୀ, ନାରାୟଣ, ରେଣ୍ଟୀ ସୁର ଜେନା, ପ୍ରଦୀପ୍ତ ନାୟକ, ସନ୍ତୋଷ ରଥ, ବଂଶୀଧର ପରିଡ଼ା, ନିରଞ୍ଜନ ମହାନ୍ତି, ଲକ୍ଷ୍ମୀ ଦୋରା ଏବଂ ବିଜୟ ସାହୁ ପ୍ରମୁଖ ଶ୍ରମିକ- କୃଷକ ନେତୃବୃନ୍ଦ ନେତୃତ୍ୱ ନେଇଥିଲେ ଏବଂ ବିକ୍ଷୋଭକାରୀଙ୍କୁ ଉଦବୋଧନ ଦେଇଥିଲେ।

ଟ୍ରମ୍ପଙ୍କ ଶୁଳ୍କ ଧମକକୁ ପ୍ରତ୍ୟାଖ୍ୟାନ କରି ରୁଷ୍ ସମେତ ସମସ୍ତ ରାଷ୍ଟ୍ର ସହ ବାଣିଜ୍ୟ କରିବାର ସାର୍ବଭୌମ ଅଧିକାର ସୁରକ୍ଷିତ କରାଯାଉ, ଭାରତ-ବ୍ରିଟେନ୍ ସିଇଟିଏ ଚୁକ୍ତିର ତୁରନ୍ତ ସମୀକ୍ଷା ଓ ପ୍ରତ୍ୟାହାର କରାଯାଉ, ସଂସଦରେ ଏହା ଅନୁମୋଦନ ହେବା ବନ୍ଦ ହେଉ ଏବଂ ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି ଆଲୋଚନା ବନ୍ଦ କରାଯାଉ, ଗୁପ୍ତ ବାଣିଜ୍ୟ ଚୁକ୍ତି ବନ୍ଦ ହେଉ ଏବଂ ଭବିଷ୍ୟତ ଚୁକ୍ତି ସଂସଦୀୟ ଯାଞ୍ଚ ଓ ଜନପରାମର୍ଶ ମାଧ୍ୟମରେ କରିବା ଆଦି ଦାବି କରାଯାଇଛି।

ଅବସରପ୍ରାପ୍ତ ୱାର୍କଚାର୍ଜଡ ଓ ନିୟମିତ କର୍ମଚାରୀଙ୍କୁ ପେନ୍‌ସନ୍ ଦାବି

## ବିଚାର ନିମନ୍ତେ ରାଷ୍ଟ୍ରପତିଙ୍କୁ ଆବେଦନପତ୍ର



ଭୁବନେଶ୍ୱର, ୧୩।୮ (ସମିସ): ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ପତ୍ର ସଂଖ୍ୟା- ୨୨୭୬୪ରେ ଜିଏନ୍ଆର / ଏନ୍ଏମ୍ଆର / ଜେସି ଆଦି ତିନୋଟି ବର୍ଗର କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ରେଜୋଲ୍ୟୁସନ୍ ପ୍ରକାଶ କରିଥିଲେ। ମୂଳ ରେଜୋଲ୍ୟୁସନ୍‌ରୁ ଜେସି ବର୍ଗର କର୍ମଚାରୀଙ୍କୁ ବାଦ ଦିଆଗଲା। କିନ୍ତୁ ଜେସି ବର୍ଗର କର୍ମଚାରୀମାନେ ତା ୧୫.୦୫.୧୯୯୭ ମୂଳ ରେଜୋଲ୍ୟୁସନ୍‌ର ନୀତି ନିୟମ ଅନୁସାରେ ସ୍ଥାୟୀ ନିଯୁକ୍ତି ଓ ପେନ୍‌ସନ୍ ପାଇବେ ବୋଲି ଅର୍ଥ ବିଭାଗ ତା ୦୪.୦୪.୨୦୦୭ରିଖ ପତ୍ରରେ ସ୍ୱଷ୍ଟୋକ୍ତି କରିଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ଏହି ନିୟମ ଆଧାରରେ ୧୨.୦୪.୧୯୯୩ ପୂର୍ବରୁ ଏନଏମ୍ଆର ଭାବରେ କାର୍ଯ୍ୟ କରି ଆସିଥିବା ଚାକିରି ସମୟକୁ ଯୋଗ୍ୟତା ସେବା ୱାର୍କଚାର୍ଜନ୍ ଚାକିରି ସମୟକୁ ସାମିଲ୍ କରି ପେନ୍‌ସନ୍ ପାଇବା ସପକ୍ଷରେ ଆଦେଶ ଦେଇଛନ୍ତି। ବିଚାରଯୋଗ୍ୟ ନୁହେଁ ଦର୍ଶାଇ ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ କାଏମ୍ ରଖିଛନ୍ତି। ଓଡ଼ିଶା ସରକାରଙ୍କ ଅଧୀନରେ ଉପରୋକ୍ତ ବର୍ଗର କର୍ମଚାରୀମାନେ ୩୫ ରୁ ୪୨ ବର୍ଷ ସେବା ଦେଇଛନ୍ତି। କିନ୍ତୁ ସେବା ଯୋଗ୍ୟ ଗରିବ ବର୍ଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଲୋକପ୍ରିୟ ବିଜେପି ସରକାର ପେନ୍‌ସନ୍ ନଦେଇ ଓ ପରିଣତ ବୟସରେ ସେମାନେ କେମିତି ବଞ୍ଚିବେ ବିଚାର ନ କରି ପେଟକୁ ଲାତ ମାରୁଛନ୍ତି। ଗରିବ କର୍ମଚାରୀମାନେ ଶେଷ ଜୀବନରେ ବଞ୍ଚିବାର ରାହା ନେଇ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ପେନ୍‌ସନ୍ ବିଚାର ନିମନ୍ତେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆବେଦନ କରାଯାଇଛି।

## ବିଏମ୍‌ସି ଦ୍ୱାରା ସୃଷ୍ଟି ହେଲା ଆଉ ଏକ ମିଆୱାକି ଜଙ୍ଗଲ

ଭୁବନେଶ୍ୱର, ୧୩।୮ (ସମିସ): ବିଏମ୍‌ସି ଓ ଚନ୍ଦକା ବନଖଣ୍ଡର ମିଳିତ ସହଯୋଗରେ ୬ ନମ୍ବର ୱାର୍ଡରେ ୧.୫ ଏକର ଜମିରେ ମିଆୱାକି ଜଙ୍ଗଲର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର, ଡେପୁଟି ମେୟର, କମିସନର, ଅତିରିକ୍ତ କମିସନର, ଚନ୍ଦକା ଡିଏଫଓ, ବହୁ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ସ୍ଥାନୀୟ କର୍ପୋରେଟରଙ୍କ ସମେତ ଟିମ୍ ବିଏମ୍‌ସି ଓ ବନ ବିଭାଗ କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମୀମାନେ ଆଜିର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଉଦ୍ୟମ ସହରୀକରଣ ଏବଂ ତାପମାତ୍ରା ବୃଦ୍ଧି ହେତୁ ଆବଶ୍ୟକ ପରିବେଶ ସନ୍ତୁଳନରେ ସହାୟକ ହେବ। ଏଠାରେ ଥିବା ସରକାରୀ ପଡ଼ିଆ ଜମିରେ ମିଆୱାକି ପଦ୍ଧତିରେ ୧୧ ହଜାର ବୃକ୍ଷ ରୋପଣ ପାଇଁ ଯୋଜନା କରାଯାଇଛି। ତେବେ ଗଛ ପୋତା ନୁହଁ, ଏହି ସ୍ଥାନରେ ପ୍ରାତଃ ଭ୍ରମଣର ସୁବିଧା ଇତ୍ୟାଦି କରାଯିବ। ସହର ମଧ୍ୟରେ ଆଇନ ଅନୁଯାୟୀ ଏହିପରି ସ୍ଥାନ ଗୁଡିକର ବିକାଶ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ଉଚ୍ଚଶିକ୍ଷାନୁଷ୍ଠାନରେ ରକ୍ତଦାନ ସଂକ୍ରାନ୍ତ ସଚେତନତା ସୃଷ୍ଟି କର: ରାଜ୍ୟପାଳ

ଭୁବନେଶ୍ୱର, ୧୩।୮ (ସମିସ): ରକ୍ତ ଦାନର ଗୁରୁତ୍ୱ ସମ୍ପର୍କରେ ଯୁବଗୋଷ୍ଠୀ ବିଶେଷକରି ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଅଧିକ ସଚେତନତା ସୃଷ୍ଟି କରିବା ଉପରେ ରାଜ୍ୟପାଳ ତଥା ଭାରତୀୟ ରେଡକ୍ରସ ସୋସାଇଟି, ରାଜ୍ୟ ଶାଖାର ଅଧ୍ୟକ୍ଷ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ କାର୍ଯ୍ୟନିର୍ବାହୀ ବୈଠକରେ ଅଧ୍ୟକ୍ଷତା କରି ରାଜ୍ୟପାଳ ଉଚ୍ଚ ଶିକ୍ଷାନୁଷ୍ଠାନରେ ବର୍ଷକୁ ୨ ରୁ ୩ ଥର ରକ୍ତଦାନ ଶିବିର ଆୟୋଜନ କରିବା ଏବଂ ଏଦିଗରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ରକ୍ତଦାନ ଅଭିଯାନରେ ସାମିଲ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ରେଡକ୍ରସ ସୋସାଇଟି, ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

## ଅରୁଣଙ୍କ 'ବେହାଲ ବର୍ଷା'ରେ ଭିଜିଲେ ଦର୍ଶକ





ଭୁବନେଶ୍ୱର, ୧୩।୮ (ସମିସ): ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ବୁଧବାର ସନ୍ଧ୍ୟାରେ ସାହିତ୍ୟ ଓ ସଙ୍ଗୀତର ଅନନ୍ୟ ଯୁଗଳବନ୍ଦୀ ଡ଼ ଅରୁଣ କୁମାର ସାହୁଙ୍କ ସମ୍ପାଦିତ 'ସାଇତା ସତ' ପୁସ୍ତକ ଏବଂ 'ବେହାଲ୍ ବର୍ଷା' ସଙ୍ଗୀତର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟର ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଏବଂ କଳା ଓ ସଙ୍ଗୀତର ଅତିଥି ଭାବେ ବର୍ଷୀୟାନ୍ ଅଭିନେତା ଚୌଧୁରୀ ବିକାଶ ଦାସ ଯୋଗ ଦେଇଥିଲେ। ପ୍ରକାଶକ ବିଜୟ ମହାପାତ୍ରଙ୍କ ବି. କେ. ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ପୁସ୍ତକ 'ସାଇତା ସତ'ରେ ଚମତ୍କାର ଭାବେ ସତ ଓ ମିଛର ପରିଭାଷା ବର୍ଣ୍ଣନା ସହ ଦାର୍ଶନିକ ତତ୍ତ୍ୱ ମାଧ୍ୟମରେ ସାରକଥାଟି କିପରି ଶେଷକୁ ସଂରକ୍ଷିତ ହୋଇ ରହି 'ସାଇତା ସତ' ହୋଇଯାଏ, ତାହା ଉପସ୍ଥାପିତ ହୋଇଛି। ସେହିପରି ସଙ୍ଗୀତକାର ଜାପାନୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଯୁବ କଣ୍ଠଶିଳ୍ପୀ ଚିରାଗଦୀପ ଗାଇଥିବା ଡ଼ ଅରୁଣ ସାହୁଙ୍କ ରଚିତ 'ବେହାଲ୍ ବର୍ଷା' ସଙ୍ଗୀତରେ ପ୍ରେମ, ପ୍ରତିଶ୍ରୁତି ଓ ପ୍ରଣୟର ସୁନ୍ଦର ସଙ୍ଗମ ହୋଇଛି। କାର୍ଯ୍ୟକ୍ରମରେ ଅତିଥି ଦର୍ଶକ ଭାବେ ବରିଷ୍ଠ ରାଜନେତା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ସୁଶାନ୍ତ ରାଉତ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଉମାକାନ୍ତ ସାମନ୍ତରାୟ, ବିଶିଷ୍ଟ ପ୍ରଶାସକ ମନୋରଞ୍ଜନ ପାଣିଗ୍ରାହୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ ପ୍ରମୁଖ କଳା, ସାହିତ୍ୟ, ସଙ୍ଗୀତ ଓ ରାଜନୀତି ଦୁନିଆର ପ୍ରଖ୍ୟାତ ବ୍ୟକ୍ତିବିଶେଷମାନେ ଯୋଗ ଦେଇ ଉପଭୋଗ କରିଥିଲେ। ଚିରାଚରିତ କାର୍ଯ୍ୟକ୍ରମ ଶୈଳୀରୁ ବାହାରି ଡ଼ ଅରୁଣ ସାହୁଙ୍କ ପରିକଳ୍ପନାରେ ସାହିତ୍ୟ ଓ ସଙ୍ଗୀତର ଅପୂର୍ବ ସମନ୍ୱୟରେ ଏପରି କାର୍ଯ୍ୟକ୍ରମ ଓଡ଼ିଶାରେ ନିଆରା ବୋଲି ମତ ପ୍ରକାଶ ପାଇବା ସହ କାର୍ଯ୍ୟସୂଚୀ ଅନୁଯାୟୀ ସମାନ୍ ସନ୍ଧ୍ୟା ୬.୧୮ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୭.୩୩ରେ ଶେଷ ହେବାକୁ ଉପସ୍ଥିତ ଦର୍ଶକ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ।

## 'ବଳଭଦ୍ର ସଂସ୍କୃତି ହେଉଛି ଓଡ଼ିଶାର ଅସ୍ମିତା'




ଭୁବନେଶ୍ୱର, ୧୩।୮ (ସମିସ): ଜଗନ୍ନାଥ ଓ ବଳଭଦ୍ର ସଂସ୍କୃତି ଯେପରି ଓଡ଼ିଆ ଅସ୍ମିତା ବା ସ୍ୱାଭିମାନର ପ୍ରାଣକେନ୍ଦ୍ର ଠିକ ସେହିପରି କୃଷି ଓ ଗୋପାଳନ ହେଉଛି ଓଡ଼ିଆ ସଂସ୍କୃତି ଓ ଅର୍ଥନୀତିର ମୌଳିକ କ୍ଷେତ୍ର। ବୁଦ୍ଧ ମନ୍ଦିରରେ ଆୟୋଜିତ ପ୍ରତୀକାତ୍ମକ ଗହ୍ମା ପର୍ବରେ ବକ୍ତାମାନେ ଜଗନ୍ନାଥ ଓ ବଳଭଦ୍ର ତତ୍ତ୍ୱ ସମ୍ପର୍କରେ ଏଭଳି ଅନେକ କଥାର ଅବତାରଣା କରିଛନ୍ତି। ପାଟରା ଜାତିର ଇଷ୍ଟ ହେଉଛନ୍ତି ପ୍ରଭୁ ବଳଭଦ୍ର। ନିଖିଳ ଉତ୍କଳ ପାଟରା ସମିତି ତରଫରୁ ବଳଭଦ୍ର ତତ୍ତ୍ୱର ପ୍ରଚାର ପ୍ରସାର ପାଇଁ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ସମିତିର ସଭାପତି ଡା. ରୁଦ୍ର ନାରାୟଣ ପୃଷ୍ଟି। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି, ଅମରନାଥ ପରିଡ଼ା, ଆଇନଜୀବୀ ବୀରନାରାୟଣ ପାତ୍ର, ଯୁବନେତା ଆଶିଷ ସାହୁ, ସରୋଜ ପାତ୍ର, ଶିକ୍ଷାବିତ ଦୀନବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପୂର୍ବତନ ବିରୋଧୀ ଦଳ ନେତା ସଚ୍ଚିଦାନନ୍ଦ ଦଲାଲଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ବ୍ୟତୀତ କଟକ କର୍କଟ ପ୍ରତିଷ୍ଠାର ଡାକ୍ତର ଏସଏନ ସେନାପତିଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୪ ଜଣ ବ୍ୟକ୍ତି ତଥା ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଜଣେ ମେଧାବୀ ମେଡିକାଲ ଛାତ୍ର ରଘୁନାଥ ବେହେରାଙ୍କୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାଟରା ସମିତିର ଉପସଭାପତି ସଞ୍ଜୟ ପାତ୍ର, ଆଲୋକ ସାହୁ, ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ସେନାପତି, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ପାତ୍ର ପ୍ରମୁଖ ପ୍ରାୟ ୩୦୦ ପାଟରା ପ୍ରତିନିଧି ଯୋଗ ଦେଇଥିଲେ।

## ଷାଠିଏ ଶିଳ୍ପୀଙ୍କ ତୂଳୀରେ ଦେଶ ପାଇଁ ବଳିଦାନର ଚିତ୍ର



ଭୁବନେଶ୍ୱର, ୧୩।୮ (ସମିସ): ଧଉଳି ଚାରୁକଳା ମହାବିଦ୍ୟାଳୟ ଏବଂ ରାଷ୍ଟ୍ରୀୟ ଲଳିତକଳା କେନ୍ଦ୍ର, ଭୁବନେଶ୍ୱର ମିଳିତ ସହଯୋଗରେ ଧଉଳିଠାରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏକାଡେମୀ କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା ଓ ମହାବିଦ୍ୟାଳୟର ଅଧ୍ୟକ୍ଷ, ଚିତ୍ରଶିଳ୍ପୀ ଡ.ପଞ୍ଚାନନ ସାମଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ୬୦ ଜଣ ଯୁବ ଶିଳ୍ପୀଙ୍କୁ ନେଇ 'ଭାରତ ସ୍ୱାଧୀନତା' ଶୀର୍ଷକ ଏକ ଜଳରଙ୍ଗ ଚିତ୍ରକଳା ଶିବିର ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ସାମଲ ଶିଳ୍ପୀମାନଙ୍କୁ ନିଜ ଚିତ୍ରରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଚିତ୍ର ସହ ଭାରତ ସ୍ୱାଧୀନତାର ମହାନ୍ ନେତାମାନଙ୍କ ଚିତ୍ର ସ୍ଥାନ ଦେବାକୁ ଉତ୍ସାହିତ କରିଥିଲେ।

## ହଟିଲା ଜବରଦଖଲ; ଭାଙ୍ଗିଲା ପରିବା ଗୋଦାମ

ଭୁବନେଶ୍ୱର, ୧୩।୮ (ସମିସ): ଭରତପୁର ଥାନା ଅନ୍ତର୍ଗତ ଆଇଗିଣିଆ ମୌଜାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଜବରଦଖଲରେ ଥିବା ପରିବା ଗୋଦାମ ଏବଂ ଭଡା ଘରକୁ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍ ଭାଙ୍ଗି ଦେଇଛି। ଏହି ଉଚ୍ଛେଦରେ ୬ଟି ଆଜବେଷ୍ଟ ଘର, ପାଚେରି ଏବଂ ଗୋଦାମ ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି।




ମିଳିଥିବା ସୂଚନା ମୁତାବକ, ଏହି ଆଇଗିଣିଆରେ ଥିବା ଖାତା ନମ୍ବର ୨୭୭ର ପ୍ଲଟ୍ ନମ୍ବର ୩୪୮ ସାଧାରଣ ପ୍ରଶାସନ ବିଭାଗର ଜମି ରହିଛି। ଏହାକୁ ବନମାଳୀ ସୁଆଳ ସିଂ ନାମକ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ସେ ଏଠାରେ ଆଜବେଷ୍ଟସ୍ ଘର କରି ପରିବା ଗୋଦାମ କରିଥିଲେ। ଏହା ସହିତ ୨ଟି ଘର ଲୋକଙ୍କୁ ଭଡା ସୂତ୍ରରେ ଦେଇଥିଲେ। ଏନେଇ ଜିଏକୁ ଜଣା ପଡ଼ିବା ପରେ ବିଭାଗ ମାମଲା ରୁଜୁ କରିଥିଲା। ରାୟ ଜିଏ ବିଭାଗ ସପକ୍ଷରେ ଆସିବା ପରେ ଏଠାରୁ ଜବରଦଖଲ ଉଚ୍ଛେଦ କରିବାକୁ ଜିଏ ପକ୍ଷରୁ ବିଡିଏକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଡିଏ ଟିମ୍ ବିନା କୌଣସି ପୁଲିସ ସହାୟତାରେ ଏଠାରୁ ଜବରଦଖଲ ଉଚ୍ଛେଦ କରିଥିଲା। ଏହି ଉଚ୍ଛେଦରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଫିସର ଦେବରାଜ ସେଠୀ ଏବଂ ଲିଆସନ୍ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁଳି ସମସ୍ୟା ସଂକ୍ରାନ୍ତ ଜନଅଭିଯୋଗ ଦାଖଲ ତାରିଖ ବୃଦ୍ଧି ପାଇଁ ଦାବି

ଭୁବନେଶ୍ୱର, ୧୩।୮ (ସମିସ): ଗତ ଜୁଲାଇ ୧୮ ତାରିଖ ଦିନ ବିଜୁଳି ସମସ୍ୟା ନେଇ ଜନ ଅଭିଯୋଗ ଦାଖଲ କରିବା ପାଇଁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ବିଭିନ୍ନ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ସ୍ୱାଗତ କରୁଛି। କିନ୍ତୁ ଆସନ୍ତା ଅଗଷ୍ଟ ୧୬ ତାରିଖ ସୁଦ୍ଧା ଅଭିଯୋଗଗୁଡ଼ିକ ଦାଖଲ ପାଇଁ ଆୟୋଗ ଯେଉଁ ବିଜ୍ଞପ୍ତି ଦେଇଛନ୍ତି, ତାହାକୁ ଅନ୍ତତଃ ଅଗଷ୍ଟ ୩୧ତାରିଖକୁ ଘୁଞ୍ଚାଇବାକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ବୁଧବାର ଏକ ପତ୍ର ମାଧ୍ୟମରେ ଆୟୋଗଙ୍କ ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଛି। ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ବେହେରା ଆୟୋଗର ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କୁ ପତ୍ର ମାଧ୍ୟମରେ ଏ ନେଇ ଅବଗତ କରିଛନ୍ତି।

## ସୁସ୍ଥ ପରିବେଶ ଗଠନ ପାଇଁ ଚାରାରୋପଣ



ଭୁବନେଶ୍ୱର, ୧୩।୮ (ସମିସ): ମହାଲେଖାକାର ଅଡିଟ ୨ କାର୍ଯ୍ୟାଳୟ ଓ ଭୁବନେଶ୍ୱର ନଗର ବନ ଅଧିକାରୀଙ୍କ କାର୍ଯ୍ୟାଳୟ ସହଯୋଗରେ ପରିବେଶ ସୁସ୍ଥ ଓ ନିର୍ମଳ ରଖିବା ନିମନ୍ତେ ପାତ୍ରପଡ଼ା ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ନଗର ବନ ପରିସର ଓ ଯାଆଁଳାସ୍ଥିତ ଅମ୍ରିତା ବିଦ୍ୟାଳୟ ପରିସରରେ ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାଲେଖାକାର ଅତୁଲ ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ନଗର ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ମହାଲେଖାକାର ଶୁଭମ ସ୍ୱାମୀ ଭୈଜନଥ, ସୁଶ୍ରୀ ପ୍ରଥମା ପ୍ରତୀକ୍ଷା ପ୍ରଧାନ, ରେଞ୍ଜର ପ୍ରତାପ ଚନ୍ଦ୍ର ମହାନ୍ତି, ଫରେଷ୍ଟର ଅର୍ଚ୍ଚନା ପାତ୍ର, ସୁମିତ୍ରା ମିଶ୍ର, ମହାଲେଖାକାର କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ସୁସ୍ଥ ପରିବେଶ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ସିଏଜି ପ୍ରଶାସନ ପକ୍ଷରୁ ବଉଳ, ମେହଗାନି, ଓଉ, ନିମ ଓ ଅଁଳା ଆଦି ବୃକ୍ଷରୋପଣ କରାଯାଇଥିଲା

## ଅନ୍ନପ୍ରସାଦ ପାଇଁ ଅନ୍‌ଲାଇନ୍ ଭରସା

### ପାର୍ବଣ ସମୟରେ ଦୁଇ ଦିନ ଆଗରୁ ବୁକିଂ

ଭୁବନେଶ୍ୱର, ୧୩।୮ (ସମିସ): ଏବେ ଘରେ ବସି ସବୁ ସାମଗ୍ରୀ ଆସି ପହଞ୍ଚିଯାଉଛି। ଆଉ ବାହାରକୁ ଯିବାକୁ ପଡୁନି। ଖାଦ୍ୟ ଠାରୁ ଆରମ୍ଭ କରି ପରିବା, ଔଷଧ, ଲୁଗାପଟା ସମସ୍ତ ଜିନିଷ ମାତ୍ର ଅଧଘଣ୍ଟା ଭିତରେ ଆସିଯାଉଛି। ବିଶେଷକରି ସହରର ବ୍ୟସ୍ତବହୁଳ ଜୀବନ ଭିତରେ ପାର୍ବଣ ଏବଂ ଓଷା ପର୍ବରେ ରାଜଧାନୀବାସୀ ଆଉ ଘରେ ରୋଷେଇବାସ କରୁନାହାନ୍ତି। ଅନ୍‌ଲାଇନ୍‌ରେ ମଗାଉଛନ୍ତି ଅରୁଆ ଅନ୍ନ ଭୋଜନଠାରୁ ଆରମ୍ଭ କରି ବିଭିନ୍ନ ମନ୍ଦିର ପ୍ରସାଦ।



ଏହିପରି ମଧ୍ୟ ପୂଜାପର୍ବ ହେଉକି ପାର୍ବଣ ସମୟରେ କାମରୁ ଫୁରସତ୍ ପାଇବା ସହ ବୁଲାବୁଲି କରିବା ପାଇଁ ଲୋକମାନେ ଆଉ ରୋଷେଇ କରିବାକୁ ପସନ୍ଦ କରୁନାହାନ୍ତି। ଯାହା ଫଳରେ ଅନ୍‌ଲାଇନ୍ ପ୍ରସାଦ ଉପରେ ନିର୍ଭର କରୁଛନ୍ତି। ପାର୍ବଣ ସମୟରେ ମନ୍ଦିର ପ୍ରସାଦ ଆଣିବା ପାଇଁ ହେଲେ ମନ୍ଦିର ଯିବା ସହ ଧାଡ଼ିରେ ଠିଆକୁ ପଡୁଥିଲା। ଏଥିସହିତ ଅଧିକ ସମୟ ମଧ୍ୟ ଯାଉଥିଲା। ହେଲେ ପାର୍ବଣ ସମୟରେ ଯେଉଁ ମନ୍ଦିରରୁ ଚାହିଁବେ ସେହି ମନ୍ଦିରରୁ ପ୍ରସାଦ ଅର୍ଡ଼ର କରି ହୋଇପାରୁଛି। ବିଶେଷ କରି ଅନନ୍ତ ବାସୁଦେବ ମନ୍ଦିର, ଲିଙ୍ଗରାଜ ମନ୍ଦିର, ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ମନ୍ଦିର, କାଳୀ ମନ୍ଦିର, ରାଧାକୃଷ୍ଣ ମନ୍ଦିର ପରି ପ୍ରମୁଖ ମନ୍ଦିରର ପ୍ରସାଦ ଆସି ହାତ ପାହାନ୍ତାରେ ପହଁଚି ଯାଉଛି।

ମନ୍ଦିରର ପ୍ରସାଦ ପାଇଁ ମୋ ଆହାର ଆପ୍ ମାଧ୍ୟମରେ ସମସ୍ତେ ଅର୍ଡ଼ର କରୁଛନ୍ତି। ଏଥିରେ ୫ଟା ଆଇଟମ୍ ଅନ୍ନ, ଡ଼ାଲି, ବେସର, ଶାଗ, ଖଟାକୁ ଦର ୧୫୦ ରହିଥିବା ବେଳେ ୮ ଟା ଆଇଟମ୍ ପାଇଁ କାନିକା, ଡ଼ାଲି, ବେସର, ଖିରି ଶାଗ, ଖଟା, ଅନ୍ନ, ଚଣାପୋଟଳ ୨୫୦ ଟଙ୍କା ଦର ରହିଛି। ହେଲେ ପାର୍ବଣ ସମୟରେ ତିନି ରୁ ଚାରି ଦିନ ଆଗରୁ ଅର୍ଡ଼ର କରିବାକୁ ପଡ଼ିବ। ଯେଉଁଦିନ ପ୍ରସାଦ ଦରକାର ସେହି ଦିନର ତାରିଖ ପାକାଇବାକୁ ପଡ଼ିବ। ତେବେ ଯେଉଁଦିନ ଆପଣଙ୍କର ପ୍ରସାଦ ଦରକାର ଥିବ ସେହିଦିନ ମିଳିଯିବ। ପ୍ରସାଦର ଅର୍ଡ଼ର ବେଳେ ବେଳେ ଅଧିକ ହୋଇଥାଏ ତ ଆଉ କେତେବେଳେ କମ୍ ହୋଇଥାଏ। କିନ୍ତୁ ପୂଜା ପର୍ବ କିମ୍ବା ପାର୍ବଣ ସମୟରେ ଅର୍ଡ଼ର ଟିକେ ଅଧିକ ହୋଇଥାଏ। ଏହି ସମୟରେ ଅନେକ ଲୋକ ବ୍ରତ ରଖିନ୍ତି। ଏଥିପାଇଁ ପ୍ରସାଦ ଉପରେ ନିର୍ଭର କରିଥାନ୍ତି। ଏହି ସମୟରେ ଆମେ ଯଥା ସମ୍ଭବ ଚେଷ୍ଟା କରିଥାଉ କି ପ୍ରସାଦ ଶିଘ୍ର ପହଞ୍ଚାଇବା ପାଇଁ ବୋଲି ମୋ ଆହାର ଆପ୍‌ର ଜଣେ କର୍ମଚାରୀ କହିଛନ୍ତି।

### ୧୦ ମିନିଟ୍‌ରେ ଲେମ୍ବୁ, ଲଙ୍କା, କଦଳୀପତ୍ର

ଆଜିର ଦିନକୁ ଅନ୍‌ଲାଇନ୍ ଯୁଗ ବୋଲି କହିପାରିବେ। ଆପଣ ଘରେ ବସି ଘର କରଣା ସାମଗ୍ରୀଠାରୁ ଆରମ୍ଭ କରି ଲୁଗାପଟା ନିଜର ପସନ୍ଦ ଅନୁଯାୟୀ ପହଞ୍ଚି ଯାଉଥିଲା। କିନ୍ତୁ ଆପଣ ଆଶ୍ଚର୍ଯ୍ୟ ହେବେ ଏବେ ଅନ୍‌ଲାଇନ୍ ଯୁଗରେ ଏବେ ଆଉ ପାଦେ ଆଗେଇଛି। ଆପଣ ଖାଇ ବସିଛନ୍ତି ପାଖରେ କଦଳିପତ୍ର, ଲେମ୍ବୁ କିମ୍ବା କଞ୍ଚାଲଙ୍କା ନାହିଁ। ବ୍ୟସ୍ତ ହେବାର ନାହିଁ। ମାତ୍ର କିଛି କ୍ଷଣ ଅର୍ଥାତ୍ ୧୦ ମିନିଟ ଭିତରେ ଘରେ ପହଞ୍ଚି ଯାଉଛି ଏସବୁ ଜିନିଷ। ଏସବୁ ଜିନିଷ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଭିନ୍ନ କର୍ପୋରେଟ୍ ହାଉସ୍‌ମାନେ ଆପ୍ ବ୍ୟବସ୍ଥା କରିଛନ୍ତି। ଏହି ଆପ୍‌କୁ ଡାଉନ୍‌ଲୋଡ଼ କରିବା ପରେ ଆପଣ ତତ୍କାଳ ଜିନିଷ ଘରକୁ ମଗାଇପାରିବେ। ଗୋଟିଏ କି ଦୁଇଟି ନୁହେଁ ବହୁ ପ୍ରତିଷ୍ଠିତ କର୍ପୋରେଟ୍ ସଂସ୍ଥା ଏ ଦିଗରେ ନିଜର ଏଜେଣ୍ଟମାନଙ୍କୁ ରଖିଛନ୍ତି। ଯେଉଁମାନେ ଲୋକଙ୍କ ଚାହିଦା ମୁତାବକ ସାମଗ୍ରୀ ଆଣି ଘର ପାଖରେ ପହଞ୍ଚାଇ ଦେଉଛନ୍ତି।

### ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା କାର୍ଯ୍ୟକାରୀ ଦାବି

# ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଲା ଓଡ଼ିଶା ଶିଳ୍ପୀ ମହାସଂଘ

ବାରିପଦା, ୧୩।୮ (ସମିସ): ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ପ୍ରାୟ ୧୫୦୦ରୁ ଅଧିକ ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେ ବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି।




ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି। ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇ ନ ଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡିରହିଛି। ଇତିମଧ୍ୟରେ ନୂତନ ସରକାରକୁ ବର୍ଷେ ପୁରି ସାରିଥିବାବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଛି। ଓଡିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡିଶା ଶିଳ୍ପୀ ମହାସଂଘ ନିଷ୍ପତ୍ତି ନେଇଛି। ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟ୍‌କୁ ୫ ହଜାର କୋଟି କାରିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲାର ଶହଶହ କାରିଗର ସାମିଲ ହୋଇଥିବାବେଳେ ମଧୁବନ ପଡିଆରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଆସିଥିଲା। ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି, ଜିଲ୍ଲା ସଭାପତି କନକ ଲତା ମହାନ୍ତ, ସଂପାଦିକା ଦେବଯାନୀ ସେଠୀ, କଳ୍ପନା ଜେନା ଓ ସରୋଜିନୀ ମହାନ୍ତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## କଳକାରଖାନା ନାଁରେ ଜମି ହଡ଼ପକୁ ଗ୍ରାମ ସଂଗଠନର ନିନ୍ଦା

ବିଶୋଇ,୧୩।୮ (ସମିସ): ସାନ୍ତାଳୀ ଫେଡେରେସନ ତରଫରୁ ବିଶୋଇ ବ୍ଲକ ବାବଜଳା ଗ୍ରାମ ସଂଗଠନ କାର୍ଯ୍ୟାଳୟରେ ଦିଶମ ଗୋଡେତ କାର୍ତ୍ତିକ ଚନ୍ଦ୍ର ହାଁସଦାଙ୍କ ପୌରୋହିତ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। 'ମୟୂରଭଞ୍ଜ ରାଜ୍ୟ ସରକାର'କୁ ବର୍ତ୍ତମାନ ସୁଦ୍ଧା ମୁକ୍ତି ନ କରାଯିବାକୁ କେନ୍ଦ୍ରୀୟ କମିଟି ସଦସ୍ୟ ନିନ୍ଦା କରିଥିଲେ। ବାମନଘାଟି ଉପଖଣ୍ଡର କଣ୍ଟାବଣି ଗ୍ରାମରେ ରୁଙ୍ଗଟା କମ୍ପାନୀକୁ ବିରୋଧ କରିବା ସହିତ କମ୍ପାନୀ ପକ୍ଷରୁ ଗ୍ରାମବାସୀଙ୍କୁ ଜମି ପ୍ରଦାନ ବାବଦରେ ମାରପିଟ କରିବା ଏବଂ ସାମ୍ବାଦିକଙ୍କୁ ପୁଲିସ ଦ୍ୱାରା ଆକ୍ରମଣ କରିବା ଘଟଣାକୁ କେନ୍ଦ୍ରୀୟ ବୈଠକରେ ତୀବ୍ର ନିନ୍ଦା କରାଯାଇଛି। ରୁଙ୍ଗଟା କମ୍ପାନୀ ଦ୍ୱାରା କଳକାରଖାନା ସ୍ଥାପନ ପାଇଁ ପ୍ରସ୍ତାବିତ ଅଞ୍ଚଳର ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀଙ୍କ ଜମିକୁ କେତେଜଣ କମ୍ପାନୀକୁ ହସ୍ତାନ୍ତର କରିବା ପାଇଁ ଇଚ୍ଛୁକ, ଅନିଚ୍ଛୁକ ଅଛନ୍ତି ଏବଂ ଏବାବଦରେ ସେହି ପ୍ରଭାବିତ ଗ୍ରାମବାସିନ୍ଦାଙ୍କୁ ମାରପିଟ କରିବାର ସବିଶେଷ କାରଣ ଜାଣିବା ପାଇଁ ସଂଗଠନର ୬ ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ ପାଇଁ ବୈଠକରେ ସହମତି ନିଆଗଲା। ରଥିଆ ଚରଣ ମାର୍ଣ୍ଡି ସଭା ପରିଚାଳନା କରିଥିବା ବେଳେ ସଂଗ୍ରାମ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ଓଡିଶା ଓ ଛତିଶଗଡ଼ରୁ ସାନ୍ତାଳୀ ଜର୍ଣ୍ଣାଲିଜିମ ପାଠକ ଏବଂ ସାନ୍ତାଳୀ ସାମାଜିକ ଗଣମାଧ୍ୟମ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ତିରିଂ ବ୍ଲକରେ ମଧ୍ୟ ଏଭଳି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

## ୮ ମାସ ପରେ ଅପହୃତା ନାବାଳିକା ଉଦ୍ଧାର

କୁଆମରା,୧୩।୮ (ସମିସ): ଖୁଣ୍ଟା ଥାନା ମାହାଲିବସା ଅଞ୍ଚଳର ଜଣେ ନାବାଳିକା ଅପହରଣ ହେବାର ୮ ମାସ ପରେ ଉଦ୍ଧାର ହୋଇଛି। ସଂପୃକ୍ତ ନାବାଳିକା ଜଣକ ନବମ ଶ୍ରେଣୀରେ ପଢୁଥିଲେ। ତେବେ ଘରେ କେହି ନଥିବା ବେଳେ ତାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଅପହରଣ ପରେ ସେହି ଅଞ୍ଚଳର ୨୪ ବର୍ଷିୟା ଯୁବକ ଜଣକ ବାଙ୍ଗାଲୋର ନେଇ ପଳାଇ ଯାଇଥିବା ବେଳେ ସେ ନିକଟରେ ଫେରିବା ଖବର ପାଇ ପୁଲିସ ଉଦ୍ଧାର କରିଛି। ତେବେ ନାବାଳିକା ଜଣକ ତାଙ୍କ ବନ୍ଧୁ ଘରକୁ ଯାଇଥିବା ପୋଲିସ ଆଗରେ ପ୍ରକାଶ କରିଛି।

## ପିକ୍ ଅପ୍ ଜବତ୍; ୭ ଗୋରୁ ଉଦ୍ଧାର

ଶୁଳିଆପଦା,୧୩।୮ (ସମିସ): ଶୁଳିଆପଦା ବ୍ଲକ୍ କୁଜିଡିହି ପଞ୍ଚାୟତ କୁଜିଡିହିଠାରେ ବୁଧବାର ଭୋରୁ ଏକ ଗୋରୁ ବୋଝେଇ ପିକ୍ ଅପ୍ ଜବତ୍ ହୋଇଥିବା ବେଳେ ସେଥିରୁ ୭ଟି ଗୋରୁକୁ ଉଦ୍ଧାର କରାଯାଇଛି। ତେବେ ପିକ୍ ଅପ୍ ଚାଳକ କୌଶଳ କ୍ରମେ ଚମ୍ପଟ ମାରିଛି। ସୂଚନା ମୁତାବକ ଶୁଳିଆପଦା ଏଏସଆଇ ନିରଞ୍ଜନ ସୋରେନ୍ ରାତି ପାଟ୍ରୋଲିଂ କରୁଥିବାବେଳେ ଏକ ଏକ ପିକ୍ ଅପ୍ ଦ୍ରୁତଗତିରେ ପଶ୍ଚିମବଙ୍ଗ ଆଡକୁ ଯାଉଥିଲା। ଏହି ସମୟରେ ଗାଡିକୁ ଅଟକାଇ ୭ଟି ଗୋରୁକୁ ଉଦ୍ଧାର କରିବା ସହିତ ପିକ୍ ଅପ୍‌କୁ ଜବତ୍ କରାଯାଇଛି। ଉଦ୍ଧାର ଗୋରୁଗୁଡିକୁ ବାଲେଶ୍ୱର ଗୋଶାଳା ପଠାଯିବ ବୋଲି ସୂଚନା ମିଳିଛି।

## ଗୁଜରାଟଗାମୀ ବସ୍ ଅଟକ; ୨୦ ଦାଦନ ଉଦ୍ଧାର




ବାରିପଦା,୧୩।୮ (ସମିସ): ବାରିପଦା ସହର ଉପକଣ୍ଠ ୧୮ ନଂ. ଜାତୀୟ ରାଜପଥର ପାଲବଣି ନିକଟ ମଞ୍ଚାବନ୍ଧା ନିକଟରୁ ଦାଦନ ଶ୍ରମିକଙ୍କୁ ନେଇ ଯିବାକୁ ଥିବା ଏକ ଘରୋଇ ବସକୁ ସଦର ପୁଲିସ ଅଟକ ରଖିଥିଲା। ଏହି ବସ୍‌ରେ ୨୦ଜଣ ଶ୍ରମିକ ଗୁଜୁରାଟ ଯାଉଥିବା ଜଣାପଡିଥିଲା। ତେବେ ଶ୍ରମିକ ନେଇ ଯାଉଥିବା ସମ୍ପର୍କରେ କୌଣସି କାଗଜପତ୍ର ନ ଥିବାରୁ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ବାରିପଦା ଆଖପାଖ ଅଞ୍ଚଳରୁ କାମ କରିବା ପାଇଁ ଶ୍ରମିକମାନେ ବାହାର ରାଜ୍ୟକୁ ଯିବା ପାଇଁ ଏକ ବସକୁ ଅପେକ୍ଷା କରିଥିଲେ। ସ୍ଥାନୀୟ ଲୋକେ ବସକୁ ଦେଖି ସନ୍ଦେହକରି ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ବସ୍‌କୁ ଥାନାକୁ ଆଣି ପଚରାଉଚୁରା ଜାରି ରଖିଛି। ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ ପହଞ୍ଚି ଶ୍ରମିକ ସହ ଆଲୋଚନା କରିଥିଲେ। ରାଜ୍ୟ ବାହାରକୁ ଯିବା ପୂର୍ବରୁ ସରକାରୀ ସ୍ତରରେ ଅନୁମତି ନେବାକୁ ପରାମର୍ଶ ଦେଇ ସମସ୍ତଙ୍କୁ ଛାଡି ଦିଆଯାଇଛି।

## ୨ବାଇକ୍ ମୁହାଁମୁହିଁ ଧକ୍କା ଜଣେ ମୃତ; ୪ ଗୁରୁତର

ତୁରୁମୁଙ୍ଗା,୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଝାଲିଆପଡ଼ା ବ୍ରାହ୍ମଣୀ ଦେଓ ରାସ୍ତାର ବ୍ରାହ୍ମଣୀ ଦେଓବାଙ୍କ ନିକଟରେ ବୁଧବାର ୨ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୪ଗୁରୁତର ହୋଇଛନ୍ତି। ମୃତକ ଜଣକ ବ୍ରାହ୍ମଣୀ ଦେଓ ଭାଗବତ ନାଏକ (୫୦)। ଗୁରୁତର ମାନେ ହେଉଛନ୍ତି ମୃତକଙ୍କ ସ୍ତ୍ରୀ ଯାଜ୍ଞସେନି ନାଏକ, ମୂଷାପଡ଼ା ଗ୍ରାମର ବାୟା ସିଂ ମୁଣ୍ଡା (୨୬), ରାଉତ ରାୟ ମୁଣ୍ଡା (୩୦) ଏବଂ ମଙ୍ଗଲୁ ମୁଣ୍ଡା (୨୯)। ସ୍ୱାମୀ ସ୍ତ୍ରୀ ବାଇକରେ ବିଲ କାମ ସାରି ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ୪ଗୁରୁତରଙ୍କୁ ପ୍ରଥମେ ପାଟଣା ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏନେଇ ପାଟଣା ଥାନାରେ ୧୯୩/୨୫ଦୁର୍ଘଟଣା ମାମଲା ରୁଜୁ ହୋଇଥିବା ପାଟଣା ଥାନା ଏସ୍‌ଆଇ ଲକ୍ଷ୍ମଣ ମାଝି କହିଛନ୍ତି।

## ବସ୍‌ଷ୍ଟାଣ୍ଡ ଭିତରୁ ଅସୁସ୍ଥ ଯୁବତୀ ଉଦ୍ଧାର

ତୁରୁମୁଙ୍ଗା,୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ଭିତରେ ବୁଧବାର ସନ୍ଧ୍ୟାରେ ଜଣେ ଯୁବତୀ ଅସୁସ୍ଥ ଶୋଇ ରହିଥିବା ଖବର ପାଇ ଘଟଣା ସ୍ଥଳରେ ପାଟଣା ପୁଲିସ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଛି। ଯୁବତୀଙ୍କ ନିକଟରେ ଏକ ପଲିଥିନ ବ୍ୟାଗ୍ ପଡିରହିଥିବା ଦେଖିବାକୁ ମିଳିଥିବା ବେଳେ ବ୍ୟାଗ୍ ଭିତରେ ସାଲାଇନ ବତୋଲ ସହ ଏକ୍ସରେ ଓ ମେଡିକାଲ ଆଡମିଶନ କାଗଜପତ୍ର ରହିଛି। କେନ୍ଦୁଝର ଧରଣୀଧର ମେଡିକାଲ କଲେଜରେ ଯୁବତୀ ଜଣଙ୍କ ଭର୍ତ୍ତୀ ହୋଇଥିବା ବେଳେ କିଭଳି ଓ କେଉଁ ପରିସ୍ଥିତିରେ ଯୁବତୀ ଜଣଙ୍କ ଧରଣୀଧର ମେଡିକାଲରୁ ଏଠାକୁ ଆସିଲେ ସେନେଇ ପୁଲିସ ତଦନ୍ତ ଚଳାଇବା ସହ ଯୁବତୀଙ୍କୁ ଉଦ୍ଧାର କରିଛି।

## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଆଞ୍ଚଳିକ ସମ୍ମିଳନୀ

ବହଳଦା,୧୩।୮ (ସମିସ): ତିରିଂ ବ୍ଲକ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବୁଧବାର ବଡ଼ ସାଦମ୍‌ଠାରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କମ୍ରେଡ୍ ତିନାଥ ପାତ୍ର ସମ୍ମିଳନୀର ପତାକା ଉତ୍ତୋଳନ କଲା ପରେ ପାର୍ବତୀ ମୁର୍ମୁ, ଶରତ ବିନ୍ଧାଣୀ ଓ ଦୁର୍ଗା ମାରାଣ୍ଡିଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିଲେ। ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଜୟନ୍ତ ଦାସ ସମ୍ମିଳନୀକୁ ଉଦ୍‌ଘାଟନ କରି ସିବିଆଇ, ଇଡି, ନିର୍ବାଚନ କମିଶନ ଆଦିକୁ ବିଜେପି ନିଜ ସ୍ୱାର୍ଥରେ ବିନିଯୋଗ କରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ସହ ଜନଗଣଙ୍କ ଉପରେ ଏକଛତ୍ରବାଦୀ ଅତ୍ୟାଚାର ଜାହିର କରିଚାଲିଛନ୍ତି। ଅପର ପକ୍ଷରେ ଭାରତକୁ ବିଜେପି ଏକ ଘରକିଆ କରାଇ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସାଧୁ ବନ୍ଧୁତା କରି ଆଦାନୀଙ୍କ ସୁରକ୍ଷା ପାଇଁ ଭାରତୀୟ ଜନଗଣଙ୍କ ଉପରେ ଆମେରିକୀୟ ତାରିଫ୍ ବୋଝ ଲଦାଯାଇଛି ବୋଲି କହିଛନ୍ତି। ତେଣୁ ସେପ୍ଟେମ୍ବର ୪ ତାରିଖରେ ହେବାକୁ ଥିବା ସଂକଳ୍ପ ସମାବେଶରେ ତିରିଂ ଅଞ୍ଚଳରୁ ବହୁ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ। ସେହିପରି ଜିଲ୍ଲା ସମ୍ପାଦକ କମ୍ରେଡ୍ ଜଗବନ୍ଧୁ ମିଶ୍ର ତିରିଂ ସାଂଗଠନିକ ଢାଞ୍ଚାକୁ ସୁଦୃଢ କରିବା ପାଇଁ ୨୧ ଏବଂ ୨୨ ତାରିଖରେ ଜିଲ୍ଲା ସମ୍ମିଳନୀରେ ଅଧିକ ସଂଖ୍ୟାରେ ଯୋଗଦେବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଜିଲ୍ଲା ସମ୍ମିଳନୀ ପାଇଁ ପ୍ରତିନିଧି ନିର୍ବାଚନ ସହ ୧୫ ଜଣିଆ ଅଞ୍ଚଳ କମିଟି ଓ ଏଥିମଧ୍ୟରୁ ଅଞ୍ଚଳ ସମ୍ପାଦକ ଭାବେ ପାରାଉ ହାଁସଦା, ସହ ସମ୍ପାଦକ ଭାବେ ଶରତ ଚନ୍ଦ୍ର ବିନ୍ଧାଣୀ ଓ ପାର୍ବତୀ ମୁର୍ମୁ ନିର୍ବାଚିତ ହୋଇଛନ୍ତି।




## ମେଲେରିଆ ଓ ଡେଙ୍ଗୁର ବାହକ ସାଜିଛି ପୁରୁଣା ଟାୟାର

କରଞ୍ଜିଆ, ୧୩।୮ (ସମିସ): କରଞ୍ଜିଆ ସହରର ଗୋଲେଇ ଛକରେ ଥିବା କିଛି ଟାୟାର ମରାମତି ଦୋକାନର ମାଲିକମାନଙ୍କ ଦାୟିତ୍ୱହୀନ ଯୋଗୁ ଏବେ ମେଲେରିଆ ଏବଂ ଡେଙ୍ଗୁ ସଂକ୍ରମଣ ଆଶଙ୍କାରେ ରହିଛନ୍ତି ସହରବାସୀ। ଟାୟାର ମରାମତି କରୁଥିବା କିଛି ଦୋକାନ ମାଲିକ ଦୀର୍ଘଦିନ ଧରି ଅବ୍ୟବହୃତ ଟାୟାରଗୁଡିକୁ ଗୋଲେଇ ଛକ ନିକଟରେ ଦୀର୍ଘଦିନ ଧରି ପକାଇ ରଖିଥିବାରୁ ସେଗୁଡିକରେ ପାଣି ଜମି ରହିଛି। ପାଣି ଜମି ରହିବା ଫଳରେ ମଶା ବଂଶ ବୃଦ୍ଧି ପାଉଛି। ଗୋଲେଇ ଛକ ଅଂଚଳରେ ପ୍ରବଳ ମଶା ହେଉଥିବାରୁ ମେଲେରିଆ, ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କା ରହିଛି। ଏନଏସି କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଗୋଲେଇ ଛକ ସମେତ ଶେଖର କଲୋନୀ ସରୁବାଲି ଅଞ୍ଚଳରେ ମଧ୍ୟ ଏହି ଆଶଙ୍କା ଦେଖାଦେଇଛି।



## ଖାଲପାଳରୁ ତୋରାଣିଆପାଳରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ଆନନ୍ଦପୁର,୧୩।୮ (ସମିସ): ୭୯ତମ ସ୍ୱାଧୀନତା ଦିବସ ପୂର୍ବରୁ ଘରେ ଘରେ ଚିନ୍ତା ଚେତନାର ମାହୋଲ ସୃଷ୍ଟି କରିବା ନିମନ୍ତେ ଆରମ୍ଭ ହୋଇଛି ତ୍ରିରଙ୍ଗା ଯାତ୍ରା। ଏହି ଉପଲକ୍ଷେ ଖାଲପାଳ ଗ୍ରାମର ସହିଦ ପଙ୍କଜ ମହାନ୍ତିଙ୍କ ପ୍ରତିମୂର୍ତ୍ତି ନିକଟରୁ ତ୍ରିରଙ୍ଗା ଯାତ୍ରା ଆରମ୍ଭ କରାଯାଇ ତୋରାଣିଆପାଳ ଗ୍ରାମର ସହିଦ ଅଜୟ କୁମାର ବାସଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ପ୍ରତ୍ୟେକ ଗାଁର ଲୋକଙ୍କୁ ସ୍ୱାଧୀନ ମାନସିକତାର ବାର୍ତ୍ତା ବାଣ୍ଟିଛନ୍ତି ବିଜେପି କର୍ମୀ। ଖାଲିଆମେଣ୍ଟା ମଣ୍ଡଳ ସଭାପତି ଯୋଗେନ୍ଦ୍ର ବାବୁ ଦାସଙ୍କ ସଂଯୋଜନାରେ ତୋରାଣିଆପାଳ ଗ୍ରାମର ସହିଦ ଅଜୟ କୁମାର ବାସଙ୍କ ପିତା ବୈଲୋଚନ ବାସ ଏବଂ ମାତା ଦେବକୀ ବାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଯାତ୍ରାରେ କେନ୍ଦୁଝର ଜିଲ୍ଲା ବିଜେପି ସମ୍ପାଦକ ଦୀପକ ଜେନା, ଘସିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡ.ଶମ୍ଭୁନାଥ ରାଉତ, ଭଣ୍ଡାରିଡିହା ପଞ୍ଚାୟତ ସମିତି ସଭ୍ୟା ସୁବାସିନୀ ପ୍ରିୟଦର୍ଶିନୀ ରାଉତ, ପୂର୍ବତନ ଖାଲିଆମେଣ୍ଟା ମଣ୍ଡଳ ସଭାପତି ବିକାଶ ଜେନା, ରୁପରଞ୍ଜନ ମହାରଣା, ଲିପୁନ କୁମାର ସା, ରାଜୀବଲୋଚନ ନାୟକ, ପ୍ରସନ୍ନ ଭୂୟାଁ, ପ୍ରଦୀପ କୁମାର ସା ପ୍ରମୁଖ ଉପସ୍ଥିତ ଥିଲେ।

## ଆନନ୍ଦପୁରରେ ସ୍ୱାଧୀନତା ଦିବସ ପରେଡ ପ୍ରସ୍ତୁତି ଶେଷ



ଆନନ୍ଦପୁର,୧୩।୮ (ସମିସ): ଆନନ୍ଦପୁର ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ହେବାକୁ ଥିବା ମିଳିତ ପରେଡ ପ୍ରସ୍ତୁତି ଶେଷ ହୋଇଛି। ଆନନ୍ଦପୁର ମହାବିଦ୍ୟାଳୟ ଏନସିସି ଅଫିସର ରଘୁଦୀପ୍ତି ନାୟକଙ୍କ ତତ୍ତ୍ୱାବଧାନରେ ଷ୍ଟାଡିୟମ ପଡିଆରେ ଦୁଇଦିନ ଧରି ପରେଡ ଅଭ୍ୟାସ କରାଯାଇଥିଲା। ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୪୩ଟି ଟ୍ରୁପ ଅଂଶଗ୍ରହଣ କରିଥିଲେ। ଆସନ୍ତା ସ୍ୱାଧୀନତା ଦିବସରେ ଏହି ଟ୍ରୁପ ମିଳିତ ପ୍ୟାରେଡରେ ମୁଖ୍ୟଅତିଥିଙ୍କୁ ଅଭିବାଦନ ଦେବେ।

## ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କ୍ରୀଡ଼ା କାର୍ଯ୍ୟକ୍ରମ

ଆନନ୍ଦପୁର,୧୩।୮ (ସମିସ): ଆନନ୍ଦପୁର ପଞ୍ଚାୟତ ସମିତି ଓ ଘସିପୁରା ପଞ୍ଚାୟତ ସମିତି ମିଳିତ ଆନୁକୂଲ୍ୟରେ ଆନନ୍ଦପୁର ଇଣ୍ଡୋର ଷ୍ଟାଡିଅମଠାରେ ଭିନ୍ନକ୍ଷମମାନଙ୍କ କ୍ରୀଡା ଓ ସଂସ୍କୃତି କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଆନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମହାନ୍ତ, ଘସିପୁରା ସାମାଜିକ ସୁରକ୍ଷା ଅଧିକାରୀ ଶୁଭଙ୍କର ଜେନା ଏବଂ ଆନନ୍ଦପୁର ବ୍ଲକର ଅବିନାଶ ପତି ଉପସ୍ଥିତ ରହି ପ୍ରଥମେ ମା ତାରିଣୀଙ୍କ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଦୀପ ପ୍ରଜ୍ୱଳନ କରିବା ସହିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଆନନ୍ଦପୁର ଓ ଘସିପୁରାର ୧୨୦ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ କ୍ରୀଡା ଓ ସଂସ୍କୃତିରେ ଭାଗ ନେଇ ନିଜର ଦକ୍ଷତାକୁ ପ୍ରତିପାଦନ କରିଥିଲେ। ସେମାନଙ୍କ ଭିତରେ ଦୃଢ ଇଚ୍ଛା ଶକ୍ତିର ଆଗ୍ରହ ସୃଷ୍ଟି ହୋଇଥିବା ବେଳେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆନନ୍ଦପୁର ବ୍ଲକ ଓ ଘସିପୁରା ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।

## ଆନନ୍ଦପୁର ପୌରପାଳିକା ପକ୍ଷରୁ ହର୍‌ଘର୍ ତିରଙ୍ଗା କାର୍ଯ୍ୟକ୍ରମ

ଆନନ୍ଦପୁର,୧୩।୮ (ସମିସ): ଆନନ୍ଦପୁର ପୌରପାଳିକା କାର୍ଯ୍ୟାଳୟ ପକ୍ଷରୁ ହରଘର ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ପୌରପାଳିକାର ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଧକ୍ଷା ରଜନୀ ରାଣୀ ଖଟୁଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତ ମାତାର ଗୌରବକୁ ପ୍ରଦର୍ଶନ କରୁଥିବା ଦେଶବାସୀ ଏହି ଅଭିଯାନରେ ସାମିଲ ହେବା ନେଇ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆଜିର ଏହି ତ୍ରିରଙ୍ଗା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାଉନସିଲର ଜୋତ୍ରୀମୟୀ ଖୁଣ୍ଟିଆ ରଶ୍ମିତା ବାରିକ ସ୍ୱଚସାଥୀ ସଂଗୀତା ବେହେରାଙ୍କ ସମେତ ପୌରପାଳିକାର ସମସ୍ତ ଜଳସାଥୀ ଓ ପୌର କର୍ମଚାରୀମାନେ ତ୍ରିରଙ୍ଗା ଯାତ୍ରାକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

### ଜାତୀୟସ୍ତରୀୟ ଖେଳକୁଦ ସମାରୋହ

## କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ପ୍ରବୀନ ମନୋନୀତ

ଚମ୍ପୁଆ,୧୩।୮ (ସମିସ): ନୂଆଦିଲ୍ଲୀସ୍ଥିତ ସିବିଏସଇ ଦ୍ୱାରା କିଟ୍ ଭୁବନେଶ୍ୱର ଠାରେ ଆୟୋଜିତ ଅଣ୍ଡର-୧୯ ସିନିୟର ପୁରୁଷ ବିଭାଗ ଡିସକସ ଥ୍ରୋ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ପ୍ରବୀନ ଲାକ୍ରା ଜାତୀୟସ୍ତରର ଖେଳକୁଦ ସମାରୋହ-୨୫ ପାଇଁ ମନୋନୀତ ହୋଇଥିବା ଜଣାପଡିଛି। ଭୁବନେଶ୍ୱର କ୍ଷେତ୍ର ଅନ୍ତର୍ଗତ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଓଡ଼ିଶା ରାଜ୍ୟର ଛାତ୍ରଛାତ୍ରୀ ଅଗଷ୍ଟ ୭ରୁ ୯ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରାଦେଶିକ ସ୍ତରୀୟ ଖେଳକୁଦ ସମାରୋହରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ପ୍ରବୀନ ଲାକ୍ରା ଡିସକସ ଥ୍ରୋରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ସେ ଆସନ୍ତା ସେପ୍ଟେମ୍ବର ୧୦ରୁ ୧୩ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚୟନ ହୋଇଛନ୍ତି। ଏ ଖବର ପ୍ରସାରିତ ହେବା ପରେ ବିଦ୍ୟାଳୟ ପରିସରରେ ଆନନ୍ଦର ଲହରୀ ଖେଳିଯାଇଛି। ଏଠାରେ ସ୍ମରଣଯୋଗ୍ୟ କି ପ୍ରବୀର କେମସର ଦ୍ୱାଦଶ ଶ୍ରେଣୀ ବିଜ୍ଞାନର ଛାତ୍ର ଅଟନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅନେକ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ତାଙ୍କର ଏହି ଅନନ୍ୟ ସଫଳତା ପାଇଁ ଅନୁଷ୍ଠାନର ସଭାଧକ୍ଷ ଡଃ.ରାଜମୋହନ ପି.ଏସ, ସମ୍ପାଦିକା ଉମା ରାଜମୋହନ, ଅଧକ୍ଷ ବି.କେ.ଭାରତୀ, ଡିଗ୍ରୀ କଲେଜର ଅଧକ୍ଷ ଡଃ.ବି.ରାମାରାଜୁ, ସମସ୍ତ ଅଧ୍ୟାପକ/ଅଧ୍ୟାପିକା, ସାଙ୍ଗସାଥୀ, ଛାତ୍ରଛାତ୍ରୀ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।




## ଇନୋଭେସନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା

ତେଲକୋଇ,୧୩।୮ (ସମିସ): ତେଲକୋଇ ସ୍ଥିତ ଚାରିଗଡ ମହାବିଦ୍ୟାଳୟଠାରେ ଇନୋଭେସନ ଓ ଷ୍ଟାର୍ଟଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡା. ତପନ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଅଧ୍ୟାପକ ଯୋଗେଶ ବେହେରାଙ୍କ ସଂଯୋଜନାରେ ଆୟୋଜନ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପିକା ବି.କେ ପାର୍ବତୀ, ବବିତା ରାଉଳ, ରଶ୍ମିତା ପଟେଲ, ରଞ୍ଜୀତା ମହାପାତ୍ର, ମହାନ୍ତ ଏବଂ ଅଧ୍ୟାପକ ସୁରିଆ ଜୁଆଙ୍ଗ ଓ ଟୁନାରାମ ମହାନ୍ତ ସହଯୋଗ କରିଥିଲେ। କେନ୍ଦୁଝର ସାଂସଦଙ୍କ ଦକ୍ଷତା ବିକାଶ ଓ ଏମଏସଏମଇର ତେଲକୋଇ ବ୍ଲକ ପ୍ରତିନିଧି ବିକ୍ରମ କେଶରୀ ଚୌହାନ ଓ ବିଶିଷ୍ଟ ଉତ୍ପାଦନକାରୀ ସଂସ୍ଥା ପି.କେ ୱାର୍କସପର ସଂସ୍ଥାପକ ପ୍ରତାପ କୁମାର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରକଳ୍ପଗୁଡିକୁ ବିଚାର କରି ମୂଲ୍ୟାଙ୍କନ କରିଥିଲେ। ସ୍ନାତକ ବିଭାଗର ୨୦ଜଣ ଛାତ୍ରଛାତ୍ରୀ ପ୍ରକଳ୍ପ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବ୍ୟବସାୟିକ ଆବିଷ୍କାର ଦ୍ୱାରା ସ୍ଥାନୀୟ ସମସ୍ୟା ର ସମାଧାନ ଓ ସଂସାଧନକୁ ନେଇ ନୂତନ ବ୍ୟବସାୟ ଆଦି ବିଷୟମାନ ରହିଥିଲା।

## ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଚମ୍ପୁଆ,୧୩।୮ (ସମିସ): ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଆଜି ଘରେ ଘରେ ତ୍ରିରଙ୍ଗା ଓ ଘରେ ଘରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ରତାର ଉତ୍ସବ, ସ୍ୱଚ୍ଛତାର ସହ ପାଳନ ଅବସରରେ ଅଗଷ୍ଟ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁରହିଥିବା ବେଳେ ଚମ୍ପୁଆ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଉପାଧକ୍ଷା ସୁମିତ୍ରା ବେହେରା, ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏକ ପଦଯାତ୍ରା ସ୍ୱଚ୍ଛତା ସ୍ଲୋଗାନ ଦେଇ ସ୍ଥାନୀୟ ନେହେରୁ ଷ୍ଟାଡିୟମଠାରୁ ବାହାରି ଚମ୍ପୁଆ ସହର ପରିକ୍ରମା କରିଥିଲେ। ସେହିପରି ଚମ୍ପୁଆ ଭାଜପା ମଣ୍ଡଳ ପକ୍ଷରୁ ସଭାପତି କାର୍ତିକ ସାହୁଙ୍କ ତତ୍ତ୍ୱାବଧାନରେ ୫ଶହରୁ ଅଧିକ ଭାଜପା କର୍ମିଙ୍କ ଦ୍ୱାରା ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା।

# ବାଂଶପାଳ ବ୍ଲକ୍‌ରେ କଫି ଚାଷର ଉଦ୍‌ଘାଟନ

କେନ୍ଦୁଝର,୧୩।୮ (ସମିସ): ତରମାକାନ୍ତ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଜଳଡିହା ଗ୍ରାମରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, କେନ୍ଦୁଝର ତରଫରୁ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ କଫି ଚାରାରୋପଣର ଶୁଭାରମ୍ଭ ସମାରୋହ ଆୟୋଜନ କରାଯାଇଛି। ଏଥିରେ ତେଲକୋଇ ବିଧାୟକ ଡାଃ ଫକୀର ମୋହନ ନାଏକ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଏଥିସହିତ ଉପସ୍ଥିତ ଥିବା ଚାଷୀମାନଙ୍କୁ କଫି ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଂଶପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜା ରଣଜିତ ପ୍ରତାପ ବଳ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା, କେନ୍ଦୁଝର ଅଶୋକ କୁମାର ସେନାପତି ଯୋଗଦେଇ କଫି ଚାଷ ସହିତ ଅନ୍ତଃଚାଷ ଭାବରେ ଗୋଲମରିଚ ଚାଷକରି ନିଜର ସ୍ଥାୟୀ ଜୀବିକା ଗଠନ କରିବାକୁ ଗୁରୁତ୍ୱାରୋପ କରିଥିଲେ। କଫି ବଗିଚାର ଆୟତନ ୮.୦ ହେକ୍ଟର ହୋଇଥିବାବେଳେ ହେକ୍ଟର ପିଛା ୨୨୦୦ ଲେଖାଏଁ କଫି ଗଛ ଲାଗିବାର ସୂଚନା ଦିଆଯାଇଥିଲା। କଫି ବଗିଚା ଚାରି ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପରେ ଚାଷୀ ମାନଙ୍କୁ ହସ୍ତାନ୍ତର କରାଯିବାକୁ ଅବଗତ କରାଗଲା। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଶାନ୍ତିଲତା ରଣା, ବିଧାୟକ ପ୍ରତିନିଧି ଉମାକାନ୍ତ ବାରିକ,ସାଂସଦ ପ୍ରତିନିଧି ପ୍ରହ୍ଲାଦ ମହାକୁଡ, ମଣ୍ଡଳ ସଭାପତି ଶୁକ୍ରା ମୁଣ୍ଡା ଓ ସ୍ଥାନୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



# ଭାରତ-ବ୍ରିଟେନ ଚୁକ୍ତି ଓ ଟ୍ରମ୍ପଙ୍କ ଟାରିଫକୁ ନେଇ ପ୍ରତିବାଦ

ଢେଙ୍କାନାଳ, ୧୩।୮ (ସମିସ): ଭାରତ ଓ ବ୍ରିଟେନ ମଧ୍ୟରେ ହେଉଥିବା ଜନବିରୋଧୀ ଚୁକ୍ତି ଓ ଟ୍ରମ୍ପଙ୍କ ଟାରିଫ ପରିପ୍ରେକ୍ଷୀରେ ଜାତୀୟ ସାର୍ବଭୌମତ୍ୱ ରକ୍ଷା ଓ କର୍ପୋରେଟ ଭାରତ ଛାଡ଼ ଦାବିରେ ବୁଧବାର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତ ସରକାର ଆମେରିକାର ଟାରିଫ ଧମକକୁ ପ୍ରତ୍ୟାଖ୍ୟାନ କରି ରୁଷିଆ ସମେତ ସମସ୍ତ ଦେଶ ସହ ବାଣିଜ୍ୟ କରିବାର ଅଧିକାରକୁ ସୁରକ୍ଷିତ କରିବା, ଭାରତ ଓ ବ୍ରିଟେନ ମଧ୍ୟରେ ବାଣିଜ୍ୟ ସଂକ୍ରାନ୍ତୀୟ ଚୁକ୍ତିକୁ ସମୀକ୍ଷା ଓ ସଂଶୋଧନ କରିବା, ଆମେରିକା ଓ ଭାରତ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତିକୁ ବନ୍ଦ କରିବା, ଗୁପ୍ତ ଭାବେ କୌଣସି ଦେଶ ସହ ଚୁକ୍ତି ନ କରିବା, ସର୍ବୋପରି ଭାରତ




ଦେଶକୁ ବିଦେଶୀ କର୍ପୋରେଟମାନଙ୍କ ଦ୍ୱାରା ବଣ୍ଟନକୁ ବନ୍ଦ କରିବାକୁ ଦାବି କରାଯାଇଛି। ଏହି ବିକ୍ଷୋଭରେ କୃଷକ ସଭା ଏଆଇକେଏସର ନେତା ସରୋଜ ଶତପଥୀ, ଚନ୍ଦ୍ରଶେଖର ସାହୁ, ଗୋବିନ୍ଦ ସାହୁ, ସିଆଇଟିୟୁ ନେତା ଶ୍ରୀଧର ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, ରାମଚନ୍ଦ୍ର ମଲ୍ଲିକ, ରୋହିତ ବାରିକ, ଦଳିତ ଶୋଷଣ ମୁକ୍ତି ମଞ୍ଚର ଜିଲ୍ଲା ସଭାପତି ସରୋଜ ମଲ୍ଲିକ, କିଷାନ କଂଗ୍ରେସର ନକୁଳ ରାଉତ, ହେମନ୍ତ ବେହେରା, ଏଆଇସିୟୁଟିୟୁର ଜିଲ୍ଲା ପ୍ରତିନିଧି ରବି ରଥ, ଏଆଇସିସିଟିୟୁର ଜିଲ୍ଲା ପ୍ରତିନିଧି ଶ୍ରୀନିବାସ ସାହୁ, ଏଲପିଏଫର ଜିଲ୍ଲା ପ୍ରତିନିଧି ସ୍ୱରୂପାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଚୋରିମୂର୍ତ୍ତି ଉଦ୍ଧାର; ୨ ନାବାଳକ ଅଟକ

ହିନ୍ଦୋଳ/ଖଜୁରିଆକଟା, ୧୩।୮ (ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସଦର ମହକୁମାରେ ବିଭିନ୍ନ ମନ୍ଦିରରୁ ଦେବଦେବୀ ମୂର୍ତ୍ତି ଚୋରି ଘଟଣାରେ ପୁଲିସ ୨ ନାବାଳକଙ୍କୁ ଅଟକ ରଖି ତଦନ୍ତ କରୁଛି। ସେମାନଙ୍କ ନିକଟରୁ ଚୋରି ମୂର୍ତ୍ତି ଉଦ୍ଧାର କରାଯାଇଛି। କିଛିଦିନ ତଳେ ହିନ୍ଦୋଳ ଜଗନ୍ନାଥ ମନ୍ଦିରରୁ ୨ଟି ଲକ୍ଷ୍ମୀମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସେହିପରି ହିନ୍ଦୋଳ ଏନଏସି ୱାର୍ଡ ନଂ-୮ରେ ଥିବା ବହୁପୁରାତନ ରାଧାକୃଷ୍ଣ ମନ୍ଦିରରେ ପୂଜକ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ୨ ନାବାଳକ (କଲେଜ ଛାତ୍ର) ମନ୍ଦିରରେ ପଶି ୨ଟି ମୂର୍ତ୍ତି, ମୁକୁଟ ଇତ୍ୟାଦି ଚୋରିକରି ନେଇ ପଳାଉଥିବା ଦେଖି ପୂଜକଙ୍କ ପରିବାରର ଲୋକେ ପାଟି କରିବାରୁ ସ୍ଥାନୀୟ ଅଞ୍ଚଳବାସୀ ନାବାଳକ ଦ୍ୱୟଙ୍କୁ ଧରି ପୁଲିସ ଜିମା ଦେଇଥିଲେ। ନାବାଳକଙ୍କ ଦ୍ୱୟଙ୍କ ସ୍କୁଲ ବ୍ୟାଗ ଯାଞ୍ଚ କରିବାରୁ ଚୋରି ମୂର୍ତ୍ତି ସବୁ ସେଥିରୁ ବାହାରିଥିଲା। ହିନ୍ଦୋଳ ପୁଲିସ ଉଭୟଙ୍କୁ ପଚରାଉଚରା କରିବାରୁ ପୂର୍ବରୁ ଜଗନ୍ନାଥ ମନ୍ଦିରରୁ ସେମାନେ ୨ଟି ଲକ୍ଷ୍ମୀମୂର୍ତ୍ତି ଚୋରାଇଥିବା ସ୍ୱୀକାର କରିଥିଲେ। ପୁଲିସ ନାବାଳକ ଦ୍ୱୟଙ୍କ ଘରୁ ଉକ୍ତ ଲକ୍ଷ୍ମୀମୂର୍ତ୍ତି ଉଦ୍ଧାର କରିଛି। ପୂଜକଙ୍କ ଏତଲା କ୍ରମେ ହିନ୍ଦୋଳ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ୨ ନାବାଳକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଉଦ୍ଧାର ମୂର୍ତ୍ତିଗୁଡ଼ିକୁ ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରାଯିବା ପରେ ମନ୍ଦିରଗୁଡ଼ିକରେ ପୁଣି ସେହି ମୂର୍ତ୍ତି ପୂଜା ପାଇବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ନାବାଳକ ଦ୍ୱୟ ଆଗରୁ କେତେ ମୂର୍ତ୍ତି ଚୋରି କରିଛନ୍ତି, ଚୋରି ମୂର୍ତ୍ତି ସବୁ କ'ଣ କରନ୍ତି, ଆଉ କିଏ କିଏ ଏଥିରେ ସାମିଲ ଅଛନ୍ତି କିମ୍ବା ମୂର୍ତ୍ତି ଚୋରି ରାକେଟର କିଙ୍ଗପିନ କିଏ ଏ ସବୁ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ହିନ୍ଦୋଳ ଏସଡିପିଓ ପ୍ରକାଶ କରିଛନ୍ତି।



## କାମାକ୍ଷାନଗରରେ ପହଞ୍ଚିଲା ଯବାନଙ୍କ ମରଶରୀର

କାମାକ୍ଷାନଗର, ୧୩।୮ (ସମିସ): କାମାକ୍ଷାନଗର ଥାନା ମାଳପୁରା ଗ୍ରାମର ଯବାନ ସୁରେଶ ବିଶ୍ୱାଳ ଜମ୍ମୁକାଶ୍ମୀରରେ ଡ୍ୟୁଟିରେ ଥିବା ସମୟରେ ନିଜ ସର୍ଭିସ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିଲେ। ମା'ଙ୍କ ସହିତ କଥା ହେଉଥିବା ବେଳେ ସେ ନିଜକୁ ଗୁଳି କରିଦେଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସୁରେଶଙ୍କ ମରଶରୀର କାମାକ୍ଷାନଗର ଅନନ୍ତପୁରସ୍ଥିତ ତାଙ୍କ ବାସଭବନରେ ପହଞ୍ଚିବା ପରେ ପରିବାର ଲୋକେ ଓ ଆତ୍ମୀୟସ୍ୱଜନ ଶେଷଦର୍ଶନ କରିଥିଲେ। ପରେ ଗାଁ ଶ୍ମଶାନ ଶୋକାକୁଳ ପରିବେଶରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ପକ୍ଷରୁ ସମ୍ବର୍ଦ୍ଧନା

ଗଁଦିଆ, ୧୩।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ଲେଙ୍କା ଅବସର ଗ୍ରହଣ କରିବା ପରେ ଯୋରନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଭାବେ କାର୍ଯ୍ୟ କରି ଜଣେ ଆଦର୍ଶ ଶିକ୍ଷାବିତ ଭାବେ ପରିଚିତ ହୋଇଛନ୍ତି। ସରକାରୀ ସେବା ସମୟରେ ଯୋରନ୍ଦା ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଯୋରନ୍ଦା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନେକ କୃତୀ ଛାତ୍ରଛାତ୍ରୀ ତିଆରି କରି ସେ ଉଦାହରଣ ସାଜିଛନ୍ତି। ତାଙ୍କ ତ୍ୟାଗପୂତ ସେବାକୁ ପାଥେୟ କରି ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ତାଙ୍କ ଜାମୁସରା ନାଟିମା ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



**ରାସ୍ତା କଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା**

# ୧୦ ଦିନ ପରେ ବି ରହସ୍ୟ ଉପରୁ ପରଦା ହଟିନି

ହିନ୍ଦୋଳ, ୧୩।୮ (ସମିସ): ହିନ୍ଦୋଳ ଥାନା କୁରୁମିଠା ଛକ ନିକଟ ରାସ୍ତା କଡ଼ରୁ ଜଣେ ଯୁବକଙ୍କ ଉଲଗ୍ନ ତଥା କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଥିଲା। ମୃତକ ହେଲେ ମହାଲୁଣ୍ଡା ପଞ୍ଚାୟତ କାନ୍ତାମିଲା ଗ୍ରାମର ସୁଶାନ୍ତ ପ୍ରଧାନ (୩୦)। ତେବେ ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଏଯାଏଁ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟାଇ ପାରିନାହିଁ।

ସୁଶାନ୍ତ ଜଣେ ଗରିବ ଶ୍ରେଣୀର ଯୁବକ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ, ମା' ଓ ଗୋଟିଏ ଛୋଟ ଛୁଆ ଅଛନ୍ତି। ପରିବାରର ଏକମାତ୍ର ରୋଜଗାରିଆ ପୁଅ ସୁଶାନ୍ତ ମୂଲମଜୁରି କରି ପରିବାର ଚଳେଇ ଆସୁଥିଲେ। ଘଟଣା ପୂର୍ବଦିନ ସେ ଯାତ୍ରା ଦେଖିବା ପାଇଁ ମଇଧରପୁର ବଜାରକୁ ଆସିଥିଲେ। ହେଲେ ପରଦିନ ସକାଳେ ଉଲଗ୍ନ ଅବସ୍ଥାରେ କୁରୁମିଠା ନିକଟରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହା ହାତୀ ଆକ୍ରମଣ ଜନିତ ମୃତ୍ୟୁ ବୋଲି ପରିବାର ଲୋକେ ଅଭିଯୋଗ କରି କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତାରୋକ କରିଥିଲେ। ଏସଡିପିଓ ସତ୍ୟ କୁମାର ନନ୍ଦ ଓ ହିନ୍ଦୋଳ ଥାନାଧିକାରୀ ପହଞ୍ଚି ଲୋକଙ୍କୁ ବୁଝାସୁଝା

**■ କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲେ ଗ୍ରାମବାସୀ**

କରିବା ପରେ ରାସ୍ତାରୋକ ହଟିଥିଲା। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ହେଲେ ନିକଟରେ ହାତୀ ପାଦଚିହ୍ନ ପଡ଼ି ନ ଥିବାରୁ ଏହା ହାତୀ ଆକ୍ରମଣଜନିତ ମୃତ୍ୟୁ ନୁହଁ ଦର୍ଶାଇ ବନବିଭାଗ କର୍ମଚାରୀ ପଳାଇ ଯାଇଥିଲେ। ଅନ୍ୟପଟେ ଯଦି ଏହା ଦୁର୍ଘଟଣାଜନିତ ମୃତ୍ୟୁ ତେବେ ସୁଶାନ୍ତ ନିଜ ବାଇକ ଯୋଗେ ଯାତ୍ରା ଦେଖିବାକୁ ଯାଇଥିବା ବେଳେ ତାଙ୍କ ବାଇକ ମଇଧରପୁର ଯାତ୍ରା ପଡ଼ିଆ ନିକଟରେ ଥିବା ସତ୍ତ୍ୱେ ସେଠାରୁ ତିନି କିଲୋମିଟର ଦୂରରେ ତାଙ୍କ ମୃତଦେହ କିପରି ଉଦ୍ଧାର ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସେ ଉଲଗ୍ନ କିପରି ହେଲେ ତାହା ମଧ୍ୟ ପ୍ରଶ୍ନବାଚୀ। ଇତିମଧ୍ୟରେ ୧୦ଦିନ ବିତିଯାଇଥିଲେ ମଧ୍ୟ କେଉଁ କାରଣରୁ ସୁଶାନ୍ତଙ୍କ ମୃତ୍ୟୁ ହୋଇଛି ସେ ନେଇ ପୁଲିସ କୌଣସି ନିର୍ଯ୍ୟାସରେ ପହଞ୍ଚି ପାରିନାହିଁ। ସୁଶାନ୍ତଙ୍କ ପେଟରେ ଗଭୀର କ୍ଷତ ଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ଆଲୋଚନା ହେଉଛି। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ହିନ୍ଦୋଳ ଥାନାଧିକାରିଣୀ ଚାରୁଲତା ସାହୁଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ରହସ୍ୟ ଜଣାପଡ଼ିବ।

## ଜାତୀୟ ଗ୍ରନ୍ଥାଗାରିକ ଦିବସ ଓ ବ୍ୟବହାରିକ ସଚେତନତା

ଢେଙ୍କାନାଳ, ୧୩।୮ (ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଲାଇବ୍ରେରୀ ଓ ଆଇକ୍ୟୁଏସି ସେଲ ଆନୁକୂଲ୍ୟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ଓ ବ୍ୟବହାରିକ ସଚେତନତା କାର୍ଯ୍ୟକ୍ରମ ନୂତନ ପାଠାଗାରରେ ଅନୁଷ୍ଠିତ ହୋଇଛି। ଗ୍ରନ୍ଥାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଡ. ଏସଆର ରଙ୍ଗନାଥନଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରି ଗ୍ରନ୍ଥାଗାରିକ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଲାଇବ୍ରେରୀର ବହୁଳ ବ୍ୟବହାର ନିମନ୍ତେ ପ୍ରୋତ୍ସାହିତ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଗ୍ରନ୍ଥାଗାରର ସଦୁପଯୋଗ ଓ ବ୍ୟବହାର ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଆଇକ୍ୟୁଏସି ସେଲ ମୁଖ୍ୟ ଡ. ଦେବାଶିଷ ମହାନ୍ତି ଗ୍ରନ୍ଥାଗାରର ନୂତନ ସେବା ଯଥା ୱାନ ନେସନ ୱାନ ସବସ୍କ୍ରିପସନ ପୋର୍ଟାଲ ଏବଂ ଅନ୍ୟ ସେବା କିପରି ଛାତ୍ରଛାତ୍ରୀ ତଥା ଅଧ୍ୟାପକ, ଅଧ୍ୟାପିକାଙ୍କୁ ନୂତନ ଜ୍ଞାନ ଅର୍ଜନ ନିମନ୍ତେ ସହାୟକ ହେବ ସେ ସମ୍ବନ୍ଧରେ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାଇବ୍ରେରୀର ଭାରପ୍ରାପ୍ତ ଅଧିକାରୀ ଅଧ୍ୟାପକ ଡ. ଶିବାନନ୍ଦ ସାହୁ, ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜିତ କୁମାର ମହାପାତ୍ର, ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଜନୀକାନ୍ତ ଖୁଣ୍ଟିଆ ଗ୍ରନ୍ଥାଗାରିକ ଶୁଭାଶିଷ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ଡ. ସୁଜାତା ସାହୁ ଏବଂ ସସ୍ମିତା ରାୟ ସହଯୋଗ କରିଥିଲେ। ଅଧ୍ୟାପିକା କଳ୍ପନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ




ଢେଙ୍କାନାଳ, ୧୩।୮ (ସମିସ): ଢେଙ୍କାନାଳ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରିବାକୁ ଚେତାବନୀ ଦିଆଯାଇଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଯେଉଁସବୁ ଐତିହାସିକ ପରିବର୍ତ୍ତନ ପାଇଁ ଗଣଶିକ୍ଷା ବିଭାଗ ଅଗଷ୍ଟ ୨ ତାରିଖ ଚିଠି ସଂଖ୍ୟା-୨୧୨୬୮ ଦ୍ୱାରା ପ୍ରକାଶ କରିଥିଲେ ତାହାକୁ ଗତ ୮ ତାରିଖ ପ୍ରତ୍ୟାହାର କରି ନିଆଯାଇଛି। ଫଳରେ ଯେଉଁ ସୁପାରିସ ଦ୍ୱାରା ଓଡ଼ିଶାର ଧ୍ୱଂସ ପାଇବାକୁ ବସିଥିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନୂତନ ଦିଗଦର୍ଶନ ମିଳିପାରିଥାନ୍ତା ତାହାକୁ ପ୍ରତ୍ୟାହୃତ କରାଯାଇଛି। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ଭାବେ ଶିକ୍ଷକ ନିଯୁକ୍ତି, ନୂତନ ଶିକ୍ଷକ ପଦବୀ ସୃଷ୍ଟି ଓ ଯୋଜନାଭିତ୍ତିକ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଥିଲା, ହେଲେ ଏହାକୁ ବିଭାଗ ହଟାଇ ଦେଇଛି। ସେହି ସମାନ ସୁପାରିସ ପୁନଃସ୍ଥାପନ କରିବା ପାଇଁ କନିଷ୍ଠ ଶିକ୍ଷକମାନେ ଦାବି କରିଛନ୍ତି। ଉକ୍ତ ସୁପାରିସକୁ ଆସନ୍ତା ୧୭ ତାରିଖ ସୁଦ୍ଧା ନିୟାମକରେ ପରିଣତ ନ କଲେ କନିଷ୍ଠ ଶିକ୍ଷକମାନେ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବ୍ରହ୍ମାକୁମାରୀ ସଂସ୍ଥା ତରଫରୁ ରକ୍ଷାବନ୍ଧନ

ଢେଙ୍କାନାଳ, ୧୩।୮ (ସମିସ): ସ୍ଥାନୀୟ ବ୍ରହ୍ମକୁମାରୀ ଆଶ୍ରମ ତରଫରୁ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି। ଢେଙ୍କାନାଳ କେନ୍ଦ୍ର ପ୍ରଭାରୀ ବିକେ ଉଷାଙ୍କ ନେତୃତ୍ୱରେ ରକ୍ଷାବନ୍ଧନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ସେମାନେ ରାସ୍ତା ପାର୍ଶ୍ୱରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ରାକ୍ଷୀ ବାନ୍ଧିଥିଲେ। ଅପରାହ୍ନରେ ଶ୍ରୀରାମ ମଣ୍ଡପରେ ଅନୁଷ୍ଠିତ ସାଧାରଣ ସଭାରେ କେନ୍ଦ୍ର ପ୍ରଭାରୀ ବିକେ ଉଷା କହିଥିଲେ ଯେ ଭାଇଚାରା ପ୍ରୋତ୍ସାହିତ କରିବା ବ୍ୟତୀତ ଦିବ୍ୟବନ୍ଧନର କୌଣସି ସୀମା ନାହିଁ। ଆମେ ପରସ୍ପର ସହ ଆଧ୍ୟାତ୍ମିକ ଭାବେ ଜଡ଼ିତ। ତେଣୁ ଆମେ ପୃଥିବୀରେ ଏକ ସୁସ୍ଥ ସାମାଜିକ ବ୍ୟବସ୍ଥା ପାଇଁ ଭାଇଚାରା ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିପାରିବା ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ପାରାଦୀପ ଆଇଓସିଏଲ୍‌ର ମୁଖ୍ୟ ମହାପ୍ରବନ୍ଧକ ଡ. ତ୍ରିନାଥ ସାହୁ ସମ୍ମାନିତ ଅତିଥି ଭାବେ ଭାରତୀୟ ଜୀବନବୀମା ନିଗମର ଅବସରପ୍ରାପ୍ତ ଆଞ୍ଚଳିକ ପ୍ରବନ୍ଧକ ଅକ୍ଷୟ କୁମାର ସାହୁ ଯୋଗଦେଇ ମାର୍ଗଦର୍ଶନ କହିଥିଲେ।

# ତ୍ରିରଙ୍ଗା ପଦଯାତ୍ରା; ବିବିଧତା ମଧ୍ୟରେ ଏକତାର ବାର୍ତ୍ତା

**■ ଢେଙ୍କାନାଳ ଜିଲ୍ଲା ପ୍ରଶାସନ**



ଢେଙ୍କାନାଳ, ୧୩।୮ (ସମିସ): ସଦର ମହକୁମା ବାଜି ଚୌକରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖ ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଆୟୋଜନ କରାଯାଇଛି। ଏହି ଶୋଭାଯାତ୍ରା ଜରିଆରେ ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ଦିଆଯାଇଛି। ଏଥିରେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତ ବର୍ଗର ଜନସାଧାରଣ ସାମିଲ ହୋଇଥିଲେ। ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜିଲ୍ଲାର କଳାକାର ଗୋଷ୍ଠୀ, ବୁଦ୍ଧିଜୀବୀ, ଜନପ୍ରତିନିଧି, ସାମାଜିକ ଅନୁଷ୍ଠାନ, ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉତ୍ସାହ ଓ ଗର୍ବର ସହ ଜାତୀୟ ପତାକା ଧରି ଦେଶାତ୍ମବୋଧକ ସ୍ଲୋଗାନ ଦେଇ ପଦଯାତ୍ରା କରିଥିଲେ। ତ୍ରିରଙ୍ଗା ଯାତ୍ରାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଏସ୍‌ପି ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ।

**● ଢେଙ୍କାନାଳ ଡାକମଣ୍ଡଳ**



**ଢେଙ୍କାନାଳ:** ଢେଙ୍କାନାଳ ଡାକମଣ୍ଡଳ ତରଫରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପ୍ରଭାତଫେରି କାର୍ଯ୍ୟକ୍ରମରେ ଢେଙ୍କାନାଳ ଡାକ ଅଧିକ୍ଷକ କାର୍ଯ୍ୟାଳୟ ଏବଂ ଢେଙ୍କାନାଳ ପ୍ରଧାନ ଡାକଘରର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ପ୍ରଧାନ ଡାକଘର ସମ୍ମୁଖରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବସଷ୍ଟାଣ୍ଡ, ମୁଖ୍ୟ ଷ୍ଟାଡିୟମ, ରାଜପ୍ରାସାଦ, ବଳରାମ ମନ୍ଦିର ଏବଂ ପରିବା ମାର୍କେଟ ଦେଇ ଫେରିଥିଲା। ଢେଙ୍କାନାଳ ଡାକମଣ୍ଡଳ ଅଧିକ୍ଷକ ଯମେଶ୍ୱର ଗଡ଼ନାୟକ ଏହାର ନେତୃତ୍ୱ ନେଇଥିଲେ। ଡାକମଣ୍ଡଳର ସହକାରୀ ଡାକ ଅଧିକ୍ଷକ ଅମୂଲ୍ୟ ପ୍ରସାଦ ପଣ୍ଡା, ପ୍ରଧାନ ଡାକଘରର ପୋଷ୍ଟମାଷ୍ଟର ସତ୍ୟବାଦୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**■ ଢେଙ୍କାନାଳ ପୌରପାଳିକା**



ଢେଙ୍କାନାଳ: ଢେଙ୍କାନାଳ ପୌରପାଳିକା ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରାଯାଇ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ, ଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଓ ପୌର କର୍ମଚାରୀ ସାମିଲ ହୋଇଥିଲେ।

**● ଯୋରନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟ**

**ଗଁଦିଆ/ଯୋରନ୍ଦା:** ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟ ଏନସିସି ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ସ୍କାଉଟ, ଗାଇଡ, ଜେଆରସି ଇକୋ କ୍ଲବ ଛାତ୍ରଛାତ୍ରୀଙ୍କ ଦ୍ୱାରା ତ୍ରିରଙ୍ଗା ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସକାଳ ୮ଟାରେ ତେରମାଇଲ ଛକ ନିକଟରୁ ଶୋଭାଯାତ୍ରା ବାହାରି କାଙ୍କଲୁଣ୍ଡା, ଡିହସାହି, ଜାମୁସରା, ନାଟିମା, ତାରିଣୀ ଛକ, ପଞ୍ଚାୟତ କାର୍ଯ୍ୟାଳୟ, ଯୋରନ୍ଦା ଓ ଗାଦି ମନ୍ଦିର ଦେଇ ବିଦ୍ୟାଳୟକୁ ଫେରିଥିଲା। ଏନସିସି ଶିକ୍ଷକ ଉତ୍ତମ କୁମାର ସାମନ୍ତ ଶୋଭାଯାତ୍ରା ପରିଚାଳନା କରିଥିବା ବେଳେ ଗଜେନ୍ଦ୍ର ମଲ୍ଲିକ, ଶୁଭସ୍ମିତା ସ୍ୱାଇଁ ଓ ମଞ୍ଜୁବାଳା ବେହେରା ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର ଓ ଢେଙ୍କାନାଳ ୧୨-ଓଡ଼ିଶା ଏନସିସି ବାଟାଲିୟନର




କମାଣ୍ଡିଂ ଅଫିସର ଲେଫ୍‌ନାଣ୍ଟ କର୍ଣ୍ଣଲ ମାନସ ମିଶ୍ର ଏଥିରେ ସାମିଲ ହୋଇଥିଲେ।

**■ ଢେଙ୍କାନାଳ ନଗର ବିଜେପି**

**ଢେଙ୍କାନାଳ:** ଢେଙ୍କାନାଳ ନଗର ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସ୍ଥାନୀୟ ବାଜିଚୌକରେ ପହଞ୍ଚି ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପତାକା ଦେଖାଇ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଭାରତ ମାତାଙ୍କ ପ୍ରତିମୂର୍ତ୍ତିରି ନିକଟରେ ପହଞ୍ଚିବା ପରେ ସେଠାରେ ଭାରତମାତା, ଅନ୍ୟାନ୍ୟ ମହାପୁରୁଷ ଓ




ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇ ଉଦଯାପିତ ହୋଇଥିଲା। ଏଥିରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ଉପସଭାପତି ମାତୃପ୍ରସାଦ ନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ, ଓଡ଼ିଶା ସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂହଦେଓ, ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଅନୁସୂଚିତ ଜାତି ଜିଲ୍ଲା ସଭାପତି ଲକ୍ଷ୍ମୀଧର ଦଲେଇ, ନଗରମଣ୍ଡଳ ସଭାପତି ବିକାଶ ଚନ୍ଦ୍ର ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

**● ପରଜଙ୍ଗ ମହାବିଦ୍ୟାଳୟ**




**ପରଜଙ୍ଗ:** ପରଜଙ୍ଗ ମହାବିଦ୍ୟାଳୟ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତାରାଣୀ ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ଧରି ମହାବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ହାଇସ୍କୁଲ, ମେଡିକାଲ ଦେଇ ପୁଣି ମହାବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ, ପ୍ରସନ୍ନ କୁମାର ସାହୁ, ପ୍ରଣବ ପ୍ରକାଶ ବେହେରା, ସମୀର ମୁକୁଟ, କୁମାର କୌଶିକ ଦେହୁରୀ, ସସ୍ମିତା ସାହୁ, ଦେବୀକୃପା ଦଳବେହେରା, କର୍ମଚାରୀ ଦୁର୍ଗାଚରଣ ରାଉତ, ବିନୟ କୁମାର ଦଳବେହେରା, ରୁକ୍ମିଣୀ ରାଉତ, ଅମୂଲ୍ୟ ସାହୁ ପ୍ରମୁଖ ଶୋଭାଯାତ୍ରା ପରିଚାଳନା କରିଥିଲେ। ସେହିପରି ୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା ଓ ବକ୍ତୃତା ଆଦି ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପକ ଅଞ୍ଜନ କୁମାର ମହାରଣା, କୁଳମଣି ମେହେର, ମୌସୁମୀ ବାଗ, କମଳ କିଶୋର ଭୋଇ, ସମୀର ଭୋଇ ପ୍ରମୁଖ ଏଥିରେ ବିଚାରକ ଦାୟିତ୍ୱ ତୁଲାଇଥିଲେ।

ଲୁହାପଙ୍କ ପଞ୍ଚାୟତରେ ଜନଶୁଣାଣି

# ବର୍ଜ୍ୟବସ୍ତୁ ପ୍ରକଳ୍ପ ସ୍ଥାପନକୁ ତୀବ୍ର ବିରୋଧ

ରେଢ଼ାଖୋଲ,୧୩।୮ (ସମିସ):







ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଲୁହାପଙ୍କ ପଞ୍ଚାୟତ ବୁଢିପାଣି ଗ୍ରାମ ନିକଟରେ ପ୍ରସ୍ତାବିତ ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ସର୍ବସାଧାରଣ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି।ଜନଶୁଣାଣିରେ ମେସର୍ସ ନିଉଅନ୍ ଗ୍ରୀନଟେକ୍ ଏଲଏଲପି ଦ୍ୱାରା ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର (ବାୟୋ ମେଡିକାଲ ୱେଷ୍ଟ ପ୍ରୋଜେକ୍ଟ)କୁ ଅଞ୍ଚଳବାସୀଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଏଥିନେଇ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ନିକଟକୁ ପ୍ରକଳ୍ପ ବନ୍ଦ ସମ୍ବନ୍ଧରେ ଲିଖିତ ଅଭିଯୋଗ ଅଞ୍ଚଳବାସୀ କରିଛନ୍ତି। ଜନଅଭିଯୋଗ ଶୁଣାଣିରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ସତ୍ୟନାରାୟଣ ନନ୍ଦ ଯୋଗ ଦେଇଥିଲେ। ପ୍ରକଳ୍ପ ସ୍ଥାପନ ଦ୍ୱାରା ପରିବେଶ ଉପରେ ଗୁରୁତ୍ୱ ଦେଇ ପ୍ରକଳ୍ପଟି ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପ୍ରବନ୍ଧକ ନିୟମ ୨୦୧୬ ଅନୁଯାୟୀ ଆଧୁନିକୀକରଣ ପ୍ରକ୍ରିୟା ଓ ନିଷ୍କାସନ ପ୍ରଯୁକ୍ତି ବ୍ୟବହାର କରାଯିବ ବୋଲି ପ୍ରତିକ୍ରିୟା ଦେବା ସହ ଏହା ଜନସାଧାରଣଙ୍କ କୌଣସି କ୍ଷତି କରିବ ନାହିଁ ବୋଲି କହିଥିଲେ। ଜନଶୁଣାଣିରେ ଲୁହାପଙ୍କ ପଞ୍ଚାୟତର ବୁଢୀପାଣି, ହେମାମୁରା ଆଦି ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

## ନାରୀ ସୁରକ୍ଷା ଏବଂ ଯୌନ ଉତ୍ପୀଡନ ସଚେତନତା

କୁଚିଣ୍ଡା,୧୩।୮ (ସମିସ):ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବୃତ୍ତିକୁ ରୋକିବା,ନାରୀ ଓ ଶିଶୁ ସୁରକ୍ଷା ଏବଂ ଯୌନ ଉତ୍ପୀଡନ ନିରୋଧ ବିଷୟରେ ସଚେତନତା କାର୍ଯ୍ୟକ୍ରମ ବାମରା ଟିଏଫ ମହାବିଦ୍ୟାଳରେ ଗୋବିନ୍ଦପୁର ପୁଲିସ ପକ୍ଷରୁ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବାମରା ଟିଏଫ ମହାବିଦ୍ୟାଳର ଛାତ୍ରଛାତ୍ରୀ,ଅଧ୍ୟାପକ , ଅଭିଭାବକ, ସମାଜସେବୀ ଓ ପୁଲିସ ଅଂଶଗ୍ରହଣ କରିଥିଲେ।କୁଚିଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ କୁମାର ଦାସ ଆତ୍ମହତ୍ୟା ଭଳି କାର୍ଯ୍ୟର କୁପରିଣାମ, ମାନସିକ ଚାପ ପରିଚାଳନା, ଏବଂ ପରିବାର-ସମାଜର ସହଯୋଗର ଆବଶ୍ୟକତା ବିଷୟରେ ସଚେତନ କରିଥିଲେ। ନାରୀ ଓ ଶିଶୁଙ୍କ ସୁରକ୍ଷା ପାଇଁ ଆଇନ, ହେଲ୍ପଲାଇନ ନମ୍ବର, ସରକାରୀ ଯୋଜନା, ସହାୟତା କେନ୍ଦ୍ର ଓ ପୋଲିସ ସହାୟତା ବ୍ୟବସ୍ଥା ବିଷୟରେ ବିସ୍ତୃତ ସୂଚନା ଦିଆଗଲା। ଏଥିରେ ଶିକ୍ଷା ସଂସ୍ଥାନ ଓ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ନିଷେଧ କାନୁନ (ପୋସ ଆଇନ) ବିଷୟରେ ବିଶେଷ ଆଲୋଚନା ହେଲା। କାର୍ଯ୍ୟକ୍ରମ ଶେଷରେ ଅଂଶଗ୍ରାହୀମାନେ ନିଜ-ନିଜ ପରିବେଶରେ ସଚେତନତା କରିବା , ଅସୁବିଧାରେ ପଡ଼ିଥିବା ବ୍ୟକ୍ତିଙ୍କୁ ସହାୟତା କରିବା ଓ ସୁରକ୍ଷିତ ସମାଜ ଗଠନରେ ଯୋଗଦାନ କରିବା ପାଇଁ ଶପଥ ନେଲେ।

## ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ

ଜମନକିରା,୧୩।୮ (ସମିସ): ଆମ ଦେଶରେ ନିଶା ସେବନ ବିଶେଷ ଭାବରେ ଯୁବଙ୍କ ମଧ୍ୟରେ ବଢୁଛି। ଏନେଇ ଜମନକିରା ବ୍ଲକ୍ ପ୍ରଶାସନ ପକ୍ଷରୁ ଜମନକିରା ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ପାଇଁ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବରେ ରବୀନ୍ଦ୍ର ସେଠୀ ବିଡ଼ିଓ ଜମନକିରା, ମୁଖ୍ୟବକ୍ତା ଭାବରେ ଦେବକୀ ନାଏକ ଏବିଇଓ ଜମନକିରା, ସମ୍ମାନିତ ଅତିଥି ଭାବରେ ଯଜ୍ଞସିନି ନାଏକ ସରପଞ୍ଚ ଜମନକିରା, ରୁସଭ ମାଝୀ ଯୋଗ ଦେଇଥିଲେ। ଲୁକେଶ କୁମାର ବାଘ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ନିଶାମୁକ୍ତ ଅଭିଯାନ ପାଇଁ ବକ୍ତୃତା,ଚିତ୍ରାଙ୍କନ ଓ ରଚନା ପ୍ରତିଯୋଗିତା ହୋଇଥିଲା। ବକ୍ତୃତାରେ ପ୍ରଥମ ହୋଇ ଥିଲେ ମମତା ରଣା, ସୋଲିନା ପ୍ରଧାନ, ଲିପସା ରାଣୀ ରଣବିଡ଼ା, ଚିତ୍ରାଙ୍କନରେ ପ୍ରଥମ ଗଣନାଥ ଝଙ୍କର, ମହମ୍ମୋଡ ଫରହ୍, ଆକାଶ ପଧାନ,ରଚନ।ରେ ପ୍ରଥମ ହୋଇ ଥିଲେ ସଲିନା ପଧାନ, ବନ୍ଦନା ସା, ହରିପ୍ରିୟା ଦେବନାଥ ,ରଞ୍ଜିତା ମାଝୀ, ଜ୍ୟୋତିମୟୀ ବିଶ୍ୱାଳ, ମନ୍ଦାକିନୀ ପତି, ନିହାରିକା ସାମଲ, ଶୋଭା ରାଣୀ ବାଘ, ଦୀପକ କିସ।ନ, ସୁବାଶିଷ ବେହେରା, ଏ ସାହୁ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମେ ସମସ୍ତେ ଶପଥ ପାଠ କରି ଥିଲେ।

## ଜୟ ତାରା ମା' ଏସ୍ଏଚ୍‌ଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୧୩।୮ (ସମିସ):ସମ୍ବଲପୁର ମହାନିଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ନାମରେ ସଙ୍ଗୀନ ଅଭିଯୋଗ। ବିଭିନ୍ନ ସମୟରେ ସ୍ୱଂ ସହାୟକ ଗୋଷ୍ଠୀ(ଏସଏଚ୍‌ଜି)କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଏପରି ବାଧ ହୋଇ ଏସଏଚ୍‌ଜି ଗ୍ରୁପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ବୁର୍ଲା ବାସନ୍ତୀ କଲୋନୀ ସ୍ଥିତ ଜୟ ତାରା ମା'ଏସଏଚ୍‌ଜିକୁ ଏସଏମସିର ଅତିରିକ୍ତ ଆୟୁକ୍ତ ସରୋଜିନୀ ପ୍ରସନ୍ନ କୁଲ୍ଲୁ ବାରମ୍ବାର ହଇରାଣ କରୁଥିବା ଗ୍ରୁପର ସଭାପତି ଜିଲ୍ଲାପାଳଙ୍କ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ,ଅତିରିକ୍ତ କମିଶନର ସଦସ୍ୟା ମାନଙ୍କୁ ଅଯଥାରେ ଚାପ, ଧମକ ସହ ଅନାବଶ୍ୟକ ଆଚରଣ କରୁଛନ୍ତି। ମୌଖିକ ଅପବ୍ୟବହାର କରୁଥିବାରୁ କାର୍ଯ୍ୟକ୍ଷେତ୍ରରେ ବାଧା ସୃଷ୍ଟି ହେଉଛି। ସ୍ୱଚ୍ଛ ସାଥୀଙ୍କ ଦରମା ବିଷୟରେ ବାରମ୍ବାର ପଚାରିଲେ ମଧ୍ୟ ଶ୍ରୀମତି କୁଲ୍ଲୁ କୌଣସି ପଦକ୍ଷେପ ଗ୍ରହଣ କରନ୍ତି ନାହିଁ। ଖୁସି ଯୋଜନା ବିଷୟରେ ପଚାରିଲେ, ସେ ଯୋଜନା ବିଷୟରେ ଜାଣିନାହିଁବୋଲି ଉତ୍ତର ରଖୁଛନ୍ତି। ତେଣୁ ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରୁପର ସଭାପତି ଲିନୁ ପରିଡ଼ା, ସମ୍ପାଦକ ବାସନ୍ତି ସେଠିଆ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ଅତିରିକ୍ତ କମିଶନରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ବୁର୍ଲା ରୋଟାରୀ କ୍ଲବ୍‌ର ପ୍ରତିଷ୍ଠା ଉତ୍ସବ

ସମ୍ବଲପୁର,୧୩।୮ (ସମିସ): ଭିସୁଟ୍‌ର ଇ-ଲର୍ଣ୍ଣିଂ ସେଣ୍ଟରରେ ବୁର୍ଲା ରୋଟାୀୟରୀ କ୍ଲବ୍‌ର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ରୋଟାରୀ କ୍ଲବ୍‌ର ନୂତନ ପଦାଧିକାରୀଙ୍କୁ ଚୟନ କରାଯାଇଛି। ସୁମନ୍ତ ନାୟକ ସଭାପତି ହୋଇଥିବା ବେଳେ ଦିନେଶ ନାୟକ ସମ୍ପାଦକ ମନୋନୀତ ହୋଇଛନ୍ତି। ଦେବଦତ୍ତ ମିଶ୍ରଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭିସୁଟ କୁଳପତି ପ୍ରଫେସର ଦିପକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରୋଟାରୀ କ୍ଲବର ସମାଜ ସେବାକୁ ପ୍ରଶଂସା କରିଥିଲେ। ଜିଲ୍ଲା ଗଭର୍ଣ୍ଣର ଅମିତ ଜୟସ୍ୱାଲ ରୋଟାରୀର ବିଶ୍ୱ ମାନବିକ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ସହାୟକ ଜିଲ୍ଲା ଗଭର୍ଣ୍ଣର ରଞ୍ଜିତ ସିଂହ ହୁରା ରୋଟାରୀର କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦାୟୀ କ୍ଲବ ସଭାପତି ସଞ୍ଜୟ ପଟ୍ଟନାୟକ ତାଙ୍କ କାର୍ଯ୍ୟକାଳ ବିଷୟରେ ଅଭିଜ୍ଞତା କହିଥିଲେ। ବିଦାୟୀ ସମ୍ପାଦକ ଏସ୍‌ବି ବିଶ୍ୱାଳ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ନୂତନ ସଭାପତି ସୁମନ୍ତ ନାୟକ ସଦସ୍ୟମାନଙ୍କୁ ସେବା ମାଧ୍ୟମରେ ସମାଜ ସହିତ ସମ୍ପର୍କକୁ ଆହୁରି ଗଭୀର କରିବାକୁ ଉତ୍ସାହିତ କରିଥିଲେ। ସମ୍ପାଦକ ଦିନେଶ ନାୟକ ୨୦୨୫-୨୬ ପାଇଁ କାର୍ଯ୍ୟ ଯୋଜନା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଏବଂ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଡି କପାନି, ଆର୍‌କେ ଯାଯୋଡିଆ, ବିଏମ୍ ମିଶ୍ର, ଏସ୍‌ପି ପାଢ଼ୀ, ବି ବେହୁରିଆ, ଏସ୍‌ସି ପଣ୍ଡା, ଏକେ ବେହେରା, ଏସ୍‌କେ ସ୍ୱାଇଁ, ଏମ୍‌ଆର ମହାନନ୍ଦ, ଡି ମହାଲିକ, ଶର୍ମିଳା ଗଡ଼ନାୟକ, ମୀରା ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଏସ୍‌ଏସ କାବୁଲି ଧନ୍ୟବାଦ ଅର୍ପଣ କରିଥିଲେ।

## ବୁର୍ଲା ଡିଏଭି ସ୍କୁଲରେ ସଂସ୍କୃତ ଦିବସ




ସମ୍ବଲପୁର,୧୩।୮ (ସମିସ): ବୁର୍ଲା ଡିଏଭି ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ସଂସ୍କୃତ ଶିକ୍ଷକ ସୁଶାନ୍ତ କୁମାର ସାହୁ ସଂସ୍କୃତ ଭାଷାର ମହତ୍ତ୍ୱ ଏବଂ ଏହି ଦିବସ ପାଳନର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଓଡ଼ିଶୀ ନୃତ୍ୟ, ସଙ୍ଗୀତ ତଥା ଭାଷା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉତ୍ସବରେ ଭାରତ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ଜନ୍ମଜୟନ୍ତୀ ଅବସରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ମହାକାଶ ସମ୍ବନ୍ଧିତ କୁଇଜ୍, ବକ୍ତୃତା ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗ ତଥା ବିଦ୍ୟାଳୟ ଉତ୍ସବ କମିଟି ପରିଚାଳନା କରିଥିଲେ। ବିଦ୍ୟାଳୟର ବିଦ୍ୟାର୍ଥୀ ଅନୋଖୀ ସାହୁ ଓ ମଣିକର୍ଣ୍ଣିକା ସ୍ୱାଇଁ ସଂଯୋଜନା କରିଥିଲେ। ଶେଷରେ ସଂସ୍କୃତ ଶିକ୍ଷକ ଡଃ ଶାନ୍ତନୁ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବସୁନ୍ଧରା ଯୋଜନାରେ ୬୩୩ପଟ୍ଟା ବଣ୍ଟନ



ରେଢ଼ାଖୋଲ,୧୩।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢାଖୋଲ ସହରର କଦମ୍ବ ପଡିଆରେ ମଙ୍ଗଳବାର ଦିନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ସରକାର ଗରିବ ଅସହାୟ ଭୂମିହୀନ ପରିବାର ଲୋକଙ୍କୁ ଜମି ପଟ୍ଟା ସଂକ୍ରାନ୍ତୀୟ ସମାଧାନ କରିବା ସହିତ ପ୍ରତ୍ୟେକ ଗରିବ ପରିବାରଙ୍କୁ ଜମିପଟ୍ଟା ଯୋଗାଇ ଦେବାକୁ ଅଙ୍ଗିକାର ବଦ୍ଧ ବୋଲି କହିଥିଲେ।କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ତଥା ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବନ୍ଦର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଧାଂଶୁ କୁମାର୍ ଭୋଇ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ରେଢ଼ାଖୋଲ ବ୍ଲକ୍ ଅଧ୍ୟକ୍ଷ ପ୍ରଦିପ ପ୍ରଧାନ, ନାକଟିଦେଉଳ ବ୍ଲକ୍ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ରେଢ଼ାଖୋଲ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଡ଼ିଓ ରାଜେନ୍ଦ୍ର ନାରାୟଣ ସେନାପତି, ନାକଟିଦେଉଳ ତହସିଲଦାର ଅମରେନ୍ଦ୍ର ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ବସୁନ୍ଧରା ଯୋଜନାରେ ରେଢ଼ାଖୋଲ ବ୍ଲକ୍‌ରେ ୧୯୪ ଜଣ ହିତାଧିକାରୀ, ନାକଟିଦେଉଳ ବ୍ଲକ୍‌ର ୭୪ ଜଣ, ଜଙ୍ଗଲ ଜମି ପଟ୍ଟାରେ ରେଢ଼ାଖୋଲ ବ୍ଲକ୍‌ର ୧୯୨ ଜଣ, ନାକଟିଦେଉଳ ବ୍ଲକ୍‌ର ୪୧ ଜଣ ଏବଂ ସ୍କୁଲ ଓ କଲେଜମାନଙ୍କୁ ପଟ୍ଟା ହସ୍ତାନ୍ତରରେ ରେଢ଼ାଖୋଲ ବ୍ଲକ୍‌ରେ ୯୨, ନାକଟିଦେଉଳରେ ୩୯ ଜଣ ହିତାଧିକାରୀ ସମେତ ମୋଟ୍ ୬୩୩ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ଓ ଅନ୍ୟାନ୍ୟ ସହାୟତା ରାଶି ଏବଂ ଭିନ୍ନକ୍ଷମ ଉପକରଣ ବଣ୍ଟା ଯାଇଥିଲା। ସେହିପରି ୪ ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର୍ ଏବଂ ୪ ଜଣଙ୍କୁ ଭିନ୍ନକ୍ଷମ ଇଣ୍ଟରକାଷ୍ଟ ମ୍ୟାରେଜ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସ୍କୁଲକୁ ଜମି ଦାନ ପାଇଁ ଦନେଇ ତାଣ୍ଡିଆ ଓ ପ୍ରକୃତି ପ୍ରେମୀ ଶିବରାମ ସାହୁଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

## ଭୀମଭୋଇ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ରେଢାଖୋଲ,୧୩।୮ (ସମିସ):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟରେ ବୁଧୁବାର ସଂସ୍କୃତ ସପ୍ତାହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଉତ୍ସବରେ ସଂସ୍କୃତ ବିଭାଗର ଅଧ୍ୟକ୍ଷ ଡ଼ ଭୋଜରାଜ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢୀ ନିଜର ବକ୍ତବ୍ୟରେ ସଂସ୍କୃତ ହେଉଛି ପୃଥିବୀର ସର୍ବ ପୁରାତନ ଭାଷା, ବିଶ୍ୱର ସବୁ ଭାଷାର ଜନନୀ, ଭାରତର ଆତ୍ମାକୁ ଆବିଷ୍କାର କରିବାକୁ ହେଲେ ଆମକୁ ସଂସ୍କୃତ ଅଧ୍ୟୟନ କରିବାକୁ ହେବ।

ମହାବିଦ୍ୟାଳୟର ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ସଂସ୍କୃତ ଭାଷାର ମହାନ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସାଂପ୍ରତିକ ବିକ୍ଷୁବ୍ଧ ବିଶ୍ୱରେ, ଜୀବନର ମହନୀୟତାକୁ ଉପଲବ୍ଧ କରିବା ପାଇଁ ବେଦ, ଉପନିଷଦ,ସମସ୍ତ ପୁରାଣ ସାହିତ୍ୟର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ବକ୍ତା ପ୍ରାଧ୍ୟାପକ ଡ.ମନୋରଞ୍ଜନ ମହନ୍ତ ଏବଂ ପ୍ରାଧ୍ୟାପିକା ସୁପ୍ରିୟା କୁମାରୀ ମଲ୍ଲିକ ସଂସ୍କୃତି ସମ୍ପନ୍ନ ହେବା ପାଇଁ ସଂସ୍କୃତର ଅପରିହାର୍ଯ୍ୟ ରହିବା ଦରକାର। ସଂସ୍କୃତ ବିଭାଗ ଅଧ୍ୟାପକ ସରୋଜ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ଆଦିବାସୀଙ୍କୁ ଅବହେଳା

## ଜଙ୍ଗଲ ଜମି ପଟ୍ଟା ଥାଇ ଧାନ ବିକ୍ରିକରି ପାରୁନାହାନ୍ତି

କୁଚିଣ୍ଡା,୧୩।୮ (ସମିସ):

ସାରା ଦେଶରେ ଆଦିବାସୀଙ୍କ ଜଙ୍ଗଲ ,ଜମି ଓ ଜଳ ଉପରେ ପୂର୍ଣ୍ଣ ଅଧିକାର ପ୍ରଦାନ କରଯାଇଛି। ଆଦିବାସୀ ବହୁଳ କୁଚିଣ୍ଡା ନିର୍ବାଚନମଣ୍ଡଳୀ ବି ଆଦିବାସୀଙ୍କ ପାଇଁ ସ୍ଥାନ ସଂରକ୍ଷଣ ରଖାଯାଇ ଏଠାର ଜନପ୍ରତିନିଧି ପ୍ରାୟତଃ ଆଦିବାସୀ ସମ୍ପ୍ରଦାୟରୁ ବିଭିନ୍ନ ପଦପଦବୀ ରହି ଆସୁଛନ୍ତି। ଏଠାକାର ଆଦିବାସୀଙ୍କୁ ମଧ୍ୟ ୩ ପିଢ଼ିରୁ ଊର୍ଦ୍ଧ୍ୱ ବସବାସ କରୁଥିବା ବ୍ୟକ୍ତିଙ୍କୁ ଦଖଲ କରୁଥିବା ଜଙ୍ଗଲ ଜମିରେ ଆଇଟିଡିଏ ପକ୍ଷରୁ ଜଙ୍ଗଲ ଜମିରେ ପଟ୍ଟା ପ୍ରଦାନ କରିଛନ୍ତି। ହେଲେ ଏହି ପଟ୍ଟା ଆଦିବାସୀଙ୍କ କୌଣସି କାମରେ ଆସୁନଥିବା ବହୁ ଆଦିବାସୀ ଅଭିଯୋଗ କରନ୍ତି। ଏମାନଙ୍କ ପାଇଁ ଜାତି ପ୍ରମାଣପତ୍ର କିମ୍ବା ଧାନ ବିକ୍ରି କରିବା ପାଇଁ ଚାଷୀ ପଞ୍ଜୀକରଣ କରି ଚାଷୀ କାର୍ଡ ହୋଇନପାବାରୁ ଚାଷୀ ବହୁ କଷ୍ଟ ଉପାର୍ଜିତ ଧାନ କୁ ଦଲାଲ ହାତରେ ଶାଗ ମାଛ ଦରରେ ବିକ୍ରି କରି ସର୍ବଶାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ଦଲାଲମାନେ କମ୍ ଦରରେ ଧାନ କିଣି ଅଧିକ ଯଙ୍କାରେ ବିକ୍ରିକରି ମାଲେମଲା ହେଉଛି। ଜଙ୍ଗଲ ଜମିରେ ଉପାର୍ଜିତ ଧାନ ବିକ୍ରି କରିବାକୁ ଚାଷୀ କିପରି ପଞ୍ଜିକୃତ ହୋଇ ଚାଷୀ ପରିଚୟ କାର୍ଡ ପାଇ ପାରିବେ ସେ ନେଇ ବହୁ ନିର୍ବାଚିତ ପ୍ରତିନିଧିଙ୍କୁ ଜଣାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଜଣେ ଚାଷୀ ସଫଳ ହୋଇନାହାନ୍ତି। ଅଞ୍ଚଳରେ ଜଙ୍ଗଲ ଜମିରେ ପଟ୍ଟା ପାଇଥିବା ବ୍ୟକ୍ତି ପ୍ରକାର ଆନ୍ଦୋଳନପନ୍ଥାକୁ ଆପଣାଇବା ପାଇଁ ଯୋଜନା ଚଳାଇଛନ୍ତି। କୁଚିଣ୍ଡା ଆଇଟିଡିଏ କିମ୍ବା ତହସିଲଦାର ଜଙ୍ଗଲ ଜମି ବିଭାଗ ଘଟଣାକୁ ଗୁରୁତର ସହ ବିଚାରକୁ ନେଇ ଜଙ୍ଗଲ ଜମିରେ ପାଇଥିବା ପଟ୍ଟାରେ ଚାଷୀ ପଞ୍ଜୀକରଣ କରି ଚାଷୀକାର୍ଡ ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ଦୈନିକ ପରିବା ବଜାରର ସୁବ୍ୟବସ୍ଥା ନେଇ ଆଲୋଚନା



ପଦ୍ମପୁର,୧୩।୮ (ସମିସ): ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ପଦ୍ମପୁର ବଣିକ ସଂଘ, ନାଗରିକ କମିଟି, ଦୁର୍ଗାପୂଜା କମିଟିର, ସଦସ୍ୟ ମାନଙ୍କୁ ନେଇ ବୈଠକ ବସିଛି। ବୈଠକରେ ପଦ୍ମପୁର ଦୈନିକ ବଜାର ଏବଂ ସାପ୍ତାହିକ ବଜାରର ସୁବ୍ୟବସ୍ଥା ନିମନ୍ତେ ଆଲୋଚନା କରାଯାଇଥିଲା। ମାଛ, ମାଂସ ଆଦି ଆମିଷ ଦୋକାନ ମାନ ଆର୍‌ଏମ୍‌ସି ବଜାରକୁ ସ୍ଥାନାନ୍ତରିତ କରି କେବଳ ପନିପରିବା ବଜାରକୁ ଯଥା ସ୍ଥାନରେ ରଖିବା ପାଇଁ ପ୍ରସ୍ତାବ ନିଆଗଲା। ତତ୍ ସଙ୍ଗେ ଭେଉଁରିଆ ଛକ ଠାରେ ଉପଯୁକ୍ତ ସ୍ଥାନ ଦେଖି ବାରଭାଇ ବେଣ୍ଟକାରଙ୍କ ପ୍ରତିମୂର୍ତ୍ତି ଯଥାଶୀଘ୍ର ସ୍ଥାପନ କରିବା ତଥା ସ୍ୱର୍ଗତ ରଣଜିତ ସିଂ ବରିହାଙ୍କ ପ୍ରତିମୂର୍ତ୍ତି ଥିବା ସ୍ଥାନର ଯତ୍ନ ନେଇ ସଫା ସୁତୁରା ରଖିବା ପାଇଁ ପ୍ରସ୍ତାବ ଦିଆଗଲା। ବୈଠକରେ ପରିଷଦ ଅଧିକାରୀ ରାମଚନ୍ଦ୍ର ମାଝୀ, ଅଜିତ ଶତପଥୀ, ପ୍ରତାପ ମିଶ୍ର, ଅଦିତ୍ୟ ରଥ, ଯୁଗଳ କିଶୋର ସାହୁ, ସନ୍ତୋଷ ମହାନ୍ତି, ନନ୍ଦ କିଶୋର ଅଗ୍ରୱାଲ, ଯୋଗେସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଦେରପାଲି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଗାଇସିଲେଟ,୧୩।୮ (ସମିସ): ଗାଇସିଲେଟ ବ୍ଲକ୍ ଅଧୀନ ଗୁଦେରପାଲି ଯୁକ୍ତ ଦୁଇ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରୀତିଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି କିଶୋର ପାତ୍ର ମୁଖ୍ୟ ଅତିଥି ଏବଂ ସମ୍ପାଦକ କିଶୋର ଚନ୍ଦ୍ର ଦେବତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କମିଟିର ସଦସ୍ୟ ଶୈଳବାଳା ଦେବତା, ମୁକେଶ ମୁରାରୀ କେଡିଆ, ମନୋହର ନାଏକ ମଞ୍ଚାସୀନ ଥିଲେ। ଏହି ଅବସରରେ କାନ୍ଥ ପତ୍ରିକା 'ସୀମା'ର ମଧ୍ୟ ଉନ୍ମୋଚନ କରାଯାଇଥିଲା। ଅଧ୍ୟାପକ ନରେନ୍ଦ୍ର ଦେହେରୀ, ଅଧ୍ୟାପିକା ଲୋପାମୁଦ୍ରା ପ୍ରଧାନ, ହେତୁ ପାତ୍ର, ଲିଙ୍ଗ ହାତୀ, ଜୟଦେବ ବିଶ୍ୱାଳ ସାହାଯ୍ୟ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଅର୍ଚ୍ଚନା ଦାଶ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରିଥିଲେ। ଅଧ୍ୟାପକ ମୁକେଶ ସାହୁ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଚମ୍ପେଶ୍ୱର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ଝାଡ଼େଶ୍ୱର ମନ୍ଦିରର ନୂତନ ପରିଚାଳନା କମିଟି

ବରଗଡ଼,୧୩।୮ (ସମିସ): ଶ୍ରୀ ଶ୍ରୀ ଝାଡ଼େଶ୍ୱର ବାବା ମନ୍ଦିର ରେଙ୍ଗାଲ ପାଲି (ସରସରା)ର ନୂତନ ମନ୍ଦିର ପରିଚାଳନା କମିଟି ଗଠନ ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୀର୍ତ୍ତି ଚନ୍ଦ୍ର ଭୋଇ ସଭାପତିତ୍ୱ କରିଥିଲେ। ସର୍ବ ସମ୍ମତି କ୍ରମେ ସୁକାନ୍ତ ଭୋଇଙ୍କୁ ସଭାପତି, ତୋଷବନ୍ତ ପଣ୍ଡା ଉପ ସଭାପତି, ସମ୍ପାଦକ ପରେଶ୍ ବିଶି, ସହସମ୍ପାଦକ ବ୍ରଜ କିଶୋର ମିଶ୍ର, କୋଷାଧ୍ୟକ୍ଷ ବିରେନ୍ଦ୍ର ନାଥ କୁମ୍ଭାର ଓ ମିଡିଆ ସଂଯୋଜକ ଭାବେ କିଶନଲାଲ ଗୋଥୁଆଲଙ୍କୁ ମନୋନୀତ କରାଗଲା। ବୈଠକରେ ତୋସବନ୍ତ ଦାସ, ଗଣେଶ ରାମ ଅଗ୍ରୱାଲ, ମୁକୁନ୍ଦ ରଥ, ସଦାଶିବ ସାହୁ, ଧର୍ମରାଜ୍ ଭୋଇ, ଯାଦବ ଭୋଇ, ସୁଶିଲ ଭୋଇ, ରୋହିତ ଭୋଇ, ସମୀର ପଣ୍ଡା, ମଣ୍ଟୁ ମହାପାତ୍ର, କ୍ଷିରୋଦ୍ର ସାହୁ, ଜୟ ପ୍ରକାଶ ପ୍ରଧାନ, ନିରଞ୍ଜନ ମଲ୍ଲିକ ଓ ପଞ୍ଚୁଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା

ବରଗଡ଼,୧୩।୮ (ସମିସ): ବ୍ଲକ୍‌ସ୍ତରୀୟ ୭୯ତମ ସ୍ୱାଧିନତା ଦିବସ ୨୦୨୫ ମହାସମାରୋହରେ ପାଳନ କରିବା ପାଇଁ ଝାରବନ୍ଧ ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଝାରବନ୍ଧ ଠାରେ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମହାସମାରୋହରେ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ହେବା ପାଇଁ ବ୍ଲକ୍ ପ୍ରଶାସନ ତରଫରୁ ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଚାଲିଛି। ଅନ୍ୟ ପଟେ ଝାରବନ୍ଧ ବିଇଓ ଶୁଭମ ପତିଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଗୁଡିକ ଏବିଇଓ ଦୟାନିଧି କୈବର୍ତ୍ତ, ବିଶିକେଶନ ଶତପଥୀ ସୂଚାରୁ ରୂପେ ସମ୍ପାଦନ କରୁଛନ୍ତି। ପ୍ରତିଯୋଗିତା ସ୍କୁଲ ଓ କଲେଜ ଗୁଡିକର ଛାତ୍ରଛାତ୍ରୀଙ୍କୁ ନେଇ, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ଲିଖନ, ତର୍କ, କୁଇଜ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ପ୍ରଥମ ଶ୍ରେଣୀରୁ ଆରମ୍ଭ କରି ସ୍ନାତକ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଝାରବନ୍ଧର ସମସ୍ତ ସିଆରସିସି, ବ୍ଲକ୍ କର୍ମଚାରୀ, ପାଳନ କମିଟିର ସଦସ୍ୟ ତଥା ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ଥିଲେ।

## ତାଳପଦର ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ କମିଟି

ବିଜେପୁର,୧୩।୮ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅଧୀନ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତାଳପଦରରେ ଆଭ୍ୟନ୍ତରୀଣ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଜେପୁର ଥାନା ଅଧିକାରୀ ସୁଶାନ୍ତ ମହାନ୍ତି, ସମ୍ମାନିତ ଅତିଥି ଏଏସଆଇ ସୋଭାଗିନି ମାଝୀ, ଆଇନଜୀବୀ ପ୍ରଶାନ୍ତ ପ୍ରଧାନ, ଆଇସିସି ଚେୟାରମ୍ୟାନ ଅଧ୍ୟାପିକା ଶୁଭଶ୍ରୀ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟାୟର ପ୍ରତିବାଦ, କାର୍ଯ୍ୟାଳୟରେ ଯୌନ ନିର୍ଯାତନା, ନାରୀ ସୁରକ୍ଷା ଆଇନ ଆଦିର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କ ଅବଗତି ନିମନ୍ତେ ଆଲୋକପାତ କରାଯାଇଥିଲା। ଅଧ୍ୟାପକ ଉପେନ୍ଦ୍ର ସାହୁ ସ୍ୱାଗତ ଭାଷଣ, ଅଧ୍ୟାପକ ଅକ୍ଷୟ ପ୍ରଧାନ ସଭା ସଞ୍ଚାଳନ ଓ ଶେଷରେ ଅଧ୍ୟାପକ ଉମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସାଳୟ ପହଞ୍ଚାଇଲା ସଂକଳ୍ପ ପରିବାର

ବରଗଡ,୧୩।୮ (ସମିସ): ବରଗଡ଼ ଭେଡେନ ରାସ୍ତାରେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ରାସ୍ତା କଡ଼ରେ ପଡିଥିବା ଅଚିହ୍ନା ବ୍ୟକ୍ତିଙ୍କୁ ଚିକିତ୍ସାଳୟରେ ପହଁଞ୍ଚାଇଲେ ସଂକଳ୍ପ ପରିବାରର ସଦସ୍ୟ ସାମାଜିକ କର୍ମୀ ବିକାଶ ଅଗ୍ରୱାଲ ଓ ଅସିତ ଖମାରି। ଭେଡେନରୁ ବରଗଡ଼ ରାସ୍ତା ଜାଣ୍ଡୋଲ ପାଖରେ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଜଣେ ବ୍ୟକ୍ତି ରାସ୍ତା କଡରେ ଗୁରୁତର ଅବସ୍ଥାରେ ପଡି ରହିଥିଲେ। ଘଟଣାସ୍ଥଳରେ ଅନେକ ଲୋକ ରୁଣ୍ଡ ହୋଇ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ସୁଦ୍ଧା ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ କରିଥିଲା। ସେହି ସମୟରେ ସଂକଳ୍ପ ପରିବାରର ସଦସ୍ୟ ବିକାଶ ଓ ଅସିତ ନିଜର ବ୍ୟକ୍ତିଗତ କାମରେ ଭେଡେନରୁ ଘରକୁ ଫେରୁଥିଲେ। ଆମ୍ବୁଲାନ୍ସ ପାଇଁ ଅପେକ୍ଷା ନକରି ଦୁର୍ଘଟଣାରେ ଗୁରୁତର ହୋଇ ପଡି ରହିଥିବା ବ୍ୟକ୍ତିଙ୍କୁ ଗାଡିରେ ବସାଇ ଭେଡେନ ସରକାରୀ ଚିକିତ୍ସାଳୟରେ ପହଞ୍ଚାଇ ଥିଲେ। ପରେ ଆହତ ବ୍ୟକ୍ତିଙ୍କ ମୋବାଇଲ ଫୋନ ସାହାଯ୍ୟରେ ସେମାନଙ୍କ ଘର ଲୋକଙ୍କ ସହ ଯୋଗାଯୋଗ କରି ଘରକୁ ଫେରିଥିଲେ। ଆହତ ବ୍ୟକ୍ତି ଜଣକ ଭେଡେନ ତଳିପଡା ନିବାସୀ ସାଧୁଚରଣ ମେହେର ହୋଇଥିବା ସୂଚନା ମିଳିଥିଲା।

## ବରିଷ୍ଠଙ୍କୁ ହତାଦର ବିରୋଧରେ ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୧୩।୮ (ସମିସ): ଅତାବିରା ଡିଗ୍ରୀ ମହାବିଦ୍ୟାଳୟରେ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ଅତାବିରା ବରିଷ୍ଠ ନାଗରିକ ସଂଘ ଓ ଅତାବିରା ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବରିଷ୍ଠ ମାନଙ୍କୁ ହତାଦର ବିରୋଧରେ ସଭାପତି ପ୍ରମୋଦ ଝାଙ୍କରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସଂଗଠନ ସମ୍ପାଦକ କେଦାର ମିଶ୍ର ବରିଷ୍ଠ ମାନଙ୍କୁ କିପରି ଭାବେ ସମ୍ମାନ ଦିଆଯିବ ବୁଝାଇଥିଲେ। ସମ୍ପାଦକ ଗୋବିନ୍ଦ ଦାଶ ପିପିପି ମାଧ୍ୟମରେ ଛାତ୍ରଛାତ୍ରୀ ବରିଷ୍ଠ ମାନଙ୍କୁ କିପରି ବ୍ୟବହାର ଦେଖାଇବେ ସେ ବିଷୟରେ ବୁଝାଇଥିଲେ। ଅତାବିରା ବରିଷ୍ଠ ନାଗରିକ ସଂଘ ସଭାପତି ଭରତ ପ୍ରଧାନ ଓ ପୂର୍ବତନ ସଭାପତି ବେଣୁଧର ମିଶ୍ର ମଞ୍ଚାସୀନ ଥିବା ବେଳେ ଗୌର ଚନ୍ଦ୍ର କର, ଭାରତ ଭୂଷଣ ଦାଶ, କୈଳାସ ପ୍ରଧାନ, ପ୍ରସନ୍ନ ପ୍ରଧାନ, ତୁଳସୀ ଚରଣ ଦାଶ, ସୁବୋଧ ବାରିକ, ବିରେନ୍ଦ୍ର ମିଶ୍ର, ପାଏନ ବୁଡି ପ୍ରଧାନ, ନବୀନ ଦାଶ, ଲେସ ପ୍ରଧାନ, ମଙ୍ଗଲୁ ବିଶ୍ୱାଳ, ରଘୁ ବିଶ୍ୱାଳ ଏବଂ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନଙ୍କ ମଧ୍ୟରେ ଅରୁଣ ତ୍ରିପାଠୀ, ଅସ୍ମିତା ଛତ୍ରିଆ, କ୍ରିଷ୍ଣାଞ୍ଜଳି ସାହୁ, ସଂଘମିତ୍ରା ଜେନା, ଅପର୍ଣ୍ଣା ସାହୁ, ଗିରିଜା ବରିହା ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ପ୍ରାଧ୍ୟାପକ ସୂର୍ଯ୍ୟ ନାରାୟଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋର୍ଦ୍ଧାରେ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା



ଖୋର୍ଦ୍ଧା,୧୩।୮ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜୟୀ ରାଜଗୁରୁ ଟାଉନ୍ ହଲ ପର୍ଯ୍ୟନ୍ତ ବୁଧବାର ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଯାତ୍ରାରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ, ଦେଶ ମାତୃକାର ସେବାରେ ସମସ୍ତ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ଯେଉଁ ତ୍ରିରଙ୍ଗା ଯାତ୍ରା କରାଯାଉଛି ତାହା ଲୋକଙ୍କ ମଧ୍ୟରେ ଉନ୍ମାଦନା ଜାଗ୍ରତ କରିବ। ସମାଜକୁ ବଞ୍ଚାଇବାକୁ ଅଛି ଓ ଦେଶକୁ ଆଗେଇବାର ଅଛି ବୋଲି ସେ କହିଥିଲେ। ଏଥିରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଏସ୍‌ପି ସାଗରିକା ନାଥ, ଅତିରିକ୍ତ ଏସ୍‌ପି ଅମ୍ରିତ ପାଲ୍ ସିଂ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ପୌର ନିର୍ବାହୀ ଅଧିକାରୀ ରିଜିୱାନା କଅକବ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଡେପୁଟି କଲେକ୍ଟର, ଜନପ୍ରତିନିଧି, ଛାତ୍ରଛାତ୍ରୀ, ମିଶନ ଶକ୍ତି ମହିଳା ପ୍ରମୁଖ ସାମିଲ ହୋଇଥିଲେ।

# ଅସ୍ଥାୟୀ ଡିଏଲ୍ଆର୍ କର୍ମଚାରୀଙ୍କୁ ଦାୟିତ୍ୱ ପରେ ଦାୟିତ୍ୱ ପ୍ରଦାନ

ଖୋର୍ଦ୍ଧା,୧୩।୮ (ସମିସ): ଖୋର୍ଦ୍ଧା ପୌରପରିଷଦ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ଜଣେ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କୁ ଦାୟିତ୍ୱ ପରେ ଦାୟିତ୍ୱ ପ୍ରଦାନ କରି ଚାଲିଛନ୍ତି। ଏହି ଅସ୍ଥାୟୀ ଡିଏଲଆରଙ୍କୁ ନେଇ ବିବାଦ ବଢୁଥିବାବେଳେ ଏ ଚର୍ଚ୍ଚାକୁ ପୌର ପ୍ରଶାସନର ପଦକ୍ଷେପ ଆହୁରି ତେଜୁଛି। ମାତ୍ର ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ସମସ୍ତ କାଉନସିଲର ସବୁ ଜାଣି ନିରବ ରହିବା ଏବଂ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଏକ ପ୍ରକାର ସନ୍ଦେହଜନକ ପରିସ୍ଥିତି ସୃଷ୍ଟି କରିଛି।

ଉକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କ ଉପରେ ବରୁଣେଇଠାରେ ଥିବା ପିଣ୍ଡି, ବିବାହ ମଣ୍ଡପ, ନୂଆ

- ସନ୍ଦେହ ଘେରରେ ପୌର ପ୍ରଶାସନ
- କର୍ତ୍ତୃପକ୍ଷଙ୍କ ଅଗୋଚରରେ ସାର୍ବଜନୀନ ହେଉଛି କାର୍ଯ୍ୟାଳୟ ନୋଟିସ୍
- ଯାଞ୍ଚ କମିଟି ଗଠନକୁ ପୌର ନିର୍ବାହୀ ଅଧିକାରୀଙ୍କ ଖଣ୍ଡନ

ବସଷ୍ଟାଣ୍ଡ, ଆହାର କେନ୍ଦ୍ର, ଟ୍ରେଡ ଲାଇସେନ୍ସ, ପାର୍କିଂ ନିଲାମ, ପୋଖରୀ ନିଲାମ ଭେଣ୍ଡିଂଜୋନ୍ ପ୍ରଭୃତି ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପୌର ପ୍ରଶାସନ ପକ୍ଷରୁ ନ୍ୟସ୍ତ କରାଯାଇଛି। ଏମିତିକି ଗତ ଜୁଲାଇ ମାସରେ



ଖୋର୍ଦ୍ଧା ପୌର ପରିଷଦ

ଅବସର ନେଇଥିବା କର୍ମଚାରୀଙ୍କ ଉପରେ ନ୍ୟସ୍ତ ଥିବା ବିଭାଗୀୟ କାର୍ଯ୍ୟ ତାଙ୍କ ହାତକୁ ଟେକିଦେଇଛି ପୌରପ୍ରଶାସନ। ଯାହା ସମସ୍ତଙ୍କୁ ବେଶୀ ଚକିତ କରିଛି। ଏହି କର୍ମଚାରୀ ବିଭିନ୍ନ ଆଳରେ ଟଙ୍କା କଲେକ୍ସନ କରିବାକୁ ନୂଆ ଫଣ୍ଡାକୁ ଆପଣାଉଛନ୍ତି। ପୌରାଞ୍ଚଳରେ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ଦୋକାନ ଗୃହ ଲିଜ୍ ସୂତ୍ରରେ ଦିଆଯାଇଛି। ପୌରପରିଷଦ ପକ୍ଷରୁ ଅଗଷ୍ଟ ୧ ତାରିଖରୁ ସହିଦ ମାର୍କେଟ ଏବଂ ପୁରୁଣା ବସଷ୍ଟାଣ୍ଡସ୍ଥିତ ଏନ୍‌ଏଏସି ମାର୍କେଟରେ ଥିବା ଦୋକାନ ଗୃହର ମାସିକ ଲାଇସେନ୍ସ ଫି' ଆଦାୟ ଦାୟିତ୍ୱ ସମ୍ପୃକ୍ତ କର୍ମଚାରୀଙ୍କୁ ଦିଆଯାଇଛି। ଏହାର ସୁଯୋଗରେ ଲିଜ୍ ସୂତ୍ରରେ ନେଇଥିବା ଦୋକାନୀଙ୍କୁ ବିଭିନ୍ନ ଆଳରେ ଭୟଭୀତ କରି ଟଙ୍କା ଆଦାୟ କରିବାର ମସୁଧା ସମ୍ପୃକ୍ତ ବ୍ୟକ୍ତି ଆରମ୍ଭ କରିଥିବା ଅଭିଯୋଗ ହେଉଛି। ଏ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପୁଞ୍ଜିଭୂତ ହେଉଛି। କାହା ସ୍ୱାର୍ଥରେ ଉକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କୁ ଦାୟିତ୍ୱ ପରେ ଦାୟିତ୍ୱ ନ୍ୟସ୍ତ କରାଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ୧୧ଜଣ ବ୍ୟବସାୟୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ପୌରପରିଷଦ ପକ୍ଷରୁ ନୋଟିସ ହୋଇଥିବା ଖବର ନିର୍ଦ୍ଦିଷ୍ଟ ଖବରକାଗଜରେ ପ୍ରକାଶ ପାଇଛି। ତାକୁ ନେଇ ଉଠିଛି ଚର୍ଚ୍ଚା। କାହା ନିର୍ଦ୍ଦେଶରେ ଯାଞ୍ଚ କମିଟି ଗଠନ କରାଯାଇଛି ଏବଂ କେଉଁମାନେ ଏହାର ସଦସ୍ୟ ଅଛନ୍ତି ସେ ସମ୍ପର୍କରେ କାହାକୁ ଅବଗତ କରାଯାଉନି। କେଉଁ ମାର୍ଗଦର୍ଶିକା ଅନୁଯାୟୀ ଯାଞ୍ଚ ପ୍ରକ୍ରିୟା କରାଯାଇ ୧୧ ଜଣଙ୍କୁ ଚୁକ୍ତି ଖିଲାପକାରୀ ଭାବେ ଚିହ୍ନଟ କରାଯାଇଥିବା ଗଣମାଧ୍ୟମରେ ପ୍ରକାଶିତ ହେବାକୁ ନେଇ ନାନା ପ୍ରଶ୍ନ ଉଙ୍କି ମାରିଛି। ପୌର କାର୍ଯ୍ୟାଳୟର ପ୍ରଥମ ମହଲାରେ ଥିବା ଦୋକାନ ଗୃହଗୁଡ଼ିକୁ ଯାଞ୍ଚ କମିଟି ଯାଞ୍ଚ କରିଛି ନା ନାହିଁ ଏବଂ ଯଦି ଯାଞ୍ଚ କମିଟି ଯାଞ୍ଚ କରିଛି, ତେବେ ଅଧୀନରେ ଥିବା ସମସ୍ତ ଦୋକାନ ଗୃହଗୁଡ଼ିକୁ ଯାଞ୍ଚ କରାଯାଉ ଏବଂ ସଠିକ୍ ତଥ୍ୟ ପ୍ରକାଶ କରାଯାଉ ବୋଲି ବ୍ୟବସାୟୀମାନେ ଦାବି କରିଛନ୍ତି। ଉଦ୍ଦେଶ୍ୟମୂଳକ ଭାବେ ସମ୍ପୃକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ ପରେ ଏପରି ଚୁକ୍ତି ଖିଲାପକରୀଙ୍କୁ ଚିହ୍ନଟ କରିଛନ୍ତି ବୋଲି ବ୍ୟବସାୟୀ ଅଭିଯୋଗ କରିଛନ୍ତି। ମାତ୍ର ପୂର୍ବରୁ ଦୀର୍ଘଦିନ ହେବ ଲାଇସେନ୍ସ ଫି' ଆଦାୟ କରୁଥିବା ବରିଷ୍ଠ ସ୍ଥାୟୀ କର୍ମଚାରୀ ଏହା କିପରି ଜାଣିପାରି ନ ଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ବିଧିବଦ୍ଧ ତଦନ୍ତ ଓ ପ୍ରଦାନ କରାଯାଇଥିବା ଦୋକାନ ଗୃହ ଲାଇସେନ୍ସ ଫି' ଆଦାୟ ଦାୟିତ୍ୱରୁ ସମ୍ପୃକ୍ତ କର୍ମଚାରୀଙ୍କୁ ନିବୃତ୍ତ କରିବାକୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

ଅନ୍ୟପକ୍ଷରେ ଚୁକ୍ତି ଖିଲାପକାରୀଙ୍କ ନୋଟିସ ଉକ୍ତ ବ୍ୟବସାୟୀଙ୍କ ହସ୍ତଗତ ହୋଇ ନ ଥିବାବେଳେ କେଉଁ ଆଧାରରେ ନୋଟିସ ଫଟୋ କପି ସହ ଏକ ନିର୍ଦ୍ଦିଷ୍ଟ ଖବରକାଗଜରେ ପ୍ରକାଶିତ ହୋଇଛି ତାକୁ ନେଇ ଉଠିଛି ପ୍ରଶ୍ନ। ପୌର କାର୍ଯ୍ୟାଳୟ ତଥ୍ୟ କର୍ତ୍ତୃପକ୍ଷଙ୍କ ଅଗୋଚରରେ ସାର୍ବଜନୀନ କରିବା ଅପରାଧ ହୋଇଥିଲେ ହେଁ ଏ କ୍ଷେତ୍ରରେ ସମ୍ପୃକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ବ୍ୟବସାୟୀଙ୍କୁ ନୋଟିସ୍ ସମ୍ପର୍କରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଓ ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କୁ ପଚାରିବାରେ ସେମାନେ ଜାଣି ନ ଥିବା ପ୍ରକାଶ କରିଛନ୍ତି।

ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କୁ ପଚାରିବାରେ ସେ କୁହନ୍ତି ଖିଲାପକାରୀଙ୍କୁ ଲାଇସେନ୍ସ ଫି' ଆଦାୟକାରୀଙ୍କ ରିପୋର୍ଟ ଅନୁସାରେ ନୋଟିସ କରାଯାଇଛି। ଏନେଇ କୌଣସି ଯାଞ୍ଚ କମିଟି କରାଯାଇନି। ଯଦି ଏପର୍ଯ୍ୟନ୍ତ ବ୍ୟବସାୟୀ ନୋଟିସ୍ ପାଇନାହାନ୍ତି, ତେବେ କିପରି ଏହା ସାର୍ବଜନୀନ ହୋଇଛି ତାହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଏଚ୍‌ଆଇଭି ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ






ବାଣପୁର,୧୩।୮ (ସମିସ): ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡ୍ ରିବନ କ୍ଲବ ପକ୍ଷରୁ ଏଚଆଇଭି ଏଡ୍‌ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ତ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ଅଶୋକ କୁମାର ବେହେରା ସାଧନ କର୍ମୀ ଭାବେ ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ଓ ନିରାକରଣ ସମ୍ପର୍କରେ ଯୁବ ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ୍ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ତଥା ରେଡ୍ ରିବନ କ୍ଲବ୍ ଅଧିକାରିଣୀ ପ୍ରମୋଦିନୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇ ସାମ୍ପ୍ରତିକ ସମାଜରେ ଏଡ୍‌ସ୍ ରୋଗର ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆସନ୍ତା ବୁଧବାର ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଏଡ୍‌ସ୍ ସମ୍ପର୍କିତ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ ୨୨ ତାରିଖରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ଭୁଷଣ୍ଡପୁର,୧୩।୮ (ସମିସ): ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତ ଦେଉଳସାହିର ସମାଜସେବୀ ବୈଦ୍ୟନାଥ ମହାରଣାଙ୍କ ଦ୍ୱାଦଶାହରେ ବାଲିପାଟପୁର ଦୋଳପଡ଼ିଆରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଆଇନଜୀବୀ ଅନିଲ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମ୍ମାନିତ ଅତିଥି ରୂପେ ପୂର୍ବତନ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ପାଟ୍ଟଶାଣି, ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ଭୁଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାସ ମହାପାତ୍ର, ଗାୟକ ରବୀନ୍ଦ୍ର କୁମାର ସାମନ୍ତରାୟ, ବିରଞ୍ଚି ନାରାୟଣ ପ୍ରଧାନ, ସାମ୍ୟବାଦୀ ନେତା ଗିରୀଶ ମହାରଣା, ବିଧୁଭୂଷଣ ମହାରଣା, ଯୁବନେତା ତାରାପ୍ରସାଦ ପଟ୍ଟନାୟକ, ପ୍ରଭାସ ମଣ୍ଡଳ, ରାଜକିଶୋର ନାୟକ, ଶ୍ୟାମସୁନ୍ଦର ବେହେରା ପ୍ରମୁଖ ଯୋଗଦେଇ ବୈଦ୍ୟନାଥଙ୍କ ସ୍ମୃତିଚାରଣ କରିଥିଲେ।

## ବିଜେବି ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ

ଖୋର୍ଦ୍ଧା,୧୩।୮ (ସମିସ): ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନ କରାଯାଇଛି। ସପ୍ତାହର ପ୍ରତ୍ୟେକ ଦିନ ପ୍ରାର୍ଥନା ସଭାରେ ପିଲାଙ୍କ ଦ୍ୱାରା ସଂସ୍କୃତ ନୀତିବାଣୀ ଅର୍ଥ ସହ ଆବୃତ୍ତି କରାଯାଇଥିଲା। ସଂସ୍କୃତ ଭାଷାରେ ସାଧାରଣ ଜ୍ଞାନ ପ୍ରଶ୍ନୋତ୍ତର ଆଲୋଚନା ହୋଇଥିଲା। ପିଲାମାନଙ୍କ



ମଧ୍ୟରେ ସରଳ ସଂସ୍କୃତ ସମ୍ଭାଷଣ ହୋଇଥିଲା। ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ଗୀତାପାଠ, ସଂସ୍କୃତ ଗୀତ, ବକ୍ତୃତା, ନୃତ୍ୟ ପ୍ରତିଯୋଗିତା ସହ ସଂସ୍କୃତ ପ୍ରଦର୍ଶନୀ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଞ୍ଜନ କୁମାର ରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ ସଂସ୍କୃତ ଭାଷା ଓ ଆମ ସଂସ୍କୃତିର ମହତ୍ତ୍ୱ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରୀ ସବିତା ଦାଶ ବିଜ୍ଞାନ ଓ ସଂସ୍କୃତ ଭାଷାର ସମ୍ପର୍କ ଆଲୋଚନା କରିଥିଲେ।

ଶିକ୍ଷକ ବିଭୁପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାସ, ଶ୍ରୀରାମ ଭୂୟାଁ, ଜଗନ୍ନାଥ ରାଉତ, ଏମଡି ଖତିବୁଦ୍ଦିନ, ଦିଲୀପ କୁମାର ନାୟକ, ଚିନ୍ମୟ ମାର୍ଥା, ଦୀପକ ଛୋଟରାୟ, ଶିକ୍ଷୟିତ୍ରୀ ପୁଷ୍ପଲତା ପାତ୍ର, ନିବେଦିତା ଛୁଆଳସିଂ, ଅନୁପମା ସାହୁ, ରୋଜାଲିନ ରାଉତରାୟ, ବିଷ୍ଣୁପ୍ରିୟା ସାହୁ, ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ ପଣ୍ଡା, ସୀମାରାଣୀ ବେହେରା, ପ୍ରିୟଦର୍ଶିନୀ ସାହୁ, ସୌଦାମିନୀ ବାରିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସ୍ନିଗ୍ଧାମୟୀ ଦାସ କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ରେ ରକ୍ତଦାନ ଶିବିର

ନିରାକାରପୁର,୧୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଟାଙ୍କୋଳରେ ମା' ତାରାଦେବୀ ନାଟ୍ୟ ସଂସଦ ଓ ଜଙ୍କିଆ ଥାନା ମିଳିତ ସହଯୋଗରେ ଆସନ୍ତା ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ରକ୍ତକର୍କଟ ଓ ଥାଲାସେମିଆ ରୋଗରେ ପୀଡ଼ିତ ଶିଶୁଙ୍କ ନିମନ୍ତେ ରକ୍ତ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏଥିରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଯୋଗଦେଇ ରକ୍ତଦାନ କରିବାକୁ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ନିରାକାରପୁର,୧୩।୮ (ସମିସ): ନିରାକାରପୁର ନିକଟ ଗଡ଼ଖାରଦ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ହାଡ଼ିବନ୍ଧୁ ମାନସିଂହଙ୍କ ୭୫ ବର୍ଷ ବୟସରେ ପରଲୋକ ହୋଇଛି। ସେ ଜଣେ ପରୋପକାରୀ, ମେଳାପୀ, ସରଳ ସ୍ୱଭାବର ବ୍ୟକ୍ତି ଥିଲେ। କିଛି ଦିନ ହେବ ଅସୁସ୍ଥତା



କାରଣରୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବ ପରେ ଗଡ଼ଖାରଦ ଓ ପାଖାପାଖି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଛନ୍ତି।

## 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମର କ୍ଲଷ୍ଟରସ୍ତରୀୟ ବୈଠକ

ବାଣପୁର,୧୩।୮ (ସମିସ): ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଅଭିଯାନ ନିର୍ଦ୍ଦେଶାନୁସାରେ ନାଚୁଣୀ ଗୋଦାବରୀଶ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ "ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମର କ୍ଲଷ୍ଟରସ୍ତରୀୟ ଶିକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ବସନ୍ତ ଶବରଙ୍କ ସଂଯୋଜନା ତଥା ସିଆରସିସି ମଧୁସୂଦନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲାଇ ଓ ତାଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଲାଇ ଯୋଗଦେଇଥିଲେ। ସଲପଡିହ ସରକାରୀ ଉନ୍ନୀତ ହାଇସ୍କୁଲ, ବାପୁଜୀ ଆଶ୍ରମ ହାଇସ୍କୁଲ, ଗୋରଡ଼ାଝରୀ, ନାଚୁଣୀ, ଆମ୍ବଝର, ଲୋକିପୁର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଏସ୍‌ଏମସି ଅଧ୍ୟକ୍ଷ, ଶିକ୍ଷା କମିଟି ସଦସ୍ୟ, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ନାଚୁଣୀ କ୍ଲଷ୍ଟର ଓ ପ୍ରତି ସ୍କୁଲସ୍ତରୀୟ ନୂତନ କମିଟି ଗଠନ କରି ଶିକ୍ଷା ସଚେତନତା ଅଭିଯାନ ମାଧ୍ୟମରେ ସ୍କୁଲ ଛାଡ଼ିଥିବା ପିଲାଙ୍କୁ ପୁଣି ଶିକ୍ଷାନୁଷ୍ଠାନକୁ ଫେରାଇ ଆଣିବା ପାଇଁ ପ୍ରୟାସ କରିବାକୁ ମତ ପ୍ରକାଶ ପାଇଥିଲା। ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବସନ୍ତ ଶବର କ୍ଲଷ୍ଟରସ୍ତରୀୟ କମିଟିର ସମସ୍ତ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ। କମିଟି ସଦସ୍ୟ ଭାବେ ପ୍ରଦୀପ ସୁବୁଦ୍ଧି, ନମିତା ଦେବୀ, ମନୋଜ ପ୍ରଧାନ, ପ୍ରଦୀପ ମହାରଣା, ସୁବାସ ତ୍ରିପାଠୀ, ସଙ୍ଗୀତା ଆଚାର୍ଯ୍ୟ, ନାଚୁଣୀ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସମେତ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ, ସବିତା ଦେଇ ଉପସ୍ଥିତ ଥିଲେ। ଚାଇଲ୍ଡ ଟ୍ରାକିଂ ସର୍ଭେ (ସିଟିଏସ) ମାଧ୍ୟମରେ ନାଚୁଣୀ କ୍ଲଷ୍ଟରରେ ଅଧାରୁ ବିଦ୍ୟାଳୟ ଛାଡ଼ିଥିବା ୩୧ ପିଲା ଚିହ୍ନଟ ହୋଇଥିବା ତଥ୍ୟ ଉପସ୍ଥାପନ କରାଯାଇଥିଲା। ସେମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣି ସରକାରଙ୍କ ଶିକ୍ଷାନୀତିର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାରେ ସାମିଲ କରିବା, ସେମାନଙ୍କ ନିକଟରେ ମୌଳିକ ଶିକ୍ଷା ପହଞ୍ଚାଇବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସମ୍ପର୍କରେ ସିଆରସିସି ମଧୁସୂଦନ ଭୋଇ ମତବ୍ୟକ୍ତ କରିଥିଲେ।

## ମଦ ସହ ବାଇକ ଜବତ; ୪ ଗିରଫ

ବେଗୁନିଆ,୧୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ତଥା ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢ଼଼ଉ କରି ମୋଟ ୧୧୬ ଲିଟର ଦେଶୀମଦ ଓ ବାଇକ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ନେଇ ବେଗୁନିଆ ଅବକାରୀ ଥାନା ଉପନିରୀକ୍ଷକ ସଞ୍ଜୟ କୁମାର ସୁବୁଦ୍ଧି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ସିକୋ ଗ୍ରାମର ସନ୍ତୋଷ କୁମାର ଚହଟରାୟ, ଜଟିଆ ଚହଟରାୟ, ହୀରାପୁରର ବସନ୍ତ କୁମାର ବେହେରା ଓ ଚଟୁଆର ସନ୍ତୋଷ ସାହୁ।

## ଯୁବକ ନିଖୋଜ; ଫାଣ୍ଡିରେ ଅଭିଯୋଗ

ଟାଙ୍ଗୀ,୧୩।୮ (ସମିସ): ଟାଙ୍ଗୀ ଥାନା କନ୍ତଲବାଇ ପଞ୍ଚାୟତ ଝାଟିନୂଆଗାଁ କଲୋନୀ ବାସିନ୍ଦା ପରିତୋଷ ମଣ୍ଡଳଙ୍କ ପୁଅ ବିବେକ ମଣ୍ଡଳ (୧୯) ନିଖୋଜ ହୋଇଯାଇଥିବା ଭୁଷଣ୍ଡପୁର ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ ହୋଇଛି। ବିବେକଙ୍କ ଉଚ୍ଚତା ୫ ଫୁଟ, ଗୌର ବର୍ଣ୍ଣ, ମୁହଁ ଲମ୍ବା, ପତଳା ସ୍ୱାସ୍ଥ୍ୟ ଓ ଆଗ ଦାନ୍ତ ପୋକ ଖାଇ କଳା ପଡ଼ିଯାଇଛି। ପ୍ରାୟ ୬ଦିନ ହେଲା ତାଙ୍କ ସନ୍ଧାନ ମିଳୁନାହିଁ। କୌଣସି ସହୃଦୟ ବ୍ୟକ୍ତି ତାଙ୍କ ସନ୍ଧାନ ପାଇଲେ ମୋବାଇଲ ନଂ ୭୨୦୫୨୧୬୩୬୦ରେ ଜଣାଇବାକୁ ବାପା ପରିତୋଷ ନିବେଦନ କରିଛନ୍ତି।

## ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ବୈଠକ

ଜଟଣୀ,୧୩।୮ (ସମିସ): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ବୁଧବାର ସ୍ଥାନୀୟ ରେଳମଣ୍ଡଳ ମୁଖ୍ୟାଳୟରେ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି (ଡିଆରୟୁସିସି) ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ ମଣ୍ଡଳ ପ୍ରବନ୍ଧକ ଆଲୋକ



ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବାଣିଜ୍ୟ ଏବଂ ଶିଳ୍ପ ଚାମ୍ବର, ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ, ଯାତ୍ରୀସଂଘ, ଗ୍ରାହକ ମଞ୍ଚ ଏବଂ ଅନ୍ୟ ହିତାଧିକାରୀ ଗୋଷ୍ଠୀର ପ୍ରତିନିଧିଙ୍କ ସମେତ ବହୁ ଡିଆରୟୁସିସି ସଦସ୍ୟ ଯୋଗଦେଇଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ତ୍ରିପାଠୀ ଡିଆରୟୁସିସି ସଦସ୍ୟଙ୍କ ମୂଲ୍ୟବାନ ମତାମତ ଏବଂ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରି ଯାତ୍ରୀସେବା ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ବୈଠକ ସମୟରେ ଉପସ୍ଥାପନ କରାଯାଇଥିବା ମୂଲ୍ୟବାନ ପରାମର୍ଶ ଏବଂ ଚିନ୍ତାକୁ ପ୍ରାଥମିକତା ଦିଆଯିବ ଏବଂ ସ୍ଥାନୀୟ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ରେଳ ବ୍ୟବହାରକାରୀଙ୍କ ପାଇଁ ଉନ୍ନତ ସୁବିଧା ଏବଂ ଉତ୍ତମ ସେବା ପ୍ରଦାନ ସୁନିଶ୍ଚିତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

ବୈଠକରେ ଯାତ୍ରୀଙ୍କ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଏବଂ ମତ ବିନିମୟ ହୋଇଥିଲା। ଯାତ୍ରୀ ସୁବିଧା ଏବଂ ସେବା ବୃଦ୍ଧି, ଜନସାଧାରଣଙ୍କ ଦାବିର ସମାଧାନ ଏବଂ ବିକାଶମୂଳକ କାର୍ଯ୍ୟ ପାଇଁ ଯୋଜନା ଆଦି ବିଷୟରେ ଆଲୋଚନା ହୋଇଥିଲା। ସଦସ୍ୟମାନେ ନୂତନ ଟ୍ରେନ୍ ପ୍ରଚଳନ, ବିଦ୍ୟମାନ ସେବାର ସମ୍ପ୍ରସାରଣ ଏବଂ ଆଞ୍ଚଳିକ ଆବଶ୍ୟକତା ପୂରଣ କରିବା ସହ ଟ୍ରେନଗୁଡ଼ିକ ପାଇଁ ଅତିରିକ୍ତ ରହଣି ବ୍ୟବସ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ବେହେରା, ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଧିବେଶନକୁ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି ସଚିବ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନୀଲ କୁମାର ଏସ୍ ସଂଯୋଜନା କରିଥିଲେ।

## ଜଟଣୀ ଗଣେଶ ପୂଜା ପ୍ରସ୍ତୁତି ବୈଠକ

# ପୂଜା ପାଇଁ ସମସ୍ତ ସୁବିଧା ପ୍ରଦାନ କରାଯିବ

ଜଟଣୀ,୧୩।୮ (ସମିସ): ଜଟଣୀ ପୌର ପରିଷଦ ଓ ବ୍ୟବସାୟୀ ମହାସଂଘ ପକ୍ଷରୁ ଜଟଣୀ ଗଣେଶ ପୂଜା ପାଇଁ ପୃଥକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ଗଣେଶ ପୂଜାକୁ ସୁରୁଖୁରୁରେ ପାଳନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ଜଟଣୀ ପୌରାଧ୍ୟକ୍ଷ




ଅନନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜଟଣୀ ଗଣେଶ ପୂଜା ସମୟରେ ପରିମଳ, ବିଦ୍ୟୁତ, ସ୍ୱାସ୍ଥ୍ୟ, ଜଳଯୋଗାଣ, ଗମନାଗମନ ସହ ଆଇନଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ଆଗତ ସମସ୍ତ ଅଭିଯୋଗର ସମାଧାନ ପୂଜା ପୂର୍ବରୁ କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ପୌର ଉପାଧ୍ୟକ୍ଷା ଆରତୀ ରାଉତ, ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣ ମିଶ୍ର, ଥାନା ଏସ୍‌ଆଇ, ଅଗ୍ନିଶମ ଅଧିକାରୀ, ଆରଆଣ୍ଡବି ଯନ୍ତ୍ରୀ, ୱାଟକୋ ଯନ୍ତ୍ରୀ, ବିଦ୍ୟୁତ ବିଭାଗ ଏସଡିଓ ସମେତ ବିଭିନ୍ନ ସାହିବସ୍ତି ଏବଂ କ୍ଲବ ପୂଜା କମିଟିର ସଦସ୍ୟ, ସ୍ଥାନୀୟ କାଉନସିଲର ଓ ଜନସାଧାରଣ ଯୋଗଦେଇଥିଲେ। ତେବେ ଜଟଣୀ ଗଣେଶ ପୂଜାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଜଟଣୀ ବ୍ୟବସାୟୀ ମହାସଂଘରୁ କେବଳ ତିନି ବ୍ୟବସାୟୀ ସଂଘର କର୍ମକର୍ତ୍ତା ଏହି ବୈଠକରେ ଯୋଗଦେଇଥିଲା ବେଳେ ଅନ୍ୟ ବ୍ୟବସାୟୀ ସଂଘ, ବିଧାୟକ, ସାଂସଦ ଓ ସେମାନଙ୍କ ପ୍ରତିନିଧିଙ୍କ ଅନୁପସ୍ଥିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିପରି ଜଟଣୀ ବ୍ୟବସାୟୀ ମହାସଂଘ ଓ ଭସାଣି କମିଟି ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଛି। କୁଦିଆରୀ ଗ୍ରାମସ୍ଥ ଝରଣା କଲ୍ୟାଣ ମଣ୍ଡପ ପରିସରରେ ଜଟଣୀ ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ ଏବଂ ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟଙ୍କ ନେତୃତ୍ୱରେ ବୈଠକ ଓ ସାମ୍ବାଦିକ ସମିଳନୀ ହୋଇଥିଲା। ଏଥିରେ ଜଟଣୀର ୨୦ ବ୍ୟବସାୟ ସଂଘ ସଭାପତି, ସମ୍ପାଦକଙ୍କ ସହ ବହୁ ବ୍ୟବସାୟୀ ଯୋଗଦେଇଥିଲେ। ୨୭ ତାରିଖ ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ଭସାଣି ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ପୂଜା ଆୟୋଜନ ନେଇ ଆଲୋଚନା ହୋଇଥିଲା। ଜଟଣୀ ବ୍ୟବସାୟ ପେଣ୍ଟସ୍ଥଳରେ ଥିବା ବିଭିନ୍ନ ବ୍ୟବସାୟୀ ସଂଘ ପୂଜା କମିଟିରେ ରହିଥିବା ସୁବିଧା ଅସୁବିଧାକୁ ବଜାର କମିଟି ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ମିଳୁଥିବା ପ୍ରତିଶ୍ରୁତିକୁ ସଠିକ ଭାବେ ପାଳନ କରାଯାଉ ନ ଥିବାରୁ ବୈଠରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଟଣୀ ବ୍ୟବସାୟୀ ମହାସଙ୍ଘ ଅଧୀନରେ ସମସ୍ତ ବ୍ୟବସାୟୀ ପରମ୍ପରା ଓ ଐତିହ୍ୟକୁ ବଜାୟ ରଖି ପୂଜା ପାଳନ କରିବା ପାଇଁ ସର୍ବସମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ଭଳି ଭସାଣି ପରଦିନ ଜଟଣୀର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିବା, ପୂଜା ସମୟରେ ୨୪ ଘଣ୍ଟା ବିଦ୍ୟୁତ, ସହର ଏବଂ ପୂଜା ପେଣ୍ଡାଲ ଚାରିପାଖର ପରିମଳ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ପେଣ୍ଡାଲରେ ଅଗ୍ନି ନିରାପତ୍ତା, ପାନୀୟ ଜଳ ଏବଂ ଆଶୁ ଚିକିତ୍ସା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।



ସମସ୍ତ ସୁବିଧା ଅସୁବିଧା ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇ ପୂଜା ପୂର୍ବରୁ ସମାଧନ ପାଇଁ ଉଦ୍ୟମ କରାଯିବ ବୋଲି ମହାସଂଘ ସଭାପତି ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ପୂର୍ବତନ ଜଟଣୀ ନଗରପାଳ ତଥା ଭସାଣି କମିଟି ସଭାପତି ସଂଗ୍ରାମକେଶରୀ ରାଉତରାୟ, ବ୍ୟବସାୟୀ ମହାସଂଘ ଯୁଗ୍ମ ସମ୍ପାଦକ ରମେଶଚନ୍ଦ୍ର ମହାପାତ୍ର, ଜାନକୀବଲ୍ଲଭ ମିଶ୍ର, ସୁରେନ୍ଦ୍ର ସାହୁ, ରବୀନ୍ଦ୍ର ଅଗ୍ରୱାଲ, ଶରତ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ବାଲୁଗାଁ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ

ବାଲୁଗାଁ,୧୩।୮ (ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ବାଲୁଗାଁ ମହାବିଦ୍ୟାଳୟ ତରଫରୁ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସଂସ୍କୃତ ଶିକ୍ଷକ ଅଶୋକ ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଭାଷାର ମହନୀୟତା ସମ୍ପର୍କରେ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ସଂସ୍କୃତ ଭାଷାରେ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଯୁକ୍ତଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦେବଭାଷା ସଂସ୍କୃତର ଲୋକପ୍ରିୟତା ଲାଗି ସମସ୍ତ ଅନୁଷ୍ଠାନ କାର୍ଯ୍ୟ କରିବା ଉଚିତ ବୋଲି ଅଧ୍ୟକ୍ଷ ଡ. ସୁବୁଦ୍ଧି ମତବ୍ୟକ୍ତ କରିଥିଲେ। ଛାତ୍ରୀ ପ୍ରଜ୍ଞାସ୍ମିତା ସାହୁ ବିଭିନ୍ନ ପୁରାଣ ଓ ଭାଗବତ ଗୀତାରୁ ଶ୍ଳୋକ ଆବୃତ୍ତି କରିଥିଲେ। ଅଧ୍ୟାପିକା ମୋନାଲିସା ମାନସିଂହ, ରୀନା ରାଉତ ଓ ପ୍ରିୟମ୍ବଦା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ସଂସ୍କୃତ ଭାଷାରେ ଧନ୍ୟବାଦ ଅର୍ପଣ କରିଥିଲେ।



# କ୍ଷତିଗ୍ରସ୍ତ ପରିବା ଚାଷୀଙ୍କୁ ମିଳିବ ସହାୟତା

ଜଳେଶ୍ୱର,୧୩।୮ (ସମିସ)



ଚଳିତବର୍ଷ ସୁବର୍ଣ୍ଣରେଖାରେ ୫ ଥର ବନ୍ୟା ଆସିବା ଯୋଗୁଁ ଜଳେଶ୍ୱର ବ୍ଲକରେ ପନିପରିବା ଫସଲର ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଲଗାତର ବନ୍ୟା ଫଳରେ ବ୍ଲକର ବାଇଗଣ ବାଡିଆ,ମହମ୍ମଦ ନଗର ପାଟଣା, ଝାଡ଼ପିମ୍ପିଳ, ଖୁଦିଆ ମାଝି ସାହି, ରାୟା ରାମଚନ୍ଦ୍ର ପୁର, ଗଡ଼ସାହି ବାଲିଆପାଳ ଆଦି ପଞ୍ଚାୟତରେ ବନ୍ୟା ପାଣି ଦୀର୍ଘଦିନ ଧରି ବୁଡ଼ି ହୋଇ ରହିଥିଲା। ଫଳରେ ପନିପରିବା ଫସଲ ସମୂଳେ ନଷ୍ଟ ହବା ଯୋଗୁଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଥିଲେ। ଏସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ରାଜସ୍ୱ ବିଭାଗ, ଉଦ୍ୟାନ ବିଭାଗ ଓ କୃଷି ବିଭାଗ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ମୋଟ ୬୬.୫ହେକ୍ଟର ଜମିରେ କ୍ଷୟକ୍ଷତି ହୋଇଥିବା ଆକଳନ କରି ସରକାରଙ୍କୁ ପୂର୍ଣ୍ଣାଙ୍ଗ ରିପୋର୍ଟ୍ ପ୍ରଦାନ କରାଯାଇଥିଲା। ତେବେ ରାଜ୍ୟ ସରକାର ୫ ଲକ୍ଷ ୬୫ ହଜାର ୨୫୦ ଟଙ୍କାର ସହାୟତା ରାଶି ଜଳେଶ୍ୱର ଅଞ୍ଚଳର କ୍ଷତିଗ୍ରସ୍ତ ପରିବା ଚାଷୀଙ୍କ ନିମନ୍ତେ ମଞ୍ଜୁର ହୋଇଥିବା ସୂଚନା ମିଳିଛି। କିନ୍ତୁ ବନ୍ୟା ପ୍ଲାବିତ ପଞ୍ଚାୟତ ଭାବେ ଗଡ଼ସାହି ବାଲିଆପାଳ ଆଶ୍ଚର୍ଯ୍ୟ ଜନକ ଭାବେ କ୍ଷୟକ୍ଷତି ତାଲିକାରେ ନାହିଁ। ୫୦ ପ୍ରତିଶତ ପରିବା ଫସଲ କ୍ଷୟକ୍ଷତି ବିଚାର ଯୋଗ୍ୟ ହେବା ସହ ଧାନ ଫସଲର ତଳି ବିଶେଷ ନଷ୍ଟ ହୋଇ ନଥିବା କୁହାଯାଇଛି। ସରକାରଙ୍କ ପକ୍ଷରୁ କ୍ଷତି ଭରଣା ଲାଗି ହେକ୍ଟର ପିଛା ୮ ହଜାର ୫ଶହ ଟଙ୍କା ପ୍ରଦାନ ହେବ ବୋଲି ଜଣାଯାଇଛି। ତେଣୁ କ୍ଷତିଗ୍ରସ୍ତ ତାଲିକାଭୁକ୍ତ ଚାଷୀ ତାଙ୍କର ତଥ୍ୟ ପ୍ରଦାନ କରି ଉଦ୍ୟାନ ବିଭାଗରେ ଅତି ଶିଘ୍ର ସହାୟତା ରାଶି ପାଇ ପାରିବେ ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ନାବାଳିକା କାଉଡ଼ିଆଙ୍କ ମୃତଦେହ ଉଦ୍ଧାର



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୩।୮ (ସମିସ): ରାକ୍ଷୀ ପୂର୍ଣ୍ଣିମାରେ ଗ୍ରାମ୍ୟ ମହାଦେବଙ୍କୁ ଜଳାଭିଷେକ କରିବା ଲାଗି ଚକହରି ଗ୍ରାମର ଦୁଇ କାଉଡ଼ିଆ ଭଉଣୀ ସୁବର୍ଣ୍ଣରେଖା ନଦୀରୁ ପାଣି ଉଠାଇବାବେଳେ ଭାସିଯାଇ ନିଖୋଜ ଥିଲେ। ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍ ଖୋଜାଖୋଜି କରିଥିଲେ ମଧ୍ୟ ନିରାଶ ହୋଇଥିଲେ। ଦୀର୍ଘ ସମୟ ଧରି ପରିବାର ଲୋକେ ଦୁଇ କନ୍ୟାଙ୍କୁ ନପାଇ ଦୁଃଖରେ ଭାଙ୍ଗିପଡ଼ିଥିଲେ। ବୁଧବାର ପୂର୍ବାହ୍ନରେ ଭୋଗରାଇ ବ୍ଲକ୍ ଭୁଷଣ୍ଡେଶ୍ୱର ନିକଟସ୍ଥ କୁମ୍ଭୀରଗଡ଼ି ଠାରେ ଏକ ଗଳିତ ଶବ ଭାସୁଥିବାର ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ବାପା କାହ୍ନୁ ଚରଣ ଦାସ, ସରପଞ୍ଚ ବିଦ୍ୟାଧର ମଲ୍ଲିକ, ଗ୍ରାମ୍ୟ ମୁଖ୍ୟ ବଳରାମ ଦାସ ଓ ଗ୍ରାମ ଲୋକ ଘଟଣା ସ୍ଥଳରେ ପହଞ୍ଚି ସାନ ଝିଅ ନନ୍ଦିତା (୧୨)ଙ୍କ ଶବ ବୋଲି ଚିହ୍ନଟ କରିଥିଲେ। ତେବେ ଭୋଗରାଇ ଥାନା ଅଧୀନରେ ଶବ ଉଦ୍ଧାର ହୋଇଥିବାରୁ ସେଠାରେ ବ୍ୟବଚ୍ଛେଦ ହୋଇ ସତ୍କାର ଲାଗି ନିଜ ଗ୍ରାମକୁ ଶବ ଆସିବ ବୋଲି ଜଣାପଡ଼ିଛି।

## ଜଳେଶ୍ୱର ମହିଳା ଡିଗ୍ରୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ




ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୩।୮ (ସମିସ): ସ୍ଥାନୀୟ ଜଳେଶ୍ୱର ମହିଳା ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲୀପ କୁମାର ଘୋଷ ସଭାପତିତ୍ୱ କରି ଛାତ୍ରଛାତ୍ରୀ ସଚେତନତା ହେଲେ ନିଶା ରାକ୍ଷସ କବଳରୁ ମୁକ୍ତି ମିଳିପାରିବ ବୋଲି କହିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଜଳେଶ୍ୱର ଶାଖାର ସଭାପତି ଅଶୋକ କୁମାର ଜେନା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଚନ୍ଦ୍ର ଶେଖର ଗିରି ଅତିଥି ମଞ୍ଚ ଆହ୍ୱାନ କରିଥିଲାବେଳେ ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ଏବଂ ନିଶା ମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। କଲେଜରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷ ଜାତୀୟ ସେବା ଯୋଜନରେ କାର୍ଯ୍ୟକ୍ରମର ଅଧିକାରିଣୀ ଡକ୍ଟର ଲିପ୍ସା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମଦନମୋହନ ଦତ୍ତଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର,୧୩।୮ (ସମିସ): ମଙ୍ଗୁଭାଇ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ମଦନମୋହନ ଦତ୍ତଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ସଦର ନିର୍ବାଚନମଣ୍ଡଳୀର ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ୬୮ତମ ଜୟନ୍ତୀରେ ମଙ୍ଗୁଭାଇ ସ୍ମୃତି କମିଟି ପକ୍ଷରୁ ସହରର ଓଟି ରୋଡ୍‌ର ଶୋଭାରାମପୁର ଛକରେ ଥିବା ସ୍ୱର୍ଗତ ଦତ୍ତଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ତାଙ୍କ ପୁଅ ତଥା ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ପ୍ରଥମେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସମାଜସେବୀ ଲକ୍ଷ୍ମୀ ନାରାୟଣ ମହାନ୍ତି, ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲକ୍ଷ୍ମୀ ଘୋଷ, ଚନ୍ଦ୍ର ମୋହନ ଦାସ,ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ଲୋକନାଥ ଭୂୟାଁ, ସୁଷମା ବିଶ୍ୱାଳ, ଉପେନ୍ଦ୍ର ଶତପଥି, ଅନନ୍ତ ନାୟକ, ସତ୍ୟ ଶିବ ସୁନ୍ଦର ଦାଶ, ନିତ୍ୟ ଗୋପାଳ ସିଂ, ସସ୍ମିତା ନାଥ, ନିରୂପମା ଦାଶ, ତ୍ରୈଲୋଚନ ଦାଶଙ୍କ ସମେତ ଧୀରଜ ମହାନ୍ତି,ବିକାଶ ପାଢ଼ୀ, ସୁଧାଂଶୁ ପଣ୍ଡା, ମନ୍ମୟ ଦାସ, ପବନ କମିଳା, ମନୋହର ପେରିୱାଲ, ଯୋଗେନ ରଣା, ଉମେଶ ବେହେରା, ସସ୍ମିତା ପଣ୍ଡା, ଆଶାଲତା ବାଡ଼ି, ପ୍ରିୟଙ୍କା ପ୍ରଧାନ, ଅନୁପମା ଦାସ ପ୍ରମୁଖ ଉପସ୍ଥିତ ରହି ମଙ୍ଗୁଭାଇଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ଝୋଟି ପ୍ରତିଯୋଗିତା



ବାଲେଶ୍ୱର,୧୩।୮ (ସମିସ): ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ନ୍ୟାସନାଲ ଇନଷ୍ଟିଚ୍ୟୁଟ କ୍ରାଫ୍ଟ ଫର ଓମେନ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଝୋଟି ପ୍ରତିଯୋଗିତା ଜିଲ୍ଲା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହର ସମେତ ଆଖପାଖ ଅଂଚଳରୁ ୩୦ରୁ ଅଧିକ ମହିଳା ଓ ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ପୌରପାଳିକା ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ପ୍ରଭାବତୀ ନନ୍ଦ ଓ ସଦର ବ୍ଲକ ପ୍ରୋଗ୍ରାମ ଅଫିସର ସୁବର୍ଣ୍ଣମଣି ବେହେରା, ପୌରପାଳିକା ସୁପରଭାଇଜର ସଂଚୟିତା ସାମନ୍ତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥଲେ। ପ୍ରତିଯୋଗୀମାନେ ପାରମ୍ପାରିକ ରୀତିରେ ଅରୁଆ ଚାଉଳ ପିଠଉରେ ଉତ୍କଳୀୟ ପ୍ରାଚୀନ କଳା ସଂସ୍କୃତିକୁ ବିଦ୍ୟାଳୟ ଚଟାଣରେ ଆଙ୍କିଥିଲେ। ଶିଳ୍ପୀ କେଶୁ ଦାସ ଓ ହରପ୍ରିୟା ମହାପାତ୍ର ଏଥିରେ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। 'ନ୍ୟାସନାଲ ଇନଷ୍ଟିଚ୍ୟୁଟ କ୍ରାଫ୍ଟ ଫର ଓମେନର ସଭାନେତ୍ରୀ ଅର୍ଚ୍ଚନା ନନ୍ଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମିନତୀ ସେଠୀ, ହେମଲତା ଦାସ, ସରସ୍ୱତୀ ପଣ୍ଡା,ବାସନ୍ତୀ ନାୟକ ପ୍ରମୁଖ ଏଥିରେ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଚାରକମାନଙ୍କ ନିଷ୍ପତି କ୍ରମେ ଶିଖାରାଣୀ ଦାସ ପ୍ରଥମ, ସ୍ମିତା ପଣ୍ଡା ଦ୍ୱିତୀୟ ଏବଂ ରଜନୀ ମହତୋ ତୃତୀୟ ପୁରସ୍କାର ପାଇଁ ଚୟନ କରାଯାଇଥିଲା। ଆସନ୍ତା ସ୍ୱାଧୀନତା ଦିବସରେ ବିଜୟନୀ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ରାଜଘାଟ,୧୩।୮ (ସମିସ): ବସ୍ତା ବ୍ଲକ୍, ଅମର୍ଦ୍ଦାରୋଡ ଡାକଘର ଅଧୀନ ଚିଞ୍ଚଳଗଡ଼ିଆ ଉପ ଡାକଘରର କାର୍ଯ୍ୟରତ ବିପିଏମ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଥିବା



ନେଇ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ବସ୍ତା ବ୍ଲକ୍‌ର କାର୍ଯ୍ୟରତ ସାମ୍ବାଦିକ ଜଗତ କୁମାର ଗିରି ଏକ ଲଫାଫା ନେଇ ରେଜେଷ୍ଟି ପୋଷ୍ଟ କରିବା ପାଇଁ ବୁଧବାର ଚିଞ୍ଚଳଗଡ଼ିଆ ଉପ ଡାକଘରକୁ ଯାଇଥିଲେ। ମାତ୍ର ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ସେଠାରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଫଳରେ ଡାକକାର୍ଯ୍ୟ ଲାଗି ଆସିଥିବା ଶ୍ରୀ ଗିରିଙ୍କ ଭଳି ଅନେକ ଗ୍ରାହକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ପାଖା ପାଖି ୪୫ ମିନିଟ୍ ପରେ ବିପିଏମ୍ ଆଶିଷ ଚୌଧୁରୀ ସେଠାରେ ପହଞ୍ଚିଥିଲେ। ଶ୍ରୀ ଗିରି ବିଳମ୍ବ କାରଣ ପଚାରିଥିଲେ। ଏଥିରେ ବିପିଏମ ଜଣକ ରାଗିଯାଇ ଦୁର୍ବ୍ୟବହାର କରିଥିବା ନେଇ ଶ୍ରୀ ଗିରି ଘଟଣା ସମ୍ପର୍କରେ ଅମର୍ଦ୍ଦାରୋଡ ଡାକଘର ମୁଖ୍ୟ, ଡାକ ବିଭାଗ ଶାଖା ମୁଖ୍ୟ ପରିଚାଳକ, ପରିମଣ୍ଡଳ ନୋଡାଲ ଅଧିକାରୀ, ପ୍ରିନ୍ସିପାଲ ନୋଡାଲ ଅଧିକାରୀ ଏବଂ ବ୍ୟାଙ୍କିଙ୍ଗ ଅମ୍ବୁଡ୍‌ସମ୍ୟାନଙ୍କୁ ଅଭିଯୋଗ କରିବା ସହ ଶ୍ରୀ ଚୌଧୁରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି କରିଛନ୍ତି।

## ବିଭିନ୍ନ ସମସ୍ୟା ନେଇ ସରପଞ୍ଚ ସଙ୍ଘ ବୈଠକ



ଜଳେଶ୍ୱର,୧୩।୮ (ସମିସ): ଜଳେଶ୍ୱର ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ମହମ୍ମଦନଗର ପାଟଣା ପଞ୍ଚାୟତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବ୍ଲକ ସରପଞ୍ଚ ସଙ୍ଘର ସଭାପତି ଅରୁଣ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଜଳେଶ୍ୱର ବ୍ଲକର ୩୫ ଟି ପଞ୍ଚାୟତର ସରପଞ୍ଚଙ୍କୁ ନେଇ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଡିଜିଟାଲ ଦସ୍ତଖତ, ମଧୁବାବୁ ଭତ୍ତା କିମ୍ବା ଇନ୍ଦିରାଗାନ୍ଧୀ ଭତ୍ତା ଗୋଡ଼ିକ ସରପଞ୍ଚଙ୍କ ନଲେଜରେ ପାସ କରିବା, ପଞ୍ଚାୟତ ଗୁଡିକରେ ବିଡିଓ ସ୍ୱତନ୍ତ୍ର ଯୋଜନା କିମ୍ବା ପାଣ୍ଠି ଉପରେ ଗୁରୁତ୍ୱ ଦେବା, ବନ୍ୟା ପ୍ଲାବିତ ରାସ୍ତା, ଏମ.ଭି.ଟ୍ୟାକ୍ସ ରାସ୍ତା, ମନରେଗାର ଅତିରିକ୍ତ ଯୋଜନା ପ୍ରସ୍ତୁତ କରିବା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ସରପଞ୍ଚଙ୍କ ଗୋଚରରେ ପାସ କରିବା, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସମସ୍ତ ପଞ୍ଚାୟତକୁ ସାମିଲ କରିବା, ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କ ମାସିକ ପାଣ୍ଠି ଠିକ ସମୟରେ ପ୍ରଦାନ କରିବା, ଲୋକମାନଙ୍କୁ ମାସିକ ଭତ୍ତା ଠିକ ସମୟରେ ପ୍ରଦାନ କରିବା, ଭତ୍ତା ବଣ୍ଟନ ପରେ ଭତ୍ତା ସିଟ୍‌ରେ ସରପଞ୍ଚଙ୍କ ଦସ୍ତଖତ କରିବା, ସରପଞ୍ଚଙ୍କୁ ଏକ ରେଷ୍ଟ ରୋମ ପ୍ରଦାନ କରିବା, ହରିଶ୍ଚନ୍ଦ୍ର ସହାୟତା ରାଶି ଠିକ୍ ସମୟରେ ପ୍ରଦାନ କରିବା ଇତ୍ୟାଦି ସମସ୍ୟା ଗୁଡ଼ିକ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଏକାଉଟେଣ୍ଟ ଜୀବନ କୁମାର ପରିଡ଼ା, ରାଜ୍ୟ ସରପଞ୍ଚ ସଙ୍ଘର ସଂଯୋଜକ ବିଷ୍ଣୁପଦ ପାତ୍ର, ଜିଲ୍ଲା ସଭାପତି ଅଜୟ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇ ଥିଲେ। ପ୍ରାକ୍ତନ ସରପଞ୍ଚ ପଦ୍ମଲୋଚନ ବେହେରା ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ମଲ୍ଲିକ,ଜ୍ୟୋତିର୍ମୟ ଆଚାର୍ଯ୍ୟ, ଦିଲ୍ଲୀପ କୁମାର ପରିଡ଼ା, ଚନ୍ଦନ କର, ପ୍ରବୀର ଦାସ, ତପନୀ ଭୂୟାଁ, ଚନ୍ଦ୍ରକାନ୍ତ ମଲ୍ଲିକ, ଅରୁଣ ରାଉଳ, ଜୟନ୍ତୀ ପରିଡ଼ା, ସୁସ୍ମିତା ବାରିକ,ଗୌରାଙ୍ଗ ବେହେରା, ଶମ୍ଭୁନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ ସେଶରେ ସଙ୍ଘର କୋଷାଧ୍ୟକ୍ଷ ରଞ୍ଜନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାକୁ ଗଣ୍ଡଗୋଳ, ପୁଲିସରେ ଫେରାଦ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୩।୮ (ସମିସ): ମୁଖ୍ୟ ମନ୍ତ୍ରୀ ସେବା ବସର ଡ୍ରାଇଭରର ଓ ବାଇକ ଚାଳକ ହାତା ହାତି ହୋଇଛନ୍ତି। ପରେ ଉଭୟଙ୍କ ପକ୍ଷରୁ ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ୧୧ ତାରିଖ ସନ୍ଧ୍ୟା ସମୟରେ ବାଇକ୍ ଯୋଗେ ଦେଉଳା ଗ୍ରାମର ମାଆ ପୁଅ ଯାଉଥିଲେ। ମାର୍କେଟ ମେଡ଼ିକାଲ୍ , ଆଗ୍ରୱାଲା ଛକ ନିକଟରେ ଦୁର୍ଘଟଣା ଘଟିଥିଲା। ଲକ୍ଷ୍ମଣନାଥ ଦେଉଳା ଗ୍ରାମର ମଞ୍ଜୁଲତା ଦାସ ଓ ତାଙ୍କ ପୁତ୍ର ଅବିନାଶ ଦାସ ଅଳ୍ପକେ ବର୍ତ୍ତିଯାଇଥିଲେ। କିଛି ସମୟ ଧରି ବସ ଡ୍ରାଇଭର ଓ ବାଇକ୍ ଚାଳକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ଏବେ ପୁଲିସରେ ଅଭିଯୋଗ ହୋଇଛି।

## ଅଗ୍ରୱାଲା ଛକରେ ଲାଗିଲା ସିସିଟିଭି

ଜଳେଶ୍ୱର,୧୩।୮ (ସମିସ): ଜଳେଶ୍ୱର ସୀମାନ୍ତ ଗୋବରଘାଟା ପଞ୍ଚାୟତ ଦୁର୍ଘଟଣା ପ୍ରବଣ ଭାବେ ଜଣାଶୁଣା।



ଏହାସାଙ୍ଗକୁ ଏଠାରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପମାନେ ଘଟୁଥିବାରୁ ଏସବୁକୁ ଦୃଷ୍ଟିରେ ରଖି ସ୍ଥାନୀୟ ଯୁବ ସମାଜସେବୀଙ୍କ ଦ୍ୱାରା ଅଗ୍ରୱାଲା ଛକରେ ୪ଟି ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ଐତିହାସିକ ଜଗନ୍ନାଥ ସଡ଼କରେ, ଗୋରୁ, ମାଦକ ଦ୍ରବ୍ୟ, କାଠ, ଲଘୁ ଖଣିଜ ଦ୍ରବ୍ୟ ଅବୈଧ ଭାବେ ବ୍ୟାପକ ଚାଲାଣ ହୋଇଥାଏ। ବିଶେଷ କରି ଏହି ଆନ୍ତଃରାଜ୍ୟ ସମ୍ବେଦନଶୀଳ ସଡ଼କରେ ଦୁର୍ବୃତ୍ତମାନେ ଲୁଟ୍ କରି ଚମ୍ପଟ ମାରିଥାନ୍ତି। ମଙ୍ଗଳବାର ଅପରାହ୍ନରେ ସରପଞ୍ଚ ମିନତୀ କର, ସମିତି ସଦସ୍ୟ ନାଥୁରାମ ହେମ୍ବ୍ରମ, ଗ୍ରାମ୍ୟ ମୁଖ୍ୟ ଜ୍ଞାନେନ୍ଦ୍ର ଜେନା ମିଳିତ ଭାବେ ଏହାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ଚନ୍ଦନ କର, ମଧୁ ଦତ୍ତ, ମାନସ ଦାସ ଭୋଲା ନାଥ ସିଂହ, ଅଭିଜିତ ଖଟୁଆ ପ୍ରମୁଖ ଉପସ୍ଥିତ ଥିବା ବେଳେ, ଏପରି କାର୍ଯ୍ୟରେ ପଞ୍ଚାୟତବାସୀ ଖୁସି ବ୍ୟକ୍ତ କରିଛନ୍ତି। ତେବେ କ୍ୟାମେରା ଲାଗିବ ଦ୍ୱାରା ବିଭିନ୍ନ ଘଟଣାରେ ପ୍ରଶାସନ ଓ ଲିସକୁ ତଦନ୍ତରେ ସହାୟ ହେବ। ଏହାର ରକ୍ଷଣାବେକ୍ଷଣ ପଞ୍ଚାୟତ ପକ୍ଷରୁ ହେବ ବୋଲି ସୂଚନା ମିଳିଛି।

## ସଂସ୍କୃତ ଭାଷା ଭାରତୀୟଙ୍କ ହୃଦୟର ସ୍ପନ୍ଦନ




ଜଳେଶ୍ୱର,୧୩।୮ (ସମିସ): ଶାଳିକୋଠା ସ୍ଥିତ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ସଂସ୍କୃତ ଦିବସ ଅନୁଷ୍ଠିତ ହୋଇଯାଇଅଛି। ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଦମନ୍ତ୍ର ପାଠ ସହ ସଂସ୍କୃତ ଭାରତୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଅତିଥି ଦେବୋ ଭବ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଏବଂ ଗୁରୁ ପୂଜନ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷ ଡ.ବିବେକାନନ୍ଦ ସାହୁଙ୍କର ସଭାପତିତ୍ୱ ରେ ଆୟୋଜିତ ସଭାରେ ଛାତ୍ର କିରଣ କୁମାର ଦାସ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପଣ୍ଡିତ ସଞ୍ଜୟ କୁମାର ଦାସ ସଂସ୍କୃତ ଭାଷା, ସମସ୍ତ ଭାରତୀୟମାନଙ୍କର ହୃଦୟର ସ୍ପନ୍ଦନ ବୋଲି ମତ ବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ପଣ୍ଡିତ ଜନାର୍ଦ୍ଦନ ମିଶ୍ର, ସମ୍ମାନିତ ଅତିଥି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଦେବେନ୍ଦ୍ର ନାଥ ଭୂୟାଁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଗୁରୁପ୍ରସାଦ ରାଉଳ, ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର, ଅଧ୍ୟାପିକା ସୁଜାତାରାଣୀ ଦାସ, ଅଧ୍ୟାପକ ସମରବଲ୍ଲଭ ସାହୁ ସଂସ୍କୃତ ଭାଷା ହିଁ ଭାରତବର୍ଷର ସମ୍ପୂର୍ଣ୍ଣ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀ ସୁଶ୍ରୀ ମାରିଆ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଛାତ୍ରୀ ପ୍ରଣିତା ପଣ୍ଡା,ରଞ୍ଜିତା ପରିଡା, ସୀତା ହେମ୍ବ୍ରମ୍ ସଂସ୍କୃତ ଭାଷାର ମହନୀୟତା ସମ୍ବନ୍ଧରେ ଭାଷଣ ପ୍ରଦାନ କରିଥିଲେ। ପଣ୍ଡିତ ଆଶୁତୋଷ ରଥ ଧନ୍ୟବାଦାର୍ପଣ କରିଥିଲେ। ପରିଶେଷରେ ସଂସ୍କୃତ ଭାଷାରେ ନୃତ୍ୟ ସଂଗୀତ ଇତ୍ୟାଦି ସଂସ୍କୃତି ବିଚିତ୍ରା ନାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମ ରାମକୃଷ୍ଣ ଜେନା, ଅଶୋକକୁମାର ପାଣିଗ୍ରାହୀ, ତ୍ରିଲୋଚନ ବେହେରା ପ୍ରମୁଖ ସଂଚାଳନ କରିଥିଲେ।







# ବହୁ ବାଦବିବାଦ ପରେ ଆରମ୍ଭ ହେଲା ଆର୍‌ଆଇ ଅଫିସ ନିର୍ମାଣ କାମ

ଜଳେଶ୍ୱର ବ୍ଲକ,୧୩।୮ (ସମିସ)



ଜଳେଶ୍ୱର ତହସିଲ ଅଧିନସ୍ତ ରାଇବଣିଆ ଗ୍ରାମ ପଞ୍ଚାୟତ ଓ କାଳିକ ଗ୍ରାମ ପଞ୍ଚାୟତବାସୀଙ୍କ ଜମି ଜମା କାର୍ଯ୍ୟରେ ସୁଫଳ ପାଇଁ କାର୍ଯ୍ୟାଳୟ ନ ଥିବା ହେତୁ ଦୀର୍ଘ ୮ କିଲୋ ମିଟର ଦୂର ଓଲମରା ଆର୍ ଆଇ ଅଫିସ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ ହେବାକୁ ପଡୁଥିଲା। ତେଣୁ ରାଇବଣିଆରେ ଆର୍ ଆଇ ଅଫିସ୍ ପାଇଁ ଆଜିକୁ ୨ବର୍ଷ ହେଲା ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥିଲେ ମଧ୍ୟ ସ୍ଥାନ ନିରୂପଣ ସମସ୍ୟା ଯୋଗୁ ଅଟକି ରହିଥିଲା କାର୍ଯ୍ୟ ଜଳେଶ୍ୱର ତହସିଲ ପକ୍ଷରୁ ସ୍ଥାନ ନିରୂପଣ ପରେ ଆଜି କାର୍ଯ୍ୟ ଆରମ୍ଭ କରିଥିଲେ। ଠିକାଦାର କାର୍ଯ୍ୟ ଆରମ୍ଭ ପରେ ରାଇବଣିଆ ଲୋକ ମହୋତ୍ସବ ପଡ଼ିଆକୁ ଲାଗି ରହିଥିବା କିଶୋର ଚୌଧୁରୀ ନାମକ ବ୍ୟକ୍ତି ଉକ୍ତ ସ୍ଥାନ ତାଙ୍କର ବୋଲି କହି କାର୍ଯ୍ୟ ବନ୍ଦ ପାଇଁ କହିଥିଲେ କିନ୍ତୁ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ସେଠାରେ ଆସି ପହଞ୍ଚି କହିଥିଲେ କି ଉକ୍ତ ସ୍ଥାନ ସଂପୂର୍ଣ୍ଣ ଭାବେ ସରକାରଙ୍କ ରେକର୍ଡ ପରିସର ଭୁକ୍ତ ତେଣୁ ଆମେ ସରକାରୀ ସ୍ଥାନର କରୁଅଛୁ ଅନ୍ୟ କିଛି ଗ୍ରାମ ବାସୀ ମାନେ କହିଥିଲେ କି ରାଇବଣିଆ ହେଲିପେଡ଼ ପଡ଼ିଆ ଉପରେ ରାଇବଣିଆ, କାଳିକ ଗ୍ରାମବାସୀ ମାନଙ୍କ ଯାନି ଯାତ୍ରା ସମେତ ରାଇବଣିଆ ଲୋକମହୋତ୍ସବ ସାଙ୍ଗକୁ କୌଣସି ରାଜନୈତିକ ସଭା ସମିତି ହେବା ସହିତ ରାଇବଣିଆ ହେଲିପେଡ ପଡ଼ିଆରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମତେ ଆଜିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହି ପଡ଼ିଆରେ ଅବତରଣ କରିଥିଲେ। ଅନେକ କେନ୍ଦ୍ର ମନ୍ତ୍ରୀ ମାନେ ଏଠାରେ ଅବତରଣ କରିବା ସହିତ ୧୯୯୯ ମସିହା ମହାବାତ୍ୟା ସମୟରେ ହେଲିକେପ୍ଟରରେରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଚାନ୍ଦିପୁର ଅବତରଣ ପରିବର୍ତ୍ତେ ଏଠାରେ ଅବତରଣ କରିଥିଲେ ଯାହାକି ଆଗକୁ ଏଠାରେ ଗୃହ ନିର୍ମାଣ ହେଲେ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି ଦିଗାମ୍ବର ଦାସ, ପ୍ରଦୀପ ପରିଡ଼ା, ନିତ୍ୟ ଗୋପାଳ ଦାସ, ଦୀପକ ପାତ୍ର, ହରେନ୍ଦ୍ର ଘୋଷ, ତପନ ଘୋଷ, ରାଧାକାନ୍ତ ସାହୁ, ଅଞ୍ଜନାପରିଡ଼ା, ସଞ୍ଜୟଜେନା ପ୍ରମୁଖ ନିର୍ମାଣ ହେବାକୁ ଥିବା ଆର୍ ଆଇ ଅଫିସ୍ ଟି ଏ ଠାରେ କରା ନ ଯାଇ ଅନ୍ୟତ୍ର ସ୍ଥାନାନ୍ତରିତ ହେଲେ ଭଲ ହୁଅନ୍ତା ବୋଲି ମତ ପ୍ରକାଶ କରିଥଲେ। ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଥିବାରୁ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ସମତେ ରାଇବଣିଆ ଥାନା ଅଧିକାରୀଣୀ ଲପାମୁଦ୍ରା ପଣ୍ଡା ଓ ଅନ୍ୟ ପୁଲିସ ଅଧିକାରୀ ସମେତ ବାଲେଶ୍ୱର ଜିଲ୍ଲାର ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲା ପାଳ ହେମନ୍ତ କୁମାର ସିଂ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ସୁଭାଗ୍ୟ ଦାସ, ସମେତ କନିଷ୍ଠ ଯନ୍ତ୍ରୀ ଦେବାଶିଷ ମୁଣ୍ଡା ଉପସ୍ଥିତ ରହି କାର୍ଯ୍ୟ ଆରମ୍ଭ କରିଥିଲେ।

# ଅଲେଖ ପ୍ରସାଦ ପରିଡ଼ାଙ୍କୁ ମରଣୋତ୍ତର 'ସୂରଜ ସମ୍ମାନ'



ବାଲେଶ୍ୱର,୧୩ା୮ (ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଆଭାସୀ ମାଧ୍ୟମରେ ଆୟୋଜିତ ସୁରଜ ସମ୍ମାନ ପ୍ରଦାନ ଉତ୍ସବ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକର ଅଲେଖ ପ୍ରସାଦ ପରିଡା ମରଣୋର ଅଙ୍ଗଦାନ ଭଳି ମହାନ କାର୍ଯ୍ୟ କରିଥିବା ହେତୁ ତାଙ୍କୁ ମରଣୋତ୍ତର ସୁରଜ ସମ୍ମାନ ସହ ପାଞ୍ଚଲକ୍ଷ ଟଙ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ସମ୍ମାନଟିକୁ ତାଙ୍କ ପରିବାର ପକ୍ଷରୁ ସୁରମା ପରିଡା ଅତିରିକ୍ତ ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇ କୃଷ୍ଣ ଜେନା, ସହକାରୀ ଜିଲ୍ଲାପାଳ (ରାଜସ୍ୱ) ସୀତାଂଶୁ ଶେଖର ଦାଶ, ଡିପିଓ ଓଏସଡିଏମ ଅବନୀ କାନ୍ତ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

# ରୋଗୀ ସମ୍ପର୍କୀୟଙ୍କ ପାଇଁ ଜରୁରୀ ସୂଚନା ଜାରିକଲା ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନା

ବାଲେଶ୍ୱର,୧୩ା୮ (ସମିସ): ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଏବଂ ଡାକ୍ତରଖାନାର କୁଳପତିଙ୍କ ଦ୍ୱାରା ସମସ୍ତ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ପାଇଁ ଜରୁରୀ ସୂଚନା ଜାରି କରାଯାଇଛି । ଯାହାକି ୱାର୍ଡ ଭିତରେ ରୋଗୀ ପାଖରେ କେବଳ ଜଣେ ଆଟେଣ୍ଡାଂଟ ବା ସମ୍ପର୍କୀୟ ରହି ପାରିବେ । ଅନ୍ୟ କେହି ସମ୍ପର୍କୀୟ ଭେଟିବାକୁ ଚାହିଁଲେ ଦିବା ୧ଟାରୁ୨ଟା ଏବଂ ସନ୍ଧ୍ୟା ୬ଟାରୁ ରାତ୍ର ୮ଟା ମଧ୍ୟରେ ଆସି ଭେଟି ପାରିବେ । ଡାକ୍ତରଖାନା ଓ ମହାବିଦ୍ୟାଳୟ ପରିସରକୁ ସ୍ୱଚ୍ଛ ରଖିବା ପାଇଁ ପାନ, ବିଡି, ସିଗାରେଟ, ଗୁଟକା ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ସେବନକୁ ନିଷେଧ କରାଯାଇଛି । ଏହାର ଉଲ୍ଲଂଘନ କଲେ ସିଗାରେଟ ଏବଂ ତୋବାକ ଉତ୍ପାଦ ନିୟମ ୨୦୦୩ ଅନୁସାରେ ଦଣ୍ଡିତ ହେବେ ଏବଂ ୨ଶହ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ ବୋଲି କହିଛନ୍ତି । ଏହା ଚଳିତ ମାସ ୫ତାରିଖ ଠାରୁ ଜାରି କରାଯାଇଛି ବୋଲି କୁହାଯାଇଛି ।

# ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲରେ ବିଶ୍ୱ ସଂସ୍କୃତ ଦିବସ

ବାଲେଶ୍ୱର,୧୩ା୮ (ସମିସ): ସ୍ଥାନୀୟ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି । ଏହି ଦିବସର ମୁଖ୍ୟ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସଂସ୍କୃତ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଫେସର ଦେବାଶିଷ ପାତ୍ର ଯୋଗଦେଇ ସଂସ୍କୃତ ଭାଷା ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ସଂସ୍କୃତ ଭାଷାର ଆବଶ୍ୟକତା ରହିଛି । ଏହାଛଡା ସଂସ୍କୃତ ଭାଷା ସାହିତ୍ୟର ଉତ୍ପତି ତଥା ବୈଜ୍ଞାନିକତା ଓ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ମୁଖ୍ୟ ବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉତ୍କଳ ସଂସ୍କୃତ ମହାସଂଘର ସଭାପତି ଡ ଚନ୍ଦ୍ର ମିଶ୍ର, ଅମୃତବାଣୀର ବେଦ, କର୍ମକାଣ୍ଡ ପଣ୍ଡିତ ପର୍ଶୁରାମ ମିଶ୍ର ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷା ଦେବଭାଷା । ଭାରତର ଆତ୍ମା ଓ ଏହାର ରାଷ୍ଟ୍ରୀୟ ଏକତାର ପ୍ରତୀକ ବୋଲି କହିଥିଲେ । ବିଦ୍ୟାଳୟର ପ୍ରୀଚାର୍ଯ୍ୟ ସୁଧାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉକ୍ତ ସଭା ଅନୁଷ୍ଠିତ ହୋଇଥିଲା । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବେଦପାଠ, ସଂସ୍କୃତ ଗୀତ, ଭାଷଣ, ନୃତ୍ୟ, ସଂସ୍କୃତ ନାଟକ ଆଦି ପରିବେଷଣ କରାଯାଇଥିଲା । ବଦ୍ୟାଳୟର ସଂସ୍କୃତ ବିଭାଗ ପଣ୍ଡିତ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସଂସ୍କୃତ ଶିକ୍ଷୟିତ୍ରୀ ଜୟନ୍ତୀ ଦାସ, ରଶ୍ମୀ ରଞ୍ଜିତା ପରିଡା ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ସିବିଏସଇ ବାର୍ଷିକ ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବା ସଂସ୍କୃତ ବିଷୟରେ ଶତ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଏହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ଶେଷରେ ବିଦ୍ୟାଳୟର ଶିକ୍ଷକ ଭବେଶ ମିଶ୍ର ଧନ୍ୟବାଦ ଦେଇଥିଲେ ।




# ବାଲେଶ୍ୱର ସହରରେ 'ତିରଙ୍ଗା ଯାତ୍ରା'

ବାଲେଶ୍ୱର,୧୩ା୮ (ସମିସ): ପବିତ୍ର ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଜେପି ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ବାଲେଶ୍ୱର ସହରରେ "ତିରଙ୍ଗା ଯାତ୍ରା' ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇଥିଲେ । ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରୁ ଆରମ୍ଭ ହୋଇ ଏହି ତ୍ରିରଙ୍ଗା ଯାତ୍ରା ଫକୀର ମୋହନ ଗୋଲେଇ, ଫାଣ୍ଡି ଛକ ଓ ସିନେମା ଛକ ଦେଇ ମୋତିଗଞ୍ଜ ବଜାରର ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟ ନିକଟ ରାଜସ୍ଥାନ ଭବନ ପର୍ଯ୍ୟନ୍ତ ଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିବ ସୁନ୍ଦର ଦାଶ, ନିରୁପମା ଦାଶ, ରୋଜାଲିନ ପାଣି, ନିତ୍ୟଗୋପାଳ ସିଂ, ସସ୍ମିତା ନାଥ, ବରିଷ୍ଠ ନେତା ରବି ନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ବିକାଶ ପାଢ଼ୀ, ସୁଷମା ବିଶ୍ୱାଳ, ସିପ୍ରାରେଖା ମହାପାତ୍ର, ମମତା ମହାପାତ୍ର, କାର୍ତ୍ତିକ ରାଉତ, କାନ୍ହୁ ମହାଳିକ, ଧୀରଜ ମହାନ୍ତି, ସୁଧାଂଶୁ ଶେଖର ପଣ୍ଡା, ପ୍ରିୟଙ୍କା ପ୍ରଧାନ, ଶ୍ରୀୟା ଦାସ, ପବନ କମିଳା, ବିଶ୍ୱଜିତ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ସାଂସଦଙ୍କ ହାତପାଣ୍ଠି ଖର୍ଚ୍ଚ ନ ହେବା ପ୍ରସଙ୍ଗ

# ପ୍ରଶ୍ନବାଣରେ ଘାଇଲା କଲେ ଭୋଗରାଇ ବିଧାୟକ

ବାଲେଶ୍ୱର,୧୩ା୮ (ସମିସ)



ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ ପରିସରରେ ଆଜି ଅନୁଷ୍ଠିତ ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି (ଦିଶା) ବୈଠକରେ ଜିଲ୍ଲା ବିକାଶର ଚିତ୍ର ଦେଖିବାକୁ ମିଳିଛି । ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କର ପାରିବା ପଣିଆ ତାଙ୍କ ହାତପାଣ୍ଠି ବିନିଯୋଗର ସ୍ଥିତି ଜିଲ୍ଲା ଯୋଜନା ବିଭାଗର ପରିସଂଖ୍ୟାନରୁ ସ୍ପଷ୍ଟ ହେଉଛି । ସାଂସଦ ଶ୍ରୀ ଷଡ଼ଙ୍ଗୀ ତାଙ୍କ ନିଜ ହାତପାଣ୍ଠି କିଭଳି ଆଉ କେଉଁ ପ୍ରକାର ବିନିଯୋଗ କରିଛନ୍ତି ତାହା ଆଜିର ବୈଠକରେ ପ୍ରମୁଖ ଆଲୋଚ୍ୟ ବିଷୟ ପାଲଟିଛି । ହେଲେ ବୈଠକରେ ଦିଆଯାଇଥିବା ତଥ୍ୟ ଅନୁସାରେ ସାଂସଦଙ୍କ ଅର୍ଥ ବିନିଯୋଗ ନକରିବା ଅତ୍ୟଧିକ ନୈରାଶ୍ୟ ଜନକ ପାଲଟିଥିବା ବେଳେ ଏହାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପ୍ରଶ୍ନ କରି ସାଂସଦଙ୍କୁ ଘାଇଲା କରିଛନ୍ତି ।

ଦିଶା ବୈଠକରେ ଦିଆଯାଇଥିବା ତଥ୍ୟ ଅନୁସାରେ, ସାଂସଦ ଶ୍ରୀ ଷଡଙ୍ଗୀ ୨୦୨୩-୨୪ ଆର୍ଥିକ ବର୍ଷରେ ମାତ୍ର ୩୩.୩୩ ପ୍ରତିଶତ ତାଙ୍କ ସାଂସଦ ପାଣ୍ଠିରୁ ଖର୍ଚ୍ଚ କରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ତାହା କ୍ରମାଗତ ଖସି ମାତ୍ର ୧.୩୦ପ୍ରତିଶତ ଖର୍ଚ୍ଚ କରିଛନ୍ତି । ଏଥିରେ ୫ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବା ବେଳେ ସେଥିରେ ୩ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ୨ଟି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତମାନ ପର୍ଯ୍ୟନ୍ତ ଖର୍ଚ୍ଚ କରିବାରେ ଖାତା ଖୋଲିପାରି ନାହାନ୍ତି । ଏହି ପ୍ରସଙ୍ଗକୁ ନେଇ ଭୋଗରାଇ ବିଧାୟକ ଶ୍ରୀ ଦାସ ଦିଶା ବୈଠକରେ ପ୍ରଶ୍ନବାଣରେ ସାଂସଦଙ୍କୁ ଘେରିଥିଲେ । ଏହାର ପ୍ରତ୍ୟୁତରରେ ସାଂସଦ କୌଣସି ସନ୍ତୋଷ ଜନକ ଉତର ଦେଇପାରିନଥିଲେ । ରାଜ୍ୟରେ ନୂଆ ସରକାର ଆସିବାର ଏକବର୍ଷରୁ ଅଧିକ ସମୟ ବିତିସାରିଥିବା ବେଳେ ଡବଲ ଇଞ୍ଜିନ ସରକାର ବିକାଶ କାମରେ ଡବଲ ଫେଲ ପ୍ରମାଣପତ୍ର ସାଉଁଟିଛି । ଯାହାକୁ ନେଇ ବାଲେଶ୍ୱରବାସୀଙ୍କ ମଧ୍ୟରେ ବିକାଶକୁ ନେଇ ରହିଥିବା ଉତ୍କଣ୍ଠାର କଣ୍ଠରୋଧ ହୋଇଛି ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ଜୋର ଧରିଛି ।

**୨୭ଟି ବିଭାଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା**

**ଡବଲ ଇଞ୍ଜିନର ଡବଲ୍ ଫେଲ୍ ପ୍ରମାଣପତ୍ର**

ଜିଲ୍ଲା ସମନ୍ୱୟ ଓ ମନିଟରିଂ କମିଟି(ଦିଶା)ର ଅଧ୍ୟକ୍ଷ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ୨୭ଟି ବିଭାଗ ଉପରେ ଆଲୋଚନା ହୋଇଥିଲା । ବିଶେଷ କରି କୃଷି, ସ୍ୱାସ୍ଥ୍ୟ, ମୃତିକା ସଂରକ୍ଷଣ, ଉଦ୍ୟାନ କୃଷି ବିଭାଗ, ଡିଆରସିଏସ, ମାଇନିଂ, କ୍ରୀଡା, ଓଏଲଏମ, ମାଇନର ଇରଗେସନ, ମତ୍ସ୍ୟ ବିଭାଗ, ଟେକ୍ସଟାଇଲ ଆଦି ବିଭିନ୍ନ ବିଭାଗ ଉପରେ ଆଲୋଚନା କରାଯିବା ସହ ଜିଲ୍ଲାର ଗ୍ରାମୀଣ ବିକାଶ ପାଇଁ ଆସୁଥିବା ଅନୁଦାନର ଉଚିତ ବିନିଯୋଗ ଏବଂ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକର ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜିଲ୍ଲାର ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବିଷୟରେ ତଥ୍ୟ ପ୍ରଦାନ କରିବା ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଉଥିବା ମୃତ୍ତିକା ସର୍ବେକ୍ଷଣ ଓ ମୃତ୍ତିକା ନମୁନା ସଂଗ୍ରହର ବିଶ୍ଳେଷଣ ରିପୋର୍ଟ ପ୍ରଦାନ କରିଥିଲେ ଯାହାକି ଗୃହରେ ଏହା ସନ୍ତୋଷ ଜନକ ନଥିଲା । ଏହାରି ଉପରେ ଅତିଥିମାନେ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରିଥିବା ବେଳେ ଜିଲ୍ଲାରେ ମୃତିକ ସଂରକ୍ଷଣରେ ହେଉଥିବା ଟେଷ ଗୁଡିକ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ୪ଟି ସେଣ୍ଟରେ ଚାଷୀମାନଙ୍କ ମୃତ୍ତିକା ପରୀକ୍ଷଣ କରାଯାଉଥିବା ବେଳେ ସେମାନଙ୍କୁ ଚାଷୀ କାର୍ଡ ମଧ୍ୟ ପ୍ରଦାନ କରାଯାଉଛି ବୋଲି କୁହାଯାଇଥିଲା । ସେହିଭଳି ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ଜାତୀୟ ରାଜପଥ ଯଥା ବାଲେଶ୍ୱରରୁ ଭଦ୍ରକ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ରାସ୍ତା ବର୍ତ୍ତମାନ ପର୍ଯ୍ୟନ୍ତ ଶେଷ ହୋଇନାହିଁ । ଏପରିକି ଏହି ଜାତୀୟ ରାଜପଥ ନିର୍ମାଣ ପାଇଁ ୫ଥର ଟେଣ୍ଡର ବୃଦ୍ଧି କରାଯାଇଥିବା ବେଳେ ବର୍ତମାନ ପର୍ଯ୍ୟନ୍ତ ତାହା ଶେଷ ହୋଇପାରୁ ନାହିଁ । ଏପରିକି ଏହି ଟେଣ୍ଡର ଶେଷ ତାରିଖ ୨୦୨୫ମସିହା ମେ ମାସରେ ଥିବା ବେଳେ ତାହାର ଅବଧି ବର୍ତମାନ ଶେଷ ହୋଇଯାଇଛି । ହେଲେ ନିର୍ମାଣ କାର୍ଯ୍ୟ ଅଧା ହୋଇପଡୁଥିବା ବେଳେ ଉକ୍ତ ରାସ୍ତାରେ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି ବୋଲି ଆଲୋଚନା ହୋଇଥିଲା । ଏହାକୁ ପ୍ରାଥମିକତା ଭିତରେ ଶେଷ କରାଯିବାକୁ କୁହାଯାଇଥିଲା । ଏହାଛଡା ଶିକ୍ଷା ବିଭାଗ ଦ୍ୱାରା ଛାତ୍ରଛାତୀଙ୍କୁ ବିଦ୍ୟାଳୟ ପୋଷାକ ବଣ୍ଟନ, ଓଏଭି ସ୍କୁଲଗୁଡିକର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯିବା ସହ ପ୍ରାଣୀଚିକିତ୍ସା ବିଭାଗ ଅନ୍ତର୍ଗତ ଦେଶବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ବିଭାଗ ଅନ୍ତର୍ଗତ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସମାଜ ମଙ୍ଗଳ ବିଭାଗ ଅନ୍ତର୍ଗତ ପିଏମ ପୋଷଣ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଆଦି ବିଭିନ୍ନ ବିଭାଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା ।

**ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣସମିତି ବୈଠକ**

ଏହି ବୈଠକରେ ଅନ୍ୟତମ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସୋର ବିଧାୟକ ମାଧବ ଚନ୍ଦ୍ର ଧଡ଼ା, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିସ୍ତା ବିଧାୟିକା ସୁବାସିନୀ ଜେନା, ସଦର ବିଧାୟକ ମାନସ କୁମାର ଦତ୍ତ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ପ୍ରମୁଖ ବିଭିନ୍ନ ବିଭାଗୀୟ କାର୍ଯ୍ୟ ଉପରେ ସେମାନଙ୍କ ଅଞ୍ଚଳର ଦାବି, ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରି ବିଭାଗୀୟ ଅଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ହାସଲ କରିଥିଲେ । ଏପରିକି ସଭାରେ ପଚରାଯାଇଥିବା ସମସ୍ତ ଦ୍ୱନ୍ଦ୍ୱକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରତିଶ୍ରୁତି ଦେବା ସହ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଏହି ସମସ୍ୟା ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

■ 'ଓମ୍ବ୍ରିକ' ପ୍ରକଳ୍ପରେ ଏଫ୍ଏମ୍ ବିଶ୍ୱବିଦ୍ୟାଳୟର ସହଭାଗିତା

# ମେରାଇନ ବାୟୋଟେକ୍ ଗବେଷଣା ଓ ବ୍ଲ୍ୟୁ ଇକୋନୋମିରେ ହେବ ସହାୟ



ବାଲେଶ୍ୱର,୧୩ା୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ମେରାଇନ ବାୟୋଟେକ୍ନୋଲଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ କରିଡର୍ 'ଓମ୍ବ୍ରିକ' ଉଦ୍‌ଘାଟିତ ହୋଇଛି । ଏଥି ଅନ୍ତର୍ଗତ ମେରାଇନ ବାୟୋଟେକ ଷ୍ଟାର୍ଟଅପ ସୃଷ୍ଟି, ନବୀନତାକୁ ପ୍ରୋତ୍ସାହନ ଓ 'ବ୍ଲୁ ଇକନୋମି'ର ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ଗବେଷଣା ଓ ନୂତନ ଅଧ୍ୟୟନାତ୍ମକ ପ୍ରଶିକ୍ଷଣକୁ ପ୍ରୋତ୍ସାହନ ଦେବା ନେଇ ସୂଚୀତ କରାଯାଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟ ଏହି ପ୍ରୟାସର ପ୍ରକଳ୍ପ ସହଭାଗୀ ସଂସ୍ଥା ଭାବେ ଯୋଗଦେଇ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି । ଯାହା ମାଧ୍ୟମରେ ବିଶ୍ୱବିଦ୍ୟାଳୟ ମେରାଇନ ବାୟୋଟେକ ଗବେଷଣା, ଇନୋଭେସନ ଓ ପ୍ରୟୋଗମୂଳକ ବିକାଶ କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିବ । ଏହି ବୁଝାମଣାପତ୍ର ରାଜ୍ୟ ବିଜ୍ଞାନ ଓ ପ୍ରୌଦ୍ୟୋଗିକୀ ବିଭାଗ ଓ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ ଅଧୀନସ୍ଥ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଓସିଆନ ଟେକ୍ନୋଲଜି (ଏନ୍ଆଇଓଟି) ସହିତ ଏକ ଯୁକ୍ତ ସହଯୋଗ ସ୍ଥାନ କରିବ । ଫକୀରମୋହନ ବିଶ୍ୱବିଦ୍ୟାଳୟ ମେରାଇନ ବାୟୋଟେକ ଗବେଷଣା ଓ ବିକାଶ ପ୍ରକ୍ରିୟାର ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାରଙ୍କ ଓଡିଶା ମେରାଇନ ବାୟୋଟେକନୋଲଜି ରିସର୍ଚ୍ଚ ଏଣ୍ଡ ଇନୋଭେସନ କରିଡର 'ଓମ୍ବ୍ରିକ୍' ପ୍ରୟାସରେ ସହଭାଗୀ ଭାବେ ଯୋଗଦେଇଛି । ଏନଆଇଓଟି ସହିତ ଏହି ଯୁକ୍ତ ପ୍ରକଳ୍ପ ମାଧ୍ୟମରେ ବିଶ୍ୱବିଦ୍ୟାଳୟ ସମୁଦ୍ର ଜୈବ ସମ୍ପଦ ଅନ୍ୱେଷଣ, ପରିବେଶ ସୁରକ୍ଷା ଓ ସ୍ଥାୟୀ ବ୍ୟବହାର ପାଇଁ ଗବେଷଣା, ପ୍ରଶିକ୍ଷଣ ଓ ଇନକ୍ୟୁବେସନରେ ସମର୍ଥନ ଦେବ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ଏହି ପ୍ରକଳ୍ପ ରାଜ୍ୟର ୫୭୪ କିମି ଲମ୍ବା ସମୁଦ୍ରତଟରେ ଥିବା ଜୈବ ସମ୍ପଦକୁ ଗବେଷଣାର ପ୍ରସଙ୍ଗ ଭାବରେ ବ୍ୟବହାର କରି ଅନ୍ୱେଷଣ, ସ୍ଥାୟୀ ବ୍ୟବହାର ଓ ପରିବେଶ ସୁରକ୍ଷାରେ ଅମୂଲ୍ୟ ଅବଦାନ ଦେଇପାରିବା ନେଇ ଲକ୍ଷ୍ୟ ରଖିଛି । ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି ଯେ, ଓମ୍ବ୍ରିକ ମାଧ୍ୟମରେ ଆମେ ଲାବ-ଟୁ-ଲ୍ୟାଣ୍ଡ' ଏବଂ 'ଲାବ-ଟୁ-ମାର୍କେଟ' ଧାରାକୁ ସୁଦୃଢ଼ କରିବାରେ ପ୍ରତିଶ୍ରୁତିବଦ୍ଧ । ବାୟୋଆକ୍ଟିଭ ମୋଲିକ୍ୟୁଲ, ବାୟୋରିମେଡିଏସନ, ନ୍ୟୁଟ୍ରାସିଉଟିକାଲ ଓ ସମୁଦ୍ର ଜୈବ ସମ୍ପଦ ଆଧାରିତ ନବୀନ ପ୍ରଡକ୍ଟରେ ଗବେଷଣା କରି, ରାଜ୍ୟର ଅର୍ଥନୀତି, ରୋଜଗାର ସୃଷ୍ଟି ଓ ପରିବେଶ ସୁସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ଆମର ଲକ୍ଷ୍ୟ ହେବ ବୋଲି କହିଛନ୍ତି । ଏହି ପ୍ରକଳ୍ପରେ ବିଶ୍ୱବିଦ୍ୟାଳୟର ଅଭିନ୍ନ ଭୂମିକା ମଧ୍ୟରେ, ସମୁଦ୍ର ବାୟୋଟେକ କ୍ଷେତ୍ରରେ ଗବେଷଣା ଓ ବିକାଶ ପ୍ରକଳ୍ପ, ଛାତ୍ର, ଗବେଷକ ଓ ଯୁବ ବୈଜ୍ଞାନିକଙ୍କ ପାଇଁ ଉଚ୍ଚଶିକ୍ଷା ଓ ପ୍ରଶିକ୍ଷଣ ସୁଯୋଗ ଆଣିବା ସହିତ ସ୍ଥାନୀୟ ଷ୍ଟାର୍ଟଅପ ଗଠନ ପାଇଁ ଇନକ୍ୟୁବେସନ ସମର୍ଥନ ଓ ଉଦ୍ୟମୀ ପ୍ରଶିକ୍ଷଣ, ସମୁଦ୍ରତଟ ସମୁଦାୟ ସହିତ ସହଭାଗୀତା ତଥା ପ୍ରଶିକ୍ଷଣ, ଜୀବିକା ସୁଦୃଢ଼ୀକରଣ, ପରିବେଶ ସୁରକ୍ଷାର ଦାୟିତ୍ୱ ନିର୍ବାହ କରିବ । ବିଶ୍ୱବିଦ୍ୟାଳୟର ବରିଷ୍ଠ ଗବେଷକଙ୍କ ମତରେ ଓମ୍ବ୍ରିକ କେବଳ ବୈଜ୍ଞାନିକ ଅନ୍ୱେଷଣରେ ନୁହେଁ ବରଂ ସମୁଦ୍ରତଟ ଅଂଚଳର ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ମଧ୍ୟ ପଥପ୍ରଦର୍ଶକ ହେବ । ଏହା ଓଡିଶାକୁ କେବଳ ଉପକୂଳର ରାଜ୍ୟରୁ 'କୋଷ୍ଟାଲ ଇନୋଭେର୍ଟ' ରୂପେ ପରିଣତ କରି 'ବିକଶିତ ଓଡ଼ିଶା ଓ 'ବିକଶିତ ଭାରତ'ର ଦୃଷ୍ଟିକୋଣକୁ ସାକାର ମଧ୍ୟ କରାଯାଇ ପାରିବ ବୋଲି କହିଛନ୍ତି ।

## ସାଇବର ଠକେଇ

# ଯୁବକଙ୍କ ଆକାଉଣ୍ଟରୁ କଟିଗଲା ଲକ୍ଷାଧିକ ଟଙ୍କା

ବାଲେଶ୍ୱର,୧୩ା୮ (ସମିସ): ବାଲେଶ୍ୱର ଟାଉନଥାନା ବଡ଼ଖୁଆ ଅଞ୍ଚଳର ଜଣେ ଯୁବକ ସାଇବରଠକେଇର ଶିକାର ହୋଇଛନ୍ତି । ତାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା କଟିଯାଇଛି । ଠକାମୀର ଶିକାର ହୋଇଛନ୍ତି ସୁଜିତ କୁମାର ପୃଷ୍ଟି । ତାଙ୍କର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆକାଉଣ୍ଟରୁ ପାଖାପାଖି ୧ଲକ୍ଷ ଟଙ୍କା କଟିଯାଇଥିବା ନେଇ ସେ ଅନଲାଇନରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ତିନି ଦିନ ତଳେ ହଠାତ ୧୫ହଜାର ଟଙ୍କା କଟିଥିଲା । ତେବେ ତାଙ୍କ ନିକଟକୁ ଆସିଥିବା ଏକ ଲିଙ୍କ ଓପନ କରିଦେଇଥିଲେ । ତେବେ ତୁରନ୍ତ ପ୍ରଥମେ ତାଙ୍କ ଖାତାରୁ ୧୫ହଜାର ଟଙ୍କା କଟିଥିବା ବେଳେ ଆଜି ଏକ ଲକ୍ଷ ୩୮ ହଜାର ଟଙ୍କା କଟିଥିଲା । ଆଜି ପର୍ଯ୍ୟାୟକ୍ରମେ ୫ଶହ ପରେ ୪ହଜାର ୫ଶହ, ପାଞ୍ଚ ହଜାର, ୩୭ହଜାର, ୨୫ହଜାର ଏବଂ ୭୫ହଜାର ଟଙ୍କା କଟିଥିଲା । ଏନେଇ ସେ ସାଇବର ଅନଲାଇନ ଅଭିଯୋଗ ସେଲ୧୯୩୦ରେ ନିଜର ଅଭିଯୋଗ କରିଥିଲେ ।

# ଉତ୍ତର ଓଡ଼ିଶା ବିଦ୍ୟୁତ ଗ୍ରାହକ ସଂଘର ବୈଠକ



ବାଲେଶ୍ୱର,୧୩ା୮ (ସମିସ): ଆଜି ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଉତର ଓଡ଼ିଶା ବିଦ୍ୟୁତ ଗ୍ରାହକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଅଂଚଳରୁ ଆସିଥିବା ବିଦ୍ୟୁତ ଗ୍ରାହକମାନେ ଉପସ୍ଥିତ ରହି ଦୈନନ୍ଦିନ ଜୀବନରେ ଘଟୁଥିବା ବିଦ୍ୟୁତ ସମସ୍ୟା ଉପରେ ଆଲୋଚନା କରି ଟାଟା ପାୱାର ଗ୍ରାହକ ଶୋଷଣ ମନମୁଖୀ କାର୍ଯ୍ୟର ଅସନ୍ତୋଷ ପ୍ରକାଶ କରିଥିଲେ । ଏହାଛଡା ଆସନ୍ତା ୧୫ତାରିଖରେ ଟାଟା ପାୱାର ଯୋଗାଉଥିବା ସେବା ବିରୋଧରେ ଓଇଆରସି ବିଜ୍ଞପ୍ତି ଅନୁସାରେ ସମସ୍ତ ଆଲୋଚ୍ୟ ବିଷୟକୁ ଏକାଠି କରି ଏକ ଲିଖିତ ବିବୃତି ପ୍ରଦାନ କରାଯିବ ଏବଂ ତାହା ଆଗାମୀ ଧାର୍ଯ୍ୟ ତାରିଖରେ ଆଭାସୀମାଧ୍ୟରେ ସବିଶେଷ ଆଲୋଚନା କରାଯିବ ବୋଲି ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଗିରିଜା ଶଙ୍କର ଦାସ, ବିଜୟ ପାଣିଗ୍ରାହୀ, ରଘୁନାଥ ଲେଙ୍କା, ମନୋଜ ରାଉତ, ଇକବାଲ ଖାଁ, ଅଜଗି ଅଲ୍ଲୀ, ଡ ମଳୟ ବିଶ୍ୱାସ, ପ୍ରୀୟବ୍ରତ ନାୟକ, ମାନସ ରଥ, ନିରଞ୍ଜନ ଭୂୟାଁ, ସୁବଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବିପଦସଂକୁଳ ଅବସ୍ଥାରେ ଚାରିଗୋଛିଆ ନଖପୋଲ

# ଫାଟିଗଲାଣି କାନ୍ଥ; ହେଉନି ମରାମତି







ବାଲେଶ୍ୱର,୧୩ା୮ (ସମିସ)

ଜଳସମ୍ପଦ ବିଭାଗ ପକ୍ଷରୁ ବାଲେଶ୍ୱର ସଦର ବ୍ଲକ୍ ଶ୍ରୀକୋଣା ପଞ୍ଚାୟତର ଚାରିଗୋଛିଆ ଠାରେ ଚାରିଗୋଛିଆ ଠାରୁ ବଳରାମଗଡି ପର୍ଯ୍ୟନ୍ତ ଲୁଣିବନ୍ଧ ଉନ୍ନତୀକରଣ ଓ ପ୍ରଶସ୍ତି କରଣ କାର୍ଯ୍ୟ ଜାରି ରହିଛି । ଏହି କାର୍ଯ୍ୟ ପାଇଁ ଏବେ ବ୍ରିଟିଶ ଅମଳରୁ ଥିବା ଚାରିଗୋଛିଆ ନଖପୋଲର ଅବସ୍ଥା ସଙ୍ଗୀନ ହୋଇଯାଇଛି । ରାସ୍ତା କାମବେଳେ ମାଟି ଅତଡ଼ା ଖସି ବଡ଼ବଡ଼ ଗର୍ତ୍ତମାନ ସୃଷ୍ଟି ହେବା ଫଳରେ ପୋଲର କାନ୍ଥ ଫାଟି ଆଁ ହୋଇଯାଇଛି । ଯାହାକି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏହାକୁ ଯଥାଶୀଘ୍ର ମରାମତି କରା ନ ଗଲେ ପୋଲର କାନ୍ଥଗୁଡ଼ିକ ଭୁଶୁଡ଼ିବାର ସମ୍ଭାବନା ରହିଛି ।

ସୂଚନା ଅନୁସାରେ, ଜଳସମ୍ପଦ ବିଭାଗ ପକ୍ଷରୁ ଚାରିଗୋଛିଆ ଠାରୁ ବଳରାମଗଡି ପର୍ଯ୍ୟନ୍ତ ଲୁଣିବନ୍ଧ ଉନ୍ନତିକରଣ ଓ ପ୍ରଶସ୍ତି କରଣ କାର୍ଯ୍ୟ ଚାଲିଛି । ଏଥିପାଇଁ ୩୪କୋଟି ୪୪ଲକ୍ଷ ୬ହଜାର ୬୧୯ଟଙ୍କା ପ୍ରକଳ୍ପର ମୂଲ୍ୟ ରହିଛି । ଏହି ରାସ୍ତାକୁ ଲାଗି ରହିଛି ଚାରିଗୋଛିଆ ନଖପୋଲ । ଯାହାକି ଏହି ପୋଲ ବ୍ରିଟିଶ ଅମଳରୁ ନିର୍ମାଣ ହୋଇଥିବା ଜଣାଯାଇଛି । ଏହି ପୋଲ ଉପରେ ଶ୍ରୀକୋଣା ପଂଚାୟତର ଚାରିଗୋଛିଆ ଗାଁ ସମ୍ପୂର୍ଣ୍ଣ ଭାବେ ଯାତାୟତ ପାଇଁ ନିର୍ଭର କରନ୍ତି । ଏହି ଗାଁର ତିନୋଟି ୱାର୍ଡର ପାଖାପାଖି ୨ହଜାରରୁ ଅଧିକ ଲୋକେ ଏହି ରାସ୍ତା ଦେଇ ଯାତାୟତ କରନ୍ତି । ଏପରିକି ଏହି ପୋଲ ଦେଇ ଚିଙ୍ଗୁଡି ବ୍ୟବସାୟମାନେ ଯାତାୟତ କରୁଥିବା ବେଳେ ଅନ୍ୟାନ୍ୟ ଗାଁର ଲୋକେ ମଧ୍ୟ ଏହାରି ଉପରେ ଯାତାୟତ କରନ୍ତି । ହେଲେ ଏଇ ପୋଲ ଏବେ ଅସୁରକ୍ଷିତ ହୋଇପଡିଛି । ଲୁଣିବନ୍ଧ ଉନ୍ନତି କରଣ କରାଯାଉଥିବା ବେଳେ ଏବେ ଏହି ପୋଲଟି ବିନାଶ ହେବାକୁ ବସିଛି । ଏହି ରାସ୍ତା ଉନ୍ନତି କରଣ କାର୍ଯ୍ୟ ଆରମ୍ଭ ହେବା ଫଳରେ ସେଠାରେ ବଡ ବଡ ଗର୍ତମାନ ସୃଷ୍ଟି ହେବା ଫଳରେ ସେଇ ନଖପୋଲର କାନ୍ଥ ଫାଟି ଆଁ ହୋଇଯାଇଥିବା ବେଳେ କିଛି ଅଂଶ ଧସି ଯିବାକୁ ବସିଛି । ଏପରିକି ପୋଲଟି ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିବାବେଳେ ସେଥିରୁ ରଡ ମଧ୍ୟ ବାହାରି ଗଲାଣି । ପାଖାପାଖି ଦୁଇ ମାସ ହେବ ଏହି ପୋଲର ସାଇଡ ୱାଲ ଗୁଡ଼ିକ ଫାଟି ଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାର ମରାତି ମଧ୍ୟ ହେଉ ନାହିଁ । ଏନେଇ ଗ୍ରାମର ସୁରେଶ କୁମାର ପାତ୍ର, ସୋନୁ ଜେନା, ମନୋରଞ୍ଜନ ନନ୍ଦ ପ୍ରମୁଖ କହିଛନ୍ତି ଯେ, ଏହି ପୋଲଟି ବ୍ରିଟିଶ ଅମଳରୁ ନିର୍ମାଣ ହୋଇଛି । ପାଖାପାଖି ଶହେ ବର୍ଷ ହେଲାଣି । ଏହି ପୋଲ ଦେଇ ଚାରିଗୋଛିଆଁ ଗାଁ ଲୋକେ ଯିବା ଆସିବା କରୁଛନ୍ତି । ହେଲେ ଜଳ ସମ୍ପଦ ବିଭାଗ ପକ୍ଷରୁ ଲୁଣି ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ ଏହି ପୋଲଟି କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ରାସ୍ତା ନିର୍ମାଣ ହେବା ସମୟରେ ମାଟି ଅତଡ଼ା ଖସିଯିବା ଯୋଗୁଁ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ପୋଲର ୱାଲ ମଧ୍ୟ ଫାଟି ଆଁ ହୋଇଯାଇଛି । ଯଦି ଏହି ପୋଲଟି ଶିଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବ କିମ୍ବା ପୋଲର ସାଇଡ ୱାଲ ମରାମତି ନହୁଏ ତେବେ ଖୁବ କମ ଦିନ ମଧ୍ୟରେ ଏହି ପୋଲଟି ଭୁଷୁଡି ଯିବାର ଅଧିକ ସମ୍ଭାବନା ମଧ୍ୟ ରହିଛି । ଯଦି ଏହି ପୋଲଟି ଭାଙ୍ଗିଯାଏ ତେବେ ଏଠାକର ଲୋକେ ନୂଆନଈ ଛକକୁ ଯିବା ଆସିବା କରିବା ପାଇଁ ହେଲେ ଚାନ୍ଦିପୁର ରାସ୍ତା ଦେଇ ଯିବାକୁ ପଡ଼ିବ ଯାହାକି ପାଖାପାଖି ୫କିମି ରାସ୍ତା ଅଧିକ ବୁଲାଣି ହେବ । କିଛି ଦିନ ପୂର୍ବରୁ ଜଳସମ୍ପଦ ବିଭାଗର ଅଧିକାରୀମାନେ ଏଠାକୁ ଆସିଥିଲେ ଏବଂ ତାହାର ତଦାରଖ ମଧ୍ୟ କରିଥିଲେ । ଏପରିକି କାର୍ଯ୍ୟ କରିବା ପାଇଁ କିଛି ପଥର ଆଣି ସେଠାରେ ମଧ୍ୟ ପକାଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ତାହାର ମରାମତି କାର୍ଯ୍ୟ ହୋଇନପାରିବା ଯୋଗୁଁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ବୋଲି କହିଛନ୍ତି । ଏନେଇ ସ୍ଥାନୀୟ ସରପଂଚ କମଳ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଜଳସମ୍ପଦ ବିଭାଗ ପକ୍ଷରୁ ନୁଣାବନ୍ଧ ଉନ୍ନତୀକରଣ କାର୍ଯ୍ୟଚାଲୁଛି । ନଦୀପାଖରୁ ଏହି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଫଳରେ ନଦୀ ସମ୍ମୁଖ ଭାଗରୁ ଗାତ ଖୋଳା ହେବା ଫଳରେ ପାଣିର ଦିଗ ବଦଳାଇ ଏହି ନାଳ ଦେଇ ଯାଉଛି । ଯାହାଫଳରେ ନଖପୋଲର ୱାଲଗୁଡ଼ିକ ଭାଙ୍ଗିଯାଇଛି । ଏନେଇ ବିଭାଗକୁ ଏହାର ମରାମତି କରିବା ପାଇଁ ମଧ୍ୟ କୁହାଯାଇଛି ବୋଲି କହିଛନ୍ତି ।



## ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଔଷଧ ପୋଡ଼ି ଘଟଣା

# ଏଡିଏମ୍‌ଓଙ୍କ ନେତୃତ୍ୱରେ ତଦନ୍ତ ପାଇଁ ଆସିଲେ ୫ଜଣିଆ ଟିମ୍

ଡେରାବିଶ,୧୩।୮ (ସମିସ)

ସରକାର ଲୋକମାନଙ୍କୁ ନିରାମୟ ଯୋଜନାରେ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି। ଯେପରି କୌଣସି ରୋଗୀ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସି ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ହେବା ସହିତ ରୋଗ ଭଲ ହେବା ପାଇଁ ମାଗଣାରେ ଔଷଧ ଡାକ୍ତରଖାନା ପରିସରକୁ ପାଇବ। ଏଥିପାଇଁ ସରକାର କୋଟି କୋଟି ଟଙ୍କାର ବିଭିନ୍ନ ପ୍ରକାର ଔଷଧ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୋଗାଇ ଦେଉଛନ୍ତି। ହେଲେ ବିଭାଗୀୟ କର୍ତୃପକ୍ଷଙ୍କ ଅବହେଳା ହେଉ କିମ୍ବା ମନମାନୀ ହେଉ ସରକାରଙ୍କ ପକ୍ଷରୁ ରୋଗୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା କୋଟି କୋଟି ଟଙ୍କାର ଔଷଧ କେତେବେଳେ ଏକ୍ସପାରୀ ହେଉଛିତ ପୁଣି କେତେବେଳେ ଏଗୁଡ଼ିକୁ ପୋଡ଼ି ଦିଆଯାଉଛି। ଏପରି ଔଷଧ ପୋଡ଼ି ଘଟଣା ଦେଖିବାକୁ ମିଳିଛି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବିପୁଳ ପରିମାଣରେ ଔଷଧ ପୋଡ଼ାଯାଉଥିବାର ଭିଡ଼ିଓ ଏବେ ମୋବାଇଲରୁ ମୋବାଇଲ୍ ଭାଇରାଲ ହେବାରେ ଲାଗିଛି। ଏପରିକି






ପୋଡ଼ାଯାଉଥିବା ଔଷଧ ମଧ୍ୟରେ କିଛି ଔଷଧର ଏକ୍ସପାରୀ ଅବଧି ୨୦୨୬ ଡିସେମ୍ବର ଯାଏ ରହିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜଣେ ଗଣମାଧ୍ୟମ ପ୍ରତିନିଧି ଭିଡ଼ିଓ ଉତୋଳନ କରୁଥିବା ବେଳେ ମେଡ଼ିକାଲ୍ କର୍ତୃପକ୍ଷ ତାଙ୍କୁ ଏପରି କରିବାକୁ ବାରଣ କରୁଥିବା ଓ ଏଥିପାଇଁ ଗଣମାଧ୍ୟମ ପ୍ରତିନିଧି ଜଣଙ୍କୁ ଘଟଣାଟିକୁ ରଫାଦଫା କରିବା ପାଇଁ ଟଙ୍କା ଯାଚୁଥିବାର ଭିଡ଼ିଓ ମଧ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଘଟଣା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମନୋରନ ରାଉତ ଅବଗତ ହେବା ପରେ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ଏହାର ତଦନ୍ତ କରିବା ପାଇଁ କମିଟି ଗଠନ କରାଯାଇଥିଲା। ଏହି କେନ୍ଦ୍ରପଡ଼ା ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନେତୃତ୍ୱରେ ଏକ ପାଚଜଣିଆ ଟିମ୍ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ଆସି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ତେବେ ତଦନ୍ତ ପୂର୍ବରୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ତୃପକ୍ଷ ଏହି ମେଡିସିନ୍ ପୋଡ଼ି ସ୍ଥଳକୁ ସମ୍ପୂର୍ଣ୍ଣ ଭାବେ ସଫା କରିଦେଇଥିବା ଜଣାପଡ଼ିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ଡେରାବିଶ ବ୍ଲକର ମୁଖ୍ୟ ଚିକିତ୍ସା କେନ୍ଦ୍ର ହୋଇଥିବା ବେଳେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଡେରାବିଶ ବ୍ଲକର ୨୬ଟି ପଂଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଏଠାରେ ରୋଗୀମାନଙ୍କ ନିମନ୍ତେ ବେଡ୍‌ର ବ୍ୟବସ୍ଥା ରହିଥିବା ବେଳେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବାର ବ୍ୟବସ୍ଥା କରାଯାଇଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ୧୦୦ରୁ ଉର୍ଦ୍ଧ୍ୱ ରୋଗୀ ସେମାନଙ୍କ ଚିକିତ୍ସା ପାଇଁ ଆସିଥାଁ। ସେଥିପାଇଁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ବହୁ ପରିମାଣରେ ଔଷଧ ଯୋଗାଇ ଦିଆଯାଇଥାଏ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ସଠିକ ଭାବେ କରାଯାଉନଥିବାର ବିଭିନ୍ନ ଅଭିଯୋଗ ପାଇ ଗତ ସପ୍ତାହରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଅଚାନକ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରପ୍ରାଇଜ୍ ଭିଜିଟରେ ଯାଇଥିଲେ। ସେଠାରେ ବିଭିନ୍ନ ପ୍ରକାର ଅବ୍ୟବସ୍ଥା ଦେଖିବା ସହିତ ନିରାମୟ କେନ୍ଦ୍ରରେ ବହୁ ଔଷଧ ଏକ୍ସପାରୀ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏହି ଘଟଣାରେ ବିଧାୟକ ଶ୍ରୀ ମହାପାତ୍ର ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ଏହି ଅବ୍ୟବସ୍ଥା ଗୁଡ଼ିକୁ ସୁଧାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଚାନ୍ଦୋଳ, ଦାନପୁର, ହରିଅଙ୍କ, ସନ୍ଥପୁରା ଓ ବୀରନୀଳକଣ୍ଠପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ୨୪ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛି। ଏଠାରେ ପ୍ରଶ୍ନ ଉଠୁଛି ଯଦି ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଔଷଧ ବଳିପଡ଼ିଲା ତେବେ ଏହାକୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଦିଆଯାଇ ପାରିଥାନ୍ତା କିମ୍ବା ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ପାଂଚୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ପଠାଯାଇ ପାରିଥାନ୍ତା। ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଉପରୋକ୍ତ ପାଚୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ଗୋଟିଏ ଦୁଇଟିକୁ ଛାଡ଼ିଦେଲେ ଅନ୍ୟ ସବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଅବସ୍ଥା ତଦ୍ରୁପ। ସମୟ ସମୟରେ ସେଠାରେ ମଧ୍ୟ ଔଷଧ ଫୋପଡ଼ାଯାଏ ନଚେତ ପୋଡି ଦିଆଯାଇଥାଏ। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଂଚଳବାସୀ ଦାବି କରିଛନ୍ତି।

## ନଳକୂପ ଖନନ ନେଇ ବିଡିଓଙ୍କୁ ଭେଟିଲେ ଗ୍ରାମବାସୀ

ମହାକାଳପଡ଼ା,୧୩।୮ (ସମିସ): ମହାକାଳପଡ଼ା ବ୍ଲକ୍ ବାରଡାଙ୍ଗ ପଞ୍ଚାୟତ ବାଟିପଡ଼ାରେ ନଳକୂପ ଖନନ ପାଇଁ ଗ୍ରାମବାସୀ ମହାକାଳପଡ଼ା ବିଡିଓ ସୌମ୍ୟଶ୍ରୀ ଦାସଙ୍କୁ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ବାରଡାଙ୍ଗ ବାଟିପଡ଼ାରେ ପିଇବା ପାଣି ସମସ୍ୟା ଥିବାରୁ ସେହି ପଡ଼ାରେ ଏକ ନଳକୂପ ଖନନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନଳକୂପ ଖନନ ସ୍ଥାନ ନିରୂପଣ ପାଇଁ ଆରଡବ୍ଲୁଏସଏସ ବିଭାଗ ପକ୍ଷରୁ ଏକ ଟିମ ଗ୍ରାମକୁ ଯାଇଥିଲା ବେଳେ କିଛି ଖଳ ପ୍ରକୃତିର ଲୋକ ସେହି ଟିମକୁ ସହଯୋଗ ନ କରି ଗାଳି ଗୁଲଜ କରିଥିଲେ। ଫଳରେ ସେ ଟିମ ସ୍ଥାନ ନିରୂପଣ କରି ନ ପାରି ଫେରିଯାଇଥିଲେ। ଫଳରେ ନଳକୂପ ଖନନ ହୋଇପାରି ନାହିଁ। ପଡ଼ାରେ ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ଏକତ୍ରିତ ହୋଇ ନଳକୂପ ଖନନସ୍ଥାନ ଚୟନ କରିବା ସହିତ ସେହି ସ୍ଥାନରେ ନଳକୂପ ବସାଇବାକୁ ନିଷ୍ପତ୍ତି ହୋଇଥିବା ନେଇ ନିବେଦନ ପତ୍ରରେ ଜଣାଇଛନ୍ତି କ୍ଷସୁଶିଲ କୁମାର ସ୍ୱାଇଁ, ମନୋରମା ନାଉରି, କୁନୀଲତା ରାଉତ, ପ୍ରଭାସିନୀ ଜେନା, ଝରଣା ଦାସ, ସଞ୍ଜୟ ଦାସ ପ୍ରମୁଖ ପତ୍ର ଜରିଆରେ ନିବେଦନ କରିଛନ୍ତି। ସ୍ଥିରୀକୃତ ସ୍ଥାନରେ ତୁରନ୍ତ ନଳକୂପ ଖୋଲିବା ପାଇଁ ପଦକ୍ଷେପ ନେବାକୁ ଆରଡବ୍ଲୁଏସଏସ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ସୁପାରିଶ କରିଥିବା ଜଣାପଡ଼ିଛି।

## ହର୍‌ଘର୍ ତ୍ରିରଙ୍ଗା ଶୋଭାଯାତ୍ରା

ରାଜନଗର,୧୩।୮ (ସମିସ): ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତ୍ରିରଙ୍ଗା ଶୋଭାଯାତ୍ରା ସକାଳ ୮.୩୦ରୁ ମହାବିଦ୍ୟାଳୟ ପରିସରରୁ ବାହାରିଥିଲା। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୧୦୦ ମିଟରର ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ଯାଇଥିଲେ। ସେମାନେ ମହିଷାସୁର, ବାସୁଦେବପୁର, ରାଜନଗର ଗାଁ ଓ ବଜାର ପରିକ୍ରମା କରି ମହାବିଦ୍ୟାଳୟକୁ ଫେରିଥିଲେ। ଶୋଭାଯାତ୍ରାରେ ଶୈକ୍ଷିକ କୋଷାଧ୍ୟକ୍ଷ ଶିକ୍ଷା ବିଭାଗର ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ପ୍ରଶାସନିକ କୋଷାଧ ଅଧ୍ୟାପକ ପ୍ରଣୟକୁମାର ବେହେରା, ବ୍ୟୟଅଧୀକ୍ଷକ ଅଧ୍ୟାପକ ବାଣିଜ୍ୟ ବିଭାଗର ଅଭିମନ୍ୟୁ ରାଉତ, ଇଂରାଜୀ ବିଭାଗର ଅଧ୍ୟାପକ ପର୍ଶୁରାମ ନାଥ, ଅର୍ଥନୀତି ଅଧ୍ୟାପକ ଅଭିଜିତ୍ ଖୁଣ୍ଟିଆ, ଓଡିଆ ଅଧ୍ୟାପକ ବିନୋଦ କୁମାର ସେଠୀ, ଜୁଲୋଜି ଅଧ୍ୟାପିକା ଅନୁସୟା ବେହେରା, ବୋଟନୀ ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ରାଜନୀତି ବିଜ୍ଞାନ ଅଧ୍ୟାପିକା ପ୍ରଣତି ନାୟକ, ପ୍ରତାପ କୁମାର ସ୍ୱାଇଁ, ଆଲୋକ ବେହେରା, ଅଧ୍ୟାପକ ରତ୍ନାକର ନାୟକ ପ୍ରମୁଖ ଯୋଗଦାନ କରିଥିଲେ।

## ୫ ମନ୍ଦିରରୁ ଚୋରି ଅଭିଯୋଗ

କେନ୍ଦ୍ରାପଡ଼ା,୧୩।୮ (ସମିସ): ଗୋଟିଏ ରାତିରେ ୫ଟି ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚୋରଦଳ ଠାକୁରଙ୍କ ସୁନା ଗହଣା ସମେତ ମନ୍ଦିରର ଘଂଟି ଓ ଦାନବାକ୍ସ ଲୁଟି ନେଇଛନ୍ତି। କେନ୍ଦ୍ରାପଡା ନିକିରାଇ ଥାନାର କେତେକ ଗାଁରୁ ଆସିଛି ଏହି ଖବର। ମିର୍ଜାପୁର ଶିବମନ୍ଦିର, ଜୟକୃଷ୍ଣପୁର ହନୁମାନ ମନ୍ଦିର ଆଦିରୁ ଏଭଳି ଚୋରି ହୋଇଛି। ତିକି ଠାକୁରଙ୍କ ରାତି ପ୍ରାୟ ୧୨ ବେଳେ ମିର୍ଜାପୁର ଶିବ ମନ୍ଦିରରେ ପଶିଥିଲେ ଚୋର। ମନ୍ଦିରରୁ କିଛି ଶବ୍ଦ ଶୁଣି ଗାଁ ଲୋକେ ପହଞ୍ଚିଲା ବେଳକୁ ଚୋରଦଳ ବାଇକରେ ଛୁ ମାରିଲେ। ମିର୍ଜାପୁର ପରେ ଟାର୍ଗେଟ କରିଥିଲେ ମାଳବଣ ଶନି ମନ୍ଦିରକୁ। ପରେ ପରେ ଅସୁରଡିହ ହନୁମାନ ମନ୍ଦିର, ଚାରି ଗାଁ ଫଟୁ ବାରାହୀ ମନ୍ଦିର ଓ ଶେଷରେ ଜୟକୃଷ୍ଣପୁର ହନୁମାନ ମନ୍ଦିରରେ କଳାକନା ବୁଲେଇ ଦେଇଥିଲେ। ମନ୍ଦିରରେ ଝୁଲୁଥିବା ପିତଳ ଘଣ୍ଟି, ଠାକୁରଙ୍କ ପିତଳ ବାସନ ଓ ସୁନା ଚିତା ଚକ୍ଷୁ ସମେତ ଚାନ୍ଦିର ଗହଣା ବି ଲୁଟି ନେଇଥିଲେ। ରାତି ପାହିଲା ବେଳକୁ ଶ୍ରୀହୀନ ହୋଇ ପଡିଥିଲା ଗାଁର ଆରାଧ୍ୟ ଦେବତାଙ୍କ ମନ୍ଦିର। ସବୁ ମନ୍ଦିରରୁ ଗୋଟିଏ ଶୈଳୀରେ ହିଁ ଚୋରି ହୋଇଥିବା ଦେଖିବାକୁ ମିଳିଛି। ମନ୍ଦିରର ଗ୍ରୀଲ କାଟି ଚୋର ଭିତରକୁ ପଶିଛନ୍ତି। ପରେ ଜିନିଷପତ୍ର ଲୁଟ କରିଛନ୍ତି। ସବୁ ମନ୍ଦିରରେ ଝୁଲୁଥିବା ପିତଳ ଘଂଟି କାଟି ଚୋର ନେଇଯାଇଛନ୍ତି। ତେବେ ଗ୍ରୀଲ ଓ ପିତଳ ଘଣ୍ଟି କାଟିବା ପାଇଁ ସେମାନେ ଗ୍ୟାସ୍ କଟର ମଧ୍ୟ ବ୍ୟବହାର କରିଥିବା ଦେଖିବାକୁ ମିଳିଛି। ଯେଉଁ ମନ୍ଦିରରୁ ଚୋରି ହୋଇଛି ତାହାର ଆଖପାଖ ଅଂଚଳରେ ସିସି କ୍ୟାମେରା ନଥିବା ଦେଖିବାକୁ ମିଳିଛି। ଅର୍ଥାତ୍ ପୂର୍ବରୁ ମନ୍ଦିରର ପାରିପାର୍ଶ୍ୱିକ ସ୍ଥିତି ଠାବ କରିବା ପରେ ଚୋରଦଳ ଚୋରି କରିଥିବା ଅନୁମାନ କରାଯାଉଛି। ତେବେ ଏହି ଗୋଟିଏ ଘଟଣା ନୁହେଁ ବରଂ ଏହି ସବୁ ଅଂଚଳରୁ ବାରମ୍ବାର ଏହି ଭଳି ଚୋରି ହେଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି ଓ ଚୋରି ଯାଇଥିବା ସାମଗ୍ରୀର ଆନୁମାନକି ମୂଲ୍ୟ ସାଢେ ୩ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ବିଳମ୍ବିତ ରାତିରେ ଗ୍ରାମାଂଚଳରେ ପୋଲିସ ପାଟ୍ରୋଲିଂ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସୋସିଆଲ ମିଡିଆରେ ବନ୍ଧୁତା କରି ଲକ୍ଷାଧିକ ଲୁଟିନେଲେ

ପଞ୍ଚୁପାଣ୍ଡବ,୧୩/୮ (ସମିସ): ନିକିରାଇ ଥାନା ଅଧୀନରେ ଥିବା ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ଜଣେ ମହିଳା ସୋସିଆଲ ମିଡିଆରେ ବନ୍ଧୁତା କରି ଲକ୍ଷାଧିକ ଟଙ୍କା ହରାଇଛନ୍ତି। ଗ୍ରାମର ରକିବା ବିବିଙ୍କୁ ଏକ ଫୋନ କଲ୍ ଆସିଥିଲା ବେଳେ ପରେ ବନ୍ଧୁତା ହୋଇଥିଲା। କିଛି ଦିନପରେ ଲକ୍ଷାଧିକ ଟଙ୍କାର ଲୋଭ ଦେଖାଇ ଏ ମହିଳାଙ୍କୁ ଟଙ୍କା ଲୁଟ୍ କରିବାରେ ଯୋଜନା କରିଥିଲା। ପ୍ରଥମେ ଲକ୍ଷାଧିକ ଟଙ୍କାର ଗହଣା ଅନ୍ ଲାଇନ୍‌ରେ ଯିବ କହି ୧୨ ହଜାର ଟଙ୍କା ଏହି ନମ୍ବର ରେ ପଠାନ୍ତୁ ବୋଲି ବନ୍ଧୁ କହିଥିଲା। ଟଙ୍କା ଦେଲାପରେ କିଛିଦିନ ପରେ ତୁମ ଜିଣିଷ ବିମାନରେ ଯିବାରଥିଲା। କୌଣସି କାରଣରୁ ଯାଇପାରି ନାହିଁ। ୩୦ ହଜାର ଟଙ୍କା ପଠାଇଲେ ତୁମ ଜିଣିଷ ତୁମ ଘରେ ପହଞ୍ଚିବ ନଚେତ୍ ତୁମେ ବହୁତ୍ ହଇରାଣ ହେବ ବୋଲି ଜଣେ ପୁଲିସ ଅଧିକାରୀର ପରିଚୟ ଦେଇ ଫୋନ ଯୋଗେ କହିଥିଲା। ମହିଳା ଜଣଙ୍କ କୌଣସି କଥା ଘରେ ନ କହି କିଛି ସୁନା ଗହଣା ବନ୍ଧକ ରଖି ତାଙ୍କ ପାଖକୁ ପୁଣି ଟଙ୍କା ପଠାଇଥିଲେ। ଏମିତି ଲକ୍ଷାଧିକ ଟଙ୍କା ଠକେଇର ଶିକାର ହୋଇଥିବା ଘର ଲୋକେ କହିଛନ୍ତି। ଏ ବାବଦରେ ମହିଳାଙ୍କ ସ୍ୱାମୀ ହୋସେନ୍ ଅଲ୍ଲୀ କହିଛନ୍ତି ଆମର ଘର କରିବା ପାଇଁ କିଛି ଟଙ୍କା ସଞ୍ଚୟ କରି ରଖିଥିଲୁ ଏବଂ କିଛି ସୁନା ଗହଣା ଥିଲା ବେଳେ ଆମ ଅଜାଣତରେ ଠକାମିର ଶିକାର ହୋଇଥିବା କହିଛନ୍ତି। ଏହାକୁ ଘରଲୋକେ ଜାଣିବା ପରେ ଘର ଲୋକେ ଆର୍ଥିକ ଅବସ୍ଥାରେ ଭାଙ୍ଗି ଯାଇଥିବା ଜଣାପଡିଛି। ଏ ବିଷୟରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣା ପଡ଼ିଛି। ଏମିତି କୌଣସି ସୋସିଆଲ ମିଡିଆରେ ଲୋଭ ମାୟାରେ ନ ଫସିବା ପାଇଁ ବୁଦ୍ଧିଜୀବୀ ମାନେ କହିଛନ୍ତି।

## ନୂତନ ଡିଏଫ୍‌ଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାଜନଗର,୧୩।୮ (ସମିସ): ରାଜନଗର ବନଖଣ୍ଡରେ ନୂତନ ଡିଏଫ୍‌ଓ ଭାବେ ଭରଦରାଜ ଗାଓଁଙ୍କର ଯୋଗ ଦେବା ପରେ ଆଜି ଓଡ଼ିଶା ଅଣ ଗେଜେଟେଡ୍ ବନ ସେବା ସଂଘ ରାଜନଗର ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଜନଗର ସଙ୍ଘର ସଭାପତି ବିଭୂତି ଭୂଷଣ ତରାଇ ସହିତ ସଂଘର କର୍ମକର୍ତ୍ତା ମାନେ ଡିଭିଜନରେ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସଙ୍ଘର ସଂପାଦକ ଫରେଷ୍ଟର ରଂଜନ କୁମାର ପାଣି, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟର ନିର୍ମଳ କୁମାର ନାୟକ, ଚିନ୍ମୟ ପାତ୍ରଙ୍କ ସମେତ ବନ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ପୁଣି ଆତ୍ମହତ୍ୟା କଲେ ଆଉଜଣେ ଛାତ୍ରୀ

ପଟ୍ଟାମୁଣ୍ଡାଇ,୧୩।୮ (ସମିସ): ଗତ କିଛି ଦିନ ହେଲା ବିବାଦ ପଟ୍ଟାମୁଣ୍ଡାଇ ପିଛା ଛାଡୁନାହିଁ। ଗୋଟିଏ ପରେ ଗୋଟିଏ ବିବାଦୀୟ ଘଟଣା ଘଟି ଚାଲିଛି। ଗତ ୬ ତାରିଖରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତ କାଠିଆପଡା ଗ୍ରାମର କଲେଜ ଛାତ୍ରୀ ଆତ୍ମହୁତି ଘଟଣା ଲୋକଙ୍କ ମନରୁ ନଲିଭୁଣୁ ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ମାଟିଆ ଗ୍ରାମରେ ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ପୁଲିସ ସାଇଣ୍ଟିଫିକ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଦର୍ଶ ଥାନା ମାଟିଆ ଗ୍ରାମର ପ୍ରକାଶ ଗିରିଙ୍କ ୧୩ବର୍ଷ ବୟସ୍କା ନାବାଳିକା ପ୍ରତ୍ୟାଶା ବେକରେ ଓଢ଼ଣୀ ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି। ସେ ପଟ୍ଟାମୁଣ୍ଡାଇ ବାଳିକା ହାଇସ୍କୁଲରେ ୯ମ ଶ୍ରେଣୀରେ ପଢୁଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ପ୍ରଶିକ୍ଷଣ ଶିବିର

ରାଜନଗର,୧୩।୮ (ସମିସ): ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇନୋଭେସନ ଆଣ୍ଡ ଷ୍ଟାର୍ଟ ଅପ୍ ଶୀର୍ଷକ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି



କାର୍ଯ୍ୟକ୍ରମକୁ କଲେଜର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ରାଜନଗର ଶାଖାର ପରିଚାଳକ ଦୀପକ ମହାନ୍ତି ଯୋଗଦେଇ ଯୁବଗୋଷ୍ଠୀଙ୍କୁ ଷ୍ଟାର୍ଟଅପ୍‌ର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥଲେ। ସେଥିପାଇଁ ଥିବା ସରକାରୀ ଆର୍ଥିକ ସାହାଯ୍ୟ ବିଷୟରେ ଆଲୋଚନା କରିଥଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଅଭିମନ୍ୟୁ ରାଉତ ବିଭିନ୍ନ ଷ୍ଟାର୍ଟ ଅଫ କାର୍ଯ୍ୟକ୍ରମ ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ବସନ୍ତ କୁମାର ବେହେରା ଛାତ୍ର ଛାତ୍ରୀ ମାନେ ନିଜର ସୃଜନାତ୍ମକ ଚିନ୍ତା ଧାରାକୁ କିପରି ବ୍ୟବସାୟକୁ ରୂପାନ୍ତରିତ କରିପାରିବେ ସେ ବିଷୟରେ ବୁଝାଇଥିଲେ। ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଅନୁସୟା ବେହେରା ବିଭିନ୍ନ ଯୁବ ଉଦ୍ୟୋଗୀ ମାନଙ୍କର ସଫଳତା ବିଷୟରେ ଆଲୋଚନା କରିଥିଲେ। ଗଣିତ ବିଭାଗର ମୁଖ୍ୟ ଅଧ୍ୟାପକ ସନ୍ଦୀପ କୁମାର ମହାପାତ୍ର ମଞ୍ଚ ପରିଚାଳନା କରୁଥିଲେ। ଏଥିରେ ଅଧ୍ୟାପକ ଅନଙ୍ଗ ପାତ୍ର ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ହରିଅଙ୍କ ପଞ୍ଚାୟତରେ ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଡେରାବିଶ,୧୩।୮ (ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ହରିଅଙ୍କ ପଞ୍ଚାୟତରେ ଘରେ ଘରେ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ସୁଖଦାନନ୍ଦ ପ୍ରଧାନଙ୍କ




ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଂଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ପଂଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ତ୍ରିରଙ୍ଗା ଶୋଭାଯାତ୍ରାରେ ଯିବା ସହ ଗ୍ରାମ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଲୋକମାନଙ୍କ ବୁଝାଇଥିଲେ। ଏଥିସହିତ ପଞ୍ଚାୟତ ବିଭିନ୍ନ ଗ୍ରାମରେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ବ୍ୟକ୍ତିମାନେ ପଂଚାୟତ ପରିସର ଓ ବିଭିନ୍ନ ଗ୍ରାମର ରାସ୍ତାକୁ ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମ୍ୟ ପରିମଳ ଓ ପାନୀୟଜଳ ଯୋଗାଣ ବିଭାଗର ପ୍ରତାପ କୁମାର ରାଉତ, ଏଡିଇଓ ସଂଜୟ ନାୟକ, କାର୍ଯ୍ୟନିର୍ବାହୀ ପ୍ରକାଶ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଂସ୍କୃତ ଦିବସ ଉଦ୍‌ଯାପିତ

ରାଜନଗର,୧୩।୮ (ସମିସ): ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶେଖରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠ ସଂସ୍କୃତ ଦିବସ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ପଣ୍ଡିତ କୃଷ୍ଣଚନ୍ଦ୍ର



ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ପ୍ରାଧ୍ୟାପକ ଅକ୍ଷୟ କୁମାର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅଧ୍ୟାପକ ରାଜ କିଶୋର ପାଣି ବେଦପାଠ କରିଥିଲେ। ସଭାରେ ଉପସ୍ଥିତ ଛାତ୍ରଛାତ୍ରୀ ଅତିଥିଙ୍କୁ ଉଦ୍‌ବୋଧନ ଦେଇ ସଂସ୍କୃତ ଭାଷାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ସହକାରୀ ପଣ୍ଡିତ ରତ୍ନାକର ଦାସ, ଶରତ ରାଉତ, ସହକାରୀ ଶିକ୍ଷକ ଘନଶ୍ୟାମ ପରିଡା, ନଳିନୀକାନ୍ତ କର, ସଂସ୍କାରି ମଣିଷ ହେବାକୁ ହେଲେ ସଂସ୍କୃତ ଅଧ୍ୟୟନର ଆବଶ୍ୟକତା ରହିଛି। ସଂସ୍କୃତ ଭାଷା, ସାହିତ୍ୟ, ଭଗବତ ଗୀତା, ପୁରାଣ ଗ୍ରନ୍ଥ, ବେଦ, ଉପନିଷଦ, ଦର୍ଶନ ଶାସ୍ତ୍ର ଅଧ୍ୟୟନ କରିବା ଦ୍ୱାରା ଆମ୍ଭେମାନେ ଜଣେ ଜଣେ ସଂସ୍କାରି ମଣିଷ ଭାବେ ସମାଜରେ ତିଷ୍ଠି ରହିବା। ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ଥିବା ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ବିତରଣ କରାଯାଇଥିଲା। ବିଶ୍ୱନାଥ ରାଉତ ସଭା କାର୍ଯ୍ୟ ପରିଚାଳନା ରେ ସହାୟତା କରିଥିଲେ।

## ଭିଜିଲାନ୍ସ ଜାଲରେ ପଡ଼ିଲେ କିରାଣି, ୧୫ ହଜାର ଟଙ୍କା ଜବତ

ଡେରାବିଶ,୧୩।୮ (ସମିସ): ପ୍ରଧାନ ଶିକ୍ଷକଙ୍କ ବକେୟା ବିଲ ପାସ କରିବାକୁ ୧୫ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କିରାଣି ନାରାୟଣ ପ୍ରସାଦ ଲେଙ୍କାଙ୍କୁ ଭିଜିଲାନ୍ସ ଟିମ କାବୁ କରିଛି। ମାର୍ଶାଘାଇ ବଜାରର କୁମ୍ଭାରସାହି ନିକଟ ଗଣପତି ଛକ ଏକ ଜଳଖିଆ ଦୋକାନ ପାଖରେ ଭିଜିଲାନ୍ସ ଟିମର ଦୁଇଜଣ ସଦସ୍ୟ ବୁଧବାର ସନ୍ଧ୍ୟାରେ ଛକି ରହିଥିଲେ। ସମ୍ପୃକ୍ତ କିରାଣୀ ଏବଂ ଅନ୍ୟ ଦୁଇ ଜଣ ଜଳଖିଆ ଖାଇବାକୁ ଯାଇ ଫେରି ଆସି କେନାଲ ରୋଡ଼ରେ ଛିଡ଼ା ହୋଇଥିବା ବେଳେ ସାଧା ପୋଷାକରେ ଆସିଥିବା ଭିଜିଲାନ୍ସ ଟିମର ଦୁଇଜଣ ହଠାତ ତାଙ୍କୁ କାବୁ କରିନେଇଥିଲେ। କେହି କିଛି ବୁଝିବା ପୂର୍ବରୁ କିଛି ଦୂରରେ ଥିବା ଏକ ବୋଲେରୋ ଆସି ପହଞ୍ଚିବା ପରେ ତାଙ୍କୁ



ସାଙ୍ଗରେ ନେଇ ଚାଲିଯାଇଥିଲେ। ଅନ୍ୟ ଏକ ଟିମ ଜୁଣ ଗ୍ରାମରେ ଥିବା ତାଙ୍କ ଭଡା ଘରେ ପହଞ୍ଚି ରେଡ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଭଡା ଘରେ ରେଡ ଜାରି ରହିଥିଲା। ମହାକାଳପଡ଼ା ବ୍ଲକ ରାମନଗର ଅଂଚଳର ଜନୈକ ପ୍ରଧାନ ଶିକ୍ଷକଙ୍କ ହାଉସିଂ ଲୋନର କାଗଜପତ୍ର ପ୍ରସ୍ତୁତି, ବକେୟା ଦରମା ବିଲ, ଟିଏ ଆଦିର କ୍ଲିୟରାନ୍ସ ଦେବା ପାଇଁ ପ୍ରଧାନଶିକ୍ଷକ ଜଣକ ବାରମ୍ବାର ଅଫିସ ଦୌଡ଼ି ନିରାଶ ହୋଇଥିଲେ। ସମ୍ପୃକ୍ତ କିରାଣି ତାଙ୍କୁ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିବା ନେଇ ସେ କଟକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ ପୂର୍ବରୁ ସଜାଗ ହୋଇ ରହିଥିଲେ। ଜଳଖିଆ ଦୋକାନରୁ ବାହାରି କେନାଲ ରୋଡ଼ରେ ଛିଡ଼ା ହୋଇଥିବା ସମୟରେ ଭିଜିଲାନ୍ସ ଜାଲରେ ପଡିଯାଇଥିଲେ।

## ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା
# ଆଉ ୪ ଅଭିଯୁକ୍ତ କୋର୍ଟ ଚାଲାଣ

ରାଜନଗର,୧୩।୮ (ସମିସ): ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଅମାନବୀୟ ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି। ପୁଲିସ ଏକା ସାଙ୍ଗରେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି କେବଳ ପୀଡ଼ିତାଙ୍କ ପିଇସାଙ୍କୁ କୋର୍ଟ ଚାଲାଣ କରିଥିଲା। ଅନ୍ୟ ୪ ଅଭିଯୁକ୍ତଙ୍କୁ ଛାଡ଼ିଦେବା ପାଇଁ ପୁଲିସ ଉପରେ ବିଭିନ୍ନ ସ୍ତରରେ ଚାପ ପଡ଼ିଥିଲା। ପୁଲିସ ମଧ୍ୟ ଏମାନଙ୍କ ସମ୍ପୃକ୍ତି ନାହିଁ ବୋଲି ପରୋକ୍ଷରେ କହିବାକୁ ପଛାଇନଥିଲା। ୪ ଅଭିଯୁକ୍ତଙ୍କ ନାଁରେ ପୀଡ଼ିତା ନିଜେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ସେମାନଙ୍କ ସଂପୃକ୍ତି ନାହିଁ କହି ଛାଡ଼ି ଦେବ ବୋଲି ରାଜନଗରରେ ଚର୍ଚ୍ଚା ବଢ଼ିଥିଲା। ସାଧାରଣରେ ଏହି ଘଟଣାକୁ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଥିଲା। ଶେଷରେ ଆଜି ପୁଲିସ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କୁନ୍ଦୁପୁରୁ ଗାଁର ଜ୍ୟୋତି ରଞ୍ଜନ ଦାଶ (୨୦), ଦୀପକ କୁମାର ଦାଶ (୨୦), ସୌରଭ ଦାଶ (୨୫) ଓ ଆଲୋକ ସାହୁ (୧୯) ଙ୍କୁ ରାଜନଗର ଥାନାରେ କେସ ନମ୍ବର ୨୬୬ /୨୦୨୫ , ଗଣଦୁଷ୍କର୍ମ ଦଫା ୭୦ (୨) , ମାଡପିଟ ଦଫା ୧୧୫ (୨) , ଧମକ ଚମକ ୩୫୧ (୩) , ୨୦୧୨ , ୨୦୧୯ ପୋସ୍କୋ ଆକ୍ଟ ୬ (୧) ରେ ଆଜି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି ପୁଲିସ। ଏହି ଘଟଣାରେ ଗତକାଲି ମୁଖ୍ୟ ଅଭିଯୁକ୍ତ ଚିତ୍ତ ରଞ୍ଜନ ମଲିକ ଓରଫ ହାପିଙ୍କୁ କୋର୍ଟ ଚାଲାଣ କରିଥିଲା। ରାଜନଗର ଥାନାରେ ହୋଇଥିବା ଅଭିଯୋଗ ମୁତାବକ ରାକ୍ଷୀ ପୂର୍ଣ୍ଣିମା ଦିନ ଅପରାହ୍ଣ ୫ଟାରେ ନିଜର ପିଇସା ସହ ଦଶମ ଶ୍ରେଣୀ ଛାତ୍ରୀ ଖୁଦୁରୁକୁଣୀ ମୂର୍ତ୍ତି ଆଣିବାକୁ ଓଉପଦାକୁ ବାହାରିଥିଲେ। ଓଉପଦା ନେବା ପରିବର୍ତ୍ତେ କୁନ୍ଦୁପୁର ମଶାଣିକୁ ଥିବା ମାଟି ରାସ୍ତାରେ ଥିବା ନିଛାଟିଆ ସ୍ଥାନରେ ପୀଡ଼ିତାଙ୍କ ବିରୋଧ ସତ୍ତ୍ୱେ ଝିଆରୀକୁ ଦୁଷ୍କର୍ମ କରିଥିଲା ପିଇସା। ଚିତ୍କାର ଶୁଣି ସେଠାରେ ମଦ ପିଉଥିବା ୪ ଜଣ ଯୁବକ ଆସି ଉଭୟଙ୍କ ନଗ୍ନ ଫଟୋ ଉଠାଇବା ସହିତ ନାବାଳିକା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା।

# ଶିକ୍ଷାବିତ ଧ୍ରୁବ ଚରଣ ଦାଶଙ୍କ ପରଲୋକ

କେନ୍ଦ୍ରାପଡ଼ା,୧୩।୮ (ସମିସ): ନିଗମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଗଗୁଆ ପଞ୍ଚାୟତର ରାହାମାସ୍ଥିତ ନିଗମାନନ୍ଦ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଧ୍ରୁବ ଚରଣ ଦାଶ(୮୩) ଙ୍କର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ, ୨ଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ସେ ଜଣେ ସମାଜ ସଂସ୍କାରକ, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ। ସ୍ୱର୍ଗତ ଦାଶଙ୍କ ଉଦ୍ୟମରେ ଠାକୁର ନିଗମାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଧନ୍ଦାମୂଳକ ବିଦ୍ୟାଳୟ, ମହାବିଦ୍ୟାଳୟ, ବାବର ଡାକ୍ତରଖାନା ଓ ବ୍ୟାଙ୍କ ପ୍ରଭୃତି ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଭୁବନେଶ୍ୱରରୁ ଅଣାଯାଇ ସାନରାହାମା, ବଡରାହାମା, ପଟଣା, ବାବର ବଜାର ଓ ମହାବିଦ୍ୟାଳୟ ପରିସରକୁ ନିଆଯାଇଥିଲା। ସବୁସ୍ଥାନରେ ତାଙ୍କ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ପରେ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ଠାକୁର ନିଗମାନନ୍ଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ମନ୍ମଥ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଦୀପ୍ତ କିଶୋର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ ପ୍ରତାପ କୁମାର ପ୍ରଧାନ, ସୁଦାମ ଚରଣ କର, ରମେଶ ଚନ୍ଦ୍ର ସାମଲ, ଅଧ୍ୟାପିକା ରୋଜାଲିନ ବିଶ୍ୱାଳ, ମଧୁସ୍ୱପ୍ନା ପଟ୍ଟନାୟକ, ସସ୍ମିତା ସାହୁ, ଝୁନୁଲତା ପ୍ରଧାନ ଓ ଅଣଶିକ୍ଷା କର୍ମଚାରୀ ରତିକାନ୍ତ ବେହେରା, ସମିର ବେହେରା, ମଦନ ଦାସ, ନଳିନିକାନ୍ତ ଦାସ, ଆଦିକନ୍ଦ ରାଉଳ, ବରଦା ଚୌଧୁରୀ, ଜିତେନ୍ଦ୍ର ପଣ୍ଡା, ବନବିହାରୀ ନାୟକ, ଭିକାରୀ ଚରଣ ଦାସ, ନଳିନୀପ୍ରଭା ଜେନା ଓ ବିପିନ ବାରିକ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକ
# ସ୍ୱଚ୍ଛତାର ସହ ବିକାଶ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ,୧୩।୮ (ସମିସ)

ପଟ୍ଟାମୁଣ୍ଡାଇ ପୌର ପରିଷଦର ପ୍ରତ୍ୟେକ ଜନକଲ୍ୟାଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ କାଉନସିଲ ପ୍ରତିନିଧି ଙ୍କ ସହଯୋଗରେ ତ୍ୱରାନ୍ୱିତ କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ପରିଷଦର ୧୭ତମ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏନେଇ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ



ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ବିଧାୟକ ଶ୍ରୀ ସାହୁ କହିଲେ ବହୁ ଆଶା ଭରସା ନେଇ ପୌରାଞ୍ଚଳର ଜନସାଧାରଣ ପଟ୍ଟାମୁଣ୍ଡାଇ ପୌର ପରିଷଦକୁ ନିର୍ବାଚିତ କରିଛନ୍ତି ଓ ପ୍ରତ୍ୟେକ ସରକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ସର୍ବୋପରି ଜଳନିଷ୍କାସନ ଓ ବୁଲା ଗାଈ ଗୋରୁ ହଟାଇବା ଓ ଉଠାଦୋକାନୀ ଥଇଥାନ ପ୍ରତି ବିଶେଷ ଦୃଷ୍ଟି ଦେଇ ସମସ୍ତ କାର୍ଯ୍ୟକ୍ରମକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବା ଆବଶ୍ୟକ। ପୌରାଧ୍ୟକ୍ଷ ହେମନ୍ତ ସାହୁ ପୌର ପରିଷଦର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ବିଗତ ବୈଠକର ବିବରଣୀ ପାଠ କରିଥିଲେ ଓ କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ଲକ୍ଷ୍ମୀପ୍ରିୟା ସାହୁ, ସନ୍ତୋଷ ଦାସ, ବନିତା ମଲିକ, ମଧୁସ୍ମିତା ମଲିକ, ସୁଧାମୟ ମଲିକ, ମଳୟଓଝା ପ୍ରିୟଙ୍କା ସେଠୀ ବିଦ୍ୟାଧର ସେଠୀ, ସାନିଆ ପରମିନ ସାହେବା, ଝରଣା ବେହେରା, ଲାସ୍ୟମୟୀ ସାହୁ, ମୃତ୍ୟୁଞ୍ଜୟ ପାଢ଼ୀ, ସୁବାଷ ମଲିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ୱାର୍ଡର ସମସ୍ୟା ଉତ୍ଥାପନ କରିଥିଲେ ଓ ଶେଷରେ ପୌର ଉପାଧ୍ୟକ୍ଷା ଅନୁପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ। ବୈଠକକୁ ସରୋଜ ପଣ୍ଡା, ପ୍ରଫୁଲ୍ଲ ଦାଶ ତପସ୍ୱିନୀ ଦାଶ, ହୃଷିକେଶ ନାଥ, ଗଙ୍ଗାଧର ନାୟକ, ଗଣେଶ ଦାସ ଓ ମନୋରଞ୍ଜନ ଦାଶ ପରିଚାଳନା କରିଥିଲେ।

ସକାଳ THE SAKALA



## କାଗଜକଲମରେ ସୀମିତ ଲୁଣିଆ ପୀଠକୁ ପର୍ଯ୍ୟଟନସ୍ଥଳ ଘୋଷଣା

# ୭ ବର୍ଷରେ ଆସିନାହାନ୍ତି ଜଣେ ବି ପର୍ଯ୍ୟଟକ

ଅସୁରାଳି,୧୩।୮ (ସମିସ)

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ଥିବା ଦୁଇ ଐତିହାସିକ ସ୍ଥାନ ଗୋହିରାଟିକିରି ଓ ଲୁଣିଆକୁ ରାଜ୍ୟ ସରକାର ୨୦୧୮ ମସିହାରେ ପର୍ଯ୍ୟଟନସ୍ଥଳର ମାନ୍ୟତା ପ୍ରଦାନ କରିଛନ୍ତି। ପର୍ଯ୍ୟଟନସ୍ଥଳ ଘୋଷଣାର ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ହେଁ ଆଜିଯାଏ ଜଣେ ବି ପର୍ଯ୍ୟଟକ ଆସିନଥିବା ଜଣାପଡିଛି। କାଗଜପତ୍ରରେ ପର୍ଯ୍ୟଟନ କ୍ଷେତ୍ରର ପରିଚୟ ପାଇଥିବା ଲୁଣିଆର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ଆନ୍ତରିକତା ନ ଥିବା ଯୋଗୁଁ ଏଠାକୁ ବାହାରର ପର୍ଯ୍ୟଟକ ଆସୁନାହାନ୍ତି। ସୂଚନା ଅନୁସାରେ, ଧାମନଗର ବ୍ଲକ୍ ଅନ୍ତର୍ଗତ ଖପରାପଦା ଏବଂ କଟସାହି ପଞ୍ଚାୟତର ସୀମାବର୍ତ୍ତୀ ଅଧୁନା ସହିଦ ନଗରରେ ରହିଛି ୧୯୪୨ ମସିହା ସେପ୍ଟେମ୍ବର ୨୨ ତାରିଖରେ ଘଟିଥିବା ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ପୀଠ। ତତ୍କାଳୀନ ଲୁଣିଆ ଚାନ୍ଦିଆପଶି ପଡିଆରେ ଇଂରେଜ ସରକାରଙ୍କ ପୁଲିସ ଗୁଳିରେ ୯ଜଣ ଦେଶପ୍ରେମୀ ସହିଦ୍ ହୋଇଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ରକ୍ତର ସ୍ୱାକ୍ଷର ଛାଡିଥିବା ରକ୍ତତୀର୍ଥ ଲୁଣିଆ (ସହିଦ୍ ନଗର) ତା' ଛାତିରେ ବୀରତ୍ୱ ଗାଥା ବହନ କରୁଛି। ଏହି ସ୍ଥାନକୁ ପର୍ଯ୍ୟଟନ ବିଭାଗ ୨୦୧୭-୧୮ ମସିହାରେ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଘୋଷଣା କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଉଦ୍ୟମରେ ଲୁଣିଆ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିଲା। ସେତେବେଳେ ସରକାରଙ୍କ ଏହି ଘୋଷଣା ଧାମନଗରବାସୀଙ୍କୁ ଖୁସି କରିଥିଲା। ପର୍ଯ୍ୟଟନ ସ୍ଥାନ ଘୋଷଣା ପରେ ସ୍ଥାନୀୟ ଜନସାଧାରଣ ଆଶା ବାନ୍ଧିଥିଲେ ସେମାନଙ୍କ ମାଟିର ବୀରତ୍ୱ ଗୌରବ ପ୍ରାଚୀନ ଉପଲବ୍ଧକୁ ଦେଖିବାକୁ ଜାଣିବାକୁ ବାହାରୁ ପର୍ଯ୍ୟଟକ ଆସିବେ। ପର୍ଯ୍ୟଟକ ଆସିଲେ ଲୋକଙ୍କ ଆର୍ଥିକ ବିକାଶ ସହିତ ଅଞ୍ଚଳର ପରିଚୟ ଆହୁରି ସମୃଦ୍ଧ ହେବ; କିନ୍ତୁ ଗତ ୭ ବର୍ଷ ମଧ୍ୟରେ ସେଭଳି କୌଣସି ସୁଯୋଗ କି ସମ୍ଭାବନା ସୃଷ୍ଟି ହୋଇନାହିଁ। ବହୁବୀର ଯବାନ ସ୍ୱାଧୀନତା ନିମିତ୍ତ ନିଜର ପ୍ରାଣ ବଳି ଦେଇ ସହିଦ୍ ନଗରର ଇତିହାସକୁ ଗରିମାମୟ, ଅକ୍ଷୟ ଓ ସ୍ୱର୍ଣ୍ଣମୟ କରିଛନ୍ତି; କିନ୍ତୁ ଇତିହାସର ବୀରତ୍ୱ ଗାଥା ବହନ କରୁଥିବା ଏହି ସ୍ମୃତି ପୀଠ ଏବେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସର୍ବଦା ଅସାମାଜିକମାନେ ମଦ ପିଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଛନ୍ତି। ଏଥିପାଇଁ ଛାତ୍ରଛାତ୍ରୀ ତଥା ସାଧାରଣ ଜନତାଙ୍କ ନିମନ୍ତେ ଗମନାଗମନ ଅସହ୍ୟ ହୋଇ ପଡୁଛି। କେବଳ ସେତିକି ନୁହଁ, ଧଳା ଜହରର ମଧ ସପ୍ଲାଏ ଚାଲିଛି। ସହିଦ୍‌ଙ୍କୁ ସମ୍ମାନ ଦେବା ପ୍ରତି ବଦଳରେ ଗଞ୍ଜେଇ ଡ୍ରଗସ କାରବାର ଚାଲିଛି। ପାଖାପାଖି ୨୦୦ ମିଟର ପରିଧି ଭିତରେ ସହିଦ୍ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ପୁଣି ସହିଦ୍ ସ୍ମୃତି ପୀଠ ତା ସାଙ୍ଗକୁ ସହିଦ୍ ନଗରର ମୁଖ୍ୟ ବଜାର ମଧ ରହୁଛି; କିନ୍ତୁ ଏହି ଅସାମାଜିକଙ୍କ ମନୋମୁଖୀ କାର୍ଯ୍ୟ ଉପରେ ପ୍ରଶାସନର ଦୃଷ୍ଟି ପଡୁନାହିଁ। ସ୍ଥାନୀୟ ବାସିନ୍ଦା ଏହା ବିଷୟରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କର୍ଣ୍ଣପାତ କରାଇ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏବେ ଦିନକୁଦିନ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ତେଣୁ ଆଗାମୀ ଦିନରେ ବିହିତ ପଦକ୍ଷେପ ଗ୍ରହଣ ନ କଲେ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ସ୍ଥାନକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଭଳି ସାମାନ୍ୟ ସୁବିଧା ସୁଯୋଗ ଦିଆଯାଇନାହିଁ। ଏଣୁ ଜଣେ ପର୍ଯ୍ୟଟକଙ୍କ ମଧ ଆଜିଯାଏ ପାଦ ପଡିନାହିଁ। ବର୍ତ୍ତମାନ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ବିନିଯୋଗ କରୁଥିବା ସ୍ଥଳେ ଉକ୍ତ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ କଥା ପାଶୋରି ଯାଇଛନ୍ତି। କେବଳ କାଗଜପତ୍ରରେ ସୀମିତ ରହିଛି ପର୍ଯ୍ୟଟନସ୍ଥଳର ମାନ୍ୟତା। ଏ ବିଷୟରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳଙ୍କୁ ଯୋଗାଯୋଗ କରିବାରୁ ପର୍ଯ୍ୟଟନସ୍ଥଳୀର ଉନ୍ନତି ନିମନ୍ତେ ପ୍ରସ୍ତାବ ପଠାଯାଇଛି। ଆର୍ଥିକ ମଞ୍ଜୁରୀ ପରେ ଉକ୍ତ ସ୍ଥାନର ଭିତ୍ତିଭୂମି ବିକାଶ କରାଯିବ ବୋଲି କହିଛନ୍ତି।

**ସହିଦ ପୀଠ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳ**



## ଘରୋଇ ମେସରେ ଯୁକ୍ତ ୩ ଛାତ୍ରୀ ଆତ୍ମହତ୍ୟା ଘଟଣା; ପୁରୁଷ ବନ୍ଧୁ ଅଟକ

ଭଦ୍ରକ,୧୩।୮ (ସମିସ): ଭଦ୍ରକର ଏକ ଘରୋଇ ମେସରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ଆତ୍ମହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ ହେବାରେ ଲାଗିଛି। ଭଦ୍ରକ ସ୍ୱୟଂଶାସିତ କଲେଜରେ ପଢୁଥିବା ଛାତ୍ରୀଙ୍କ ପୁରୁଷ ବନ୍ଧୁକୁ ପୁଲିସ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ତେବେ ପୁରୁଷବନ୍ଧୁ ଜଣଙ୍କ ତିହିଡି ବ୍ଲକ ପାଳିଆ ଅଞ୍ଚଳର ବୋଲି ଜଣାପଡିଛି। ଆଜି ମୃତ ଛାତ୍ରୀଙ୍କ ପରିବାର ଭଦ୍ରକ ଏସପି ମନୋଜ କୁମାର ରାଉତଙ୍କୁ ଭେଟିବା ସହିତ ଆଲୋଚନା କରିଛନ୍ତି। ଏସପି ଘଟଣାରେ ନିଶ୍ଚିତ ନ୍ୟାୟ ମିଳିବାର ପ୍ରତିଶ୍ରୁତି ଦେଇଥିବା କହିଛନ୍ତି ପରିବାର ଲୋକେ। ସେହିପରି ଅଟକ ଯୁବକ ଦୋଷୀ ହୋଇଥିଲେ ପୁଲିସ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି କହିଛନ୍ତି ମୃତକଙ୍କ ବାପା ଉମାକାନ୍ତ ମଲ୍ଲିକ। ଖବର ଅନୁଯାୟୀ ପୁରୁଷବନ୍ଧୁଙ୍କ ମୋବାଇଲରେ ଉଭୟଙ୍କ ଅନେକ ଫଟୋ ରହିଛି। ତେବେ ଆତ୍ମହତ୍ୟାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ତେଣୁ ପୁଲିସ ତଦନ୍ତକୁ ଜୋରଦାର କରିଛି। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଭଦ୍ରକ କଲେଜ ଗେଟ ନିକଟରେ ଥିବା ଏକ ମେସର ବାଥରୁମରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା।

## ଖବର ପ୍ରକାଶ ପରେ ଭିନ୍ନକ୍ଷମଙ୍କୁ ମିଳିଲା ଭତ୍ତା



ଦୋଳସାହି,୧୩।୮ (ସମିସ): ତିହିଡି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତର ଜଣେ ଶତପ୍ରତିଶତ ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନ କରାଯାଉ ନଥିବା ନେଇ ଦୈନିକ 'ସକାଳ'ରେ ଗତ ସପ୍ତାହରେ ଏକ ଖବର ପ୍ରକାଶ ପାଇଥିଲା। ହେଲେ ବୁଧବାର ଉକ୍ତ ଭିନ୍ନକ୍ଷମଙ୍କୁ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ଗୁଆମାଳ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଧରଣର ଭତ୍ତା ହିତାଧିକାରୀଙ୍କୁ ପ୍ରତି ମାସ ଠିକ୍ ଭାବେ ପ୍ରଦାନ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଡିଲା। କିଛି ହିତାଧିକାରୀଙ୍କୁ ମାନିସିକ ଓ ଆର୍ଥିକ ନିର୍ଯାତନା ଦିଆଯାଉଥିବା ନେଇ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଏହି ପଞ୍ଚାୟତର କୁମାରପୁର ଗ୍ରାମର ନରେନ୍ଦ୍ର ପାଣିଗ୍ରାହୀ ୮୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିବା ତାଙ୍କୁ ଭତ୍ତା ପ୍ରଦାନ କରାଯାଇ ନ ଥିଲା। ସେହିପରି ଏହି ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମର ଶତପ୍ରତିଶତ ଭିନ୍ନକ୍ଷମ ପାଗେଳି ମାଝୀଙ୍କୁ ଭତ୍ତା ମିଳିନଥିବା ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଥିଲା। ବୁଧବାର ପାଗେଳି ମାଝୀଙ୍କୁ ଗୁଆମାଳ ପଞ୍ଚାୟତ ଅଧିକାରୀ ଅରୁଣ ପଣ୍ଡା ଭତ୍ତା ବାବଦ ୩ ହଜାର ଟଙ୍କା ପ୍ରଦାନ କରିଛନ୍ତି।

## ବିଷ୍ଣୁପୁର ପଞ୍ଚାୟତରେ ପୋଷ୍ଟ ଅଫିସ ଖୋଲିବାକୁ ଦାବି

ବାରିକପୁର,୧୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମପଞ୍ଚାୟତରେ ଏକ ପୋଷ୍ଟ ଅଫିସ ଖୋଲିବାକୁ ଦାବି ହୋଇଛି। ପଞ୍ଚାୟତର ବିଷ୍ଣୁପୁର ଓ ବଡରାମପୁର ଗ୍ରାମର ୪ଟି ୱାର୍ଡବାସିନ୍ଦା ଡାକସେବା ପାଇଁ ଭଦ୍ରକ ବ୍ଲକ ବୋହୂଦରଡା ପୋଷ୍ଟ ଅଫିସ ଉପରେ ନିର୍ଭର କରିଥାନ୍ତି। ସେହିଭଳି ଜଗନ୍ନାଥପୁର, ଗୋପାଳପୁର, ବଡ ବ୍ରାହ୍ମଣ ସାହି ଓ ମିରହସନପୁର ବାସିନ୍ଦା ମଧ ଜଳମଣ୍ଡୁଆ ପୋଷ୍ଟ ଅଫିସକୁ ଯାଇଥାନ୍ତି। ଏହାଛଡା ନଳାଙ୍ଗଠାରେ ଥିବା ଡାକ କାର୍ଯ୍ୟାଳୟ ଉପରେ ଆଦମପୁର, ଚିଙ୍ଗିଡିପୁର, କାଞ୍ଜିଆ, ବାଲିଚତୁରି ଗ୍ରାମବାସୀ ମଧ ନିର୍ଭର କରିଥାନ୍ତି। ମୋଟ ଉପରେ ପଞ୍ଚାୟତବାସୀ ଅତି ବିକ୍ଷିପ୍ତ ଭାବେ ଡାକସେବା ପାଇଁ ଅନ୍ୟ ସ୍ଥାନକୁ ଯାଇଥାନ୍ତି। ଏଥିପାଇଁ ଦୀର୍ଘ ବର୍ଷ ହେବ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ପଞ୍ଚାୟତରେ ଏକ ପୋଷ୍ଟ ଅଫିସ ଖୋଲିବାକୁ ଦାବି ହେଉଛି। ସେହିପରି ଏହି ପଞ୍ଚାୟତରେ କୌଣସି ପଶୁ ଚିକିତ୍ସା କେନ୍ଦ୍ର ନାହିଁ। ତେଣୁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନେକ ଭିତ୍ତିଭୂମି ଥିବା ଯୋଗୁଁ ଏଠାରେ ଗୋଟିଏ ପୋଷ୍ଟ ଅଫିସ ଏବଂ ପଶୁ ଡାକ୍ତରଖାନା ଖୋଲିବାକୁ ସରପଞ୍ଚ ଅମୂଲ୍ୟ ନାୟକଙ୍କ ସମେତ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଜିଲ୍ଲା ନୋଡାଲ ଅଧିକାରୀଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା

ଭଦ୍ରକ,୧୩।(ସମିସ): ଜିଲ୍ଲା ନୋଡାଲ ଅଧିକାରୀ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ମତ୍ସ୍ୟ ସଂପଦ ନିର୍ଦ୍ଦେଶକ ମ. ସାଦିକ ଆଲାମ୍ ଦୁଇଦିନିଆ ଭଦ୍ରକ ଜିଲ୍ଲା ଗସ୍ତରେ ଆସିଛନ୍ତି। ସେ ତାଙ୍କର ଗସ୍ତ ସମୟରେ ଜିଲ୍ଲାର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ସେ ୧୨ ତାରିଖରେ ଜିଲ୍ଲାପାଳ ଏବଂ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସକାଳ ୮ଟାରେ ସୌଜନ୍ୟ ମୂଳକ ସାକ୍ଷାତ ହୋଇଥିଲା। ଏହାପରେ ଗେଲପୁର ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଓ ରୋଗୀଙ୍କ ସହ ମଧ ଆଲୋଚନା କରିଥିଲେ। ପରେ ବରପଦା ଅଙ୍ଗନବାଡି କେନ୍ଦ୍ରକୁ ଗ୍ରସ୍ତ କରି ବିଦ୍ୟାଳୟର ପିଲା ଓ ଶିକ୍ଷକଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବନ୍ତ ବ୍ଲକର କାଦବରଙ୍ଗାଠାରେ ପହଞ୍ଚି ଗ୍ରାମ ଉଦ୍ୟୋଗ ପାର୍କ ପରିଦର୍ଶନ କରିଥିଲେ। ଏଥିସହିତ ସେହି ଅଞ୍ଚଳର ଲକ୍ଷପତି ଦିଦିଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହା ପରେ ପ୍ରାୟ ଅପରାହ୍ନରେ ଭଦ୍ରକ ସହରର ମଠସାହି ଆହାର କେନ୍ଦ୍ର, ଚରମ୍ପା ଜିଲ୍ଲା ଭିନ୍ନକ୍ଷମ ଆବାସ ମଧ ପରିଦର୍ଶନ କରିଥିଲେ। ସେଠାରେ ସେ ଭିନ୍ନକ୍ଷମଙ୍କୁ ସାଇକଲ ବଣ୍ଟନ କରିଥିଲେ। ପରେ ହରିପୁର ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହେଉଥିବା ପ୍ଲାଣ୍ଟ ପରିଦର୍ଶନ କରି ସ୍ୱଚ୍ଛ ସାଥୀ ସହ ଆଲୋଚନା କରିବା ସହିତ କାନ୍ତକବି ମେମରିଆଲ ପାର୍କ ପରିଦର୍ଶନ କରିଥିଲେ। ପାର୍କ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତାକାଲି ସେ ନିୟନ୍ତ୍ରିତ ବଜାର କମିଟି ପରିଦର୍ଶନ କରିବା ସହିତ ଆଖୁଆପଦାରେ ମେଘା ପାନୀୟ ପ୍ରକଳ୍ପର ସମୀକ୍ଷା କରିଥଲେ। ଏହାପରେ ଟେକ୍ସ ଟାଇଲ ପାର୍କରେ ପହଞ୍ଚି ତାହାର ସମୀକ୍ଷା କରିଥଲେ। ତାଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ଥିଲେ। ପରେ ସମସ୍ତ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଦୁଇଦିନିଆ କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉପଜିଲ୍ଲାପାଳ ସମେତ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



## ତୃତୀୟ ଦିନରେ ଅମଲା କର୍ମଚାରୀଙ୍କ ଧାରଣା



ବନ୍ତ/ଆଗରପଡ଼ା,୧୩।୮ (ସମିସ): ରାଜସ୍ୱ ଅମଲାମାନଙ୍କ ୧୦ ଦଫା ଦାବି ପୂରଣ ଦାବିରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ପ୍ରତିବାଦରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତିକ୍ରମେ ବନ୍ତ ତହସିଲ କାର୍ଯ୍ୟାଳୟରେ ଚାଲିଥିବା ଅମଲାଙ୍କ ଧାରଣା ୩ୟ ଦିନରେ ପହଞ୍ଚିଛି। ଅମଲା କର୍ମଚାରୀମାନେ ନିଜ କାର୍ଯ୍ୟରୁ ନିବୃତ୍ତ ରହିବା ସହ ସମୂହ ଛୁଟିରେ ରହି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ତିନି ଦିନ ହେବ ବନ୍ତ ତହସିଲରେ ଅମଲା କର୍ମଚାରୀଙ୍କ ଚେୟାର ଫାଙ୍କା ପଡ଼ିଛି। ଉକ୍ତ କାର୍ଯ୍ୟାଳୟକୁ ବିଭିନ୍ନ କାଯ୍ୟ ନେଇ ଦୂରଦୂରାନ୍ତରରୁ ଆସୁଥିବା ବ୍ୟକ୍ତି ବିଶେଷମାନେ ନିଜ ନିଜର କାର୍ଯ୍ୟକୁ କରି ନ ପାରି ନିରାଶରେ ଫେରୁଛନ୍ତି। ବନ୍ତ ତହସିଲର ସେକସନ ଅଫିସର ସେକ୍ ସାମସୁଲ ଅଲ୍ଲୀ, ସିନିୟର ରେଭ୍ୟୁନ୍ୟୁ ଆସିଷ୍ଟାଣ୍ଟ ଅଭିରାମ ବେହେରା, ଜ୍ୟୋତିର୍ମୟୀ ମହାନ୍ତି, ଲକ୍ଷ୍ମୀ ମାରାଣ୍ଡି, ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଋତୁପୂର୍ଣ୍ଣା ମିଶ୍ର ଓ ଅମ୍ବିକା ଟୁଡୁ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଛନ୍ତି। ଧାରଣାରତ କର୍ମଚାରୀମାନେ ତାଙ୍କର ନ୍ୟାଯ୍ୟ ଦାବି ପୂରଣ ନ ହେବାଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ତରଫରୁ କୁହାଯାଇଛି।

## ମତ୍ସ୍ୟ ଓ ପଶୁସମ୍ପଦ ନିର୍ଦ୍ଦେଶକଙ୍କ ପରିଦର୍ଶନ



ବନ୍ତ/ଆଗରପଡ଼ା,୧୩।୮ (ସମିସ): ଓଡିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ନିର୍ଦ୍ଦେଶକ ଏମଡି ସାଦିକ୍ ଆଲାମ୍ ମଙ୍ଗଳବାର ବନ୍ତ ବ୍ଲକ ଅନ୍ତର୍ଗତ କାଦବରାଙ୍ଗ ଓ ବଡ଼ବର୍ଦ୍ଧିକୟାଁ ପଂଚାୟତ ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ ଓ ମିଶ୍ରିତ କୃଷି କ୍ଷେତ୍ରକୁ ପରିଦର୍ଶନରେ ଆସି ଏହି କାର୍ଯ୍ୟରେ ସଂଶ୍ଳିଷ୍ଟ ଶତାଧିକ ମିଶନ ଶକ୍ତି କର୍ମଚାରୀ, ମହିଳା ନେତ୍ରୀ ଓ ଲକ୍ଷପତି ଦିଦିଙ୍କ ସହିତ କାର୍ଯ୍ୟକ୍ରମର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲ୍ଲା ପରିଷଦମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ବିଡ଼ିଓ ସୀତାକାନ୍ତ ରାଉତ, ଡିପିଏମ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପିଇଓ ସଙ୍ଗୀତାରାଣୀ ପାଣିଗ୍ରାହୀ, ସରପଞ୍ଚ ପୁଷ୍ପାଞ୍ଜଳି ସ୍ୱାଇଁ, ଏଇଇ ଶ୍ରଦ୍ଧା ସୁମନ ନାଥ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିପଦକୁ ଡାକୁଛି ଖୋଲା ଟ୍ରାନ୍ସଫର୍ମର



ବନ୍ତ/ଆଗରପଡ଼ା,୧୩।୮ (ସମିସ): ଟାଟା କଂପାନୀ ବିଦ୍ୟୁତ ବିତରଣ ଦାୟିତ୍ୱ ନେବା ପରେ ଟ୍ରାନ୍ସଫର୍ମର ବସିଥିବା ସ୍ଥାନକୁ ଲୁହା ଘେରାବନ୍ଧ କରୁଥିବାର ପରିଲକ୍ଷିତ ହେଉଛି; ମାତ୍ର ଆଗରପଡ଼ାସ୍ଥିତ କୃଷ୍ଣଚରଣ ବିଦ୍ୟାମନ୍ଦିର ସାମ୍ନାରେ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ଜନଗହଳିପୂର୍ଣ୍ଣ ବିଭାଗ ମୁଖ୍ୟ ରାସ୍ତା ପାର୍ଶ୍ୱ ଓ ହାଇସ୍କୁଲ ଛାତ୍ରମାନେ ଯାଆଆସ କରୁଥିବା ସ୍ଥାନରେ ଥିବା ଏହି ମୁକୁଳା ଟ୍ରାନ୍ସଫର୍ମର ବିପଦକୁ ଆମନ୍ତ୍ରଣ କରୁଛି। ଏହାଛଡ଼ା ଗୋରୁଗାଈ ମଧ ଟ୍ରାନ୍ସଫର୍ମର ତଳେ ଚରା ବୁଲା କରୁଛନ୍ତି। ଏହି ଟ୍ରାନ୍ସଫର୍ମର ବସିଥିବା ସ୍ଥାନକୁ ଘେରାବନ୍ଧ କରିବାକୁ ସାଧାରଣରେ ଦାବି ହେଉଛି।

## ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

ବନ୍ତ/ଆଗରପଡ଼ା,୧୩।୮ (ସମିସ): ବିଶ୍ୱ ଭାଷା ସଂସ୍କୃତ ଭାଷା ପ୍ରାଚୀନ ଏବଂ ପୁରାତନ। ଗଣଶିକ୍ଷା ବିଭାଗ ଓଡ଼ିଶା ପକ୍ଷରୁ ସାରାରାଜ୍ୟରେ ଏହା ପାଳିତ ହେଉଥିଲା ବେଳେ ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ସ୍ଥିତ ପଞ୍ଚାୟତ ହାଇସ୍କୁଲରେ ଆୟୋଜିତ ହୋଇଥିବା ସମ୍ଭାଷଣ ଶିବିର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ବେହେରା ପ୍ରଥମେ ସଂସ୍କୃତ ପତାକାକୁ ଉତ୍ତୋଳନ କରିଥିଲେ। ସଂସ୍କୃତ ଶିକ୍ଷକ ଆଲୋକ ରାଉତଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କୃତରେ ବିଭିନ୍ନ ପ୍ରତିଯୋଗିତା ଯଥା-ଭାଷଣ, ସଂଗୀତ, କ୍ଷୁଦ୍ର ନାଟକ, ଶ୍ଳୋକାବୃତ୍ତି, ଶ୍ଳୋକପାଠ, ଗୀତାବୃତ୍ତି, କୁଇଜ ଆଦି ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପଦ୍ମନାଭ ବେହେରା, ଲକ୍ଷ୍ମୀଧର ପଣ୍ଡା, ସସ୍ମିତା ମହାନ୍ତି, ନାରାୟଣ ଚନ୍ଦ୍ର ପୃଷ୍ଟି, ସ୍ୱାଗତିକା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବିଶ୍ୱ ସଂସ୍କୃତ ଦିବସରେ ପୁରସ୍କୃତ କରାଯିବ।

## ବ୍ୟବସାୟୀଙ୍କୁ ମାଡମାରି ଟଙ୍କା ଓ ବାଇକ୍ ଲୁଟ୍




ଭଦ୍ରକ, ୧୩।୮ (ସମିସ): ପୁଣି ଦୁର୍ବୃତ୍ତମାନେ ଭଦ୍ରକ ପୁଲିସକୁ ଚ୍ୟାଲେଞ୍ଜ କରିଛନ୍ତି। ରାସ୍ତାରେ ଜଣେ ମାଛ ବ୍ୟବସାୟୀଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ ଭୁଜାଲି ମୁନରେ ଟଙ୍କା ଏବଂ ବାଇକ୍ ଲୁଟିନେଲେ। ଏଭଳି ଏକ ଘଟଣା ଘଟିଛି ଭଦ୍ରକ ସହରର ବାହାଣିଗଡିଆ ଛକ ନିକଟରେ। ବୁଧବାର ସକାଳୁ ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ଗୌଡ଼ଦିଆ ଗ୍ରାମର ବ୍ୟବସାୟୀ ରଞ୍ଜନ ଦାସ ଭଦ୍ରକକୁ ମାଛ ନେବାକୁ ଆସୁଥିବା ବେଳେ ଡାହାଣୀଗଡିଆ ପୋଲ ଉପରେ ତିନି ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇବା ସହିତ ନିସ୍ତୁକ ମାଡ଼ ମାରିଥିଲେ। ପରେ ଭୁଜାଲି ଦେଖାଇ ପକେଟରେ ଥିବା ୫ ଟଙ୍କା ଲୁଟ କରିବା ସହିତ ବାଇକ୍‌କୁ ନେଇ ପଳାଇଥିଲେ। ବ୍ୟବସାୟଙ୍କୁ ସ୍ଥାନୀୟ କିଛି ଲୋକ ଉଦ୍ଧାର କରିବା ସହିତ ଭଦ୍ରକ ମେଡିକାଲରେ ଭର୍ତ୍ତି କରିଛନ୍ତି। ଦୁର୍ବୃତ୍ତଙ୍କ ମାଡ଼ରେ ରଞ୍ଜନଙ୍କ ଗୋଟିଏ ହାତ ଭାଙ୍ଗି ଯାଇଛି। ଏହି ଘଟଣାକୁ ନେଇ ଭଦ୍ରକ ଟାଉନ ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରଯାଇଛି। ପୁଲିସ ତଦନ୍ତ ଚଳାଇଛି।

## ଏ.ବି. କଲେଜରେ ଆତ୍ମହତ୍ୟା ପ୍ରତିରୋଧ ସଚେତନତା ଶିବିର




ବାସୁଦେବପୁର,୧୩।୮ (ସମିସ): ସମଗ୍ର ଓଡ଼ିଶାରେ ନାରୀ ସୁରକ୍ଷାକୁ ନେଇ ସରକାରଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଯୁବ ଗୋଷ୍ଠୀ ହତୋତ୍ସାହିତ ହୋଇ ଯେ କୌଣସି ପଦକ୍ଷେପ ନେବାକୁ ପଛାଉ ନାହାନ୍ତି। ତେବେ ଆତ୍ମହତ୍ୟା ରୋକିବାକୁ ଆରକ୍ଷୀ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଉଦ୍ୟମ। ବାସୁଦେବପୁର ଅଟଳ ବିହାରୀ କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସଭାରେ ଅଧ୍ୟକ୍ଷା ଚିନ୍ମୟୀ ସେନାପତି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ମମତା ଜେନା, ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ଆଇନଜୀବୀ ନିରୋଦ କୁମାର ଦାଶ, ବାସୁଦେବପୁର ଆଇଆଇସି ଲୋପାମୁଦ୍ରା ନାୟକ ଓ ଅଧ୍ୟାପିକା ସୁଜାତା ମହାପାତ୍ର ଯୋଗଦେଇ ଉଦବୋଧନ ଦେଇଥିଲେ। ଯୁବକ ଓ ଯୁବତୀ ଭାବ ପ୍ରବଣତାର ଶିକାର ହୋଇ କୌଣସି କାର୍ଯ୍ୟ କରିବା ପୂର୍ବରୁ ଜୀବନର ଲକ୍ଷ୍ୟକଣ ଚିନ୍ତା କରିବାର ଅବଶ୍ୟକ ରହିଛି ବୋଲି ଅତିଥିମାନେ କହିଥିଲେ।

## ପଞ୍ଜୀକରଣ ତ୍ୱରାନ୍ୱିତ କରିବାକୁ ସ୍ୱତନ୍ତ୍ର ସଚିବଙ୍କ ନିର୍ଦ୍ଦେଶ

ବାରିକପୁର,୧୩।୮ (ସମିସ): ଚଳିତ ବର୍ଷ ଖରିଫ ଧାନ ପଞ୍ଜୀକରଣରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ବିଶେଷ କରି ବଂଶାବଳୀ ତଥ୍ୟ ପ୍ରଦାନ ପାଇଁ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଧାର୍ଯ୍ୟ ସମୟ ସୁଦ୍ଧା ସମସ୍ତ ଚାଷୀ ନାମ ପଞ୍ଜୀକରଣ କରିପାରିବେ କି ନାହିଁ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଜି ଭଣ୍ଡାରିପୋଖରୀ ବ୍ଲକର ୩ଟି ସମବାୟ ସମିତି ଅଧୀନ ମଣ୍ଡିକୁ ଉଚ୍ଚକର୍ତ୍ତୃପକ୍ଷ ପରିଦର୍ଶନ କରିଛନ୍ତି। ରହଣିଆ ପ୍ରାଥମିକ କୃଷି ସମବାୟ ସମିତିଠାରେ ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀଧର ନାୟକ ପହଞ୍ଚି ଧାନ ପଞ୍ଜୀକରଣ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଧାନ କ୍ରୟ ଅଧିକାରୀ ତଥା ସଂପାଦକ ସନ୍ତୋଷ ଦାସଙ୍କଠାରୁ ପଞ୍ଜିକରଣ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିଭଳି ବାଲିପୋଖରୀ ସମିତିରେ ପହଞ୍ଚି ଧାନ ପଞ୍ଜୀକରଣ ସମସ୍ୟାକୁ ନେଇ ସମ୍ପାଦକ ପିନାକୀ ଦାସଙ୍କ ଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ଉପସ୍ଥିତ ଥିବା ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ସମବାୟ ସମିତି ସହକାରୀ ଉପ ନିବନ୍ଧକ ପ୍ରୀତୀତା ଜେନା, ବସନ୍ତ ରଣାଙ୍କ ସହିତ ଆଲୋଚନା କରି ପଞ୍ଜୀକରଣକୁ ତ୍ୱରାନ୍ୱିତ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ପଞ୍ଜିକରଣ ପାଇଁ ଅନେକ ସମସ୍ୟା ଦେଖାଦେଇଥିବା ଚାଷୀମାନେ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଜଳମଣ୍ଡୁଆ ସମିତିରେ ବାଲେଶ୍ୱର ଭଦ୍ରକ ସମବାୟ ସମୂହ ନିବନ୍ଧକ ଦୁଃଖିଆ ଟୁଡୁ, ଅଭିଳାଷ ରଣା, ବ୍ଲକ ଯୋଗାଣ ଅଧିକାରୀ ପହଞ୍ଚି ପଞ୍ଜିକରଣ ବାବଦରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। ସମିତି ସଭାପତି ରତ୍ନାକର ପାତ୍ର ଓ ସମ୍ପାଦକ ଜୟନ୍ତ କୁମାର ଭୋଇଙ୍କ ସହିତ ବିଭାଗୀୟ ଅଧିକାରୀ ଧାନ ପଞ୍ଜୀକରଣ ସମସ୍ୟା ସମ୍ପର୍କରେ ଆଲୋଚନା କରି ବ୍ୟବସ୍ଥାକୁ ଧାର୍ଯ୍ୟ ସମୟ ସୁଦ୍ଧା ସାରିବାକୁ କହିଛନ୍ତି।



## ଖଣ୍ଡତଡ଼ାରେ 'ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ

ଭଦ୍ରକ,୧୩।୮ (ସମିସ)



ଭଦ୍ରକ ତହସିଲ ଅଧୀନ ଅର୍ଣ୍ଣପାଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ଖଣ୍ଡତଡ଼ା ପଞ୍ଚାୟତରେ ମଙ୍ଗଳବାର "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ବୁଧବାର ମଧ ବ୍ରହ୍ମପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ ବେନ୍ତାଳ ପଞ୍ଚାୟତ କାର୍ଯ୍ୟାଳୟରେ ମଧ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ରାଜସ୍ୱ ପରିଦର୍ଶକ ଜ୍ୟୋତିରଂଜନ ପଣ୍ଡା, ବିକାଶ କୁମାର ଦାସ, ଅର୍ଣ୍ଣପାଳ ରାଜସ୍ୱ ନିରୀକ୍ଷକ ଅଙ୍କିତ ସୋରେନ ଓ ବ୍ରହ୍ମପୁର ରାଜସ୍ୱ ନିରୀକ୍ଷକ ସୁଭାଙ୍ଗିନି ପଣ୍ଡାଙ୍କ ସମେତ ଖଣ୍ଡତଡ଼ା, ଆହାରପଦା, ରଘୁପତିବିନ୍ଧା, ବିଜେଗଙ୍ଗାଧରପୁର, ବେନ୍ତାଳ, ଜଗନ୍ନାପୁର, ପାଣିଭଣ୍ଡାର, କାସଲପୁର, ଗୋପାଳବିନ୍ଧା, ଚକ ବେନ୍ତାଳ, ଚକଶ୍ରୀଧରପୁର ଅଞ୍ଚଳର ଗ୍ରାମବାସୀ, କୃଷକ ସାଥୀ ଏବଂ ସ୍ଥାନୀୟ ପ୍ରତିନିଧି ଉପସ୍ଥିତ ଥିଲେ। ସରକାରଙ୍କ ତରଫରୁ ପ୍ରାଧାନ୍ୟ ଦିଆଯାଉଥିବା ପଟ୍ଟାର ଦୁଇ ଖାନାରେ ମୃତ୍ୟୁ ଆସାମୀଙ୍କ ନାମକୁ ସଂଶୋଧନ ପାଇଁ ପୂର୍ବରୁ ଗ୍ରହଣ କରାଯାଇଥିବା ସଂଶୋଧିତ ନୂତନ ପଟ୍ଟା ତାଙ୍କର ଉତ୍ତରାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ମୃତ୍ୟୁ ପଟ୍ଟା ଆସାମୀଙ୍କ ନାମରେ ଥିବା ପଟ୍ଟା ସଂଶୋଧନ କରିବା ନିମନ୍ତେ ମଧ ନୂତନ ଦରଖାସ୍ତ ଗ୍ରାମବାସୀଙ୍କ ନିକଟରୁ ଗ୍ରହଣ କରାଯାଇଥିଲା। ଶ୍ରୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀଙ୍କ ବିଭିନ୍ନ ରାଜସ୍ୱ ସମସ୍ୟାର ତ୍ୱରିତ ସମାଧାନ କରାଯାଇଥିଲା। ତହସିଲସ୍ତରରେ ସମସ୍ତ ପ୍ରକାର ରାଜସ୍ୱ ସେବା ସ୍ୱଚ୍ଛତା ଓ ସେବା ମନବୃତ୍ତି ରଖି ଯୋଗାଇ ଦିଆଯାଉଛି ବୋଲି ପ୍ରଚାର କରିବା, କୌଣସି ରାଜସ୍ୱ ସେବା ପାଇବା ପାଇଁ ତହସିଲଦାର, ରାଜସ୍ୱ ନିରୀକ୍ଷକ ବା ଅନ୍ୟ କୌଣସି ତହସିଲ କର୍ମଚାରୀଙ୍କ ନାମ ନେଇ ମଧ୍ୟସ୍ଥିତା କାରବାର କରୁଥିବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ମାଗୁଥାନ୍ତି, ତେବେ ଏହା ବିଷୟରେ ସଂପୃକ୍ତ ଅଧିକାରୀଙ୍କୁ ଜଣାନ୍ତୁ ବୋଲି ଶ୍ରୀ ଖୁଣ୍ଟିଆ କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ୱାର୍ଡ଼ ମେମ୍ବର ଓ ଗ୍ରାମବାସୀ ଂପୂର୍ଣ୍ଣ ଭାବେ ଯୋଡ଼ି ହୁଅନ୍ତୁ। ପଞ୍ଚାୟତବାସୀଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ସହ କାର୍ଯ୍ୟକ୍ରମ ସଫଳ କରିବା ନିମନ୍ତେ ତହସିଲଦାର ପରାମର୍ଶ ଦେଇଥିଲେ। ତହସିଲଦାର ଶ୍ରୀ ଖୁଣ୍ଟିଆ କ୍ରମାଗତ ଭାବରେ ଭଦ୍ରକ ତହସିଲ ଅଧୀନ ସମସ୍ତ ଗ୍ରାମପଞ୍ଚାୟତରେ ରାଜସ୍ୱ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ "ମୋ ପଞ୍ଚାୟତରେ ମୋ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ପରିଦର୍ଶକ, ଅତିରିକ୍ତ ତହସିଲଦାର ଓ ତହସିଲଦାର ରହିବେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଏବେସୁଦ୍ଧା ଓଲଙ୍ଗ, କୋଡବରୁଆଁ, ହରିପୁର, କୋର୍କୋରା, ଗେଲପୁର, ଆମ୍ବରୋଳି, ଏରେଇଁ, ବହୁଦରଡ଼ା, କାଉପୁର, ସାବରଙ୍ଗ, ବେନ୍ତାଳ ଓ ଖଣ୍ଡତଡ଼ା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଲାଣି।

### ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ସଭା

# ପ୍ରଶ୍ନବାଣରେ ବ୍ୟାଙ୍କ ସମ୍ପାଦକ ଓ ଜିଲ୍ଲାପାଳ ଘାଇଲା



**ନୟାଗଡ଼,୧୩।୮ (ସମିସ):** ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କ ପକ୍ଷରୁ ଆହ୍ୱାନ କରାଯାଇଥିବା ସାଧାରଣ ସଭା ବୁଧବାର ବାତିଲ୍ ହୋଇଛି। ସଭାପତିତ୍ୱ ଦ୍ୱନ୍ଦ୍ୱକୁ ନେଇ ବୈଠକ ବାତିଲ୍ ହୋଇଛି। ନୟାଗଡ଼ ଜିଲ୍ଲା ପରିଷଦ ସୃଜନ ସଭାଗୃହରେ ବୈଠକ ଆୟୋଜନ ହୋଇଥିଲା। ବୈଠକ

## ସଭାପତିତ୍ୱ ଦ୍ୱନ୍ଦ୍ୱ ପାଇଁ ବାତିଲ୍‌ହେଲା ବୈଠକ

ଆରମ୍ଭରୁ ଏହା ୬୬ତମ ସାଧାରଣ ସଭା ନା ୬୭ତମ ବୋଲି ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଓ ବ୍ୟାଙ୍କ ସମ୍ପାଦକ ଏଡ଼ାଇ ଯାଇଥିଲେ। ବୈଠକରେ କିଏ ସଭାପତିତ୍ୱ କରିବେ ବୋଲି ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଜିଲ୍ଲାପାଳ ସଭାପତିତ୍ୱ ତଥା ସଂଯୋଜନା କରିବା ପାଇଁ କହିବା ପରେ ଜୋର୍‌ଦାର୍ ବିରୋଧ ହୋଇଥିଲା। ସଦସ୍ୟମାନେ ଜିଲ୍ଲାପାଳ ସଭାପତିତ୍ୱ କରିବାକୁ ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ଯାହାକୁ ନେଇ ବ୍ୟାଙ୍କ ସମ୍ପାଦକ ଭୋଟିଂ ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲାପାଳଙ୍କ ସଭାପତିତ୍ୱ ପାଇଁ ୧୦ ଜଣଙ୍କ ସମର୍ଥନ ମିଳିଥିବାବେଳେ ଶତାଧିକ ସଦସ୍ୟ ଏହାକୁ ବିରୋଧ କରିଥିଲେ। ଯାହାକୁ ନେଇ ଜିଲ୍ଲାପାଳ ବୈଠକକୁ ବାତିଲ୍ ଘୋଷଣା କରିବା ସହ ଉଠି ଚାଲିଯାଇଥିଲେ। ବ୍ୟାଙ୍କ ସମ୍ପାଦକ ମଧ୍ୟ ପରିସ୍ଥିତିକୁ ଦେଖି କାଗଜପତ୍ର ଧରି ବୈଠକରୁ ଚାଲି ଯାଇଥିବା ଜଣାପଡ଼ିଛି।

ନୟାଗଡ଼ ଜିଲ୍ଲା ପରିଚାଳନା ପରିଷଦ ଓ ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଚାଲିଛି। ଏହି ବିବାଦ ମଧ୍ୟରେ ସମ୍ପାଦକଙ୍କ ପକ୍ଷରୁ ତୃତୀୟ ଥର ପାଇଁ ଆହ୍ୱାନ କରାଯାଇଥିବା ସାଧାରଣ ସଭାରେ ଜୋର୍‌ଦାର୍ ବିରୋଧ ହୋଇଛି। ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ସାଧାରଣ ସଭା କରିବାକୁ ବ୍ୟାଙ୍କ କର୍ମଚାରୀ ଓ ଜିଲ୍ଲାପାଳ ପରୋକ୍ଷରେ ବିରୋଧ କରିବା ମହଙ୍ଗା ପଡ଼ିଛି। ଏହି ବୈଠକ ବାତିଲ୍ ହେବା ଯୋଗୁଁ ବଜେଟ୍ ପାରିତ ହୋଇପାରି ନ ଥିବାବେଳେ ଆଗାମୀ ଦିନରେ କେଉଁଭଳି ଭାବେ ବ୍ୟାଙ୍କ ପରିଚାଳନା ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ବ୍ୟାଙ୍କ ସାଧାରଣ ସଭାରେ ପରିଚାଳନା ପରିଷଦ ସଦସ୍ୟଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ରହିଥିଲେ ମଧ୍ୟ ସାଧାରଣ ସଭାକୁ ସମର୍ଥନ ମିଳିପାରି ନ ଥିବା ଜଣାପଡ଼ିଛି। ଏହି ବୈଠକରେ ପ୍ରବଳ ହୋ-ହଲ୍ଲା ହୋଇଥିବାବେଳେ ବରିଷ୍ଠ ସମବାୟବିତ୍ ସନ୍ୟାସୀ ପ୍ରଧାନଙ୍କ ପ୍ରଶ୍ନବାଣ ସମସ୍ତଙ୍କୁ ଘାଇଲା ପରିସ୍ଥିତିକୁ ସାମ୍ନା କରିବାକୁ ବାଧ କରିଛି। ଏହି ବୈଠକରେ ଜିଲ୍ଲା ସମବାୟ ସମିତି ସମୂହ ଉପନିବନ୍ଧକ ଅନନ୍ତ କୁମାର ନାୟକ, ସହକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ ଯୋଗଦେଇଥିଲେ। ଅନ୍ୟପକ୍ଷେ ବୈଠକରେ ସଦସ୍ୟଙ୍କୁ ଖାତା କଲମ ଦେବା ଆଳରେ କିଛି ସଦସ୍ୟଙ୍କ ଦସ୍ତଖତ ସଂଗ୍ରହ କରାଯାଇଥିବା ଦେଖାଯାଇଛି। ଯାହାକୁ ଭୁଲ୍ ବାଟରେ ବ୍ୟବହାର କରିବାକୁ ବ୍ୟାଙ୍କ କର୍ମଚାରୀମାନେ ଯୋଜନା ପ୍ରସ୍ତୁତ କରିଥିବା ଅନୁମାନ କରାଯାଉଛି।

## ଲୋକସଭା ଅଧିବେଶନ ପାଇଁ ସମିତି ବୈଠକ ସ୍ଥଗିତ!

**ଗଣିଆ,୧୩।୮ (ସମିସ):** ଗଣିଆ ପଞ୍ଚାୟତ ସମିତି ତରଫରୁ ବୁଧବାର ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ହେବା ପାଇଁ ସ୍ଥିରୀକୃତ ହୋଇଥିଲା। ଏଥିପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରୁ ଚିଠି କରାଯାଇଥିଲା। ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ଆଲୋଚନା କରାଯିବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଥିଲା। ତେବେ ମଙ୍ଗଳବାର ଅଚାନକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ଅଷ୍ଟମ ସାଧାରଣ ଅଧିବେଶନକୁ ସ୍ଥଗିତ ରଖାଗଲା ବୋଲି ଜଣାପଡ଼ିଛି। ଏ ନେଇ ସାଂସଦ, ବିଧାୟକ, ଉପାଧ୍ୟକ୍ଷ, ସରପଞ୍ଚ, ସମିତିସଭ୍ୟ ତଥା ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯଦି ଲୋକସଭା ଚାଲିଥିବା ବେଳେ ସମିତି ବୈଠକ ହୋଇପାରିବ ନାହିଁ ତେବେ କିଭଳି ଚିଠି କରାଯାଇଥିଲା। ଚିଠି ୫ ଅଗଷ୍ଟରେ ହୋଇଥିବା ବେଳେ ଚିଠି ପୂର୍ବରୁ ଲୋକସଭା ଅଧିବେଶନ ଆରମ୍ଭ ହୋଇଛି। ତେବେ ଏଭଳି ଦାୟିତ୍ୱହୀନତା ପାଇଁ କିଏ ଦାୟୀ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଅଲଗା ବ୍ଲକରେ ଦଶମ ସାଧାରଣ ଅଧିବେଶନ ଶେଷ ହୋଇଥିବା ବେଳେ ଗଣିଆରେ ମାତ୍ର ୭ଟି ଅଧିବେଶନ ଶେଷ ହୋଇଛି। ଗଣିଆରେ ଶିକ୍ଷା, ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ସମିତି ବୈଠକ ଠିକରେ ନହେବା ବିଭାଗୀୟ ଅପାରଗତାକୁ ପଦାରେ ପକାଉଛି। ସମିତି ବୈଠକ ସରଗରମ ହେବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଥିବାବେଳେ ବୈଠକ ବାତିଲ ହେବା ଘଟଣାର ରହସ୍ୟ ଜଣାପଡ଼ିନାହିଁ।

## ନବତରୁଣ ବିଦ୍ୟାର୍ଥୀଙ୍କ ସ୍ୱାଗତ ଉତ୍ସବ




**ଗଣିଆ,୧୩।୮ (ସମିସ):** ଗଣିଆରେ ଥିବା ଡ. ରାମଚନ୍ଦ୍ର ସାମନ୍ତରାୟ ବିଜ୍ଞାନ, କଳା ଏବଂ ପ୍ରଯୁକ୍ତିବିଦ୍ୟା ଶିକ୍ଷାନୁଷ୍ଠାନ ପରିସରରେ ନୂତନ ଭାବେ ଯୋଗଦେଇଥିବା ନବତରୁଣ ବିଦ୍ୟାର୍ଥୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ''ସ୍ୱୀକୃତି' ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦାର୍ଥ ବିଜ୍ଞାନ ଅନୁଷ୍ଠାନର ନିର୍ଦ୍ଦେଶକ କରୁଣାକର ନନ୍ଦ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ପବିତ୍ର କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ଆଦର୍ଶ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ଝାଡ଼େଶ୍ୱର ପାଣିଗ୍ରାହୀ, ମହାବିଦ୍ୟାଳୟର ଅଧ୍ୟକ୍ଷ ମଳୟ କୁମାର ପଣ୍ଡା, ପରିଚାଳନା କମିଟି ସଦସ୍ୟ କବିଚନ୍ଦ୍ର ସାମନ୍ତରାୟ, ଉପାଧ୍ୟକ୍ଷ ଉମାକାନ୍ତ ବେହେରା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରକୃତ ଶିକ୍ଷା ସହିତ ଉତ୍ତମ ସଂସ୍କୃତି ପ୍ରଦାନ କରିବା ସାମନ୍ତରାୟ ମହାବିଦ୍ୟାଳୟର ପ୍ରଥମ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ। ସାମନ୍ତରାୟ ମହାବିଦ୍ୟାଳୟ ଦିନକୁ ଦିନ ତା'ର ଶତ ପ୍ରତିଶତ ସଫଳତା ବଜାୟ ରଖିଥିବାରୁ ଆମେ ଏଠାରେ ପାଠପଢ଼ି ଗର୍ବିତ ବୋଲି ପୁରାତନ ଛାତ୍ରଛାତ୍ରୀ ମତପୋଷଣ କରିଥିଲେ। ପରିଶ୍ରମ କଲେ ଫଳ ସୁନିଶ୍ଚିତ ବୋଲି ଉପାଧ୍ୟକ୍ଷ ଶ୍ରୀ ବେହେରା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହିତ ସବୁଦିନ ମହାବିଦ୍ୟାଳୟକୁ ଆସିବାକୁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଜିତେନ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

### ଅନ୍‌ଲାଇନ୍ ଉପସ୍ଥାନକୁ ବିରୋଧ

## ଶିକ୍ଷକଙ୍କ ବିକ୍ଷୋଭ; ଜିଲ୍ଲାପାଳଙ୍କ ଅଫିସ ଘେରଉ




**ନୟାଗଡ଼,୧୩।୮ (ସମିସ):** ଅନ୍‌ଲାଇନ୍ ଉପସ୍ଥାନକୁ ବିରୋଧ କରି ନୟାଗଡ଼ ଜିଲ୍ଲା ମିଳିତ ଶିକ୍ଷକ ସଂଘ ପକ୍ଷରୁ ଜିଲ୍ଲାସ୍ତରରେ ଜୋର୍‌ଦାର୍ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲ୍ଲାପାଳଙ୍କ ଅଫିସ ଘେରଉ କରାଯାଇଥିଲା। ଜିଲ୍ଲାର ସମସ୍ତ ୮ଟି ବ୍ଲକ୍‌ର ଶିକ୍ଷକମାନେ ଏଥିରେ ସାମିଲ୍ ହୋଇ ଏକ ବିଶାଳ ରାଲିରେ ନ୍ୟୁ ଟାଉନ୍‌ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ନାରା ଦେଇ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଶିକ୍ଷୟିତ୍ରୀ ବଜାର ପରିକ୍ରମା କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି କାର୍ଯ୍ୟାଳୟ ସାମ୍ନା ମୁଖ୍ୟ ରାସ୍ତାକୁ ଅବରୋଧ କରି ପ୍ରତିବାଦ ସଭା କରିଥିଲେ। ଏଥିରେ ଜିଲ୍ଲାରେ କାର୍ଯ୍ୟରତ ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନସନଭୁକ୍ତ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷକ ସଂଘ, ଅଲୋଷ୍ଟା, ଏକ୍ସ କ୍ୟାଡର ଶିକ୍ଷକ ସଂଘ ପ୍ରଭୃତି ସାମିଲ୍ ହୋଇ ସରକାରଙ୍କ ଦ୍ୱାରା ଅଗଣତାନ୍ତ୍ରିକ ଉପାୟରେ ଶିକ୍ଷକଙ୍କ ଉପରେ ଲଦି ଦିଆଯାଇଥିବା ଅନ୍‌ଲାଇନ୍ ଉପସ୍ଥାନ ନିଷ୍ପତ୍ତିକୁ ଜୋର୍‌ଦାର୍ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହିତ ସମସ୍ତ ବିଧାୟକଙ୍କୁ ଘେରଉ ତଥା ରାଜ୍ୟସ୍ତରରେ ଏହାକୁ ଜୋର୍‌ଦାର୍ କରାଯିବା ପାଇଁ ଶିକ୍ଷକ ସଂଘ ପ୍ରକାଶ କରିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରଗୁଡ଼ିକୁ ଜିଲ୍ଲାପାଳଙ୍କ ପକ୍ଷରୁ ଉପଜିଲ୍ଲାପାଳ ପ୍ରତିବାଦ ସ୍ଥଳକୁ ଆସି ଗ୍ରହଣ କରିଥିଲେ। ଏହି ଆନ୍ଦୋଳନରେ ଶିକ୍ଷକ ନେତା ଶେଖ୍ ଅବ୍‌ଦୁଲ ଖାଲିକ, ବ୍ରଜବନ୍ଧୁ ସୁବୁଦ୍ଧି, ବାମନ ବାରିକ୍, ବିଭୁ ସାହୁ, ସୁରେଶ ବେହେରା, ଦୀନବନ୍ଧୁ ସାହୁ, ପ୍ରସନ୍ନ ଲେଙ୍କା, ପଞ୍ଚାନନ ମହାପାତ୍ର, ବିଘ୍ନେଶ୍ୱର ବେହେରା, ଅଯୋଧ୍ୟା ନାୟକ, ବିନାୟକ ପରିଡ଼ା, ମାଣିକେଶ୍ୱର ସ୍ୱାଇଁ, ଜ୍ୟୋତିରଞ୍ଜନ ଦାଶ, ଭକ୍ତ ମିଶ୍ର, ନରେଶ ପାଣିଗ୍ରାହୀ, ସୁରେଶ ମହାପାତ୍ର, ଦୀନବନ୍ଧୁ ଦାସ, ସୁରେଶ ସେଠୀ, ପୀତବାସ ପ୍ରଧାନ ପ୍ରମୁଖ ସାମିଲ୍ ହୋଇ ସରକାରଙ୍କ ଅନ୍‌ଲାଇନ୍ ଉପସ୍ଥାନ ନିଷ୍ପତ୍ତିକୁ ଜୋର୍‌ଦାର୍ ବିରୋଧ କରିଥିଲେ।

## ସମବାୟ ସମିତି ସମ୍ପାଦକଙ୍କ ବହିଷ୍କାର ଦାବି

**ଓଡ଼ଗାଁ,୧୩।୮ (ସମିସ):** ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ଗାଁ ଶାଖା ଅନ୍ତର୍ଗତ ହନୁମନ୍ତିଆ ପ୍ରାଥମିକ କୃଷି ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ସନ୍ତୋଷ କୁମାର ନାୟକ, ସ୍ତ୍ରୀ ରୁନାରାଣୀ ନାୟକ ଏବଂ ନିଜ ଭାଇ ପ୍ରମୋଦ କୁମାର ନାୟକଙ୍କୁ ସମବାୟ ନିର୍ବାଚନ ସମୟରେ ତଞ୍ଚକତାର ଉଭୟଙ୍କୁ ନିର୍ଦ୍ଦେଶକ ଭାବେ ନିର୍ବାଚିତ କରିବାରେ ସହାୟତା କରିଥିବା ନେଇ ଅଭିଯୋଗ ହୋଇଛି। ଏହା ସମବାୟ ଆଇନର ଧାରା ୨୮ (୩) (ଘ)ର ବିରୁଦ୍ଧାଚରଣ କରୁଥିବାରୁ ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କୁ ୭ ଦିନ ମଧ୍ୟରେ କାର୍ଯ୍ୟରୁ ବହିଷ୍କାର କରିବାକୁ ଅନ୍ୟମାନଙ୍କ ତରଫରୁ ବଂଶୀଧର ନାୟକ ଉପନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ଙ୍କ ଅଭିଯୋଗ କରିଛନ୍ତି। ଏଥି ସହିତ ସେ ଏ ନେଇ ରେଜିଷ୍ଟ୍ରାର ସମବାୟ ସମିତି ସମୂହ, ଭୁବନେଶ୍ୱର, ଜିଲ୍ଲାପାଳ ନୟାଗଡ଼, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ନୟାଗଡ଼ଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଜଣାଇଛନ୍ତି। ସୂଚନା ଥାଉକି ସମବାୟ ଆଇନ ଅନୁସାରେ ଯେକୌଣସି ସମିତିର ବେତନ ଭୋଗୀ କର୍ମଚାରୀଙ୍କ ପରିବାରର କୌଣସି ବ୍ୟକ୍ତି ଉକ୍ତ ସମବାୟ ସମିତି ନିର୍ବାଚନରେ ଭାଗନେଇ ପାରିବେନାହିଁ। ତେବେ ନିୟମକୁ ଅଣଦେଖା କରି ନିଜର ସ୍ୱାର୍ଥସାଧନ ପାଇଁ ସମ୍ପାଦକ ଜାଣିଶୁଣି ଏଭଳି ଭୁଲ୍ କାର୍ଯ୍ୟ କରିଥିବାରୁ ତାଙ୍କୁ ତୁରନ୍ତ କାର୍ଯ୍ୟରୁ ବହିଷ୍କାର କରିବା ପାଇଁ ଦାବି ହୋଇଛି। ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ଏହାକୁ ଏଡାଇ ଯିବା ଏକ ଅନୈତିକ କାର୍ଯ୍ୟକଳାପର ଇସାରା କରୁଛି।

## ସୁଶାନ୍ତ ସାହୁ ବିଜେଡିରୁ ନିଲମ୍ବିତ

**ନୟାଗଡ଼,୧୩।୮ (ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୯ ନମ୍ବର ଜିଲ୍ଲା ପରିଷଦ ଜୋନ୍ ସଦସ୍ୟ ସୁଶାନ୍ତ କୁମାର ସାହୁଙ୍କୁ ବିଜୁ ଜନତା ଦଳରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି। ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ପ୍ରତାପ କୁମାର ଜେନା ତାଙ୍କୁ ନିଲମ୍ବନ କରିଥିବା ଦଳ ପ୍ରେସ୍ ବାର୍ତ୍ତାରୁ ଜଣାପଡ଼ିଛି।

## ବିଷପିଇ ନାବାଳିକାର ଆତ୍ମହତ୍ୟା

**ଓଡ଼ଗାଁ,୧୩।୮ (ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ କୁରାଳ ଗାଁରେ ଜଣେ ନାବାଳିକାର ଆତ୍ମହତ୍ୟା ଘଟଣାକୁ ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନୟାଗଡ଼ ଜିଲ୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସ୍ୱର୍ଗତ ପର୍ଶୁରାମ ଚୌଧୁରୀଙ୍କ ନାବାଳିକା ୧୨ ବର୍ଷର ଝିଅ ବୁଧବାର ସକାଳେ ଟ୍ୟୁସନରୁ ଘରକୁ ଫେରିବା ପରେ ସ୍କୁଲ୍ ଯିବାକୁ ମନାକଲା। ଏ ନେଇ ମାଆ ତାକୁ ସ୍କୁଲ ଯିବାକୁ କହିଥିଲେ। ଏହି ସାମାନ୍ୟ କଥାକୁ ନେଇ ଝିଅଟି ଘରେ ଥିବା କୀଟନାଶକ ଔଷଧ ଖାଇଦେଇଥିଲା। ତୁରନ୍ତ ତାକୁ କୁରାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ବାର୍‌ହା ଆକ୍ରମଣରେ ଦମ୍ପତି ଆହତ

**ଭାପୁର,୧୩।୮ (ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ନିକଟ ବୋଲଗଡ଼ ବ୍ଲକ୍ ସାଗରଗାଁ ପଞ୍ଚାୟତ ବାଲସିଂହ ଗ୍ରାମର ପୂର୍ବତନ ସେନା କର୍ମଚାରୀ ବଳଭଦ୍ର ଦଳାଇ ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ଦଳାଇ ବାର୍‌ହା ଆକ୍ରମଣରେ ଆହତ ହୋଇ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ବୁଧବାର ସକାଳ ସମୟରେ ଘର କବାଟ ଖୋଲି ବାହାରକୁ ଆସିବା ସମୟରେ ଘର ପାଖରେ ଲୁଚି ରହିଥିବା ଏକ ବାର୍‌ହା ଆକ୍ରମଣ କରି ଉଭୟଙ୍କୁ ଆହତ କରିଥିଲା। ଏହାପରେ ଗ୍ରାମବାସୀମାନେ ପାଟିତୁଣ୍ଡ କରିବାରୁ ବାର୍‌ହାଟି ପଳାଇଥିଲା। ବାର୍‌ହା ବଂଶ ବୃଦ୍ଧି ଘଟିଥିବାରୁ ଭାପୁର ବ୍ଲକ୍ ଓ ଆଖପାଖ ଅଞ୍ଚଳରେ ଦିନବେଳା ଗହୀରରେ ମଧ୍ୟ ବାର୍‌ହା ବୁଲୁଥିବା ଦେଖିବାକୁ ମିଳୁଛି। ବନ୍ୟଜନ୍ତୁ ଆକ୍ରମଣ କଲେ ସରକାରୀ ଆର୍ଥିକ ସହାୟତା ପ୍ରଦାନ ବ୍ୟବସ୍ଥା ଥିବାରୁ ଦମ୍ପତିଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ଜାତୀୟ କୃମିନାଶକ ଦିବସ ପାଳିତ

**ନୟାଗଡ଼,୧୩।୮ (ସମିସ):** ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୨ଟି ବିଦ୍ୟାଳୟରେ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁଞ୍ଜବିହାରୀ ଓ କୋସ୍‌କା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିଷାର ପଣ୍ଡା ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ଦିବସ ପାଳନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ସମସ୍ତ ବିଦ୍ୟାଳୟରେ ଏହି ଔଷଧ ପ୍ରଦାନ କରାଯିବ ବୋଲି ଖଣ୍ଡପଡ଼ା ଓ ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

## ବିଶ୍ୱ ଅଙ୍ଗଦାନ ଦିବସ ପାଳିତ




**ନୟାଗଡ଼,୧୩।୮ (ସମିସ):** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଭାସୀ ଯୋଗେ ଯୋଡ଼ି ହୋଇଥିବା ସମସ୍ତ ଜିଲ୍ଲା ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ମୃତ ବ୍ୟକ୍ତିଙ୍କ ଅଙ୍ଗଦାନ କରିଥିବା ପରିବାରଙ୍କୁ ବୁଧବାର ସ୍ୱାସ୍ଥ୍ୟ ବିଭାଗ ତରଫରୁ ''ସୁରଜ୍ ଆୱାର୍ଡ' ଆର୍ଥିକ ପ୍ରୋତ୍ସାହନ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାରେ ଓସ୍ୱାନ ଭିଡିଓ ସମ୍ମିଳନୀ କକ୍ଷରେ ସିଡିଏମ୍‌ଓ ଡା. ସୁଶାନ୍ତ କୁମାର ଦାସ, ଡେପୁଟି କଲେକ୍ଟର, ତପତି ରାଜ୍, ଡିପିଏମ୍ ପ୍ରକାଶ ଚନ୍ଦ୍ର ବାନାର୍ଜୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଏଥିରେ ଯୋଡ଼ି ହୋଇଥିଲେ। ନୟାଗଡ଼ ଜିଲ୍ଲା ନୟାଗଡ଼ ପୁରୁଣା ସହର ଦାଣ୍ଡସାହିର ସ୍ୱର୍ଗତ ଶିବୁନ ସିଦ୍ଧାର୍ଥ ସାହୁ ଲିଭର ପ୍ରଦାନ କରିଥିବାରୁ ତାଙ୍କ ମାଆ ହିତାଧିକାରୀ ଜୟନ୍ତୀ ସାହୁଙ୍କୁ ''ସୁରଜ୍ ଆୱାର୍ଡ' ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ତାଙ୍କ ସହ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ସଂସ୍କୃତ ଦିବସ ପାଳିତ

**ନୟାଗଡ଼,୧୩।୮ (ସମିସ):** ନୟାଗଡ଼ ନିକଟସ୍ଥ ଗୋବିନ୍ଦପୁର ଭାଗୀରଥି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସଂସ୍କୃତ ସପ୍ତାହ ମଙ୍ଗଳବାର ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାହୁ ଅଧ୍ୟକ୍ଷତା ସହିତ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାଜେଶ କୁମାର ପଣ୍ଡା ମଙ୍ଗଳାଚରଣ ପାଠପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ସଂସ୍କୃତ ଶିକ୍ଷାର ଉପଯୋଗିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସଂସ୍କୃତ ନୀତିଶ୍ଳୋକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବିଭୂତି ଭୂଷଣ ରଣସିଂହ, ଦୀପକ କୁମାର ମଙ୍ଗଳ, ବେଣୁଧର ବିଶ୍ୱାଳ ଓ ଶିକ୍ଷୟିତ୍ରୀ ସୂର୍ଯ୍ୟତା ବେହେରା, ଅନସୂୟା ବେହେରା ସହଯୋଗ କରିଥିଲେ।

### ମହିଳାଙ୍କ ଗଳାକାଟି ହତ୍ୟା ଘଟଣା

## ତ୍ରିକୋଣୀୟ ପ୍ରେମରୁ ହତ୍ୟା; ୩ ଗିରଫ

**ଭାପୁର,୧୩।୮ (ସମିସ):** ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ପଞ୍ଚାୟତ ଭାପୁର ଗ୍ରାମ ମହୋତ୍ସବ ପଡ଼ିଆ ନିକଟରେ ରବିବାର ରାତିରେ ଜଣେ ବିଧବା ମହିଳାଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ଏହା ତ୍ରିକୋଣୀୟ ପ୍ରେମ ଯୋଗୁଁ ଘଟିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଦୁଇ ପ୍ରେମିକ ଓ ତାଙ୍କର ଜଣେ ସହଯୋଗୀ ମିଶି ମହିଳାଙ୍କ ଗଳାକାଟି ହତ୍ୟା କରିଥିଲେ। ତିନି ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।




ଭାପୁର ଗ୍ରାମର ସ୍ୱର୍ଗତ ସୁରେଶ ବେହେରାଙ୍କ ସ୍ତ୍ରୀ ଜୟନ୍ତୀ ବେହେରା ଭାପୁର ମହୋତ୍ସବ ପଡ଼ିଆ ନିକଟରେ ତାଙ୍କର ଦୁଇ ନାବାଳକ ପିଲାଙ୍କୁ ଧରି ରହୁଥିଲେ। ନିକଟସ୍ଥ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠରେ ୪ ମାସ ହେଲା ପାଚିକା ଭାବେ କାର୍ଯ୍ୟ କରୁଥିଲେ। ଜୟନ୍ତୀଙ୍କ ସ୍ୱାମୀ ସୁରେଶ(ମିଟୁ)ଙ୍କର ୨ ବର୍ଷ ପୂର୍ବେ ମୃତ୍ୟୁ ହୋଇଯାଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ଜୟନ୍ତୀ ତାଙ୍କର ସମ୍ପର୍କୀୟ ଦିଅର କଟକ ଜିଲ୍ଲା ବୈଦେଶ୍ୱର ଗ୍ରାମର ମନୋଜ ବେହେରାଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ମନୋଜଙ୍କ ମାଧ୍ୟମରେ ବୈଦେଶ୍ୱର ପାଇକସାହିର ରହୁଥିବା ଦଶପଲ୍ଲା ମଧ୍ୟଖଣ୍ଡ ଗ୍ରାମର ସନ୍ତୋଷ ରାଉତ ଜୟନ୍ତୀଙ୍କ ସହ ଚିହ୍ନା ପରିଚିତ ହୋଇଥିଲେ। ମନୋଜ ଓ ସନ୍ତୋଷ ଉଭୟେ ଉଭୟଙ୍କୁ ନ ଜଣାଇ ପ୍ରେମ ସମ୍ପର୍କରେ ଥିଲେ। ରବିବାର ସନ୍ଧ୍ୟାରେ ସନ୍ତୋଷ ରାଉତ ଜୟନ୍ତୀଙ୍କ ଘରେ ଥିବା ବେଳେ ମନୋଜ ଓ ତା'ର ଜଣେ ସହକର୍ମୀ ବୈଦେଶ୍ୱର ଗ୍ରାମର ପ୍ରକାଶ କାଠୁଆ ଆସି ପହଞ୍ଚିଥିଲେ। ଏହାପରେ ଦୁଇ ବନ୍ଧୁ ମନୋଜ ଓ ସନ୍ତୋଷ ପରସ୍ପର ସହ ଝଗଡ଼ା ଲାଗିବା ସହ ଜୟନ୍ତୀଙ୍କ ସହ ମଧ୍ୟ ପାଟିତୁଣ୍ଡ ହୋଇଥିଲା। ପ୍ରବଳ ପାଟିତୁଣ୍ଡ ଓ ଗଣ୍ଡଗୋଳ ପରେ ସନ୍ତୋଷ ଓ ପ୍ରକାଶ ଜୟନ୍ତୀଙ୍କୁ ମାଡ଼ି ବସିଥିଲେ ଓ ମନୋଜ ରୋଷେଇ ଘରେ ଥିବା ଏକ ପରିବା କଟା ଛୁରୀରେ ଜୟନ୍ତୀଙ୍କ ଗଳା କାଟି ଦେଇ ଘର ବାଡ଼ି ପଟ ଦେଇ ପଳାଇଥିଲେ। ଏହି ଘଟଣାରେ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ତଦନ୍ତ କରି ୩ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି।

### ୟୁଜେଏ ଜିଲ୍ଲା କାର୍ଯ୍ୟକାରିଣୀ ଓ ଖଣ୍ଡପଡ଼ା ସଂଘର ବାର୍ଷିକୋତ୍ସବ

## କଲମ ମୁନକୁ ସ୍ୱଚ୍ଛ ଓ ଶାଣିତ ଭାବରେ ଚଳାଇବାକୁ ପରାମର୍ଶ

**ଖଣ୍ଡପଡ଼ା,୧୩।୮ (ସମିସ)**




ଖଣ୍ଡପଡ଼ା ଏନ୍‌ଏସି ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଓ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବାର୍ଷିକ ଉତ୍ସବରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇଥିଲେ। ଚତୁର୍ଥ ସ୍ତମ୍ଭର ମର୍ଯ୍ୟାଦା ହାନୀ କରିବା ଭଳି କାର୍ଯ୍ୟ ନ କରି କଲମ ମୁନକୁ ସ୍ୱଚ୍ଛ ଓ ଶାଣିତ ଭାବରେ ଚଳାଇବାକୁ ଶ୍ରୀ କର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନୟାଗଡ଼ ଜିଲ୍ଲା ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ଜିଲ୍ଲା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ଉପଦେଷ୍ଟା ଆଇନଜୀବୀ ବିକ୍ରମ କେଶରୀ ଦେଓ, ସମାଜସେବୀ ତଥା ଆଇନଜୀବୀ ବିଧାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଅନୁଷ୍ଠାନର ଉତରୋତ୍ତର ଉନ୍ନତି କାମନା କରିବା ସହ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହିପରି ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଡ. ପ୍ରଫୁଲ୍ଲ କୁମାର ଦାଶ, ରବିନ୍ଦ୍ର ପଟ୍ଟନାୟକ, ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ରଥଗଡ଼ା ଛକରେ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବିଶାଳ ଶୋଭାଯାତ୍ରାରେ ବଜାର ପରିକ୍ରମା କରି କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ସାମ୍ବାଦିକ ଜନ୍ମେଜୟ ଦଳେଇ ମଞ୍ଚ ପରିଚାଳନା କରିଥିଲେ। ସଂଘର ସମ୍ପାଦକ ସରୋଜ କୁମାର ଚୌଧୁରୀ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ସାମ୍ବାଦିକ ନିଜ ନିଜ ମଧ୍ୟରେ ଏକତା ବଜାୟ ରଖିବା ସହ ନିର୍ଭିକ, ସଚ୍ଚୋଟ, ସାହାଯ୍ୟ ମନୋଭାବ ଓ ସାଲିସ୍‌ବିହୀନ ସାମ୍ବାଦିକତା କରିବା ପାଇଁ ଅତିଥିମାନେ କହିଥିଲେ। ଏଥିସହ ସାମ୍ବାଦିକ ସୁରକ୍ଷା ଆଇନ, ବୟସ୍କଙ୍କୁ ପେନ୍‌ସନ୍ ପ୍ରଦାନ, ସ୍ୱାସ୍ଥ୍ୟ ବୀମା ଯୋଜନାକୁ ବର୍ଦ୍ଧିତ କରିବାକୁ ସରକାରଙ୍କ ପାଖରେ ଦାବି ରଖିବାକୁ ରାଜ୍ୟ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ବିଭିନ୍ନ ସାମାଜିକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ଲଡ୍ଡୁ କିଶୋର ସିଂହସାମନ୍ତ, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକ, ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ, ସମାଜସେବୀ ମହେନ୍ଦ୍ର ବାରିକ ଓ ଶବ ସଂସ୍କାରକ କୈଳାଶ ମହାପାତ୍ର ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍‌ର ସମସ୍ତ ସାମ୍ବାଦିକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଉତ୍ସବରେ ସାମ୍ବାଦିକ ମନୋରଞ୍ଜନ ରଥ, ତପନ ମହାପାତ୍ର, ନିରଞ୍ଜନ ପଣ୍ଡା, ପ୍ରଦୀପ ବେହେରା, ପ୍ରଶାନ୍ତ ସାହୁ ପ୍ରମୁଖ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟରେ ନୂତନ ସଭ୍ୟ ଭାବେ ଯୋଗଦେବା ସହ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ନୟାଗଡ଼ ଜିଲ୍ଲାର ୮ଟି ବ୍ଲକ୍‌ର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାବେଳେ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ପକ୍ଷରୁ ନିରଞ୍ଜନ ଦାସ, ତପନ କୁମାର ଦାଶ, ସଂଗ୍ରାମ କେଶରୀ ଦେଓ, ଶିବ ନାରାୟଣ ଦାସ, ପ୍ରଭାତ ପଶାୟତ, ନିଗମାନନ୍ଦ ଦାଶ, ସଦାଶିବ ପାତ୍ର, ଶରତ ବେହେରା, ତପନ ମହାପାତ୍ର, କନକଲତା ପ୍ରଧାନ, ଶଙ୍କର୍ଷଣ ସ୍ୱାଇଁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ନିମାପଡ଼ାର ନାବାଳିକା ଆନ୍ଧ୍ରପ୍ରଦେଶରୁ ଉଦ୍ଧାର

ନିମାପଡ଼ା,୧୩।୮ (ସମିସ): ଜଣେ କଲେଜ ଛାତ୍ରୀ କଲେଜକୁ ଯାଉଥିବା ସମୟରେ ଅପହରଣ ହୋଇଥିବା ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିବାବେଳେ ୨୪ ଘଣ୍ଟା ନ ପୂରୁଣ ଆନ୍ଧ୍ରପ୍ରଦେଶରୁ ନିମାପଡ଼ା ଥାନା ଅଧିକାରୀ ବାମଦେବ ସାଇଁ ନାବାଳିକାକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ପୁଲିସର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ପୁଲିସ ତୁରନ୍ତ ପଦକ୍ଷେପ ନେବା କାରଣରୁ ନାବାଳିକା ଜଣକୁ ତାଙ୍କ ପରିବାର ଲୋକେ ଫେରିପାଇଛନ୍ତି। କିପରି ନାବାଳିକା ଆନ୍ଧ୍ରପ୍ରଦେଶ ଗଲା ନା କେହି ଅପହରଣ କରି ନେଇଥିଲା ଏ ସମ୍ପର୍କରେ ପୁଲିସର ତଦନ୍ତ ଜାରି ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଜନୈକା ନାବାଳିକା ନିମାପଡ଼ା ଜଲେଜକୁ ଗତ ୧୨ ତାରିଖରେ ପାଠ ପଢ଼ିବାକୁ ଆସିଥିଲେ। ନାବାଳିକା ଜଣକ ଘରକୁ ନ ଫେରିବାରୁ ପରିବାର ଲୋକେ ସମ୍ପର୍କୀୟଙ୍କ ଘର ଖୋଜାଖୋଜି କରିଥିଲେ। କୌଣସିଠାରେ ନାବାଳିକାଙ୍କର ସନ୍ଧାନ ମିଳିନଥିଲା। ପରେ ଏ ସମ୍ପର୍କରେ ନିମାପଡ଼ା ଥାନାରେ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ କରିବା ପରେ ପୁଲିସ ଘଟଣାର ଅନୁସନ୍ଧାନ ଜାରି ରଖିଥିଲା। କୌଣସି ସୂତ୍ରରୁ ଖବର ପାଇ ନିମାପଡ଼ା ଥାନା ଅଧିକାରୀ ବାମଦେବ ସ୍ୱାଇଁ ଆନ୍ଧ୍ରପ୍ରଦେଶରେ ପହଞ୍ଚି ସେଠାକାର ପୁଲିସ ସହାୟତାରେ ନାବାଳିକାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି।

# ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ



କଣାସ,୧୩।୮ (ସମିସ): କଣାସ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଶିକ୍ଷା ବିଭାଗର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଣାସ ବ୍ଲକ୍ ଅନ୍ତର୍ଗତ ୧୭ଟି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକମାନେ ଯୋଗଦେଇ ସାଧନ କେନ୍ଦ୍ର ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବାପାଇଁ କାର୍ଯ୍ୟକାରୀ ହେଉଥିବା 'ଆସ ସ୍କୁଲ ଯିବା' ଯୋଜନାର ବର୍ତ୍ତମାନ ସୁଦ୍ଧା କାର୍ଯ୍ୟର ସମୀକ୍ଷା କରାଯିବା ସହ ଏଥିରେ ଶତ ପ୍ରତିଶତ ସଫଳତା ପାଇଁ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ବିଦ୍ୟାଳୟ ୟୁଡାଇସ୍ + କାର୍ଯ୍ୟସମ୍ପନ୍ନ କରିବା, ଆଜାଦୀ କି ଅମୃତ ମହୋତ୍ସବ ଅବସରରେ କାର୍ଯ୍ୟକାରୀ ହେଉଥିବା 'ହର୍ ଘର୍ ତିରଙ୍ଗା' ଓ 'ଏକ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମର ସଫଳ ରୂପାୟଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ଶିକ୍ଷା ବର୍ଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ବିଦ୍ୟାଳୟରେ ଶୈକ୍ଷିକ କାର୍ଯ୍ୟଗୁଡ଼ିକୁ ସଠିକ୍ ତଦାରଖ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶ୍ରେଣୀ ପରିଚାଳନା ସହ 'ଦଶମ' କାର୍ଯ୍ୟକ୍ରମ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଶିକ୍ଷା ଅଧିକାରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ସହ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ କୁମାର ବେହେରାଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୋଗଦେଇଥିଲେ। ଶେଷରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପାଇଁ ପ୍ରସ୍ତୁତି

# ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ



ଗୋପ,୧୩।୮ (ସମିସ): ଦୀର୍ଘ ୨୩ ବର୍ଷ ପରେ ଭାରତର ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ବିଶେଷ ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଜାରି ରହିଛି। ୨୦୦୨ରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ(ଏସ୍‌ଆଇଆର୍) ହୋଇଥିଲା। ଏହି ପ୍ରକ୍ରିୟାରେ ସମ୍ପ୍ରତି ଭୋଟର ତାଲିକାରେ ନାମ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଜାତୀୟତା, ଜନ୍ମସ୍ଥାନ, ବାସସ୍ଥାନର ପ୍ରାମାଣିକତା ଯାଞ୍ଚ କରାଯିବ। ଯଦ୍ୱାରା ଏକାଧିକ ସ୍ଥାନରେ ଭୋଟର ତାଲିକାରେ ସ୍ଥାନ ପାଇଥିବା, ଏକାଧିକ ପରିଚୟପତ୍ର ବ୍ୟବହାରକାରୀ ଏବଂ ଅବାଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ତାଲିକାରୁ ବାଦ୍ ଦିଆଯିବ। ଏଥିପାଇଁ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ) ଦୁଆର ଦୁଆର ବୁଲି ପ୍ରତ୍ୟେକ ଭୋଟରଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ପରିଗଣନା ଫର୍ମରେ ଆବଶ୍ୟକୀୟ ସୂଚନା ସଂଗ୍ରହ କରିବା ସହିତ ସୂଚନା ଆଧାରିତ ପ୍ରମାଣପତ୍ର ଆଣିବେ। ୨୦୨୬ ଜାନୁଆରୀ ୧ ତାରିଖକୁ ସଂଶୋଧିତ ପୂର୍ଣ୍ଣାଙ୍ଗ ଭୋଟର ତାଲିକା ପ୍ରକାଶନର ସମୟ ଧାର୍ଯ୍ୟ କରାଯାଇଛି। ପୁରୀ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗୋପ ବ୍ଲକ୍ ବିଡିଓ ତଥା ଏଇଆର୍‌ଓଙ୍କ ପକ୍ଷରୁ ଗତ ୮ରୁ ୧୩ ତାରିଖ ମଧ୍ୟରେ ୪ଟି ପର୍ଯ୍ୟାୟରେ ୨୦୦ରୁ ଅଧିକ ବିଏଲ୍‌ଓ ଏବଂ ସୁପରଭାଇଜରଙ୍କୁ ବିଶେଷ ସଘନ ସଂଶୋଧନ(ଏସ୍‌ଆଇଆର୍) ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଗୋପ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଡିଓ ଛବିରାଣୀ ସାହୁ, ତହସିଲ୍‌ଦାର ଅନିଲ୍ କୁମାର ମହାନ୍ତି, ଏବିଡିଓ ଦୀପକ କୁମାର ଜେନା ଓ ଜିପିଡିଓ ଶ୍ରୀନିବାସ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। ନିର୍ବାଚନ ମଣ୍ଡଳୀସ୍ତରୀୟ ମାଷ୍ଟର ଟ୍ରେନର ରବୀନ୍ଦ୍ରନାଥ ବାହିନୀପତି ଓ ରାଜେଶ ନାୟକ ୪ଟି ପର୍ଯ୍ୟାୟରେ ଉପସ୍ଥିତ ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କୁ ଏସ୍‌ଆଇଆର୍ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ପରିଗଣନା ନିମନ୍ତେ ବିଏଲ୍‌ଓମାନଙ୍କୁ ଏକ ସ୍ୱତନ୍ତ୍ର କିଟ୍ ବ୍ୟାଗ୍, ନିଯୁକ୍ତିପତ୍ର ଓ ପରିଚୟପତ୍ର ପ୍ରଦାନ କରାଯାଇଛି। ଜିପିଡିଓ ଶ୍ରୀ ମହାନ୍ତି ଓ ଅଫିସ୍ ଆସିଷ୍ଟାଣ୍ଟ ପ୍ରଶାନ୍ତ ସାହୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

କଣାସ : ପ୍ରତି ବୁଥ୍‌ରେ ଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ନିମନ୍ତେ କଣାସ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତି ବୁଥ୍‌ର ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଛି। ତହସିଲ୍‌ଦାର ହିମାଂଶୁ ଭୂଷଣ ଗିରି ଓ ବିଭିନ୍ନ ପ୍ରଶିକ୍ଷକମାନେ ଏଥିରେ ଟିକିନିଖି ତଥ୍ୟ ବୁଝାଇଥିଲେ। ସୁସ୍ଥ ଗଣତନ୍ତ୍ର ନିମନ୍ତେ ନିର୍ଭୁଲ ଭୋଟର ତାଲିକା ଆବଶ୍ୟକ ବୋଲି କହିଥିଲେ। ଏଥିରେ ଶିକ୍ଷକ ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ।

# ନାବାଳକକୁ ମାଡ଼ମାରି ଜଣେ ଗିରଫ

ବଲଙ୍ଗା,୧୩।୮ (ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ଅଳପଡ଼ା ଗ୍ରାମରେ ଜଣେ ନାବାଳକକୁ ମାଡ଼ ମାରିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ସେହି ଗ୍ରାମର ତ୍ରିଲୋଚନ ବେହେରା ବୋଲି ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ, ତ୍ରିଲୋଚନ ଓ ତାଙ୍କ ସାନ ଭାଇ ଲକ୍ଷ୍ମୀଧର ଅଧିକାଂଶ ସମୟ ନିଶା ସେବନ କରୁଥିଲେ। ଗତ ଦୁଇଦିନ ତଳେ ସେହି ଗ୍ରାମର ରବୀନ୍ଦ୍ର ବେହେରାଙ୍କ ନାବାଳକ ପୁଅ ଅଲେଖ ବେହେରା(୮) ଗାଁ ଦାଣ୍ଡରେ ଖେଳୁଥିବାବେଳେ ତ୍ରିଲୋଚନ ଓ ଲକ୍ଷ୍ମୀଧର ତାଙ୍କୁ ଘର ଭିତରକୁ ଡାକି ନେଇ ପ୍ରବଳ ମାଡ଼ ମାରିଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଉଦ୍ଧାର କରିଥିଲେ। ଏ ନେଇ ରବୀନ୍ଦ୍ରଙ୍କ ସ୍ତ୍ରୀ ଗୀତା ବେହେରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୭୨/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ତ୍ରିଲୋଚନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାସ୍ଥଳରୁ ଲକ୍ଷ୍ମୀଧର ଫେରାର୍ ହୋଇଯାଇଛି।

# ପୋଡ଼ି ହୋଇ ମହିଳା ଗୁରୁତର



ପିପିଲି,୧୩।୮ (ସମିସ): ପିପିଲିରେ ପୁଣି ଅଘଟଣ। ବୁଧବାର ସନ୍ଧ୍ୟାରେ ପିପିଲି ହାଟଛକ ନିକଟ ଜୟପୁର ସିଡ଼ିଠାରେ ଥିବା ନବୀନ ନିବାସରେ ନିଆଁରେ ପୋଡ଼ିହୋଇ ଜଣେ ୩୧ ବର୍ଷୀୟା ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ଜଣକ ପିପିଲି ପୌରାଞ୍ଚଳର ଦରଜୀ ସାହି ମଠସାହିର ନରେଶ ଦାଶଙ୍କ ସ୍ତ୍ରୀ ଅର୍ଚ୍ଚନା ଦାଶ (୩୧) ବୋଲି ଜଣାପଡ଼ିଛି।

ନରେଶ ଜୟପୁର ସିଡ଼ିଠାରେ ବ୍ରଦର୍ସ ଜିମ୍ ସେଣ୍ଟର ଖୋଲିଥିଲେ। ପାରିବାରିକ ବିଶୃଙ୍ଖଳା ଯୋଗୁଁ ଆଜକୁ ବର୍ଷେ ହେଲା ନରେଶ ନବୀନ ନିବାସରେ ୪ ନମ୍ବର ଘରେ ଭଡ଼ାରେ ରହୁଥିଲେ। ତାଙ୍କର ଗୋଟିଏ ୫ ବର୍ଷର ଝିଅ ଅଛି। ବୁଧବାର ସନ୍ଧ୍ୟା ୭ଟା ସମୟରେ ନବୀନ ନିବାସରୁ ଚିତ୍କାର ଶୁଣି ସମ୍ମୁଖରେ ଥିବା ଲୋକମାନେ ଯାଇ ମହିଳାଙ୍କୁ ଜଳୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ନିଆଁକୁ ଆୟତ୍ତ କରି ଗୁରୁତର ଅବସ୍ଥାରେ ମହିଳାଙ୍କୁ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ତେବେ ଡାକ୍ତର ହର୍ଷ ବେହେରା କହିଛନ୍ତି ମହିଳା ଜଣକ ୯୦ ଭାଗ ପୋଡ଼ିଯାଇଛନ୍ତି। ନରେଶଙ୍କ ବାପା କୃଷ୍ଣ ଚନ୍ଦ୍ର ଦାଶ କହିଛନ୍ତି ଘରେ ଧୂପ ଦେଉଥିବାବେଳେ ପୋଡ଼ିହୋଇ ଯାଇଛନ୍ତି। କିନ୍ତୁ ମହିଳାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିମାନେ କହିଛନ୍ତି ଘର ମଧ୍ୟରେ କିରାସିନି ଜାର୍ ଏବଂ ଦିଆସିଲି ପଡ଼ିଥିଲା। ମହିଳା ଜଣକ କେମିତି ପୋଡ଼ିହେଲେ ତାହା ଅସ୍ପଷ୍ଟ। ଖବରପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଏବଂ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ସତ ଉଖାରିବା ପାଇଁ ପୁରୀର ଅତିରିକ୍ତ ଏସ୍‌ପି ସଚିନ ପଟେଲ ଏବଂ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚିଛନ୍ତି।

### କାରଣ ଅସ୍ପଷ୍ଟ; ପୁଲିସର ଛାନ୍‌ଭିନ୍

# ଛାତ ଶିକୁଳିରେ ଝୁଲିପଡ଼ିଲେ ନାବାଳିକା

ନିମାପଡ଼ା,୧୩।୮ (ସମିସ): ବୁଧବାର ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଅଣ୍ଟିଆ ସାହିରେ ଭଡ଼ାଘରେ ରହୁଥିବା ଜଣେ ୧୪ ବର୍ଷିୟା ନାବାଳିକା ବେକରେ ଓଢ଼ଣୀ ବାନ୍ଧି ଛାତ ଶିକୁଳିରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗଡ଼ତୋରିହଁ ଗ୍ରାମର ମାନସ ପ୍ରଧାନଙ୍କ ଝିଅ ଶୁଭଲକ୍ଷ୍ମୀ ପ୍ରଧାନ (୧୪)। ପ୍ରକାଶ ଯେ, ଅଣ୍ଟିଆ ସାହିରେ ଏକ ଭଡ଼ାଘରେ ଶୁଭଲକ୍ଷ୍ମୀ ବାପା-ମାଆଙ୍କ ସହ ରହୁଥିଲେ। ବାପା-ମାଆ ସକାଳୁ ତାଙ୍କ କାମରେ ଯାଇଥିବାବେଳେ କୌଣସି କାରଣବସତଃ ଶୁଭଲକ୍ଷ୍ମୀ ନିଜ ଓଢ଼ଣୀରେ ଛାତ ଘରର ଲୁହା ଆଙ୍ଗେଲ୍‌ରେ ଝୁଲିପଡ଼ି ଥିଲେ। ଖବର ପାଇ ବାପା-ମାଆ ଆସି ତାଙ୍କୁ ଉଦ୍ଧାର କରି ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନିମାପଡ଼ା ଥାନା ଏଏସ୍‌ଆଇ ଚିନ୍ମୟ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ନିମାପଡ଼ା ତାନାରେ କେସ୍ ନଂ ୨୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ତ୍ରିରଙ୍ଗା ମେଳା ଓ ତ୍ରିରଙ୍ଗା କନ୍ସର୍ଟ

ପୁରୀ,୧୩।୮ (ସମିସ): ହର୍ ଘର୍ ତିରଙ୍ଗା ହର୍ ଘର୍ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନ୍ତର୍ଗତ ତ୍ରିରଙ୍ଗା ମେଳା ଓ ତ୍ରିରଙ୍ଗା କନ୍ସର୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା ପକ୍ଷରୁ ଟାଉନ ହଲ୍ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦ୍‌ଘାଟନ କରିବା ସହ ସ୍ୱଚ୍ଛତା ପାଇଁ ଆମ ସମସ୍ତଙ୍କୁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ହର୍ ଘର୍ ତିରଙ୍ଗା ଓ ହର୍ ଘର୍ ସ୍ୱଚ୍ଛତାର ବାର୍ତ୍ତା ଆଜି ସମୟର ଆହ୍ୱାନ। ଏହାକୁ ଆମେ ସମ୍ମିଳିତ ଭାବେ ସଫଳ କରିବା ବୋଲି ସେ କହିଥିଲେ। ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ଆମ ଦେଶ ମାତୃକାର ସୁରକ୍ଷା ଓ ଅଖଣ୍ଡତା ପାଇଁ ପ୍ରତିବଦ୍ଧ ହେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଅରଜିତ ନାୟକ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦେଶପ୍ରେମ ଓ ସ୍ୱଚ୍ଛତା ପାଇଁ ପ୍ରତ୍ୟେକ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଗୋଷ୍ଠୀ ସହାୟିକା ରେଶମା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପରେ ଦେଶାତ୍ମବୋଧ ଓ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ସନାତନ ଧର୍ମର ସୁରକ୍ଷା ସାଧୁସନ୍ଥଙ୍କ ସଂକଳ୍ପ ହେଉ'

ପୁରୀ,୧୩।୮ (ସମିସ): ସନାତନ ଧର୍ମ ଏବେ ସଂକଟରେ। ସମାଜ ଏବେ ଅବକ୍ଷୟମୁଖୀ। ସଂସ୍କୃତି ଏବେ ବିପଦମୁହାଁ। ଏଭଳି ପରିସ୍ଥିତିରେ ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ନିମନ୍ତେ ସନାତନ ଧର୍ମର ସୁରକ୍ଷା, ବିକାଶ ଓ ଜନ କଲ୍ୟାଣକାରୀ ସେବା ପାଇଁ ସମସ୍ତ ସାଧୁସନ୍ଥ ସଂକଳ୍ପବଦ୍ଧ ହେବା ସହ ଜନଗଣଙ୍କ ଭିତରେ ଚେତନା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି ଉତ୍ତରାଖଣ୍ଡର ଉଦାସୀ ସମ୍ପ୍ରଦାୟର ସନ୍ଥ ନିର୍ବାଣ ସିଦ୍ଧାର୍ଥ ମୁନି। ସିଦ୍ଧବକୁଳ ମଠଠାରେ ଉଦ୍‌ବୋଧନ ଦେଇ ସନ୍ଥ ସିଦ୍ଧାର୍ଥ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତ ଜଗନ୍ନାଥ ଭକ୍ତ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ଭାବେ ମହନ୍ତ ଶ୍ରୀନିବାସ ଦାସ ମହାରାଜ ଯୋଗଦେଇ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ଭାଗବତ, ଭଗବତ ଗୀତା ଓ ନାମ ସଂକୀର୍ତ୍ତନ ଏକମାତ୍ର ମାର୍ଗ ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧ ବକୁଳ ମଠର ସନ୍ଥ ପ୍ରେମାନନ୍ଦ ଦାସ ମହାରାଜ, ଯୁବ ଦଇତାପତି ସୋମନାଥ ଦାସ ମହାପାତ୍ର, ନୀଳାଦ୍ରି ମହାନ୍ତି, ଦେବାଶିଷ ଦାସ ମହାପାତ୍ର, ହରିହର ସେନାପତି ଓ ଡାକ୍ତର ଜଗତଜ୍ୟୋତି ଦାସ ଏହି ଅବସରରେ ଉପସ୍ଥିତ ଥିଲେ। ପରେ ସନ୍ଥ ସିଦ୍ଧାର୍ଥ ଗୁରୁ ନାନକଙ୍କ ମଙ୍ଗୁମଠ ଓ ସନ୍ଥ ହରିଦାସଙ୍କ ସିଦ୍ଧବକୁଳ ମଠ ପରିଭ୍ରମଣ କରି ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓ ସୁନାବେଶ ଭଜନ ସମାରୋହ ସମିତିର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ବଦ୍ରି ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ମନୋଜ ଦାସମହାପାତ୍ର ପରିଚାଳନା କରିଥିଲେ।

# ସାକ୍ଷୀଗୋପାଳ କଲେଜରେ ନବସୃଜନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୧୩।୮ (ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ବୁଧବାର ବାଣିଜ୍ୟ ଓ ଅର୍ଥନୀତି ବିଭାଗର ମିଳିତ ସହଯୋଗରେ ନବସୃଜନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥ ଏବଂ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପଦୀପ ଅର୍ପଣ ସହିତ ସଂସ୍କୃତ ବିଭାଗର ଅଧ୍ୟାପିକା ସସ୍ମିତା ପ୍ରଧାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଷ୍ଟେଟ୍ ବ୍ୟାଙ୍କ ଉପ ଆଞ୍ଚଳିକ ପରିଚାଳିକା ସସ୍ମିତା ମିଶ୍ର ଯୋଗଦେଇ ଆଜିର ଦୁନିଆରେ ନବସୃଜନ ଓ ଷ୍ଟାର୍ଟଅପ୍ ଆବଶ୍ୟକତା ଉପରେ ଛାତ୍ରଛାତ୍ରୀମାନଙ୍କୁ ପୁଙ୍ଖାନୁପୁଙ୍ଖ ଧାରଣା ଦେଇଥିଲେ। ପ୍ରାରମ୍ଭରେ ବାଣିଜ୍ୟ ବିଭାଗର ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ମୁଖ୍ୟ ସଂଯୋଜକ ପ୍ରାଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ ଆଲୋଚ୍ୟ ବିଷୟ ଉପରେ ସମ୍ପୂର୍ଣ୍ଣ ମତାମତ ରଖିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନବସୃଜନ ଓ ଷ୍ଟାର୍ଟଅପ୍ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସୂର୍ଯ୍ୟନାରାୟଣ ରଥ, ଆଶୀର୍ବାଦ ଜେନା, ଆକାଂକ୍ଷା ମହାପାତ୍ର, ଦେବୀପ୍ରସାଦ ମହାପାତ୍ର, ଦେବେନ୍ଦ୍ର ମହାପାତ୍ର, ଆକାଶ ମହାନ୍ତି, ଲିଜା ପରିଡ଼ା, ଅନୁପମ ମିଶ୍ର ପ୍ରମୁଖ ସେମାନଙ୍କ ନିଜସ୍ୱ ପ୍ରସ୍ତୁତ ପ୍ରକଳ୍ପ ଉପସ୍ଥାପନା କରିଥିଲେ। ସେମାନଙ୍କ ମଧ୍ୟରୁ ଆକାଂକ୍ଷା ମହାପାତ୍ର ପ୍ରଥମ, ଆକାଶ ମହାନ୍ତି ଦ୍ୱିତୀୟ ଏବଂ ଦେବେନ୍ଦ୍ର ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀ ତଥା ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅର୍ଥରାଶି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପିକା ସଂଘମିତ୍ରା ମିଶ୍ର ସଂଯୋଜନା କରିଥିଲାବେଳେ ବାଣିଜ୍ୟ ବିଭାଗର ଅଧ୍ୟାପିକା କଲବ୍ୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ସାକ୍ଷୀଗୋପାଳ କଲେଜରେ ସଂସ୍କୃତ ସପ୍ତାହ ସମାରୋହ



ସାକ୍ଷୀଗୋପାଳ,୧୩।୮ (ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭାଗୃହରେ ବୁଧବାର ସଂସ୍କୃତ ବିଭାଗ ପକ୍ଷରୁ 'ସଂସ୍କୃତ ସପ୍ତାହ ପାଳନ ସମାରୋହ' ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ସମାରୋହ ଉଦ୍‌ଘାଟିତ ହୋଇ ଏକ ସପ୍ତାହ ପର୍ଯ୍ୟନ୍ତ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମଟିର ଶୁଭାରମ୍ଭ ବିଭାଗୀୟ ଅଧ୍ୟାପିକା ସସ୍ମିତା ପ୍ରଧାନଙ୍କ ବେଦପାଠ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ବିଶ୍ୱନାଥପୁର ନିବାସୀ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଭାସ୍କର ପ୍ରସାଦ ମିଶ୍ର ଯୋଗଦେଇ ସଂସ୍କୃତ ଭାଷାର ବୈଶିଷ୍ଟ୍ୟତା, ଧାର୍ମିକ, ସାଂସ୍କୃତିକ, ସୌନ୍ଦର୍ଯ୍ୟ ଆଦି ସମସ୍ତ ଦୃଷ୍ଟିରୁ ଏହାର ବିଶେଷତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟା ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ସଂସ୍କୃତ ସପ୍ତାହ ପାଳନର ଆଭିମୁଖ୍ୟ ଏବଂ ସଂସ୍କୃତ ଭାଷାର ପ୍ରାଚୀନତା, ଉପଯୋଗିତା, ମହନୀୟତା ସମ୍ପର୍କରେ ସ୍ୱ-ମତ ଉପସ୍ଥାପନା କରିଥିଲେ। ମଞ୍ଚାସୀନ ଅନ୍ୟତମ ଅତିଥି ପ୍ରାଧ୍ୟାପକ ରତ୍ନାକର ସାହୁ ମାନବ ଜୀବନର ଦୈନନ୍ଦିନ ଚାଲିଚଳନକୁ ଏହି ସଂସ୍କୃତ ସାହିତ୍ୟ ହିଁ ନିୟନ୍ତ୍ରିତ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ସମାରୋହର ଅନ୍ତିମ ପର୍ଯ୍ୟାୟରେ ସଂସ୍କୃତ ସପ୍ତାହ ପାଳନ ସମାରୋହ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମାରୋହରେ ମହାବିଦ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣି ରାଜକିଶୋର ପତି, ସ୍ୱର୍ଣ୍ଣଲତା ମାହାରୀ, ସବିତା ମଲ୍ଲିକ, ବବିତା ପ୍ରଧାନ, ସାର୍ଥକ ମିଶ୍ର, ରଘୁନାଥ ପରିଡ଼ା, ସୌମ୍ୟାଶ୍ରୀ ମିଶ୍ର, ସଂସ୍କୃତ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଯୁକ୍ତ ୨ରେ ସଂସ୍କୃତ ବିଷୟ ରଖି ପଢୁଥିବା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମହେଶ୍ୱର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସତ୍ୟବାଦୀ ଦିବସ ପାଳିତ



ସାକ୍ଷୀଗୋପାଳ,୧୩।୮ (ସମିସ): ସ୍ଥାନୀୟ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଗତବର୍ଷ ଭଳି ଏବର୍ଷ ମଧ୍ୟ ଦ୍ୱିତୀୟଥର ପାଇଁ "ସତ୍ୟବାଦୀ ଦିବସ-୨୦୨୫' ପାଳିତ ହୋଇଯାଇଛି। ଐତିହ୍ୟସମ୍ପନ୍ନ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ତିଥିକୁ ଉତ୍ତରପିଢ଼ିଙ୍କ ପାଖରେ ପୁନର୍ଜୀବିତ କରିବା ପାଇଁ ଏହି "ସତ୍ୟବାଦୀ ଦିବସ'ର ସ୍ୱତନ୍ତ୍ର ପରିକଳ୍ପନା। ଏହି ଦିବସ ଉପଲକ୍ଷେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମ୍ମାନ୍ନ ଅନୁଷ୍ଠିତ ହୋଇଥିଲା। ପରେ କୁଳପତି, ଅତିଥି ଓ ଅଧ୍ୟାପକଙ୍କ ଦ୍ୱାରା ସର୍ବପ୍ରଥମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ କବି ତଥା ସମାଲୋଚକ ଡ. ଶତ୍ରୁଘ୍ନ ପାଣ୍ଡବ। ନିଜ ବକ୍ତବ୍ୟ ମାଧ୍ୟମରେ ଡ. ପାଣ୍ଡବ ଗୋପବନ୍ଧୁଙ୍କ କବିତାର ଅଭିବ୍ୟକ୍ତି ଛଳରେ ଖଣ୍ଡକାବ୍ୟ ଧର୍ମପଦ, କାରାକବିତା, ନଚିକେତା ଉପାଖ୍ୟାନ ପ୍ରଭୃତି ସଂକଳନ ଉପରେ ବିସ୍ତୃତ ଭାବରେ ଚର୍ଚ୍ଚା କରିଥିଲେ। ଏପରିକି ଗୋପବନ୍ଧୁଙ୍କ ଉପରେ ନିଜେ ଲେଖିଥିବା କିଛି କବିତା ପଢ଼ି ଛାତ୍ରଛାତ୍ରୀଙ୍କୁ ଶୁଣାଇ ଉତ୍ସାହିତ କରିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ ଯୁବ ସାହିତ୍ୟିକ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ର। ଡ. ମିଶ୍ର ଗୋପବନ୍ଧୁଙ୍କ ଗଦ୍ୟ-ଭାବ ଓ ଶିଳ୍ପଦୃଷ୍ଟି ଉପରେ ନିଜ ଅଭିଭାଷଣ ଦେବା ସହିତ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଆଧ୍ୟାତ୍ମିକ ତଥା ସମସ୍ୟାର ସ୍ୱର ସହିତ ସମ୍ଭାବନାର ବାଟ ଗୋପବନ୍ଧୁଙ୍କ ଗଦ୍ୟରେ କିଭଳି ଛତ୍ରେଛତ୍ରେ ପ୍ରତିଫଳିତ ହୋଇଛି ତାହାର ବ୍ୟାଖ୍ୟା କରିଥିଲେ। କୁଳପତି ପ୍ରଫେସର ପ୍ରଧାନ ନିଜ ସଭାପତି ଅଭିଭାଷଣରେ ଗୋପବନ୍ଧୁଙ୍କ ସାହିତ୍ୟର ଦର୍ଶନକୁ ଗଭୀର ଅଧ୍ୟୟନ ଦ୍ୱାରା କେବଳ ବୁଝିବା ସମ୍ଭବ ବୋଲି ପ୍ରକାଶ କରିଥିଲେ। ଆଦର୍ଶ ମଣିଷ, ସୁସ୍ଥ ସମାଜ ଓ ଉନ୍ନତ ଦେଶର ପରିକଳ୍ପନା କେବଳ ଉତ୍କଳମଣିଙ୍କର ରହିଥିଲା। ଅଧ୍ୟାପିକା ଡ. ଶର୍ମିଷ୍ଠା ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଉକ୍ତ ସମ୍ମାନ୍ନରେ ନାରାୟଣ ପ୍ରସାଦ ବେହେରା, ଡ. ଶୁଭେନ୍ଦୁ ପରିଡ଼ା, ଡ. ସଙ୍ଗୀତା ଜେନା, ଡ. ଶୁଭସ୍ମିତା ନାୟକ, ଡ. ସସ୍ମିତା ଜେନା, ଡ. ମୋନାଲି ଚ୍ୟାଙ୍ଗ, ଡ. ପ୍ରୀତିସୀମା ସ୍ୱାଇଁ, ବିଜୟ ମିଶ୍ର ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀ ତଥା ୩ ବିଭାଗର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉଭୟ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ବିଶ୍ୱବିଦ୍ୟାଳୟ ପାଠାଗାର ନିମନ୍ତେ ସ୍ୱରଚିତ ପୁସ୍ତକଗୁଡ଼ିକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ରାଧାଗୋବିନ୍ଦ କୁଇଲା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦୦ ବୋତଲ ବିଦେଶୀ ମଦ ଜବତ; ୨ ଗିରଫ

ନୟାହାଟ,୧୩।୮ (ସମିସ): ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପାଟ୍ରୋଲିଂ କରିବା ସମୟରେ ବୁଧବାର ରାତି ୯ଟାରେ କୌଣସି ସୂତ୍ରରୁ ଖବର ପାଇ ଯୋଗେଶ୍ୱରପୁରଠାରୁ ଏକ ବାଇକ୍‌ରୁ ୧୦୦ରୁ ଊର୍ଦ୍ଧ୍ୱ ବିଦେଶୀ ମଦ ବୋତଲ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିବା ସହ ଏକ ବାଇକ୍ ଜବତ କରିଛନ୍ତି। ପ୍ରକାଶ ଯେ, କଟକ ଜିଲ୍ଲାରୁ ନୟାହାଟ ଅଞ୍ଚଳର ବାଲିଦଣ୍ଡା ଛକର ଏକ ପାନଦୋକାନକୁ ଏକ କଳା ପଲ୍‌ସର ଯୋଗେ ମଦ ଆସୁଥବା ଖବର ପାଇ ପୁଲିସ ଜବତ କରିଛି। ଗିରଫ ଦ୍ୱୟ ବାଲିଦଣ୍ଡା ଗ୍ରାମର କୈଳାଶ ଦାସ ଓ ଚନ୍ଦ୍ରକାନ୍ତ ବେହେରା ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

# ନିଶା ନିବାରଣ ଭାରତ ସଚେତନତା କାର୍ଯ୍ୟକ୍ରମ



ଚାରିଛକ,୧୩।୮ (ସମିସ): ଚାରିଛକ ଥାନା ପକ୍ଷରୁ ବୁଧବାର ନିଶା ନିବାରଣ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଓ କର୍ମଚାରୀମାନେ ନିଶା ନିବାରଣ ଭାରତ କାର୍ଯ୍ୟକ୍ରମରେ ଶପଥପାଠ କରିଥିଲେ। ଆମେ ନିଶାସେବନ କରିବୁ ନାହିଁ କିମ୍ବା କାହାରିକୁ ନିଶାସେବନ କରିବାକୁ ପ୍ରବର୍ତ୍ତାଇବୁ ନାହିଁ। ଥାନା ଅଧିକାରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଶପଥପାଠ ଉତ୍ସବରେ ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ଯୋଗଦେଇ ଉପସ୍ଥିତ ସମସ୍ତ କର୍ମଚାରୀ ଓ ଯୁବଗୋଷ୍ଠୀଙ୍କୁ ଶପଥପାଠ କରାଇଥିଲେ।

## ଧାନ ମଣ୍ଡି ଦୁର୍ନୀତିର ତଦନ୍ତ ଦାବି

ଛତ୍ରପୁର,୧୩।୮ (ସମିସ): ଖଲ୍ଲିକୋଟ ବ୍ଲକ୍ ଅଧୀନ ଆଇତିପୁର ଧାନମଣ୍ଡିରେ ହୋଇଥିବା ଦୁର୍ନୀତିର ତଦନ୍ତ ଓ ବହିଷ୍କାର ଦାବିନେଇ ଚାଷୀ ପ୍ରଶାସନ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଆଇତିପୁର ଗ୍ରାମର ଧାନମଣ୍ଡି ଦାୟିତ୍ୱ ନେଇଥିବା ମା'ନିପାଣିଆ ଏସ୍ଏଚ୍‌ଜି ଚାଷୀମାନଙ୍କୁ ହଇରାଣ ହରକତ କରୁଛନ୍ତି । ପଞ୍ଜୀକରଣ ବେଳେ ଗ୍ରୁପର ସଭାନେତ୍ରୀ, ସମ୍ପାଦିକା ଓ ଡିଇଓ ଚାଷୀମାନେ ଦେଇଥିବା ଜମିକୁ ନିଜ ନାମରେ ପକାଇଛନ୍ତି । ଫଳରେ ଚାଷୀମାନଙ୍କର ଧାନମଣ୍ଡିରେ ବିକ୍ରି ନିମନ୍ତେ କମ୍ ପରିମାଣ ଆସୁଛି । ଯାହାର ୫୦ କ୍ୱିଣ୍ଟାଲ ଧାନ ଆସିବା କଥା ସେମାନଙ୍କର ୧୦ କ୍ୱିଣ୍ଟାଲ ଆସୁଛି । ଏମିତି ଅନେକ ସମସ୍ୟା ସୃଷ୍ଟି କରୁଛନ୍ତି । ଏହା ସହିତ ଧାନ ମଣ୍ଡିର ଡିଇଓ ଭାବେ ନିଯୁକ୍ତି ଥିବା ଜୈନକ ମହିଳା ନିଜ ନାମରେ ଓ ନିଜ ସମ୍ପର୍କୀୟ ନାମରେ ପ୍ରାୟ ୪୮୦ କୁଇଣ୍ଟାଲ ନିମନ୍ତେ ଅନଲାଇନରେ ପଞ୍ଜୀକରଣ କରିଛନ୍ତି । ଏହି ସମସ୍ତ ଦୁର୍ନୀତିର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସେମାନଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସହିତ ଧାନମଣ୍ଡି ଦାୟିତ୍ୱରେ ଥିବା ମା'ନିପାଣିଆ ଏସ୍ଏଚ୍‌ଜିକୁ ହଟାଇ ଅନ୍ୟ କାହାକୁ ଦାୟିତ୍ୱ ଦେଲେ ଚାଷୀମାନେ ଉପକୃତ ହେବେ ବୋଲି ସେମାନେ ଉକ୍ତ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ପୁରୁଷୋତ୍ତମପୁର,୧୩।୮ (ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅଧୀନ ଭାଟକୁମରଡ଼ା ଗ୍ରାମର ବାଇଧର ମନ୍ଦିର ନିକଟରେ ଜଣେ ବାଇକ୍ ଆରୋହୀ ରୋଡ ସଂକେତ ବୋର୍ଡକୁ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ କାହ୍ନୁ ପରିଡ଼ା(୨୨) । ସେ ବୁଧବାର ଭୋର ସମୟରେ ବ୍ରହ୍ମପୁରରୁ ମାମୁଁ ଘର ପାଣ୍ଡିଆ ଗ୍ରାମକୁ ବାଇକପେ ଫେରୁଥିବା ବେଳେ କୌଣସି କାରଣବଶତଃ ରାସ୍ତା କଡ଼ରେ ରହିଥିବା ରୋଡ୍ ସଂକେତ ବୋର୍ଡ ଧକ୍କା ଦେଇଥିଲା । ଯାହାଫଳରେ ସେ ନିକଟରେ ଥିବା ଏକ କେନାଲକୁ ଛିଟିକି ପଡ଼ିଥିଲେ । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ପୁଲିସ ଶବ ଜବତ କରିବା ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ନେଇ ପୁଲିସ ଅଧିକାରୀ ଆଦିତ୍ୟ ନାରାୟଣ ପାତ୍ର କହିଛନ୍ତି ।

## ଜୁନିଅର ରେଡ୍‌କ୍ରସର ଦୀକ୍ଷା ଗ୍ରହଣ ଉତ୍ସବ

ଧରାକୋଟ,୧୩।୮ (ସମିସ): ଧରାକୋଟ ବ୍ଲକର ମୁଣ୍ଡମରାଇ ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ଦିକ୍ଷା ଗ୍ରହଣ ଉତ୍ସବ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜୁନିଅର ରେଡ୍‌କ୍ରସ ସମ୍ପାଦକ ଭାଗୀରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ କାହ୍ନୁଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ବିଭୂତିଭୂଷଣ ପାତ୍ର ଯୋଗଦେଇ ଜେଆରସି ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପି ତ୍ରିନାଥ ପାତ୍ର, ଶିଶୁ ମନ୍ଦିରର ସଭାପତି ଯୋଗେନ୍ଦ୍ର ସାସମଲ, ସମାଜସେବୀ ଲକ୍ଷ୍ମୀ ନାରାୟଣ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଜୁନିଅର ରେଡକ୍ରସ ତରଫରୁ ଆର ପି ଡକ୍ଟର ବିଜୟ ଚନ୍ଦ୍ର ମହାରଣା, ମେଣ୍ଟର ଲକ୍ଷ୍ମୀ ନାରାୟଣ ମହାରଣା, ସ୍ନେହଲତା ପଣ୍ଡା, ବ୍ଲକ ସଂଯୋଜିକା ରଶ୍ମିତା କୁମାରୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାଧୀନତା ଦିବସ ଲାଗି ପ୍ରତିଯୋଗିତା

କୋଦଳା,୧୩।୮ (ସମିସ): କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ସ୍ୱାଧୀନତା ଦିବସ ଉପଲକ୍ଷେ ବକ୍ତୃତା ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ଏବଂ ଏକାଡେମିକ ଅଧିକାରୀ ବିନୋଦ କୁମାର ମିଶ୍ର ଉପସ୍ଥିତ ଥିଲେ । ବକ୍ତୃତା ପ୍ରତିଯୋଗିତାରେ ଅଧ୍ୟାପକ ସପନ କୁମାର ଦାଶ, ଲିପୁନ ମାଝୀ ଓ ରତ୍ନାକର ପ୍ରଧାନ ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା ପାଇଁ ଅଧ୍ୟାପିକା ପ୍ରିୟଦର୍ଶିନୀ ସାହୁ, ସାଗରିକା ଦାଶ ଓ ଗୃହଲକ୍ଷ୍ମୀ ସାହୁ ବିଚାରକ ଭାବେ ରହିଥିଲେ । ରଞ୍ଜୁବାଳା ନନ୍ଦ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

### ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

# ସରକାରୀ ଜମି ଜବରଦଖଲ ଉଚ୍ଛେଦ ଉପରେ ଗୁରୁତ୍ୱ

ଛତ୍ରପୁର,୧୩।୮ (ସମିସ):



ଗଞ୍ଜାମ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚାଲାଣକୁ ପ୍ରତିହତ କରିବା ପାଇଁ କଡ଼ା ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଖଣି, ତହସିଲ ଓ ପୁଲିସ ବିଭାଗର ମିଳିତ ଭାବେ ସପ୍ତାହକୁ ଥରେ କି ଦୁଇଥର ଅଚାନକ ଚଢ଼ଉ କରିବାକୁ କୁହାଯାଇଛି । ବନ୍ୟା, ବାତ୍ୟା, ସାପ କାମୁଡ଼ା, ବିଜୁଳି ଆଘାତ ଓ ପାଣିରେ ବୁଡିବା ସହ ପ୍ରାକୃତିକ ବିପର୍ଯ୍ୟୟବେଳେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ସରକାରଙ୍କ ଅନୁକମ୍ପା ସହାୟତାରାଶି ତୁରନ୍ତ ପ୍ରଦାନ କରିବାକୁ କୁହାଯାଇଛି । ବିଭିନ୍ନ ଜାତିଗତ ପ୍ରମାଣପତ୍ର ଠାରୁ ଆରମ୍ଭ କରି ବିଭିନ୍ନ ପ୍ରମାଣପତ୍ରଙ୍କୁ ଲୋକଙ୍କୁ ସଠିକ୍ ସମୟରେ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଁ ଆରଟିଓଙ୍କ ପକ୍ଷରୁ ଅଧିକରୁ ଅଧିକ ଏନ୍‌ଫୋର୍ସମେଣ୍ଟ କରିବାକୁ କୁହାଯାଇଥିଲା । ଜିଲ୍ଲାରେ ମୃତ ବ୍ୟକ୍ତିଙ୍କ ଉତ୍ତରାଧିକାରୀଙ୍କ ନାମରେ ପଟ୍ଟା ସଂଶୋଧନ ପ୍ରକ୍ରିୟା ଜାରି ରହିଛି । ୮୬ ହଜାର ୪୧୦ଟି ପଟ୍ଟା ସଂଶୋଧନ ପାଇଁ ସର୍ଭେ ହୋଇଥିବାବେଳେ ୪୨ହଜାର ୩୦୬ ପଟ୍ଟା ସଂଶୋଧନ ହୋଇସାରିଥିବାବେଳେ ବଳକା ତୁରନ୍ତ କରିବାକୁ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ କେତକ ନିଜସ୍ୱ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଆହୁରି ପ୍ରକ୍ରିୟାଧୀନ ରହିଛି । ସେହିପରି ୩୩ ଡିଗ୍ରୀ କଲେଜକୁ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଆହୁରି ପ୍ରକ୍ରିୟାଧୀନ ରହିଛି । ୩୬ ହଜାରରୁ ଅଧିକ ଗ୍ରାମକଣ୍ଟକ ପଟ୍ଟା ଫଇସଲା କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସହରାଞ୍ଚଳ ହେଉବା ଗ୍ରାମାଞ୍ଚଳ, ଯିଏ ବି ସରକାରୀ ଜମି ଜବଲଦଖଲ କରି ରଖିଛନ୍ତି ତୁରନ୍ତ ତାହା ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି । ଅବକାରୀ, ପରିବହନ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ଲକ୍ଷ୍ୟ ଧାର୍ଯ୍ୟକୁ ପୂରଣ କରିବା ପାଇଁ କୁହାଯାଇଛି । ଜନସେବାକୁ ଅଧିକ ପ୍ରଭାବଶାଳୀ ଓ ସୁଦୃଢ଼ କରିବା ପାଇଁ ବୈଠକରେ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା, ଡେପୁଟି କଲେକ୍ଟର ଅରୁଣ କୁମାର ଖଣ୍ଡା ଓ ଅଭିଷେକ ସାହୁଙ୍କ ସମେତ ସମସ୍ତ ତହସିଲଦାର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## "ଆସ ସ୍କୁଲ୍ ଯିବା' ଅଭିଯାନ କର୍ମଶାଳା



ଧରାକୋଟ,୧୩।୮ (ସମିସ): ଆସ ସ୍କୁଲ ଯିବା ଅଭିଯାନକୁ ବ୍ୟାପକ କରିବା ନିମନ୍ତେ ଧରାକୋଟ ଗୋଷ୍ଠୀ ଶିକ୍ଷାଧିକରୀଙ୍କ ତରଫରୁ ଗୋଷ୍ଠୀ ସମ୍ବଳ କେନ୍ଦ୍ର ସଂଯୋଜକ ସୌରୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ସମସ୍ତ ପ୍ରଧାନଶିକ୍ଷକ ଏବଂ ସିଆରସିସିଙ୍କ ଏକ କର୍ମଶାଳା ଅନୁଷ୍ଠିତ କରାଯାଇଛି । ଏଥିନିମନ୍ତେ ଆଗାମୀ ୧୬ ତାରିଖ ଦିନ ସମସ୍ତ ବିଦ୍ୟାଳୟରେ ହେବାକୁ ଥିବା "ସ୍ୱତନ୍ତ୍ର ଅଭିଭାବକ ଶିକ୍ଷକ/ଶିକ୍ଷୟତ୍ରୀ ତଥା ବିଦ୍ୟାଳୟ ପରିଚାଳନା/ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକକୁ ସଫଳ କରିବା ନିମନ୍ତେ ସହଯୋଗ କାମନା କରାଯାଇଛି । ଏଥିରେ ବିଆରସିସି ସୌରୀ ଶଙ୍କର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ପାତ୍ର, ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ, ସମସ୍ତ ସିଆରସିସି, ପ୍ରଧାନଶିକ୍ଷକ ଯୋଗ ଦେଇଥିଲେ ।

## ତାମ୍ପରା ହ୍ରଦ ଓ ପୋତାଗଡ଼ ବୁଲିଲେ ଜିଲ୍ଲାପାଳ



ଛତ୍ରପୁର,୧୩।୮ (ସମିସ): ଛତ୍ରପୁର ଉପକଣ୍ଠ ତାମ୍ପରା ହ୍ରଦ ଏବଂ ପୋତାଗଡ଼ ପର୍ଯ୍ୟଟନସ୍ଥଳୀକୁ ବୁଧବାର ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପରିଦର୍ଶନ କରି ଭିତ୍ତିଭୂମିର ତଦାରଖ କରିବା ସହିତ ଏହାର ବିକାଶ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ତାମ୍ପରା ହ୍ରଦ ଦିନକୁ ଦିନ ସଙ୍କୁଚିତ ହେଉଥିବା ବେଳେ କେତେକ ସ୍ଥାନରେ କେନାଲ ଗୁଡ଼ିକର ପୁନଃରୁଦ୍ଧାର କରିବା ପାଇଁ ଚିହ୍ନଟ କରାଯାଇଛି । ସେଥିପାଇଁ ଜଳସେଚନ, କ୍ଷୁଦ୍ର ଜଳସେଚନ ଓ ଅନ୍ୟାନ୍ୟ ବିଭାଗକୁ ନେଇ ଏକ ଟିମ୍ ଗଠନ କରାଯାଇଛି, ପ୍ରଥମେ ଉକ୍ତ ଟିମ୍ ସେଠାକୁ ଯାଇ କେନାଲ ଗୁଡିକୁ ଚିହ୍ନଟ କରିବେ, ପରବର୍ତ୍ତୀ ସମୟରେ ସେଗୁଡିକର ପୁନଃରୁଦ୍ଧାର କରାଯିବ । ଜଳସ୍ତରକୁ କିପରି ବଢ଼ାଯିବ, ବୋଟିଂ ସୁ ବ୍ୟବସ୍ଥା କରିବା, ସେହିଭଳି ତାମ୍ପରା ପାର୍କରେ ଆବଶ୍ୟକ ଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ପର୍ଯ୍ୟଟନ ବିଭାଗ ଓ ପ୍ରଶାସନ ପକ୍ଷରୁ ମରାମତି କରାଯିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ପୋତାଗଡ଼ର ମଧ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପୂର୍ବରୁ ଏକ ପ୍ଲାନ ପ୍ରସ୍ତୁତ କରାଯାଇଥିଲା । ସେହି ଘଟଣାରେ କିଛି ଏକ୍ସପୋର୍ଟଙ୍କ ମତାମତ ନିଆଯାଇ ତାହାର ଉନ୍ନତି କରିବା ପାଇଁ ମଧ ଜିଲ୍ଲାପାଳ ଶ୍ରୀ ଭାସନ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେଠାରେ ଥିବା ପାରାଭାଡି ଓ ବିଭିନ୍ନ ଐତିହ୍ୟର ମଧ ପୁନଃରୁଦ୍ଧାର କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଗଞ୍ଜାମ ବିଡ଼ିଓ ଅଚ୍ୟୁତାନନ୍ଦ ଯାନୀ, ଗଞ୍ଜାମ ଜିଲ୍ଲା ପରିଷଦର ପୋଗ୍ରାମ କୋଡିନେଟର ବାଣୀ ସୁକାନ୍ତ ବେବର୍ତ୍ତା ପଟ୍ଟନାୟକଙ୍କ ସମେତ ଜଳସେଚନ, କ୍ଷୁଦ୍ର ଜଳସେଚନ, ଡ୍ରେନେଜ ଏବଂ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

### ■ ହତ୍ୟାର ପ୍ରତିଶୋଧ

## ଅଭିଯୁକ୍ତର ଭାଇଙ୍କୁ ହାଣିଦେଲେ

ଖଲ୍ଲିକୋଟ/ରମ୍ଭା, ୧୩।୮ (ସମିସ): ଖଲ୍ଲିକୋଟ ବ୍ଲକ୍ ତଥା ରମ୍ଭା ଥାନା ଅଧୀନ ଏଚ୍. ବାହାଡାପଲ୍ଲୀ ଛକରେ ବୁଧବାର ସକାଳୁ ଘଟିଛି ଏକ ହତ୍ୟାକାଣ୍ଡ । ଆର. ବାହାଡାପଲ୍ଲୀ ଗ୍ରାମର ଅଭିମନ୍ୟୁ ପ୍ରଧାନ ସକାଳେ ବାଇକ୍ ନେଇ ପରିବା ଆଣିବାକୁ ଯାଉଥିବା ବେଳେ ଏଚ. ବାହାଡାପଲ୍ଲୀ ଛକରେ କିଛି ଯୁବକ ତାଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ହାଣି ପକାଇବାରୁ ଅଭିମନ୍ୟୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବରପାଇ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ ଓ ଅନ୍ୟାନ୍ୟ ପୁଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ମୃତଦେହ ଉଦ୍ଧାର କରି ଖଲ୍ଲିକୋଟ ଡାକ୍ତରଖାନାକୁ ପଠାଇଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି ।

ସୂଚନାଯୋଗ୍ୟ, ୨ ତାରିଖ ରାତିରେ ସେହି ଆର୍. ବାହାଡାପଲ୍ଲୀ ଗ୍ରାମର ବି. ମନୁ ପ୍ରଧାନଙ୍କୁ ରମ୍ଭା ରେଳଷ୍ଟେସନ ନିକଟରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ମନୁ ଗ୍ରାମରେ ଏକ ରାସନସାମଗ୍ରୀ ଦୋକାନ କରିଥିଲେ । ସେହି ଘଟଣାରେ ପୁଲିସ ନିଜ ଆଡୁ ମାମଲା ରୁଜୁକରି ତଦନ୍ତ ପରେ ସେହି ଗ୍ରାମର ଜୟପ୍ରଧାନ ଓ କେଶବ ପ୍ରଧାନ ନାମକ ୨ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଥିଲା । ବୁଧବାର ହତ୍ୟାର ଶୀକାର ହୋଇଥିବା ଅଭିମନ୍ୟୁ ପ୍ରଧାନ ଗିରଫ ହୋଇଥିବା ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜୟ ପ୍ରଧାନଙ୍କ ଭାଇ ବୋଲି ଜଣାପଡ଼ିଛି । ତେଣୁ ପୂର୍ବ ହତ୍ୟାକାଣ୍ଡ ସହ ଆଜିର ହତ୍ୟା ଘଟଣାର ଲିଙ୍କ୍ ରହିଥିବା ପୁଲିସ ସନ୍ଦେହ କରୁଛି । ମୃତଦେହକୁ ଜବତ କରି ପୁଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତ ଅଭିମନ୍ୟୁଙ୍କ ଭାଇ ଏମ୍. ସନ୍ୟାସୀ ପ୍ରଧାନଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରିଥିବା ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି କହିଛନ୍ତି ।

## ଘରୋଇ ବସ୍ ମାଲିକ ସଂଘର ସାଧାରଣ ବୈଠକ



ହିଞ୍ଜିଳିକାଟୁ,୧୩।୮ (ସମିସ): ବ୍ୟାଘ୍ରଦେବୀ ଘରୋଇ ବସ୍ ମାଲିକ ସଂଘ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ଏକ ସାଧାରଣ ବୈଠକ ହିଞ୍ଜିଳିକାଟୁ ବ୍ଲକ ମା' ଶ୍ୟାମଳାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ୟାଘ୍ରଦେବୀ ଘରୋଇ ମାଲିକ ସଂଘ, ହିଞ୍ଜିଳିକାଟୁର ସଭାପତି ଅରକ୍ଷିତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୁଷୋତ୍ତମପୁର ଘରୋଇ ବସ୍ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ପତି, ସମ୍ପାଦକ ଶରତ ଚନ୍ଦ୍ର ସାହୁ, କୋଦଳା ସଭାପତି ଚିତ୍ରସେନ ପରିଡା, ପୋଲସରା ବସ୍ ମାଲିକ ସଂଘ ସଭାପତି ଉମାକାନ୍ତ ବେହେରା, ଉପସଭାପତି ସନ୍ତୋଷ କୁମାର ପାତ୍ର, ସମ୍ପାଦକ ମୁନା ପଣ୍ଡା, ଚିକିଟି ବସ ମାଲିକ ସଂଘ ସଭାପତି ରଜନୀକାନ୍ତ ପାତ୍ର, ପାରଳାଖେମୁଣ୍ଡି ବସ ମାଲିକ ସଂଘ ସଭାପତି ସମ୍ପଦ କୁମାର ଦାସ ପ୍ରମୁଖ ମଞ୍ଚାସିନ ଥିଲେ । ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, କୋଦଳା, ପୋଲସରା, ଚିକିଟି, ପାରଳାଖେମୁଣ୍ଡି, ସୋରଡା, ଛତ୍ରପୁର ଆଦି ଅଞ୍ଚଳକୁ ଚଳାଚଳ କରୁଥିବା ଯାତ୍ରୀବାହୀ ଘରୋଇ ବସ୍ ଗୁଡ଼ିକର ବିଭିନ୍ନ ଅସୁବିଧା ବିଷୟରେ ଆଲୋଚନା ହୋଇଥିଲା । ବସ୍ ବ୍ୟବସାୟକୁ ଏକ ଶୃଙ୍ଖଳିତ ଢଙ୍ଗରେ ପରିଚାଳନା କରାଯିବା ସହ ଆସନ୍ତା ଦିନରେ କୌଣସି ବସ୍‌ଷ୍ଟାଣ୍ଡରେ ଜୋର ଜୁଲମ ଚାନ୍ଦା ଆଦାୟକୁ ବରଦାସ୍ତ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ହିଞ୍ଜିଳିକାଟୁ ମା' ବ୍ୟାଘ୍ରଦେବୀ ଘରୋଇ ବସ୍ ମାଲିକ ସଂଘ ଉପସଭାପତି ଶୁଶାନ୍ତ ପ୍ରଧାନ, ସମ୍ପାଦକ ଲାଲାଜୀ ମହାପାତ୍ର, କୋରାମଣି ରାଉଳ, ଅରୁଣ ନାହାକ, ରାକେଶ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଯୌନ ନିର୍ଯାତନା ନିବାରଣ ସଚେତନତା




ବେଲଗୁଣ୍ଠା,୧୩।୮ (ସମିସ): ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ କର୍ମ କ୍ଷେତ୍ରରେ ମହିଳା ମାନଙ୍କ ପ୍ରତି ଯୌନ ନିର୍ଯାତନା ନିବାରଣ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ଅଧ୍ୟକ୍ଷ ଡ. ଗିରିଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ଗାଙ୍ଗପୁର ଥାନା ସବ୍‌ଇନ୍ସପେକ୍ଟର ପ୍ରଭାକର ଗାଣ୍ଟା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସୁଷମା ବେହେରା ଯୋଗଦେଇ ଥିଲେ । ସମ୍ମାନିତ ଅତିଥି ଭାବେ ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଇ ରବିନାରାୟଣ ପାତ୍ର ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ଅନୀଲ୍ କୁମାର ସ୍ୱାଇଁ, ଧରିତ୍ରୀ ରାଣୀ ବିଷୋୟୀ, ବିଦ୍ୟାଧର ସ୍ୱାଇଁ, ଅନୀତା ତ୍ରିପାଠୀ ପ୍ରମୁଖ କର୍ମଶାଳାର ଆବଶ୍ୟକତା ଉପରେ ମତ ରଖିଥିଲେ ।

### ଧୋକା ଦେଲା ମୌସୁମୀ

## ଧାରା ଶ୍ରାବଣରେ ଶୁଖିଲା ପଡ଼ିଛି ଜମି

ଛତ୍ରପୁର,୧୩।୮ (ସମିସ):



ଧାରା ଶ୍ରାବଣ ମାସ ଖରା ଶ୍ରାବଣ ହେଲା ବର୍ଷା କମ ହେଲା ଧାନ ଚାଷ କାମ ସରିଲା ନାହିଁ ତଳି କେତେକ ଜାଗାରେ ପୋଡି ଗଲାଣି । ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ସୂଚନା ଦେଇଥିଲା । ମାତ୍ର ପରିବେଶ ପ୍ରଦୂଷଣ ଯୋଗୁଁ ଜଳବାୟୁ ପରିବର୍ତ୍ତନ ହେଉଛି ତାର କୁପ୍ରଭାଇବ ପଡୁଛି ଶ୍ରାବଣ ମାସରେ ସବୁବେଳେ ବର୍ଷା ହେଉଥିଲା ଏଣୁ ଧାନ ଚାଷ କାମ ସରୁଥିଲା ଏଣୁ ଗହ୍ମାପୂର୍ଣ୍ଣିମାରେ ହଲଲଙ୍ଗଳ ଧୋଇ ଗାଈଗୋରୁଙ୍କୁ ପୂଜା କରାଯାଉଥିଲା । ହେଲେ ଏବେ ହଲଲଙ୍ଗଳ ନାହିଁ ଚାଷୀ ନାମକୁ ମାତ୍ର ଏହାକୁ ପାଳନ କରୁଛି ଏବର୍ଷ ପ୍ରାୟ ୭୦ଭାଗ ଜମି ରେ ଧାନ ରୁଆ ହୋଇ ନାହିଁ ପାଣି ଅଭାବରୁ ଚାଷୀ ବର୍ଷା କୁ ଚାତକ ଭଳି ଅନେଇବସିଛି ବହୁତ ଉଠାଜଳସେଚନ ପମ୍ପ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଅଚଳ ହୋଇ ରହିଛି । ଏନେଇ ଋଷିକୁଲ୍ୟା ରୟତ ମହାସଭା ତରଫରୁ ବାରମ୍ବାର ଜଣାଇଲେ ସୁଦ୍ଧା କେହି ଗୁରୁତ୍ୱ ଦେଉନାହାନ୍ତି । ଅଫିସର କହୁଛନ୍ତି ଯେ ନେତାମାନେ ଠିକାଦାରୀ ନେଇଛନ୍ତି । ଆମେ ତାଙ୍କୁ କ'ଣ କହିବୁ ସେମାନେ ଠିକ ସମୟରେ କାମ ସାରୁନାହାନ୍ତି । ଏଣୁ ଗ୍ରାମର ବିକାଶ କରିବାକୁ ହେଲେ କୃଷିର ବିକାଶ କରନ୍ତୁ ସରକାର, ଏମପି ଗରିବ କଲ୍ୟାଣ ବିକାଶ ସଭାରେ କହିଲେ ଯେ ଆମେ ଗଞ୍ଜାମବାସୀ ଶ୍ରମିକ ପାଇଁ ଜନ୍ମ ହୋଇଛୁକି । କେଡେ ବଡ଼ ସତ କଥା କହିଦେଲେ ଏହି କଥାକୁ ବୁଝି ସରକାର କାମ କରିବା ଦରକାର ଡବଲ ଇଂଜିନ ସରକାରଙ୍କ ଠାରୁ ଲୋକେ ପରିବର୍ତ୍ତନ ଆଶା କରିଛନ୍ତି ଏଣୁ ଅନ୍ନଦାତା ଚାଷୀଙ୍କୁ ଜଳସେଚନ ଠାରୁ ଆରମ୍ଭ କରି ମାର୍କେଟିଂ ସୁବିଧା ଫସଲବୀମା ସୁବିଧା କରିବା ପାଇଁ ମହାସଭା ତରଫରୁ ସମ୍ପାଦକ ସୀମାଞ୍ଚଳ ନାହାକ ଦାବି କରିଛନ୍ତି ।

## ବାବା ମୁକ୍ତେଶ୍ୱର ଦିବାରାତ୍ରି ହେଣ୍ଡବଲ୍ ପ୍ରତିଯୋଗିତା




ଗଞ୍ଜାମ,୧୩।୮ (ସମିସ): ଗଞ୍ଜାମ ବ୍ଲକ୍ ଅଧୀନ ତାରିଣୀପଲ୍ଲୀ ଗ୍ରାମରେ ବାବା ମୁକ୍ତେଶ୍ୱର ଦିବାରାତ୍ର ହେଣ୍ଡବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି ।। ପ୍ରତିଯୋଗିତାକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାରିଣୀ ପଲ୍ଲୀ ଗ୍ରାମ ସଭାପତି ଚୈତନ୍ୟ ରେଡ୍ଡୀ, ସମାଜସେବୀ ନିରାକାର ମହାରଣା, ସମାଜସେବୀ ରମେଶ ଚନ୍ଦ୍ର ଗୌଡ଼, ରବୀନ୍ଦ୍ର ସାହୁ ଓ ଶିକ୍ଷାବିତ୍ ରବୀନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ଖଲ୍ଲିକୋଟ, ପୁରୁଷୋତ୍ତମପୁର, ବୋଇରାଣି, କୁମ୍ଭାରି, କୁଶପଲ୍ଲୀ, ନୂଆଁ ପଲ୍ଲୀ, ତାରିଣୀ ପଲ୍ଲୀ ଓ ଗଞ୍ଜାମ ଅଞ୍ଚଳର ୮ଟି ଦଳ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ ବୋଇରାଣୀ ଦଳକୁ ପରାସ୍ତ କରି ପୁରୁଷୋତ୍ତମପୁର ଦଳ ବିଜୟ ଲାଭ କରିଥିଲେ । ବିଜେତା ଦଳକୁ ନଗଦ ୮୮୮୮ ଟଙ୍କା ସହ ଟ୍ରଫି ଓ ପରାଜିତ ଦଳକୁ ୫୫୫୫ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାକୁ ସୁରେନ୍ଦ୍ର ଗୌଡ, ବସନ୍ତ ସେଠୀ, ଦୀପକ ସାହୁ ପମୁଖ ପରିଚାଳନା କରିଥିଲେ ।

# ଗଞ୍ଜେଇ ମାଫିଆକୁ ଉଠାଇନେଲା ହରିଆଣା ପୁଲିସ

ଜୟପୁର,୧୩।୮(ସମିସ): କୋରାପୁଟ ଜିଲ୍ଲା ବୈପାରୀଗୁଡା ଅଞ୍ଚଳର ଜଣେ ଗଞ୍ଜେଇ ମାଫିଆକୁ ଜିଲ୍ଲା ପୁଲିସ ସହାୟତାରେ ହରିଆଣା ରାଜ୍ୟର ପୁଲିସ ଗିରଫ କରିବା ସହ ସାଥିରେ ନିଜ ରାଜ୍ୟକୁ ଯାଇଛନ୍ତି। ଗିରଫ ଅଭିଯୁକ୍ତ ବୈପାରୀଗୁଡା ଥାନା ବରେଇଗୁଡା ଗ୍ରାମର ଭାସ୍କର ଶଗରିଆ (୨୫)। ଏହି ଅଞ୍ଚଳରୁ ବେଆଇନ ଗଞ୍ଜେଇ ହରିଆଣା ରାଜ୍ୟକୁ ଚାଲଣ କରୁଥିବା ବେଳେ ହରିଆଣା ରାଜ୍ୟର ଝାଜର ଥାନା ପୁଲିସ ଗଞ୍ଜେଇ ଜବତ କରିଥିଲେ। କିନ୍ତୁ ଘଟଣାସ୍ଥଳରେ ଅନ୍ୟମାନେ ଗିରଫ ହୋଇଥିଲେ ସୁଦ୍ଧା ଏଠାରୁ ଗଞ୍ଜେଇ ମାଫିଆ ଅଭିଯୁକ୍ତ ଭାସ୍କର ଖସି ଚାଲି ଆସିଥିଲେ। ଏଥିନେଇ ଗତ ୯ ତାରିଖରେ ହରିଆଣା ରାଜ୍ୟର ଝାଜର ଜିଲ୍ଲାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ପିଛା କରି ହରିଆଣା ରାଜ୍ୟ ପୁଲିସ କୋରାପୁଟ ଜିଲ୍ଲାରେ ପହଞ୍ଚି ସ୍ଥାନୀୟ ପୁଲିସ ସହାୟତାରେ ଅଭିଯୁକ୍ତଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିବା ପରେ ଜୟପୁର ସ୍ଥିତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ଉପସ୍ଥାପନା କରିବା ପରେ ହରିଆଣା ରାଜ୍ୟକୁ ନେଇ ସେଠିକାର କୋର୍ଟରେ ହାଜର କରାଯିବ ବୋଲି ପୁଲିସ ପକ୍ଷରୁ ପ୍ରକାଶ କରିଛି।

# ସପ୍ତମ ଥର ପାଇଁ ଲାୟନ୍‌ସ କ୍ଲବ୍ ସଭାପତି ହେଲେ ଜଗନ୍ନାଥ ମହାପାତ୍ର




ନବରଙ୍ଗପୁର,୧୩।୮ (ସମିସ): ୩୨୨ସି ୪ ଜିଲ୍ଲା ଲାୟନ୍ସ କ୍ଲବ ଅନ୍ତର୍ଗତ ନବରଙ୍ଗପୁର ଲାୟନ୍ସ କ୍ଲବର ଚଳିତ ୨୦୨୫-୨୬ ଲାୟନ୍‌ଷ୍ଟିକ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ନବରଙ୍ଗପୁର ଲାୟନସ କ୍ଲବର ସଭାପତି ତଥା ଜିଲ୍ଲାର ବରିଷ୍ଠ ସମାଜସେବୀ ଲାୟନ ଜଗନ୍ନାଥ ମହାପାତ୍ର ପୁଣି ଥରେ ସପ୍ତମ ଥର ପାଇଁ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଲାୟନ ଭୁବନେଶ୍ୱର ସୁର, କୋଷାଧ୍ୟକ୍ଷ ଭାବେ ଲାୟନ୍ ବିଜୟ କୁମାର ଜୈନ, ଉପ ସଭାପତି (୧) ଭାବେ ଲାୟନ ପି ଶେଖର , ଉପ ସଭାପତି (୨) ଭାବେ ଲାୟନ ନନ୍ଦୀକେଶ୍ୱର ରାଓ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାୟନ ସରସ୍ୱତୀ ପାତ୍ର ଆଇ ପି ଡି ଜି ଯୋଗ ଦେଇ ନୂତନ ଭାବେ ମନୋନିତ ପଦାଧିକାରୀ ମାନଙ୍କୁ ଶପଥ ପାଠ କରାଇଥିବା ବେଳେ ବରିଷ୍ଠ ଲକ୍ଷୟନ କେ. ଧନଞ୍ଜୟ ପଟ୍ଟନାୟକ ନୂତନ ସଭ୍ୟ ମାନଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଲକ୍ଷୟନ୍ ଜଗନ୍ନାଥ ମହାପାତ୍ର ସପ୍ତମ ଥର ପାଇଁ ଲାୟନସ କ୍ଲବ୍ ଭଳି ଏକ ଅନ୍ତର୍ଜାତୀୟ ଅନୁଷ୍ଠାନରେ ଗଠନ ମୂଳକ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରିବା ସହ କ୍ଲବର ସମସ୍ତ ସଭ୍ୟଙ୍କୁ ଆନ୍ତରିକ ଧନ୍ୟବାଦ୍ ଜଣାଇଥିଲେ। କ୍ଲବର ସମସ୍ତ କର୍ମକର୍ତ୍ତାଙ୍କୁ ଲାୟନ୍ ଇଞ୍ଜିନୟର ଦିଲୀପ ଦାସ ପିଡିଜି, ପ୍ରତିଷ୍ଠାତା ସଭ୍ୟ ଲକ୍ଷୟନ୍ ଡ କେ. ଧନଞ୍ଜୟ ପଟନାୟକ , ପ୍ରତିଷ୍ଠାତା ସଭ୍ୟ ଲାୟନ୍‌ସ ପି ଏଲ ମୂର୍ତ୍ତି, ଏବଂ ଲାୟନ୍ ଶ୍ରୀକାନ୍ତ ମହାନ୍ତି, ଲାୟନ୍ ରବି ରେ‡ୀ, ଲାୟନ ପପୁ ଜୈନ, ଲାୟନ ଦିନ ଦୟାଲ ଜୈନ, ଲାୟନ ଶ୍ରୀନିବାସ ରାଓ, ଲାୟନ ପି. ଶ୍ରୀଧର, ଲାୟନ ଦିନେଶ ଜୈନ, ଲାୟନ୍ ଅଧ୍ୟାପକ ଅଖିଳ କୁମାର ଭଟ୍ଟ, ଲାୟନ ଅଧିବକ୍ତା ବୀରେନ୍ଦ୍ର ନାୟକ, ଲାୟନ ଡି. ମୁରଲୀ ପ୍ରସାଦ ଦାସ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

# ସଂସ୍କୃତ ସପ୍ତାହ ପାଳିତ



କୋରାପୁଟ,୧୩।୮(ସମିସ): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଅନୁକୁଲ୍ୟରେ ଚଳିତ ମାସ ୬ ତରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ସପ୍ତାହ ବ୍ୟାପି ଚାଲିଥିବା ଏହି କାର୍ଯ୍ୟକ୍ରମରେ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଏବଂ ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ପାଞ୍ଚଟି ଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ଲୋକ ସଂକଳନ ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ସମ୍ପୂର୍ଣ୍ଣ ଉଚ୍ଚାରଣ ଏବଂ ଭକ୍ତି ସହିତ ଶାସ୍ତ୍ରୀୟ ଶ୍ଳୋକ ପାଠ କରିଥିଲେ। ପ୍ରବନ୍ଧ ଲେଖା ପ୍ରତିଯୋଗିତା ସଂସ୍କୃତ ସାହିତ୍ୟ ସହିତ ଜଡିତ ସମସାମୟିକ ଏବଂ ସାଂସ୍କୃତିକ ବିଷୟବସ୍ତୁ ଉପରେ ରହିଥିଲା।କାର୍ଯ୍ୟକ୍ରମର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଏନ.ସି. ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବରେ ସଂସ୍କୃତ ଭାରତୀର ପୂର୍ବ କ୍ଷେତ୍ର ସଂଯୋଜକ ପଣ୍ଡିତ ନୃସିଂହ ଚରଣ ପଣ୍ଡା ଯୋଗ ଦେଇ ସଂସ୍କୃତର କାଳଜୟୀ ମୂଲ୍ୟ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏହାକୁ ସଂରକ୍ଷଣ ଏବଂ ପ୍ରଚାର କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସମାଜସେବୀ ଡକ୍ଟର ଜଳେନ୍ଦ୍ର ତ୍ରିପାଠି ମଧ୍ୟ ସଂସ୍କୃତ ଭାଷାର ମୂଲ୍ୟ ବିଷୟରେ ସୂଚନା ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ବୋଲି ଲୋକ ସଂପର୍କ ଅଧିକାରୀ ଡ଼ଃ ଫଗୁନାଥ ଭୋଇ ଜଣାଇଛନ୍ତି।

## ଟ୍ରେନ୍‌ରୁ ଆନ୍ଧ୍ରର ସୁନାଗହଣା ନିର୍ମାତାଙ୍କ ଠାରୁ ଚୋରି ଘଟଣା: ୬ ଗିରଫ

# ଟଙ୍କା, କାର ଓ ସୁନା ଅଳଙ୍କାର ଜବତ



ରାୟଗଡ଼ା,୧୩।୮(ସମିସ): ରାୟଗଡ଼ସରକାରୀ ରେଳବାଇ ପୋଲିସ (ଜିଆରପିଏସ) ଓ ଆରପିଏଫ ପୋଲିସକୁ ମିଳିଛି ଏକ ବଡ ସଫଳତା। ଟ୍ରେନରେ ଯାତ୍ରା କରୁଥିବା ବେଳେ ଆନ୍ଧ୍ରର ଜଣେ ସୁନା ଗହଣା ତିଆରି କରୁଥିବା ନିର୍ମାତାଙ୍କୁ ଲୁଟ୍ କରିଥିବା ଅଭିଯୋଗରେ ଘଟଣାରେ ସଂପୃକ୍ତ ଥିବା ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ଚୋରି ସୁନା ଅଳଙ୍କାର ସମେତ ୨.୨୫ଲକ୍ଷ ନଗଦ ଟଙ୍କା, ୬ଟି ମୋବାଇଲ, ଗୋଟିଏ ସ୍ୱିଫ୍ଟ ଡିଜାଇର କାର (ଓଡି ୧୮ ବି ୭୭୭୬) ,ଗୋଟିଏ ଓମିନି କାର (ଏପି୩୫ ଇ ୯୦୯୪) ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାୟଗଡା ଡେଲି ମାର୍କେଟ ଅଂଚଳର ଉଲାକୁ ଶ୍ରୀନୁ (୨୮), ରାଣୀଗୁଡା ଫାର୍ମ ସପ୍ତମ ଲାଇନର ପାଲେକ ମୁରଳି (୩୧), ନେହୁରୁ ନଗର ଦ୍ୱିତୀୟ ଲାଇନର ଏ.ବେଣୁଗୋପାଳ ସ୍ୱାମୀ (୨୩), ଏ.ଇଶ୍ୱର ଓରଫ ଇଶୁ, ରାମକୃଷ୍ଣ ନଗର ସ୍ଥିତ ଅନୁସୂଚିତ ଜାତି ସାହିର ଗୋବିନ୍ଦ ବାଗ (୧୯) ଏବଂ ରାୟଗଡ଼ ଉକ୍ରଳମଣି ନଗରରେ ରହୁଥିବା ତଥା ମୁମ୍ମାର ସନରାଇଜ ସୁନା ଦୋକାନରେ ସେଲସମ୍ୟାନ ଭାବେ କାମ କରୁଥିବା ବିଧାର ବାଗ (୨୩) ସଂପୃକ୍ତ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ନେଇ ରାୟଗ?। ଜିଆରପି ଡିଏସପି ପ୍ରଭାତ କୁମାର ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ସୂଚନା ପ୍ରକାରେ ଚଳିତ ଅଗଷ୍ଟ ମାସର ୪ ତାରିଖରେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣମ୍, ଗାଜୁଆକା, ବିସି ରୋଡର ବାସିନ୍ଦା ତଥା ସୁନା ଅଳଙ୍କାର ନିର୍ମାତା ରୌପୁଦ୍ଦିନ୍ ମୋଲା (୪୬) ରାୟଗଡ଼ ଜିଆରପି ପୋଲିସ ଷ୍ଟେସନରେ ଅପରାହ୍ନରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ରୌପୁଦ୍ଦିନ ପାର୍ବତୀପୁରମ ଓ ରାୟଗଡାର ବିଭିନ୍ନ ସୁନା ଦୋକାନରୁ ସୁନା ଗହଣା ତିଆରି କରିବା ପାଇଁ ଅର୍ଡର ନେବା ସହ ଗହଣାଗୁଡିକ ଦେବା ପାଇଁ ଆସିଥାନ୍ତି। ଅଗଷ୍ଟ ୩ ତାରିଖରେ ଏକ ନୀଳ ରଙ୍ଗର ବ୍ୟାଗରେ ସୁନା ଅଳଙ୍କାର ଓ ନଗଦ ଟଙ୍କା ନେଇ ବିଶାଖାପାଟଣମ ଫେରୁଥିଲେ। ଉକ୍ତ ସମୟରେ କିଛି ଅଜଣା ଦୁର୍ବୃତମାନେ ତାଙ୍କୁ ଅନୁସରଣ କରି ଆସୁଥିବା ବେଳେ ଜେମାଦେଇପେଣ୍ଟ ରେଳ ଷ୍ଟେସନରେ ଜଣେ ଦୁର୍ବୃତ ଆସି ତାଙ୍କ ଠାରୁ ବ୍ୟାଗଟି ଛଡାଇ ନେଇ ନିଜ ସାଥୀମାନଙ୍କ ସହ ଫେରାର ହୋଇଯାଇଥିଲେ। ଏଭଳି ଅପରାଧର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏସଆରପି ରାଉରକେଲାଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଆରପି, ଆରପିଏଫ ଓ ସିଆଇବି ମିଳିତରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣାରେ ସଂପୃକ୍ତ ୬ଜଣ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରାଯାଇଥିଲା ବୋଲି ଡିଏସପି ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହି ସ୍ୱତନ୍ତ୍ର ଟିମରେ ରାୟଗଡ଼ା ଜିଆରପି ଥାନା ଏସଆଇ ଆଲୋକ ନାୟକଙ୍କ ନେତୃତ୍ୱରେ ଏସଆଇ ସରୋଜ କୁମାର ବାରିକ, ଏଏସଆଇ ମହାବୀର ଶର୍ମା, ମାଣିକ ଚନ୍ଦ୍ର ଗୌଡ, କନେଷ୍ଟବଲ ଧନୁଜ ବୈଦଭୂଷଣ, ହେଡ୍ କନେଷ୍ଟବଲ ୱାଇ.ବିନୟ, ଏମ.ଏସ.ରାଓ ପ୍ରମୁଖ ସାମିଲ ଥିବା ବେଳେ ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ୱାଲଟିୟର ଡିଭିଜନ, ସିଆଇବି ଇନ୍ସପେକ୍ଟର ଅଭିମନ୍ୟୁ ନାୟକ, ରାୟଗଡ଼ା ଆରପିଏଫ ଇନ୍ସପେକ୍ଟର ଜି.ପି.ରାଜୁ, ଜିଆରପି ରାୟଗଡ଼ା ଇନ୍ସପେକ୍ଟର ବି.କେ.ବେକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ମାଓବାଦୀ ନିହତ

ମାଲକାନଗିରି, ୧୩।୮(ସମିସ): ମାଲକାନଗିରି ଜିଲ୍ଲାର ସୀମାନ୍ତ ଛତିଶଗଡ଼ର କାଙ୍କେରରେ ଜବାନ ଓ ମାଓବାଦୀ ଙ୍କ ମଧ୍ୟରେ ଗୁଳିବିନିମୟ ଘଟି ଦୁଇଜଣ ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ କାଙ୍କେର ଜିଲ୍ଲାର ମାନପୁର ଜଙ୍ଗଲରେ ମାଓ ଦମନ ପାଇଁ ଜବାନ ଙ୍କ ପକ୍ଷରୁ ତଲାସୀ ଅଭିଯାନ ଜାରି ରହିଥିଲା। ଏହି ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ସହ ଗୁଳିବିନିମୟ ଘଟିଥିଲା। ଜବାନଙ୍କ ଗୁଳିରେ ଦୁଇ ଜଣ ଦୁର୍ଦ୍ଧାନ୍ତ ମାଓବାଦୀ ନିହତ ହୋଇଥିବା ବେଳେ ଅନ୍ୟ ମାଓବାଦୀ ମାନେ ଛତ୍ର ଭଙ୍ଗ ଦେଇଥିଲେ। ନିହତ ମାଓବାଦୀ ମାନେ ଆରକେବି ଡିଭିଜନର ସକ୍ରିୟ ସଦସ୍ୟ ବିଜୟ ରେ‡ୀ ଏବଂ ଲୋକେଶ ସଲାମେ ବୋଲି ଜଣାପଡିଛି। ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି।

# ଭେଷଜ ମହାବିଦ୍ୟାଳୟ ସ୍ଥାପନ ପାଇଁ ଜିଲ୍ଲା ନାଗରିକ କମିଟିର ଦାବି



ନବରଙ୍ଗପୁର : ୧୩।୮ (ସମିସ): ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଜିଲ୍ଲା ଗସ୍ତ ଅବସରରେ ସ୍ଥାନୀୟ ସର୍କିଟ ହାଉସରେ ଜିଲ୍ଲା ନାଗରିକ କମିଟିର ସଦସ୍ୟ ମାନେ ସାକ୍ଷାତ କରି ତାଙ୍କୁ ଜିଲ୍ଲା ସଦର ମହକୁମା ଡାକ୍ତରଖାନା ଓ ଜିଲ୍ଲାର ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ନବରଙ୍ଗପୁର ଜିଲ୍ଲାର ପ୍ରାୟ ୧୪ ଲକ୍ଷ ୭୦ ହଜାର ଜନସଂଖ୍ୟା ଏବଂ ପୌରାଞ୍ଚଳର ପ୍ରାୟ ୫୨ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ, ଆର୍ଥିକ ଭାବେ ଅତି ପଛୁଆ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଏକ ଅନଗ୍ରସର ଜିଲ୍ଲାଭାବେ ପରିଗଣିତ ହୋଇଥିବା ଯୋଗୁଁ; ପ୍ରାଥମିକତା ଭିତ୍ତିରେ ବିଚାରକୁ ନେଇ ଜିଲ୍ଲାରେ ଦେଖାଦେଇଥିବା ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ପାଇଁ ଏହି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ଜିଲ୍ଲା ସଦର ମହକୁମା ଡାକ୍ତରଖାନା ଅନେକ ବର୍ଷ ହେଲା ସ୍ଥାପିତ ହୋଇଥିଲେ ମଧ୍ୟ ଏଠାରେ ବିଭିନ୍ନ ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବା ଯୋଗୁଁ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାରେ ମୋଟ ୩୯୫ ଅନୁମୋଦିତ ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୧୪ ଡାକ୍ତର ରହିଛନ୍ତି ଏବଂ ୧୮୧ ପଦବୀ ଖାଲି ପଡିଛି। ସମ୍ବଳ ଅଭାବରୁ ଜିଲ୍ଲା ବାହାରେ ଥିବା ଉଚ୍ଚତମ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇପାରୁନାହାନ୍ତି। ଏହି ତଥ୍ୟ ମାତ୍ର କାଗଜ କଲମରେ ରହିଥିଲେ ମଧ୍ୟ, ପ୍ରକୃତ ପକ୍ଷେ, ୨୧୪ ରୁ ବହୁତ କମ ସଂଖ୍ୟକ ଡାକ୍ତର ଜିଲ୍ଲା ସଦର ମହକୁମା ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି; ଯାହାକି, ଆବଶ୍ୟକତାଠାରୁ ବହୁତ କମ ଅଟେ। ଅନେକ ଡାକ୍ତର ଉଚ୍ଚତର ଡାକ୍ତରୀ ଶିକ୍ଷା ପାଇଁ ଜିଲ୍ଲା ଛାଡି ଯାଇଛନ୍ତି ଓ ଅନେକ ଡାକ୍ତର ଲମ୍ବା ଛୁଟିର ଅଛନ୍ତି। ସଦର ମହକୁମା ଡାକ୍ତରଖାନା ଆଇସିୟୁରେ ଥିବା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଦୀର୍ଘ ମାସ ହେଲା ଅଚଳ ହୋଇ ପଡିଥିବାରୁ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବି କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଡାକ୍ତରୀ ପଦ ପୂରଣ ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଅନୁରୋଧ କରାଯାଇଛି। ନବରଙ୍ଗପୁର ରେ ଏକ ଭେଷଜ ମହାବିଦ୍ୟାଳୟ ସ୍ଥାପନ ପାଇଁ ବିଗତ ଦିନରେ ଓଡିଶା ସରକାର ଘୋଷଣା କରିଥିବା ଯୋଗୁଁ ଏହାର ସ୍ଥାପନା ପାଇଁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଅବସରରେ ଜିଲ୍ଲା ନାଗରିକ କମିଟିର ସଭାପତି ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର, ସମ୍ପାଦକ ରାମ ପ୍ରସାଦ ପାତ୍ର, ସହକାରୀ ଆବାହକ ପ୍ରଦୀପ ସାହୁ, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର, କିଶୋରୀ ପଟ୍ଟନାୟକ, ସ୍ୱର୍ଣ୍ଣ ଲତା ପଟ୍ଟନାୟକ, ତପନ ବିଷୋଇ, ସୁବ୍ରତ ବେହେରା, ପ୍ରଭାସିନୀ ମହାନ୍ତି ଯୋଗ ଦେଇଥିଲେ। ଉପ-ମୁଖ୍ୟ ମନ୍ତ୍ରୀ ନିଶ୍ଚିତ ଭାବେ ଏହି ସମସ୍ୟା ଗୁଡିକୁ ପ୍ରାଥମିକତା ଭିତ୍ତିରେ ବିଚାରକୁ ନେଇ ପ୍ରତିକାର କରାଯିବ ବୋଲି କହିଥିଲେ।

# ସମ୍ବିଧାନକୁ ରକ୍ଷା କରିବାକୁ ରାଜ୍ୟ ମହିଳା ସଭାନେତ୍ରୀଙ୍କ ଆହ୍ୱାନ




ଜୟପୁର,୧୩।୮(ସମିସ): ଜୟପୁର ସ୍ଥିତ ଜିଲ୍ଲା କଂଗ୍ରେସ ଭବନ ଠାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଏକ ସାମ୍ବାଦିକ ସମ୍ମିଳନୀରେ ଦେଶରେ ଗଣତନ୍ତ୍ର ଏକ ପ୍ରକାର ଭଶୁଡ଼ି ଯାଇଛି। ଏହିପରି ସମ୍ବିଧାନକୁ ହତ୍ୟା କରାଯିବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ ଏବଂ ସେହିପରି ନିର୍ବାଚନ ଆୟୋଗ ବର୍ତ୍ତମାନ ଉଭୟ ବିଜେପି ଦଳର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ଏହିପରି ବିଜେପି ଶାସିତ କେନ୍ଦ୍ର ଏବଂ ରାଜ୍ୟ ସରକାର ଭୋଟ ଗ୍ରହଣ ସମୟରେ ବ୍ୟାପକ ସ୍କାମ କରିଛନ୍ତି। ତେଣୁ ତୁରନ୍ତ ଦେଶର ଗଣତନ୍ତ୍ରରୁ ରକ୍ଷା କରିବାକୁ ସମସ୍ତ ରାଜନୈତିକ ଦଳ ଏବଂ ସାଧାରଣ ଲୋକ ମିଳିତ ଭାବେ କାର୍ଯ୍ୟକରିବାକୁ ଆହ୍ୱାନ କରିଛନ୍ତି। ବିହାର ନିର୍ବାଚନ ପୂର୍ବରୁ ଦଳର ବରିଷ୍ଠ ତଥା ଲୋକସଭା ବିରୋଧୀ ଦଳ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ କମିଶନରଙ୍କ ବିରୋଧରେ ଆଣିଥିବା ଭୋଟର ତାଲିକା ଦୁର୍ନୀତି ଅଭିଯୋଗକୁ ନେଇ ସାରା ଦେଶରେ କଂଗ୍ରେସ ଦଳ ସାଧାରଣ ଲୋକଙ୍କୁ ସଚେତନ କରିବ ବୋଲି ଜୟପୁର କଂଗ୍ରେସ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ସଭାନେତ୍ରୀ ଶ୍ରୀମତି ବାହିନୀପତି ଏବଂ ଅନ୍ୟାନ୍ୟ କଂଗ୍ରେସ ନେତା ମାନେ ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନଙ୍କର ଏହି ଅଭିଯୋଗକୁ ଭୁଲ ବୋଲି ପାଲଟା କୌଣସି ସୂଚନା ଦେଇପାରୁନାହିଁ। କେନ୍ଦ୍ରରେ ସରକାର ପରିବର୍ତ୍ତନ ନିତାନ୍ତ ଆବଶ୍ୟକତା ରହିଥିବା ନେଇ କଂଗ୍ରେସ ସଙ୍କଳ୍ପ କରିବା ସହ ସାରା ଦେଶରେ ଆନ୍ଦୋଳନ କରିବ। ଏହିପରି କେଳବ ଓଡିଶାରେ ସର୍ବମୋଟ ୪୨ ଲକ୍ଷ ଭୋଟ ଚୋରି ହୋଇଥିବା ସହ ୨୧ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ଲେଖାଏଁ ଭୋଟ ଚଞ୍ଚକତା କରାଯାଇଛି। ତେଣୁ ଓଡିଶା ସମେତ ବିଭିନ୍ନ ରାଜ୍ୟରେ ଲୋକସଭା ଓ ବିଧାନସଭା ଭୋଟ୍‌ରେ ମାତ୍ରାଧିକ ଅସାମଞ୍ଜସ୍ୟ ରହିଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର, ମଦନମୋହନ ନାୟକ, ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି, ସାଂସଦ ପ୍ରତିନିଧି ହାସାନ ମଦାନି, ଜିଲ୍ଲା ମହିଳା ସଭାନେତ୍ରୀ ନଳନୀ ରଥ, ଯୁବ ନେତା ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରେଳଲାଇନ୍ ପାଇଁ ଜମି ହରାଉଥିବା ଚାଷୀଙ୍କ ଶୋଭାଯାତ୍ରା




ମାଲକାନଗିରି, ୧୩।୮ (ସମିସ): ଜୟପୁରଠାରୁ ମାଲକାଗିରି ରେଳଲାଇନ ନିର୍ମାଣ ପାଇଁ ଜମି ହରାଉଥିବା ଚାଷୀଙ୍କୁ କ୍ଷତି ପୁରଣ ଦାବି ନେଇ ଆଜି ମାଲକାନଗିରି ସହରରେ ହଜାର ହଜାର ସଂଖ୍ୟାରେ ଜମି ହରାଉଥିବା ଚାଷୀ ଓ ଗ୍ରାମବାସୀ ଶୋଭାଯାତ୍ରା ସହିତ ଜିଲ୍ଲାପାଳଙ୍କ ଜରିଆରେ ମୂଖ୍ୟଶାସନ ସଚିବଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟପୁର ମାଲକାନଗିରି ରେଳପଥ ନିମନ୍ତେ ଜମି ଅଧିଗ୍ରହଣ ଓ କ୍ଷତି ପୁରଣ ଦେବାର ବିଭିନ୍ନ ଅନିୟମିତତା ହେଉଥିବା ସମ୍ପର୍କରେ ଓ ଏହାର ସମାଧାନ ଓ ଦାବିନେଇ ମାଲକାନଗିରି ଜିଲ୍ଲାର ଜମି ହରାଉଥିବା ବିସ୍ଥାପିତ ସମିତି ପକ୍ଷରୁ ସଭାପତି ଇର୍ମା କୁରାମି, ସମ୍ପାଦକ ରଘୁ ପଡିଆମୀଙ୍କ ନେତୃତ୍ୱରେ ଆଜି ମାଲକାନଗିରି ବସଷ୍ଟାଣ୍ଡ ଠାରୁ ଶତାଧିକ ଜମି ହରାଉଥିବା ବ୍ୟକ୍ତି ବିରାଟ ଶୋଭାଯାତ୍ରାରେ ସହର ପରୀକ୍ରମା କରି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଯୁବକର ମୃତଦେହ ଉଦ୍ଧାର

ପୋଡ଼ାଗଡ଼,୧୩।୮ (ସମିସ): କୋରାପୁଟ ସଦର ଥାନା ଅନ୍ତର୍ଗତ ପୋଡ଼ାଗଡ ପାଇକ ସାହିର ଏକ ପରିତ୍ୟକ୍ତ କୂଅରୁ ଯୁବକର ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ପୋଡ଼ାଗଡ ପାଇକ ସାହିର ରଜେଶ୍ୱର ରାୟ ( ୩୬) । ସାହି ବାସିନ୍ଦା ମାନଙ୍କ କହିବା ମୁତାବକ ଗତ ସମବାର ଦିନ ସାହିର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ସାହି ବାସିନ୍ଦା ସମସ୍ତେ ମୃତ ମହିଳାର ଅନ୍ତିମ ସଂସ୍କାର ନିମନ୍ତେ ଯାଇଥିବା ବେଳେ ରାଜେଶ୍ୱର ଅରଫ ଟୁଡୁ ମଧ୍ୟ ତାଙ୍କ ସହ ଉକ୍ତ କାର୍ଯ୍ୟରେ ଯାଇଥିଲେ। ଅନ୍ତିମ ସଂସ୍କାର ସାରି ସମସ୍ତେ ଘରକୁ ଫେରି ଆସିଥିଲେ। ଘରକୁ ଆସିବା ପରେ ଟୁଡୁ ବା ରାଜେଶ୍ୱର ରାୟ ଘରୁ ବାହାରି ମଦ୍ୟପାନ କରିବା ପାଇଁ ଯାଇଥିଲେ। ଦୁଇଦିନ ସେ ଘରକୁ ନ ଫେôରିବାରୁ ବୁଧବାର ଦିନ ଖୋଜାଖୋଜି କରଥିଲେ। ସାହି ନିକଟ ପରିତ୍ୟକ୍ତ କୂଅ ରେ ରାଜେଶ୍ୱର ରାୟ ମୃତଦେହ ଭାସୁ ଦେଖିବାକୁ ମିଳିଥିଲା। ଏ ନେଇ ତଦନ୍ତ କରୁଛନ୍ତି ଏଏସ ଆଇ ମଦନ ବାଙ୍କିଆ ବୋଲି ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି।

# ଚୋର ଗ୍ୟାଙ୍ଗର ୬ ଗିରଫ

ତେନ୍ତୁଳିଖୁଣ୍ଟି,୧୩।୮ (ସମିସ): ପାଣି ମଟର ଚୋରୀ ଗ୍ୟାଙ୍ଗର ୬ଜଣ ଯୁବକଙ୍କୁ ତେନ୍ତୁଳିଖୁଣ୍ଟି ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଗିରଫମାନେ ହେଲେ ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଏକମ୍ବା ଗ୍ରାମର ବସନ୍ତ ହରିଜନ, ଅଣ୍ଟାସର ଗ୍ରାମର ଆକାଶ ହରିଜନ, ବିନୟ କୁମାର ସୁନା, ମହେଶ୍ୱର ହରିଜନ ଏବଂ ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଆଉଁଳି ଗୁମ୍ମା ଗ୍ରାମର ନିକୁଞ୍ଜ ବିହାରୀ ଟାକ୍ରୀ ଓ ଶ୍ରୀକାନ୍ତ କର୍କରା ବୋଲି ଥାନା ଆଇଆଇସି ପ୍ରଣବ କୁମାର ଟୁଡୁ ସୂଚନା ଦେଇଛନ୍ତି। ସେମାନଙ୍କ ଠାରୁ ୭ ଟି ମଟର ଜବତ କରାଯାଇଛି। ପୂର୍ବରୁ ଚୋରି ପାଣି ମଟର ଜବତ କରିବାରେ ମଧ୍ୟ ତେନ୍ତୁଳିଖୁଣ୍ଟି ପୁଲିସକୁ ସଫଳତା ମିଳିଛି। ଏସଆଇ ମହେଶ୍ୱର କ୍ରିଷାନି କେଶର ତଦନ୍ତ ଭାର ନେଇଛନ୍ତି।

## ● ତେଲେଙ୍ଗାନାରେ ୩ ଶ୍ରମିକଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ପାଇଁ ଶବରଖି ରାସ୍ତାରୋକ

ଉମରକୋଟ,୧୩।୮ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅର୍ନ୍ତଗତ ବକୋଡା ବେଡା ଗାଁରୁ ଗଛ ଲଗାଇବା ପାଇଁ ତେଲେଙ୍ଗାନାରେ ରାସ୍ତା ଦୁର୍ଘଟଣାରେ ତିନି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଗୁଡ଼ିକ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କ୍ଷତିପୁରଣ ଦାବିରେ ଲୋକମାନେ ଆଜି ଶବ ରଖି ରାସ୍ତାରୋକ କରିଥିଲେ।ଫଳରେ ଉମରକୋଟ ଠାରୁ ନବରଙ୍ଗପୁରକୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଏଥିରେ କଂଗ୍ରେସ ଓ ବିଜେଡ଼ିର ନେତା ମାନେ ସାମିଲ ହୋଇଥିଲେ। ରାସ୍ତା ଅବରୋଧ ହେବା ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ୯ ଘଣ୍ଟା କାଳ ରାସ୍ତା ଅବରୋଧ ହୋଇଥିଲା। ପରେ ପ୍ରଶାସନ ପକ୍ଷରୁ ଦୁଇଲକ୍ଷ ଅନୁକମ୍ପା ମୂଳକ ସହାୟତା ରାଶି , ରେଡ଼କ୍ରସ ପାଣ୍ଠିରୁ ଦଶ ହଜାର, ହରିଶ୍ଚନ୍ଦ୍ର ଯୋଜନା ୩୦୦୦ ଓ ଇନ୍ଦିରା ଆବାସ ଯୋଜନାରେ ଅନ୍ତର୍ଭୁକ୍ତ,ଓ ରାଷ୍ଟ୍ରୀୟ ମୃତ୍ୟୁକାଳୀନ ପାଣ୍ଠିରୁ କୋଡ଼ିଏ ହଜାର ଟଙ୍କା, ଉପଜିଲ୍ଲାପାଳ ଆଉ ୫୦ ହଜାର ପାଇଁ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା।

## ଭୁଶୁଡିଗଲା ପାଣି ଟାଙ୍କି ପାଚେରି

# ୪ ଘର ଭିତରେ ପଶିଲା ପାଣି

କୋରାପୁଟ,୧୩।୮(ସମିସ) ଗତ ୧୨ ତାରିଖ ରାତିରେ ପ୍ରବଳ ବର୍ଷା ଯୋଗୁଁ କୋରାପୁଟ ସହର ନିକଟସ୍ଥ ସୁନାପୁରଠାରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ନିର୍ମାଣାଧୀନ ପାଣି ଟାଙ୍କିର ପାଚେରି ଭୁଶୁଡି ପଡିଥିଲା। ଟାଙ୍କିରେ ଥିବା ପାଣି ପ୍ରବଳ ବେଗରେ ପାଣି ଟାଙ୍କି ସାହିରେ ପଶି ଯାଇଥିଲା। ପ୍ରାୟ ୪ ଜଣକ ଘରେ ପାଣି ପଶି ଯିବାରୁ ଦିନ ତମାମ ସେମାନେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ସାହିର ଜଣେ ବୟସ୍କ ମହିଳା ଘରେ ଶୋଇଥିବା ବେଳେ ପାଣି ପଥର ସିମେଣ୍ଟ ଖଣ୍ଡ ଓ ଇଟା ଘର ଭିତରକୁ ପଶି ଆସିବାରୁ ସେ ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲକୁ ନିଆଯାଇଥିଲା। ଅନ୍ୟ ଜଣେ ମହିଳା ବିନୋଦିନୀ ହନ୍ତାଳଙ୍କ କହିବା ଅନୁଯାୟୀ ୩ ଲକ୍ଷ ଟଙ୍କା ବ୍ୟାଙ୍କ ଲୋନ୍ ଆଣି ସାହିରେ ଏକ ଦୋକାନ କରିଥିଲି। ହଠାତ୍ ପାଣି ଆସିବାରୁ ସବୁ ଜିନିଷ ନଷ୍ଟ ହୋଇଯାଇଛି। ଏପରିକି ପାଣି ସହ ପଥର ଆସିବାରୁ ଅଳ୍ପକେ ଜୀବନ ବଞ୍ଚି ଯାଇଥିବା ସେ କହିଛନ୍ତି। ସାହି ବାସିନ୍ଦା ସୁରେଶ କୁମାର ସାହୁ ଭୁବନେଶ୍ୱର ଯାଇଥିବା ବେଳେ ଆଜି ସକାଳୁ ଫେରି ଦେଖିଲା ବେଳକୁ ଘରେ ପାଣି ପଶି ସମସ୍ତ ଜିନିଷ ନଷ୍ଟ ହୋଇଯାଇଥିବା କହିଛନ୍ତି। ଏପରିକି ପ୍ରାୟ ଲକ୍ଷାଧିକ ଟଙ୍କା ନଷ୍ଟ ହୋଇଯାଇଥିବା ସେ କହିଛନ୍ତି। ଅନ୍ୟପଟେ ଭୁଶୁଡିବା ପରେ ଖାମଖିଆଲି ଭାବେ ବିଭାଗର କିଛି ଅଧିକାରୀ ସକାଳୁ ସ୍ଥିତି ଦେଖି ସଂଧ୍ୟା ସୁଦ୍ଧା ଲୋକ ମାନଙ୍କ ପାଖରେ ପହଞ୍ଚି ନଥିବା ଅଭିଯୋଗ ହୋଇଛି। ନୂଆରେ ନିର୍ମାଣ ହୋଇଥିବା ପ୍ରାଚେରି ଭୁଶୁଡିବାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ ଅଧିକ୍ଷଣ ଯନ୍ତ୍ରୀ ଚିରଞ୍ଜିବୀ ମାହାଲି କହିଛନ୍ତି ଯେ ରାତିରେ ଅଚାନକ ଭାବେ ବର୍ଷା ହେବାରୁ ପ୍ରୋଟେକ୍ସନ୍ ୱାଲଟି ଭାଙ୍ଗି ଯାଇଛି। ଟାଙ୍କି ଭିତରେ ପାଣି ପଶି ଯିବାରୁ ପାଚେରି କାନ୍ଥ ଭୁଶୁଡି ଯାଇ ଜଣେ ସାମାନ୍ୟ ଆହତ ହୋଇଥିବା ସେ କହିଛନ୍ତି।

## ● ପିଅନ ଆକ୍ରମଣରେ ଗୁରୁତର କିରାଣୀଙ୍କ ମୃତ୍ୟୁ ଘଟଣା

# ବାପା-ପୁଅ ଗିରଫ, ଅଭିଯୁକ୍ତଙ୍କ ଘର ଆଗରେ ଶବ ରଖି ଧାରଣା

କୋରାପୁଟ,୧୩।୮ (ସମିସ): ପିଅନର ଆକ୍ରମଣରେ ସ୍କୁଲ କିରାଣିଙ୍କ ମୃତ୍ୟୁ ଘଟଣାରେ ଦଶମନ୍ତପୁର ଥାନା ପୁଲିସ ଅଭିଯୁକ୍ତ ବାପା ପୁଅକୁ ଗିରଫ କରିଥିବାବେଳେ ଘଟଣାକୁ ନେଇ ଗାଁରେ ଉତ୍ତେଜନା ଲାଗି ରହିଛି। କ୍ଷତିପୂରଣ ଦାବିରେ ପରିବାର ଲୋକ ମୃତଦେହ ଅଭିଯୁକ୍ତ ଘର ଆଗରେ ରଖିଥିବା ଦେଖିବାକୁ ମିଳିଛି। କୋରାପୁଟ ଟାଉନ ଏସ୍‌ଡିପିଓ ସଞ୍ଜୟ କୁମାର ମଣ୍ଡଳ, ଦଶମନ୍ତପୁର ଥାନା ଅଧିକାରୀ ସୁକୁମା ହାସଦା ୧ ପ୍ଲାଟୁନ ଫୋର୍ସ ସହ ଘଟଣା ସ୍ଥଳରେ ଉପସ୍ଥିତ ରହି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ସୂଚନା ଅନୁଯାୟୀ ଗତ ମାସ ୩୦ ତାରିଖରେ ଦଶମନ୍ତପୁର ଥାନା ଲୁଲା ସ୍ଥିତ ଉଚ୍ଚ ବିଦ୍ୟାଳୟର କିରାଣୀ ବିଭୀଷଣ ଗୌଡ଼ ଏବଂ ସେହି ଗ୍ରାମର ଲକ୍ଷ୍ମଣ ବିଶୋଇଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ଚାଲିଥିବାବେଳେ ଉକ୍ତ ବିଦ୍ୟାଳୟରେ ପିଅନ ଥିବା ଲକ୍ଷ୍ମଣ ବିଶୋଇଙ୍କ ପୁଅ ସଞ୍ଜୀବ ବିଶୋଇ ଅତର୍କିତ ଭାବେ ଆକ୍ରମଣ କରିଥିଲା। ସଂଜୀବର ଆକ୍ରମଣରେ ବିଭୀଷଣ ଗୁରୁତର ଆହତ ହେବାରୁ ପରିବାର ଲୋକେ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରିଥିଲେ। ପରବର୍ତ୍ତୀ ସମୟରେ ବିଭୀଷଣଙ୍କୁ କୋରାପୁଟର ଏକ ଘରୋଇ ହସ୍ପିଟାଲରେ ସ୍ଥାନାନ୍ତର କରା ଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ତାଙ୍କର ମୃତ୍ୟୁ ହୋଇଥିଲା। ବିଭୀଷଣଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ପଦ୍ମା ଗୌଡ଼ ନ୍ୟାୟ ପାଇଁ ବୁଧବାର ଏସପି ଏବଂ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଘଟଣା ଘଟିବା ଦିନରୁ ଦଶମନ୍ତପୁର ପୁଲିସ ସେମାନଙ୍କୁ ସହଯୋଗ କରି ନଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଏସପି ରୋହିତ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ଲୁଲା ଗ୍ରାମରେ ଉପସ୍ଥିତ ରହି ପରିବାର ଲୋକ ଓ ଗ୍ରାମବାସୀଙ୍କୁ ବୁଝାସୁଟଝା କରୁଥିଲେ ମଧ୍ୟ ଖବର ଲେଖା ପର୍ଯ୍ୟନ୍ତ କୌଣସି ନିଷ୍କର୍ଷ ବାହାରି ନଥିବାବେଳେ ମୃତଦେହ ଅଭିଯୁକ୍ତ ଘର ସମ୍ମୁଖରେ ପଡ଼ିରହିଛି।

# ୫ ଶହ ବୋତଲ କଫସିରପ୍ ଜବତ, ଜଣେ ଗିରଫ



ବଲାଙ୍ଗିର,୧୩।୮(ସମିସ):ବଲାଙ୍ଗିର ସହରରେ ବେଆଇନ କଫସିରପ୍ ନିଶା କାରବାର ବନ୍ଦ ହେବାର ନା ନେଉନାହିଁ। ନିୟମିତ ପୁଲିସ ଚଢ଼ଉ ଚାଲିଛି କିନ୍ତୁ ବେଧଡକ ବେପାର ଚାଲିଛି। କିଛି ଦିନ ପରେ ପୁଣି କଫସିରପ୍ କାରବାର ଉପରେ ଚଢ଼ାଉ ଆରମ୍ଭ ହୋଇଛି। ବୁଧବାର ଟାଉନ ପୁଲିସ ବେଆଇନ କଫ ସିରପ୍ ଚଳାଇଥିବା ରାଜା ଜେନାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ୫୦ଶହ ବୋତଲ କଫସିରପ୍ ମଧ୍ୟ ଜବତ ହୋଇଛି।ଏନେଇ ଟାଉନ ଥାନାରେ ସାମ୍ବାଦିକ ସମ୍ମିଳନୀରେ ସଦରଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି।ସୂଚନା ଅନୁସାରେ ବଲାଙ୍ଗିର ସହର ହାଟପଦାପଡ଼ାର ରାଜା ଜେନା ଓରଫ ରାଜକୁମାର ଗତ କିଛି ବର୍ଷ ହେଲେ କଫସିରପ୍ କାରବାର ଚଳାଇ ଆସୁଥିବା ଅଭିଯୋଗ ପାଇଥିଲା। ଟାଉନ ଥାନା ଏସ ଆଇ ଚର୍ଚିଲ ମିଶ୍ରଙ୍କ ନେତୃତ୍ୱ ରେ ଏକ ଟିମ୍ ଚଢ଼ଉ କରିଥିଲା। ତେବେ ରାଜା ପାଖରୁ ପୁଲିସ ୫ ଶହ ବୋତଲ କଫସିରପ୍ ଜବତ କରିଥିଲା। ତେବେ ରାଜା କିଛି ବର୍ଷ ହେଲା ଏହି କାରବାର ଚଳାଇ ଆସୁଥିବା ବେଳେ ପୂର୍ବରୁ ମଧ୍ୟ ଅନେକ ଅପରାଧିକ ମାମଲାରେ ସେ ଗିରଫ ହୋଇସାରିଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା।ପୁଲିସ ସୂଚନା ଅନୁସାରେ ରାଜା ଜେନା ନାମରେ ଟାଉନ ଥାନା ରେ ୨୦୨୧ରେ କେସ ନଂ ୫୨୨, ୨୦୧୮ରେ କେସ ନଂ ୨୮୯, ୨୦୧୬ ରେ କେସ ନଂ ୧୪୯,୨୦୨୨ରେ କେସ ନଂ ୧୧୦, ୨୦୧୯ରେ କେସ ନଂ ୫୦୬, ୨୦୨୨ରେ କେସ ନଂ ୧୪୮, ୨୦୨୩ ରେ କେସ ନଂ ୧୨୦, ୨୦୨୫ରେ କେସ ନଂ ୪୫୫ ମାମଲା ରୁଜୁ ହୋଇଥିବା ବେଳେ କଣ୍ଟାବାଞ୍ଜି ଥାନାରେ ୨୦୨୩ ରେ କେସ ନଂ ୨୬୦ରେ ମାମଲା ରୁଜୁ ହୋଇଥିବା ବେଳେ ସେ ଅନେକ ମାମଲା ରେ ଗିରଫ ହୋଇ ଜେଲ ମଧ୍ୟ ଯାଇଛି। ତେବେ ରାଜା ଜେନାକୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଏସଡିପିଓ ଶ୍ରୀ ଉପାଧ୍ୟାୟ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଅବନୀ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ମୁରିବାହାଲ ବନାଞ୍ଚଳରେ ୬୦ ଟିକିଆ ହାତୀପଲ

# ଉଜାଡୁଛନ୍ତି ଫସଲ , ଭାଙ୍ଗୁଛନ୍ତି ଘର

ମୁରିବାହାଲ,୧୩।୮(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ତିଖାଳି ସଂରକ୍ଷିତ ରେଞ୍ଜ ଜଙ୍ଗଲରେ ୬୦ଟିକିଆ ହାତୀପଲ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି। ହାତୀମାନେ ଦୀର୍ଘ ୧ବର୍ଷରୁ ଏହି ଜଙ୍ଗଲରେ ରହିଆସୁଛନ୍ତି। କେତେବେଳେ ଲୋକଙ୍କ ଘର ଦ୍ୱାର ଭାଙ୍ଗୁଛନ୍ତି କେତେବେଳେ ଚାଷୀଙ୍କ ଚାଷ ନଷ୍ଟ କରିବାରେ ଲାଗିଛନ୍ତି। ସନ୍ଧ୍ୟା ହେଲେ ଚାଷଜମିରେ ପଶି ଚାଷ ନଷ୍ଟ କରୁଛନ୍ତି। ହାତୀଙ୍କ ପାଇଁ ଅଞ୍ଚଳ ଅନ୍ଧାର ରହୁଛି। ହାତୀପଲ ମୁରିବାହାଲ ରେଞ୍ଜ ଯଇଁନ୍ତରା, ଗୁଲୁମି, ଗୁଡିଘାଟ, ମୁରିବାହାଲ, ଡ଼ଙ୍ଗାବାଞ୍ଜି ସେକ୍ସନ ଅଞ୍ଚଳରେ ବୁଲିବୁଲି ଚାଷ ନଷ୍ଟ କରିବାରେ ଲାଗିଛନ୍ତି। ସୋମବାର ଗୁଡିଘାଟସ୍ଥିତ ବିଜାମାଲ ଗ୍ରାମର ଘାସିରାମ ସା,ଘନଶ୍ୟାମ ସା, ପୁରୁଷୋତ୍ତମ ସା, ଚିତ୍ରୁ ଯାନୀ, ଧରଣୀଧର ଭୋଇ, ଅହଲ୍ୟା ମୁଦୁଲି, ଟିକନୁ ପ୍ରଧାନ, ବାସୁଦେବ ପ୍ରଧାନ, ଅକ୍ଷ ପ୍ରଧାନ, ମଦନ ପ୍ରଧାନ, ଗିରିଧାରୀ ନାଏକଙ୍କ ଧାନପଲା, ପନି ପରିବା, କଦଳୀ ତଥା



ଅନେକ ଚାଷ ଜମିରେ ପଶି ନଷ୍ଟ କରିଛନ୍ତି।ବନବିଭାଗ କିଛି ପଦକ୍ଷେପ ନେଉନଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ବନଅଧିକାରୀଙ୍କୁ ପଚାରିବାରୁ ଦୀର୍ଘ ଦିନଧରି ରହିଆସୁଥିବା ହାତୀପଲଙ୍କ ପାଇଁ ଅସହାୟ ଅବସ୍ଥାରେ ଆମେ ରହିଛୁ। ଯେଉଁ ଚାଷୀମାନଙ୍କ ଚାଷକ୍ଷତି ହେଇଛି ସେମାନେ ଆବେଦନ କଲେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ମୁରିବାହାଲ ରେଞ୍ଜର କହିଛନ୍ତି। ହାତୀପଲ ଘଉଡ଼ାଇ ହେଉ ନଥିବାରୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି। ସେପଟେ ହାତୀପଲଙ୍କ ପାଇଁ ବିଦ୍ୟୁତ ବିଚ୍ଛିନ୍ନ ରହୁଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ହେଉଛି। ବର୍ଷା ଦିନ ଥିବାରୁ ମଶାଙ୍କ ଆକ୍ରାନ୍ତ ବଢ଼ିବାରେ ଲାଗିଛି ଯାହା ଲୋକଙ୍କ ପାଇଁ ରହିବା ବସିବା କଷ୍ଟକର ସାଜିଛି। ଶୀଘ୍ର ପଦକ୍ଷେପ ନେଇ ହାତୀପଲଙ୍କୁ ଘଉଡ଼ାଇ ଚାଷୀଙ୍କ କ୍ଷତିପୂରଣ ଯଥାଶୀଘ୍ର ଯୋଗାଇ ଦେବା ପାଇଁ ଅଞ୍ଚଳରେ ଦାବି କରିଛନ୍ତି।

# ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ







## ● ମୁରିବାହାଲ ଡିଗ୍ରୀ କଲେଜ

ମୁରିବାହାଲ,୧୩।୮(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଡିଗ୍ରୀ କଲେଜରେ ସ୍ୱାଧୀନତା ଦିବସ ଉପଲକ୍ଷେ ହ୍‌ର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରୁ ଫରେଷ୍ଟ ଅଫିସ ପର୍ଯ୍ୟନ୍ତ ରାଲି ହୋଇଥିଲା।ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ,ଅଧ୍ୟାପକ ,ଅଧ୍ୟାପିକା ଓ କର୍ମଚାରୀ ରାଲିରେ ଯୋଗ ଦେଇଥିଲେ।ଡିଗ୍ରୀ କଲେଜର ଅଧକ୍ଷ ସରୋଜ କୁମାର ନାୟକ, ଓଡ଼ିଆ ବିଭାଗ ଅଧ୍ୟାପକ ଦିଲୀପ କୁମାର ପଶାୟତ, ଇଂରାଜୀ ବିଭାଗ ଅଧ୍ୟାପକ ସୋମେଶ ଦତ୍ତ ହୋତା, ବାଣିଜ୍ୟ ବିଭାଗର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପଧାନ ଇତିହାସ ବିଭାଗ ଅଧ୍ୟାପକ ଗୁଣସାଗର ମେହେର, ଅଧ୍ୟାପକ ଘନଶ୍ୟାମ ଖମାରୀ, ଛନ୍ଦା ଚରଣ ଖୁଣ୍ଟିଆ, ପ୍ରେମଚାନ୍ଦ ତାଣ୍ଡି, ଭିଙ୍ଗରାଜ ରଣା, ପର୍ଶୁରାମ ବାଗ, ବାବୁଲା ନାୟକ, ଅନିରୁଦ୍ଧ ପଧାନ, ଲଳିତ ବଘାର, ଅଭୟାନନ୍ଦ ଦାସ, ବିଜୟ କଲତା, ସମାଜ ସେବୀ ରମେଶ ବାଗ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ସାମିଲ ଥିଲେ।

## ● ପଞ୍ଚାୟତ ସମିତି ମହାବିଦ୍ୟାଳୟ

ବେଲପଡା: ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଧକ୍ଷ ସୁରେଶଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ହର୍‌ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ମହାବିଦ୍ୟାଳୟରେ ସମ୍ମିଳନୀ କକ୍ଷରେ ଛାତ୍ରଛାତ୍ରୀ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ଗହଣରେ ଜାତୀୟତା ଭାବର ଉଦ୍ରେକ ଓ ଦେଶପ୍ରତି ଓ ଜାତିପ୍ରତି ଉପରେ ଆଲୋଚନା ହୋଇଥିଲା।ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ସୁଲେକେଲା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶ୍ରୀମାନ ପଦ୍ମମୁଖ ପାଣିଗ୍ରାହୀ, ସମ୍ମାନିତ ଅତିଥି ମହାବିଦ୍ୟାଳୟର ବରିଷ୍ଠ ଶିକ୍ଷା ପ୍ରାଧ୍ୟାପକ ତନ୍ମୟ କୁମାର ପାଣିଗ୍ରାହୀ,ମୁଖ୍ୟବକ୍ତା ଓଡ଼ିଆ ବିଭାଗର ମୁଖ୍ୟ ଶ୍ରୀମାନ ମନୋଜ କୁମାର ମହାକୁଡ଼, ଇଂରାଜୀ ଶିକ୍ଷାର ପ୍ରାଧ୍ୟାପକ ଦୁର୍ବାଦଳ ଖୀବେଲା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହାବିଦ୍ୟାଳୟରୁ ବେଲପଡା ସହରକୁ ତ୍ରିରଙ୍ଗା ରାଲି କରାଯାଇଥିଲା। ଶେଷରେ ସୁଦାମ ଚନ୍ଦ୍ର ମହାପାତ୍ରଧନ୍ୟବାଦ ଅର୍ପଣ କରିଥିଲେ।

## ● ଲୋଇସିଂହା କଲେଜ

ବଲାଙ୍ଗିର: ବଲାଙ୍ଗିର ଜିଲ୍ଲା ଲୋଇସିଂହା କଲେଜ୍‌ରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମକୁ କଲେଜ୍ ଅଧକ୍ଷ ବିଭୁଦେନ୍ଦୁ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏନ୍‌ସିସି, ରେଡ୍‌କ୍ରସ,ଏନଏସ୍‌ଏସ୍ ବିଭାଗ ଓ କଲେଜ୍ ଛାତ୍ରଛାତ୍ରୀ ୨୬ ମିଟର ଲମ୍ବ ପତାକା ଧରି ଶୋଭାଯାତ୍ରା ରେ ବାହାରି ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ କଲେଜର ଅଧ୍ୟାପକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।



# ସ୍କୁଲ୍ ନୁ କଲେଜ୍ ଗାଁ ନୁ ସହର୍ ତହଁକ୍ ପୁହୁଁଚିଲା ଘର୍ କେ ଘର୍

ବଲାଙ୍ଗିର,୧୩।୮(ସମିସ):କୋଶଲୀ ଭାଷା ସାହିତ୍ୟର ଅଗ୍ରଣୀ ଅନୁଷ୍ଠାନ ତହଁକ କୁଟୁମ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରି ବେଶ ଚର୍ଚ୍ଚାରେ ରହିଥାଏ। କୋଶଲୀ ଭାଷା ସାହିତ୍ୟକୁ ଛୋଟପିଲାଙ୍କ ପାଖରୁ ନେଇ ଗ୍ରାମାଞ୍ଚଳକୁ ଯାଇ ସାଧାରଣ ଜନତାଙ୍କ ପାଖରେ ଆମ ଅଞ୍ଚଳର ସାହିତ୍ୟ, କଳା, ଲୋକଗୀତ ଏବଂ ଇତିହାସ କୁ ନେଇ " ସ୍କୁଲ ନୁ କଲେଜ୍ ଗାଁ ନୁ ସହର୍' ତହଁକ୍ ପୁହୁଁଚିଲା ଘର୍ କେ ଘର୍'କାର୍ଯ୍ୟକ୍ରମ କରିଆସୁଛି। ବୁଧବାର ବଲାଙ୍ଗିର ସହରର ରୋଜାଲିଆ ନର୍ସିଂ ଏକାଡେମୀ ଠାରେ ତହଁକ୍ କୁଟୁମ୍ ପକ୍ଷରୁ ନର୍ସିଂ ଛାତ୍ରଛାତ୍ରୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ରାଜେଶ ଦଣ୍ଡସେନା,ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ, ପୁଇନ୍ତଲା ବ୍ଲକ୍ ସମ୍ପାଦକ ମିଳନ କୁମାର ପଣ୍ଡା ଏବଂ ମୁରିବାହାଲ ବ୍ଲକ୍ ସମ୍ପାଦକ ଭରତ ମେହେର ପ୍ରମୁଖ ଯୋଗଦେଇ ସଚେତନତା କବିତା, ଗିତି କବିତା ଏବଂ ହାସ୍ୟ କବିତା ବୋଲି ଯୁବ ସମାଜକୁ ବାର୍ତ୍ତା ଦେଇଥିଲେ। କେବଳ ଇଂରାଜୀ ଏବଂ ହିନ୍ଦୀ ମୟ ପରିବେଶରେ ଆମେ ହଜିନଯାଇ କେମିତି ଆମ ଶବ୍ଦ ଏବଂ ଆମ ଭାଷାକୁ ବଞ୍ଚାଇ ରଖିବା ସେ ଉପରେ ଆମକୁ ଧ୍ୟାନ ଦେବାକୁ ହେବବୋଲି କବିଗଣ ଉଦ୍‌ବୋଧନ ଦେଇଥିଲେ।ଏହି ଅବସରରେ ଏକାଡେମୀର ଅଧ୍ୟକ୍ଷା ଅରୁଣା ଟପ୍ପୋ, ଏଓ ଅଲକାନନ୍ଦ ବଗର୍ତ୍ତୀ,ଦେବବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏକାଡେମୀର ଛାତ୍ରୀ ଶର୍ମିଷ୍ଠା ନାଗ ଏକ ସୁନ୍ଦର କବିତା କହିଥିବାରୁ ତହଁକ୍ କୁଟୁମ୍ ପକ୍ଷରୁ ତାଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏପରି ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ କରିବାପାଇଁ ଏକାଡେମୀ ପକ୍ଷରୁ ଅନୁରୋଧ କରାଯାଇଥିଲେ। ଶେଷରେ ଏଓ ଅଲକାନନ୍ଦ ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସକାଳ' ବଲାଙ୍ଗିର ଜିଲ୍ଲା ବନ୍ଧୁମିଳନ



ବଲାଙ୍ଗିର,୧୩।୮(ସମିସ): ଦୈନିକ ଖବରକାଗଜ 'ସକାଳ' ପକ୍ଷରୁ ବଲାଙ୍ଗିର ଜିଲ୍ଲାସ୍ତରୀୟ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ହରିଶଙ୍କର ବନ୍ ବିଭାଗ ଡାକ ବଙ୍ଗଳାରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରତିନିଧି ଅଭିଳାଷ ହୋତାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ 'ସକାଳ' ଏଜିଏମ୍ ନରୋତ୍ତମ ଗୁରୁ, ମାର୍କେଟିଂ ନିର୍ବାହୀ ବ୍ରିଜେଶ ଷଡ଼ଙ୍ଗୀ, ପ୍ରସାର ନିର୍ବାହୀ ସୁଦାମ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ 'ସକାଳ'କୁ କିଭଳି ଆହୁରି ଲୋକଦୃତ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍‌ର ପ୍ରତିନିଧି ଯୋଗ ଦେଇଥିଲେ।

## ● ସଂସ୍କୃତ ସପ୍ତାହ ଉଦ୍‌ଯାପିତ 'ସଂସ୍କୃତ ଭାଷା ଭାରତୀୟଙ୍କ ହୃଦୟର ଭାଷା'

ବଲାଙ୍ଗିର,୧୩।୮(ସମିସ):ପୁଇଁତଲା ବ୍ଲକ୍ ଅନ୍ତର୍ଗତ ବୁଢେଲ ନିଧିସାଗର ନୋଡାଲ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ



ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଡ. ଆଭା ଆର୍ଯ୍ୟାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ବୃକ୍ଷରୋପଣ,ସଂସ୍କୃତ ଶ୍ଳୋକ,ସଂଗୀତ,ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗିରିଜା ବାଙ୍କୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁଇଁତଲା ବ୍ଲକ୍ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ସଂସ୍କୃତ ଭାଷା ଭାରତୀୟଙ୍କ ହୃଦୟର ଭାଷା ଓ ଏହାର ସୁରକ୍ଷାମାନବ ସଂସ୍କୃତି ର ସୁରକ୍ଷା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ପର୍ଶୁରାମ ସାହୁ ସଂସ୍କୃତ ପରି ଶ୍ରୁତି ମଧୁର ଭାଷା ବିଶ୍ୱରେ ବିରଳ ବୋଲି କହିଥିଲେ। ସ୍ୱାଗତ ଭାଷଣ ଶିକ୍ଷକ ମିଥୁନ କୁଅଁର ଦେଇଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷୟିତ୍ରୀ ଯୋଗେଶ୍ୱରୀ କୁମ୍ଭାର ଓ ଧନ୍ୟବାଦ ଦେଇଥିଲେ ଶିକ୍ଷକ ସୁଭାଶିଷ ମିଶ୍ର। ଶେଷରେ ମୁଖ୍ୟଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

# ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ ଓ ସ୍ୱାଗତ ଉତ୍ସବ

ଦେଓଗାଁ,୧୩।୮(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ନେତା ଉମାଶଙ୍କର ସିଂ ଚାରାରୋପଣର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ଗତକୁପ କାଉନ୍‌ସେଲର ତଥା ଅଧ୍ୟାପକ ଟିଙ୍କୁ ମେହେର ପରିଚାଳନା କରିଥିଲେ।ପରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବୈଷୟିକ ଶିକ୍ଷା ବିଭାଗର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟକ୍ଷ ବସନ୍ତ କୁମାର ମନହୀରାଙ୍କ ସଭା ପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ରଂଜନ କୁମାର ପାଣିଗ୍ରାହୀ,ଧୋବାଇ ଚରଣ ପଟେଲ, ଅଧ୍ୟାପକ ଟିଙ୍କୁ ମେହେର, ଚୁଳମଣି ମାଝି, ହୃଷିକେଶ ପ୍ରଧାନ, ଅଧ୍ୟାପିକା ପ୍ରତିଭା ମୁନା, ଜ୍ୟୋତି ଶର୍ମା, ପ୍ରଶାନ୍ତ ଥନାପତି, ଡିଇଓ. ବାଳଶଙ୍କର ମେହେର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଉକ୍ତ ସ୍ୱାଗତ କାର୍ଯ୍ୟକ୍ରମରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ଶୁଭଶ୍ରୀ ଥନାପତି, ମୁନମୁନ୍ ଷଡଙ୍ଗୀ, ଦିପକ ମେହେର ପରିଚାଳନା କରିଥିବା ବେଳେ ନିବେଦିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ବ୍ଲକ୍‌ସ୍ତରୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା



ବଲାଙ୍ଗିର,୧୩।୮(ସମିସ):ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ୍ ଅନ୍ତର୍ଗତ ମଲମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ତିନି ଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ଉଦ୍‌ଘାଟନି ସଭାରେ ରତ୍ନମୟୀ ପୁରୋହିତ, ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ପୁଇଁନ୍ତଲା ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ,ବଲାଙ୍ଗିରର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଶ୍ରୀମତୀ ଆରତୀ ସାହୁ ଉପସ୍ଥିତ ରହି କର୍ମଶାଳାର ରୂପରେଖ ଉପସ୍ଥାପନ କରିଥିଲେ।କର୍ମଶାଳାର ଦ୍ୱିତୀୟ ଦିବସରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସେବକଶ୍ରୀ ଭୋଇ ଏବଂ ଜିଲ୍ଲା ଶିକ୍ଷାବିଜ୍ଞାନ ସଂଯୋଜିକା ଡ. ମଧୁମିତା ଦାଶ ଯୋଗ ଦେଇ ନିର୍ମାଣ କରାଯାଇ ଥିବା ଶିକ୍ଷଣ ସାମଗ୍ରୀକୁ ଅବଲୋକନ କରି ଏକ ଅନୁକୂଳ ପରିବେଶ ସୃଷ୍ଟି ହେବ ସେଥିପାଇଁ ଦିଗଦର୍ଶନ ଦେଇଥିଲେ। ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀଙ୍କ ମୌଳିକ ସାକ୍ଷରତା ତଥା ସଂଖ୍ୟା ଜ୍ଞାନର ଶିକ୍ଷଣ କାର୍ଯ୍ୟ ପରିଚାଳନା ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। କର୍ମଶାଳାରେ ପ୍ରଧାନଶିକ୍ଷକ ତ୍ରିନାଥ ପାତ୍ର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ପଟେଲ, ରଞ୍ଜିତ ମିଶ୍ର,ଅଜିତ କୁମାର ଶତପଥୀ, ତରଣୀ ସେନ ଧରୁଆ,ସତ୍ୟ ନାରାୟଣ ସାହୁ ପ୍ରମୁଖ ସାଧନକର୍ମୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ପୁଇଁନ୍ତଲା ଶ୍ରୀମତୀ ପୁରୋହିତ ଓ ପୁଇଁନ୍ତଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଛମନ ପ୍ରଧାନ ଏହିପରି ସାମଗ୍ରୀର ବ୍ୟବହାର ଦ୍ୱାରା ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆନନ୍ଦଦାୟକ, ଆଗ୍ରହଦ୍ଦୀପକ ହେବା ସହ ଶିକ୍ଷଣ ଦୀର୍ଘସ୍ଥାୟୀ ହୋଇପାରିବ ଆଲୋକପାତ କରିଥିଲେ।ଶେଷରେ ମଲମଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବାମାଲଗାଁରେ କଙ୍ଗାରୁ କୋର୍ଟ

# ଯୁବକଙ୍କ ହାତଗୋଡ଼ ବାନ୍ଧି ପିଟିଲେ

ସଇଁତଲା,୧୩।୮(ସମିସ):ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଭଦ୍ରାପଞ୍ଚାୟତ ଯୁବାମାଲ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁରେ କଙ୍ଗାରୁକୋର୍ଟ କରି ଜଣେ ଯୁବକଙ୍କ ହାତଗୋଡ଼ ବାନ୍ଧି ନିର୍ଘୃମ ମାଡ଼ ମାରିବା ସହ ଲହୁଲୁହାଣ ହୋଇଥିବା ଜଣାପଡିଛି। ଯୁବକଙ୍କ ହାତଗୋଡ ବାନ୍ଧି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିବା ସହ କଙ୍ଗାରୁ କୋର୍ଟ କରାଯାଇଥିବା ନେଇ ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ ହେଉଛି।

ସୂଚନା ମୁତାବକ ଗାଁର ଦୂର୍ବାଦଳ ଭୋଇ କୌଣସି କାରଣରୁ ମଙ୍ଗଳବାର ସନ୍ଧ୍ୟା ୯ ଟା ପରେ କୌଣସି କାମ ପାଇଁ ଗାଁ ରାସ୍ତାରେ ବୁଲୁଥିଲେ। ତେବେ କୌଣସି କାରଣରୁ ଗାଁର ଜଗତରାମ ଭୋଇ ଓ ଖଗେଶ୍ୱର ଭୋଇଙ୍କ ସହ ଦୁର୍ବାଦଳ ସହ କଥା କଟାକଟି ହେଇଥିଲା।ତେବେ ପରବର୍ତ୍ତୀ ସମୟରେ ଜଗତରାମ, ଖଗେଶ୍ୱର ଓ କିଛି ଯୁବକଙ୍କ ସହ ଦୂର୍ବାଦଳଙ୍କ ଘରକୁ ଯାଇ ତାଙ୍କୁ ଘରୁ ଯାଇ ରାସ୍ତାରେ ଘୋଷାଡି ଘୋଷାଡି ଆଣି ମାଡ଼ ମାରି ରାକ୍ତାକ୍ତ କରିବା ସହ ଦୁଇ ହାତ ଗୋଡ ବାନ୍ଧି



ପ୍ରବଳ ମାଡ ଦେଇଥିଲେ। ପରେ ଏକ ବିଦ୍ୟୁତ୍ ଖୁଣ୍ଟରେ ତାଙ୍କୁ ବାନ୍ଧିଥିଲେ।ତେବେ ଦୁର୍ବାଦଳଙ୍କ ପରିବାର ଜାଣିବା ପରେ ଲୋକେ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜକୁ ନେଇଥିଲେ। ଏହାକୁ ନେଇ ଦୁର୍ବାଦଳର ମାଆ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଜଗତରାମ ଓ ଖଗେ ଭୋଇ ଘଟଣାକୁ ଅସ୍ୱୀକାର କରିବା ସହ ଦୁର୍ବାଦଳ ଖରାବ ଉଦେଶ୍ୟ ରଖି ତାଙ୍କ ଘରକୁ ଏକ କୁରାଢ଼ି ଧରି ବସିଥିବା ବେଳେ ତାଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। କୁରାଢ଼ି ଦୁର୍ବାଦଳ ର ଗୋଡ ଉପରେ ବାଜି ରକ୍ତାକ୍ତ ହୋଇଥିବା କହିଛନ୍ତି। ତେବେ ଦୁଇ ଜଣକ ପକ୍ଷକୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ପୁଲିସ ଜଣକକୁ ଅଟକ ରଖି ପଚରାଉଚରା କରୁଛି।ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଉକ୍ତ ଦୁଇ ଜଣ ଯୁବକ କରିଥିବା ଜଣାପଡିଛି। ପୁଲିସ ଦୁଇ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିବା ସଇଁତଲା ଥାନା ଅଧିକାରୀ ସୁଶାନ୍ତ ବଡ଼େଇ ସୂଚନା ଦେଇଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଉଦ୍‌ଯାପିତ

ବଲାଙ୍ଗିର,୧୩।୮(ସମିସ):ସରକାରୀ ମହିଳା ମହାବିଦ୍ୟାଳୟ ଓ ସଂସ୍କୃତଭାରତୀ ମିଳିତ ଆନୁକୂଲ୍ୟରେ ବିଶ୍ୱ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ସମ୍ମିଳନୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ.ଅରବିନ୍ଦ କୁମାର ଓଝା ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟବକ୍ତା ଭାବେ ଦଧିବାମନ ମହାବିଦ୍ୟାଳୟ,ଭଟଲୀର ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ଆୟୁଷ୍ମନ୍ତ ଷଡଙ୍ଗୀ ଯୋଗଦେଇ ସଂସ୍କୃତଭାଷାର ବହୁବିଧ ଦିଗ ଉପରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଭାଗୀୟ ମୁଖ୍ୟ ଡଃ. ସଦାଶିବ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଆଦର୍ଶ ମହାପାତ୍ର ବେଦମନ୍ତ୍ର ପାଠ କରିଥିଲେ। ସପ୍ତାହ ବ୍ୟାପୀ କରାଯାଇଥିବା ସମସ୍ତ କାର୍ଯ୍ୟକ୍ରମର ବିବରଣୀ ଡଃ. ସମୀର କୁମାର ବିଶ୍ୱାଳ ପ୍ରଦାନ କରିଥିଲେ। ଯଥା - ଉକ୍ତ ସପ୍ତାହର ପ୍ରଥମ ଦିବସରେ ଆଭାସୀୟ ମାଧ୍ୟମରେ ଛାତ୍ରୀମାନଙ୍କ ଦ୍ୱାରା ଅଭିନନ୍ଦନ ପତ୍ର ନିର୍ମାଣ, ଦ୍ୱିତୀୟ ଦିବସରେ ମହାବିଦ୍ୟାଳୟ ପରିସରରେ ଚନ୍ଦନ,ତିଳକ ଅର୍ପଣ, ତୃତୀୟରେ ବଲାଙ୍ଗୀର ସ୍ଥିତ ଶ୍ରୀ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଦ୍‌ଭାଗବଦ୍ ଗୀତା ର ଶ୍ଳୋକ ପଠନ, ଚତୁର୍ଥରେ ପଥରଚେପା ସ୍ଥିତ ପାର୍ବତୀ ଗିରି ବାଳ ନିକେତନରେ ରକ୍ଷାବନ୍ଧନ, ପଞ୍ଚମରେ ସ୍ୱଗୃହେ ସଂସ୍କୃତ ଦିବସ ପାଳନ, ଷଷ୍ଠରେ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ପୁସ୍ତକ



ବିକ୍ରୟ ଏବଂ ସପ୍ତମ ଦିବସରେ ମହାବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣରେ ଅଧ୍ୟାପକ ରଂଜିତ କୁମାର ପାତ୍ର ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବକୁ ଅଧ୍ୟାପକ ଅଜିତ କୁମାର ପଣ୍ଡା ସଂଚାଳନ କରିଥିବା ବେଳେ ଛାତ୍ରୀ ଫଗୁନୀ ମାଝୀ କାର୍ଯ୍ୟକ୍ରମର ସଂଯୋଜନା ଜରିଥିଲେ। ଶେଷରେ ଅଧ୍ୟାପିକା ସରସ୍ୱତୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।